# ଧରିତ୍ରୀ
DHARITRI

ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୬/୨୦୧୮ (୨୦ ପୃଷ୍ଠା) Sambalpur, Tuesday, November 6/ 2018 ★★

୧୪ଶ ଭାଗ ୩୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଶୁଭଙ୍କର ଚାମ୍ପିୟନ**

ଶୁଭଙ୍କର ଦେ ଜର୍ମାନୀରେ ଅନୁଷ୍ଠିତ ସାର୍ଲରଲକ୍ସ ଓପନ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଟାଇଟଲ ଜିତିଛନ୍ତି।

୧୪ ୦୨

**ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ଉଦ୍‌ଘାଟନ କରିବେ**

ନଭେମ୍ବର ୧୦ରେ ୨୪ତମ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବକୁ ଉଦ୍‌ଘାଟନ କରିବେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ।






Valena Valetina
Sports Personality

PLEDGE 'PLASTIC-FREE' ODISHA

#PlasticFreeOdisha ଧରିତ୍ରୀ DHARITRI TEAM


# ସମସ୍ତେ କୌରବ

## ତଥାଗତ ସତପଥୀ

ରାମ ମନ୍ଦିର ଜମି ବିବାଦ ସଂକ୍ରାନ୍ତ ମାମଲା ଉପରେ ସୁପ୍ରିମକୋର୍ଟ ୨୦୧୯ ଜାନୁୟାରୀରେ ରାୟ ଦେବେ ବୋଲି ୨୦୧୮ ଅକ୍ଟୋବର ୨୯ରେ କହିଥିଲେ। ରାୟ ବିଳମ୍ବ ହେଉଥିବା ଦେଖି ଅଖିଳ ଭାରତୀୟ ସନ୍ଥ ସମିତି ଏ ପ୍ରସଙ୍ଗରେ ବ୍ୟସ୍ତ ହୋଇପଡ଼ିଛି। ନୂଆଦିଲ୍ଲୀଠାରେ ଦୁଇ ଦିନ ଧରି ଅନୁଷ୍ଠିତ ସମ୍ମିଳନୀରେ ସାରା ଦେଶରୁ ଆସିଥିବା ୩,୦୦୦ ସାଧୁ ଯୋଗଦେଇ ରାମ ମନ୍ଦିର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ଉପରେ ଚାପ ପକାଇଛନ୍ତି। ସରକାର ଏ ନେଇ ତୁରନ୍ତ ଆଇନ ପ୍ରଣୟନ କରନ୍ତୁ, ନଚେତ୍ ଅଧ୍ୟାଦେଶ ଜରିଆରେ ରାମ ମନ୍ଦିର ନିର୍ମାଣ ପଥ ପରିଷ୍କାର କରନ୍ତୁ ବୋଲି ସେମାନେ ଚେତାବନୀ ଶୁଣାଇଛନ୍ତି। ଏଥିସହିତ ଆସନ୍ତା ସାଧାରଣ ନିର୍ବାଚନରେ ଭାଜପାକୁ ସମର୍ଥନ କରି ପୁନଃ କ୍ଷମତାସୀନ କରାଇବାକୁ ମଧ୍ୟ ସମିତି ପକ୍ଷରୁ ଲଲିପପ୍ ଦେଖାଇ ଦିଆଯାଇଛି। ସନ୍ଥମାନଙ୍କ ଏଭଳି ପଦକ୍ଷେପକୁ କେନ୍ଦ୍ର ସରକାରଙ୍କ କେତେ ଜଣ ମନ୍ତ୍ରୀ ଖୋଲା ସମର୍ଥନ କରିଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ନୀରବତା ଉଲ୍ଲେଖଯୋଗ୍ୟ। ଅଯୋଧ୍ୟା ପ୍ରସଙ୍ଗ କୋର୍ଟରେ ଥିବାରୁ ଏଥିରେ ସରକାରଙ୍କ ହସ୍ତକ୍ଷେପ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଭାବି ଭାଜପା ଶୀର୍ଷ ସ୍ତରୀୟ ନେତାମାନେ ନୀରବ ରହୁଥାଇପାରନ୍ତି ବୋଲି କେତେକ ମହଲରେ ଚିନ୍ତା କରାଯାଉଛି। ରାମ ମନ୍ଦିର ସ୍ଥାପନ କରିବା ଲାଗି ବର୍ତ୍ତମାନ ପରିସ୍ଥିତିରେ ଆଇନ ପ୍ରଣୟନ କରିବା ସମ୍ଭାବନା କ୍ଷୀଣ ଥିବାରୁ ଅଧ୍ୟାଦେଶ ମାଧ୍ୟମରେ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ସାଧୁମାନେ ଆଶା ରଖିଛନ୍ତି। ସୁପ୍ରିମକୋର୍ଟ ମାମଲା ଘୁଞ୍ଚାଇ ଦେବା ପରେ ସାଧୁମାନେ ସ୍ୱତଃପ୍ରବୃତ୍ତ ରାମ ମନ୍ଦିର ଗଢ଼ିବା ପାଇଁ ଆଗେଇ ଆସିଛନ୍ତି ନା ଏହା ରାଜନୈତିକ ଅଭିସନ୍ଧିମୂଳକ, ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। ବିରୋଧୀ କହିବା ଆରମ୍ଭ କଲେଣି ଯେ, ସାଧାରଣ ନିର୍ବାଚନକୁ ଖୁବ୍ କମ୍ ସମୟ ଥିବାରୁ ଗୈରିକ ଦଳ ତା'ର ପୁରୁଣା ଲକ୍ଷ୍ୟ ପୂରଣ ପାଇଁ ଅଯୋଧ୍ୟା ପ୍ରସଙ୍ଗକୁ ସାଧୁମାନଙ୍କ ଜରିଆରେ ପୁନର୍ଜୀବନ ଦେବାକୁ ଅଣ୍ଟା ଭିଡ଼ିଲାଣି।

ସନ୍ଥମାନଙ୍କ ସମାଗମର ଏହି ଉଚ୍ଚାରଣକୁ ଗତ କିଛିମାସ ଧରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ମୁଖ୍ୟ ମୋହନ ଭାଗବତ ଲଗାତର ଭାବେ ଦୋହରାଇ ଆସୁଛନ୍ତି। ଅନ୍ୟପଟେ କଂଗ୍ରେସ ଦଳ ମଧ୍ୟରେ ରାମ ମନ୍ଦିରକୁ ନେଇ ଅନେକ ଦୁର୍ବଳତା ପଦାକୁ ଆସୁଛି। ସମ୍ଭବତଃ କଂଗ୍ରେସ ନେତାମାନେ ଭାବୁଛନ୍ତି ଯେ, ଆସନ୍ତା ନିର୍ବାଚନରେ ହିନ୍ଦୁ ଭୋଟକୁ ସାଥିରେ ରଖିବାକୁ ହେଲେ ରାମଙ୍କ ନାମ ଜପିବା ଅବଶ୍ୟମ୍ଭାବୀ ହୋଇ ପଡ଼ିଲାଣି। ତେବେ ସାଧାରଣ ଭାରତୀୟ ପାଇଁ ଦୈନନ୍ଦିନ ଜୀବନର କଷ୍ଟ, ଯାହାକି ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି, ଦେଶବ୍ୟାପୀ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ବେକାର ସଂଖ୍ୟା ବୃଦ୍ଧି, ବହିର୍ବ୍ୟାପାର ସମ୍ପର୍କ ସ୍ଥାପନରେ ବିଫଳତା, କେବଳ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟହ୍ରାସ ନୁହେଁ ସମଗ୍ର ଜାତୀୟ ଅର୍ଥନୀତିରେ ପ୍ରବଳ ଦୁରବସ୍ଥା, ଯାହାକି ବିମୁଦ୍ରୀକରଣ ଓ ଜିଏସ୍‌ଟି ପାଇଁ ଅଧିକ ଶୋଚନୀୟ ହୋଇପଡ଼ିଛି; ରପ୍ତାନିରେ ଗୁରୁତର ହ୍ରାସ ଭଳି ଅନେକ ପ୍ରସଙ୍ଗ ଥିବାରୁ ସାଧାରଣ ନାଗରିକ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ଏହା ସତ୍ୟ ଯେ ରାଜନୈତିକ ବ୍ୟକ୍ତିମାନେ ସବୁବେଳେ ଚକ୍‌ମା ଦେଖାଇ ସାଧାରଣ ନାଗରିକଙ୍କୁ ବୋକା ପ୍ରମାଣିତ କରିବାକୁ ଚେଷ୍ଟା କରନ୍ତି। ମହାଭାରତ ଯୁଗରୁ ଆଜି ପର୍ଯ୍ୟନ୍ତ ଭାରତୀୟ ସମାଜକୁ ଦେଖିଲେ, ସବୁବେଳେ ପ୍ରମାଣ ମିଳେ ଯେ, ଦୁଇଭାଇଙ୍କ ମଧ୍ୟରେ ଝଗଡ଼ା ହେଲେ ତୃତୀୟ ବ୍ୟକ୍ତିର ଲାଭ ହୋଇଥାଏ। ସେହି କୃଷ୍ଣଙ୍କ ନୀତିକୁ ଅନୁସରଣ କରି ଯେଉଁ ଦଳ ଆଗେଇପାରିଲା ସେ ହେଲା ପାଣ୍ଡବ, ଯିଏ ହାରିଲା ସେ ହେଲା କୌରବ ବା ଆସୁରିକ ଶକ୍ତି। ତେବେ ସାଧାରଣ ଭାରତୀୟ ଜାଣିଛି ଯେ, ତାକୁ ଶାସନ କରିବାକୁ ଆଗେଇ ଆସୁଥିବା ସବୁ ଶକ୍ତିର ଚରିତ୍ର ମଧ୍ୟରେ ଏକ ବିରାଟ ବଡ଼ ସାମଞ୍ଜସ୍ୟ ରହିଛି। ଏବେ ପାଣ୍ଡବଙ୍କ ଯୁଗ ଖୋଜିଲେ ମିଳିବ ନାହିଁ। କାରଣ ସମସ୍ତେ ଜୁଆ ଖେଳିବାକୁ ଆଗେଇ ଆସୁଛନ୍ତି। ଆଖି ବୁଲାଇଦେଲେ ସବୁଆଡ଼େ କୌରବ ଏବଂ ଯିଏ ପାଣ୍ଡବ ବୋଲି କହୁଛି ସେ ଦ୍ରୌପଦୀଙ୍କୁ ଜୁଆରେ ବାଜି ଲଗାଇବାରେ ଧୁରନ୍ଧର।

ଦେଶ କଥା ସର୍ବୋଚ୍ଚରେ ରଖିବା ପରିବର୍ତ୍ତେ ଆମର ଲକ୍ଷ୍ୟକୁ ଭ୍ରଷ୍ଟ କରିବାର ଉଦ୍ୟମ ଜୋରସୋର ଚାଲିଛି। ଏବେ ସାଧାରଣ ଭାରତୀୟଙ୍କୁ ଚିନ୍ତା କରିବାକୁ ହେବ କେତେ ଦଶନ୍ଧି ଆଉ ମନ୍ଦିର ଓ ମସ୍‌ଜିଦରେ ବିତାଇବ। ଅନ୍ୟପଟେ ଚାଖଣ୍ଡେ ପେଟର ଦୁଃଖ, ଚାଷୀର କଷ୍ଟ, ପିଲାଙ୍କ ରୋଜଗାର ସୁଯୋଗ ଏବଂ ଦେଶର ସାମୂହିକ ବିକାଶ ଦିଗକୁ ଦୃଷ୍ଟି ପକାଇବା କି ନାହିଁ।

## ପୋଲିସ-ମାଓବାଦୀ ଗୁଳି ବିନିମୟ

# ୫ ମାଓବାଦୀ ନିହତ

**ମାଲକାନଗିରି,(ଡି.ଏନ.ଏ.)/ କଟକ ଅଫିସ୍, ୫।୧୧**



- ୩ ନିହତ ମାଓବାଦୀଙ୍କ ପରିଚୟ ମିଳିଲା
- ମୃତକଙ୍କ ମଧ୍ୟରେ ୨ମହିଳା
- ମାଓବାଦୀ କ୍ୟାମ୍ପ ଧ୍ୱଂସ, ବହୁ ଅସ୍ତ୍ରଶସ୍ତ୍ର ଜବତ
- ସର୍ଚ୍ଚ ଅପରେଶନ ଜାରି

ଛତିଶଗଡ଼ ଦାନ୍ତେୱାଡ଼ାରେ ସପ୍ତାହ ତଳେ ସୁରକ୍ଷା କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ମାଓବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଓଡ଼ିଶା ପୋଲିସ। ମାଲକାନଗିରି ଜିଲା କାଲିମେଳା ଥାନା ଅନ୍ତର୍ଗତ ପପୁଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ରବିବାର ବିଳମ୍ବିତ ରାତିରେ ସ୍ପେଶାଲ ଅପରେଶନ୍ ଗ୍ରୁପ୍(ଏସ୍ଓଜି) ଯବାନମାନେ ମାଓବାଦୀ କ୍ୟାମ୍ପ ଉପରେ ଆକ୍ରମଣ କରିଥିଲେ। ପୋଲିସ ଆକ୍ରମଣ ପରେ ମାଓବାଦୀଙ୍କ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ସୋମବାର ଭୋର ସମୟରେ ସୁରକ୍ଷା କର୍ମୀ ମାଓବାଦୀ କ୍ୟାମ୍ପ ଧ୍ୱଂସ କରିବାରେ ସଫଳ ହୋଇଥିଲେ। ଏଥିରେ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ କାଲିମେଳା ଡିଭିଜନାଲ ସଦସ୍ୟ ରଣଦେବଙ୍କ ସମେତ କିଛି ମାଓବାଦୀ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଛି। ସେମାନେ ହେଲେ କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ ବାଲିପେଟା ଗ୍ରାମର କାଲିମେଳା ଦଳମ୍‌ର ପାର୍ଟି ସଦସ୍ୟା ସୀମା କେନ୍ଦୁକା ଓରଫ ଶୁଶୀଳା, ମାଲକାନଗିରି ଜିଲାର ରାଜୁଲକୋଣ୍ଡା ଗ୍ରାମର କାଲିମେଳା ଦଳମ୍‌ର ସଦସ୍ୟା ମାଡ଼ି ଓରଫ ସୁନି ଓ କାଲିମେଳା ଥାନା ଅନ୍ତର୍ଗତ ରାଜୁଲକୋଣ୍ଡା ଗ୍ରାମର କାଲିମେଳା ଦଳମ୍‌ରେ ଏସିଏମ୍ ଭାବେ କାର୍ଯ୍ୟରତ ଉଙ୍ଗା ସୋଡ଼ି ଓରଫ କୀର୍ତ୍ତି। ଅନ୍ୟ ୨ ନିହତ ମାଓବାଦୀଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାସ୍ଥଳରୁ ବହୁ ବନ୍ଧୁକ, ବୋମା ଓ ଗୋଳା ବାରୁଦ ଜବତ କରାଯାଇଛି। ଏହି ଘଟଣା ପରେ ଉକ୍ତ ଅଞ୍ଚଳରେ ଲୋକମାନଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।

ଖବରରୁ ଜଣାପଡିଛି, ପପୁଲୁର ଗ୍ରାମ ନିକଟସ୍ଥ ଜଙ୍ଗଲରେ ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସଶସ୍ତ୍ର ମାଓବାଦୀ ଶିବିର କରି ଏକ ବଡ଼ ଆକ୍ରମଣ ଯୋଜନା କରାଯାଉଥିବା ନେଇ ମାଲକାନଗିରି ଏସ୍‌ପି ଜଗମୋହନ ମୀନା ସୂଚନା ପାଇଥିଲେ। ଏହା ଜାଣିବା ପରେ ଏସ୍‌ପି ମୀନା ଏସଓଜି ଯବାନଙ୍କୁ କୋମ୍ବିଂ ଅପରେଶନରେ ପଠାଇଥିଲେ। ବିଳମ୍ବିତ ରାତିରେ ଜଙ୍ଗଲରେ ଯବାନଙ୍କ କୋମ୍ବିଂ ଅପରେଶନ ସମୟରେ ଉଭୟ ପକ୍ଷରୁ ଗୁଳି ବିନିମୟ ହୋଇଥିଲା। ପ୍ରାୟ ଭୋର ସମୟ ପର୍ଯ୍ୟନ୍ତ ଏହି ଗୁଳି ବିନିମୟ ଚାଲିବା ପରେ ପୋଲିସ ଘଟଣାସ୍ଥଳ ତଲାସୀ ବେଳେ ୫ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲା। ଏଥିସହ ଘଟଣାସ୍ଥଳରୁ ୨ଟି ଇନ୍‌ସାସ ବନ୍ଧୁକ, ଗୋଟିଏ ଏସ୍‌ଏଲ୍‌ଆର, ଗୋଟିଏ ଥ୍ରୀ ନଟ ଥ୍ରୀ ବନ୍ଧୁକ, ୬ଟି କିଟବ୍ୟାଗ, ବୋମା, ଔଷଧପତ୍ର, ବ୍ୟାନର, ପୋଷ୍ଟର ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଥିବା ଜଣାପଡ଼ିଛି। ଏହି ଗୁଳି ବିନିମୟ ଘଟଣାରେ ମାଓବାଦୀ ନେତା ରଣଦେବ ଅଳ୍ପକେ ଖସି ପଳାଇଥିବା ଜଣାପଡ଼ିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୩ ଜଣ ଏରିଆ କମିଟି ସଦସ୍ୟ ଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଆନ୍ଧ୍ର ଓଡ଼ିଶା ସୀମାନ୍ତ ଜୋନାଲ କମିଟି ଅଧୀନ ମାଲକାନଗିରି-କୋରାପୁଟ-ବିଶାଖାପାଟଣା ଡିଭିଜନାଲ କମିଟିରେ ଏହି ମାଓବାଦୀମାନେ କାର୍ଯ୍ୟ କରୁଥିଲେ। ନିହତ ମାଓବାଦୀମାନେ ପପୁଲୁର ପୋଷ୍ଟମାଷ୍ଟର ହତ୍ୟାକାଣ୍ଡ, କାନାଗୁଡାଠାରେ ଟ୍ରକ୍, ☞ ପୃଷ୍ଠା-୪

## ପିଏସ୍‌ୟୁ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟର ସରକାରୀ ଉଦ୍ୟୋଗ(ପି.ଏସ୍.ୟୁ)ଗୁଡିକର କର୍ମଚାରୀମାନଙ୍କ ପାଇଁ ଅତିରିକ୍ତ ମହଙ୍ଗା ଭତ୍ତା ଦୁଇ ପ୍ରତିଶତ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପରିବର୍ତ୍ତିତ ଦରମା ହାର ୨୦୧୭ ଅନୁଯାୟୀ ଦରମା ପାଉଥିବା କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ୭ରୁ ୯ପ୍ରତିଶତକୁ ବୃଦ୍ଧି ହୋଇଛି। ୨୦୧୮ ଜୁଲାଇ ୧ରୁ ଏହା ପିଛିଲା ଭାବରେ କାର୍ଯ୍ୟକାରୀ ହେବ।

ଯେଉଁ ସରକାରୀ ଉଦ୍ୟୋଗ ଗୁଡିକ ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତ ପାଳନ କରିଥିବେ ସେହି ଉଦ୍ୟୋଗର କର୍ମଚାରୀମାନେ ହିଁ ଏହି ମହଙ୍ଗା ଭତ୍ତା ପାଇପାରିବେ। ଏହି ସର୍ତ୍ତ ପୂରଣ କରି ନ ଥିବା ଉଦ୍ୟୋଗ ଗୁଡିକ ସେମାନଙ୍କର ପ୍ରଶାସନିକ ବିଭାଗ ଜରିଆରେ ସାଧାରଣ ଉଦ୍ୟୋଗ ବିଭାଗକୁ ଏହି ପ୍ରସ୍ତାବ ବିଚାର ପାଇଁ ପଠାଇପାରିବେ।

ଅନ୍ୟପଟେ ଏହି ବର୍ଦ୍ଧିତ ଭତ୍ତା ସବୁ ପିଏସ୍‌ୟୁ କର୍ମଚାରୀମାନେ ପାଇପାରିବେ ନାହିଁ ବୋଲି ଜଣାପଡିଛି। ଯେଉଁ କମ୍ପାନୀଗୁଡିକ ସରକାରଙ୍କ ନିର୍ଦ୍ଧାରିତ ସର୍ତ୍ତକୁ ପାଳନ କରିଥିବେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଲାଗୁ କରାଯିବ ବୋଲି ଜଣାପଡିଛି।

# ମାନିଲେନି, ରାସ୍ତାରେ ଗର୍ଜିଲେ

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

- ରାଜଧାନୀକୁ ପୂରାଇ ଦେଲାନି ପୋଲିସ
- ଚାଷୀଙ୍କ ଚେତାବନୀ: ଗାଁକୁ ପୂରାଇ ଦେବୁନି
- ସରକାର ଗଠନ କଲେ ମନ୍ତ୍ରୀସ୍ତରୀୟ କମିଟି

ଚାଷୀମାନଙ୍କୁ ରାଜଧାନୀରେ ପୂରାଇ ଦିଆଗଲା ନାହିଁ। ଆନ୍ଦୋଳନ ପାଇଁ ଆସୁଥିବା ହଜାର ହଜାର ଚାଷୀଙ୍କୁ ଭୁବନେଶ୍ୱରର ପ୍ରବେଶପଥ ତମାଣ୍ଡୋ, ଖଣ୍ଡଗିରି ଏବଂ ହଂସପାଳଠାରେ ପୋଲିସ ଅଟକାଇ ଦେଇଥିଲା। ୧୪୪ ଧାରା ଲଗାଇ ପୂର୍ବ ନିର୍ଦ୍ଧାରିତ ବିଶାଳ ଚାଷୀ ସମାବେଶକୁ ଭଣ୍ଡୁର କରିବାକୁ ପୋଲିସ ପ୍ରଶାସନ ବଳ ପ୍ରୟୋଗ କରିଲା ଫଳରେ ଚାଷୀମାନେ ରାଜଧାନୀକୁ ପ୍ରବେଶ କରିପାରି ନାହାନ୍ତି। ପୋଲିସ ଚାଷୀ ଓ ନେତାମାନଙ୍କୁ ରାସ୍ତାରୁ ଉଠାଇ ନେଇଛି। ରାଜପଥରେ ବିକ୍ଷୋଭ ଯୋଗୁ ଘଣ୍ଟାଘଣ୍ଟା ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଗୋଟିଏ ପଟେ ରାଜ୍ୟ ସରକାର ଚାଷୀ ସମାବେଶକୁ ପୋଲିସ ଲଗାଇ ଦମନ କରିଥିବା ବେଳେ ଅନ୍ୟପଟେ ଚାଷୀମାନେ ମଧ୍ୟ ସରକାରଙ୍କୁ ଏହାର କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛନ୍ତି। ଚାଷୀଙ୍କୁ ରାଜଧାନୀକୁ ପୂରାଇ ଦିଆଯାଇ ନ ଥିବାରୁ ମନ୍ତ୍ରୀ, ବିଧାୟକ ଏବଂ ରାଜନେତାଙ୍କୁ ଗାଁକୁ ପୂରାଇ ଦିଆଯିବ ନାହିଁ। ☞ ପୃଷ୍ଠା-୪



ହଂସପାଳଠାରେ ରାସ୍ତା ଉପରେ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

# ଫୁଲବାଣୀରେ ଏନ୍‌କାଉଣ୍ଟର

**ଫୁଲବାଣୀ ଅଫିସ, ୫।୧୧**

- ଗଞ୍ଜେଇ ଚୋରା ବ୍ୟବସାୟୀ ମୁନା ଆହତ
- ଗୋଚ୍ଛାପଡ଼ା ଥାନାଧିକାରୀଙ୍କୁ ହାଣିଥିଲେ

କନ୍ଧମାଳ ଜିଲା ଫୁଲବାଣୀ ନାରାୟଣୀ ସାହି ବ୍ରାହ୍ମଣୀ ପାହାଡ ନିକଟରେ ରବିବାର ରାତିରେ ଏନ୍‌କାଉଣ୍ଟର ହୋଇଛି। ପାଟ୍ରୋଲିଂ କରୁଥିବା ଟାଉନ ଥାନା ପୋଲିସ ଗୁଳିରେ ଜଣେ ଗଞ୍ଜେଇ ଚୋରା ବ୍ୟବସାୟୀ ☞ ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 05.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 65 | 113 | 123 |
| BDK | 65 | 113 | 123 |
| BLS | 65 | 113 | 123 |
| ANG | 67 | 115 | 125 |

*Conditions Apply

Eggs Retail Price- 49/-Dozen
Issued in the Interest of Consumers


## ଆଜିର ମନ୍ତବ୍ୟ

"କଶ୍ମୀର ସମସ୍ୟାର ସମାଧାନ ପାଇଁ ସବୁପକ୍ଷ ସହ ଆଲୋଚନା ଲାଗି ଯଥାଶୀଘ୍ର ବାତାବରଣ ସୃଷ୍ଟି କରାଯିବ।

-ସତ୍ୟପାଳ ମଲିକ୍, ଜମ୍ମୁ-କଶ୍ମୀର ରାଜ୍ୟପାଳ

# ଶିଶୁ ଯୌନ ନିର୍ଯାତନାରେ ଚତୁର୍ଥ ସ୍ଥାନରେ ଓଡ଼ିଶା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

- ବିଦ୍ୟାଳୟରେ ସମ୍ଭାବନା ଅଧିକ
- କର୍ତ୍ତୃପକ୍ଷ ମାନୁନାହାନ୍ତି ଗାଇଡ୍‌ଲାଇନ



ଆମ ରାଜ୍ୟରେ ବର୍ତ୍ତମାନ ଶିଶୁ ଯୌନ ନିର୍ଯାତନା ଏକ ବଡ଼ ସମସ୍ୟା ହୋଇ ଛିଡ଼ା ହୋଇଛି। ଭାରତ ସରକାରଙ୍କ ଏକ ରିପୋର୍ଟ ଅନୁଯାୟୀ ୫୩% ଶିଶୁ ଭାରତରେ ଯୌନ ନିର୍ଯାତନାର ଶିକାର ହେଉଛନ୍ତି। ଏ କ୍ଷେତ୍ରରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହିଛି। ରାଜ୍ୟରେ ପାଖାପାଖି ୩୬ଲକ୍ଷ ଶିଶୁ ଯୌନ ନିର୍ଯାତନାର ଶିକାର ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ୪୭.୦୬% ଝିଅ ଓ ୫୩.୯୪% ପୁଅ ରହିଛନ୍ତି। ବିଶେଷକରି ବିଦ୍ୟାଳୟରେ ହିଁ ଶିଶୁମାନେ ଅଧିକ ନିର୍ଯାତନାର ଶିକାର ହେବାର ସମ୍ଭାବନା ରହିଥାଏ। ତେବେ ବିଦ୍ୟାଳୟରେ ସଚେତନତା ଅଭାବ ଓ ଅଭିଯୋଗକୁ କର୍ତ୍ତୃପକ୍ଷ ସେପରି ଗୁରୁତ୍ୱ ଦେଉ ନ ଥିବାରୁ ଏପରି ସ୍ପର୍ଶକାତର ଘଟଣା ବଢ଼ି ଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୨୦୧୪ ଅଗଷ୍ଟ ୨୩ରେ ସମସ୍ତ ସ୍କୁଲ ଓ ଶିକ୍ଷାନୁଷ୍ଠାନରେ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବାର ୨ ମାସ ଭିତରେ ଏହାକୁ ପାଳନ କରିବାକୁ କୁହାଯାଇଥିଲା। ଏହାପରଠୁ ସବୁକିଛି କେବଳ କାଗଜକଲମରେ ସୀମିତ ରହିଛି। ରାଜ୍ୟ ସରକାର ଚୁପ୍ ବସିଥିବାବେଳେ ଶିଶୁ ସୁରକ୍ଷା ଆଇନ କିପରି କର୍ଯ୍ୟକାରୀ ହେଉଛି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ନିର୍ଦ୍ଦେଶକୁ କିପରି ପାଳନ କରୁଛନ୍ତି ତାହାର ସମୀକ୍ଷା କରାଯାଉ ନାହିଁ।

ହସ୍ତଗତ ସୂଚନାନୁସାରେ, ରାଜ୍ୟର କୌଣସି ବି ବିଦ୍ୟାଳୟ କର୍ତ୍ତୃପକ୍ଷ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ୍ ମାନୁ ନାହାନ୍ତି। କିଛି ମାସ ତଳେ ଖୋର୍ଦ୍ଧା ସିଡବ୍ଲ୍ୟୁସି ପକ୍ଷରୁ ଜିଲାର ୧୦ ବ୍ଲକ ଶିକ୍ଷାଧିକାରୀଙ୍କୁ ଏନେଇ ତାଗିଦ କରାଯିବା ସହ ଗାଇଡ୍‌ଲାଇନ୍ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତଥାପି କିଛି ସୁଫଳ ମିଳି ନ ଥିଲା। ନିକଟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ବିଦ୍ୟାଳୟରେ ଯୌନ ନିର୍ଯାତନା ଦିଆଯାଉଥିବା ଘଟଣା ପଦାକୁ ଆସିବା ପରେ ଅଭିଭାବକ ମହଲରେ ଚିନ୍ତା ବଢ଼ାଇ ଦେଇଥିଲା।

**ଚାଇଲ୍ଡ ଲାଇନ୍ ପକ୍ଷରୁ ପିଟିଶନ**

ରାଜ୍ୟର ସମସ୍ତ ବିଦ୍ୟାଳୟରେ ଶିଶୁ ସୁରକ୍ଷା ଗାଇଡ୍‌ଲାଇନ୍ କାର୍ଯ୍ୟକ୍ଷମ କରିବା ପାଇଁ ଚାଇଲ୍ଡଲାଇନ ଭୁବନେଶ୍ୱରର ଭାରପ୍ରାପ୍ତ ନିର୍ଦ୍ଦେଶକ ☞ ପୃଷ୍ଠା-୪

## ଜାନୁୟାରୀ ୧୧ରୁ ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ୍,୫।୧୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୧୯ ଜାନୁୟାରୀ ୧୧ରୁ ଆରମ୍ଭ ହେବ। ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ମଧ୍ୟ ଗତ ଧନୁଯାତ୍ରା ଭଳି ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକମଣ୍ଡପ ପଡ଼ିଆର ମଞ୍ଚ ରାଜ ଦରବାର ପାଲଟିବ। ଡିସେମ୍ବର ୭ରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ସୋମବାର ଅପରାହ୍ନ ସାଢ଼େ ୩ଟାରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

(ସମ୍ପୂର୍ଣ୍ଣ ରିପୋର୍ଟ ପୃଷ୍ଠା- ୧୬)



“ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଗତ ୫ ବର୍ଷ ମଧ୍ୟରେ କିଛି ବି କରିନାହାନ୍ତି । ଭୋଟବେଳେ ଲୋକଙ୍କୁ ଦେଇଥିବା କୌଣସି ପ୍ରତିଶ୍ରୁତି ପାଳନ କରିନାହାନ୍ତି ମୋଦି ।
- ପି. ଚିଦାମ୍ବରମ୍, ବରିଷ୍ଠ କଂଗ୍ରେସ ନେତା

## ସଂକ୍ଷେପରେ

### କେଜ୍‌ରିୱାଲ ନିର୍ଦ୍ଦୋଷ

**ନୂଆଦିଲ୍ଲୀ,୫।୧୧(ପି.ଟି.)**-ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜ୍‌ରିୱାଲଙ୍କୁ ସୋମବାର ଏକ ବଡ଼ଧରଣର ଆଶ୍ୱସ୍ତି ମିଳିଛି। ଏକ ଫୌଜଦାରି ମାନହାନି ମାମଲାରେ ଦିଲ୍ଲୀର ଏକ କୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। କଂଗ୍ରେସ ନେତ୍ରୀ ଶୀଳା ଦୀକ୍ଷିତଙ୍କ ପୂର୍ବତନ ସହଯୋଗୀ ପୱନ୍ ଖେରା ଏହି ମକଦ୍ଦମା ଦାଏର କରିଥିଲେ। ମାମଲାର ଶୁଣାଣିକରି ଅତିରିକ୍ତ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ ସମର ବିଶାଲ ଏଏପି ଆବାହକ କେଜ୍‌ରିୱାଲଙ୍କୁ ଦୋଷମୁକ୍ତ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଅକ୍ଟୋବରରେ ଏକ ଟେଲିଭିଜନ ଶୋ’ରେ ସାମିଲ ହୋଇ କେଜ୍‌ରିୱାଲ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଶୀଲାଙ୍କ ବିରୋଧରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଖେରାଙ୍କ ଅଭିଯୋଗ ଅନୁଯାୟୀ କେଜ୍‌ରିୱାଲ ସେତେବେଳେ ଶୀଲାଙ୍କ ବିରୋଧରେ ଯେଉଁ ଆରୋପ ଲଗାଇଥିଲେ ସେସବୁ ମିଥ୍ୟା ତଥା ଉଦ୍ଦେଶ୍ୟ ପ୍ରଣୋଦିତ ଥିଲା। ବରିଷ୍ଠ କଂଗ୍ରେସ ନେତ୍ରୀଙ୍କ ସହଯୋଗୀ ହିସାବରେ ଏହାର ପ୍ରଭାବ ତାଙ୍କ ଉପରେ ମଧ ପଡ଼ିଥିଲା। ତେବେ ସୋମବାର ଶୁଣାଣିବେଳେ କୋର୍ଟ କହିଛନ୍ତି ଯେ, ଏଏପି ନେତା ଖେରାଙ୍କ ନାମ ନେଇ ନ ଥିବାରୁ ତାଙ୍କ ମାନହାନି ହେବା ପ୍ରଶ୍ନ ଉଠୁନାହିଁ। ଏ ମାମଲାରେ ଅଭିଯୋଗକାରୀ ପାଡ଼ିତ ନୁହନ୍ତି।



### କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଲେ ହିଫି

**ଆଇଜଲ୍,୫।୧୧(ପି.ଟି.)**-ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ମିଜୋରାମ୍‌ରେ କଂଗ୍ରେସକୁ ଲାଗିଛି ଶକ୍ତ ଧକ୍କା। ବାଚସ୍ପତି ହିଫି ସୋମବାର ବିଧାନସଭା ଏବଂ ଦଳରୁ ଇସ୍ତଫା ଦେଇଛନ୍ତି। କଂଗ୍ରେସର ହାତ ଛାଡ଼ିବା ପରେ ସୋମବାର ସେ ଭାଜପାରେ ଯୋଗନେଇଛନ୍ତି। ରାଜ୍ୟର ସ୍ୱୟଂଶାସିତ ଜିଲା ପରିଷଦଗୁଡ଼ିକୁ ଅଧିକ କ୍ଷମତା ପ୍ରଦାନ ଲାଗି ଭାଜପାର କେନ୍ଦ୍ରୀୟ ନେତୃବୃନ୍ଦ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ମାଧମରେ ନୁହେଁ, ବରଂ ସିଧାସଳଖ ଏହି ପରିଷଦଗୁଡ଼ିକୁ କେନ୍ଦ୍ର ଅର୍ଥ ଯୋଗାଇଦେବ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କଥା ଦେଇଥିବା ହିଫି ପ୍ରକାଶ କରିଛନ୍ତି। ୪୦ ଆସନ ବିଶିଷ୍ଟ ମିଜୋରାମ୍ ବିଧାନସଭା ଲାଗି ନଭେମ୍ବର ୨୮ରେ ଭୋଟ ହେବ। ଉତ୍ତର-ପୂର୍ବାଞ୍ଚଳରେ ଏକମାତ୍ର ରାଜ୍ୟ ମିଜୋରାମ୍‌ରେ ଏବେ କଂଗ୍ରେସ ଶାସନ ଚାଲିଛି। କିନ୍ତୁ ଗତ ସେପ୍ଟେମ୍ବରରୁ ଏବେସୁଦ୍ଧା ୫ କଂଗ୍ରେସ ବିଧାୟକ ଦଳରୁ ଇସ୍ତଫା ଦେଲେଣି। ୭ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ହିଫି ପ୍ରଥମେ ବିଧାନସଭା ଉପବାଚସ୍ପତି ଆର୍. ଲାଲରିନାୱ୍ମାଙ୍କୁ ଇସ୍ତଫାପତ୍ର ଦେବା ପରେ କଂଗ୍ରେସ ଭବନକୁ ଯାଇ ବିଧିବଦ୍ଧ ଭାବେ ଦଳ ସହ ସମ୍ପର୍କ ଛିନ୍ନ କରିଥିଲେ।



## ଇତିହାସର ଆଇନାରେ

### ନଭେମ୍ବର ୬ର ପ୍ରମୁଖ ଘଟଣା

୧୯୧୩ ନଭେମ୍ବର ୬ରେ ଦକ୍ଷିଣ ଆଫ୍ରିକାରେ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କୁ ଗିରଫ କରାଯାଇଥିଲା। ସେଠାରେ ବସବାସ କରୁଥିବା ଖଣି ଶ୍ରମିକଙ୍କ ଅଧିକାର ଲାଗି ମହାତ୍ମା ଗାନ୍ଧୀ ସରକାରଙ୍କ ବିରୋଧରେ ଆନ୍ଦୋଳନ ଆରମ୍ଭ କରିଥିଲେ। ୧୯୧୩ରେ ଦକ୍ଷିଣ ଆଫ୍ରିକା ସରକାର ସମସ୍ତ ପୂର୍ବତନ ଗୋଡି ଶ୍ରମିକଙ୍କ ପାଇଁ ‘ଇଣ୍ଡିଆନ୍ ରିଲିଫ୍ ବିଲ୍’ ନାମରେ ଏକ ଟିକସ ବ୍ୟବସ୍ଥାର ପ୍ରଚଳନ କରିଥିଲେ। ଏହାକୁ ବିରୋଧକରି ଗାନ୍ଧିଜୀ ସେଠାରେ ବଡ଼ ଧରଣର ଆନ୍ଦୋଳନ ଆରମ୍ଭ କରିଥିଲେ।

୧୮୬୦ ନଭେମ୍ବର ୬ରେ ଆବ୍ରାହାମ୍ ଲିଙ୍କନ୍ ଆମେରିକାର ୧୬ତମ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଡଗ୍‌ଲାସ୍, ବ୍ରେକିନ୍‌ରିଜ୍ ଏବଂ ବେଲ୍‌ଙ୍କୁ ପରାଜିତ କରି ସେ ରାଷ୍ଟ୍ରପତି ପଦରେ ବସିଥିଲେ। ୧୮୬୧ରୁ ୧୮୬୫ ଯାଏ ହତ୍ୟା ପର୍ଯ୍ୟନ୍ତ ସେ ଏହି ଆସନରେ ବସିଥିଲେ। ଆମେରିକାରେ ଗୃହଯୁଦ୍ଧର ଭୟାବହତା ଲାଗି ରହିଥିବା ବେଳେ ଲିଙ୍କନ୍ ଦେଶର ନେତୃତ୍ୱ ନେଇଥିଲେ। ଏହି ଗୃହଯୁଦ୍ଧ ଦେଶର ସବୁଠାରୁ ଭୟଙ୍କର ନୈତିକ, ସାମ୍ବିଧାନିକ ଏବଂ ରାଜନୈତିକ ସଙ୍କଟ ବୋଲି କୁହାଯାଏ।

# ନୌସେନାର ଶକ୍ତି ଅରିହାନ୍ତ

**ନୂଆଦିଲ୍ଲୀ,୫।୧୧(ପି.ଟି.)**



ଭାରତୀୟ ନୌସେନା ରଚିଛି ଇତିହାସ। ପ୍ରଥମ ଥର ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବୁଡ଼ାଜାହାଜ ‘ଆଇଏନ୍‌ଏସ୍ ଅରିହାନ୍ତ’ ଏଥିରେ ସାମିଲ ହୋଇଛି। ସୋମବାର ବିଧିବଦ୍ଧ ଭାବେ ଏହା ସମୁଦ୍ରରେ ସାମରିକ କୌଶଳ ପ୍ରଦର୍ଶନ କରିଛି। ପରମାଣୁ ଶକ୍ତିକୁ ପ୍ରତିହତ କରିପାରୁଥିବା ଏହି ସ୍ୱତନ୍ତ୍ର ଧରଣର ବୁଡ଼ାଜାହାଜ ସମୁଦ୍ର ଜଳ ଭିତରେ ଗୋପନ ଭାବେ ଯାତ୍ରା କରିବା ସହ ଶତ୍ରୁପକ୍ଷକୁ ଟାର୍ଗେଟ କରିବାର କ୍ଷମତା ବହନ କରୁଛି। ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଉଥିବା ରାଷ୍ଟ୍ରକୁ ଏହା ଉଚିତ ଜବାବ ଦେବ ବୋଲି ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଆଇଏନ୍‌ଏସ୍ ଅରିହାନ୍ତ ସଫଳତାର ସହ ସମରାଭ୍ୟାସ କରିବା ଭାରତ ପାଇଁ ଏକ ବଡ଼ ସଫଳତା। ଏହା ଅତି ଗର୍ବର ବିଷୟ। ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜକୁ ପାଇ ଧନ୍‌ତେରାସ୍ ଉତ୍ସବର ଖୁସି ବହୁଗୁଣା ହୋଇଯାଇଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ପରମାଣୁ ଶକ୍ତି ପାଇଁ ଅନେକ ଦେଶ ନିଜକୁ ବଳୀୟାନ୍ ଭାବିବା ସହ ଅନ୍ୟକୁ ଛୋଟ ମଣୁଛନ୍ତି। ଏଭଳି ବାହ୍ୟ ଧମକକୁ ସାମ୍ନା କରିବା ଏବଂ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ଲାଗି ଆଇଏନ୍‌ଏସ୍ ଅରିହାନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଭାରତକୁ କେହି ଧମକ ଦେବାର ଦୁଃସାହସ ନ କରନ୍ତୁ, ନଚେତ୍ ଆଇଏନ୍‌ଏସ୍ ଅରିହାନ୍ତ ଏହାର ମୁହଁତୋଡ଼ ଜବାବ ଦେବ ବୋଲି ମୋଦି କହିଛନ୍ତି। ଏହି ଜାହାଜ ନିର୍ମାଣରେ ନିୟୋଜିତ ଇଞ୍ଜିନିୟର ଓ କର୍ମଚାରୀଙ୍କ ସମେତ କ୍ରିଉ ସଦସ୍ୟଙ୍କୁ ସେ ବଧେଇ ଜଣାଇଛନ୍ତି।

ଭାରତୀୟ ନୌସେନାରେ ସାମିଲ ଆଇଏନ୍‌ଏସ୍ ଅରିହାନ୍ତ ଦେଶର ଇଷ୍ଟର୍ନ ନାଭାଲ କମାଣ୍ଡର ଏକ ଅଂଶବିଶେଷ। ଦୁଇଟି ଶବ୍ଦ ‘ଅରି’ (ଶତ୍ରୁ) ଏବଂ ‘ହାନ୍ତ’ (ଧ୍ୱଂସ)ରୁ ଅରିହାନ୍ତ ଉଦ୍ଧୃତ ହୋଇଛି। ଏହା କ୍ଷେପଣାସ୍ତ୍ର ଏବଂ ଆଣବିକ ଅସ୍ତ୍ର ବହନକାରୀ ବୁଡ଼ାଜାହାଜ (ଏସ୍‌ଏସ୍‌ବିଏନ୍)। ଏହି ପ୍ରକଳ୍ପ ଅଧୀନରେ ନିର୍ମିତ ଦ୍ୱିତୀୟ ବୁଡ଼ାଜାହାଜ ‘ଆଇଏନ୍‌ଏସ୍ ଅରିଧାମନ୍’ର ସମୁଦ୍ରରେ ପରୀକ୍ଷଣ ଚାଲିଛି। ନୌସେନାର ସବ୍‌ମେରାଇନ୍ ଡିଜାଇନ୍ ବ୍ୟୁରୋ ଦ୍ୱାରା ଆଇଏନ୍‌ଏସ୍ ଅରିହାନ୍ତର ଡିଜାଇନ୍ ପ୍ରସ୍ତୁତ ହୋଇଛି। ନୌସେନା, ଭାବା ଆଟମିକ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ଏବଂ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂସ୍ଥା (ଡିଆର୍‌ଡିଓ) ଦ୍ୱାରା ଏହା ନିର୍ମାଣ ହୋଇଛି।

ସମୁଦ୍ର ମଧ୍ୟରେ ଯାତ୍ରା କରିବାବେଳେ ଏହାକୁ ଠାବ କରିବା ସହଜ ନୁହେଁ। ସମୁଦ୍ର ଭିତରେ ଥାଇ ଯେକୌଣସି ମୁହୂର୍ତ୍ତରେ ଏହା ଶତ୍ରୁପକ୍ଷକୁ କଡ଼ା ଜବାବ ଦେଇପାରିବ। ଗଭୀର ଜଳରେ ଥାଇ ଏହା ଆଣବିକ ଆକ୍ରମଣ ଘଟାଇପାରିବ। ପ୍ରତିରକ୍ଷା ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରୁଛି ଆଇଏନ୍‌ଏସ୍ ଅରିହାନ୍ତ। ୨୦୦୯ରେ ଆଇଏନ୍‌ଏସ୍ ଅରିହାନ୍ତ ସମୁଦ୍ରରେ ଜଳାବତରଣ ଅଭ୍ୟାସ କରିଥିଲା। ଏହା ସବୁପ୍ରକାର କ୍ଷେପଣାସ୍ତ୍ର ବହନ କରିପାରିବ।

ପୂର୍ବରୁ ଆମେରିକା, ରୁଷିଆ, ଚାଇନା, ଫ୍ରାନ୍ସ ଓ ବ୍ରିଟେନ୍ ଏସ୍‌ଏସ୍‌ବିଏନ୍ ବୁଡ଼ାଜାହାଜ ନିର୍ମାଣ କରୁଥିଲେ। ଏବେ ଏହି କ୍ରମରେ ଭାରତ ମଧ ସାମିଲ ହୋଇଯାଇଛି। ଏବେସୁଦ୍ଧା ପରମାଣୁ କ୍ଷମତାସମ୍ପନ୍ନ ‘ଆଇଏନ୍‌ଏସ୍ ଚକ୍ର’ ନୌସେନାରେ ସାମିଲ ହୋଇଥିଲା। କିନ୍ତୁ ଏହି ବୁଡ଼ାଜାହାଜକୁ ରୁଷିଆଠାରୁ କିଣିଥିଲା ଭାରତ।



- ଆଣବିକ ଶକ୍ତିସମ୍ପନ୍ନ ବୁଡ଼ାଜାହାଜର କୌଶଳ ପ୍ରଦର୍ଶନ
- ସମୁଦ୍ରରେ ଗୋପନ ଭାବେ ଯାତ୍ରା କରିବ ଆଇଏନ୍‌ଏସ୍ ଅରିହାନ୍ତ
- ଗଭୀର ଜଳରେ ଥାଇ ଘଟାଇବ ଆଣବିକ ଆକ୍ରମଣ
- ସବୁପ୍ରକାର କ୍ଷେପଣାସ୍ତ୍ର ବହନ କରିପାରିବ



“ଭାରତକୁ କେହି ଧମକ ଦେବାର ଦୁଃସାହସ ନ କରନ୍ତୁ, ନଚେତ୍ ଆଇଏନ୍‌ଏସ୍ ଅରିହାନ୍ତ ଏହାର ମୁହଁତୋଡ଼ ଜବାବ ଦେବ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

# ଗୁଜରାଟ ସଚିବାଳୟରେ ଚିତାବାଘ

**ଅହମ୍ମଦାବାଦ,୫।୧୧(ପି.ଟି.)**

ଗୁଜରାଟର ଗାନ୍ଧୀନଗରରେ କଡ଼ା ସୁରକ୍ଷାବଳୟରେ ଥିବା ରାଜ୍ୟ ସରକାରଙ୍କ ସଚିବାଳୟ ପରିସରକୁ ସୋମବାର ଏକ ଚିତାବାଘ ପଶିଯାଇଛି। ପୂର୍ବାହ୍ନରେ ବାଘଟିକୁ ଏଠାରେ ଦେଖିବା ପରେ ଆତଙ୍କ ଖେଳିଯାଇଥିଲା। ଏହାପରେ ବନ ବିଭାଗ କର୍ମଚାରୀମାନେ ସଚିବାଳୟରେ ପହଞ୍ଚି ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ରାଜଧାନୀରେ ଥିବା ଏହି ସଚିବାଳୟରେ ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ରହିଛି। ସେହିପରି ଅନ୍ୟାନ୍ୟ ସରକାରୀ ବିଭାଗ, ମନ୍ତ୍ରୀ, ବରିଷ୍ଠ ଅମଲାତନ୍ତ୍ରୀଙ୍କ କାର୍ଯ୍ୟାଳୟ ମଧ ରହିଛି। ସକାଳେ ଚିତାବାଘଟି ଏହା ପରିସରକୁ ପଶିଯିବା ପରେ ସଚିବାଳୟ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ଯିବା ଲାଗି ବାରଣ କରାଯାଇଥିଲା। ସିସିଟିଭି ଫୁଟେଜ୍ ତଥ୍ୟ ଅନୁଯାୟୀ ରବିବାର ରାତି ପ୍ରାୟ ୨ଟାରେ ବାଘଟି ସଚିବାଳୟ ପରିସରକୁ ଲମ୍ଫପ୍ରଦାନ କରିଥିଲା। ଶେଷ ଖବର ସୁଦ୍ଧା ସେଠାରେ ସର୍ଚ୍ଚ ଅପରେଶନ ଜାରି ରହିଥିଲା।



# ଆଫଗାନ୍‌ରେ ତାଲିବାନ୍ ଆକ୍ରମଣ: ୧୩ ନିହତ

**କାବୁଲ,୫।୧୧(ପି.ଟି.)**

ଆଫଗାନିସ୍ତାନର ଗଜନୀ ପ୍ରଦେଶରେ ସେନା ଏବଂ ପୋଲିସର ମିଳିତ ଚେକ୍‌ପଏଣ୍ଟରେ ସୋମବାର ତାଲିବାନୀ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି। ଏଥିରେ ୧୩ ସୈନ୍ୟ ଓ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। ଅନ୍ୟ ୪ ସୁରକ୍ଷାକର୍ମୀ ମଧ ଆହତ ହୋଇଛନ୍ତି। ଖୋଙ୍ଗାନି ଜିଲାରେ ଏହି ଆକ୍ରମଣ ଘଟିବା ପରେ ଘଟଣାସ୍ଥଳକୁ ଅତିରିକ୍ତ ସୈନ୍ୟବାହିନୀଙ୍କୁ ମୁତୟନ କରାଯାଇଥିଲା। କିନ୍ତୁ ରାସ୍ତାରେ ସେମାନେ ମଧ ଆକ୍ରମଣର ଶିକାର ହୋଇଥିଲେ। ଆଫଗାନିସ୍ତାନର ଅର୍ଦ୍ଧେକ ଭାଗ କବ୍‌ଜାରେ ରଖିଥିବା ତାଲିବାନ ଦେଶର ସୁରକ୍ଷାବଳକୁ ସବୁବେଳେ ଟାର୍ଗେଟ କରୁଥିବାବେଳେ ସଦ୍ୟ ଆକ୍ରମଣ ଘଟିଛି। ଆମେରିକୀୟ ସୈନ୍ୟ ଏଠାରେ ମୁତୟନ ରହି ସୁରକ୍ଷା ଯୋଗାଉଛନ୍ତି। କିନ୍ତୁ ତାଲିବାନ୍‌ର କହିବା କଥା ହେଲା ଆଫଗାନିସ୍ତାନ ସରକାର ଆମେରିକା ହାତରେ କଣ୍ଢେଇ ସାଜିଛନ୍ତି। ତେଣୁ ଏହି ଆତଙ୍କବାଦୀ ସଙ୍ଗଠନ ବାରମ୍ବାର ଆଲୋଚନା ପ୍ରସ୍ତାବ ଅଗ୍ରାହ୍ୟ କରିଦେଉଛନ୍ତି।



# ଦୁଇଦିନିଆ ସ୍ୱତନ୍ତ୍ର ପୂଜା ପାଇଁ ଖୋଲିଲା ସାବରିମାଳା ମନ୍ଦିର

**ସାବରିମାଳା,୫।୧୧(ପି.ଟି.)**-କେରଳର ସାବରିମାଳାରେ ଥିବା ଆୟାପ୍ପା ମନ୍ଦିରରେ ମହିଳାଙ୍କ ଦର୍ଶନକୁ ନେଇ ଲାଗିରହିଥିବା ବିବାଦ ଥମିବାର ନାଁ ଧରୁନାହିଁ। ତିନି ସପ୍ତାହ ମଧ୍ୟରେ ଦ୍ୱିତୀୟ ଥର ଲାଗି ସୋମବାର ମନ୍ଦିର ପହଡ଼ ଖୋଲିଛି। ଦୁଇଦିନ ଏଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହେବ। ସୁରକ୍ଷା କଡ଼ାକଡ଼ି କରାଯାଇଥିଲେ ସୁଦ୍ଧା ଦର୍ଶନ ନିମିତ୍ତ ଥିବା କଟକଣା ହଟାଇ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ବିରୋଧ କରି ଏଠାରେ ପୁଣି ବିକ୍ଷୋଭ ଜୋର୍ ଧରିଛି। ପ୍ରଥମ ଦିନରେ ୧୦ରୁ ୫୦ ବର୍ଷ ପର୍ଯ୍ୟନ୍ତ କୌଣସି ମହିଳା ଶ୍ରଦ୍ଧାଳୁ ଏଠାକୁ ଆସି ନାହାନ୍ତି। ତେବେ ପମ୍ବାସ୍ଥିତ ବେସ୍ କ୍ୟାମ୍ପରେ ଜଣେ ୩୦ ବର୍ଷୀୟା ମହିଳା ପହଞ୍ଚି ଆୟାପ୍ପାଙ୍କ ଦର୍ଶନ ଲାଗି ପୋଲିସ ସୁରକ୍ଷା ମାଗିଥିଲେ। ପାର୍ବତ୍ୟ ଶିଖରରେ ଥିବା ଉକ୍ତ ପୀଠକୁ ଯିବା ଲାଗି ସେ ଅଡ଼ିବସିଥିଲେ ସୁଦ୍ଧା ଏନେଇ କୌଣସି ନିଷ୍ପତ୍ତି ହୋଇନାହିଁ ବୋଲି ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ସୋମବାର ସାବରିମାଳା ମନ୍ଦିରରେ ମୁତୟନ ସୁରକ୍ଷାକର୍ମୀଙ୍କ ମଧ୍ୟରେ ମହିଳା ପୋଲିସ ମଧ ଥିଲେ। କିନ୍ତୁ ସେମାନଙ୍କ ବୟସ ୫୦ ବର୍ଷର ଅଧିକ। ଏହାକୁ ନେଇ ମଧ ବିରୋଧର ସ୍ୱର ଉଠିଛି।

## ଫୁର୍‌ସତ

# ପର୍ଯ୍ୟଟକଙ୍କୁ ୧୦ ଭାଷାରେ ସୂଚନା




**ନୂଆଦିଲ୍ଲୀ:** ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସୋମବାର ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଏଠାରେ ୧୦ଟି ଭାଷାରେ ପର୍ଯ୍ୟଟକମାନଙ୍କୁ ସୂଚନା ମିଳିପାରିବ। ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ କେ.ଜେ. ଆଲଫନ୍ସ ଏହି ସ୍ୱତନ୍ତ୍ର ବୁଥ୍‌କୁ ଉଦ୍‌ଘାଟନ କରିଛନ୍ତି। ଏଠାରେ ଉଭୟ ଅନ୍ତର୍ଜାତୀୟ ଏବଂ ଭାରତୀୟ ପର୍ଯ୍ୟଟକଙ୍କୁ ୨୪ଘଣ୍ଟିଆ ସୂଚନା ସେବା ଯୋଗାଇ ଦିଆଯିବ। ଉକ୍ତ କାଉଣ୍ଟରକୁ ପର୍ଯ୍ୟଟନ ମନ୍ତ୍ରଣାଳୟର ହେଲ୍‌ପଲାଇନ୍ ନମ୍ବର-୧୩୬୩ ସହିତ ସଂଯୁକ୍ତ କରାଯିବ; ଯଦ୍ୱାରା ଇଂଲିଶ୍ ଜାଣି ନ ଥିବା ପର୍ଯ୍ୟଟକଙ୍କୁ ପାର୍ସୀ, ଜର୍ମାନୀ, ଇଟାଲୀ, ପର୍ତ୍ତୁଗିଜୀ, ରୁଷୀୟ, ଜାପାନୀ, କୋରୀୟ ଚାଇନା ଏବଂ ଆରବୀୟ ଭାଷାରେ ସୂଚନା ଦିଆଯାଇପାରିବ।

# ଏଲିଏନ୍ ଖୋଜା: ନାସାର ଅର୍ଥ ମଞ୍ଜୁର

**ୱାଶିଂଟନ୍:** ପୃଥିବୀ ବାହାରେ ଏଲିଏନ୍ ଭଳି ଜୀବଙ୍କ ସନ୍ଧାନ ପାଇଁ ଏକ ନୂଆ ସିଷ୍ଟମ ବିକାଶ କରାଯିବ। ଏଥିପାଇଁ ଆମେରିକାର ମହାକାଶ ଗବେଷଣା କେନ୍ଦ୍ର ‘ନାସା’ ପାଖାପାଖି ୭ ନିୟୁତ ଆମେରିକୀୟ ଡଲାର ଯୋଗାଇଦେବ। ଏହାକୁ ମଙ୍ଗଳ ଗ୍ରହରେ ଜୀବ ଅନୁସନ୍ଧାନ ଲାଗି ବ୍ୟବହାର କରାଯାଇପାରିବ। ‘ଲାବୋରେଟୋରି ଫର୍ ଅଗ୍ନୋଷ୍ଟିକ୍ ବାୟୋସିଗ୍ନେଚର୍ସ’ ନାମକ ଏହି ଇଣ୍ଟରଡିସିପ୍ଲିନାରି ପ୍ରୋଜେକ୍ଟ ଦ୍ୱାରା ନୂତନ ଶ୍ରେଣୀର ଜୀବ ଅନୁସନ୍ଧାନକାରୀ କୌଶଳ ବିକାଶ କରାଯାଇପାରିବ। ଏହି ଯନ୍ତ୍ରକୁ ମଙ୍ଗଳ ଅଭିଯାନଠାରୁ ଆରମ୍ଭକରି ସୌରମଣ୍ଡଳର ଅନ୍ୟାନ୍ୟ ଗ୍ରହରେ ମଧ ବ୍ୟବହାର କରାଯାଇପାରିବ। ‘ନାସା’ର ଆଷ୍ଟ୍ରୋବାୟୋଲୋଜି ପ୍ରୋଗ୍ରାମ୍ ଏଥିପାଇଁ ୭ନିୟୁତ ଆମେରିକୀୟ ଡଲାର ମଞ୍ଜୁର କରିଛି। ପୃଥିବୀ ବାହାରେ କୌଣସି ଜୀବ ଥିବା ବିଷୟରେ ଜାଣିବା ପାଇଁ ବୈଜ୍ଞାନିକମାନେ ଉତ୍ସାହିତ ହୋଇପଡିଛନ୍ତି ବୋଲି ନାସାର ଗଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର୍‌ର ଡେପୁଟି ପ୍ରିନ୍ସିପାଲ୍ ଇନ୍‌ଭେଷ୍ଟିଗେଟର ହିଦର ଗ୍ରାହାମ୍ ପ୍ରକାଶ କରିଛନ୍ତି।






ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୧ ଡିଗ୍ରୀ ରହିବ ବୋଲି ଅନୁମାନ କରାଯାଉଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୯ | ୨୧.୫ |
| ଚାନ୍ଦବାଲି | ୩୩.୨ | ୨୩.୯ |
| କଟକ | ୩୨.୮ | ୨୧.୪ |
| ପାରାଦ୍ୱୀପ | ୩୦.୮ | ୨୫.୦ |
| ଭୁବନେଶ୍ୱର | ୩୪.୧ | ୨୨.୪ |
| ଗୋପାଳପୁର | ୩୩.୭ | ୨୪.୧ |
| ପୁରୀ | ୩୩.୦ | ୨୫.୬ |
| ଅନୁଗୋଳ | ୩୪.୧ | ୧୮.୬ |
| ବାରିପଦା | ୩୧.୫ | ୨୨.୪ |
| ଝାରସୁଗୁଡ଼ା | ୩୩.୫ | ୨୦.୫ |
| କେନ୍ଦୁଝର | ୩୧.୭ | ୧୮.୯ |
| ସମ୍ବଲପୁର | ୩୪.୫ | ୨୦.୩ |
| ସୁନ୍ଦରଗଡ଼ | ୩୩.୦ | ୨୦.୦ |
| ହୀରାକୁଦ | ୩୪.୧ | ୨୦.୯ |
| ତାଳଚେର | ୩୫.୬ | ୨୧.୩ |
| ଭବାନୀପାଟଣା | ୩୩.୪ | ୧୮.୬ |
| ବଲାଙ୍ଗୀର | ୩୪.୦ | ୨୦.୦ |
| କୋରାପୁଟ | ୩୦.୨ | ୧୮.୨ |
| ଫୁଲବାଣୀ | ୩୨.୨ | ୧୫.୮ |
| ଟିଟିଲାଗଡ଼ | --- | ୧୮.୦ |
| ମାଲକାନଗିରି | ୩୫.୦ | --- |
| ସୋନପୁର | ୩୫.୨ | ୨୧.୪ |
| ଦାରିଙ୍ଗିବାଡ଼ି | ୨୮.୫ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଫିଲ୍ମ ଉତ୍ସବର ମୁଖ୍ୟ ଅତିଥି




**କୋଲକାତା:** ବେଙ୍ଗଲି ଫିଲ୍ମର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ୨୪ତମ କୋଲକାତା ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ (କେଆଇଏଫ୍‌ଏଫ୍) ଆୟୋଜିତ ହେବାକୁ ଯାଉଛି। ଏହାକୁ ଉଦ୍‌ଘାଟନ କରିବେ ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନ। ନଭେମ୍ବର ୧୦ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ଉତ୍ସବରେ ଭାରତୀୟ ସିନେମାର ବହୁ ସୁପରଷ୍ଟାର ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଉତ୍ସବ ୮ଦିନ ଧରି ଆୟୋଜନ ହେବ। ୭୦ଟି ଦେଶର ୧୭୧ଟି ଫିଚର ଫିଲ୍ମ, ୧୫୦ଟି ଶର୍ଟସ ଏବଂ ଡକ୍ୟୁମେଣ୍ଟାରି ଏଥିରେ ପ୍ରଦର୍ଶିତ ହେବ। କୋଲକାତାର ୧୬ଟି ଅଡିଟୋରିୟମ୍‌ରେ ଏଗୁଡିକ ପ୍ରଦର୍ଶିତ ହେବ। ଉଦ୍‌ଘାଟନୀ ଉତ୍ସବରେ ବେଙ୍ଗଲି କ୍ଲାସିକ୍ ଫିଲ୍ମ ‘ଆଣ୍ଟୋନି ଫିରିଙ୍ଗି’ ପ୍ରଦର୍ଶିତ ହେବ। ବଚ୍ଚନଙ୍କ ବ୍ୟତୀତ ଉଲ୍ଲେଖଯୋଗ୍ୟ ଇରାନୀୟ ଫିଲ୍ମ ନିର୍ଦ୍ଦେଶକ ମାଜିଦ୍ ମାଜିଦି, ଅଷ୍ଟ୍ରେଲୀୟ ନିର୍ଦ୍ଦେଶକ ସାଇମନ ବେକର, ଜିଲ୍ ବିଲକକ୍ ଏବଂ ଫିଲିପ୍ ନୋଇସି ଉଦ୍‌ଘାଟନୀ ଉତ୍ସବକୁ ଗୌରବାନ୍ୱିତ କରିବେ। ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଉତ୍ସବରେ ସଭାପତିତ୍ୱ କରିବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦତ୍ତ, ଜୟା ବଚ୍ଚନ, ୱାହିଦା ରହମନ୍, ନନ୍ଦିତା ଦାସ ପ୍ରମୁଖ ଉପସ୍ଥିତ ରହିବେ ବୋଲି ରାଜ୍ୟ ଯୁବ ଓ କ୍ରୀଡାମନ୍ତ୍ରୀ ଏବଂ ଉତ୍ସବର ମୁଖ୍ୟ ପରାମର୍ଶଦାତା ଅରୂପ ବିଶ୍ୱାସ ପ୍ରକାଶ କରିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ୨୦୨୦ ମାଟ୍ରିକ ପରୀକ୍ଷା
# ବଢ଼ିଲା ନାମ ପଞ୍ଜୀକରଣ ତାରିଖ

କଟକ ଅଫିସ, ୫।୧୧– ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ହେବାକୁ ଥିବା ୨୦୨୦ ମାଟ୍ରିକ ପରୀକ୍ଷା ପାଇଁ ଚଳିତବର୍ଷ ନବମ ଶ୍ରେଣୀ ପାଠପଢୁଥିବା ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ତାରିଖ ବର୍ଦ୍ଧିତ ହୋଇଛି। ସୋମବାର ନାମ ପଞ୍ଜୀକରଣର ଶେଷ ତାରିଖ ରହିଥିବାବେଳେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ବିଦ୍ୟାଳୟର ମୁଖ୍ୟମାନେ ୧୫ ତାରିଖ ରାତି ୧୧ଟା ୪୫ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଦେୟ ପୈଠ କରିପାରିବେ ବୋଲି ବୋର୍ଡର ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି।







# ଶହୀଦଙ୍କ ଭଉଣୀଙ୍କୁ ୮ ଲକ୍ଷର ବୀମାରାଶି ପ୍ରଦାନ

**କଟକ ଅଫିସ୍, ୫।୧୧**


ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା କଟକସ୍ଥିତ ଆଇପିଏସ୍ ମେସ୍‌ଠାରେ ଶହୀଦ ସଞ୍ଜୟ ମାଝିଙ୍କ ଭଉଣୀ ମଞ୍ଜରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ଶକଟା ଗାଁ ନିକଟରେ ଗତ ଏପ୍ରିଲ ୧୦ରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିପାହି ସଞ୍ଜୟ ମାଝି ଶହୀଦ ହୋଇଥିଲେ। ସଞ୍ଜୟଙ୍କ ପରିବାର ଲୋକଙ୍କୁ ସୋମବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ତରଫରୁ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଇଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ଥିବା ଆଇପିଏସ୍ ମେସ୍ ହଲ୍‌ରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଶହୀଦ ସଞ୍ଜୟଙ୍କ ଭଉଣୀ ମଞ୍ଜରୀ ମାଝିଙ୍କୁ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା ଏହି ବୀମାରାଶି ପ୍ରଦାନ କରିଛନ୍ତି। କମ୍ ସମୟ ମଧ୍ୟରେ ବୀମାରାଶି ପ୍ରଦାନ କରିଥିବାରୁ ଡିଜିପି ଶର୍ମା ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଦେବାଶିଷ ସେନାପତି ଯୋଗଦେଇଥିଲେ। ସେନାପତି କହିଥିଲେ ଯେ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଆକାଉଣ୍ଟ ଦ୍ୱାରା ଦରମା ନେଉଥିବା ପୋଲିସ କର୍ମଚାରୀମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁହେଲେ ୮ ଲକ୍ଷ ଟଙ୍କାର ବୀମାରାଶି ପ୍ରଦାନ କରାଯାଉଥିଲା। ଏବେ ଏହି ବୀମାରାଶି ୩୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି ।





ନଭେମ୍ବର ୬ରେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତି ୨ ବର୍ଷରେ ଏହି ନିର୍ବାଚନ ହୋଇଥାଏ। ଚଳିତ ବର୍ଷ ସିନେଟ୍‌ର ୩୫ ଏବଂ ହାଉସ୍ ଅଫ ରିପ୍ରେଜେଣ୍ଟେଟିଭ୍‌ର ୪୩୫ ଆସନ ପାଇଁ ନିର୍ବାଚନ ହେଉଛି। ଇତିମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ତାଙ୍କ ଦଳର ୩୦ ଜଣ ସାଂସଦ ସମୟ ପୂର୍ବରୁ ଅବସର ନେଇଛନ୍ତି। ଏହା ଦ୍ୱାରା ଟ୍ରମ୍ପ ଅସୁବିଧାରେ ପଡ଼ିବାର କୁହାଯାଉଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମୁନୁ
ପରିବାରବର୍ଗ


ଗୁଡୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

### automobile

**SALE**

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Alto, WagonR, Swift, Dzire, Vento, Indigo, Scorpio, Nishan Micra, Ford Figo, Ford Fiesta, Xcent, Santro, i10, i20, Sail, Beat, Spark, Inova, Honda Amaze, Honda City, Mahindra Logan, Mahindra Verito and many more for sale. Contact: 7440000832, 8599005885. D-9138

### real estate

**SALE**

New residential plotting project near KIIT, developed by SDIPL having 40’ main, 30’ internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

Bhubaneswar AIIMS Hospital, DOON/ NMIT College front gharabari plot. 9439206202. D-64351

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64357

ଭୁବନେଶ୍ୱର ମହାବୀର Engineering କଲେଜ backsideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

ସୁନ୍ଦରପଦା ହାଇଟେକ୍ ପ୍ଲାଜା ପାଖରେ ଘରବାରି ପଜେସନ୍ ପ୍ଲଟ sqft.- 1070ରେ plot ମିଳୁଛି। 9348230669. D-64364

1BHK, 2BHK, 3BHK approved flats at Hitech Heaven near Gudiapokhari Square, Bhubaneswar. 9437040045, 9437192512. D-9256

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65159

2BHK flat near Garage Chhak Market area Bhubaneswar-2. Contact: 7873492433. D-63865

### construction

Construct your building in finished house contact: 9937064680. D-27282

### to-let

Office, Bank or commercial, 2400 sqft., Plot No.- 661, Bank Chhak, Mahanadivihar, Mobile: 9437226804, 7978603239, 9439826980, 7978316627. D-9239

## ଜନ୍ମଦିନ ଶୁଭେଚ୍ଛା



(ମୁନୁ)
**ଐଶ୍ୱର୍ଯ୍ୟା ରାଣୀ ଖୁଣ୍ଟିଆ**
ହରଚଣ୍ଡିସାହି, ପୁରୀ

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମକୁ ଦୀର୍ଘାୟୁ କରିବା ସହିତ ତୁମର ଭବିଷ୍ୟତ ଉଜ୍ଜ୍ୱଳମୟ କରନ୍ତୁ। ଶୁଭେଚ୍ଛା ସହ: ଚନ୍ଦନ, ବନ୍ଧୁ ଓ ପରିବାରବର୍ଗ। ଧ-୯୨୮୫

## ନିରୁଦ୍ଦିଷ୍ଟ



**ଶ୍ରୀମତୀ ବିମଳା ଶର୍ମା,** ବୟସ- ୭୫, ସାଗର ମଧ୍ୟପ୍ରଦେଶ, ୩୧।୧୦।୨୦୧୮ ଠାରୁ ପୁରୀରେ ନିରୁଦ୍ଦିଷ୍ଟା। ଯେ ଖବର ଦେବେ ତାଙ୍କୁ ପୁରସ୍କୃତ କରାଯିବ। ଫୋନ୍: ୮୮୭୧୦୯୧୩୩୩। ଧ-୬୪୦୧୯

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


■ ମି ୱାଇଫାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

# ଆଇଟିରେ ଭୁବନେଶ୍ୱର ପାଲଟିବ ମେରୁଦଣ୍ଡ



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୱାଇଫାଇ ସେବାର ଶୁଭାରମ୍ଭ କରୁଛନ୍ତି।

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ଭୁବନେଶ୍ୱର ପାଇଁ ସୋମବାର ହେଉଛି ଐତିହାସିକ ଦିନ। ମନ୍ଦିରମାଳିନୀ ସହର ଏବେ ଆଇଟି କ୍ଷେତ୍ରରେ ମେରୁଦଣ୍ଡ ପାଲଟିବାକୁ ଯାଉଛି। ଏହି ସହର ବେଷ୍ଟ ମଡର୍ନ ସିଟି ଭାବେ ସମଗ୍ର ବିଶ୍ୱରେ ପରିଚିତ ହେବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ସଚିବାଳୟରେ ମି ୱାଇଫାଇ ସେବାକୁ ଶୁଭାରମ୍ଭ କରିଛନ୍ତି। ସେ କହିଛନ୍ତି ଯେ, ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି ଏବଂ ଟିମ୍‌ୱର୍କ ପାଇଁ ଏହି ୱାଇଫାଇ ସେବା ସହାୟକ ହେବ। ଆଗକୁ କଟକ, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା ଏବଂ ପୁରୀରେ ମାଗଣା ୱାଇଫାଇ ସେବା ଉପଲବ୍ଧ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ସମଗ୍ର ନଗରୀକୁ ସେବା ପ୍ରଦାନ କ୍ଷମତା ରଖିଥିବା ଭୁବନେଶ୍ୱର ଜାତୀୟସ୍ତରରେ ଏକମାତ୍ର ସହର। ଭୁବନେଶ୍ୱର ମି ୱାଇଫାଇ ହୋଇଥିବାରୁ ମୁଁ ବିଶେଷ ଭାବେ ଆନନ୍ଦିତ। ଆଶା, ସମାଜର ସବୁ ବର୍ଗର ନାଗରିକ ଏବଂ ବିଶେଷକରି ଯୁବବର୍ଗଙ୍କ ନିମନ୍ତେ ଏହି ସୁବିଧା ଅତ୍ୟନ୍ତ ଉପଯୋଗୀ ହେବ। ସରକାରୀ ସେବା ନିମନ୍ତେ ୱାଇଫାଇ ଲାଗି ନାଗରିକମାନଙ୍କୁ କୌଣସି ଶୁଳ୍କ ଦେବାକୁ ପଡ଼ିବ ନାହିଁ। ଏହା ଡିଜିଟାଲ ଦୂରତ୍ୱ ଦୂର କରିବା ପାଇଁ ସରକାରଙ୍କୁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଥମ ଦିନରୁ ୧୦୦ ହଟ୍‌ସ୍ପଟ୍ ଓ ୨୭୫ ଆକ୍ସେସ୍ ପଏଣ୍ଟ କାର୍ଯ୍ୟ କରିବା ଆରମ୍ଭ କରିଛି। କିଟ୍ ଛକରୁ ରାଜଭବନ, ଆଚାର୍ଯ୍ୟବିହାରରୁ ଏଜି ଛକ, ଶିଶୁଭବନରୁ ବାଣୀବିହାର ଏବଂ ନାଲ୍‌କୋ ଛକରୁ ଆଚାର୍ଯ୍ୟବିହାର ପର୍ଯ୍ୟନ୍ତ ରାସ୍ତାର ପ୍ରମୁଖ ସ୍ଥାନମାନଙ୍କରେ ଏହି ହଟ୍‌ସ୍ପଟ୍ ଉପଲବ୍ଧ ହେବ। ପ୍ରତ୍ୟେକ ହଟ୍‌ସ୍ପଟ୍ ଏକାସାଙ୍ଗରେ ୧୫୦ ବ୍ୟବହାରକାରୀଙ୍କୁ ସେବା ପ୍ରଦାନ କରିବ। ୨ ଏମ୍‌ବିପିଏସ୍ ଇଣ୍ଟରନେଟ ସ୍ପିଡ୍‌ର ସୁବିଧା ନାଗରିକମାନେ ପାଇପାରିବେ। ଏହି ସେବା ଉପଯୋଗ କରୁଥିବା ଯେକୌଣସି ନାଗରିକ ୨୫୦ ଏମ୍‌ବି ପର୍ଯ୍ୟନ୍ତ ଡାଟା ମାଗଣାରେ ପାଇପାରିବେ।

■ ୧୦୦ ହଟ୍‌ସ୍ପଟ୍
■ ୨୭୫ ଆକ୍ସେସ୍ ପଏଣ୍ଟ

ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦୦ଟି ନୂତନ ସ୍ଥାନରେ ଏହି ହଟ୍‌ସ୍ପଟ୍ ସଂଯୋଗ କରାଯିବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ୫୧୮ ହଟ୍‌ସ୍ପଟ୍ ସହ ୧୮୦୦ ଆକ୍ସେସ୍ ପଏଣ୍ଟ ବସିବ। ବ୍ୟବହାରକାରୀଙ୍କ ହ୍ୟାଣ୍ଡସେଟ୍ କ୍ଷମତା ଅନୁରୂପ ଏହି ୱାଇଫାଇ ନେଟ୍‌ୱର୍କ ୨.୪ ଗିଗାହର୍ଜରୁ ୫ ଗିଗାହର୍ଜ ପର୍ଯ୍ୟନ୍ତ ଓ୍ୟାରଲେସ୍ ବ୍ୟାଣ୍ଡର ଉପଯୋଗ କରିବେ। ଟେଲି ଯୋଗାଯୋଗ ବିଭାଗ ତଥା ଭାରତୀୟ ଟେଲି ଯୋଗାଯୋଗ ନିୟାମକ କର୍ତ୍ତୃପକ୍ଷଙ୍କ ନୀତି ଓ ନିୟମକୁ ପାଳନ କରାଯାଇ ଏହି ଓ୍ୟାରଲେସ୍ ସଞ୍ଚାଳନ ଢାଞ୍ଚା ପ୍ରସ୍ତୁତ କରାଯାଇଛି।

## କିଛି ତଥ୍ୟ

୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ ଏବଂ ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୮୯.୭୧ ବିଲିୟନ ଡଲାର ରହିଛି। **– ବାଣିଜ୍ୟ ମନ୍ତ୍ରଣାଳୟ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଚନ୍ଦ୍ର ଦ୍ୱାଦଶ ଭାବକୁ ଦେଖୁଥିବାରୁ ଫଳପ୍ରଦ ଯାତ୍ରା ମନକୁ ସାମୟିକ ଆନନ୍ଦ ପ୍ରଦାନ କରିବ। କିନ୍ତୁ କୃତିକା ନକ୍ଷତ୍ର କର୍ମକ୍ଷେତ୍ରରେ ପ୍ରତିବନ୍ଧକଜନିତ ବିଷୟକୁ ନେଇ ଚିନ୍ତିତ ରହିପାରନ୍ତି। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗିରହିବ। ଅଟକି ରହିଥିବା କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**ବୃଷ** ଚତୁର୍ଥାଧିପ ରବିଙ୍କ ଦୁର୍ବଳତାଜନିତ ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ ହେବେ। କ୍ରୀଡା, କଳା, ସାହିତ୍ୟ ଚର୍ଚ୍ଚାଦିରେ ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇ ପାରିବେ। ଆକସ୍ମିକ ଭାବରେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ପରିବାରରେ ସନ୍ତାନଙ୍କ ସ୍ୱାସ୍ଥ୍ୟ ଯୋଗୁ ବିଚଳିତ ହେବେ।

**ମିଥୁନ** ଚନ୍ଦ୍ରଙ୍କ ପ୍ରତି ବୃହସ୍ପତିଙ୍କ ଦୃଷ୍ଟିର ଅଭାବ ହେତୁ କୌଣସି କାମ ସୁବିଧାରେ ହୋଇପାରିବ ନାହିଁ। ପୂର୍ବରୁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ମଧ୍ୟ ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିପାରନ୍ତି। ଶିଳ୍ପ, ବାଣିଜ୍ୟ ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ** ରାଶ୍ୟାଧିପ ଚନ୍ଦ୍ର ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ଆଜି ଆପଣଙ୍କ ଆଶା ଓ ଅଭିଳାଷ ନିଶ୍ଚିତ ପୂରଣ ହୋଇପାରିବ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ପାଇ ସାମୟିକ ଖୁସି ହେବେ। ଶିଳ୍ପ, ପରିବହନ, ବ୍ୟବସାୟରେ ଲାଭ ଆଶାନୁରୂପ ପାଇପାରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକ୍ରିୟା ପ୍ରକାଶ କରି ବିବାଦୀୟ ହୋଇପାରନ୍ତି।

**ସିଂହ** ଶୁକ୍ର ଅଷ୍ଟମ ଭାବକୁ ଦୃଷ୍ଟି ଦେଉଥିବାରୁ ଭୋଗ,ବିଳାସ ଦିଗକୁ ସ୍ୱତଃ ମନ ଟାଣିହୋଇଯିବ। ଆଜି ବିଭିନ୍ନ ସୂତ୍ରରୁ ଗୁଡ଼ାଏ ଅର୍ଥଲାଭର ଯୋଗ ରହିଛି। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ବନ୍ଧୁମାନଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇବେ।

**କନ୍ୟା** ଏକାଦଶ ସ୍ଥାନରେ ଚନ୍ଦ୍ର ଆର୍ଥିକ ଉନ୍ନତି, କାର୍ଯ୍ୟସିଦ୍ଧି ଜନିତ ଉତ୍ଫୁଲ୍ଲିତ ରହିବେ। କିନ୍ତୁ ଶନିଙ୍କ ସ୍ଥିତିଜନିତ ପାରିବାରିକ ଅଶାନ୍ତି କ୍ଷେତ୍ରରେ ଭୁଲ୍ ବୁଝାମଣା ହିଁ ପ୍ରଧାନ କାରଣ ହେବ। ବନ୍ଧୁଙ୍କ ସହ ବହୁତ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଅବଶ୍ୟ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ, ତଥାପି କାମ ଅଟକିବ ନାହିଁ। ।

**ତୁଳା** ରାଶିରେ ଶୁକ୍ର ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରଖିବା ସହ ହସଖୁସିରେ ରଖିବାର ସୁସ୍ଥ ପରିବେଶ ସୃଷ୍ଟି କରିବ। ଖଳ ଲୋକମାନଙ୍କ ପ୍ରାୟୋଜିତ କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବେ। ହଠାତ୍ ବନ୍ଧୁଙ୍କ ଅନୁରୋଧ କ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ।

**ବିଛା** ବୃହସ୍ପତିଙ୍କ ସୁପ୍ରଭାବରେ ନୂଆ ନୂଆ କାମ ପାଇଁ ମନରେ ଉତ୍ସୁକତା ଲାଗି ରହିଲେ ମଧ୍ୟ ଅଷ୍ଟମାଧିପତି ବୁଧ ପଦେ ପଦେ ନୂତନ ସମସ୍ୟା ସୃଷ୍ଟି କରିବ। ଗତକାଲି ଠାରୁ ଆପଣ ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସା ପାଇବେ । ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ** ରାଶିରେ ଶନି ଓ ଧନ ସ୍ଥାନରେ ମଙ୍ଗଳଜନିତ ସ୍ୱାସ୍ଥ୍ୟ ଓ କର୍ମହାନି ସାଙ୍ଗକୁ ବିବାଦୀୟ ସ୍ଥିତି ମଧ୍ୟରେ ଅଣନିଃଶ୍ୱାସୀ ହୋଇପାରନ୍ତି। ବନ୍ଧୁଙ୍କ ପ୍ରେରଣାରେ କେତେକ ନୂତନ କାମର ପରିକଳ୍ପନା କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବ। ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚିନ୍ତା କରିବେ।

**ମକର** ଆଜି ଘାତବାର ହେତୁ ଚତୁର୍ଥ ଏକାଦଶାଧିପତି ମଙ୍ଗଳ ପାପଯୁକ୍ତ କାରଣରୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ଏଣେ ଯାହା ପାଇବା କଥା ତାହା ଠିକ୍ ସମୟରେ ପାଇବା ମଧ୍ୟ କଷ୍ଟକର ହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ। ମିତ୍ର,ବନ୍ଧୁରେ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ** ରାଶ୍ୟାଧିପତି ନିଜ ଗୃହକୁ ଦେଖୁଥିବାରୁ ପ୍ରତ୍ୟେକ ଦିଗରୁ ଆଜି ଦିନଟି ଭଲରେ ଅତିବାହିତ ହେବ। ପିଲାମାନଙ୍କର କିଛି ସମସ୍ୟା ଓ ପରିବାରରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ, ଯାହାଦ୍ୱାରା ଲାଭ ବଦଳରେ କ୍ଷତି ହିଁ ହେବ। ଜମିଜମା, କଳ କାରଖାନା, ପରିବହନରେ ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ** ଦୀର୍ଘଦିନ ପରେ ବୃହସ୍ପତିଙ୍କ ରାଶି ପରିବର୍ତ୍ତନରେ ପ୍ରତ୍ୟେକ ଦିଗରୁ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଅଟକି ରହିଯାଇଥିବା କାମଗୁଡ଼ିକ ସମ୍ପନ୍ନ ହେବ। ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ ଲାଭ କରିବାର ସୁଯୋଗ ପାଇବେ। ବନ୍ଧୁମିଳନ ସାଙ୍ଗକୁ ଯାତ୍ରା,ବାଣିଜ୍ୟ, ବ୍ୟବସାୟ ଓ ପରିବହନାଦି ମଧ୍ୟ ଭଲରେ ଚାଲିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବାର ଆଶଙ୍କା ରହିଛି ।

ଆଜି କାର୍ତ୍ତିକ କୃଷ୍ଣପକ୍ଷର ନରକ ଚତୁର୍ଦ୍ଦଶୀ ମଙ୍ଗଳବାର, ଶ୍ୟାମାକାଳୀ ପୂଜା, ଯମ ତର୍ପଣ, ନଭେମ୍ବର ୬ ତାରିଖ, ରାଶି ନକ୍ଷତ୍ର-ଦିବା ଘ୮ ।୪୪ମି. ଗତେ ସ୍ୱାତୀ/ତୁଳା, ମକର ରାଶିର ଘାତବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା, ଚତୁର୍ଦ୍ଦଶୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୮ ।୪୫ମି. ଗତେ ଘ୧୦ ।୦୯ମି. ମଧ୍ୟେ, ଘ୧୧ ।୩୩ମି. ଗତେ ଘ୧ ।୫୭ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୯ମି. ଗତେ ଘ୧୧ ।୩୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୨ ।୧୮ମି. ଗତେ ଘ୩ ।୪୨ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ମାନିଲେନି, ରାସ୍ତାରେ...

ଗ୍ରାମାଞ୍ଚଳରେ ଏହି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚାଷୀ ସଙ୍ଗଠନ ନେତାମାନେ ସରକାରଙ୍କୁ ସତର୍କ କରାଇଛନ୍ତି।

ନବ ନିର୍ମାଣ କୃଷକ ସଙ୍ଗଠନ ଡକରାରେ ସୋମବାର ରାଜଧାନୀମୁହାଁ ହୋଇଥିଲେ ହଜାର ହଜାର ଚାଷୀ। ପ୍ରାଇସ୍, ପ୍ରେସ୍ଟିଜ ଓ ପେନ୍‌ସନ୍ ଦାବିରେ ଚାଷୀ ଯାଜପୁରର କୁଆଖିଆ ଏବଂ ଖୋର୍ଦ୍ଧାର ବାଲୁଗାଁରୁ ଅକ୍ଟୋବର ୨୯ ତାରିଖରୁ ଶୋଭାଯାତ୍ରାରେ ରାଜଧାନୀକୁ ଆସୁଥିଲେ। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ନିଜର ଦାବି ପାଇଁ ଆସୁଥିଲେ ମଧ୍ୟ ସେମାନଙ୍କୁ ଏକାଠି କରାଇ ଦେଇ ନାହାନ୍ତି ସରକାର। ଗତ ୭ ଦିନ ଧରି ଚାଷୀ ନେତାମାନେ ଦାବିକରି ଆସୁଥିଲେ ମଧ୍ୟ ଏ ନେଇ ସରକାର ଚୁପ ବସିଥିଲେ। ସେମାନଙ୍କର ଦାବି ହେଲା ସରକାର ଚାଷୀ ଆତ୍ମହତ୍ୟା ସ୍ୱୀକାର କରନ୍ତୁ। ପୀଡ଼ିତ ପରିବାରଙ୍କୁ ସହାୟତା କରନ୍ତୁ। ୩୬ ଲକ୍ଷ ଚାଷୀଙ୍କୁ ୬୦ ବର୍ଷ ପରେ ମାସିକ ୧୦ ହଜାର ଟଙ୍କା ପେନ୍‌ସନ୍ ଦିଅନ୍ତୁ। ଚାଷୀ ଉତ୍ପାଦନ କରୁଥିବା ଶସ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନ କରାଯାଉ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୦୦୦ ଟଙ୍କା ହେଉ ବୋଲି ଚାଷୀ ସଙ୍ଗଠନ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଅପରପକ୍ଷରେ ଚାଷୀମାନଙ୍କ କ୍ରୋଧକୁ ଦେଖି ସୋମବାର ଏକ ମନ୍ତ୍ରୀସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଅର୍ଥ ବିଭାଗ ମନ୍ତ୍ରୀ ଅଧ୍ୟକ୍ଷ ଥିବା ବେଳେ କୃଷି, ପଞ୍ଚାୟତିରାଜ ଓ ସମବାୟ ବିଭାଗ ମନ୍ତ୍ରୀ ସଦସ୍ୟ ରହିଛନ୍ତି। ତେବେ ଏହି ମନ୍ତ୍ରୀସ୍ତରୀୟ କମିଟିକୁ ଚାଷୀମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ସେମାନଙ୍କ ଦାବି ହେଲା ରାଜ୍ୟ ସରକାର ପ୍ରଥମେ ଚାଷୀଙ୍କୁ ୧୦ ହଜାର ଟଙ୍କା ପେନ୍‌ସନ୍ ଘୋଷଣା କରନ୍ତୁ, ଏହା ପରେ ମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା ହେବ। ସରକାର ଦାବି ମାନି ନ ଥିବାରୁ ଚାଷୀମାନେ ରାଜଧାନୀ ଆସି ପାରି ନ ଥିଲେ ମଧ୍ୟ ଜାତୀୟ ରାଜପଥରେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ। ପୋଲିସ ଚାଷୀ ନେତା ଓ କେତେକ ଚାଷୀଙ୍କୁ ଗିରଫ କରିଥିଲା।

ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା କହିଛନ୍ତି, କମିଟିର ଟର୍ମ ଅଫ ରେଫରେନ୍ସ ପ୍ରସ୍ତୁତ କରାଗଲା ପରେ ଚାଷୀମାନଙ୍କ ସମସ୍ୟା ଉପରେ ଏହି କମିଟି ଆଲୋଚନା କରିବ । ଆନ୍ଦୋଳନରୁ ଓହରି ମନ୍ତ୍ରୀସ୍ତରୀୟ କମିଟି ସହ ଚାଷୀମାନେ ଆଲୋଚନା କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ଏହି କମିଟି ଗଠନ କରାଯାଇଛି। ରାଜ୍ୟ ସରକାର ସବୁବେଳେ କୃଷକମାନଙ୍କର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ। କୃଷି ଓ କୃଷକର ଉନ୍ନତି ପାଇଁ କୃଷି ବଜେଟ, କୃଷି କ୍ୟାବିନେଟ, ୧ ପ୍ରତିଶତ ହାରରେ ଚାଷୀଙ୍କୁ କୃଷି ଋଣ ଦିଆଯାଉଛି। ଧାନର ସର୍ବନିମ୍ନ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିବାକୁ ବିଧାନସଭାରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି। କମିଟି ଧାନର ଏମ୍‌ଏସ୍‌ପି ୨୯୫୦ ଟଙ୍କା ଦାବି କରୁଥିବା ବେଳେ କେନ୍ଦ୍ର ସରକାର ମାତ୍ର ୫୦ଟଙ୍କା ବୃଦ୍ଧି କରୁଛନ୍ତି। ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ଅନ୍ୟାନ୍ୟ ବ୍ୟବସ୍ଥା କରିଛନ୍ତି।

ନବନିର୍ମାଣ କୃଷକ ସଙ୍ଗଠନ ମନ୍ତ୍ରୀସ୍ତରୀୟ କମିଟିକୁ ପ୍ରତ୍ୟାଖ୍ୟାନ କରିଛି। ସଙ୍ଗଠନର ଆବାହକ ଅକ୍ଷୟ କୁମାର କହିଛନ୍ତି ଯେ, ମନ୍ତ୍ରୀସ୍ତରୀୟ କମିଟି ଏକ ଧୋକା। ନିଜର ଦାବି ପାଇଁ ରାଜଧାନୀକୁ ହଜାର ହଜାର ଚାଷୀ ଆସୁଥିବା ବେଳେ ପୋଲିସ ଲଗାଇ ଗିରଫ କରିବା ଘଟଣାକୁ ସେ ନିନ୍ଦା କରିଛନ୍ତି। ସେ କହିଛନ୍ତି, ଚାଷୀଙ୍କୁ ଯଦି ଭୁବନେଶ୍ୱର ମନା ତେବେ ନେତାମାନଙ୍କୁ ମଧ୍ୟ ଗାଁକୁ ଯିବା ମନା। ଭୋଟ୍ ମାଗିବାକୁ ନେତାମାନେ ଗାଁକୁ ଯାଇପାରିବେ ନାହିଁ। ଚାଷୀଙ୍କୁ ଭଣ୍ଡା ଦେବାକୁ ମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇନାହିଁ। ଦାବି ପୂରଣ ନ ହେବା ଯାଏ ଚାଷୀମାନେ କୁଆଡ଼େ ଯିବେ ନାହିଁ। ଏହି ଲଢ଼େଇ ଆଗକୁ ଆହୁରି ଜୋରଦାର ହେବ । ପ୍ରତି ଗାଁ ଓ ବ୍ଲକରେ ଆଇନ ଅମାନ୍ୟ ହେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ରାଜ୍ୟରେ କେତେ ଚାଷୀ ଓ ଭାଗ ଚାଷୀ ଅଛନ୍ତି ସରକାର ଏ ପର୍ଯ୍ୟନ୍ତ ତାହା ଆକଳନ କରିନାହାନ୍ତି। ତେବେ ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ୪୧ ଲକ୍ଷ ଚାଷୀ ଥିବାବେଳେ ୬୭.୪୦ ଲକ୍ଷ କୃଷି ଶ୍ରମିକ ରହିଛନ୍ତି।

ଚାଷୀ ଆନ୍ଦୋଳନକୁ ନେଇ ରାଜନୀତି ମଧ୍ୟ ଜୋର ଧରିଛି। ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିବା ବେଳେ ସରକାରୀ ଦଳ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛନ୍ତି। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଚାଷୀ ପାଇଁ ସଚେତନ ନୁହନ୍ତି। ସେମାନଙ୍କୁ ସବୁବେଳେ ଭଣ୍ଡାଇ ଆସିଛନ୍ତି। ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଚାଷୀ ଆନ୍ଦୋଳନକୁ ଦବାଇବାକୁ ସରକାର ଚେଷ୍ଟା କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ।

### ୫ ମାଓବାଦୀ...

ଟ୍ରାକ୍ଟର ପୋଡି ସହ ୫୦ଟି ମାଓବାଦୀ ହିଂସାରେ ଜଡିତ ଥିବା ଜଣାପଡିଛି। ଯବାନମାନେ ଜଙ୍ଗଲରେ ତଲାସୀ ଜାରି ରଖିଛନ୍ତି। ସେମାନେ ଫେରିବା ପରେ ସବିଶେଷ ତଥ୍ୟ ଜଣାପଡ଼ିବ ବୋଲି ଏସ୍‌ପି ମୀନା ପ୍ରକାଶ କରିଛନ୍ତି।

ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଏସ୍‌ଓଜି ଯବାନମାନଙ୍କ ଏହା ଏକ ଭଲ ଅପରେଶନ ଥିଲା। ଯେଉଁ ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ, ସେମାନଙ୍କୁ ଚିହ୍ନଟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ମାଓବାଦୀ ପ୍ରବଣ ଅଞ୍ଚଳକୁ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନ ଯିବା ପାଇଁ ଡିଜିପି ଶର୍ମା ପରାମର୍ଶ ଦେଇଛନ୍ତି। ନିକଟରେ ଛତିଶଗଡ଼ରେ ମାଓବାଦୀଙ୍କ ଗୁଳିରେ ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମୃତ୍ୟୁ ଘଟିଥିଲା।

### ଫୁଲବାଣୀରେ...

ଆହତ ହୋଇଛନ୍ତି। ସେ ହେଲେ ଗୋଚ୍ଛାପଡା ଥାନା ସଲାଗୁଡ଼ା ପଞ୍ଚାୟତ କୁମ୍ଭାରଖୋଲ ଗ୍ରାମର ମୁନା ଦିଗାଲ। ମୁନାଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଥିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ନିକଟରୁ ଏକ ଦେଶୀ ବନ୍ଧୁକ ଓ ବାଇକ୍ ଜବତ କରାଯାଇଛି। ଗଞ୍ଜେଇ ମାଫିଆ ଭାବେ ଜଣାଶୁଣା ମୁନାଙ୍କ ନାମରେ ବହୁ ମାମଲା ରହିଛି। ଶୁକ୍ରବାର ଗୋଚ୍ଛାପଡ଼ା ଥାନା ଅଧିକାରୀଙ୍କୁ ଆକ୍ରମଣ ଘଟଣାରେ ମଧ୍ୟ ସେ ସମ୍ପୃକ୍ତ ଥିଲେ। ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ଏହି ସୂଚନା ଦେଇଛନ୍ତି।

ଗୋଚ୍ଛାପଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଚାଲିଥିଲା। ରବିବାର ରାତିରେ ଟାଉନ ଥାନାଧିକାରୀ ସତ୍ୟବ୍ରତ ରାଉତଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିଲା। ବ୍ରାହ୍ମଣୀ ପାହାଡ ନିକଟ ରାସ୍ତାରେ ମୁନା ବାଇକ ନେଇ ଯାଉଥିବା ବେଳେ ପୋଲିସ ଅଟକାଇଥିଲା। ମୁନା ୩ ରାଉଣ୍ଡ ଗୁଳି ଫୁଟାଇ ଖସିଯିବାକୁ ଉଦ୍ୟମ କରିଥିଲେ। ଏଥିରୁ ୨ଟି ଗୁଳି ପୋଲିସ ଭ୍ୟାନରେ ବାଜିଥିଲା। ଜବାବରେ ପୋଲିସ ପାଲଟା ଗୁଳି ଚଳାଇଥିଲା। ଗୋଟିଏ ଗୁଳି ମୁନାଙ୍କ ଗୋଡରେ ବାଜିବାରୁ ସେ ଅଟକି ଯାଇଥିଲେ। ଫଳରେ ତାଙ୍କୁ କାବୁ କରାଯାଇଥିଲା।

ଅତିରିକ୍ତ ଏସ୍‌ପି ଆହୁରି କହିଛନ୍ତି, ଗୋଚ୍ଛାପଡା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ଆକ୍ରମଣ ଘଟଣା ପଛରେ ଗଞ୍ଜେଇ କାରବାର ରୋକିବା ମୁଖ୍ୟ କାରଣ ରହିଥିଲା। ପୋଲିସ ଗଞ୍ଜେଇ ଗଛ କାଟିବା, ଗଞ୍ଜେଇ ଜବତ କରିବା ଓ କେତେଜଣଙ୍କୁ ଗିରଫ କରିଛି। ଏଥିରେ ପ୍ରତିଶୋଧ ପରାୟଣ ହୋଇ ମୁନା ଥାନା ଅଧିକାରୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କର ଜଣେ ଭାଇ ଓ ଅନ୍ୟମାନେ ମଧ୍ୟ ଆକ୍ରମଣ ଘଟଣାରେ ସାମିଲ ଅଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ । ଘଟଣାର ଅଧିକ ତଦନ୍ତ କରାଯିବ । ଆବଶ୍ୟକ ପଡ଼ିଲେ ମୁନାଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଅତିରିକ୍ତ ଏସ୍‌ପି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ସଞ୍ଜୟ ରାଉତ, ସଦର ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଟାଉନ ଥାନାଧିକାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ଗୋଚ୍ଛାପଡା ଥାନାଧିକାରୀ କୌଣସି କାମରେ ଫୁଲବାଣୀ ସହରସ୍ଥିତ ଏକ ଏଟିଏମ୍ ପାଖରେ ଠିଆ ହୋଇଥିଲେ । ହଠାତ୍ ଲାଇନ ଚାଲିଯିବାରୁ ତାଙ୍କୁ ପିଛା କରୁଥିବା ମୁନା ପଛପଟୁ ବେକକୁ ଟାଙ୍ଗିଆରେ ଚୋଟ ମାରି ସହଯୋଗୀଙ୍କ ସହ ଫେରାର ହୋଇଯାଇଥିଲେ । ଏ ନେଇ ଟାଉନ ଥାନାରେ ନଂ.୧୯୯/୧୮ରେ ମାମଲା ରୁଜୁ ହୋଇଥିଲା ।

### ଶିଶୁ ଯୌନ ନିର୍ଯାତନାରେ...

ଡ. ବେଣୁଧର ସେନାପତି ସୋମବାର ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନଙ୍କ ନିକଟରେ ପିଟିଶନଦାଖଲ କରିଛନ୍ତି। ଚାଇଲ୍ଡଲାଇନ ପକ୍ଷରୁ ଅନେକ ପ୍ରସ୍ତାବ ଦିଆଯାଇଛି। ଗାଇଡ୍‌ଲାଇନ୍‌କୁ କଡାକଡି ପାଳନ କରିବା ପାଇଁ କମିଶନ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବା ଉଚିତ ବୋଲି ପରାମର୍ଶ ଦିଆଯାଇଛି। ସେହିପରି ଚାଇଲ୍ଡଲାଇନ ପକ୍ଷରୁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଶାସନ ସଚିବ ଅନୁ ଗର୍ଗ ଏବଂ ନିର୍ଦ୍ଦେଶକ ରେଘୁ ଜୀଙ୍କ ନିକଟରେ ମଧ୍ୟ ପିଟିଶନ ଦାଖଲ କରାଯାଇଛି। ଶୀଘ୍ର ଏ କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିବା ବେଣୁଧର କହିଛନ୍ତି।

# ଦୃଢ଼ ଇଚ୍ଛାଶକ୍ତି ସହ ଆଗକୁ ବଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

- ୩୫୪୯ଜଣଙ୍କୁ ଓଡ଼ିଆ ଭାଷା ବୃତ୍ତି
- ୩୫,୪୯୦ଜଣଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି
- ପୁରସ୍କାର ପାଇଲା ୧୦୬୧ଟି ବିଦ୍ୟାଳୟ

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ଛାତ୍ରୀଛାତ୍ରମାନଙ୍କୁ ଓଡ଼ିଆ ଭାଷା ବୃତ୍ତି, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପ୍ରଦାନ କରିବା ସହିତ ଯୁକ୍ତ୨ ଛାତ୍ରୀଛାତ୍ରମାନଙ୍କୁ ଲାପଟପ୍ ପ୍ରଦାନ କରିଛନ୍ତି। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସ୍କୁଲକୁ ପୁରସ୍କୃତ କରାଯିବା ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ଏଥିସହିତ ମୁଖ୍ୟମନ୍ତ୍ରୀ ରାଜ୍ୟର ସମସ୍ତ ବ୍ଲକ୍‌କୁ ଓସ୍ୱାନ (ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱର୍କ) ସଂଯୋଗ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟନ୍ତ୍ରୀ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି। ଥ୍ରି-ଟି କାର୍ଯ୍ୟକ୍ରମକୁ ଆଗକୁ ନେବା ସହ ରାଜ୍ୟବାସୀଙ୍କୁ ଉତ୍ତମ ସେବା ଯୋଗାଇଦେବାରେ ଏହା ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।

ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୩୫୪୯ଜଣ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାବୃତ୍ତି ପ୍ରଦାନ କରାଯାଇଛି। ଆର୍ଥିକ ପୁରସ୍କାର ବାବଦକୁ ଛାତ୍ରୀଛାତ୍ରଙ୍କ ପିଛା ୫ହଜାର ଟଙ୍କା ଲେଖାଏ ମୋଟ ୧.୭୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେହିପରି ମାଟ୍ରିକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା ୩୫,୪୯୦ଜଣ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଛି। ପ୍ରତି ଛାତ୍ରୀଛାତ୍ରଙ୍କୁ ବୃତ୍ତି ବାବଦକୁ ୫ହଜାର ଟଙ୍କା ଲେଖାଏ ମୋଟ ୧୭.୭୫ କୋଟି ପ୍ରଦାନ କରାଯାଇଛି। ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୦୬୧ଟି ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଛି। ପ୍ରତି ସ୍କୁଲକୁ ୧ଲକ୍ଷ ଟଙ୍କା ହିସାବରେ ସମୁଦାୟ ୧୦କୋଟି ୬୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଚଳିତବର୍ଷ ଯୁକ୍ତ୨ରେ ଭଲ କରିଥିବା ୧୫ ହଜାର ଛାତ୍ରୀଛାତ୍ରଙ୍କୁ ବିଜୁ ସଶକ୍ତୀକରଣ ଯୋଜନାରେ ଲାପଟପ୍ ପ୍ରଦାନ କରାଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବ୍ଲକ୍‌ର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପିତାମାନଙ୍କ ସହ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୧୭ ଶିଶୁଦିବସରେ 'ମୋ ସ୍କୁଲ' କାର୍ଯ୍ୟକ୍ରମ ଘୋଷଣାବେଳେ ଆମ ହାଇସ୍କୁଲ ପିଲାଙ୍କ ପାଇଁ ୫ଟି ପୁରସ୍କାର ଘୋଷଣା କରିଥିଲି। ଏହିସବୁ ପୁରସ୍କାର ଲକ୍ଷ୍ୟ ହେଉଛି ଆମେ ଭଲ ପାଠ ପଢ଼ିବା, ଆମ ଭାଷାକୁ ଭଲ ପାଇବା ଓ ଶ୍ରେଷ୍ଠ ହେବା। ମୁଁ ବହୁତ ଖୁସି ଯେ ପିଲାମାନେ ଏହି ଆହ୍ୱାନକୁ ଗ୍ରହଣ କରିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ସହ ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ପଞ୍ଚାୟତରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, କ୍ରୀଡ଼ା ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରାଙ୍କ ସହିତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ଏମ୍ସ ପିଜି ପ୍ରବେଶିକା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୫।୧୧(ବ୍ୟୁରୋ)

ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ)ର ୬ ବିଭାଗରେ ସ୍ନାତକୋତ୍ତର (ପିଜି) ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ନଭେମ୍ବର ୧୮ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି। ନାମ ପଞ୍ଜୀକରଣ କରିଥିବା ପରୀକ୍ଷାର୍ଥୀଙ୍କ ପାଇଁ ସୋମବାରଠାରୁ ଆଡ୍‌ମିଟ୍ କାର୍ଡ ଏମ୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ଏହି ୱେବ୍‌ସାଇଟ୍‌କୁ ଯାଇ ଆଡମିଟ୍ କାର୍ଡ ବାହାର କରିପାରିବେ। ୧୮ରେ ପରୀକ୍ଷା ହେବାକୁ ଥିବାବେଳେ ଏହାର ଫଳାଫଳ ୨୩ ନଭେମ୍ବରରେ ପ୍ରକାଶ ପାଇବ। ସେହିପରି ଜୁଲାଇ ଶିକ୍ଷାବର୍ଷ ପିଜି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଅକ୍ଟୋବର ୧୮ରୁ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଏହାର ପରୀକ୍ଷା ମେ' ୫ରେ ଅନୁଷ୍ଠିତ ହେବ। ସେହିମାସ ୧୦ ତାରିଖରେ ପରୀକ୍ଷା ଫଳ ପ୍ରକାଶ ପାଇବ।

ବର୍ଷ ୨୦୧୯ ପାଇଁ ଏମ୍ସରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ମେ' ୨୫ ଓ ୨୬ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଜୁନ୍ ୧୨ରେ ଫଳ ପ୍ରକାଶ ପାଇବା ପରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ନେଇ ସଂସ୍ଥାନ କାଉନ୍‌ସେଲିଂ କରିବ। ଏହାପରେ ଛାତ୍ରୀଛାତ୍ରଙ୍କୁ ଏମ୍ସ ନୂଆଦିଲ୍ଲୀ ସମେତ ଭୋପାଳ, ଋଷିକେଶ, ପାଟଣା, ଯୋଧପୁର, ଗୁଣ୍ଟୁର, ନାଗପୁର, ରାୟପୁର ଏବଂ ଭୁବନେଶ୍ୱର ସଂସ୍ଥାନଗୁଡ଼ିକରେ ନାମ ଲେଖାଇବାକୁ ଅନୁମତି ମିଳିବ। ପ୍ରବେଶିକା ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ରଙ୍କୁ ନାମ ପଞ୍ଜୀକରଣ କରିବାକୁ ପଡିଥାଏ। ଜାନୁୟାରୀ ପ୍ରଥମ ସପ୍ତାହରୁ ବେସିକ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇ ୩୧ ତାରିଖ ଯାଏ ଚାଲିବ। ସେହିପରି ପଞ୍ଜୀକରଣର ଚୂଡ଼ାନ୍ତ ପର୍ଯ୍ୟାୟ ମାର୍ଚ୍ଚ ଯାଏ ଚାଲିବ। ମେ' ପହିଲାରୁ ଛାତ୍ରୀଛାତ୍ର ଆଡ୍‌ମିଟ୍ କାର୍ଡ ବାହାର କରିବାକୁ କୁହାଯାଇଛି। ଜୁଲାଇ ପ୍ରଥମ ସପ୍ତାହରେ ପ୍ରଥମ ପର୍ଯ୍ୟାୟ କାଉନ୍‌ସେଲିଂ କରାଯିବ। ଅଗଷ୍ଟ ପ୍ରଥମ ସପ୍ତାହରେ ଦ୍ୱିତୀୟ ପର୍ଯ୍ୟାୟ କାଉନସେଲିଂ ଏବଂ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ତୃତୀୟ ପର୍ଯ୍ୟାୟ କାଉନ୍‌ସେଲିଂ କରାଯିବ। ଏହାପରେ ଯଦି ସିଟ୍ ବଳକା ପଡ଼ିଲା, ତେବେ ସେଗୁଡ଼ିକର ପୂରଣ ପାଇଁ ସେପ୍ଟେମ୍ବର ଚତୁର୍ଥ ସପ୍ତାହରେ ମୁକ୍ତ କାଉନ୍‌ସେଲିଂ ହେବ ବୋଲି ଏମ୍ସ ତା'ର ପରୀକ୍ଷା ପରିଚାଳନା କାର୍ଯ୍ୟସୂଚୀରେ ପ୍ରକାଶ କରିଛି।

# ୪ ଦିନ ପରେ ଶୀତ ବଢ଼ିବ

**ଭୁବନେଶ୍ୱର,୫।୧୧(ବ୍ୟୁରୋ):** ୪ ଦିନ ପରେ ରାଜ୍ୟରେ ଶୀତ ବଢ଼ିବ। ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ତଳକୁ ଖସିବ। ଧୀରେ ଧୀରେ ଶୀତର ପ୍ରକୋପ ବଢ଼ିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଶ୍ରୀଲଙ୍କା ଏବଂ ତାମିଲନାଡୁ ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ ଉତ୍ତର ପଶ୍ଚିମ ଦିଗକୁ ଗତିକରି ଶ୍ରୀଲଙ୍କା ଦେଇ ଅତିକ୍ରମ କରିଯିବ। ଏଥିଯୋଗୁ ଉତ୍ତର ଦିଗରୁ ରାଜ୍ୟକୁ ଥଣ୍ଡାବାୟୁ ବହିବା ସମ୍ଭାବନା ରହିଛି। ଏହାଛଡ଼ା ରାଜ୍ୟରେ ଘୂର୍ଣ୍ଣିବଳୟ ପ୍ରଭାବ ରହୁଥିବାରୁ ଆକାଶ ମେଘାଚ୍ଛନ୍ନ ରହୁଛି। ବାଦଲ ଦେଖା ଦେଉଥିଲେ ମଧ୍ୟ ବର୍ଷା ହେଉନାହିଁ। ଆସନ୍ତା ୯ ତାରିଖ ବେଳକୁ ଏହା ଅପସରି ଯିବା ସହ ସର୍ବନିମ୍ନ ତାପମାତ୍ରା ତଳକୁ ଖସିବାର ସମ୍ଭାବନା ରହିଛି।

ଦିନର ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ଉପରେ ରହୁଛି। ସୋମବାର ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୩୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡିରେ ସର୍ବନିମ୍ନ ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।







ତୁମକୁ ଯେ ଆଘାତ କରେ– ତାକୁ କ୍ଷମା କରିବା ନିଶ୍ଚୟ ତୁମର ଏକ ମହତ୍ତ୍ୱ। କିନ୍ତୁ ତୁମେ ଯଦି ଅନ୍ୟର ଆଘାତକାରୀଙ୍କୁ କ୍ଷମା କର– ତାହା କେବେ ବି ତୁମର ମହତ୍ତ୍ୱ ହୋଇ ନ ପାରେ। ତଥାପି ମଧ୍ୟ ଏମାନଙ୍କୁ କ୍ଷମା କରିପାର। କିନ୍ତୁ ପ୍ରୟୋଜନ ହେଲେ– ଏ କ୍ଷେତ୍ରରେ ବି, ପ୍ରତିବିଧାନ କରିବାକୁ ହେବ ତୁମକୁ। –ଶ୍ରୀଅରବିନ୍ଦ



# ସବୁ ସେହି ଗାତର ଦୋଷ

ବୈକୁଣ୍ଠନାଥ ମିଶ୍ର

ସରକାରମାନେ କ୍ଷମତାକୁ ଆସିବା ପରେ ପ୍ରାକ୍ ନିର୍ବାଚନୀ ପ୍ରତିଶ୍ରୁତିରୁ ଓହରିଯାଇ ଜନଅସନ୍ତୋଷର ଶିକାର ହୁଅନ୍ତି। କ୍ଷମତାମୋହରେ ଜନତାଙ୍କ ପ୍ରତି ଥିବା ଅଙ୍ଗୀକାରବଦ୍ଧତାକୁ ବିସ୍ମୃତ ହୁଅନ୍ତି। ବ୍ୟକ୍ତି ସ୍ୱାର୍ଥ ଆଗରେ ସମୂହ ସ୍ୱାର୍ଥ ଗୌଣ ହୋଇଯାଏ। ପୁଣି ନିର୍ବାଚନ ବିଗୁଲ୍ ବାଜିଲେ ମନେପଡ଼ନ୍ତି ସାଧାରଣ ଜନତା। କିନ୍ତୁ ସେତେବେଳକୁ ନେଡିଗୁଡ କହୁଣିରେ ପହଞ୍ଚି ସାରିଥାଏ। ଲୋକଙ୍କୁ ମନେଇବା ପାଇଁ ନାନାଦି କଳାକୌଶଳ ଓ ଅସତ୍ ମାର୍ଗ ଆପଣେଇବାକୁ ହୁଏ। ଏଠାରେ ପ୍ରଶ୍ନ ଉଠେ ସରକାର ଜାଣି ଜାଣି ଜନସ୍ୱାର୍ଥକୁ ଅବହେଳା କରନ୍ତି ନା ଏହା ତାଙ୍କ ଶକ୍ତିର ବାହାରେ? ଯଦି ଶକ୍ତିର ବାହାରେ ଅର୍ଥାତ୍ ଜନସେବାରେ ଅସମର୍ଥ ତେବେ ଶାସନଗାଦିରେ ତାଙ୍କର କୌଣସି ଅଧିକାର ନାହିଁ। କିନ୍ତୁ ଜନସେବାରେ ସମର୍ଥ ଥାଇ ମଧ୍ୟ ଜାଣିଜାଣି କରନ୍ତି ନାହିଁ, ତେବେ ଏହା ହୁଏ ତ ରାଜଗାଦିର ଦୋଷ କିମ୍ବା ଜନତାର ଦୁର୍ଭାଗ୍ୟ ବୋଲି ବୁଝିବାକୁ ହେବ।

ଏଠାରେ ଗୋଟିଏ ଗଳ୍ପର ଅବତାରଣା ପ୍ରାସଙ୍ଗିକ ମନେହୁଏ। ଜଣେ ଯୁବକ ପ୍ରତ୍ୟହ ବିଲକୁ ଯାଇ ହିଡମୂଳେ ଥିବା ଗାତରେ ହାତ ପୂରାଇ କଙ୍କଡା ଧରେ। ଥରେ ଗାତରେ ହାତ ପୂରାଇ ପୂର୍ବ ଅଭିଜ୍ଞତା ବଳରେ ସେ ଜାଣିଲା ଯେ ଗାତରେ ଏକ ଧଣ୍ଡସାପ ଅଛି। ସେ ଧଣ୍ଡ ଲାଞ୍ଜକୁ ଧରି ବାହାରକୁ ଆଣିଲା ଓ ବୁଲାଇ ବୁଲାଇ ଦୂରକୁ ଫିଙ୍ଗିଦେଲା। ଶୁଷ୍କ ଟାଙ୍ଗର ମାଟିର କଠିନ ଆଘାତରେ ସାପଟି ମୃତବତ୍ ପଡିରହିଲା। ଦୁଇଦିନ ପରେ ଟିକିଏ ସୁସ୍ଥ ହେଲାବେଳକୁ ଏକ ବିଷାକ୍ତ ତମ୍ପ ସହ ତା'ର ସାକ୍ଷାତ ହେଲା। ଧଣ୍ଡଠାରୁ ସବୁ ଶୁଣି ତମ୍ପ କହିଲା, ତୁ ଏକ ବିଷହୀନ ସର୍ପ। ତେଣୁ ସେ ଯୁବକ ତୋର ଏ ଅବସ୍ଥା କଲା। ମୁଁ ହୋଇଥିଲେ ସେ ମୋର କିଛି କରିବା ପୂର୍ବରୁ ତା' ଜୀବନ ଶେଷ କରିଦେଇଥାନ୍ତି। ଧଣ୍ଡଠାରୁ ଗାତର ଠିକଣା ବୁଝି ତମ୍ପ ସେ ଯୁବକକୁ ପାନେ ଦେବା ଚକ୍କରରେ ଗାତରେ ଲୁଚି ରହିଲା। ଯୁବକଟି ଗାତ ନିକଟରେ ପହଞ୍ଚି ତା'ର ଦୀର୍ଘ ଅନୁଭୂତି ବଳରେ ଜାଣିଲା ଯେ ଗାତରେ ତମ୍ପ ଅଛି। ତେଣୁ ସେ ଅତି ସାବଧାନତାର ସହ ତମ୍ପ ଲାଞ୍ଜକୁ ଧରି ବାହାରକୁ ଆଣିଲା ଓ ଧଣ୍ଡଠାରୁ ଅଧିକ ବେଗରେ ଘୂରାଇ ଦୂରକୁ ଫିଙ୍ଗିଦେଲା। ମୁମୂର୍ଷୁ ଅବସ୍ଥାରେ ତମ୍ପଟି ପଡିଥାଏ। ଧଣ୍ଡ ସୁସ୍ଥ ହୋଇ ସେହି ବାଟେ ଗଲାବେଳେ ତମ୍ପ ସହ ଭେଟ ହେବାରୁ ଧଣ୍ଡ ପଚାରିଲା, କ'ଣ ତମ୍ପ ଭାଇ, ସେ ଯୁବକକୁ ମାରିଲେଟି? ଅସହ୍ୟ ଯନ୍ତ୍ରଣାରେ ଜର୍ଜରିତ ତମ୍ପ ସଲଜ ଉତ୍ତର ଦେଲା–ମୁଁ ତାକୁ ମାରିପାରିଥାନ୍ତି ଯେ, କିନ୍ତୁ ସାମାନ୍ୟ ଅସାବଧାନତାରୁ ଟୋକାଟା ଖସିଗଲା। ଧଣ୍ଡ କହିଲା–କାହିଁଗଲା ତୁମ ଦମ୍ଭୋକ୍ତି? ତମ୍ପ ଉତ୍ତର ଦେଲା–ଯାହା କହ ଭାଇ ସବୁ ସେ ଗାତର ଦୋଷ !

ଏ ଗଳ୍ପର ତାତ୍ପର୍ଯ୍ୟ ହେଲା–ସ୍ୱାଧୀନତାର ଦୀର୍ଘ ଅବଧି ମଧ୍ୟରେ ଭାରତବାସୀ କେତେ ଶାସକଙ୍କୁ ଦେଖି ଆସିଲେଣି। କେତେ ସରକାର ଆସିଛନ୍ତି ଓ ଘଟଣାକ୍ରମେ ବିଦାୟ ନେଇଛନ୍ତି। କିନ୍ତୁ ଭାରତୀୟଙ୍କ ଭାଗ୍ୟ ଆକାଶରେ ଅମା ଅନ୍ଧାର ରାଜୁତି କରିଚାଲିଛି। ଧଣ୍ଡକୁ ଦେଖି ତମ୍ପ ବାହୁସ୍ଫୋଟ ମାରିବା ପରି ସବୁ ରାଜନୈତିକ ଦଳ ନିର୍ବାଚନ ପୂର୍ବରୁ ଲୋକଙ୍କୁ ରଙ୍ଗିନ ସ୍ୱପ୍ନ ଦେଖାନ୍ତି ଓ ପୂର୍ବ ସରକାରର ଅପାରଗତାକୁ ବଖାଣନ୍ତି। ପୂର୍ବ ସରକାର ଧଣ୍ଡ ଓ ଆମେ ତମ୍ପ। ଆମେ କଙ୍କଡାମାନଙ୍କୁ ଶିକାରୀର କ୍ରୂର ପଞ୍ଝାରୁ ମୁକ୍ତି ଦେବୁ। ଲୋକେ ସୁଖରେ କାଳାତିପାତ କରିବେ। ଦେଶରୁ ଦୁର୍ନୀତି ଓ କଳାଧନର ଅସ୍ତିତ୍ୱ ଲୋପ ପାଇବ। ବିଦେଶୀ ବ୍ୟାଙ୍କରେ ଗଚ୍ଛିତ ବିପୁଳ କଳାଧନକୁ ଫେରାଇ ଆଣିବୁ। ଏ ଦେଶରୁ ଦାରିଦ୍ର୍ୟ ଲୋପ ପାଇବ। ଦେଶର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ଭାରତ ହେବ ବିଶ୍ୱ ପାଇଁ ଅନୁକରଣୀୟ ଏକ ସୁଖଶାନ୍ତିର ଦେଶ। ବିଚରା ଭୋଟଦାତା ତାଙ୍କ ମନଭୁଲାଣିଆ କଥାରେ ଭୁଲିଯାଇ ନିର୍ବାଚନରେ ତାଙ୍କୁ ଜୟଯୁକ୍ତ କରନ୍ତି। ସୁବର୍ଣ୍ଣ କଙ୍କଣ ଲୋଭରେ ବୃଦ୍ଧ ବ୍ରାହ୍ମଣର ଦୁର୍ଦ୍ଦଶା ତାକୁ ଭୋଗିବାକୁ ହୁଏ। ସେ ଯୁବକଟି ହେଉ କି ଧଣ୍ଡ ଅବା ତମ୍ପ–କାହାରି କବଳରୁ କଙ୍କଡାମାନଙ୍କର ମୁକ୍ତି ନାହିଁ।

ଏ ଦେଶରେ ପ୍ରଧାନମନ୍ତ୍ରୀମାନଙ୍କ ସମୟରେ ହୋଇଥିବା ଦୁର୍ନୀତିରାଶି ଗଣତନ୍ତ୍ର ପାଇଁ ଶକ୍ତ ଧକ୍କା। ଜବାହରଲାଲଙ୍କଠାରୁ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ, ଶାସ୍ତ୍ରିଜୀଙ୍କ ପରି ଅଳ୍ପ କେତେକଙ୍କୁ ବାଦ୍ ଦେଲେ ଦୁର୍ନୀତିର କଳାବାଦଲ ସମସ୍ତଙ୍କୁ ଆଚ୍ଛାଦିତ କରିଛି। ନେହେରୁଙ୍କ ସମୟର ମୁଦ୍ରା ଦୁର୍ନୀତି ତିନି କୋଟି, ଯାହାର ପର୍ଦ୍ଦାଫାଶ କରିଥିଲେ ବିଶିଷ୍ଟ ସାଂସଦ ତଥା ନେହେରୁଙ୍କ ଜାମାତା ଫିରୋଜ ଗାନ୍ଧୀ। ଏତଦ ବ୍ୟତୀତ ଖଣି ଦୁର୍ନୀତି ଦୁଇ କୋଟି ଓ କାଏରୋର ତେଲକିଣା ଦୁର୍ନୀତି ଏକ କୋଟି। ଇନ୍ଦିରାଙ୍କ ସମୟରେ ଭଜନ ଲାଲ ଜମି ଘୋଟାଲା ତିନି କୋଟି, ସୁନା ହାତଘଡି ଚାଲାଣ ୧୧ କୋଟି, ଇନ୍ଦିରା ପ୍ରତିଷ୍ଠାନ ଦୁର୍ନୀତି ୧୦ କୋଟି ଓ ତୈଳ କୂପ ଖନନ ୨ କୋଟି ଇତ୍ୟାଦି। ରାଜୀବ ଗାନ୍ଧୀଙ୍କ ସମୟର ମହାଦୁର୍ନୀତି ମଧ୍ୟରେ ଅଛି ବୋଫର୍ସ ୬୫ କୋଟି, ଯେଉଁଥିରେ ରାଜୀବଙ୍କର ପ୍ରତ୍ୟକ୍ଷ ସଂପୃକ୍ତିର ଅଭିଯୋଗ ଉଠିଥିଲା। ଏତଦବ୍ୟତୀତ ମଧ୍ୟପ୍ରଦେଶ ଲଟେରି ସ୍କାମ୍ ୧୦୦ କୋଟି, ମହାରାଷ୍ଟ୍ର ସରକାରୀ ଫ୍ଲାଟ ବିକ୍ରି ସ୍କାମ୍ ଦୁଇହଜାର କୋଟି, ପାଣିଜାହାଜ ସ୍କାମ୍ ୩୦ କୋଟି ଓ ଏୟାର ବସ୍ କିଣା ସ୍କାମ୍ ୨୦୦ କୋଟି ଇତ୍ୟାଦି। ନରସିଂହରାଓଙ୍କ ସମୟର ଚିନି ଓ ସାର ଦୁର୍ନୀତି ୧୦୦ କୋଟି, ଯେଉଁଥିରେ ପ୍ରଧାନମନ୍ତ୍ରୀଙ୍କ ପୁଅର ସମ୍ପୃକ୍ତି ଥିବା ଅଭିଯୋଗ ଉଠିଥିଲା। ଏହି ସମୟରେ ବିହାର ଗୋଖାଦ୍ୟ ଦୁର୍ନୀତି ୯୫୦ କୋଟି, ସୁଖରାମ ଟେଲିକମ୍ ସ୍କାମ୍ ୧୨୦୦ କୋଟି, ଏବିଭି ଲୋକୋ ନିର୍ମାଣ ସ୍କାମ୍ ୭୦୦ କୋଟି, ଇଣ୍ଡିଆନ ବ୍ୟାଙ୍କ ଅର୍ଥ ହଡପ ୭୬୩ କୋଟି ଇତ୍ୟାଦି ପ୍ରମୁଖ ଦୁର୍ନୀତି ସହ ଚନ୍ଦ୍ରାସ୍ୱାମୀ କେଳେଙ୍କାରୀ ନରସିଂହ ରାଓଙ୍କ ସମୟର କଳଙ୍କିତ ଘଟଣା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଅନ୍ୟତମ ଶ୍ରେଷ୍ଠ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ଯାହାଙ୍କର ଜନପ୍ରିୟତା କୋଟି କୋଟି ଭାରତୀୟଙ୍କୁ ପ୍ରଭାବିତ କରିଥିଲା। ତାଙ୍କ ସରଳତାର ସୁଯୋଗ ନେଇ ଓ ତାଙ୍କୁ ଅନ୍ଧାରରେ ରଖି ଦୁର୍ନୀତିପ୍ରବଣ ନେତାମାନେ କାୟାବିସ୍ତାର କରି ଚାଲିଥିଲେ। ତାଙ୍କ ସମୟରେ ତଥ୍ୟ ଓ ପ୍ରଯୁକ୍ତି ସ୍କାମ୍ ୬ କୋଟି ୫୦ ଲକ୍ଷ, ସୈନ୍ୟବାହିନୀ ଜୋତା, ପୋଷାକ ଓ କଫିନ କିଣା ଦୁର୍ନୀତି ୨୧୫୦ କୋଟି, ତେଲ୍‌ଗୀ ଷ୍ଟାମ୍ପ ପେପର ସ୍କାମ୍ ୨୩ ହଜାର କୋଟି, ୟୁନିଟ୍‌ଟ୍ରଷ୍ଟ ଦୁର୍ନୀତି ୯,୫୦୦ କୋଟି ଇତ୍ୟାଦି ପ୍ରମୁଖ ଦୁର୍ନୀତିର ଅଭିଯୋଗ ଉଠିଥିଲା। ଏହା ବ୍ୟତୀତ ଜେରକ୍ସ ମେଶିନ କ୍ରୟ, ପେଟ୍ରୋଲ ପମ୍ପ ଓ ରନ୍ଧନ ଗ୍ୟାସ ଦୁର୍ନୀତିର ଅଭିଯୋଗ ଉଠିଥିଲା।

ମନମୋହନ ସିଂଙ୍କ ସମୟର ପ୍ରମୁଖ ଆର୍ଥିକ ବିଶୃଙ୍ଖଳା ମଧ୍ୟରେ ଅଗଷ୍ଟା ହେଲିକପ୍ଟର କିଣା ୩,୬୦୦ କୋଟି, ଇସ୍ରାଏଲରୁ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର କ୍ରୟ ସ୍କାମ୍ ୧୦ ହଜାର କୋଟି, ଇସ୍ରାଏଲ ମିଲିଟାରୀ ଇଣ୍ଡଷ୍ଟ୍ରିଜଠାରୁ ନାଳନ୍ଦା ବୋଫର୍ସ ହାଓ୍ୱିଜ ପାଇଁ ତୋପ ସରଞ୍ଜାମ ଖର୍ଦ୍ଦି ସ୍କାମ୍ ୧୨୦୦ କୋଟି, ଯେଉଁଥିରେ ମହା ନିର୍ଦ୍ଦେଶକ ଥିବା ସୁଦୀପ୍ତ ଘୋଷ ଓ ତାଙ୍କ ସହଯୋଗୀ ଗିରଫ ହୋଇଥିଲେ। ସ୍କୋରପିନ ବୁଡ଼ାଜାହାଜ କ୍ରୟର ୪ ପ୍ରତିଶତ ଲାଞ୍ଚ ଭାରତର ନେତା ଓ ଅଫିସରମାନେ ନେଇଥିବାର ଅଭିଯୋଗ ଉଠିଥିଲା। ଏତଦ୍‌ବ୍ୟତୀତ ଖଣି ଦୁର୍ନୀତି, କୋଲବ୍ଲକ ଆବଣ୍ଟନ ଓ ୨ଜି ସ୍ପେକ୍ଟ୍ରମ ଦୁର୍ନୀତି ମଧ୍ୟ ମନମୋହନଙ୍କ ସମୟର ପ୍ରମୁଖ ଆର୍ଥିକ ଅନିୟମିତତା, ଯେଉଁଥିରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଥିଲା। ବର୍ତ୍ତମାନ ନରେନ୍ଦ୍ର ମୋଦି ସରକାର ପ୍ରତି ମଧ୍ୟ ଦୁର୍ନୀତିର ଅଙ୍ଗୁଳି ନିର୍ଦ୍ଦେଶ ହେଲାଣି। ମୋଦି ସରକାରର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ନାମରେ ତାଙ୍କ ଦଳର ବରିଷ୍ଠ ସାଂସଦ କୀର୍ତ୍ତି ଆଜାଦଙ୍କ ତଥ୍ୟ ଅନୁସାରେ ଫିରୋଜଶାହା କୋଟଲା ନବୀକରଣ ପାଇଁ ୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ଅତିରିକ୍ତ ଖର୍ଚ୍ଚ ୯୦ କୋଟି ଦର୍ଶାଯାଇଛି। ଗୋଟିଏ ଲାପଟପକୁ ୧୬ ହଜାର ଓ ଗୋଟିଏ ପ୍ରିଣ୍ଟରକୁ ୩ ହଜାର ଦର୍ଶାଯାଇ ଅନେକ କୋଟି ଟଙ୍କା ତୋସରପାତ କରାଯାଇଛି। ସେହିପରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ ଗିରିରାଜ ସିଂହ ବିହାରସ୍ଥିତ ନିଜ ଗ୍ରାମର ଜଣେ ଦଳିତଙ୍କ ୨ ଏକର ୬ ଡେସିମିଲ ଜମି ହଡପ କରିଥିବାର ଏକ ଗୁରୁତର ଅଭିଯୋଗ ଆସିଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ପୁଅ କମ୍ପାନୀର ଆର୍ଥିକ ଅନିୟମିତତା ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ନୀରବତା ଏହାର ପରୋକ୍ଷ ସ୍ୱୀକାର ବୋଲି ମନେହୁଏ। ନରେନ୍ଦ୍ର ମୋଦିଙ୍କ ସମୟର ପିଏନ୍‌ବି ମହା ଠକେଇ (ଯାହା ୧୧ ହଜାର କୋଟିରୁ ଉର୍ଦ୍ଧ୍ୱ)ଏବଂ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ବିଦେଶକୁ ପଳାୟନ ସବୁଠାରୁ ଉଦ୍‌ବେଗଜନକ। ସମ୍ପ୍ରତି ରାଫାଲ ଯୁଦ୍ଧବିମାନ କିଣାର ଘୋଟାଲା ଦେଶତମାମ ତୁମ୍ଫିତୋଫାନ ସୃଷ୍ଟି କରିଛି। ଫ୍ରାନ୍ସଠାରୁ ୩୦ଟି ଯୁଦ୍ଧବିମାନ କିଣା ସହ ଅନିଲ ଅମ୍ବାନୀଙ୍କ ରିଲାଏନ୍ସ ଡିଫେନ୍ସ ଲିମିଟେଡ ନାମକ ଏକ ନୂତନ ତଥା ଯୁଦ୍ଧବିମାନ ନିର୍ମାଣରେ ଅନଭିଜ୍ଞ କମ୍ପାନୀ ସହ ଅବଶିଷ୍ଟ ୯୦ଟି ଯୁଦ୍ଧବିମାନ ତିଆରି ପାଇଁ ଚୁକ୍ତିବଦ୍ଧ ହେବା ନିଶ୍ଚିତ ଭାବେ ଏକ ବୃହତ୍ ଦୁର୍ନୀତି ବୋଲି କଂଗ୍ରେସ ଅଭିଯୋଗ ଛି। ଦଳର ବ୍ୟକ୍ତିବିଶେଷଙ୍କ ଦୁର୍ନୀତିକୁ ଦଳୀୟ ଶୃଙ୍ଖଳାଭଙ୍ଗ ଭୟରେ ହେଉ ବା ଅନ୍ୟ କୌଣସି କାରଣ ଯୋଗୁ ପ୍ରଧାନମନ୍ତ୍ରୀମାନେ ଜାଣି ମଧ୍ୟ ନୀରବ ରହନ୍ତି। ଜନତାଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ଚଉକି ସୁରକ୍ଷା ଆଜିର ନେତାମାନଙ୍କ ପାଇଁ ଗୁରୁତ୍ୱ ବହନ କରେ। କଙ୍କଡାମାନଙ୍କୁ ମିଥ୍ୟା ସୁରକ୍ଷା ପ୍ରଦାନର ପ୍ରବଚନ ନିଜ କଚଡାକୁ ଆମନ୍ତ୍ରଣ କରେ। ଏହା ସେ ଗାତର ଦୋଷ ନୁହେଁ ତ ଆଉ କ'ଣ।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ–୯୯୩୭୪୫୦୫୪୦

# ବିଜ୍ଞାନରେ ନୋବେଲ ବିଜୟୀ ଭାରତୀୟ

କମଳାକାନ୍ତ ଜେନା

୧୯୨୧ ମସିହାରେ ୟୁରୋପ ଗସ୍ତ ସାରି ଜାହାଜରେ ଭାରତ ଫେରିବା ସମୟରେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ୩୩ ବର୍ଷୀୟ ଯୁବ ପ୍ରଫେସରଙ୍କୁ ଭୂମଧ୍ୟସାଗରର ନୀଳିମା ଅଭିଭୂତ କଲା। ପ୍ରକୃତିର ଗହନ ନୀଳିମା ତାଙ୍କୁ ଗବେଷଣା ପାଇଁ ଉତ୍ସାହିତ କଲା। ସମୁଦ୍ରର ନୀଳ ରଙ୍ଗ ଉପରେ ସେ ଗବେଷଣା ଆରମ୍ଭ କଲେ। ଦୀର୍ଘ ୭ ବର୍ଷର ଗଭୀର ଚିନ୍ତନ ପରେ ୧୯୨୮ ଫେବୃୟାରୀ ୨୮ ତାରିଖରେ ସେ ଏକ ମହାର୍ଘ ନୂତନ ସତ୍ୟ ଆବିଷ୍କାର କଲେ, ଯାହାର ନାମ 'ରମଣ ପ୍ରଭାବ'। ସେହି କୃତବିଦ୍ୟ ପଦାର୍ଥବିଜ୍ଞାନୀ ହେଲେ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ। ଆଲୋକର ଅଦ୍ଭୁତ ବ୍ୟବହାର ସମ୍ପର୍କିତ ତାଙ୍କର ଆବିଷ୍କାରକୁ ଦୁଇ ବର୍ଷ ପରେ ନୋବେଲ ସ୍ୱୀକୃତି ମିଳିଥିଲା। ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ଗ୍ରହଣ କଲେ। 'ରମଣ ପ୍ରଭାବ'ର ଆବିଷ୍କାର ଦିବସକୁ ୧୯୮୭ ମସିହାରୁ ଆମ ଦେଶରେ 'ଜାତୀୟ ବିଜ୍ଞାନ ଦିବସ'ର ମର୍ଯ୍ୟାଦା ମିଳିଛି। ଆସନ୍ତାକାଲି ରମଣଙ୍କର ଜନ୍ମଦିନ। ସେ ୧୮୮୮ ନଭେମ୍ବର ୭ ତାରିଖରେ ତାମିଲନାଡୁର ତ୍ରିଚିନାପଲୀଠାରେ ଜନ୍ମଗ୍ରହଣ କରିଥିଲେ।

ସୁଇଡେନ୍ ରସାୟନ ବିଜ୍ଞାନୀ ତଥା ଡିନାମାଇଟ୍ ଆବିଷ୍କାରକ ଆଲ୍‌ଫ୍ରେଡ୍ ନୋବେଲଙ୍କ ସ୍ମୃତିରେ ପ୍ରତିବର୍ଷ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାହିତ୍ୟ, ଚିକିତ୍ସା ବିଜ୍ଞାନ, ଶାନ୍ତି ପ୍ରତିଷ୍ଠା ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ନୋବେଲ ସମ୍ମାନ ପ୍ରଦାନ କରାଯାଏ। ୧୯୦୧ରୁ ୨୦୧୮ ମସିହା ପର୍ଯ୍ୟନ୍ତ ୯୩୫ ଜଣଙ୍କୁ ସମୁଦାୟ ୫୯୦ଟି ପୁରସ୍କାର ଦିଆଯାଇଛି। ସେଥିମଧ୍ୟରୁ ପଦାର୍ଥ ବିଜ୍ଞାନରେ ଏ ଯାଏ ୧୧୨ ଥର ଓ ୨୧୦ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି। ସେହିପରି ରସାୟନ ବିଜ୍ଞାନରେ ୧୧୦ ଥର ଓ ୧୮୧ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି ଏବଂ ଚିକିତ୍ସା ବିଜ୍ଞାନରେ ୧୦୯ ଥର ଓ ୨୧୬ ଜଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଛି। କିନ୍ତୁ ଅଦ୍ୟାବଧି ରମଣ ହେଉଛନ୍ତି ବିଜ୍ଞାନ କ୍ଷେତ୍ରରେ ଏକମାତ୍ର ଭାରତୀୟ ନୋବେଲ ବିଜୟୀ। ରୋନାଲ୍‌ଡ ରସ୍ ୧୯୦୨ ମସିହାରେ ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। ସେ ଉତ୍ତରାଖଣ୍ଡରେ ଜନ୍ମଗ୍ରହଣ କରିଥିଲେ, କିନ୍ତୁ ଭାରତୀୟ ନ ଥିଲେ। ପଞ୍ଜାବରେ ଜନ୍ମିତ ଅବଦୁସ୍ ସଲାମ ୧୯୭୯ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ। କିନ୍ତୁ ପାକିସ୍ତାନ ନାଗରିକ ଭାବରେ ପୁରସ୍କାର ଗ୍ରହଣ କରିଥିଲେ। ଚିକିତ୍ସା ବିଜ୍ଞାନରେ ହରଗୋବିନ୍ଦ ଖୁରାନା (୧୯୬୮), ପଦାର୍ଥ ବିଜ୍ଞାନରେ ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର (୧୯୮୩), ରସାୟନ ବିଜ୍ଞାନରେ ଭେଙ୍କଟରମଣ ରାମକ୍ରିଷ୍ଣନ୍ (୨୦୦୯) ନୋବେଲ ପୁରସ୍କାର ପାଇଛନ୍ତି। ସେମାନେ ଭାରତରେ ଜନ୍ମଗ୍ରହଣ କରିଥିଲେ ବି ଅନ୍ୟ ଦେଶର ନାଗରିକ ଭାବରେ ପୁରସ୍କାର ଗ୍ରହଣ କରିଛନ୍ତି।

ରମଣଙ୍କର ବାପା ଥିଲେ ପଦାର୍ଥ ବିଜ୍ଞାନ ଅଧ୍ୟାପକ। ଶିକ୍ଷାର ପରିବେଶ ଭିତରେ ରମଣ ଥିଲେ ଜିଜ୍ଞାସୁ ଉପାଦାନଟିଏ। ସେ ମାତ୍ର ୧୨ବର୍ଷ ବୟସରେ ମାଟ୍ରିକ୍ ପାସ୍ କରିଥିଲେ। ନିଜର ଦୁର୍ବଳ ସ୍ୱାସ୍ଥ୍ୟକୁ ନେଇ ଉଚ୍ଚଶିକ୍ଷା ପାଇଁ ବିଦେଶକୁ ଯାଇପାରିଲେ ନାହିଁ। ମାଡ୍ରାସର ପ୍ରେସିଡେନ୍‌ସି କଲେଜରେ ବିଜ୍ଞାନ ବିଷୟ ନେଇ ପଢ଼ିଲେ। ସେ ୧୯ ବର୍ଷ ବୟସରେ ଏମ୍.ଏସ୍‌ସି. ପରୀକ୍ଷାରେ ସମଗ୍ର ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏମ୍.ଏସ୍‌ସି. ପଢ଼ିବା ସମୟରେ ୧୯୦୬ ମସିହାରେ ଆଲୋକ ସମ୍ପର୍କିତ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ଏମ୍.ଏସ୍‌ସି. ପରେ ୧୯୦୭ ମସିହାରେ ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ସଫଳତା ପାଇଲେ। ତେଣୁ କଲିକତାର ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ପଦବୀରେ ଯୋଗଦେଲେ। କିନ୍ତୁ ଗବେଷଣା ମୋହ ତାଙ୍କୁ ସିଭିଲ୍ ସର୍ଭିସ୍‌ରୁ ଇସ୍ତଫା ଦେବାକୁ ବାଧ୍ୟ କରିଥିଲା। ସେ ୧୯୧୭ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ ଯୋଗଦେଲେ।

ଆଲୋକର ବିଚ୍ଛୁରଣ ଉପରେ ତାଙ୍କର ଗବେଷଣା ଜାରି ରହିଲା। ଗବେଷଣା ସକାଶେ ସେ ଯେଉଁ ଉପକରଣ ବ୍ୟବହାର କରୁଥିଲେ, ତାହାର ଦାମ୍ ଥିଲା ମାତ୍ର ୨୦୦ ଟଙ୍କା। ସେ ଜାଣିପାରିଲେ, ବେଞ୍ଜିନ୍ ପରି ସ୍ୱଚ୍ଛ ତରଳ ପଦାର୍ଥ ଭିତରେ ରଙ୍ଗିନ ଆଲୋକ ଗତି କଲେ ରଙ୍ଗରେ ପରିବର୍ତ୍ତନ ହୋଇପାରେ। ଯେଉଁ ରଙ୍ଗର ଆଲୋକ ପ୍ରବେଶ କରେ, ସେହି ରଙ୍ଗର ଆଲୋକ ମିଳିବା ସହିତ ଅନ୍ୟ ରଙ୍ଗର ଆଲୋକ ମିଳିଥାଏ। ପୂର୍ବରୁ ଲର୍ଡ ରାଲେ ଆଲୋକର ବିଚ୍ଛୁରଣ ଉପରେ ଗବେଷଣା କରିଥିଲେ ବି ସମାନ ରଙ୍ଗର ଆଲୋକ ମିଳେ ବୋଲି କହିଥିଲେ। ତେଣୁ ରମଣଙ୍କର ଗବେଷଣା ସମ୍ପୂର୍ଣ୍ଣ ମୌଳିକ ଓ ଚମକପ୍ରଦ ଥିଲା। ୧୯୯୮ ମସିହାରେ ଏହାକୁ 'ଆନ୍ତର୍ଜାତିକ ଐତିହାସିକ ରାସାୟନିକ ମାଇଲଖୁଣ୍ଟ'ର ମାନ୍ୟତା ବି ମିଳିଥିଲା। ଆଲୋକର ରଙ୍ଗରେ ଏଭଳି ପରିବର୍ତ୍ତନକୁ 'ରମଣ ପ୍ରଭାବ' କୁହାଯାଏ। ରମଣ ପ୍ରଭାବ ସାହାଯ୍ୟରେ ପଦାର୍ଥର ଅଣୁର ପରିଚୟ ଜଣାପଡ଼େ। ତେଣୁ ଏହାର ପ୍ରୟୋଗପୂର୍ବକ ହେରୋଇନ୍, କୋକେନ୍, ଚରସ୍ ଓ ବିସ୍ଫୋରକ ଚିହ୍ନଟ କରାଯାଇପାରିବ। ଆଗାମୀ ଦିନରେ ରକ୍ତ ଶର୍କରା, କୋଲେଷ୍ଟରଲ୍, ୟୁରିକ୍ ଅମ୍ଳ ଏବଂ ଅନ୍ୟ ରକ୍ତ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ରମଣ ପ୍ରଭାବର ପ୍ରୟୋଗ କରାଯାଇପାରିବ। ପ୍ରକୃତିପ୍ରୀତି ହିଁ ରମଣଙ୍କୁ ବିଶ୍ୱ ଦରବାରରେ ଗୌରବାବହ ନୋବେଲ ସମ୍ମାନ ଆଣି ଦେଇଥିଲା।

ଭଦ୍ରକ ଅଟୋନମସ୍ କଲେଜ, ମୋ–୯୪୩୯୫୦୧୬୫୧

## ଏଇ ଭାରତରେ

ବାହାଘର ଉତ୍ସବରେ ଡିଜେ ବଜାଇ କାନଫଟା ଶବ୍ଦ ସୃଷ୍ଟି କରାଯାଉଛି। ଏହାଦ୍ୱାରା ଶବ୍ଦ ପ୍ରଦୂଷଣ ହୋଇଥାଏ। କିନ୍ତୁ ପଞ୍ଜାବରେ ରବିବାର ଏକ ବାହାଘର ଅନୁଷ୍ଠିତ ହୋଇଛି ଯାହା ପରମ୍ପରାଠାରୁ ବେଶ୍ ନିଆରା ବାରିହୋଇ ପଡେ। ଏହି ବାହାଘରରେ ଡିଜେ ବଦଳରେ କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ବିବାହରେ ୨୫ଟି ଖାଦ୍ୟ ଷ୍ଟଲ୍ ସହିତ ୨ଟି ପୁସ୍ତକ ଷ୍ଟଲ୍ କରାଯାଇଥିଲା। ଇଞ୍ଜିନିୟର ସନ୍ଦୀପ ସିଂ ସହୋତାଙ୍କ ବାହାଘରରେ ଏପରି ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ନିମନ୍ତ୍ରିତ ଅତିଥିମାନେ ବାହାଘର ଦେଖିବା ସହିତ କବି ସମ୍ମିଳନୀରେ ବିଭିନ୍ନ କବିଙ୍କ କବିତାପାଠ ଶୁଣି ବେଶ୍ ମୁଗ୍ଧ ହୋଇଥିଲେ। ସେମାନେ ଭୋଜି ଖାଇଥିଲେ ଏବଂ ମନ ପସନ୍ଦର ପୁସ୍ତକ ମଧ୍ୟ କ୍ରୟ କରିଥିଲେ। ବିବାହ ଉତ୍ସବରେ ୪୫୫ରୁ ଅଧିକ ଅତିଥି ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ୧୨୨ଜଣ ଖ୍ୟାତିସମ୍ପନ୍ନ କବି ଉପସ୍ଥିତ ଥିଲେ। ପୁସ୍ତକ ଷ୍ଟଲ୍‌ରେ ୯ ହଜାର ବହି ବିକ୍ରି ହୋଇଯାଇଥିଲା। ଏଭଳି ନିଆରା ବାହାଘରକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୬ ନଭେମ୍ବର ୧୯୯୩

- ଜମ୍ମୁ–କଶ୍ମୀର ମୁକ୍ତି ସାମ୍ମୁଖ୍ୟର ନେତା ଅମାନୁଲ୍ଲା ଖାଁଙ୍କ ବିରୋଧରେ ଭାରତ ବେଲ୍‌ଜିୟମର ଅଦାଲତରେ ଅଭିଯୋଗ ପତ୍ର ଦାଖଲ କରିଛି।
- ଭାରତ ଓ ଥାଇଲାଣ୍ଡ ମଧ୍ୟରେ ଅପରାଧୀ ପ୍ରତ୍ୟର୍ପଣ ଚୁକ୍ତି ସ୍ୱାକ୍ଷରିତ।

## ଚିରନ୍ତନୀ

କାହିଁରେ ମନ ହଜାଇ ଦେଇ
ଜୀବିତ କରି କୋମଳ ପଦେ
ଯୁବତୀ ସଖୀ ଦୁଇ
ନିଦାଘ ବନ ଭୂଇଁ।
(କୁହୁ ପ୍ରାସ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବାଣତତ୍ତ୍ୱ

ମାନସ କୁମାର ପାଢ଼ୀ

ବାବୁଆଣୀ ଜଣେ ପରିବେଶବିତ୍ ହୋଇଥିବାରୁ ଅନେକ ସଭାସମିତିରେ ଭାଷଣବାଜି କରିଥିଲେ ବାଣଫୁଟା ବିରୋଧରେ। ବାବୁଙ୍କୁ କିନ୍ତୁ ଜମା ଭଲ ଲାଗୁ ନ ଥିଲା। ପର୍ବପର୍ବାଣି ଧୁମ୍‌ଧାମ୍‌ରେ ପାଳନ ହେଲେ ସିନା ଖାନାପିନା ସବୁ ଜମିବ। ବାଣ ଯଦି ନ ଫୁଟିବ କି ଦୀପାବଳି! କୋର୍ଟ ଅର୍ଡର ବାବୁଆଣୀଙ୍କ ସପକ୍ଷରେ ଗଲା। ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ବାଣ ଫୁଟିବ। ବାବୁ କହିଲେ, ଏ ବାଣଫୁଟା ସିନା ବନ୍ଦ କରିଦେଲ, ହେଲେ ଏ ଦେଶରେ ସବୁବେଳେ ଯେଉଁ ବାଣ ମରା ଚାଲିଛି ସେଥିପାଇଁ କ'ଣ ପରିବେଶ ପ୍ରଦୂଷଣ ହେଉନି? ବାବୁଆଣୀ ବାବୁଙ୍କୁ ବୁଲି ଚାହିଁଲେ। ବାବୁ କହିଚାଲିଲେ, ସେତେବେଳକୁ ତ ଏତେ ଭାଷଣବାଜି ହେଉନି, କାରଣ ଯିଏ ପ୍ରଦୂଷଣ କରୁଛନ୍ତି ସେମାନେ ଖୋଦ ଭାଷଣ ଏକ୍ସପର୍ଟ। ତାଙ୍କୁ ବା କଥାରେ ବଳିଯିବ କିଏ...?

ବାବୁଆଣୀ ଚିଡ଼ିଗଲେ। କହିଲେ, ଏଭଳି ବିତଣ୍ଡା କଥା କହି କ'ଣ ଲାଭ ପାଅ ତୁମେ? ସବୁବେଳେ କିଏ ବାଣ ମାରୁଛି?

ବାବୁ କହିଲେ, ବାହାଘର, ବ୍ରତଘରରେ ବାଣମରା ହେଉଛି, ଅନ୍ତର୍ଜାତୀୟ କ୍ରିକେଟଠାରୁ ଗାଁ ଟୁର୍ନାମେଣ୍ଟ ପର୍ଯ୍ୟନ୍ତ ଜିତିଲା ମାତ୍ରେ ଦରକାର ବାଣ, ୱାର୍ଡମେମ୍ବରଠାରୁ ଏମ୍‌ପି ପର୍ଯ୍ୟନ୍ତ ଜିତିଲେ ବି ବାଣ। ମୂଲିଆ ସଂଘଠାରୁ ଅଫିସର ସଂଘ ପର୍ଯ୍ୟନ୍ତ କର୍ମକର୍ତ୍ତା ନିର୍ବାଚନରେ ବି ବାଣ ଦରକାର ହେଲାଣି। ସଂକ୍ଷେପରେ କହିବାକୁ ଗଲେ ମନ୍ତ୍ରୀଠାରୁ ମୂଲିଆ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବାଣ ମାରୁଛନ୍ତି। ସବୁଠି। ବାବୁଆଣୀ ସେଲ୍‌ଫି ନବା ପରି ଚାହିଁଲେ ବାବୁଙ୍କୁ। ବାବୁ ଏଥର ବାଣତତ୍ତ୍ୱ ଉପରକୁ ଗଲେ। କହିଲେ, ନିର୍ବାଚନ ପାଖେଇ ଆସିଲାଣି ତ ନେତାମାନେ ବାଣ ମାରିବା ଆରମ୍ଭ କରିଦେଲେଣି। ସେହି ବାଣ ପ୍ରଭାବରେ ଦଳ ଦଳ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ସାହି ସାହି, ଗାଁ ଗାଁ ମଧ୍ୟରେ, ଜାତି ଜାତି, ଧର୍ମ ଧର୍ମ ମଧ୍ୟରେ ଅଶାନ୍ତି ଦେଖାଦେଉଛି। ଏପରି ବାଣ ସବୁବେଳେ ସମାଜ ଭିତରେ ଗୋଟେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରୁଛି।

ବାବୁଆଣୀ ବୁଝି ନ ପାରିଲା ପରି ଚାହିଁଲେ।

ବୋଫର୍ସ ତୋପଠାରୁ ଆରମ୍ଭକରି ଲଡୁଆ ବିମାନ ରାଫାଲ୍ ପର୍ଯ୍ୟନ୍ତ ସବୁ ଗୋଟେ ଗୋଟେ ବାଣ ନା ନାହିଁ? ତୁମ ଜାଣିବାରେ ବୋଫର୍ସ ବାଣ ପ୍ରଥମେ ମରାଗଲା ୧୯୯୯ କାର୍‌ଗିଲ୍ ଯୁଦ୍ଧରେ, କିନ୍ତୁ ପ୍ରକୃତରେ ମରା ହୋଇଥିଲା ୧୯୮୭ ମସିହାରେ। ଯେଉଁ ବାଣ ପ୍ରଭାବରେ ୧୯୮୯ ଲୋକ ସଭା ନିର୍ବାଚନରେ ସେତେବେଳର ସରକାର ଚିତ୍‌ପଟାଙ୍ଗ। ଅଭିଯୋଗ ହେଲା ପରେ ରାଜୀବ ସରକାର ୧୯୮୭ ଅଗଷ୍ଟ ୬ରେ ଜଏଣ୍ଟ ପାର୍ଲାମେଣ୍ଟାରୀ କମିଟି ଗଠନ କରିଥିଲେ ବୋଫର୍ସ ଦୁର୍ନୀତିର ତଦନ୍ତ ପାଇଁ। ପରେ ପରେ ବିରୋଧୀ ଦଳ ବୋଫର୍ସ ବାଣ ପ୍ରଭାବରେ ନିର୍ବାଚନ ଜିତି ଶାସନଗାଦି ମାଡ଼ିବସିଲେ। ମାତ୍ର ୧୧ ମାସ ପରେ ପୁଣି ବଦଳିଲା ସରକାର। ତା'ପରେ କେତେ ସରକାର ଗଲେଣି କିନ୍ତୁ ତଦନ୍ତ ଚାଲିଛି। ସେ ଯାହାହେଉ, ବୋଫର୍ସ ବାଣ ଯେ ପ୍ରଭାବଶାଳୀ ଏ କଥା ଅନସ୍ୱୀକାର୍ଯ୍ୟ। ଭାରତୀୟ ସେନା ବୋଫର୍ସ ତୋପ ଚଳେଇ କାରଗିଲ୍ ଯୁଦ୍ଧରେ ଜିତିଲେ, କିନ୍ତୁ ତାଙ୍କ ୧୦ ବର୍ଷ ପୂର୍ବରୁ ବିରୋଧୀ ଦଳ ନେତାଏ ବୋଫର୍ସ ବାଣ ମାରି ସରକାରୀ ଦଳ ହୋଇଥିଲେ।

ବାବୁଆଣୀ ବାବୁଙ୍କର ଏଭଳି ତାର୍କିକ କଥାକୁ ମନେ ମନେ ଭାରି ପସନ୍ଦ କରନ୍ତି। ଟିକେ ମୁରୁକି ହସିଲେ। ବାବୁ ବଖାଣିଲେ, ୧୯୮୯ ନିର୍ବାଚନରେ ବିରୋଧୀ ଦଳ ମେଣ୍ଟ ବୋଫର୍ସ ବାଣ ମାରିଥିଲେ। ୧୪୩୭ କୋଟି ଟଙ୍କା କାରବାରରେ ଦୁର୍ନୀତି ଅଭିଯୋଗ ହୋଇଥିଲା। ଏଥର ୨୦୧୯ ସାଧାରଣ ନିର୍ବାଚନ ବେଳକୁ କଂଗ୍ରେସ ଓ ବିରୋଧୀ ମେଣ୍ଟଙ୍କ ହାତରେ ଲଢୁଆ ବିମାନ ରାଫାଲ୍। ଏ ବାଣରେ ତୋପଠାରୁ ଆରମ୍ଭ କରି ବୋମା ପର୍ଯ୍ୟନ୍ତ ସବୁ ଅଛି। ୫୯ ହଜାର କୋଟି ଟଙ୍କାର କାରବାର।

ଏ ବାଣର ସୁଦୂରପ୍ରସାରୀ ପ୍ରଭାବକୁ ଆକଳନ କରି ପ୍ରତିପକ୍ଷ ସରକାରୀ ଦଳ ମନ୍ଦିର–ମସ୍‌ଜିଦ୍ ବାଣର ସାହାରା ନେଲେଣି ପୁଣି। ବିରୋଧୀଙ୍କ ରାଫାଲ୍ ବାଣ ଭୋଟରଙ୍କ ହୃଦୟ ବିଦ୍ଧ କରିବା ପୂର୍ବରୁ କେନ୍ଦ୍ର ସରକାରର ମୁଖିଆ ଦଳ ଭାଜପା ମନ୍ଦିର–ମସ୍‌ଜିଦ୍ ବାଣ ଛାଡ଼ିଛି। ନିହାତି କମ୍‌ରେ ରାଫାଲ୍ ବାଣକୁ ଲକ୍ଷ୍ୟଭ୍ରଷ୍ଟ କରାଇବାରେ ଏ ବାଣ ସକ୍ଷମ ହେବ ବୋଲି ଭାଜପା ଚିନ୍ତା କରୁଛି। ବାବୁଆଣୀ କହିଲେ, ଓଡ଼ିଶାରେ ସେସବୁ ବାଣର ପ୍ରଭାବ ପଡ଼ିବ ନା ନାହିଁ?

ବାବୁ କହିଲେ, ରାମ ମନ୍ଦିର–ବାବ୍ରୀ ମସ୍‌ଜିଦ୍ ବିବାଦ ବାଣଟା ରାମବାଣ ପରି କାମ ଦେଇଥିଲା ୧୯୯୯ରେ। କିନ୍ତୁ ୨୦୧୯ରେ ଏହାର ପ୍ରଭାବ ସେପରି ନାହିଁ। ଓଡ଼ିଶାରେ ପ୍ରଭାବ କେତେ ମୁଁ ଠିକ୍‌ଭାବେ କହିପାରୁ ନାହିଁ। କେତେବେଳେ ସର୍ଭେ କହୁଛି ବିଜେଡି ମୁଖିଆ ସବୁଠୁ ଲୋକପ୍ରିୟ ଓ ବିଜେଡି ସମସ୍ତଙ୍କ ଆଗରେ ତ କେତେବେଳେ ଅନ୍ୟ ଏକ ସର୍ଭେ କହୁଛି ଭାଜପା। ତା'ଛଡ଼ା ଆମ ଓଡ଼ିଶା ପାଇଁ ଯାହା ପୁରୁଣା ବାଣ କିଛି ଅଛି। ଚିଟ୍‌ଫଣ୍ଡ ବାଣ, କୁହୁଳି ବାଣ ପରି ଆଉ କେତେକ ବାଣ। ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ରାଫାଲ୍ ବାଣ କି ରାମବାଣର ଆବଶ୍ୟକତା ନାହିଁ, ଏଠି ଦାମବାଣ ଯଥେଷ୍ଟ। କିନ୍ତୁ ସେ ବାଣ କଂଗ୍ରେସ ହାତରେ ପଡୁଛି କି ଭାଜପା ହାତରେ କହି ହେଉନି! ବାବୁଆଣୀ ଏଥର ମନଖୋଲା ହସଟିଏ ହସି କହିଲେ, ସେ ବାଣ ତ ସ୍ୱୟଂଚାଳିତ, କାହା ହାତରେ ନ ପଡ଼ିଲେ ବି ଫୁଟୁଛି, ଫୁଟିବ...।

ବ୍ରାହ୍ମଣସାଇଲୋ, କଟକ, ମୋ–୯୪୩୮୭୮୫୭୯୨

## ସୁ–ଡୋ–କୁ

su|do|ku

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | | | | | | D | | | | B | | 6 | 8 | |
| | D | | | E | | 5 | | | 3 | | | | | |
| | | 0 | | | 7 | | B | | 5 | | | | | |
| | 4 | E | | | | | | | A | 0 | 6 | 1 | | 7 |
| | A | | 9 | | | | 1 | | | | C | 4 | | D |
| | 8 | | | | | | 6 | | | C | | | | |
| | 7 | 1 | | | 2 | E | | 5 | D | | | | | |
| | | A | E | 9 | D | 3 | C | | | 8 | B | | | |
| | | | A | | | 9 | | D | 6 | | 2 | | | |
| | | | | 4 | 1 | | | | | | 0 | 7 | | |
| | | 7 | | 2 | | 8 | | A | | | 4 | | | |
| | | | | 0 | 6 | 1 | D | | | | | 8 | | B |
| C | 3 | | | 5 | | | 0 | | | 2 | | 9 | | |
| 6 | | D | | 3 | | 4 | | | | | | | | |
| | | | 4 | 7 | | 2 | | | E | 9 | | | D | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 7 | 4 | 8 | C | 3 | D | B | 2 | E | 6 | 1 | 9 | A | 5 |
| 3 | C | B | 9 | 6 | A | 1 | 5 | E | 4 | 7 | 8 | 2 | D | 0 |
| 6 | 5 | 2 | E | 0 | 7 | 9 | A | 4 | B | 3 | D | 8 | 1 | C |
| D | A | 8 | 1 | 5 | 4 | 0 | 6 | 3 | 2 | C | 9 | B | 7 | E |
| 1 | E | 9 | D | 2 | B | 7 | 8 | C | 0 | 5 | A | 4 | 3 | 6 |
| 5 | 2 | 3 | 7 | 4 | 8 | A | D | 0 | 1 | E | C | 6 | B | 9 |
| B | 9 | C | 6 | A | D | E | 7 | 8 | 3 | 0 | 4 | 1 | 5 | 2 |
| 4 | D | 0 | B | 1 | 2 | C | 3 | 6 | 9 | 8 | 5 | A | E | 7 |
| 7 | 6 | E | C | 9 | 5 | 4 | 2 | 1 | D | A | B | 0 | 8 | 3 |
| 8 | 1 | A | 3 | E | 0 | 5 | 9 | B | 6 | 2 | 7 | C | 4 | D |
| E | 4 | D | 2 | 8 | 1 | B | C | 7 | 5 | 9 | 6 | 3 | 0 | A |
| A | B | 6 | 0 | D | E | 3 | 1 | 9 | 7 | 4 | 2 | 5 | C | 8 |
| C | 8 | 7 | 5 | 3 | 9 | 2 | 4 | D | A | 1 | 0 | E | 6 | B |
| 2 | 3 | 5 | 4 | 7 | C | 6 | 0 | A | 8 | B | E | D | 9 | 1 |
| 9 | 0 | 1 | A | B | 6 | 8 | E | 5 | C | D | 3 | 7 | 2 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଓଡ଼ିଶୀ ସଙ୍ଗୀତ, ଚିତ୍ର ଓ ଭାସ୍କର୍ଯ୍ୟର ଶାସ୍ତ୍ରୀୟତା

ମହାଶୟ,

ଓଡ଼ିଶାର ଚିତ୍ର ଓ ଭାସ୍କର୍ଯ୍ୟ, ସଙ୍ଗୀତ ଓ ନୃତ୍ୟ ଆନ୍ତର୍ଜାତିକ କ୍ଷେତ୍ରରେ ଖ୍ୟାତିଲାଭ କରିଛି। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇ ସର୍ବଭାରତୀୟ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ଓଡ଼ିଶାର ଏହି ଶାସ୍ତ୍ରୀୟ ନୃତ୍ୟ ସହିତ ଓଡ଼ିଶୀ ସଙ୍ଗୀତ ଓତପ୍ରୋତ ଭାବେ ଜଡିତ ଥିବାରୁ ଏହି ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବା ପାଇଁ ବର୍ତ୍ତମାନ ଏହାର ଗବେଷକ ଓ ଗାୟକମାନେ ପ୍ରଚେଷ୍ଟା ଚଳାଇଛନ୍ତି। ଓଡ଼ିଶାର ବିଭିନ୍ନ ଗୁମ୍ଫା ଓ ମନ୍ଦିରମାନଙ୍କରେ ଥିବା ଖୋଦିତ ଭାସ୍କର୍ଯ୍ୟ, ପଟଚିତ୍ର ଓ ତାଳପତ୍ର ରେଖାଙ୍କନ ଚିତ୍ରରେ ଥିବା ନୃତ୍ୟଶୈଳୀକୁ ଆଧାର କରି ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ହାସଲ କରିଛି। କିନ୍ତୁ ପରିତାପର ବିଷୟ ଯେ ଓଡ଼ିଶାର ପ୍ରସ୍ତର ଖୋଦିତ ଭାସ୍କର୍ଯ୍ୟ ଓ ମନ୍ଦିରମାନଙ୍କରେ ଥିବା କାନ୍ଥଚିତ୍ର, ପଟଚିତ୍ର ଓ ତାଳପତ୍ର ଚିତ୍ରକୁ ଶାସ୍ତ୍ରୀୟ ମାନ୍ୟତା ଦେବାର କୌଣସି ପ୍ରଚେଷ୍ଟା ହୋଇନାହିଁ। ଓଡ଼ିଶାର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ ପଟଚିତ୍ର ଆଜି ଦେଶ ଓ ବିଦେଶରେ ଖ୍ୟାତିଲାଭ କରିଥିଲେ ମଧ୍ୟ ଏହା ଯେ ଚାରୁକଳା କ୍ଷେତ୍ରରେ ଶାସ୍ତ୍ରୀୟ ମାନ୍ୟତା ପାଇବାର ହକ୍‌ଦାର ସେ ବିଷୟରେ ବିଚାର–ଆଲୋଚନା ହେବାର ସମୟ ଆସିଛି।

ଜଗଦୀଶ ଚନ୍ଦ୍ର କାନୁନ୍‌ଗୋ, ପ୍ରାକ୍ତନ ସଭାପତି, ଓଡ଼ିଶା ଲଳିତକଳା ଏକାଡେମୀ

### ମାନବକୃତ ଦୁର୍ଘଟଣା

ଅମୃତ୍‌ସରର ଯୋଡା ରେଳ ଫାଟକ ନିକଟରେ ରାବଣ ପୋଡି ଉତ୍ସବ ଚାଲିଥିବା ବେଳେ ଉଭୟ ଦିଗରୁ ଟ୍ରେନ୍ ଆସିଯିବାରୁ ଟ୍ରାକ୍ ଉପରେ ଠିଆ ହୋଇଥିବା ଦର୍ଶକମାନଙ୍କ ମଧ୍ୟରୁ ୬୧ଜଣ ମୃତ୍ୟୁବରଣ କରିଥିବା ବେଳେ ଆଉ ୭୨ ଜଣ ଆହତ ହେଲେ। ପୋଲିସ ପ୍ରଶାସନ ତରଫରୁ ଅନୁମତି ଦିଆଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ନିମିତ୍ତ ଆବଶ୍ୟକ ପଦକ୍ଷେପ ନିଆ ହୋଇନାହିଁ। ଟ୍ରେନ୍ ଡ୍ରାଇଭର ରେଳଫାଟକ ପାର ହେବା ପୂର୍ବରୁ ଓ ପାର ହେବା ସମୟରେ ନିରବଚ୍ଛିନ୍ନ ହର୍ନ ବଜାଇ ଅଗ୍ରସର ହେଉଥିବା ବେଳେ ଆତସବାଜିର କାନଫଟା ଶବ୍ଦରେ ଏହା ଶୁଣା ନ ଯିବା ସ୍ୱାଭାବିକ। ପୁଣି ଏକ ବୁଲାଣି ପୂର୍ବରୁ ଚାଳକ ଟ୍ରାକ୍ ଉପରେ ଲୋକ ଥିବାର ଦେଖି ନ ପାରିବା ଅସ୍ୱାଭାବିକ ନୁହେଁ। ଯଦି ଏକ ସଙ୍କୀର୍ଣ୍ଣ ସ୍ଥାନରେ ୫ ହଜାରରୁ ଉର୍ଦ୍ଧ୍ୱ ଜନସମାଗମର ସମ୍ଭାବନା ଥିଲା ତେବେ ବ୍ୟାରିକେଡ ରଖିବା ବା ମାଇକ୍‌ରେ ଲୋକଙ୍କୁ ସତର୍କ କରିବା ଉଚିତ ଥିଲା। ନିଜ ଚାକିରି ବଞ୍ଚାଇବା ଲକ୍ଷ୍ୟରେ କେବଳ ଅପରକୁ ଦୋଷ ଠେଲିଦେବା ମାନବ ପ୍ରକୃତି। ସରକାର ଏହା ଗମ୍ଭୀରତାର ସହ ଗ୍ରହଣ କରନ୍ତୁ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଭଦ୍ରକର ମା' କୁଣ୍ଡିକାଳୀ

# ଅମାବାସ୍ୟାରେ ଦର୍ଶନ କଲେ ପୂର୍ଣ୍ଣ ହୁଏ ମନସ୍କାମନା



ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' କୁଣ୍ଡିକାଳୀ। ଏହି ପୀଠକୁ ନେଇ ରହିଛି ଅନେକ ପୌରାଣିକ କଥା। ଲୋକଙ୍କ ମୁଖରୁ ବି ଦେବୀଙ୍କ ଲୀଳା ସମ୍ପର୍କରେ ନାନା କଥା ଶୁଣିବାକୁ ମିଳେ। ସତ୍ୟଯୁଗରେ ମା' ଦୁର୍ଗା, ଦ୍ୱାପରରେ ମା' ରୁକ୍ମିଣୀ, ତ୍ରେତୟାରେ ମା' ସୀତାଦେବୀ ଓ କଳିଯୁଗରେ ମା' କୁଣ୍ଡିକାଳୀ ରୂପେ ବିରାଜମାନ ହୋଇଥିବା ପ୍ରବାଦ ରହିଛି। କୁଣ୍ଡି ଶବ୍ଦରୁ ମା'ଙ୍କ ନାମ କୁଣ୍ଡିକାଳୀ ହୋଇଥିବା ପୁରାଣରେ ଉଲ୍ଲେଖ ରହିଛି। ଅମାବାସ୍ୟା ତିଥିରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହେଉଥିବା ବିଶ୍ୱାସ ରହିଛି।

ଭଦ୍ରକ ସହରଠାରୁ ୩ କି.ମି. ଦୂର ମାଳିଅରୁଆ ଗାଁରେ ରହିଛି ମା'ଙ୍କ ପୀଠ। ଏହି ପୀଠକୁ ଲାଗି ସାଳନ୍ଦୀର ଶାଖାନଦୀ କୁଣ୍ଡି ପ୍ରବାହିତ ହେଉଛି। କୁଣ୍ଡି ନଦୀ କୂଳରେ ମା'ଙ୍କ ମନ୍ଦିର ଥିବାରୁ ଦେବୀ କୁଣ୍ଡିକାଳୀ ନାମରେ ପରିଚିତ। ଅନ୍ୟ କାଳୀ ପୀଠ ପରି କୁଣ୍ଡିକାଳୀଙ୍କ ମନ୍ଦିରରେ ପ୍ରତିବର୍ଷ ନାନା ପର୍ବପର୍ବାଣି ପାଳିତ ହୋଇଥାଏ। ବିଶେଷକରି ଅମାବାସ୍ୟା ତିଥିରେ ମହିଳାମାନେ ମାଟିହାଣ୍ଡିରେ ଅଳ୍ପ ଅରୁଆ ଚାଉଳ, ଗୋଟା ଗୁଆ ରଖି ଧୂପ, ଦୀପ ଜାଳି ମା'ଙ୍କୁ ପୂଜାର୍ଚ୍ଚନା କରନ୍ତି। ସେହି ଦୀପ ୪୮ ଘଣ୍ଟା ଜଳୁଥାଏ। ମହିଳାମାନେ ସେହି ଅଖଣ୍ଡ ଦୀପକୁ ଜାଳି ଦେବୀଙ୍କୁ ଆରାଧନା କରିଥାନ୍ତି। ମା' କୁଣ୍ଡିକାଳୀଙ୍କ ଆଦେଶ ହେଲେ ପୂଜକ ସଂପୃକ୍ତା ମହିଳାଙ୍କୁ ଦେବୀଙ୍କ ଆଶୀର୍ବାଦ ସଂକ୍ରାନ୍ତରେ ଶୁଣାଇଥାନ୍ତି। ଏହାପରେ ଶ୍ରଦ୍ଧାଳୁଙ୍କ ମନବାଞ୍ଛା ପୂର୍ଣ୍ଣ ହୁଏ। ମୁଖ୍ୟତଃ ଦୀପାବଳି ଅମାବାସ୍ୟା, ଶିବରାତ୍ରି, ଧନୁ ସଂକ୍ରାନ୍ତି, ଚନ୍ଦନ ପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମାରେ ଦେବୀଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମା'ଙ୍କ ପୂଜାର୍ଚ୍ଚନା, ନୀତି ନିୟମ ସଂକ୍ରାନ୍ତରେ ପୀଠର ପୂଜକ ଶ୍ରଦ୍ଧାଳୁମାନଙ୍କୁ ସୂଚନା ଦେଇଥାନ୍ତି।

ତେବେ କୁଣ୍ଡିକାଳୀଙ୍କ ପୀଠରେ ରହିଛି ନାନା ସମସ୍ୟା। ମନ୍ଦିରକୁ ଯିବାକୁ ଏକମାତ୍ର ଅଣଓସାରିଆ ରାସ୍ତା ରହିଛି। ତାହା ପୁଣି ଖାଲଖମାରେ ପରିପୂର୍ଣ୍ଣ। ଗ୍ରାମବାସୀଙ୍କ ସହଯୋଗରେ ପୀଠର ଉନ୍ନତି ପାଇଁ ବ୍ୟବସ୍ଥା କରାଯାଉଛି। ହେଲେ ମନ୍ଦିରର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପ୍ରତି ପ୍ରଶାସନିକସ୍ତରରେ ଆଜି ପର୍ଯ୍ୟନ୍ତ ସେପରି କୌଣସି ଉଦ୍ୟମ କରାଯାଉ ନାହିଁ। ମୁଖ୍ୟରାସ୍ତାରୁ ମାଳିଅରୁଆ ରାସ୍ତାର ଉନ୍ନତୀକରଣ କରାଗଲେ ଜିଲାର ବିଭିନ୍ନ ଦିଗରୁ ଜନସମାଗମ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଜିଲାର ଏହା ପ୍ରମୁଖ ସ୍ଥାନ ହୋଇଥିଲେ ମଧ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ପୀଠ ଆଜି ପର୍ଯ୍ୟନ୍ତ ସ୍ଥାନ ପାଇନାହିଁ।

**– ରିପୋର୍ଟ: ବିଭୁପ୍ରସାଦ ବେହେରା**



## ପ୍ରତ୍ୟକ୍ଷ ଠାକୁରାଣୀ

# 'ଶ୍ମଶାନ କାଳୀ'

କାଳୀପୂଜା ପାଇଁ ଭୁବନେଶ୍ୱର ଚଳଚଞ୍ଚଳ ହୋଇଉଠିଥିବା ବେଳେ ସହରର ଦୁଇଟି ପ୍ରମୁଖ କାଳୀ ମନ୍ଦିରରେ ଏଥିପାଇଁ ବିଶେଷ ପ୍ରସ୍ତୁତି କରାଯାଇଛି। ପ୍ରାୟ ଏକ ହଜାର ବର୍ଷର ପୁରାତନ କାଳୀମନ୍ଦିର ବରମୁଣ୍ଡାସ୍ଥିତ ମା' ଦକ୍ଷିଣକାଳୀ ପୀଠ ଏବଂ ସତ୍ୟନଗରର ପ୍ରତ୍ୟକ୍ଷ ଠାକୁରାଣୀ ମା' ସତ୍ୟକାଳୀ ବା ଶ୍ମଶାନ କାଳୀଙ୍କ ପୀଠର ବେଶ୍ ଖ୍ୟାତି ରହିଛି। କାହିଁ କେତେ ଦୂରରୁ ଏଠାକୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ ଓ କୃପାଲାଭ କରିବାକୁ ଧାଇଁ ଆସନ୍ତି। ଶ୍ରଦ୍ଧାଳୁଙ୍କର ମା'ଙ୍କ ଉପରେ ଥିବା ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢୁଥିବା ବେଳେ ଶନିବାର ଏଠାରେ ମା'ଙ୍କର ପୂଜା କଲେ ଶନି ଦେବତା ସନ୍ତୁଷ୍ଟ ହୋଇଥାଆନ୍ତି ବୋଲି ଏକ ବିଶ୍ୱାସ ରହିଛି। ସେହିଭଳି ଶ୍ୟାମାକାଳୀ ପୂଜା ପାଇଁ ଉଭୟ ମନ୍ଦିର ପ୍ରସିଦ୍ଧି ଲାଭ କରିଛି।

ସତ୍ୟନଗର ଶ୍ମଶାନ ନିକଟରେ ଥିବା ସତ୍ୟକାଳୀ ମନ୍ଦିରରେ ପୂଜା ପାଇଥାଆନ୍ତି ମା' ସତ୍ୟକାଳୀ ବା ଶ୍ମଶାନ କାଳୀ। ମା'ଙ୍କ ପୂଜାର୍ଚ୍ଚନା କଲେ ମନସ୍କାମନା ପୂରଣ ହେବା ସହ ଦୁଃଖ ଲାଘବ ହୋଇଥାଏ ବୋଲି ଶ୍ରଦ୍ଧାଳୁଙ୍କର ବିଶ୍ୱାସ ରହିଛି। ମା'ଙ୍କ ମହିମା ଓ କରୁଣା ଉପରେ ବିଶ୍ୱାସ ରଖି ଅଧିକାଂଶ ଶ୍ରଦ୍ଧାଳୁ ସପରିବାର ଏଠାକୁ ଆସିଥାଆନ୍ତି। ପ୍ରାୟ ୩୨ବର୍ଷ ଧରି ସତ୍ୟନଗର କାଳୀପୂଜା କମିଟି ପକ୍ଷରୁ ମହାଆଡ଼ମ୍ବରରେ ଶ୍ୟାମାକାଳୀ ପୂଜା ଆୟୋଜନ ହେଉଥିବା ବେଳେ ମା' ଏଠାରେ ଦଶମହାବିଦ୍ୟା ରୂପରେ ପୂଜା ପାଇଥାଆନ୍ତି। ୧୦ଦିନ ଧରି କାଳୀପୂଜା ଅନୁଷ୍ଠିତ ହେଉଥିବା ଏହି ପୀଠରେ ପ୍ରତ୍ୟେକ ଦିନ ମା' ଭିନ୍ନଭିନ୍ନ ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। ପ୍ରଥମ ଦିନ ମହାକାଳୀ ବେଶ ଏବଂ ଶେଷ ଦିନ କମଳା ବେଶ ଦେଖିବାକୁ ଅଧିକ ଭିଡ଼ ପରିଲକ୍ଷିତ ହୁଏ। କାଳୀପୂଜା ଦିନ ସକାଳେ ଏଠାରେ ଉପଚାର ପୂଜା ଏବଂ ସନ୍ଧ୍ୟାରେ କଳସ ଅଧିବାସ ହେବାକୁ ଥିବା ବେଳେ ମା'ଙ୍କର ଚଣ୍ଡୀହୋମ ଓ ରାତିରେ ପୁନଶ୍ଚ ଉପଚାର ପୂଜା ଅନୁଷ୍ଠିତ ହେବ। ଅଧରାତ୍ରିରେ ବଳିଦାନ କରାଯିବ ଏବଂ ପ୍ରାୟ ସକାଳ ପର୍ଯ୍ୟନ୍ତ ମା'ଙ୍କ ପୂଜା ଚାଲିବ। ଭକ୍ତମାନେ ଯେପରି ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ୧୦ଦିନ ବ୍ୟାପୀ ଏଠାରେ ମେଳା ଏବଂ ମିନାବଜାରର ଆୟୋଜନ କରାଯାଇଥିବା କମିଟି ସମ୍ପାଦକ ଅଶୋକ ସ୍ୱାଇଁ କହିଛନ୍ତି।

ଅନ୍ୟପକ୍ଷରେ ବରମୁଣ୍ଡା ଗ୍ରାମରେ ଥିବା ମା' ଦକ୍ଷିଣକାଳୀଙ୍କ ପୀଠ ପ୍ରାୟ ଏକ ହଜାର ବର୍ଷ ତଳର ବୋଲି କୁହାଯାଏ। ଗ୍ରାମର ଗ୍ରାମଦେବତୀ ଭାବେ ମା' ପୂଜା ପାଇଥାଆନ୍ତି। ବହୁବର୍ଷ ପୂର୍ବେ ବରମୁଣ୍ଡା ଅଞ୍ଚଳ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିବା ବେଳେ ନଟବର ଦାସ ନାମକ ଜଣେ ବ୍ୟକ୍ତି ଏହି ସ୍ଥାନରେ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ତେବେ ନଟବର ଯେଉଁ ନୀତିରେ ପୂଜା ଆରମ୍ଭ କରିଥିଲେ, ଆଜିବି ସେହି ନୀତିରେ ଏଠାରେ ପୂଜାର୍ଚ୍ଚନା କରାଯାଉଛି। ଖିରି, ଖେଚୁଡ଼ି ଓ ନଡ଼ିଆ ମା'ଙ୍କର ମୁଖ୍ୟ ଭୋଗ। ଶନିବାର ମା'ଙ୍କର ପୂଜାର୍ଚ୍ଚନା କଲେ ଶନି ଦେବତା ସନ୍ତୁଷ୍ଟ ହୋଇ ରିଷ୍ଟ ଖଣ୍ଡନ କରିଥାଆନ୍ତି ବୋଲି ବିଶ୍ୱାସ ରହିଥିବାରୁ ପ୍ରତ୍ୟେକ ଶନିବାର ଏଠାରେ ଭିଡ଼ ଲାଗିଥାଏ। ସେହିଭଳି ଶ୍ୟାମାକାଳୀ ପୂଜା ଏଠାକାର ବିଶେଷ ଆକର୍ଷଣ। ପୂଜାରେ ୫ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥାଏ, ଯେଉଁଥିରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହାସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଏଠାକାର ଅନ୍ୟତମ ଆକର୍ଷଣ। ଏହାବ୍ୟତୀତ ୟୁନିଟ୍-୨ସ୍ଥିତ କାଳୀବାଡ଼ି, ଶହୀଦନଗର ଦୁର୍ଗାପୂଜା ମଣ୍ଡପ, ପୁରୁଣା ଷ୍ଟେଶନ ବଜାର ଏବଂ ସହରର ସର୍ବପୁରାତନ କାଳୀ ପୂଜାମଣ୍ଡପ ଭାବେ ପରିଚିତ ଭିଏସ୍ଏସ୍ ନଗରରେ କାଳୀପୂଜା ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଛି। ସେହିଭଳି ଚଳିତବର୍ଷ ପ୍ରଥମଥର ପାଇଁ ମା' ଦକ୍ଷିଣ କାଳୀ ପୂଜା କମିଟି ପକ୍ଷରୁ ଜିଜିପି କଲୋନୀରେ କାଳୀପୂଜାର ଆୟୋଜନ କରାଯାଇଛି।

**– ରିପୋର୍ଟ: ସସ୍ମିତା ପାଇକରାୟ, ଭୁବନେଶ୍ୱର**



ସତ୍ୟନଗର ସତ୍ୟକାଳୀ ମନ୍ଦିର। (ଫଟୋ: ବିକାଶ ନାୟକ)

## ବୀରଗୋବିନ୍ଦପୁର କାଳୀପୂଜା



- ଶ୍ମଶାନ ମାଟିରେ ହୁଏ ମା'ଙ୍କ ପ୍ରତିମା ନିର୍ମାଣ
- ମାନସିକ ପୂରଣ ପାଇଁ ଅହରହ ଜଳୁଛି ଘିଅ ଦୀପ

# ମହାଭୈରବୀ ବେଶରେ ଦର୍ଶନ ଦେବେ ମା'

ପୁରୀ ଜିଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବୀରଗୋବିନ୍ଦପୁର ଗ୍ରାମ କାଳୀପୂଜା ପାଇଁ ଉତ୍ସବମୁଖର ହୋଇ ଉଠିଛି। ଜାତୀୟ ରାଜପଥକୁ ଲାଗି ରହିଥିବା ତୋରଣ ସହିତ ଦେବୀପୀଠରେ ସାଜସଜ୍ଜା କରାଯାଇଛି। ମା'ଦକ୍ଷିଣକାଳୀଙ୍କ ଅଲୌକିକ ମହିମାକୁ ବିଶ୍ୱାସ କରି ପ୍ରତିବର୍ଷ ଏହି ପୀଠକୁ ଭକ୍ତମାନେ ଛୁଟି ଆସନ୍ତି। ବର୍ଷକୁ ଥରେ ମା'ଦକ୍ଷିଣକାଳୀଙ୍କ ମୃଣ୍ମୟୀମୂର୍ତ୍ତି ପୂଜା ସାଙ୍ଗକୁ ମହାଭୈରବୀ ବେଶ ଦର୍ଶନର ସୁଯୋଗ ରହିଥିବାରୁ ଭକ୍ତମାନଙ୍କର ଭିଡ଼ ଲାଗିଥାଏ।

ଭୁବନେଶ୍ୱରରୁ ପୁରୀ ଯିବା ରାସ୍ତାରେ ସାକ୍ଷୀଗୋପାଳ ଛକରୁ ୩କିଲୋମିଟର ଦୂରରେ ବୀରଗୋବିନ୍ଦପୁର ବ୍ରାହ୍ମଣ ଶାସନ ଅବସ୍ଥିତ। ଲୋକକଥାରୁ ଜଣାଯାଏ, ଜଣେ ବଙ୍ଗୀୟ ରାଜାଙ୍କ ଅତ୍ୟାଚାର ସହି ନ ପାରି ଓଡ଼ିଶା ପଳାଇ ଆସିଥିବା ସେଠାକାର ବ୍ରାହ୍ମଣ ପରିବାର ବୀରଗୋବିନ୍ଦପୁର ଗ୍ରାମରେ ଆସି ଅବସ୍ଥାନ କରିଥିଲେ। ସେହି ପରିବାର ସାଙ୍ଗରେ ଆଣିଥିବା ମା' ଦକ୍ଷିଣକାଳୀଙ୍କ ପଟିଚିତ୍ରକୁ ଗ୍ରାମରେ ରଖି ପୂଜାର୍ଚ୍ଚନା କରୁଥିଲେ। ପରିବାର ମୁଖ୍ୟଙ୍କ ଦେହାନ୍ତ ପରେ ପୂଜାର୍ଚ୍ଚନାରେ ବ୍ୟତିକ୍ରମ ହେବାରୁ ପରିବାରରେ ନାନା ବିପତ୍ତି ପଡିଥିଲା। ଉପାୟଶୂନ୍ୟ ହୋଇ ସେମାନେ ଭୟରେ ଗାଁ ଛାଡି ଅନ୍ୟତ୍ର ଚାଲି ଯାଇଥିଲେ। ଯିବା ପୂର୍ବରୁ ମା'ଙ୍କର ପୂଜା ଦାୟିତ୍ୱ ଗ୍ରାମର ଜଣେ ବ୍ରାହ୍ମଣ ଲିଙ୍ଗରାଜ ନନ୍ଦଙ୍କୁ ଅର୍ପଣ କରିଥିଲେ। ବଙ୍ଗୀୟ ପୂଜାପାଠରେ ଅଭିଜ୍ଞତା ନ ଥିବାରୁ ଲିଙ୍ଗରାଜଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ ନ ଥିଲେ। ଫଳରେ ତାଙ୍କ ପରିବାର ପ୍ରତି ବିପଦ ମାଡି ଆସିଥିଲା। ତାଙ୍କର ପାଞ୍ଚଜଣ ପୁଅଙ୍କର ମୃତ୍ୟୁ ହୋଇଥିଲା। ଫଳରେ ମା'ଙ୍କ ପୂଜା କେମିତି ହେବ ସେନେଇ ଗାଁରେ ଭାଳେଣି ପଡ଼ିଲା। ଦିନେ ସନ୍ଧ୍ୟା ସମୟରେ ସେହି ଗ୍ରାମର ଜଣେ ଯୁବତୀଙ୍କ ଶରୀରରେ ମା' ଉଭା ହୋଇ ମୋ ପୂଜାର୍ଚ୍ଚନା କରିବା ପାଇଁ ମୋ ପୂଜକ ଆସୁଥିବା ସୂଚନା ଦେଇଥିଲେ। ସତକୁ ସତ କିଛିଦିନ ଅନ୍ତରରେ ଜଣେ ବଙ୍ଗୀୟ ପୂଜକ ମା'ଙ୍କର ଭଜନ ବହି ବାଣ୍ଟିବାଣ୍ଟି ଗାଁରେ ପହଞ୍ଚିଥିଲେ। ଏହା ଦେଖି ଗ୍ରାମବାସୀ ତାଙ୍କୁ ମା'ଙ୍କ ପୂଜାର୍ଚ୍ଚନା ଦାୟିତ୍ୱ ଦେଇଥିଲେ। ସେବେଠୁ ମା'ଙ୍କର ପୂଜାର୍ଚ୍ଚନା ବିଧିମତେ ଚାଲି ଆସୁଛି।



କାର୍ତ୍ତିକ ମାସ ଦ୍ୱିତୀୟା ତିଥିରେ ମା'ଙ୍କ ମୂର୍ତ୍ତି ନିର୍ମାଣ ପାଇଁ ଶ୍ମଶାନରୁ ମାଟି ସଂଗ୍ରହ କରାଯାଏ। ଶୟନ କରିଥିବା ଭଗବାନ ଶିବଙ୍କ ପ୍ରତିମା ଉପରେ ପାଦରଖି ମହାକାଳୀ ରୂପରେ ଚତୁର୍ଭୁଜରେ ଖଣ୍ଡା, ଖର୍ପର ଧାରଣ କରିଥିବା ଉଗ୍ରରୂପା ମା'ଙ୍କ ମୂର୍ତ୍ତି ନିର୍ମିତ ହୋଇଥାଏ। ଚତୁର୍ଦ୍ଦଶୀ ତିଥିରେ ମୂର୍ତ୍ତିରେ ମୁଣ୍ଡ ଲାଗି କରାଯାଏ। ପରେ ରୂପକାର ରଙ୍ଗଦେଇ ମୂର୍ତ୍ତିକୁ ଜୀବନ୍ତ କରି ଗଢ଼ିତୋଳନ୍ତି। ବସ୍ତ୍ର, ଅଳଙ୍କାର, ମୁଣ୍ଡମାଳ, ମୁକୁଟ ଆଦି ଲାଗି କରାଯାଇ ପୀଠ ଉପରକୁ ଦେବୀଙ୍କ ପ୍ରତିମାକୁ ବିଜେ କରାଯାଏ। ଅମାବାସ୍ୟା ନିଶାର୍ଦ୍ଧରେ ଜୀବନ୍ୟାସ ପରେ ମହାକାଳୀ ପୂଜା, ଜପ, ବଳି, ଖେଚୁଡିଭୋଗ, ଯଜ୍ଞ, ଆଳତି ପରେ ପଣା ଓ ମହାପ୍ରସାଦ ସମର୍ପଣ କରାଯାଇ ମୃଣ୍ମୟୀ ପ୍ରତିମାଙ୍କୁ ବିସର୍ଜନ କରାଯାଏ। ପରଦିନ ସକାଳୁ ଦେବୀଙ୍କର ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ବର୍ଷ ତମାମ ଗୋଟିଏ କୋଠରିରେ ବଡବଡ ୧୬ଟି ଅଖଣ୍ଡ ଦୀପ ଅହରହ ଜଳୁଛି। ମାନସିକ କରି ଶ୍ରଦ୍ଧାଳୁମାନେ ଏହି ଦୀପ ପ୍ରଜ୍ୱଳନ କରୁଛନ୍ତି। ପ୍ରତିଦିନ ଏଥିପାଇଁ ଆବଶ୍ୟକ ହେଉଥିବା ଗୋଟିଏ ଟିଣ ଘିଅକୁ ଶ୍ରଦ୍ଧାଳୁମାନେ ଯୋଗାଉଛନ୍ତି। ଗ୍ରାମ କୋଠ ପକ୍ଷରୁ ସମସ୍ତ ପୂଜାନୀତି ସମ୍ପନ୍ନ କରାଯାଇଥାଏ। ମୁଖ୍ୟ ପୂଜକ ଅଗାଧୁ ଦିକ୍ଷୀତ ଓ ସହଯୋଗୀ ପ୍ରଫୁଲ୍ଲ ଦୀକ୍ଷିତ, ଦେବୀ ପ୍ରସାଦ ଦୀକ୍ଷିତ, କାଶୀନାଥ ମିଶ୍ର, ଗଣେଶ୍ୱର ନନ୍ଦ, ପ୍ରମୋଦ ଦୀକ୍ଷିତ, ମୂର୍ତ୍ତି କାରିଗର ବ୍ରଜବନ୍ଧୁ ମହାରଣା ପୂଜାର୍ଚ୍ଚନାରେ ସାମିଲ ହୋଇଛନ୍ତି। ପ୍ରତିଦିନ ଏଠାରେ ମା'ଙ୍କର ଶଙ୍ଖୁଡିଭୋଗ ହୋଇଥାଏ।

**– ରିପୋର୍ଟ: କିଶୋରଚନ୍ଦ୍ର ମହାପାତ୍ର, ସାକ୍ଷୀଗୋପାଳ**

# ମହାକାଳୀ ଓ ଦୀପାବଳି

ଶ୍ରୀଜଗନ୍ନାଥ ସଂସ୍କୃତି ସାରା ପୃଥିବୀରେ ସୁବିଦିତ। ହେଲେ ଜଗନ୍ନାଥ ଧର୍ମ ହିନ୍ଦୁ ଧର୍ମଠାରୁ ଭିନ୍ନ କୌଣସି ଧର୍ମ ନୁହେଁ କିମ୍ବା ଶ୍ରୀଜଗନ୍ନାଥ ହିନ୍ଦୁ ଧର୍ମରୁ ଭିନ୍ନ ନୁହନ୍ତି। ସାରା ବିଶ୍ୱର ସମସ୍ତ ଧର୍ମର ଅଗଣିତ ଭକ୍ତ ହିନ୍ଦୁ ମନ୍ଦିର ତଥା ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରବେଶ ନ କରି ମଧ୍ୟ ଭଗବାନଙ୍କର ସାନ୍ନିଧ୍ୟ ଲାଭକରି ମହାପୁରୁଷ ଭାବରେ ଅମର ହୋଇ ଖ୍ୟାତି ଅର୍ଜନ କରିପାରିଛନ୍ତି। ବର୍ତ୍ତମାନର କେତେକ ଲେଖକ ଓ ଗବେଷକ ଶ୍ରୀଜଗନ୍ନାଥଙ୍କୁ ଟାଣିଓଟାରି ନେଇ ଖ୍ରୀଷ୍ଟିଆନ ଓ ମୁସ୍‌ଲିମ ଧର୍ମର ପ୍ରତୀକ କହି ଶ୍ରୀଜଗନ୍ନାଥ ସଂସ୍କୃତି ମଧ୍ୟରେ ଭେଜାଲ ମିଶାଇ ଶ୍ରୀଜଗନ୍ନାଥ ଧର୍ମ ଏକ ସ୍ୱତନ୍ତ୍ର ଓ ଶ୍ରୀଜଗନ୍ନାଥ ହିଁ ସମସ୍ତ ଧର୍ମର ପ୍ରତୀକ ବୋଲି କହି ଡିଣ୍ଡିମ ପିଟିବାରେ ବ୍ୟସ୍ତ ଅଛନ୍ତି। ସେ ଯାହା ହେଉନା କାହିଁକି ତାଙ୍କଠାରେ ପ୍ରକୃତି (କାଳୀ) ଓ ପୁରୁଷ (କାଳ ବା କୃଷ୍ଣ) ଉଭୟେ ସମନ୍ୱିତ ହୋଇଥିବାରୁ ସେ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଛନ୍ତି।

ଶାକ୍ତ ସଂସ୍କୃତି ଅନୁସାରେ ଶ୍ରୀକ୍ଷେତ୍ର ଏକ ପୁରାତନ ଓ ପ୍ରଥମ ଉଡ୍ର ତନ୍ତ୍ରପୀଠ ଭାବରେ ସୁବିଦିତ। ତନ୍ତ୍ର ଶାସ୍ତ୍ରଗୁଡ଼ିକରେ ଶ୍ରୀଜଗନ୍ନାଥ ହିଁ ଭୈରବ ଭାବରେ ବର୍ଣ୍ଣିତ। ଏହି କଳିଯୁଗକୁ ସଂହାରଯୁଗ କୁହାଯାଏ। ଏହି ଯୁଗରେ ସଂହାରରୂପୀ କାଳୀସ୍ୱରୂପ ଶ୍ରୀଜଗନ୍ନାଥଙ୍କର ପ୍ରାଧାନ୍ୟ ପରିଲକ୍ଷିତ ହୁଏ। କାରଣ ସଂହାର ଯୁଗରେ ବା କଳିଯୁଗରେ ତନ୍ତ୍ର ବା ଶାକ୍ତ ସଂସ୍କୃତି ଅନୁସାରେ ବିଧିବିଧାନ ହୁଏ ବୋଲି ଶାସ୍ତ୍ରୀୟ ପ୍ରମାଣ ରହିଛି। ଏଣୁ ମହାନିର୍ବାଣତନ୍ତ୍ରରେ କୁହାଯାଇଛି–

**'ସତ୍ୟେ ଶ୍ରୁତ୍ୟୁକ୍ତମାର୍ଗଃ ସ୍ୟାତ୍ ତ୍ରେତାୟାଂ ସ୍ମୃତିସମ୍ଭବଃ।**
**ଦ୍ୱାପରେ ତୁ ପୁରାଣୋକ୍ତିଃ କଲୌ ଆଗମସମ୍ମତଃ ।।'**

ଅର୍ଥାତ୍ ସତ୍ୟଯୁଗରେ ଶ୍ରୁତି (ବେଦ), ତ୍ରେତାରେ ସ୍ମୃତି (ସଂହିତା), ଦ୍ୱାପରରେ ପୁରାଣ ଓ କଳିଯୁଗରେ ଆଗମ (ତନ୍ତ୍ର) ଶାସ୍ତ୍ର ଅନୁସାରେ କାର୍ଯ୍ୟ ସମ୍ପାଦିତ ହୁଏ। ସଂହାର ଯୁଗରେ କାଳ (ଶିବ ଓ କୃଷ୍ଣ) ଓ ତାଙ୍କର ଶକ୍ତି କାଳୀ ହିଁ ସର୍ବାରାଧ୍ୟା ଅଟନ୍ତି। ଏଣୁ ଶ୍ରୀଜଗନ୍ନାଥ ହିଁ ପରଂବ୍ରହ୍ମ, ପରମାତ୍ମା ଶ୍ରୀକୃଷ୍ଣଙ୍କର ସାକ୍ଷାତ୍ ସ୍ୱରୂପ ବୋଲି ବିଭିନ୍ନ ଶାସ୍ତ୍ର ପ୍ରମାଣ କରିଛନ୍ତି। ଏହି ଦୃଷ୍ଟିରୁ ଶ୍ରୀକ୍ଷେତ୍ରରେ ଓ ଶ୍ରୀମନ୍ଦିରରେ କୃଷ୍ଣତତ୍ତ୍ୱାନୁଯାୟୀ ନାନା ପର୍ବପର୍ବାଣି, ଯାନିଯାତ୍ରାଦି ସମାରୋହରେ ପାଳିତ ହେଉଛି। ଶ୍ରୀକୃଷ୍ଣ ଓ କାଳୀ ଉଭୟଙ୍କ ମଧ୍ୟରେ ସମ୍ପର୍କ ଘନିଷ୍ଠ ବୋଲି ବୈଷ୍ଣବାଗମ ଓ ନିତ୍ୟତନ୍ତ୍ରଶାସ୍ତ୍ର ବୈଷ୍ଣବ ଓ ଶାକ୍ତ ସମ୍ପ୍ରଦାୟ ମଧ୍ୟରେ ଏକାତ୍ମତା ପ୍ରତିପାଦିତ ହୋଇଛି। ବିଷ୍ଣୁଙ୍କର ଦଶାବତାର ସହ ଶକ୍ତିଙ୍କର ଦଶମହାବିଦ୍ୟା ସହ ସମ୍ପର୍କ ରହିଥିବାର ପ୍ରମାଣ ନିତ୍ୟତନ୍ତ୍ରଶାସ୍ତ୍ରରୁ ମିଳେ। ଯଥା– କୃଷ୍ଣସ୍ତୁ କାଳିକା ଦେବୀ ଶ୍ରୀରାମସ୍ତାରିଣୀ ତଥା। ଏଥିରୁ କାଳୀ ହିଁ ଶ୍ରୀକୃଷ୍ଣ ବୋଲି କୁହାଯାଇଛି। ଯେ କାଳୀ ସେ କୃଷ୍ଣ। କୃଷ୍ଣ ଶକ୍ତି ହିଁ କାଳୀ। ଶ୍ରୀକ୍ଷେତ୍ରର ଶ୍ରୀଜଗନ୍ନାଥ ହିଁ ଭୈରବ ବୋଲି ମଧ ମହାପୀଠନିରୂପଣମ୍‌ରେ ବର୍ଣ୍ଣନା କରାଯାଇଛି– ଉତ୍କଳେ ନାଭିଦେଶଶ୍ଚ ବିରଜା କ୍ଷେତ୍ରମୁଚ୍ୟତେ। ବିମଳା ସା ମହାଦେବୀ ଜଗନ୍ନାଥସ୍ତୁ ଭୈରବଃ।।

ଏଣୁ ଶ୍ରୀଜଗନ୍ନାଥ ଭୈରବ ଭାବରେ ଓ ମା' ବିମଳା ସ୍ୱୟଂ ଭୈରବୀ କାଳୀ ଭାବରେ ମଧ ବହୁ ଶାସ୍ତ୍ରରେ ବର୍ଣ୍ଣିତ ହୋଇଛନ୍ତି। ଯଥା– ତାରା ସାକ୍ଷାତ୍ ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ। ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳିକା।। ଏଣୁ ଶାସ୍ତ୍ରୀୟ ପ୍ରମାଣ ଅନୁସାରେ ସେ ହିଁ କୃଷ୍ଣ ଓ ସେ ହିଁ ରାଧା। ସେ ହେଉଛନ୍ତି କାଳ (କୃଷ୍ଣ) ଓ ସେ ମଧ କାଳୀ ବା ଦକ୍ଷିଣକାଳୀ। ଶ୍ରୀକୃଷ୍ଣ ହିଁ ନିଜକୁ କାଳ ବୋଲି ସ୍ୱୀକାର କରିଥିବାର ପ୍ରମାଣ ଶାସ୍ତ୍ରରେ ରହିଛି– ଅହଂ କାଲୋଽସ୍ମି। ଅର୍ଥାତ୍– ମୁଁ ଲୋକ ନିୟନ୍ତ୍ରଣକାରୀ କାଳ।

ଶ୍ରୀକ୍ଷେତ୍ରରେ ଥିବା ଦକ୍ଷିଣକାଳୀ ହିଁ ଶ୍ରୀମନ୍ଦିର ମଧରେ ବିମଳା ମନ୍ଦିରରେ ସଦା ପୂଜିତ। ଶ୍ରୀମନ୍ଦିରରେ ରନ୍ଧନଶାଳା ମଧରେ ଦକ୍ଷିଣକାଳୀଙ୍କ ସିନ୍ଦୂର ବିନା ଅନ୍ୟ କୌଣସି ଦେବୀଙ୍କର ସିନ୍ଦୂର ଯିବା ମନା। ସପ୍ତପୁରୀ ଅମାବାସ୍ୟା ଦିନ ଶ୍ରୀମନ୍ଦିର ମଧକୁ ଦକ୍ଷିଣକାଳୀଙ୍କର ଆଜ୍ଞାମାଳ ଆସି ପୂଜା ପାଇବାର ବିଧି ରହିଛି। ରୋଷଘର ରାନ୍ଧୁଣିଆ ସୁଆର ଓ ମହାସୁଆରମାନେ ଦକ୍ଷିଣକାଳୀଙ୍କ ସିନ୍ଦୂର ବିନା ଅନ୍ୟ କୌଣସି ଦେବଦେବୀଙ୍କ ସିନ୍ଦୂର ଲଗାଇ ଯିବା ପାଇଁ ନିଷିଦ୍ଧ କରାଯାଇଛି।

ଶ୍ରୀମନ୍ଦିରରେ ମାର୍ଗଶିର ମାସ ଅମାବାସ୍ୟା ଦିନ ଯେଉଁ ଉତ୍ସବ ଅନୁଷ୍ଠିତ ହୁଏ ତାକୁ ଦେବଦୀପାବଳି କୁହାଯାଏ। କାର୍ତ୍ତିକ ମାସ ଅମାବାସ୍ୟା ଦିନ ଶ୍ରୀକ୍ଷେତ୍ର ତଥା ଓଡ଼ିଶାର ସର୍ବତ୍ର ଦୀପାବଳି ଅନୁଷ୍ଠିତ ହୁଏ। ଶ୍ରୀକ୍ଷେତ୍ରର ପ୍ରତ୍ୟେକ ସାହି ଓ ଗଳିକନ୍ଦିରେ ଗୃହଗୁଡ଼ିକ ଦୀପସଜ୍ଜା, ଉଜ୍ଜ୍ୱଳ ଆଲୋକ ତଥା ରଙ୍ଗିନ ବିଦ୍ୟୁତ୍ ଆଲୋକରେ ସଜ୍ଜିତ ହୋଇ ଦର୍ଶନୀୟ ହୋଇଥାଏ। ପିଲାମାନେ ବାଣ ଫୁଟାଇ ଦିନଟିକୁ ଉପଭୋଗ କରନ୍ତି। ଗୋଟିଏ ପରମ୍ପରା ବର୍ତ୍ତମାନ ଲୁପ୍ତପ୍ରାୟ। କିଛି ବର୍ଷ ପୂର୍ବେ ପିଲାମାନେ ନିଜ ନିଜ ପିଣ୍ଡା ତଳେ ମହାପ୍ରସାଦ କୁଡୁଆ ଭାଙ୍ଗି ସେଥିରେ କୂଅଖୋଳି, ପାଣି ପୂରାଇ ସରା ଘୋଡ଼ାଇ ରଖନ୍ତି। ବର୍ତ୍ତମାନ ରାସ୍ତାଗୁଡ଼ିକ କଂକ୍ରିଟ୍ ନିର୍ମିତ ହୋଇଥିବା ହେତୁ ଏହି କୂଅ ଖୋଳିବା ସମ୍ଭବ ହେଉନାହିଁ। ଶ୍ରୀମନ୍ଦିର ବାଇଶିପାହାଚ ଉପରେ ଏହା ଅନୁଷ୍ଠିତ ହେଉଛି। ଲୋକମାନେ ସିଂହଦ୍ୱାରରେ ଓ ନିଜ ଗଳିକନ୍ଦିରେ କାଉଁରିଆ କାଠି ଜାଳି ଆକାଶ ଆଡ଼କୁ ଦେଖାଇ କହନ୍ତି– ''ଆହେ ବଡ଼ବଡ଼ିଏ ! ଅନ୍ଧାରରେ ଆସିଚ ଆଲୁଅରେ ଯାଆ, ଶ୍ୱେତଗଙ୍ଗାରେ ଗୋଡ଼ ଧୋଇ ମହାପ୍ରସାଦ ଖାଇ ସ୍ୱର୍ଗକୁ ଯାଆ।'' ଏହିପରି ପିତୃପୁରୁଷଙ୍କୁ ଦୀପଦାନ କରି ମୋକ୍ଷପ୍ରାପ୍ତି ହେବାର ବିଶ୍ୱାସ ରହିଛି।

**– ଡ. ରମାକାନ୍ତ କର, ଗୁଡ଼ିଆସାହି, ପୁରୀ, ମୋ– ୯୮୬୧୨୩୮୩୫୧**

# ଶ୍ରୀକ୍ଷେତ୍ରରେ କାଳୀ ଉପାସନା



ଶ୍ରୀକ୍ଷେତ୍ରର ମା' ଶ୍ୟାମାକାଳୀ

ଭାରତର ଚାରିଧାମ ମଧରେ ଶ୍ରୀଜଗନ୍ନାଥ ଧାମର ଉପାସନା ପରମ୍ପରା ସବୁଠୁ ନିଆରା। ବଦ୍ରିନାଥ ଧାମରେ ଶ୍ରୀନାରାୟଣ, ଶ୍ରୀରାମେଶ୍ୱର ଧାମରେ ଶ୍ରୀଶ୍ରୀ ମହାଦେବ (ଶ୍ରୀରାମେଶ୍ୱର) ଏବଂ ଦ୍ୱାରକା ଧାମରେ ଦ୍ୱାରକାଧୀଶ ଶ୍ରୀକୃଷ୍ଣଙ୍କ ଉପାସନା ପ୍ରଚଳିତ। ହେଲେ ଏସବୁ ଧାମରେ ବାର ମାସରେ ସବୁ ଦେବଦେବୀଙ୍କ ମିଳିତ ଉପାସନା ବିଶେଷ ଭାବେ ପରିଲକ୍ଷିତ ହୁଏ ନାହିଁ। ଶ୍ରୀଜଗନ୍ନାଥ ଧାମର ଉପାସନା ପଞ୍ଚ ଦେବଦେବୀଙ୍କୁ ନେଇ ରୁଦ୍ଧିମନ୍ତ। ଏଠାରେ ଶିବଙ୍କର ଉପାସନା ଯେତିକି ମର୍ଯ୍ୟାଦା ପାଇଛି, ଶକ୍ତିଙ୍କ ଉପାସନା ମଧ ସେତିକି ମର୍ଯ୍ୟାଦା ପାଇଛି। ଶକ୍ତି ଉପାସନାରେ ମୁଖ୍ୟ ଦେବୀ ଭାବେ ଦୁର୍ଗା ଏବଂ କାଳୀଙ୍କ ପୂଜା ପ୍ରଚଳିତ ଅଛି। ଆଶ୍ୱିନ ମାସରେ ମା' ଦୁର୍ଗାଙ୍କର ପୂଜା ହୁଏ। ସେହିପରି କାର୍ତ୍ତିକ ମାସରେ ମହାକାଳୀଙ୍କ ପୂଜା ଅନୁଷ୍ଠିତ ହୁଏ।

ଶ୍ରୀକ୍ଷେତ୍ରରେ କାଳୀ ଉପାସନା ବହୁ ପ୍ରାଚୀନ। ଦକ୍ଷିଣକାଳୀ, ଶ୍ୟାମାକାଳୀ, ଉତ୍ତରକାଳୀ, କୃଷ୍ଣକାଳୀ, ବାଟକାଳୀ, ଗଛକାଳୀ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥ ମନ୍ଦିର ଉପାସନା ସହିତ ଜଡ଼ିତ। ଦକ୍ଷିଣକାଳୀ ଶ୍ରୀମନ୍ଦିର ରୋଷଶାଳା ସହିତ ସଂଶ୍ଳିଷ୍ଟ ରହିଥିବା ବେଳେ ଶ୍ୟାମାକାଳୀ ହେଉଛନ୍ତି ଗଜପତି ମହାରାଜାଙ୍କର ପୁରୀରେ ଥିବା ବାଲିନଅରର ଉପାସ୍ୟା। ୧୬୪୭ ମସିହା ପରେ ନଅର ଧୀରେ ଧୀରେ ତାହାର ଗୁରୁତ୍ୱ ହରାଇବା ଆରମ୍ଭ କରିଥିଲା। ଶେଷରେ ଧ୍ୱଂସ ପାଇଯିବା ପରେ ମଧ ମା' ଶ୍ୟାମାକାଳୀ ଅକ୍ଷୁଣ୍ଣ ଅଛନ୍ତି। ଏବେ ବି ମା'ଙ୍କ ପୂଜାବିଧି ଯଥାରୀତି ଚାଲିଛି। ସେହିପରି ଉତ୍ତରକାଳୀ ମାଟିମଣ୍ଡପ ସାହିରେ ଏବଂ କୃଷ୍ଣକାଳୀ ଗୌଡ଼ବାଡ ସାହିରେ ଶ୍ରୀଜମେଶ୍ୱରଙ୍କ ମନ୍ଦିର ନିକଟରେ ଉପାସିତ ହେଉଛନ୍ତି। ଗଛକାଳୀ ଏବଂ ବାଟକାଳୀ ବାଲିସାହି (ଉଆଁସ ଦାଣ୍ଡ)ରେ ପୂଜିତ ହେଉଛନ୍ତି। ସହର ଉପକଣ୍ଠ ବୀରପ୍ରତାପପୁର, ବୀରଗୋବିନ୍ଦପୁର ଏବଂ ସମଯାଜପୁରରେ ମା' କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ବେଶ୍ ଧୁମ୍‌ଧାମରେ ହୋଇଆସୁଛି। ଦୀପାବଳିପର୍ବ ଓଡ଼ିଶାରେ କାଳୀପୂଜା ଓ ପାର୍ବଣଶ୍ରାଦ୍ଧ ପାଇଁ ପ୍ରସିଦ୍ଧ। ଏହିଦିନ ମହାଳୟା ବିଧିରେ ଆମନ୍ତ୍ରିତ ହୋଇଥିବା ପିତୃପୁରୁଷଙ୍କୁ ଫଳମୂଳରେ ଶ୍ରାଦ୍ଧ ଦିଆଯାଇ କାଉଁରିଆ କାଠ ଜାଳି ପିତୃଲୋକଙ୍କୁ ବିଦାୟ ଦିଆଯାଏ। ସେଥିପାଇଁ ଶ୍ରଦ୍ଧାରେ କୁହାଯାଏ ବଡ଼ବଡ଼ିଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ। ପିତୃପୁରୁଷଙ୍କୁ ବିଦାୟ ଦେବା ପରେ ମହାକାଳୀ ପୂଜା ଆରମ୍ଭ ହୁଏ। ଏହା ନିଶାର୍ଦ୍ଧ ପୂଜା। ଓଡ଼ିଶା ପରମ୍ପରାରେ ମହାକାଳୀ ବିବସ୍ତ୍ରା ନୁହନ୍ତି। ଲହ ଲହ ଜିହ୍ୱାରେ ସେ ବିବସ୍ତ୍ରା ହୋଇ ପୂଜା ପାଆନ୍ତି ନାହିଁ। ଶାନ୍ତ ଭାବରେ ପୂଜା ପାଇଥାନ୍ତି କାଳୀଙ୍କର ଶାନ୍ତ ମୂର୍ତ୍ତି। ପୂଜାର ଯେଉଁ ଐତିହ୍ୟ ରହିଛି, ସେଥିରୁ ଜଣାଯାଏ ଓଡ଼ିଶାରେ କାଳୀ ବିଦଗ୍ଧା ଓ ଅଭିମାନିନୀ। ତେଣୁ ମା'ଙ୍କର ଶାନ୍ତସ୍ୱରୂପକୁ ପୂଜା କରାଯାଏ ବୋଲି ଓଡ଼ିଶାର ମୂର୍ତ୍ତିତତ୍ତ୍ୱରୁ ଏହା ପ୍ରମାଣିତ।

**ରିପୋର୍ଟ: ହେମନ୍ତ କୁମାର ନାୟକ, ପୁରୀ ଅଫିସ** | **ଫଟୋ: ଅନିଲ କୁମାର ସାହୁ**

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ନ ପାରି ଛାତ୍ରୀଛାତ୍ର ନିରାଶ

ସମ୍ବଲପୁର,୫ା୧୧(ବ୍ୟୁରୋ)

ରାଜ୍ୟ ସାରା ମେଧାବୃତ୍ତି ଓ ଭାଷାବୃତ୍ତି ପାଉଥିବା ଛାତ୍ରୀଛାତ୍ରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଥା ହେବେ। ଶୁଭେଚ୍ଛା ଜଣାଇବେ। ଏଥିପାଇଁ ଛାତ୍ରୀଛାତ୍ର ଅପେକ୍ଷା କରିଥିଲେ। ହେଲେ ସମ୍ବଲପୁର ଜିଲାରେ ଏହାର ବ୍ୟତିକ୍ରମ ଦେଖା ଦେଇଛି । ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଛି । ଜିଲାର ସମସ୍ତ ବ୍ଲକରେ ସୋମବାର ଅପରାହ୍ନ ୪ଟାରୁ ୬ଟା ୫୦ ମିନିଟ ଭିତରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିଲା । ହେଲେ ୪ଟି ବ୍ଲକରେ କାର୍ଯ୍ୟକ୍ରମ ଠିକ ଭାବେ ଚାଲିଥିବା ବେଳେ ଯୁଯୁମୁରା, ମାନେଶ୍ୱର, ରେଢ଼ାଖୋଲ, ନାକଟିଦେଉଳ ଓ କୁଚିଣ୍ଡା ବ୍ଲକରେ ଏହି କାର୍ଯ୍ୟକ୍ରମ ବିଫଳ ହୋଇଥିଲା।

### କାଇଁଶିରରେ ସିଲେଇ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ

ସମ୍ବଲପୁର, ୫ା୧୧ (ବ୍ୟୁରୋ)

କାଇଁଶିରରେ ଚାଲିଥିବା ଶ୍ରୀ ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ସେବା ସଂଘ ଓ ଜିଲା ରେଡକ୍ରସ ପକ୍ଷରୁ ସିଲେଇ ଶିକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି, ଜୟ ଜର୍ଜ ଓ ପ୍ରମିଳା ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ୨୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କାଇଁଶିର, ସିଂଘପାଲି, ଧନୁପାଲି ଓ ଅଇଁଠାପାଲିର ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ସଂଘ ସମ୍ପାଦକ ଅଶୋକ ହୋତା ସ୍ୱାଗତ ଭାଷଣ ଦେଇଥିଲେ । ସଞ୍ଜୀବ ସୋମ, ସୁବିର ସେନ୍ ଗୁପ୍ତା, ଶଙ୍କର ପ୍ରସାଦ ଘୋଷ, ଅପୂର୍ବ ମୁଖାର୍ଜି, କାଳିପ୍ରାସଦ ସ୍ୱିହା, ଟିଙ୍କୁ ରାୟ, ମାନଭଞ୍ଜନ ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୦ ତାରିଖ ପ୍ରଶିକ୍ଷଣ ଶିବିରକୁ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଶୁଭାରମ୍ଭ କରିଥିଲେ । ସୂର୍ଯ୍ୟ ପାଣିଗ୍ରାହୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ ।

### ନରସିଂହ ମିଶ୍ର ବାମରା ଡିଏଫ୍‌ଓ

ସମ୍ବଲପୁର, ୫ା୧୧ (ବ୍ୟୁରୋ)

ସମ୍ବଲପୁର ଜିଲା ବାମରା ଡିଏଫଓ ଭାବେ ନରସିଂହ ମିଶ୍ର ଯୋଗ ଦେଇଛନ୍ତି। ପୂର୍ବରୁ ଅବସ୍ଥାପିତ ସନତ କୁମାର ଏନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ସେହିପରି ବରିଷ୍ଠ କିରାଣି ବସନ୍ତ କୁମାର ତାଜନଙ୍କୁ ମଧ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି।

### ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତାଙ୍କ କବ୍‌ଜାରେ କର୍ମ ନିୟୋଜନ ଅଫିସ, ତାଲା ଠୁଙ୍କିଦେଲେ

# ନିଯୁକ୍ତି ଦିଅ, ନ ହେଲେ ପରିସ୍ଥିତି ଭୟଙ୍କର ହେବ






ରେଢ଼ାଖୋଲରେ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ନିୟୋଜନ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି (ବାମ) । ସୋମବାର ସମ୍ବଲପୁର ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଫିସ ସମ୍ମୁଖରେ ଯୁବ ଭାଜପା କର୍ମୀମାନେ ବିକ୍ଷୋଭ କରୁଛନ୍ତି ।





ସମ୍ବଲପୁର ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଫିସକୁ ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଧସେଇ ପଶିବା ପରେ ପୋଲିସ୍ ସହ ଠେଲାପେଲା ଚାଲିଛି । (ବାମ) । ନିୟୋଜନ ଅଫିସ ମୁଖ୍ୟ ଗେଟକୁ ତାଲା ମାରି କର୍ମୀମାନେ ଶ୍ଳୋଗାନ ଦେଉଛନ୍ତି ।

- ସମ୍ବଲପୁର-ଝାରସୁଗୁଡ଼ା ଶିଳ୍ପ କରିଡର
- ନିଯୁକ୍ତି ଦେଉନାହାନ୍ତି ସ୍ଥାନୀୟ କମ୍ପାନୀ
- ସ୍ଥାନୀୟ ଶିକ୍ଷିତ ଯୁବତୀ, ଯୁବକ ବେକାର
- ବିକ୍ଷୋଭ ବେଳେ ପୋଲିସ ସହ ଧସ୍ତାଧସ୍ତି

ସମ୍ବଲପୁର,୫ା୧୧(ବ୍ୟୁରୋ)

ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ଶିଳ୍ପ ସଂସ୍ଥା ଗଢ଼ି ଉଠିଛି। ମୁଖ୍ୟତଃ ସମ୍ବଲପୁର-ଝାରସୁଗୁଡା ମଧ୍ୟରେ ପ୍ରାୟ ଶହେଟି ଛୋଟ ବଡ କାରଖାନା ସ୍ଥାପନ ହୋଇଛି। ତେଣୁ ଏହି ଦୁଇ ଜିଲାକୁ ଶିଳ୍ପ କରିଡର୍ କୁହାଯାଉଛି। କିନ୍ତୁ ପରିତାପର ବିଷୟ ଯେ, ସ୍ଥାନୀୟ ଶିକ୍ଷିତ ଯୁବକମାନଙ୍କୁ ନିଯୁକ୍ତି ମିଳୁନାହିଁ। ହେଲେ ଏହି ଶିଳ୍ପସଂସ୍ଥାରେ ରାଜ୍ୟ ବାହାର ଯୁବକଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ସ୍ଥାନୀୟ ଶିକ୍ଷିତ ଯୁବକମାନେ ବେକାର ହେଉଛନ୍ତି। ଏଥିପ୍ରତି ରାଜ୍ୟ ସରକାର ବି ଦୃଷ୍ଟି ଦେଉନାହାନ୍ତି। ଏମିତି ଦେଖିବାକୁ ଗଲେ ସରକାରୀ ନିଯୁକ୍ତି ତ ମିଳୁନି। ଅନ୍ୟପକ୍ଷେ ସମ୍ବଲପୁର ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଫିସ ନାମକୁ ମାତ୍ର ରହିଛି । ଏହା କୌଣସି କାମରେ ଆସୁନି। ଏଠାରେ ନିଯୁକ୍ତ କର୍ମଚାରୀ ଆଉ ବାବୁଙ୍କ ପାଇଁ କେବଳ ରାଜ୍ୟ ରାଜକୋଷରୁ ଟଙ୍କା ଶ୍ରାଦ୍ଧ ହେଉଛି। ଏଭଳି ଅଭିଯୋଗ କରିବା ସହ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବିରେ ସୋମବାର ସମ୍ବଲପୁର ଜିଲା ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଫିସରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

ଜିଲା ସଭାପତି ରିକନ୍ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା । ବୁଢ୍ଢାହିଲ୍ ରାମ ମନ୍ଦିରରୁ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକମାନେ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ସେମାନେ ଜିଲା ନିୟୋଜନ ଓ ଦକ୍ଷତା ବିକାଶ ଅଫିସରେ ପହଞ୍ଚିଥିଲେ । ଭିତରକୁ ପ୍ରବେଶ ପାଇଁ ଉଦ୍ୟମ କଲାବେଳେ ଯୁବ ମୋର୍ଚ୍ଚା କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ସ୍ଥାନୀୟ ଯୁବକଙ୍କୁ କମ୍ପାନୀରେ ନିଯୁକ୍ତି ନ ଦେଲେ ଆନ୍ଦୋଳନ ଦୁର୍ବାର ହେବ। ଏଥିପାଇଁ ଜିଲା ପ୍ରଶାସନ ଦାୟୀ ରହିବ ବୋଲି ଦଳ ଚେତାବନୀ ଦେଇଛି। ମାନସରଞ୍ଜନ ବକ୍ସି, ବିଜୟ ଅଗ୍ରୱାଲ, ସତୀଶ ଦୋରା, ପ୍ରଭୁଦତ୍ତ ପଣ୍ଡା, ଉତ୍ତମ ବିଶ୍ୱାଳ, ରିକି ବେହେରା, ବିଶ୍ୱଜିତ ବାଗ, ସୁରେନ୍ଦ୍ର ପ୍ରଧାନ, ଅଭିନାଶ ତିୱାରି, ଶେଖର ଅଗ୍ରୱାଲ, ଜୟନ୍ତ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### ଚାକିରି ନ ପାଇ ବେକାର ଯୁବତୀ ଯୁବକ ଦାଦନ ଯାଉଛନ୍ତି

ରେଢ଼ାଖୋଲ,(ଡି.ଏନ.ଏ.)

ନିଯୁକ୍ତି ସମସ୍ୟାକୁ ନେଇ ରେଢାଖୋଲ ଉପ ନିୟୋଜନ କାର୍ଯ୍ୟାଳୟକୁ ମଧ୍ୟ ସୋମବାର ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା ଘେରାଉ କରିଛନ୍ତି। ଓଡିଶାରେ ବେକାରୀ ସମସ୍ୟା ବୃଦ୍ଧି ପାଉଛି। ରାଜ୍ୟ ସରକାର ବେକାର ସମସ୍ୟା ଦୂର କରିବାରେ ବିଫଳ ହୋଇଛନ୍ତି। ୨୦୧୬ରେ ପ୍ରକାଶିତ ଓଡିଶା ଇକୋନମିକ ସର୍ଭେ ଅନୁସାରେ ନିୟୋଜନ କାର୍ଯ୍ୟାଳୟରେ ନାମ ତାଲିକା ଭୁକ୍ତ ହୋଇଥିବା ୨.୨୮ଲକ୍ଷ ଶିକ୍ଷିତ ବେକାର ଯୁବତୀ ଯୁବକ ମାନଙ୍କ ମଧ୍ୟରୁ ମାତ୍ର ୧୧୪ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଚାକିରି ନ ପାଇ ବେକାର ଯୁବତୀ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଏଭଳି ଅଭିଯୋଗ କରିଛି ଭାଜପା ଯୁବ ମୋର୍ଚ୍ଚା। ଭାଜପା ରେଢ଼ାଖୋଲ ଶାଖା ପକ୍ଷରୁ ସୋମବାର ଉପ ନିୟୋଜନ କାର୍ଯ୍ୟାଳୟକୁ ଘେରାଉ କରି ତାଲା ପକାଇ ଦିଆଯାଇଥିଲା। ଯୁବ ମୋର୍ଚ୍ଚା କର୍ମୀମାନେ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଉପ ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାଜପା ଯୁବ ମୋର୍ଚ୍ଚା ସଭାପତି ଅନିଲ ପୃଷ୍ଟିଙ୍କ ନେତୃତ୍ୱରେ ଗୋବିନ୍ଦ ଅଗ୍ରୱାଲ, ଶିବରାମ ସାହୁ, ରାଜେନ୍ଦ୍ର ବୈଠାରୁ, ଶିବ ପ୍ରସାଦ ପାନିକର, ଦୀପକ ସାହୁ, ଧ୍ରୁବଚରଣ ବିଶ୍ୱାଳ, ଅବନୀ ମେହେର, ସୌମ୍ୟରଞ୍ଜନ ପୁରୋହିତ, ବବଲୁ ଦେବ, ଶରତ ପ୍ରଧାନଙ୍କ ସମେତ ବହୁ ଯୁବ ମୋର୍ଚ୍ଚା କର୍ମୀ ଉପ ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

### ପୁଓର ଚିନ୍‌ତାରେ ମା'ବାପ୍

## ଚିକିତ୍ସା ସାହାଯ୍ ଲାଗି ଜିଲାପାଳଙ୍କୁଁ ଫେରାଦ୍

ସମ୍ବଲପୁର,୫ା୧୧(ବ୍ୟୁରୋ)



ଜିଲାପାଳଙ୍କର ଅଭିଯୋଗ ଶୁନାନିକେ ଆସିଥିବାର ରଞ୍ଜିତ ଦେହୁରୀଙ୍କର ପରିବାର।

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ୍ କଦଲୀଗଡ ଗୁଙ୍ଗିନାଲୀର ରଞ୍ଜିତ ଦେହୁରୀଙ୍କର ପରିବାର ସୋମବାର ଜିଲାପାଳଙ୍କର ଅଭିଯୋଗ୍ ଶୁନାନିରେ ଗୁହାରି କରିଥିଲେ। ଦେଢ଼ ବଛର୍‌ର ପୁଓ ରାଜେନ୍ଦ୍ରଙ୍କର ଗାଲେ ଗୁଟେ ଆବୁ ହେଇଛେ ଆର୍ ସେଟା ଦିନୁଦିନ୍‌କେ ବଢ଼ିଚାଲିଛେ। ହେଲେ ମା'ବାପ୍ ଟଁକା ପଏସା ଅଭାବ୍‌ରୁ ପୁଓର ଚିକିତ୍ସା କରେଇ ନାଇଁପାରୁଥିବାର କହିଥିଲେ। ଜିଲାପାଲ ସମର୍ଥ ବର୍ମା ରାଜେନ୍ଦ୍ରର ସବୁ ଚିକିତ୍ସା ଖରଚ୍ ସରକାର ବହନ କରବେ ଆର୍ ୧୫ ଦିନ୍ ଭିତ୍‌ରେ ଅପରେସନ୍ କରାଯିବା ବଲି କଥା ଦେଇଥିଲେ। ଜିଲାପାଲଙ୍କର ପରତିଶ୍ରୁତି ଶୁନି ଦେହୁରୀ ପରିବାର ଧରଯ୍ ଧରିଛନ୍। ସେମାନେ ରଜନୀ ବହୁତ୍ ଜଲ୍‌ଦି ଭଲ୍ ହେଇଯିବା ବଲି ଆଶ୍ ବାଁଧିଛନ୍। ସୂଚ୍‌ନା ହିସାବେ ରଞ୍ଜିତ ଆର୍ ରଞ୍ଜିତାଙ୍କର ପୁଓ ରାଜେନ୍ଦ୍ର ଜନମ୍ ହେଲା ଉତାରୁ ଘରେ ଖୁସିର ଲହରୀ ଖେଲି ଯାଇଥିଲା। ହେଲେ ପଛେ ପୁଓ ରାଜେନ୍ଦ୍ର(୨୦ମାସ)ର ଭୁଜ୍‌ନି ଗାଲେ ଗୁଟେ ଆବୁ ବଢ଼ବାରେ ଲାଗ୍‌ଲା। ଇତାକେ ନେଇ ପରିବାର ଲୋକ୍ ଚିନ୍‌ତାରେ ପଡିଗଲେ। ପରିବାରଟା ଅଭାବ୍ ଅନାଟନରେ ଥିଲେ ବି ପୁଓର ଚିକିତ୍ସା ଲାଗି ଧାର ଉଧାର କରି ସମ୍ବଲପୁର ସଦରଡାକ୍ତର ଖାନା, ବୁର୍ଲା ବଡ଼ ଡାକ୍ତରଖାନା, ଭୁବନେଶ୍ୱରର ଗୁଟେ ଘରୋଇ ଡାକ୍‌ତରଖାନାକେ ନେଇଥିଲେ। ପଛେ କଟକ ବଡ଼ ଡାକ୍‌ତରଖାନାକେ ଯାଇ ଡାକ୍‌ତରଙ୍କୁଁ ଦେଖେଇଥିଲେ। ସେଠାନେ ପରୀକ୍ଷା ନୀରିକ୍ଷା କଲା ଉତାରୁ ଡାକ୍‌ତରମାନେ ୨୦୧୯ ମେ'ରେ ଆଏଲେ ଛୁଆର ଆବୁ ଅପରେସନ୍ କରାଯିବା ବଲି ପରାମର୍ଶ୍ ଦେଇଥିଲେ। ହେଲେ ଆହୁରୀ ୭ ମାସ୍ ଉତାରୁ ଅପରେସନ୍ କରାଗଲେ ପୁଓର ଅବସ୍‌ତା କାଣା ହେଇଥିବା ଭାବି ଚିନ୍‌ତାରେ ପଡ଼ିଯାଇଥିଲେ ପରିବାର ଲୋକ୍। ଏହେଦେ ପୁଓ ତରଲ ଖାଏଦ୍ ଖାଉଛେ, ଚିକିତ୍ସା ନାଇଁକଲେ ଆଗ୍‌କେ ଆବୁ ଆହୁରି ବଢ଼ିଯିବାର ଭଏ ରହୁଛେ। ଯେନ୍‌ଥିରେ ପୁଓର ଖାଏବାର ପିଇବାର ବି ବଁନ୍ଦ୍ ହେଇଯିବାର ଆଶଁକା ଅଛେ। ସେଥିରଲାଗି ପୁଓର ଚିକିତ୍ସା ସାହାଯ୍ ଲାଗି ଜିଲାପାଲଙ୍କୁଁ ଗୁହାରି କରବାକେ ଆସିଥିବାର ବାପା ରଞ୍ଜିତ କହିଛନ୍।

## ଯୁଯୁମୁରା ପଞ୍ଚାୟତ ସମିତି ବୈଠକରେ ହଲାପଟା

ସମ୍ବଲପୁର,୫ା୧୧(ବ୍ୟୁରୋ)

### ବିସ୍ଫୋରଣ ହେଲା ଜନପ୍ରତିନିଧିଙ୍କ ଅସନ୍ତୋଷ

- ଆମ ଆମ ଗାଁ ବିକାଶ ଯୋଜନାକୁ ନେଇ ଝଡ
- ୩ ଘଣ୍ଟା ଅଚଳ, ପ୍ରତିଶ୍ରୁତି ପରେ ଚାଲିଲା
- କାମରେ ଦୁର୍ନୀତି ହେଉଥିବା ଅଭିଯୋଗ
- ରାଜନୈତିକ ଚାପରେ ହେଉଛି କାମ

ପ୍ରତ୍ୟେକ ଉନ୍ନୟନ କାମ ରାଜନୈତିକ ଚାପରେ ହେଉଛି । ସରକାରୀ ଟଙ୍କାରେ ଶାସକ ଦଳ ପ୍ରଚାର ପ୍ରସାର କରୁଛି । ଆମ ଗାଁ ଆମ ବିକାଶରେ ସବୁ ନିୟମକୁ ଜଳାଞ୍ଜଳି ଦେଇ କାମ କରା ଯାଉଛି । ଲୋକେ ବିଶ୍ୱାସ କରି ନିର୍ବାଚିତ କରିଥିବା ଜନପ୍ରତିନିଧିମାନଙ୍କୁ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଅଣଦେଖା କରା ଯାଉଛି। ତେଣୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁ ନାହିଁ। ସୋମବାର ଯୁଯୁମୁରା ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ଜନପ୍ରତିନିଧିମାନେ ଏଭଳି ଅଭିଯୋଗ କରି ହଲାପଟା କରିଛନ୍ତି। ଏଣୁ ୩ ଘଣ୍ଟା ଧରି ବୈଠକ ବନ୍ଦ ରହିଥିଲା। ଉପସ୍ଥିତ ବିଡିଓ ନୀଳାମ୍ବର ମହାନନ୍ଦ ଏଥିରେ ହସ୍ତକ୍ଷେପ କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ବାହାମ ସରପଞ୍ଚ ମିତ୍ରଭାନୁ ପ୍ରଧାନ, କୁକୁଡାପାଲି ସମିତି ସଭ୍ୟା ସସ୍ମିତା ଦେହୁରୀ ବିଭିନ୍ନ ଅଭିଯୋଗ ଆଣି ବ୍ଲକ୍ ପ୍ରଶାସନ ଉପରେ ବର୍ଷିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ଜେଇ ଓ ପଞ୍ଚାୟତ ଇଓଙ୍କଠାରୁ ୨୫ରୁ ୩୦ ହଜାର ଟଙ୍କା କେଉଁ କାରଣରୁ ଆଦାୟ କରାଯାଇଥିଲା ବୋଲି ଟାମ୍ପରଗଡ ପଞ୍ଚାୟତ ଇନ୍ଦ୍ରାବତୀ ବେହେରା ଅଭିଯୋଗ କରିଥିଲେ। ତେବେ ସମସ୍ତଙ୍କ ଅଭିଯୋଗ ଉପରେ ଜିଲା ପ୍ରଶାସନକୁ ଜଣାଇ ଦିଆଯିବ । ଦୁର୍ନୀତି ହୋଇଥିବା କାମର ତଦନ୍ତ କରାଯିବ। ଏଥିପାଇଁ ଏକ କମିଟି କରାଯିବ ବୋଲି ବିଡିଓ ମହାନନ୍ଦ ଉତ୍ତେଜିତ ଜନପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ପୁଣି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ନାଏକ, ଉପାଧ୍ୟକ୍ଷ ନିରଞ୍ଜନ ପଣ୍ଡା, ଜିଲା ପରିଷଦ ସଭ୍ୟା ରୀନା ବେହେରା, ପ୍ରଫୁଲ ମିର୍ଦ୍ଧା , ଗିରିଜା ଶଙ୍କର ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେପ୍ଟେମ୍ବର ୯ ତାରିଖ ଯୁଯୁମୁରା ବ୍ଲକରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସରକାରୀ କାର୍ଯ୍ୟକ୍ରମକୁ ଦଳୀୟ କରାଯାଇଥିବା ନେଇ କୁକୁଡାପାଲି ସମିତି ସଭ୍ୟା ସସ୍ମିତା ଦେହୁରୀ ଓ ଅନ୍ୟମାନେ ବିରୋଧ କରିଥିଲେ । ଏଥିପାଇଁ ପୋଲିସ ବଳପୂର୍ବକ ସେମାନଙ୍କୁ ଥାନାକୁ ନେଇଯାଇଥିଲା । ୪ ଜଣ ସମିତି ସଭ୍ୟା ଥାନାରେ ୩ ଘଣ୍ଟା ଧରି ଅଟକ ଥିଲେ। ଖବର ପାଇ କଂଗ୍ରେସ କର୍ମୀ ଥାନରେ ପହଞ୍ଚି ଥିଲେ। ଅଧିକ ଝାମେଲାରେ ନ ପଶିବାକୁ ପରେ ସେମାନଙ୍କୁ ପୋଲିସ ଛାଡି ଦେଇଥିଲା।




ଯୁଯୁମୁରା ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ବ୍ଲକ ପ୍ରଶାସନିକ ଅଧିକାରୀ ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।

- ଲର୍ଡ ବାଇରନ



## ସଂକ୍ଷେପରେ

### ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀଙ୍କ ଅନଶନ

**ଦେବଗଡ,୫।୧୧(ସ୍ୱ.ପ୍ର.)**- ଦେବଗଡ଼ ଜିଲା ରିଆମାଳ ବ୍ଲକର ନୂତନ ପଞ୍ଚାୟତ ଭାବେ ସ୍ଥାପିତ ହୋଇଥିବା ନୂଆଁପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ କେନ୍ଦ୍ର କରି ଆଉଁଳି ଏବଂ ନୂଆଁପଡା ଗ୍ରାମବାସୀଙ୍କ ମଧ୍ୟରେ ଚାଲିଥିବା ଟଣାଓଟରା ଥମିବାର ନାଁ ଧରୁନି। ଗତ ୨୬ ତାରିଖରେ ଆଉଁଳି ଗ୍ରାମ ନିକଟସ୍ଥ ଏକ ଜାଗାରେ ନୂତନ ପଞ୍ଚାୟତ କୋଠା ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭୂମୀ ପୂଜନ କରାଯାଇଥିଲା। ହେଲେ ଏହାକୁ ବିରୋଧ କରି ନୂଆଁପଡ଼ା ଗ୍ରାମବାସୀ ୨୭ ତାରିଖରେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ହେଲେ କୌଣସି ସନ୍ତୋଷ ଜନକ ପ୍ରତିଶ୍ରୁତି ନ ପାଇ ଗ୍ରାମବାସୀ ଜିଲା ପ୍ରଶାସନ ନୀରବତା ଅବଲମ୍ବନ କରୁଥିବାର ଅଭିଯୋଗ କରିବା ସହ ଗତ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ରିଆମାଳ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଏପରି କି ରିଆମାଳ ବିଡିଓଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ। ୪ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ଆମରଣ ଅନଶନ କରିବାକୁ ଚେତାବନୀ ଦେଇଥିଲେ। ଫଳ ସ୍ୱରୁପ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସୋମବାର ବିକ୍ଷୋଭ ରାଲିରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆମରଣ ଅନଶନରେ ବସିଥିଲେ। ସନ୍ଧ୍ୟାରେ ଜିଲାପାଳ ସୁଧାଂଶୁ ମୋହନ ସାମଲ, ଏସ୍‌ପି ଅନୁପମା ଜେମ୍ସଙ୍କ ସହ ବରିଷ୍ଠ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଆନ୍ଦୋଳନକାରୀ ନିଜ ଜିଦରେ ଅଟଳ ରହି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।



### ଶିକ୍ଷାବିତ ଭୁବନ ନନ୍ଦଙ୍କ ପରଲୋକ

ଦେବଗଡ,୫।୧୧(ସ୍ୱ.ପ୍ର.)- ଦେବଗଡ଼ ସହରର ବିଶିଷ୍ଟ ଶିକ୍ଷାବିତ୍ ତଥା ଦେବଗଡ କଲେଜର ପୂର୍ବତନ ପ୍ରଧାପକ ଭୁବନ ମୋହନ ନନ୍ଦଙ୍କ ପରଲୋକ ହୋଇଯାଇଛି। ସୁଦୂର ଛତିଶଗଡ ରାଜ୍ୟର ଡଙ୍ଗରଗଡରେ ତାଙ୍କ ସାନ ପୁଅ ଅରବିନ୍ଦ ନନ୍ଦଙ୍କ ସହ ରହୁଥିଲେ। ସେଠାକାର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ଶୁଣି ସହରରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ସେଠାରେ ତାଙ୍କର ଅନ୍ତିମ ସଂସ୍କାର



ତାଲା ବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା ଯୁବ ମୋର୍ଚ୍ଚା କର୍ମକର୍ତ୍ତା।

### ଉତ୍କଟ ବେରୋଜଗାରୀ ସମସ୍ୟା ପ୍ରତିବାଦ

# ଭାଜପାର ତାଲା ବନ୍ଦ, ବିକ୍ଷୋଭ ପ୍ରଦର୍ଶନ

**ଦେବଗଡ,୫।୧୧(ସ୍ୱ.ପ୍ର.)**

ଦେବଗଡ଼ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲାରେ ଦେଖାଦେଇଥିବା ଉତ୍କଟ ବେରୋଜଗାରୀ ସମସ୍ୟା ପ୍ରତିବାଦରେ ସୋମବାର ସ୍ଥାନୀୟ ଜିଲା ନିୟୋଜନ କାର୍ଯ୍ୟାଳୟ ଘେରାଉ କରିବା ସହ ତାଲା ମାରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ରାଧାକୃଷ୍ଣ ମନ୍ଦିରରୁ ଏକ ବାଇକ୍ ରାଲି ବାହାରି ସହର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜୀ ଦେଇଥିଲେ। ତୁରନ୍ତ ଜିଲାର ଶିକ୍ଷିତ ବେକାର ଯୁବତୀ, ଯୁବକମାନଙ୍କୁ ରୋଜଗାର ଯୋଗାଇ ଦେବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତିବ୍ରତର କରାଯିବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏଥିରେ ଜିଲା ସଭାପତି ଅରୁଣ ସାହୁ, ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଆଲୋକ ମିଶ୍ର, ଦୟାଶଙ୍କର ଦ୍ୱିବେଦୀ, ବିଧାନସଭା ଯୁବ ସଂଯୋଜକ ତପନ ସାମଲ, ବାରକୋଟ ମଣ୍ଡଳ ସଂଯୋଜକ ସରୋଜ ପ୍ରଧାନ, କଲା ମଣ୍ଡଳ ସଭାପତି ମିତ୍ରଭାନୁ ସାହୁ, ରିଆମାଳ ସଂଯୋଜକ ଅଚ୍ୟୁତ ସାହୁ, ମଣ୍ଡଳ ସଂଯୋଜକ ରୁଦ୍ରନାରାୟଣ ସାହୁ, ବିରଞ୍ଚି ନନ୍ଦ, ମୀନକେତନ ପ୍ରଧାନ, ରମଣୀରଞ୍ଜନ ଦାସ, ସୁରୁ ପାତ୍ର, ଶଙ୍କର ଦ୍ୱିବେଦୀ, ଅଭିନାଶ ପ୍ରଧାନଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଗଡରେ ଗାନ୍ଧୀ ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା

**ଦେବଗଡ଼,୫।୧୧(ସ୍ୱ.ପ୍ର.)**

ଓଡିଶା ସରକାରଙ୍କ ସହଯୋଗରେ ଓଡିଶା ଗାନ୍ଧିବାଦୀ ଫୋରମ ପକ୍ଷରୁ ରାଜ୍ୟର ୩୦ଟି ଜିଲାରେ ଗାନ୍ଧି ଶାନ୍ତି ସଦ୍‌ଭାବନା ଜ୍ୟୋତି ଯାତ୍ରା ପରିକ୍ରମା କରୁଛି। ଗତ ଅକ୍ଟୋବର ୨ତାରିଖ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ଏହି ଜ୍ୟୋତି ଯାତ୍ରା ଦେବଗଡ ଜିଲାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଜିଲାପାଳ ସୁଧାଂଶୁ ମୋହନ ସାମଲ, ଏସପି ଅନୁପମା ଜେମ୍ସ, ଡିଆରଡିଏ ଭିନସେଣ୍ଟ ପୁନମ କାନ୍ତ ଏକ୍କା ପ୍ରମୁଖ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଜ୍ୟୋତିକୁ ସ୍ୱାଗତ କରିଥିଲେ। ଏହି ଉପଲକ୍ଷେ ସ୍ଥାନୀୟ ଇଣ୍ଡୋର ହଲଠାରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଓଡିଶା ଗାନ୍ଧିବାଦୀ ଫୋରମର ଅଧ୍ୟକ୍ଷା ଡ.ରୀନା ରାଉତରାୟ ଏହି ଶାନ୍ତି ସଦ୍‌ଭାବନା ଯାତ୍ରାର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ସହିତ ଗାନ୍ଧିଜୀଙ୍କ ଜୀବନାଦର୍ଶନ ଉପରେ ମତବିନିମୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରବିନାରାୟଣ ସି. ଗାନ୍ଧିବାଦ ଉପରେ ଏଭଳି ଏକ ସଦ୍‌ଭାବନା ଯାତ୍ରାର ଆୟୋଜନ କରିଥିବାରୁ ଫୋରମର ଅଧ୍ୟକ୍ଷା ଡ.ରାଉତରାୟଙ୍କୁ ପ୍ରଶଂସା କରିଥିଲେ। ଗାନ୍ଧିବାଦୀ ଫୋରମର ଉପାଧ୍ୟକ୍ଷ ବିଶ୍ୱଜିତ ସୂର୍ଯ୍ୟବଂଶୀ ଗାନ୍ଧିବାଦର ମହନୀୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଫୋରମ ପକ୍ଷରୁ ଉପସ୍ଥିତ ବିରିଷ୍ଠ ନାଗରିକ ପ୍ରଫୁଲ ମହାପାତ୍ର, ନିରଞ୍ଜନ ଦ୍ୱିବେଦୀ, ମାର୍କଣ୍ଡେଶ୍ୱର ଶତପଥୀ ଓ ସାମାଜିକକର୍ମୀ ଅମୀୟ ପ୍ରସାଦ ମିଶ୍ରଙ୍କୁ ଖଦୀମାଳ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପୂର୍ବରୁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାଣ୍ଡ ଗ୍ରୁପ, ରାଜାବାସୁଦେବ ଉଚ୍ଚ ବିଦ୍ୟାଳୟ ଏନସିସି ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଗାଇଡଗ୍ରୁପ ଏକ ରାଲିରେ ଇନ୍ଦିରାଗାନ୍ଧି ଷ୍ଟାଡିୟମଠାରୁ ଇଣ୍ଡୋର ଷ୍ଟାଡିୟମ ଭିତରକୁ ଶାନ୍ତି ସଦ୍‌ଭାବନା ଜ୍ୟୋତିକୁ ପାଛୋଟି ନେଇଥିଲେ। ପରେ ସେଠାରେ ସୁର ସଙ୍ଗମ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରୀମାନେ ଗାନ୍ଧିଜୀଙ୍କ ପ୍ରିୟଭଜନ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଜୟ ମିଶ୍ର ପରିଚାଳନା କରିଥିବାବେଳେ ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ଜିଲା କ୍ରୀଡା ସଂଘ ସମ୍ପାଦକ ଧୀରେନ୍ଦ୍ର ନାଏକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।



ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମଠାରେ ଅୟୋଜିତ ସଭାରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ରମାନେ।

# ପିବିଆଇ ପକ୍ଷରୁ ଦାବି ପତ୍ର ପ୍ରଦାନ

**ଦେବଗଡ,୫।୧୧(ସ୍ୱ.ପ୍ର.)**

ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ) ଦେବଗଡ଼ ଶାଖା ପକ୍ଷରୁ ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବିରେ ସୋମବାର ତିଲେଇବଣି ବ୍ଲକ କେନ୍ଦେଇଗୁରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପଞ୍ଚାୟତର ୩ଶହରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୧୫୦୦ ଟଙ୍କା ଭତ୍ତା ବୃଦ୍ଧି, ବେକାରୀ ଯୁବତୀ ଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ତଥା ଭତ୍ତା ୫ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପ ସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ରାମସିଂ ମୁଣ୍ଡା, ସାମାଜିକ କର୍ମୀ ଅବନୀ ଦେହୁରିଙ୍କ ସମେତ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ତିଳେଇପଶିରେ ହାତୀପଲ, ଧାନ ଫସଲ ନଷ୍ଟ

**ରିଆମାଳ, ୫।୧୧ (ଡି.ଏନ୍.ଏ.)**–ରିଆମାଳ ବ୍ଲକ ନାଭଲିପଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ତିଳଇପଶି ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଏକ ହାତୀ ପଲ ପଶି ଧାନ ଫସଲ ନଷ୍ଟ କରିବାରୁ ଚାଷୀମାନେ ହତାଶ ହୋଇ ପଡିଛନ୍ତି। ଏପରି କି ରବି ବିଶ୍ୱାଳ, ଅଖିଳ ସ୍ୱାଇଁ, ଫକୀର ସ୍ୱାଇଁ, ସନୁମାହାରଙ୍କର ଧାନ ବିଡ଼ା ନଷ୍ଟ କରିବା ସହ ଧାନ ଫସଲ ନଷ୍ଟ କରିଥିଲେ। ଗ୍ରାମବାସୀମାନେ ବାଣ ଫୁଟାଇବା ପରେ ହାତୀମାନେ ଜଙ୍ଗଲକୁ ଚାଲି ଯାଇଥିଲେ। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ, ଚାଷୀମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ହକି ଲିଗ୍ ଉଦ୍‌ଯାପିତ, କରଡ଼ାପାଳ ଚାମ୍ପିୟନ

**ଦେବଗଡ,୫।୧୧(ସ୍ୱ.ପ୍ର.)**

ତିଲେଇବଣି ବ୍ଲକ ଅଧୀନ ସ୍ଥାନୀୟ ଖେଳ ପଡିଆଠାରେ ତିଲେଇବଣି ସ୍ପୋର୍ଟସ ଏଣ୍ଡ୍ ୟୁଥ ଆସୋସିଏଶନ୍ ଆନୁକୂଲ୍ୟରେ ଚାଲିଥିବା ୪ ଦିନିଆ ହକି ଲିଗ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ଅଞ୍ଚଳରୁ ୩୨ଟି ହକି ଟିମ୍ ଯୋଗଦେଇଥିଲେ। କରଡାପାଳ ଏବଂ ପେଣ୍ଡରାଖୋଲ ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କରଡାପାଳ ଦଳ ପେଣ୍ଡରାଖୋଲକୁ ୬-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଚାମ୍ପିୟନ ଟିମକୁ ୧୫ହଜାର ଏବଂ ରନର୍ସ ଅପ ଟିମକୁ ୧୦ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ତୃତୀୟ ଓ ଚତୁର୍ଥ ସ୍ଥାନରେ ଯଥାକ୍ରମେ ଶାନ୍ତିନଗର ଓ ପଟା ମୁଣ୍ଡା ପୁରସ୍କାର ପାଇଥିଲେ। ଏହି ଟୁର୍ନାମେଣ୍ଟକୁ ସୁନୀଲ ବାର୍ଲା, ସରୋଜ ଟିଗା, ପ୍ରଶାନ୍ତ ବାର୍ଲା ପ୍ରମୁଖ ପରିଚାଳନା କରିଥିଲେ। ଆୟୋଜନରେ ଆସୋସିଏଶନ୍‌ର ସମ୍ପାଦକ ସୁଶୀଲ ଜୟସ୍ୱାଲ, ସହ ସମ୍ପାଦକ ପ୍ରେମୁସ ଖାଖା, କୋଷାଧ୍ୟକ୍ଷ ଦିଲୀପ ଗଡନାୟକଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ। ଆସୋସିଏଶନ୍‌ର ସଭାପତି ଭୁପେନ୍ଦ୍ର ପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ହକି ଅଧିନାୟକ ତଥା ଓଡିଶା ପର୍ଯ୍ୟଟନ ନିଗମର ଅଧ୍ୟକ୍ଷ ପଦ୍ମଶ୍ରୀ ଡ. ଦିଲୀପ ତିର୍କୀ, ସମ୍ମାନୀତ ଅତିଥି ଭାବେ ଭାରତୀୟ ମହିଳା ହକି ଦଳ ଖେଳାଳୀ ରଶ୍ମିତା ମିଞ୍ଜ୍, ଜିଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ, ବିଜୁ ଯୁବ ବାହିନୀର ଜିଲା ସଂଯୋଜକ ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

# ଜରିପାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ତାଲା

**ରିଆମାଳ, ୫।୧୧ (ଡି.ଏନ୍.ଏ.)**

ରିଆମାଳ ବ୍ଲକ ଢ଼ାରଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜରିପାଳ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ପ୍ରଶାସନ ପକ୍ଷରୁ ଦୁଇଟି ପର୍ଯ୍ୟାୟରେ ଶ୍ରେଣୀ ଗୃହ ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ହେଲେ ଶ୍ରେଣୀ ଗୃହ ଗୁଡ଼ିକ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଛାତ୍ରଛାତ୍ରୀମାନେ ପାଠ ପଢ଼ିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହାକୁ ନେଇ ବିଦ୍ୟାଳୟର ପରିଚାଳନା କମିଟି ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହ ବିଦ୍ୟାଳୟ ବାହାରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଧାରଣ ଦେଇଥିଲେ। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ପାଇଁ ୩ ଲକ୍ଷ ୬୦ହଜାର ଟଙ୍କା ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ସେହି ସମୟର ପ୍ରଧାନ ଶିକ୍ଷକ ନିଳାଞ୍ଚଳ ବେହେରା କାର୍ଯ୍ୟ ସମ୍ପୂର୍ଣ୍ଣ କରି ନ ଥିଲେ ବୋଲି ଶିକ୍ଷା କମିଟିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଅଭିଯୋଗ କରିଛନ୍ତି। ତତ୍ ପରେ ଦ୍ୱିତୀୟ ପର୍ଯ୍ୟାୟରେ ୯ଲକ୍ଷ ୨୦ହଜାର ଟଙ୍କା ଶ୍ରେଣୀଗୃହ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ଉକ୍ତ ଶ୍ରେଣୀଗୃହ ମଧ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଫଳରେ ୨୦୧୮ ଅକ୍ଟୋବର ୧୨ତାରିଖରେ ଶିକ୍ଷା କମିଟି ଏ ନେଇ ବିଡିଓ ଓ ଜିଲାପାଳଙ୍କୁ ଅବଗତ କରିବା ପରେ ମଧ ସୁଫଳ ନ ମିଳିବାରୁ ବାଧ ହୋଇ ବିଦ୍ୟାଳୟରେ ତାଲା ପକାଯାଇଛି ବୋଲି ସଭାପତି ପ୍ରକାଶ କରିଛନ୍ତି। ଏହି ଘଟଣା ଘଟିବା ପରେ ତାରଙ୍ଗ ଆଞ୍ଚଳିକ ସଂଯୋଜକ ଗୁଣ୍ଡିଚା ସାହୁ ବିଦ୍ୟାଳୟରେ ପହଞ୍ଚି ଶିକ୍ଷା କମିଟିକୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ ଶିକ୍ଷା କମିଟି କର୍ଣ୍ଣପାତ କରି ନ ଥିଲେ। ତେଣୁ ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଦ୍ୟାଳୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହୋଇଛି।

# ଏମ୍‌ସିଏଲ୍ ପକ୍ଷରୁ ଭ୍ରଷ୍ଟାଚାର ଶୀର୍ଷକ ସଚେତନଧର୍ମୀ ନାଟକ ମଞ୍ଚସ୍ଥ



ଏମସିଏଲ ଆନନ୍ଦ ବିହାର କଳାକାରମାନେ ସମ୍ବଲପୁର ବିଗବଜାରଠାରେ ସଚେତନଧର୍ମୀ ନାଟକ ପ୍ରଦର୍ଶନ କରୁଛନ୍ତି।

**ସମ୍ବଲପୁର, ୫।୧୧ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ଭ୍ରଷ୍ଟାଚାର ଶୀର୍ଷକ ସଚେତନଧର୍ମୀ ନାଟକ ସମ୍ବଲପୁର ବିଗ୍ ବଜାରଠାରେ ମଞ୍ଚସ୍ଥ ହୋଇଯାଇଛି। ଏମସିଏଲ ଆନନ୍ଦ ବିହାର କଳାକାରମାନେ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସମାଜରୁ ଭ୍ରଷ୍ଟାଚାର ହଟାଇବାକୁ ସଚେତନ କରାଇଥିଲେ। କମ୍ପାନୀର ମୁଖ୍ୟ ସତର୍କତା ଅଧିକାରୀ ମୁନୱାର ଖୁର୍ସିଦଙ୍କ ନେତୃତ୍ୱରେ ଅକ୍ଟୋବର ୨୫ରୁ ନଭେମ୍ବର ୪ ପର୍ଯ୍ୟନ୍ତ ବିବିଧ କାର୍ଯ୍ୟକ୍ରମ ହୋଇଯାଇଛି। ରାଉରକେଲା, ପୁରୀ, ଭୁବନେଶ୍ୱର, ସମ୍ବଲପୁରର ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ପ୍ରବନ୍ଧଲିଖନ, ଚିତ୍ରାଙ୍କନ, ସ୍ଲୋଗାନ, କବିତା, ଲଘୁକାହାଣି ପ୍ରତିଯୋଗିତା ହୋଇଥିଲା।





ଜୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍‌ବାହାଦୁର ଶାସ୍ତ୍ରୀ

## ସଂକ୍ଷେପରେ

### ଆମେ ବଦଳାଇବୁ ଦେଶ ଆମର

ନାକଟିଦେଉଳ,୫।୧୧(ଡି.ଏନ.ଏ.)

କିସିଣ୍ଡା ମହାବିଦ୍ୟାଳୟରେ ହମ ବଦଲେଙ୍ଗେ ଅପନା ଭାରତ ବା ଆମେ ବଦଳାଇବୁ ଦେଶ ଆମର ଶୀର୍ଷକ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୁଶ୍ରୀତା ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ସାଂପ୍ରତିକ ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥା ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧାପକ କୌଶିକ ପ୍ରଧାନ ଏବଂ ସୁଶାନ୍ତ କୁମାର ନାଏକ ଆଲୋଚକ ଭାବେ ଯୋଗଦେଇ ନିର୍ବାଚନ ପଦ୍ଧତି, ଭୋଟରମାନଙ୍କ ମାନସିକତା ଏବଂ ଭବିଷ୍ୟତରେ ଭୋଟରମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧରେ ଅଧାପିକା ଅନିତା ପ୍ରଧାନ ଓ ଦିଲୀପ କୁମାର ପ୍ରଧାନ ଆଲୋଚନାରେ ଯୋଗ ଦେଇଥିଲେ। ନାକଟିଦେଉଳ କଲେଜର ଶିକ୍ଷା ବିଭାଗ ଅଧାପକ ପ୍ରଶାନ୍ତ କୁମାର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧାପିକା ସୀମାରାଣୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ

ସମ୍ବଲପୁର/ ଜମନକିରା, ୫।୧୧ (ବ୍ୟୁରୋ/ଡି.ଏନ.ଏ.)-ମାନେଶ୍ୱର, ଧନକଉଡା, ହୁମା ଓ ଦୁର୍ଗାପାଲି ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ସୋମବାର କମ୍ବଳ ବଣ୍ଟନ କରାଯାଇଛି । କଲିକତାର ଓମ୍‌ପ୍ରକାଶ ବର୍ମା, ଜମନକିରାର ନନ୍ଦଲାଲ ସାହୁ, ଦେବେନ୍ଦ୍ର ବାରିକ ଆଶ୍ରମରେ ପହଞ୍ଚି କମ୍ବଳ ପ୍ରଦାନ କରିଥିଲେ। ମାନେଶ୍ୱର ଆଶ୍ରମ ପରିଚାଳନା ସଭ୍ୟ ହରିଶଙ୍କର ପୁରୋହିତ ଉପସ୍ଥିତ ଥିଲେ।

### ଶିଶୁ ଦିବସ ମହୋତ୍ସବ 'ମହକ-୨୦୧୮'

# ସମ୍ବଲପୁରୀ ନୃତ୍ୟରେ ପ୍ରେକ୍ଷାଳୟ ଝୁମି ଉଠିଲା





ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଆୟୋଜିତ ମହକ-୨୦୧୮ରେ ପୁରସ୍କୃତ ପ୍ରତିଯୋଗୀ ଓ କର୍ମକର୍ତ୍ତା (ବାମ)। ସମ୍ବଲପୁରୀ ନୃତ୍ୟ ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ସୋମବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଶିଶୁ ଦିବସ ମହୋତ୍ସବ 'ମହକ- ୨୦୧୮' ଅନୁଷ୍ଠିତ ହୋଇଯାଇଛି। ଦଳଗତ ସମ୍ବଲପୁରୀ ନୃତ୍ୟରେ ପ୍ରେକ୍ଷାଳୟ ଝୁମି ଉଠିଥିଲା । ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିବିଧ ପ୍ରତିଯୋଗିତା ହୋଇଥିଲା । ଚେସ୍, ବକ୍ତୃତା, ଗୀତ, ଚିତ୍ରାଙ୍କନ, ଉଚ୍ଚଡିଆଁ, ଲମ୍ବଡିଆଁ, ରିଲେ ରେସ, ୧୦୦ ମିଟର ଦୌଡ, ଫୁଟବଲ ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ହୋଇଥିଲା । ଏଥିରେ ଧନକଉଡା ବାଳାଶ୍ରମ, ରୁକ୍ମିଣୀ ଲାଠ ବାଳନିକେତନ ଓ ଫୁଲଝରନ ଡା. ଆଇଜାକ୍ ସାନ୍ତ୍ରା ବାଳ ନିକେତନର ୧୮୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଡେପୁଟି କଲେକ୍ଟର ସିତାଂଶୁ ତ୍ରିପାଠୀ, ସିଡିଏମଓ ଡା. କଲ୍ୟାଣ କୁମାର ଗୁପ୍ତା, ଜିଲା ରେଡକ୍ରସ ଉପାଧକ୍ଷା ଡା. ଦୀପ୍ତିବାଳା ପଟ୍ଟନାୟକ, ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥି , ସିଡିପିଓ ଗୀତାଞ୍ଜଳି ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଶିଶୁ ଦିବସ ମହୋତ୍ସବର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ । ବକ୍ତୃତା ବିଭାଗରେ ପଦ୍ମନାଭ ମହାକୁର, କୃଷ୍ଣଚନ୍ଦ୍ର କନ୍ଦେର ଓ ଉଦିତ ଚନ୍ଦ୍ର ପାଟ୍ଟଯୋଶୀ, ଚିତ୍ରାଙ୍କନରେ ପ୍ରଶାନ୍ତ ମହାକୁର ଓ ରାଧାରମଣ ମୁଦୁଲି ଏବଂ ସଂଗୀତରେ ବିଭୁତି ପଟ୍ଟନାୟକ, ସନ୍ତୋଷ ମିଶ୍ର ଓ ଗୋପାଳ ନାୟକ ବିଚାରକ ଭାବେ ଯୋଗ ଦେଇଥିଲେ । ବ୍ୟାମକେଶ ପାଣିଗ୍ରାହୀ, ସରିତା ମହାପାତ୍ର, ବବିତା କର, ରାଜଲକ୍ଷ୍ମୀ ପାଣ୍ଡେ, ସଲିଲ ଚୌଧୁରୀ, ସ୍ନିଗ୍ଧାରାଣୀ ମହାପାତ୍ର ମହକ ପରିଚାଳନାରେ ସହଯୋଗ କରିଥିଲେ। ଅକ୍ଟୋବର ୭ ତାରିଖ ଆୟୋଜିତ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀମାନଙ୍କୁ ମଧ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ଯୁବ ହକି କପ୍: ନର୍ଦନଷ୍ଟାର- ଜମନକିରା ଫାଇନାଲ ଆଜି



ସୋମବାର ହାୱା ମଇଦାନଠାରେ ଆୟୋଜିତ ସେମିଫାଇନାଲ ମ୍ୟାଚରେ ଅତିଥିଙ୍କ ସହ ଖେଳାଳିମାନେ ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ଜିଲା ପ୍ରଶାସନ ଓ ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ଆୟୋଜିତ ଯୁବା ହକି କପର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ମଙ୍ଗଳବାର ନର୍ଦନଷ୍ଟାର ଓ ଜମନକିରା ଏକାଦଶ ପରସ୍ପରକୁ ଭେଟିବେ। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ନର୍ଦନଷ୍ଟାର ୩-୧ ଗୋଲରେ ରାଇଜିଂଷ୍ଟାରକୁ ପରାସ୍ତ କରିଥିଲା । ସେହିପରି ଦ୍ୱିତୀୟ ସେମିଫାଇନାଲରେ ଜମନକିରା ଏକାଦଶ ବନାମ ବାମରା ଏକାଦଶ ମଧରେ ହୋଇଥିଲା । ଏଥିରେ ଜମନକିରା ଏକାଦଶ ୧-୦ ଗୋଲରେ ବିଜୟୀ ହୋଇଥିଲା । ଜିଲାପାଳ ସମର୍ଥ ବର୍ମା, ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସୀତାଂଶୁ ତ୍ରିପାଠୀ, ପିଡିଡିଆରଡିଏ ସୁକାନ୍ତ ତ୍ରିପାଠୀ, ଉପଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ ଅଜୟ କୁମାର ଜେନା, ବ୍ୟାଡମିଣ୍ଟନ କୋଚ ସୁବ୍ରତ ପାଢ଼ୀ, ସୁଇମିଂ କୋଚ ଆଶୁତୋଷ ନାୟକ ଓ କ୍ରୀଡା ସଂଗଠକ ସାବିର ହୁସେନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କ୍ରୀଡାଧିକାରୀ ଉପେନ୍ଦ୍ର ଶତପଥି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେଭେରାଲ ବାର୍ଲା, ସୁଶୀଲ ଟିର୍କି, ସୁନୀଲ ଖେସ, ଅଜିତ ଟିର୍କି ମ୍ୟାଚ ପରିଚାଳନା କରିଥିଲେ । ରାଜେଶ ଖଡିଆ ଓ ଜିତେନ୍ଦ୍ର ଶର୍ମା ଟେକନିକାଲ ଟେବୁଲ ଦାୟିତ୍ୱ ତୁଲାଇଥିଲେ ।

### କିଲାସମା ପଞ୍ଚାୟତ ଚାଷୀଙ୍କ ବିଭିନ୍ନ ସମସ୍ୟା

# ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନ ଜିଲାପାଳଙ୍କ ଦ୍ୱାରସ୍ଥ



ସୋମବାର କିଲାସମା ଗ୍ରାମ ପଞ୍ଚାୟତ ଚାଷୀଙ୍କ ସମସ୍ୟା ନେଇ ବୀରସୁରେନ୍ଦ୍ର ସାଏ କୃଷକ ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି ।

ସମ୍ବଲପୁର, ୫।୧୧ (ବ୍ୟୁରୋ)

ସମ୍ବଲପୁର ଜିଲା କିଲାସମା ପଞ୍ଚାୟତ ଚାଷୀଙ୍କ ବହୁବିଧ ସମସ୍ୟା ଲାଗି ରହିଛି । ଏ ନେଇ ସୋମବାର ବୀର ସୁରେନ୍ଦ୍ର ସାଏ କୃଷକ ସଂଗଠନ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ, କିଲାସମା ପଞ୍ଚାୟତ ଶୁଷ୍କ ଅଞ୍ଚଳ। ଚଳିତ ବର୍ଷ ଏହି ଗ୍ରାମ ପଞ୍ଚାୟତରେ ଶତପ୍ରତିଶତ ମରୁଡି ହୋଇଛି । ତେଣୁ ଜିଲା ପ୍ରଶାସନ ସଂପୂର୍ଣ୍ଣ ଭାବେ ମରୁଡି ଘୋଷଣା କଲେ ଚାଷୀମାନେ ଉପକୃତ ହୋଇପାରିବେ । ଅପରପକ୍ଷେ କିଲାସମା ପଞ୍ଚାୟତର ବିଭିନ୍ନ ଅଞ୍ଚଳରୁ ଶାସନ ମଣ୍ଡିକୁ ଧାନ ବିକ୍ରି ପାଇଁ ନିଆଯାଇଥାଏ। ତେଣୁ ଚାଷୀଙ୍କ ହିତ ଦୃଷ୍ଟିରୁ ସମ୍ବଲପୁର- ଝାରସୁଗୁଡା ମଧରେ ଥିବା ଟୋଲଗେଟରେ ଦେୟ୍ ମୁକ୍ତ କରାଯାଉ । ରମ୍ଭେଲା ମେଗା ଜଳଯୋଗାଣ ପ୍ରକଳ୍ପରୁ ଏହି ପଞ୍ଚାୟତକୁ ଜଳ ଯୋଗାଣ କରାଯାଉ । ସଂଗଠନର ପ୍ରଶାନ୍ତ ବାରିକ, ବ୍ରଜରାଜ ନାୟକ, ଗୋବିନ୍ଦ ଭୋଇ, ଦାମୋଦର ବରିହା, ଯୁଧିଷ୍ଠିର ବାଙ୍କ, କପିଳାଶ ରଣା, ବାରୁ ପ୍ରଧାନ, ସଦାନନ୍ଦ ଭୁଏ, ସୁରେନ୍ଦ୍ର ମରାଇ, ରାଧେଶ୍ୟାମ ରହଡିଆ, କୁଞ୍ଜବିହାରି ରାଉତ, ବିଦ୍ୟାଧର ସୁନା, ଆଦିକନ୍ଧ ସାହୁ ପ୍ରମୁଖ ପ୍ରତିନିଧି ଦଳରେ ସାମିଲ ଥିଲେ ।

# ସମ୍ବଲପୁରୀ ଲୋକ ତିହାର୍ ଉଦ୍‌ଯାପିତ

ସମ୍ବଲପୁର, ୫।୧୧ (ବ୍ୟୁରୋ)

ଲହରୀ ପକ୍ଷରୁ ସମ୍ବଲପୁରୀ ଲୋକ ତିହାର୍ ରବିବାର ରାତିରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଉଦ୍‌ଯାପିତ ହୋଇଯାଇଛି । ପଦ୍ମଶ୍ରୀ ହଳଧର ନାଗ, ବ୍ଲକ ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ସାମାଜିକ କର୍ମୀ ସୁଶାନ୍ତ ପୁରୋହିତ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରା ଓ ଡ. ଶ୍ୟାମସୁନ୍ଦର ଧରଙ୍କୁ ସଂସ୍କୃତିଶ୍ରୀ ସମ୍ମାନ, ବ୍ରହ୍ମା କୁମ୍ଭାର ଓ ଗୁରୁ ପୁଷ୍ପାଞ୍ଜଳି ବେହେରାଙ୍କୁ ସଂସ୍କୃତିରତ୍ନ, ଗୁରୁ ମହେଶ କୁମାର ପଟେଲ ଓ ଢ଼ୋଲ ବାଦକ ଚନ୍ଦ୍ରଶେଖର ଦୁବେଙ୍କୁ ସଂସ୍କୃତି ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ହିମାଂଶୁ ପ୍ରଧାନ, ଦିଲୀପ କୁମାର ସାହୁ, ସୁମିତ ପ୍ରଧାନ, ସୁଚରିତା ମିଶ୍ର, ରାଜଶ୍ରୀ ରାଉଲ ଓ ପଦ୍ମିନୀ ଦୋରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ସୀମାନ୍ତିକା ଦାଶ ଓ ତର୍ପଣ ପ୍ରଧାନଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ନୃତ୍ୟ ଗୀତର ଆସର ହୋଇଥିଲା । ଚେତନାମୟୀ ବେହେରା, ଅଭସ୍ମା ନାୟକ, ଲିପିକା ବିଭାର, ରାଜ କୁମାର ଜାଲ ସଂଗୀତ ପରିବେଷଣ କରିଥିଲେ। ସେହିପରି ଲହରୀ କଳାକାରମାନେ ରଙ୍ଗବତି ନୃତ୍ୟ, ନଟରାଜ କଳାକାରମାନେ ଡାପ, ବରଗଡର କଳାକାରମାନେ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଗୁରୁ ମୋହିତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।







ସମ୍ବଲପୁରୀ ଲୋକ ତିହାର୍- ୨୦୧୮ରେ କଳାକାରଙ୍କ ଡାଲଖାଇ ନୃତ୍ୟ (ବାମ)। ଢୋଲ ବାଦକ ଚନ୍ଦ୍ରଶେଖର ଦୁବେଙ୍କୁ ସମ୍ମାନିତ କରାଯାଉଛି ।







ଲୋକ ତିହାର୍- ୨୦୧୮ରେ ଦୁଃଖନାଶନ ବେହେରା ଓ ସାଥୀ ସଞ୍ଚାର ପରିବେଷଣ କରୁଛନ୍ତି (ବାମ)। କଳାକାରଙ୍କ ଡାପ ନୃତ୍ୟ ।

### ଝାଡେଶ୍ୱରୀ କଲେଜରେ ଶୋକସଭା

ଧମା,୫।୧୧(ଡି.ଏନ.ଏ.)

ସ୍ଥାନୀୟ ମାଁ ଝାଡେଶ୍ୱରୀ କଲେଜର ପୂର୍ବତନ ପରିଚାଳନା ପରିଷଦ ସଭ୍ୟ ବିନୋଦ ଭୋଇଙ୍କ ବିୟୋଗରେ ସୋମବାର କଲେଜ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କଲେଜର ଯୁକ୍ତ ୨ ଅଧକ୍ଷ ଅଶୋକ କୁମାର ପୁରୋହିତ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଭାରେ କଲେଜ ପରିଚାଳନା ପରିଷଦର ପୂର୍ବତନ ସମ୍ପାଦକ ରବୀନ୍ଦ୍ର ପୃଷ୍ଟି ଓ ପୂର୍ବତନ ଉପସଭାପତି ପରମାନନ୍ଦ ସେଠଙ୍କ ସମେତ ଯୁକ୍ତ ୩ ଅଧକ୍ଷ ଅନୀଲ କୁମାର ପଧାନ, କଲେଜର ସମସ୍ତ ଅଧାପିକା ଅଧାପିକା, କର୍ମଚାରୀ ଯୋଗଦେଇ ସ୍ୱର୍ଗତ ଭୋଇଙ୍କ ସ୍ମୃତିଚାରଣ କରିଥିଲେ। ସୂଚନାଯୋଗ୍ୟ, ରବିବାର କରଞ୍ଜୋଲାରୁ ମିଜାମୁଣ୍ଡାକୁ ବାଇକରେ ଯାଉଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ହୋଇ ମାନେଶ୍ୱର ଛକରେ ବିନୋଦ ପ୍ରାଣ ହରାଇଥିଲେ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ରେଙ୍ଗାଲି, ୫।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନା ପରିସରରେ ଏକ ଦଶ ଚକିଆ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଅଞ୍ଚଳର କେ. ରଘୁନାଥ ରେଡ୍ଡି (୪୫)। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କେ. ରଘୁନାଥ ଆଦିତ୍ୟ ବିର୍ଲାର ଏକ ଠିକା ସଂସ୍ଥାର କାମ କରୁଥିଲେ। ସୂଚନାଯୋଗ୍ୟ ସୋମବାର ପୂର୍ବାହ୍ନ ୧୧ଟାରେ କେ. ରଘୁନାଥ ରେଡ୍ଡି ନିଜ ବାଇକ (ଏପି ୩୧ ଏଟି- ୦୫୦୮) ଯୋଗେ ଆଦିତ୍ୟ ଆଲୁମିନିୟମ କମ୍ପାନୀର ୱେ ହାଉସ ସମ୍ମୁଖରେ ଥିବ ୱେ ବ୍ରିଜ ଦେଇ ଯାଉଥିଲେ। ଏହି ସମୟରେ ଏକ କୋଇଲା ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ

### ମହିଳାଙ୍କୁ ଦୁର୍ବ୍ୟବହାର, ଟଣାଓଟରା କରି ଯୁବକ ଜେଲ ଗଲେ

**ଜମନକିରା,୫। ୧୧ (ଡି.ଏନ.ଏ.):** ଜମନକିରା ଥାନା ଷଣ୍ଢପଥର ଗାଁର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର ଓ ଗାଳିଗୁଲଜ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାବେଜୋରି ପଡ଼ାର ପ୍ରେମାନନ୍ଦ ନାଏକ (୨୪)। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ନ ମିଳିବାରୁ ଜେଲ ଯିବାକୁ ପଡିଛି। ଅକ୍ଟୋବର ୧୯ ତାରିଖ ଷଣ୍ଢପଥର ଗାଁର ସମ୍ପୃକ୍ତା ମହିଳାଙ୍କୁ ପ୍ରେମାନନ୍ଦ ଟଣାଓଟରା ସହ ଗାଳିଗୁଲଜ କରିଥିଲେ। ଏ ନେଇ ଜମନକିରା ଥାନା ପୋଲିସ ଏକ ମାମଲା ରୁଜୁ କରିଥିଲା । ଅନ୍ୟପକ୍ଷେ ନଭେମ୍ବର ୨ ତାରିଖ ଛେମୁଣ୍ଡା ଗାଁର ଜଣେ ବ୍ୟକ୍ତିଙ୍କ ସହ ସମ୍ପୃକ୍ତ ମହିଳା ବାବେଜୋରପଡ଼ାରେ ପହଞ୍ଚି ପ୍ରେମାନନ୍ଦ ନାଏକଙ୍କ ବାପା ସୁଖଦେବ ନାଏକ (୫୫) ଓ ପ୍ରେମାନନ୍ଦଙ୍କ ଭଉଣୀଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଛନ୍ତି। ଏହି ଅଭିଯୋଗରେ ପୋଲିସ ଅନ୍ୟ ଏକ ମାମଲା ରୁଜୁ କରିଛି। ମହିଳାଙ୍କୁ ଏ ନେଇ ପୋଲିସ ପଚରା ଉଚୁରା କରିଛି। ହେଲେ ମହିଳାଙ୍କ ସହ ଯେଉଁ ଯୁବକ ପ୍ରେମାନନ୍ଦଙ୍କ ଘରକୁ ଯାଇଥିଲେ ସେ ଫେରାର୍ ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ପ୍ରେମାନନ୍ଦ କିଛି ମାସ ପୂର୍ବରୁ ଏକ ବଣଭୋଜିରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଏକ ମାମଲା କୋର୍ଟରେ ବିଚାରାଧୀନ ରହିଛି।

### ପୋଲିସ ଦ୍ୱାରା କାଠ ଚୋରି ଘଟଣାକୁ ମାସେ ପୂରିଲା

# ଡିଏଫ୍‌ଓ ଅଫିସ ଆଗରେ ଧାରଣା

**ବାମରା,୫।୧୧(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବନଖଣ୍ଡ ବନାଞ୍ଚଳ ଅନ୍ତର୍ଗତ ସିମିଲିବାହାଲ ଜଙ୍ଗଲରୁ ବେଆଇନ କାଠ ଚାଲାଣରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ୫ ଦଫା ଦାବି ନେଇ ସୋମବାର ଲୋକମୁକ୍ତି ସଂଗଠନ ପକ୍ଷରୁ ବାମରା ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ସହ ଦାବିପତ୍ର ପ୍ରଦାନ କରାଯାଇଛି ।

ଗତ ମାସ ୪ ତାରିଖ ଗଡପୋଷ ଫାଣ୍ଡିର ପୋଲିସ କର୍ମଚାରୀ ସିମିଲିବାହାଲ ସଂରକ୍ଷିତ ଜଙ୍ଗଲରୁ ଏକ ଟ୍ରାକ୍ଟରରେ ବେଆଇନ ଭାବେ ଚୋରା କାଠ ଚାଲାଣ ହେଉଥିଲା। ଖବର ପାଇ ସିମିଲିବାହାଲ ଜଙ୍ଗଲ ଜମି ଅଧିକାର କମିଟି ସଦସ୍ୟ ସେମାନଙ୍କୁ ଅଟକ ରଖିଥିଲେ । ଫାଣ୍ଡି ଅଧିକାରୀ ଦେବରାଜ ପ୍ରଧାନ ଉକ୍ତ କାଠକୁ ଫାଣ୍ଡିରେ ଦୁର୍ଗାପୂଜା ପାଇଁ ନିଆଯାଉଥିବା କହି ଟ୍ରାକ୍ଟରଟିକୁ ଫାଣ୍ଡିକୁ ନେଇ ଆସିଥିଲେ । ଘଟଣା ବିଷୟରେ ସିମିଲିବାହାଲ ଗ୍ରାମବାସୀ ବନବିଭାଗ ବରିଷ୍ଠ ଅଧିକାରୀଙ୍କୁ ବାରମ୍ବାର ଲିଖିତ ଭାବେ ଅବଗତ କରାଇବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ଆସିଛନ୍ତି। ହେଲେ ଜାଣିଶୁଣି ବନ ବିଭାଗ ନିରବ ରହିବା ସହିତ କାଠ ଚାଲାଣରେ ସଂପୃକ୍ତ ପୋଲିସ କର୍ମଚାରୀଙ୍କ ପାଇଁ କୋହଳ ମନୋଭାବ ଗ୍ରହଣ କରୁଛି। ଏହାକୁ ବିରୋଧ କରି ସୋମବାର ବାମରା ବ୍ଲକ ଲୋକମୁକ୍ତି ସଂଗଠନ ପକ୍ଷରୁ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ସହ ୫ଦଫା ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୃଷ୍ଣଚନ୍ଦ୍ର ମାଝି, ଜିନିତ ସମାଦ ପ୍ରମୁଖ ଯୋଗ ଦେଇଥିଲେ। ବନ ବିଭାଗ କାଠ ମାଫିଆଙ୍କୁ ସମର୍ଥନ ଦେଉଥିବା ଅଭିଯୋଗ କରିଥିଲେ। ଘଟଣାର ଏକ ମାସ ବିତିଯାଇଥିଲେ ମଧ୍ୟ ବନ ବିଭାଗ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ବାରମ୍ବାର ସିମିଲିବାହାଲ ଜଙ୍ଗଲରୁ କାଠ ଚୋରି ହେଉଛି। ବନ ବିଭାଗ ଗ୍ରାମବାସୀଙ୍କୁ ସହଯୋଗ କରିବା ପରିବର୍ତ୍ତେ ଧମକ ଚମକ ଦେଉଛି ବୋଲି ଅଭିଯୋଗ କରାଯାଇଛି। ତେବେ ସକାଳ ୧୦ଟାରୁ ବାମରା ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଲୋକ ଏକତ୍ରିତ ହୋଇ ଗଣଧାରଣା ଦେଇଥିଲେ। ଖବର ପାଇ ବାମରା ଡିଏଫଓ ପହଞ୍ଚି ଏମାନଙ୍କ ସହିତ ଆଲୋଚନା କରିଥିଲେ। ସଂଗଠନ ପକ୍ଷରୁ ଆଲୋଚନା ପରେ ୫ଦଫା ଦାବିପତ୍ର ଡିଏଫଓ ଏନ.ସି. ମିଶ୍ରଙ୍କୁ ପ୍ରଦାନ କରାଯାଇଛି ।

ପୋଲିସ ଦ୍ୱାରା ହୋଇଥିବା କାଠ ଚୋରାଚାଲାଣରେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, କାଠ ଚୋରା ଚାଲାଣ ସମୟରେ ଗ୍ରାମବାସୀଙ୍କୁ ଧମକ ଚମକ ଦେଇଥିବା କର୍ମଚାରୀ ଓ ଏଥିରେ ସହଯୋଗ କରିଥିବା ଫାଣ୍ଡି ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜଙ୍ଗଲ ଅଧିକାରୀ ଆଇନ ମୁତାବକ ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ପରିଚାଳନା ପାଇଁ ବନ ବିଭାଗ ସହଯୋଗ କରୁ, କାଠ ଓ ପଥର ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨କୁ ଠିକ ଭାବରେ କାର୍ଯ୍ୟକାରୀ କରି ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ସ୍ୱିକୃତ ଦିଗରେ ଜଙ୍ଗଲ ବିଭାଗ ସହଯୋଗ କରୁ ବୋଲି ଦାବି ରହିଛି । ଡିଏଫଓ ଉକ୍ତ ଦାବିପତ୍ରକୁ ଗ୍ରହଣ କରିବା ସହିତ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଗଣଧାରଣାରୁ ଗ୍ରାମବାସୀ ଓହରି ଯାଇଥିଲେ । ଏଥିରେ ଜଙ୍ଗଲ ଜମି ଅଧିକାର କମିଟିର ସଭାପତି ଫ୍ରାନ୍ସିସ କୁଲୁ, ପାତ୍ର ବାଗ, କୈଳାଶ ପିଙ୍ଗ, ମଙ୍ଗଲୁ ସାଙ୍ଗା, ଅଶୋକ ମାଝି, ଜଗବନ୍ଧୁ କାଲୋ, ମାଇକେଲ ଡୁଙ୍ଗଡୁଙ୍ଗ, ଶୁକ୍ରୁ କିସାନଙ୍କ ସହ ଶତାଧିକ ମହିଳା, ପୁରୁଷ ଯୋଗ ଦେଇଥିଲେ ।



ଲୋକମୁକ୍ତି ସଂଗଠନ ପକ୍ଷରୁ ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ସମ୍ବଲପୁର ଅଇଁଠାପାଲି ବିଦ୍ୟୁତ୍ ବିଭାଗ ଅଫିସରେ ବିଭାଗୀୟ ଅଧିକାରୀଙ୍କ ସହ ଯୁବ ସମ୍ବଲପୁର ସଦସ୍ୟ ଆଲୋଚନା କରୁଛନ୍ତି ।

### ଅଘୋଷିତ ବିଦ୍ୟୁତ୍ କାଟ୍, ଭୁଲ୍ ବିଲ୍

# ପ୍ରତିବାଦରେ ବିଦ୍ୟୁତ୍ ବିଭାଗ ଅଫିସ ଘେରାଉ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲାରେ ପ୍ରତିଦିନ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି । ଗ୍ରାହକମାନଙ୍କୁ ତ୍ରୁଟିପୂର୍ଣ୍ଣ ବିଲ୍ ଦେଇ ଟଙ୍କା ଅସୁଲ କରାଯାଉଛି । ଗ୍ରାହକ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁ ନାହାନ୍ତି । ସୋମବାର ଯୁବ ସମ୍ବଲପୁର ଅନୁଷ୍ଠାନ ପକ୍ଷରୁ ଏହି ଅଭିଯୋଗ କରାଯାଇ ଅଇଁଠାପାଲିସ୍ଥିତ ବିଦ୍ୟୁତ ବିଭାଗ ମୁଖ୍ୟ କାର୍ଯ୍ୟାଳୟ ଘେରାଉ କରାଯାଇଛି । ବିଭାଗୀୟ ଅଧିକାରୀ ତରୁଣ ବଲ୍ଲଭ ମିଶ୍ରଙ୍କ ସହିତ ଆଲୋଚନା କରାଯାଇଛି। ଆସନ୍ତା ୨୦ ତାରିଖ କ୍ୟାମ୍ପ ମାଧ୍ୟମରେ ତ୍ରୁଟିପୂର୍ଣ୍ଣ ବିଲ୍‌ଗୁଡିକ ସଂଶୋଧନ କରାଯିବ ବୋଲି ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଲିଙ୍ଗରାଜ ତ୍ରିପାଠୀ, ରାହୁଲ ଶର୍ମା, ରଚିନ୍ଦ୍ର କଅଁର, ଦିଲୀପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଘରଡିହ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ



ଘରଡିହ ପ୍ରଦାନ ଦାବିରେ ଚାଉଁରପୁର ଗ୍ରାମର ଲୋକେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ଦେବାକୁ ଆସିଛନ୍ତି ।

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଚାଉଁରପୁର ଗ୍ରାମରେ ଦୀର୍ଘ ଦିନ ହେବ ଗରିବ ଶ୍ରେଣୀର ଜନସାଧାରଣ ବସବାସ କରୁଛନ୍ତି। ସେମାନଙ୍କର ଘର ଡିହ ନାହିଁ । ଯଦ୍ୱାରା ସେମାନେ ସରକାରଙ୍କ ବହୁବିଧ ଜନହିତକର ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଣୁ ଜିଲା ପ୍ରଶାସନ ଭୂମିହୀନମାନଙ୍କୁ ଜମି ପ୍ରଦାନ କରିବାକୁ ଦାବି ହୋଇଛି । ଡିଆରଡିଏ ଅଫିସରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ସେମାନେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଯୋଗେନ୍ଦ୍ର ମାଝିଙ୍କ ନେତୃତ୍ୱରେ ରାଜେଶ ପ୍ରଧାନ, ପ୍ରହଲ୍ଲାଦ ବେହେରା, ଜନ୍ମଜୟ ବାଗ, ପଙ୍କଜିନୀ ପ୍ରଧାନ, ସୁଜିତ ବେହେରା, ପ୍ରତିମା ମାଝି, ବଳରାମ ଭୋଇଙ୍କ ସମେତ ୮୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଏଥିରେ ସାମିଲ ଥିଲେ।

## ପରୀକ୍ଷାମୂଳକ ଭାବେ ଚାଲିଲା ରୋପୱେ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ହୀରାକୁଦ ଡ୍ୟାମ ନିକଟରେ ନିର୍ମାଣ ହୋଇଥିବା ରୋପୱେକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇଛି । ଜିଲାପାଳ ସମର୍ଥ ବର୍ମା ଓ ଠିକା କମ୍ପାନୀ ଅଧିକାରୀ ଉପସ୍ଥିତ ଥିଲେ । ଜିଲାପାଳ ବର୍ମା ରୋପୱେର ସୁରକ୍ଷା ଦିଗକୁ ଗୁରୁତ୍ୱର ସହ ଅନୁଧ୍ୟାନ କରିଥିଲେ । ପ୍ରଥମେ ୮ ଟି କ୍ୟାବିନକୁ ନେଇ ପରୀକ୍ଷା କରାଯାଇଥିଲା । ଗୋଟିଏ କ୍ୟାବିନ ୩୦୦ କେଜି ଓଜନ ନେଇ ପାରିବ । ହେଲେ ପରୀକ୍ଷା କରିବା ସମୟରେ ସମାନ୍ୟ ସମସ୍ୟା ଦେଖା ଦେଇଥିଲା । ତେଣୁ ପ୍ରାୟ ୧୦ରୁ ୧୫ ଦିନ ଧରି ପରୀକ୍ଷା କରାଯିବ । ପ୍ରଥମେ ସବୁ ଦିଗରୁ ଏହାର ସୁରକ୍ଷା ଦିଗକୁ ଦେଖାଯିବ। ପରେ ଲୋକାର୍ପଣ କରାଯାଇ ଟିକେଟର ମୂଲ୍ୟ ନିର୍ଦ୍ଧାରଣ କରାଯିବ ବୋଲି ଜିଲାପାଳ ବର୍ମା କହିଛନ୍ତି ।

# ବାମରା ବ୍ଲକ ଭିଡିଓ କନଫରେନ୍ସିଂ ସମ୍ମିଳନୀ କକ୍ଷ ଉଦ୍‌ଘାଟିତ

**ବାମରା, ୫।୧୧ (ସ୍ୱ.ପ୍ର.)**

ବାମରା ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭିଡିଓ କନଫରେନ୍ସିଂ ସଭାଗୃହ କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ ବିଡିଓ ସୁଶୀଲ କୁଜୁର, ବ୍ଲକ ଅଧ୍ୟକ୍ଷ ସଦାନନ୍ଦ କୁଜୁର, ଜିଲା ପରିଷଦ ସଭ୍ୟା କୁମୁଦିନୀ ନାଏକ, ବିଇଓ ବୀରେନ୍ଦ୍ର ପଟେଲ ଓ ସହକାରୀ ଯନ୍ତ୍ରୀ ସୁରେଶଚନ୍ଦ୍ର ବେହେରାଙ୍କ ସହ ସମସ୍ତ ବିଭାଗର କର୍ମଚାରୀ, ଅଧିକାରୀ, ଜନପ୍ରତିନିଧି, ଶିକ୍ଷୟିତ୍ରି, ଶିକ୍ଷକ, ଛାତ୍ରୀଛାତ୍ରଙ୍କ ସହ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ସଭାଗୃହକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ଓ ଏହାର ଲାଭ ବିଷୟରେ କହିଥିଲେ । ଏଥିରେ ରାଜ୍ୟ ସରକାରଙ୍କ ଦ୍ୱାରା ଲ୍ୟାପଟପ୍ ବଣ୍ଟନ, ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ଓ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ଭଳି ପ୍ରମୁଖ ଯୋଜନା ସହ ଅନ୍ୟାନ୍ୟ ଯୋଜନା ରହିଥିଲା।




ବାମରା ବ୍ଲକ ଭିଡିଓ କନଫରେନ୍ସିଂ ସମ୍ମିଳନୀ କକ୍ଷରେ ଜନପ୍ରତିନିଧି ଓ ଅଧିକାରୀମାନେ।

# କୃଷି ଅଧିକାରୀଙ୍କ ସହ ଆଲୋଚନା

**ବାମରା, ୫।୧୧ (ସ୍ୱ.ପ୍ର.)**

ବାମରା ବ୍ଲକ ଜୟ କିସାନ ଆଦିମ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ କୃଷି ଅଧିକାରୀ ଦେବାନନ୍ଦ ସାହୁଙ୍କ ସହ ଆଲୋଚନା କରାଯାଇଛି। ସରକାରଙ୍କ ଦ୍ୱାରା ସମ୍ବଲପୁର ଜିଲାକୁ ମରୁଡି ଘୋଷଣା କରାଯାଇଛି। ଏଣୁ ବାମରା ବ୍ଲକର ଚାଷୀ କିପରି ମରୁଡି ସହାୟତା ପାଇବେ, ପ୍ରଶାସନ ପକ୍ଷରୁ କି ପଦକ୍ଷେପ ଗ୍ରହଣ କରାଯାଇଛି , ବାମରା ବ୍ଲକର କେତେ ଅଞ୍ଚଳର ଜମିରେ ମରୁଡି ହୋଇଛି ଏ ସବୁ ବିଷୟରେ ସଂଗଠନ ପକ୍ଷରୁ କୃଷି ଅଧିକାରୀ ସାହୁଙ୍କ ସହ ଆଲୋଚନା କରାଯାଇଥିଲା। ତେବେ ତୁରନ୍ତ ଫସଲ ବୀମା ଓ ଇନପୁଟ ସବ୍‌ସିଡି ମିଳିବ ବୋଲି କୃଷି ଅଧିକାରୀ କହିଥିଲେ। ଏହି ଆଲୋଚନାରେ ଚାଷୀ ନେତା ଯୋଗବିହାରୀ ପରିଡାଙ୍କ ସହ ପ୍ରାୟ ଶତାଧିକ ଚାଷୀ ଯୋଗ ଦେଇଥିଲେ।



ଚାଷୀମାନେ ବୈଠକରେ ବସିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ଜିଲା ପ୍ରଶାସନ ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନରେ ଉପକରଣ ଓ ବହୁବିଧ ସୁବିଧା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ବାଲିବନ୍ଧାସ୍ଥିତ ଆଞ୍ଚଳିକ ଭିନ୍ନକ୍ଷମ ପୁନର୍ବାସ ଥଇଥାନ କେନ୍ଦ୍ରଠାରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲାପାଳ ସମର୍ଥ ବର୍ମା ମୁଖ୍ୟଅତିଥି, ସିଡିଏମଓ ଡା. କଲ୍ୟାଣ କୁମାର ଗୁପ୍ତା, ସିଡିପିଓ ଗୀତାଞ୍ଜଳି ମହାପାତ୍ର ସମ୍ମାନୀତ ଅତିଥି ଥିଲେ । ୧୨ଟି ଟ୍ରାଇ ସାଇକଲ, ୭ଟି ହୁଇଲ ଚେୟାର, ୨ଟି କୃତିମ ଅଙ୍ଗ, ୮ଟି ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ରବିନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କୃଷି ଅଧିକାରୀଙ୍କ ବିରୋଧରେ ଜିଲାପାଳଙ୍କୁ ଫେରାଦ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ଯୁଯୁମୁରା ବ୍ଲକ୍ ଝାଙ୍କରପାଲି ପଞ୍ଚାୟତରେ ନିୟୋଜିତ କୃଷି ଅଧିକାରୀ କାମରେ ଅବହେଳା କରୁଛନ୍ତି। କୃଷି ଅଧିକାରୀ ନିୟମିତ ଭାବେ ଅଞ୍ଚଳ ପରିଦର୍ଶନ କରୁନାହାନ୍ତି । ଉଚିତ ପରାମର୍ଶ ଦେଇ ନ ଥିବାରୁ ଏବେ ଧାନରେ ରୋଗ ପୋକ ଦେଖା ଗଲାଣି। ଚିତ୍ତରଞ୍ଜନ ପ୍ରଧାନ, ପ୍ରକାଶ ପ୍ରଧାନ, ବଳରାମ ମିର୍ଦ୍ଧା, ରାମ ଓରାମ, ମହରାଦେବ ପ୍ରଧାନ, ନାଏବ ସରପଞ୍ଚ କାର୍ମୀ ଓରାମଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ଥିବା ଅଭିଯୋଗ ପତ୍ରକୁ ଚାଷୀ ଓ କୃଷକ ସାଥିମାନେ ଜିଲାପାଳ ସମର୍ଥ ବର୍ମାଙ୍କୁ ଦେଇ ଅଭିଯୋଗ କରିଛନ୍ତି।



ସମ୍ବଲପୁର ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଝାଙ୍କରପାଲି ଗ୍ରାମବାସୀ।

# ବାହାମ ପଞ୍ଚାୟତକୁ କଟିଂରେ ସାମିଲ କରାଯାଉ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାତକୁ କ୍ରପ କଟିଂରେ ସମିଲ କରାଯାଉ ବୋଲି ଚାଷୀମାନେ ଜିଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଦାବି କରିଛନ୍ତି । ୨୦୧୭ ଖରିଫ ଓ ରବି ଫସଲ ନଷ୍ଟ ହୋଇଯାଇଛି । ଏ ପର୍ଯ୍ୟନ୍ତ ବୀମା ଟଙ୍କା କିମ୍ବା କ୍ଷତିପୂରଣ ରାଶି ଚାଷୀ ପାଇ ନାହାନ୍ତି । ଅନ୍ୟପଟେ ଚଳିତ ବର୍ଷ ପୁଣି ମରୁଡି ହୋଇଛି । ଜିଲାରେ ପ୍ରଥମ ପର୍ଯ୍ୟାୟରେ ମରୁଡି ଆକଳନ ହୋଇ ସାରିଛି । ତେଣୁ କ୍ରପ୍ କଟିଂ କରାଯାଉ ବୋଲି ଦାବି କରାଯାଇଛି। ଚାଷୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଝସକେତନ ପଣ୍ଡା, ନନ୍ଦିକେଶ ସାହୁ, ଦୟା ସାଗର ପ୍ରଧାନ, ଅରବିନ୍ଦ ବିଶ୍ୱାଳ, ଗୌରୀ ଭୋଇ, ରାଜିନ ମିର୍ଦ୍ଧା, ପ୍ରଦୀପ ଭୋଇ, ମନୋଜ ବଡାଇ, ଦୁତିଆ ଷଣ୍ଢ ପ୍ରମୁଖ ଉପସ୍ଥିତ ଥିଲେ ।

# ଫଟକା ଦୋକାନରେ ଚଢ଼ାଉ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ପିଏଚଡି ପଡିଆରେ ଥିବା ଫଟକା ଦୋକାନ ଉପରେ ସୋମବାର ଚଢାଉ କରାଯାଇଥିଲା । ମାଜିଷ୍ଟ୍ରେଟ ଦିୟିତ୍ୱରେ ଥିବା ରେଙ୍ଗାଲି ଅତିରିକ୍ତ ତହସିଲଦାର ପ୍ରହଲାଦ ବେହରାଙ୍କ ଉପସ୍ଥିତିରେ ଏହି ଚଢାଉ ହୋଇଥିଲା। ପ୍ରଦୂଷଣ ବିଭାଗ ଓ ଅଇଁଠାପାଲି ପୋଲିସ ଫଟକା ଗୁଡିକ ଯାଞ୍ଚ କରିଥିଲା ବୋଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ କହିଛନ୍ତି । ଚଳିତ ଦୀପାବଳୀରେ ବାଣ ବିକ୍ରି ଓ ଫୁଟାଇବା ଉପରେ ସୁପ୍ରିମକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ପାଳନ କରି ଜିଲା ପ୍ରଶାସନ, ପୋଲିସ ପ୍ରଶାସନ ବିଭିନ୍ନ ସ୍ଥାନରେ ଚଢାଉ କରୁଛି।





ସମ୍ବଲପୁର ପିଏଚଡି ପଡିଆରେ ଫଟକା ବଜାରରେ ଚଢାଉ କରାଯାଉଛି (ବାମ)। ଅଇଁଠାପାଲି ପିଏଚଡି ପଡିଆରେ ପଡ଼ିଥିବା ଫଟକା ଦୋକାନରେ କିଣାବିକା ଚାଲିଛି।

ଦୀପାବଳି

# ଦିଅନ୍ତୁ ଅନ୍ୟଙ୍କୁ ଖୁସି



**ଜରାନିବାସକୁ ଯାଆନ୍ତୁ**
ଦୀପାବଳିର ଖୁସି ମନାଇବା ଭିତରେ ଆପଣ ଯେମିତି ବୟସ୍କଙ୍କ କଥା ଭୁଲି ନ ଯାଆନ୍ତି। ବିଶେଷ କରି ଜରାନିବାସରେ ରହୁଥିବା ବୃଦ୍ଧାବୃଦ୍ଧମାନଙ୍କ କଥା। ଆଜିକାଲି ପ୍ରତିଟି ଛୋଟ ବଡ ସହରରେ ରହିଛି ଜରାନିବାସ। ଏହି ଦୀପାବଳିରେ ଆପଣ କୌଣସି ଏକ ଜରାନିବାସକୁ ଯାଇ ସେଠାରେ ରହୁଥିବା ଲୋକଙ୍କ ସହ ମିଶି ଦୀପ ଜାଳନ୍ତୁ। ସେମାନେ ଖୁସି ହେବା ସହ ଆପଣ ବି ଖୁସି ଅନୁଭବ କରିବେ।



**ଅନାଥ ଆଶ୍ରମରେ ସମୟ ଦିଅନ୍ତୁ**
ଅନାଥ ଆଶ୍ରମକୁ ଯାଇ କୁନି କୁନି ପିଲାଙ୍କ ସହ ମଧ୍ୟ ଆପଣ ଦୀପାବଳି ପାଳନ କରିପାରିବେ। ସେମାନଙ୍କୁ କିଛି ଗିଫ୍ଟ ଉପହାର ସ୍ୱରୂପ ଦେଇପାରିବେ। ଦେଖିବେ ସେମାନଙ୍କ ଖୁସିରେ ଆପଣଙ୍କୁ ବି ଖୁସି ମିଳିବ।

**ବାପା-ମା'ଙ୍କ ପାଇଁ କରନ୍ତୁ ପଲିସି**
ବାପାମା'ଙ୍କ ଋଣ କେହି ଶୁଝି ପାରିବେନି। ସେମାନଙ୍କ ପ୍ରତି ପିଲାଙ୍କର ରହିଛି କିଛି କର୍ତ୍ତବ୍ୟ। ଯଦି ଆପଣଙ୍କର କେହି ବନ୍ଧୁ ଆପଣଙ୍କୁ କିଛି ଛୋଟ ଗିଫ୍ଟଟିଏ ଦେଉଛି, ତେବେ ତାକୁ ଥ୍ୟାଙ୍କ୍ସ ନ କହି ଆପଣ ରହି ପାରୁନାହାନ୍ତି ତାହା ହେଲେ ବାପାମା'ଙ୍କ ପାଇଁ କାହିଁକି ନୁହେଁ ? ଏହି ଦୀପାବଳିରେ ସେମାନଙ୍କୁ କୌଣସି ଏକ ପଲିସି ଗିଫ୍ଟ କରନ୍ତୁ ଯାହାକି ବୃଦ୍ଧ ବୟସରେ ସେମାନଙ୍କର କାମରେ ଆସିବ। ଆପଣଙ୍କ ଶିକ୍ଷା କ୍ୟାରିୟରକୁ ଆଗେଇ ନେବା ପାଇଁ ସେମାନଙ୍କର ଅବଦାନ କେତେ ତାହା ଅବର୍ଣ୍ଣନୀୟ। ତେଣୁ ଏହି ଅବସରରେ ସେମାନଙ୍କୁ ଏଭଳି ଏକ ଉପହାର ଦିଅନ୍ତୁ ଯାହା ବାପାମା'ଙ୍କ ମନରେ ଖୁସି ଭରିଦେବ।

**ବସ୍ତିକୁ ବି ଯାଇପାରିବେ**
ଦୀପାବଳିରେ କୌଣସି ଏକ ବସ୍ତିକୁ ଯାଇ ସେଠାରେ ପିଲାଙ୍କୁ କ୍ୟାଣ୍ଡେଲ୍, ଦୀପ, ବାଣ, ମିଠା ଆଦି ଦିଅନ୍ତୁ। ସେଠାରେ କୌଣସି ଗୋଟିଏ ଘରକୁ ଆଲୋକିତ କରିପାରିଲେ ଦେଖିବେ ଆପଣଙ୍କୁ କେତେ ଆତ୍ମସନ୍ତୋଷ ମିଳୁଛି।

**ହ୍ୟାଣ୍ଡ ମେଡ୍ ଗିଫ୍ଟ ଦିଅନ୍ତୁ**
ଦୀପାବଳି ପାଇଁ ଗିଫ୍ଟ ଦୋକାନରୁ ତ ସମସ୍ତେ ଗିଫ୍ଟ କିଣି ବନ୍ଧୁବାନ୍ଧବଙ୍କୁ ଦେଉଥିବେ। ଆପଣ ଚାହିଁଲେ କିଛି ସ୍ପେଶାଲ୍ ଆଉ ୟୁନିକ୍ ଜିନିଷ ମଧ୍ୟ ଗିଫ୍ଟ କରିପାରିବେ। ଘରେ ବସି ହ୍ୟାଣ୍ଡ ମେଡ୍ ଗିଫ୍ଟ ତିଆରି କରି ଉପହାର ଦେଇପାରିବେ।

**ପିଲାଙ୍କୁ ପଢ଼ାନ୍ତୁ**
ଅର୍ଥଦାନଠାରୁ ବଡ଼ ହେଉଛି ଶ୍ରମଦାନ। ଆଉ ତା'ଠାରୁ ବଡ ହେଉଛି ଜ୍ଞାନଦାନ। ଏଥର ଦୀପାବଳିରେ ଜ୍ଞାନର ପ୍ରଦୀପ ଜାଳନ୍ତୁ ଏବଂ ସମାଜରେ ଲୋକମାନଙ୍କ ମନରୁ ଅଜ୍ଞାନ ଦୂର କରନ୍ତୁ। ଏଭଳି ଶୁଭ ଦିନ ଅବସରରେ ପାଠ ପଢ଼ା ସହ ଏହି ଦିନକୁ ସତର୍କତାର ସହ ପାଳିବା ପାଇଁ ପିଲାଙ୍କୁ ସଚେତନ କରାନ୍ତୁ।



''ଆଲୋକର ପର୍ବ ଦୀପାବଳି। ଚାରିଆଡେ ଏହାକୁ ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ଏଥର ଏହାକୁ ନିଆରା ଢଙ୍ଗରେ ପାଳନ କରନ୍ତୁ ନା ! ଏଭଳି ଲୋକଙ୍କ ସହ ଏହାର ମଜା ନିଅନ୍ତୁ, ଯାହା ସାରା ଜୀବନ ଏକ ଅଭୁଲା ସ୍ମୃତି ହୋଇ ରହିଯିବ...''



# ପୂଜାରେ ଟ୍ରେଣ୍ଡି ଲୁକ୍

ଦୀପାବଳିରେ ନିଜକୁ ଡିଫରେଣ୍ଟ ତଥା ଟ୍ରେଣ୍ଡି ଲୁକ୍ ଦେବାକୁ ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ....



- ପର୍ବପର୍ବାଣିରେ ମେକ୍‌ଅପ୍ ନେବା ସହ ସିମ୍ପଲ୍ ଗହଣା ଆପଣଙ୍କୁ ମଡର୍ନ ତଥା ଡିଫରେଣ୍ଟ ଲୁକ୍ ଦେବ। ଏହି ପର୍ବରେ ନିଜ ପାଇଁ ହେଭି ଝୁମ୍‌କା, ବାଲା, କଡା କିମ୍ବା ପେଣ୍ଡେଣ୍ଟ ଭଳି ଅପ୍ସନ ଆପଣାଇପାରିବେ।
- ଯଦି ଆପଣଙ୍କ ଆଉଟ୍‌ଫିଟ୍ ଇଣ୍ଡୋ-ୱେଷ୍ଟର୍ନ, ତେବେ ଏହା ସହିତ ଫ୍ୟୁଜନ୍ ଜୁଏଲେରି, ଡାଇମଣ୍ଡ ମିକ୍ସ ଆଣ୍ଡ ମ୍ୟାଚ୍ ଜୁଏଲେରି, ନୂଆ ଷ୍ଟାଇଲ୍‌ର ବ୍ରାଇଟ୍ ଏବଂ କଲରଫୁଲ୍ ଷ୍ଟୋନ୍ ପୋଲ୍କି ଓ ଜଡାଉ ଜୁଏଲେରି ସିଲେକ୍ଟ କରିପାରିବେ। କାରଣ ଏହା ଯେକୌଣସି ଡ୍ରେସ୍ ସହିତ ମ୍ୟାଚ୍ କରିବ।
- ଏଥର ଦୀପାବଳିରେ ଆପଣ ପ୍ରିଣ୍ଟେଡ୍ ଡ୍ରେସ୍ ଆପଣାନ୍ତୁ। ଡିଜିଟାଲ୍ ପ୍ରିଣ୍ଟ ଦୁପଟା ବା ଡିଜିଟାଲ୍ ପ୍ରିଣ୍ଟ କୁର୍ତ୍ତି ସହ ଆପଣ ବାଲା, କଡା କିମ୍ବା ସୁନ୍ଦର କଙ୍ଗନ ପିନ୍ଧିପାରିବେ, ଯାହାକି ଆପଣଙ୍କୁ ସମ୍ପୂର୍ଣ୍ଣ ଟ୍ରେଣ୍ଡି ଏବଂ ମଡର୍ନ ଲୁକ୍ ଦେବ।
- ଏବେ ପ୍ଲାଜୋ ପ୍ୟାଣ୍ଟ ଫ୍ୟାଶନ୍ ଚାଲିଛି। ଏହା ସହିତ ମ୍ୟାଚିଂ କରି ଟପ୍ସ, ସିଙ୍ଗଲ୍ ଇୟର ରିଙ୍ଗ୍‌ସ ପିନ୍ଧିପାରିବେ, ଯାହାକି ଆପଣଙ୍କୁ ଦୀପାବଳିରେ କିଛି ୟୁନିକ୍ ଲୁକ୍ ଦେଇପାରିବ।
- କିଛି ବୋଲ୍ଡ ଷ୍ଟେଟ୍‌ମେଣ୍ଟ ପିସ୍ ବି ବାଛିପାରିବେ। ଏପରି ଇଲ୍ୟୁଜନ୍ ଜୁଏଲେରି ପସନ୍ଦ କରନ୍ତୁ ଯାହାକି ଆପଣଙ୍କ ବଜେଟ୍‌ରେ ହେବା ସହ ଟ୍ରେଣ୍ଡି ଲୁକ୍ ଦେଉଥିବ। ଫ୍ଲୋରାଲ୍ ପ୍ରିଣ୍ଟ ଫ୍ୟାଶନ୍‌ର ବି ଡିମାଣ୍ଡ ରହିଛି। ଏପରି ପ୍ରିଣ୍ଟ ଚଏସ୍ କରନ୍ତୁ ଯାହାକି ଗର୍ଜିୟସ୍ ହେବା ସହ ଫେମିନିନ୍ ଲୁକ୍ ଦେବ।
- ଆଉଟ୍ ଫିଟ୍ ପ୍ରତି ବି ଧ୍ୟାନ ଦିଅନ୍ତୁ। ଏଥିପାଇଁ ଏପରି କିଛି ଟ୍ରାଏ କରନ୍ତୁ ଯାହାକି ୟୁନିକ୍ ହୋଇଥିବ। ଆପଣ ଚାହିଁଲେ ରୋଜ୍ ଗୋଲ୍ଡ ଜୁଏଲେରି ବାଛିପାରିବେ।

ଖାଦ୍ୟରୁଚି

## ଲାଉ ଖିରି

**ଆବଶ୍ୟକ ସାମଗ୍ରୀ**
କୋରା ହୋଇଥିବା ଲାଉ ଏକ କପ୍, କ୍ଷୀର ୪କପ୍, ଚିନି ୧/୪ କପ୍, କାଜୁବାଦାମ, ପିସ୍ତାବାଦାମ ଅଳ୍ପ ପରିମାଣର, ଅଳେଇଚ ୨-୪ଟି, ଘିଅ ୨ ଚାମଚ।

**ପ୍ରସ୍ତୁତି ପ୍ରଣାଳୀ**
ଅଳେଇଚ ଚୋପାକୁ ଛଡ଼ାଇ ଭଲଭାବେ ଛେଚି ଦିଅନ୍ତୁ। କାଜୁବାଦାମ, ପେସ୍ତା ବାଦାମକୁ ଟିକିଟିକି ଆକାରରେ କାଟି ଦିଅନ୍ତୁ। ଗ୍ୟାସ୍ ଚୁଲାରେ କଡ଼େଇ ବସାଇ ସେଥିରେ ଘିଅ ପକାନ୍ତୁ। ଏହାପରେ ସେଥିରେ ଗ୍ରେଟେଡ୍ ବା କୋରା ହୋଇଥିବା ଲାଉକୁ ମିଡିୟମ ଫ୍ଲେମ୍‌ରେ ୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଭଲରେ ଭାଜି ହୋଇଗଲା ବେଳକୁ କ୍ଷୀର ଢାଳି ଫୁଟାନ୍ତୁ। ଫୁଟି ଆସିଲେ ଆଞ୍ଚକୁ କମ୍ କରିଦିଅନ୍ତୁ। ଆଉ ତାକୁ ଫୁଟିବାକୁ ଦିଅନ୍ତୁ। ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ସିଝିବା ପରେ କଟାଯାଇଥିବା କାଜୁ, ପିସ୍ତାବାଦାମ ଓ ଚିନିକୁ କ୍ଷୀରରେ ପକାଇ ୧ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏବେ ଆଞ୍ଚକୁ ବନ୍ଦ କରିଦିଅନ୍ତୁ। ଏହାପରେ ସେଥିରେ ଛେଚା ହୋଇଥିବା ଅଳେଇଚ ପକାଇ ଘୋଡେଇ କିଛି ସମୟ ରଖନ୍ତୁ। ପ୍ରସ୍ତୁତ ହୋଇଗଲା ଆପଣଙ୍କ ମନପସନ୍ଦର ଲାଉ ଖିରି।



# ହୋମ୍ ଡେକୋରେଶନ



ଆସିଯାଇଛି ଫେଷ୍ଟିଭ ସିଜନ। ଏହି ସିଜନରେ ଘରକୁ ନୂଆ ଲୁକ୍ ଦେବାକୁ ଚାହୁଁଥିଲେ ବିଭିନ୍ନ ଡେକୋରେଟିଭ ଆଇଟମ୍ ସହ ଆସବାବପତ୍ର, କର୍ଟନ ଏବଂ ଲାଇଟିଂରେ ଏଥେନିକ୍ କିମ୍ବା ଫ୍ୟୁଜନ୍ ଥିମ୍ ଦେଇପାରିବେ। ଜାଣନ୍ତୁ ସେ ସମ୍ପର୍କରେ କିଛି ଟିପ୍ସ...

- ଘରକୁ ଫ୍ୟୁଜନ୍ ଲୁକ୍ ଦେବା ପାଇଁ ଆପଣ ଫର୍ନିଚରକୁ ସ୍କୋୟାର କିମ୍ବା ସର୍କଲ ସେପ୍‌ରେ ସେଟ୍ କରିପାରିବେ।
- କାନ୍ଥର କଲର ଅନୁସାରେ ସ୍କ୍ରିନ୍ କଲର ବାଛନ୍ତୁ। ସ୍କ୍ରିନ୍ କଲର କାନ୍ଥ କଲରର ବିପରୀତ ହେବା ଦରକାର।
- ସ୍କ୍ରିନ୍ ପାଇଁ ଆପଣ ପଲି ସିଲ୍‌କ, ପଲି କଟନ୍, ଭଏଲ୍ ସିଲ୍‌କ ଏବଂ କଟନ୍ ମିକ୍ସ ଫ୍ୟାବ୍ରିକ୍ ବାଛନ୍ତୁ।
- ଆଜିକାଲି ସିଙ୍ଗଲ ସହିତ ଦୁଇରୁ ତିନି ଲେୟାରର ସ୍କ୍ରିନ୍ ମାର୍କେଟରେ ମିଳୁଛି। ଆପଣ ଚାହିଁଲେ ଏହାକୁ ଲଗାଇପାରିବେ।
- ଟେବୁଲ ଡେକୋରେଶନ ପାଇଁ ସାଇନିଂ ମାର୍ବଲସ୍, ବୋନସାଇ ଗଛ କିମ୍ବା ସେରାମିକ୍ ବାଉଲ୍‌ର ବ୍ୟବହାର କରିପାରିବେ।
- ଟ୍ରାଡିଶନାଲ ଲୁକ୍ ଦେବା ପାଇଁ ରୁମ୍‌ର ଦୁଇ କୋଣରେ ଆପଣ ଫ୍ଲାୱାର ଷ୍ଟାଣ୍ଡ କିମ୍ବା କିଛି କଳାକୃତି ରଖିପାରିବେ।
- ସୋଫା କଭର ପାଇଁ ବନାରସୀ ବା ସିଲ୍‌କ ସହ କଟନ୍ ମିକ୍ସ ଫ୍ୟାବ୍ରିକ୍ ବାଛନ୍ତୁ। ସାଇଡ୍‌ରେ ଲୋୟର ସିଟିଂ ରଖିବାକୁ ଭୁଲନ୍ତୁ ନାହିଁ।
- ଟେବୁଲ ଡେକୋରେଶନ ପାଇଁ ଆଣ୍ଟିକ୍ ଫ୍ଲାୱାର ପଟ୍ ରଖିପାରିବେ।
- ଷ୍ଟୋନ୍ ୱାର୍କ ଥିବା ଲକ୍ଷ୍ମୀ ଏବଂ ଗଣେଶଙ୍କ ମୂର୍ତ୍ତି ପାର୍ଶ୍ୱ ଟେବୁଲରେ ରଖିପାରିବେ।



ଆଞ୍ଚଳିକ ଖବର

## ୧୯ବର୍ଷରୁ କମ୍ ଚ୍ୟାଲେଞ୍ଜର୍ସ ଟ୍ରଫି : ସ୍ଥାନ ପାଇଲେ ରାଉରକେଲାର ସ୍ୱସ୍ତିକ


ସ୍ୱସ୍ତିକ ସାମଲ।

**ରାଉରକେଲା ଅଫିସ,୫। ୧୧**

୧୯ବର୍ଷରୁ କମ୍ ଚ୍ୟାଲେଞ୍ଜର୍ସ ଟ୍ରଫି ନେଇ ବିସିସିଆଇ ପକ୍ଷରୁ କୋଲକାତାଠାରେ ଆୟୋଜିତ ଚୟନ ପ୍ରକ୍ରିୟାରେ ରାଉରକେଲାର ଉଦୀୟମାନ କ୍ରିକେଟ ତାରକା ସ୍ୱସ୍ତିକ ସାମଲ ସ୍ଥାନ ପାଇଛନ୍ତି। ଏହା ପୂର୍ବରୁ ସେ ଏକାଧିକ ପ୍ରତିଯୋଗିତାରେ ନିଜ କମାଲ ଦେଖାଇ ସାରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହେବ। ଏନେଇ ଭାରତର ପ୍ରମୁଖ ୪ଟି ଦଳ ଭାଗ ନେବେ। ସ୍ୱସ୍ତିକଙ୍କୁ ଭାରତୀୟ ବ୍ଲୁ ଦଳରେ ସ୍ଥାନ ମିଳିଛି। ଏଥିରେ ସଫଳ ଖେଳାଳିଙ୍କୁ ନେଇ ଭାରତୀୟ ଦଳ(୧୯ରୁ କମ) ଚୟନ କରାଯିବ। ଏହା ପୂର୍ବରୁ ସ୍ୱସ୍ତିକ ଅଣ୍ଡର-୧୬ ଜୋନାଲ କ୍ୟାମ୍ପ ୨୦୧୫, ଇଷ୍ଟ ଜୋନ ୨୦୧୬, ଅଣ୍ଡର ୧୯ ବିନୁ ମଙ୍କଡ ଟ୍ରଫି ଖେଳି ଚୟନ କର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

■ ହକି ବିଶ୍ୱକପ୍ ପାଇଁ ପ୍ରସ୍ତୁତି

## ଅତିଥିଙ୍କୁ ହସ୍ତତନ୍ତ, ହସ୍ତଶିଳ୍ପ ଉପହାର ଦେଇ ସ୍ୱାଗତ କରିବ ଓଡ଼ିଶା

**ଭୁବନେଶ୍ୱର,୫।୧୧(ବ୍ୟୁରୋ)**

ODISHA HOCKEY MEN'S WORLD CUP BHUBANESWAR 2018

- ତିଆରି କରିଛନ୍ତି ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କାରିଗର
- ଓଡ଼ିଶା ହସ୍ତକଳାର ପ୍ରଚାର ପ୍ରସାର ପାଇଁ ପଦକ୍ଷେପ

ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍‌ରେ କ୍ରୀଡ଼ାବିତ୍ ଏବଂ ବିଶିଷ୍ଟ ଅତିଥିମାନଙ୍କୁ ହସ୍ତତନ୍ତ ଓ ହସ୍ତଶିଳ୍ପର ଉପହାର ଦେଇ ସ୍ୱାଗତ କରିବ ଓଡ଼ିଶା। ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପରେ ପ୍ରସ୍ତୁତ ଆକର୍ଷଣୀୟ ଉପହାର ଦେଇ ଓଡ଼ିଶା ସରକାର ସେମାନଙ୍କର ଆତିଥ୍ୟ ଚର୍ଚ୍ଚା କରିବେ। ସଦ୍ୟ ଅନୁଷ୍ଠିତ 'ଓଡ଼ିଶା' ବନାମ 'ନ୍ୟୁ ସାଉଥ୍ ୱେଲସ୍' ହକି ମ୍ୟାଚ୍‌ରେ ଭାଗ ନେଇଥିବା କ୍ରୀଡ଼ାବିତ୍ ଏବଂ ଆସନ୍ତା ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଥିବା ଖେଳାଳିମାନଙ୍କୁ ଡୋକ୍ରାଶିଳ୍ପରେ ପ୍ରସ୍ତୁତ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ, ଯେଉଁଥିରେ ଡୋକ୍ରା ନିର୍ମିତ ହକି ଷ୍ଟିକ୍ ଓ ବଲ୍ ଶୋଭାପାଇବ। ଏଥିପାଇଁ ପ୍ରାୟ ୬୦୦ଟି ଟ୍ରଫି ନିର୍ମାଣ କରାଯାଉଥିବା ବେଳେ ମୟୂରଭଞ୍ଜ ଜିଲାର ହସ୍ତଶିଳ୍ପ କାରିଗରମାନେ ଏହି ଟ୍ରଫିକୁ ନିର୍ମାଣ କରିବେ।

ଏହାବ୍ୟତୀତ ହକି ବିଶ୍ୱକପ୍‌ରେ ବିଜେତା ଦଳଗୁଡ଼ିକୁ ତାରକସି ନିର୍ମିତ ଟ୍ରଫି ପ୍ରଦାନ କରାଯିବ। ଏଥିଲାଗି କଟକର ପ୍ରସିଦ୍ଧ ତାରକସି କାରିଗରମାନଙ୍କୁ ବିଭିନ୍ନ ଆକୃତିର ତାରକସି ଟ୍ରଫି ନିର୍ମାଣ ନିମନ୍ତେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଟ୍ରଫିର ପ୍ୟାକେଜିଂ ପାଇଁ ଆକ୍ରଲିକ୍ ବାକ୍ସ, ଭେଲଭେଟ୍ ବାକ୍ସ ଏବଂ ୬୩୬ଟି ଲାଖ ବାକ୍ସ ପ୍ରସ୍ତୁତ କରାଯାଉଛି। ନବରଙ୍ଗପୁର ଶଙ୍ଖାରି ସାହିର ଲାଖ କାରିଗରମାନେ ଏହି ଲାଖ ବାକ୍ସ ପ୍ରସ୍ତୁତ କରୁଛନ୍ତି। ସମସ୍ତ ଖେଳାଳି, ଦେଶ, ବିଦେଶରୁ ଆସିବାକୁ ଥିବା କ୍ରୀଡ଼ା ତାରକା ତଥା ବିଶିଷ୍ଟ ଅତିଥିମାନଙ୍କୁ ସମ୍ମାନସ୍ୱରୂପ ଓଡ଼ିଶା ହସ୍ତତନ୍ତ ଷ୍ଟୋଲ୍ ପ୍ରଦାନ କରାଯିବ। ଏଥିପାଇଁ ସମ୍ବଲପୁରୀ ବସ୍ତ୍ରାଳୟକୁ ପ୍ରାୟ ୬୧୦ଟି ଷ୍ଟୋଲ ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି 'ହସ୍ତିକା' ହସ୍ତଶିଳ୍ପ ଅନୁଷ୍ଠାନକୁ ୧୭୫ଟି ଝୋଟ ବ୍ୟାଗ୍ ଯୋଗାଇଦେବା ଲାଗି କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମସ୍ତ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସାମଗ୍ରୀକୁ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ କାରିଗର ଓ ବୁଣାକାରମାନେ ପ୍ରସ୍ତୁତ କରୁଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ସାମଗ୍ରୀ ଉପଲବ୍ଧ କରିବା ନିମନ୍ତେ ରାଜ୍ୟ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ତରଫରୁ ତ୍ୱରିତ ବେଗରେ ପ୍ରସ୍ତୁତି କରାଯାଉଥିବା ବେଳେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ସାମଗ୍ରୀ ତିଆରି ଶେଷ କରିବାକୁ ଓଡ଼ିଶା ହସ୍ତଶିଳ୍ପ ସମବାୟ ନିଗମ 'ଉତ୍କଳିକା'କୁ ଦାୟିତ୍ୱ ଦିଆଯାଇଛି। ଓଡ଼ିଶା ହସ୍ତତନ୍ତ ଏବଂ ହସ୍ତଶିଳ୍ପର ଏହି ଆକର୍ଷଣୀୟ ଉପହାର ମାଧ୍ୟମରେ ସମଗ୍ର ବିଶ୍ୱରେ ଓଡ଼ିଶାର କଳା ଓ ସଂସ୍କୃତିକୁ ପହଞ୍ଚାଇବାକୁ ବିଭାଗ ତରଫରୁ ଏଭଳି ପଦକ୍ଷେପ ନିଆଯାଇଥିବା ଉତ୍କଳିକାର ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ସୂଚନା ଦେଇଛନ୍ତି।

## ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇଲା ଭାଜପା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**


ସତ୍ୟନଗରସ୍ଥିତ ତୋଷାଳିପ୍ଲାଜାରେ ଥିବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସ ସମ୍ମୁଖରେ ଭାଜପା କର୍ମୀଙ୍କ ଧାରଣା।

୨୦୧୯ ନିର୍ବାଚନକୁ ଦୃଷ୍ଟିରେ ରଖି ସବୁ ଦଳ ଏବେ ଯୁବ ଭୋଟରଙ୍କୁ ନିଜ ସପକ୍ଷରେ ନେବା ପାଇଁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ଏହି ଯୋଜନାକୁ ସଫଳ କରିବା ଲାଗି ବେକାରି ସମସ୍ୟାକୁ ଭାଜପା ଏବଂ ବିଜେଡି ଢାଲ କରିଛନ୍ତି। ଗୋଟିଏ ପଟେ ୧୯ବର୍ଷର ଶାସନ କାଳ ମଧ୍ୟରେ ଶାସକ ବିଜେଡି ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାରେ ବିଫଳ ହୋଇଥିବା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଯୁବ ମୋର୍ଚ୍ଚା କର୍ମୀମାନେ ସୋମବାର ସବୁ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇଛନ୍ତି। ସେହିପରି ଭାଜପାର ଏହି ଅଭିଯୋଗକୁ କାଉଣ୍ଟର ଦେବାକୁ ଯାଇ ବିଜେଡି ପକ୍ଷରୁ ସୋମବାରଠାରୁ ରାଜ୍ୟରେ ଥିବା କେନ୍ଦ୍ରୀୟ ପିଏସ୍‌ୟୁ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ କରାଯାଇଛି। କେନ୍ଦ୍ର ସରକାର ବର୍ଷକୁ ୨କୋଟି ନିଯୁକ୍ତି ଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ସେଥିରେ ବିଫଳ ହୋଇଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଛି।

ସୋମବାର ପୂର୍ବାହ୍ନରେ ଭାଜପା ଯୁବ ମୋର୍ଚ୍ଚାର ଶତାଧିକ କର୍ମୀ ଦଳୀୟ କାର୍ଯ୍ୟାଳୟଠାରୁ ଏକ ରାଲିରେ ବାହାରି ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଆଗରେ ପ୍ରତିବାଦ କରିଥିଲେ। ରାଜ୍ୟର ବେକାର ଯୁବତୀ, ଯୁବକମାନଙ୍କ ପାଇଁ ସରକାର ତୁରନ୍ତ ନିଯୁକ୍ତି ସୃଷ୍ଟି କରନ୍ତୁ ବୋଲି ଦଳ ଦାବି କରିଛି । ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଅଫିସ୍ ଭିତରକୁ ଭାଜପା ଯୁବ କର୍ମୀମାନେ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲା। ଅନ୍ୟପଟେ ରାଜ୍ୟର ସମସ୍ତ ଜିଲା, ସବ୍‌ଡିଭିଜନର ସମସ୍ତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଭିନ୍ନ କମ୍ପାନୀଗୁଡିକ ସହ ରାଜ୍ୟ ସରକାର କରିଥିବା ଏମଓୟୁ ମାଧ୍ୟମରେ କେଉଁସବୁ ଶିଳ୍ପରେ କେତେଜଣ ଯୁବକଙ୍କୁ ନିଯୁକ୍ତି ମିଳିଛି ବୋଲି ଭାଜପା ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ବିଜେଡି ପକ୍ଷରୁ ଗଞ୍ଜାମ ଜିଲାର ଏଫ୍‌ସିଆଇ, ଇଣ୍ଡିଆନ ରେଆର୍ ଆର୍ଥସ ଲିମିଟେଡ ଏବଂ କୋରାପୁଟର ନାଲ୍‌କୋ, ହାଲ୍ ସମ୍ମୁଖରେ ଧାରଣା ଦିଆଯାଇଛି। ବିଜେଡି ଏହି ପ୍ରତିବାଦ ୩ଦିନ ଧରି କରିବ ବୋଲି ସୂଚନା ଦେଇଛି। କେନ୍ଦ୍ର ସରକାର ଯେଉଁ ୨କୋଟି ନିଯୁକ୍ତି ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ତାହା କାହିଁକି ପୂରଣ କରି ନାହାନ୍ତି ବୋଲି ଦଳ ପ୍ରଶ୍ନ ଉଠାଇଛି। ଏହାସହ ରାଜ୍ୟକୁ ଯେଉଁ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ଆସୁଛି ସେଥିରେ ଓଡ଼ିଆ ଯୁବତୀ, ଯୁବକମାନଙ୍କୁ ନିଯୁକ୍ତି ମିଳୁ ନ ଥିବା ବିଜେଡି ଅଭିଯୋଗ ଉଠାଇଛି। ସେହିପରି କଂଗ୍ରେସ ମଧ୍ୟ ଭାଜପା ଓ ବିଜେଡି ଭଳି ଯୁବ ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ଲାଗି ସଜବାଜ ହେଉଛି।

## ସଂକ୍ଷେପରେ

### ୩୦ ବର୍ଷରେ କୋହଲି

**ନୂଆଦିଲ୍ଲୀ,୫।୧୧:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲି ସୋମବାର ୩୦ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ କ୍ରିକେଟ ଜଗତ ତଥା ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ''ଦଳ ଲାଗି ବହୁ ବିଜୟୀ ଇନିଂସ ଖେଳିଥିବା ଅଧିନାୟକ ତଥା ରନ୍ ମେଶିନଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭକାମନା'' ବୋଲି ବିସିସିଆଇ ପକ୍ଷରୁ ଟୁଇଟରରେ କୁହାଯାଇଛି। ତାଙ୍କ ଶୁଭେଚ୍ଛୁଙ୍କ ତାଲିକାରେ ମହମ୍ମଦ ଶାମି, ଋଦ୍ଧିମାନ ଶାହ, ମହମ୍ମଦ କୈଫ ଓ ଭିଭିଏସ୍ ଲକ୍ଷ୍ମଣଙ୍କ ଭଳି ପୂର୍ବତନ ଓ ବର୍ତ୍ତମାନ ବ୍ୟାଟ୍ସମ୍ୟାନ ରହିଛନ୍ତି। ଉଲ୍ଲେଖଥାଉ କି, ନିକଟରେ କୋହଲି ଦ୍ରୁତତମ ବ୍ୟାଟ୍ସମ୍ୟାନ ଭାବେ ୧୦,୦୦୦ ଦିନିକିଆ ରନ୍ କରିବାର ରେକର୍ଡ କରିଛନ୍ତି।

### ବିରାଟଙ୍କୁ ଶୁଭେଚ୍ଛା ଜଣାଇଲେ ସୁଦର୍ଶନ

**ଭୁବନେଶ୍ୱର,୫।୧୧:** ଭାରତୀୟ କ୍ରିକେଟ ଦଳର ଅଧିନାୟକ ବିରାଟ କୋହଲିଙ୍କୁ ଓଡ଼ିଆ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି। ସେ ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ଏକ ବାଲୁକା ପ୍ରତିକୃତି ନିର୍ମାଣ କରି ବିରାଟଙ୍କୁ ୩୦ତମ ଜନ୍ମ ବାର୍ଷିକ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

### ଶୁଭଙ୍କରଙ୍କୁ ସାର୍ଲରଲକ୍ସ ଓପନ ଟାଇଟଲ



**ସାରବ୍ରୁକେନ (ଜର୍ମାନୀ),୫।୧୧(ପି.ଟି.):** ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ଶୁଭଙ୍କର ଦେ ଏଠାରେ ଚାଲିଥିବା ସାର୍ଲରଲକ୍ସ ଓପନ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିୟନ ହୋଇଛନ୍ତି। ୨୫ ବର୍ଷୀୟ ଭାରତୀୟ ଶଟଲର ୫ମ ସିଡ୍ ରାଜୀବ ଓସେଫଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଅଣସିଡ୍ ଶୁଭଙ୍କର ୨୧-୧୧, ୨୧-୧୪ ଗେମ୍‌ରେ ମୁକାବିଲାକୁ ଜିତି ନେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ମାତ୍ର ୩୪ ମିନିଟ୍ ଲାଗିଥିଲା। ପ୍ରତିପକ୍ଷ ଇଂଲଣ୍ଡ ଖେଳାଳି ୨ୟ ଗେମ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ମାତ୍ର ୧୬-୧୪ ପଏଣ୍ଟରେ ଆଗୁଆ ଥିବା ଶୁଭଙ୍କର କ୍ରମାଗତ ୫ ପଏଣ୍ଟ ଜିତି ଟାଇଟଲ ହାସଲ କରିଛନ୍ତି। ''ଏହା ମୋ ଜୀବନର ସବୁଠାରୁ ବଡ଼ ସଫଳତା। ମୁଁ ଫାଇନାଲ ପୂର୍ବରୁ ବହୁ ହୋମୱର୍କ କରିଥିଲି। ଏଥିଯୋଗୁ ମୁଁ ଭଲ ପ୍ରଦର୍ଶନ କରିପାରିଲି'' ବୋଲି ଭାରତୀୟ ଶଟଲର କହିଛନ୍ତି। ଚଳିତ ପ୍ରତିଯୋଗିତାରେ ସେ ପୂର୍ବତନ ଅଲିମ୍ପିକ୍ସ ଚାମ୍ପିୟନ ଲିନ୍ ଡାନଙ୍କୁ ମଧ୍ୟ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

### ହକି ବିଶ୍ୱକପ୍: ଟିକେଟ କାଉଣ୍ଟରରେ ଭିଡ଼

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ସୋମବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। କଳିଙ୍ଗ ଷ୍ଟାଡିୟମର ୯ ନମ୍ବର ଗେଟ୍‌ରେ ଥିବା ବକ୍ସ ଅଫିସ୍‌ରେ ଟିକେଟ ବିକ୍ରି ହୋଇଥିଲା। ଟିକେଟ କିଣିବା ପାଇଁ ହକି ପ୍ରଶଂସକମାନେ ଭିଡ ଜମାଇଥିଲେ ଓ ଲମ୍ବା ଲାଇନ୍‌ରେ ଠିଆ ହୋଇଥିଲେ। ପ୍ରଶଂସକମାନେ ଆଗ୍ରହର ସହିତ ଟିକେଟ କ୍ରୟ କରୁଥିବାର ଲକ୍ଷ୍ୟ କରାଯାଇଥିଲା। ବିଶେଷ କରି ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ କିଣିବାକୁ ଆଗ୍ରହ ଦେଖାଇଥିଲେ। ସେହିପରି ଭୁବନେଶ୍ୱରର ୧୮ ଓ କଟକର ୨ଟି ଆଉଟଲେଟ୍‌ରେ ମଧ୍ୟ ଟିକେଟ ବିକ୍ରି ହୋଇଥିଲା। ଏହି ଆଉଟ ଲେଟଗୁଡିକରେ ମଧ୍ୟ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ପ୍ରଥମ ଦିନ ପାଇଁ ଉଦ୍ଦିଷ୍ଟ ଭାରତ ଖେଳିବାକୁ ଥିବା ମ୍ୟାଚ୍‌ର ଟିକେଟ୍ ସବୁ ଶେଷ ହୋଇଯାଇଥିଲା। ଟିକେଟ ନ ପାଇବାରୁ କେତେକ ପ୍ରଶଂସକ ଅସନ୍ତୋଷ ପ୍ରକାଶ କରିଥିଲେ।

---

ୱେଷ୍ଟଇଣ୍ଡିଜ ପାଇଁ ଦେଶର ଟପ୍ ଖେଳାଳିମାନେ ଖେଳିବାକୁ ଆଗ୍ରହ ପ୍ରକାଶ ନ କରିବା ବାସ୍ତବିକ ଏକ ଲଜ୍ଜାଜନକ ବିଷୟ ।

–କାର୍ଲ ହୁପର, ପୂର୍ବତନ ୱେଷ୍ଟଇଣ୍ଡିଜ ଅଧିନାୟକ



ଇଡେନ୍ ଗାର୍ଡେନ୍ସର ପରିବେଶ ସହିତ ଅଭ୍ୟସ୍ତ ଥିବାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟି୨୦ରେ ମୁଁ ପ୍ରଭାବୀ ପ୍ରଦର୍ଶନ କରିପାରିଥିଲି ।

–କୁଲ୍‌ଦୀପ ଯାଦବ, ଭାରତୀୟ ବୋଲର



# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**ଲକ୍ଷ୍ନୌ, ୫।୧୧(ପି.ଟି.)**

ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ, ଦିନିକିଆ ସିରିଜରେ ବିଜୟ ହାସଲ କରିବା ପରେ ଭାରତ ଟି୨୦ ସିରିଜରେ ମଧ୍ୟ ବାଜି ମାରିବା ଲକ୍ଷ୍ୟରେ ରହିଛି। ନବନିର୍ମିତ ସ୍ଥାନୀୟ ଏକନା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଙ୍ଗଳବାର ଦ୍ୱିତୀୟ ଟି୨୦ରେ ମୁହାଁମୁହିଁ ହେବେ। ପ୍ରଥମଥର ପାଇଁ ଆନ୍ତର୍ଜାତିକ କ୍ରିକେଟ ମ୍ୟାଚ୍ ଖେଳାଯିବ। ପ୍ରଥମ ଟି୨୦କୁ ଭାରତ ୫ ଉଇକେଟରେ ଅତି ସହଜରେ ବିଜୟ ହାସଲ କରିଥିଲା। ମଙ୍ଗଳବାର ମ୍ୟାଚ୍ ଜିତିଲେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇବ। ଭାରତ ଏପର୍ଯ୍ୟନ୍ତ ୩ଟି ଯାକ ଫର୍ମାଟରେ ଆଧିପତ୍ୟ ବିସ୍ତାର କରି ଖେଳିଛି। ପ୍ରଥମ ମ୍ୟାଚ୍ ବିଜୟ ପୂର୍ବରୁ ଭାରତ ୱେଷ୍ଟଇଣ୍ଡିଜଠାରୁ କ୍ରମାଗତ ୪ଟି ଟି୨୦ରେ ପରାସ୍ତ ହୋଇଥିଲା। ତେବେ ଏହି ପରାଜୟ ଧାରାକୁ ଭାରତ ରୋକିବାରେ ସକ୍ଷମ ହୋଇଛି। ଏହାପୂର୍ବରୁ ୨୦୧୪ ମାର୍ଚ୍ଚ ୧୩ ତାରିଖରେ ବାଂଲାଦେଶରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଭାରତ ୱେଷ୍ଟଇଣ୍ଡିଜକୁ ହରାଇ ଥିଲା।

୨୦୦୯ରୁ ୨୦୧୭ ମଧ୍ୟରେ ଦୁଇ ଦେଶ ୯ଟି ମ୍ୟାଚ୍‌ରେ ପରସ୍ପରକୁ ଭେଟିଥିଲେ। ଭାରତ ୫ଟିରେ ଓ ୱେଷ୍ଟଇଣ୍ଡିଜ ୩ଟିରେ ବିଜୟୀ ହୋଇଛି। ଖରାପ ଫର୍ମ କାରଣରୁ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ଦଳରୁ ବାଦ୍ ପଡିଥିବା ବେଳେ ନିୟମିତ ଅଧିନାୟକ ବିରାଟ କୋହଲିଙ୍କୁ ବିଶ୍ରାମ ଦିଆଯାଇଛି। ରୋହିତ ଶର୍ମା ଦଳର ନେତୃତ୍ୱ ନେଉଛନ୍ତି। ପ୍ରଥମ ମ୍ୟାଚ୍‌ରେ ବୋଲରମାନେ ଭାରତକୁ ଜିତାଇଥିଲେ। ତେବେ ଭାରତୀୟ ଟପ୍ ଅର୍ଡର ଫେଲ୍ ମାରିଥିଲା। ରୋହିତଙ୍କ ସମେତ ଶିଖର ଧାୱନ, ଲୋକେଶ ରାହୁଲ, ରିଷଭ ପନ୍ତ ଓ ମନୀଷ ପାଣ୍ଡେ ବିଫଳ ହୋଇଥିଲେ। ଦୀନେଶ କାର୍ତ୍ତିକ ଓ ପଦାର୍ପଣ କରିଥିବା କ୍ରୁନାଲ ପାଣ୍ଡ୍ୟ ଉପଯୋଗୀ ବ୍ୟାଟିଂ କରି ଭାରତକୁ ଜିତାଇଥିଲେ।

ଦୁଇମାସ ହେବ ଭାରତ ଗସ୍ତରେ ଆସିଥିବା ୱେଷ୍ଟଇଣ୍ଡିଜ୍ ବିଜୟ ସହ ସ୍ୱଦେଶ ଫେରିବାକୁ ଚାହିଁବ। କିରନ ପୋଲାର୍ଡ ଓ ଡାରେନ ବ୍ରାଭୋ ପ୍ରତ୍ୟାବର୍ତ୍ତନ କରିବା ପରେ ଦଳ ମଜଭୁତ ହୋଇଛି। ଆହତ ହୋଇ ଆନ୍ଦ୍ରେ ରସେଲ ସିରିଜରୁ ବାଦ୍ ପଡିଛନ୍ତି। ବୋଲିଂରେ ୱେଷ୍ଟଇଣ୍ଡିଜ ଦମ୍‌ଦାର ପ୍ରଦର୍ଶନ କରି ଭାରତୀୟ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟାଇଥିଲା। ତେବେ ବ୍ୟାଟିଂରେ ଦଳ ଫେଲ ମାରିଥିଲା। ଯାହାଫଳରେ ଦଳ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ତେଣୁ ତ୍ରୁଟି ସୁଧାରି ୱେଷ୍ଟଇଣ୍ଡିଜ ଦ୍ୱିତୀୟ ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛି। ଅନ୍ୟପଟେ ବ୍ୟାଟିଂରେ ସୁଧାର ଆଣି ଏହି ମ୍ୟାଚ୍ ଜିତିବା ସହ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଫଳରେ ଏହି ମୁକାବିଲା ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ଲକ୍ଷ୍ନୌରେ ପହଞ୍ଚିବା ପରେ ଅଧିନାୟକ ରୋହିତ ଶର୍ମା।

### ଆଜି ଦ୍ୱିତୀୟ ଟି୨୦

■ **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶିଖର ଧାୱନ, କେ.ଏଲ୍ ରାହୁଲ, ଦୀନେଶ କାର୍ତ୍ତିକ, ମନୀଷ ପାଣ୍ଡେ, ରିଷଭ ପନ୍ତ (ଉଇକେଟକିପର), କ୍ରୁନାଲ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, କୁଲ୍‌ଦୀପ ଯାଦବ, ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, କେ. ଖଲିଲ ଅହମ୍ମଦ।

■ **ୱେଷ୍ଟଇଣ୍ଡିଜ ଦଳ:** କାର୍ଲୋସ ବ୍ରାଥ୍‌ୱେଟ୍ (ଅଧିନାୟକ), ଫାବିଏନ୍ ଆଲେନ୍, ଡାରେନ ବ୍ରାଭୋ, ସିମରନ ହେଟମେର, କିମୋ ପଲ୍, କିରନ ପୋଲାର୍ଡ, ଦୀନେଶ ରାମଦିନ (ଉଇକେଟକିପର), ଆନ୍ଦ୍ରେ ରସେଲ, ଶେରଫାନେ ରଥରଫୋର୍ଡ, ଓସାନେ ଥୋମାସ, ଖାରି ପିଏରେ, ଓବେଦ୍ ମ୍ୟାକ୍‌କୟ, ରୋଭମାନ ପାୱେଲ, ନିକୋଲାସ ପୁରାନ।

ସ୍ଥାନ: ଲକ୍ଷ୍ନୌ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

### ଦିଲ୍ଲୀ ରଣଜୀ ଦଳର ନେତୃତ୍ୱରୁ ଓହରିଲେ ଗମ୍ଭୀର



**ନୂଆଦିଲ୍ଲୀ,୫।୧୧(ପି.ଟି.):** ଗୌତମ ଗମ୍ଭୀର ଦିଲ୍ଲୀ ରଣଜୀ ଦଳର ନେତୃତ୍ୱ ପଦରୁ ଓହରି ଯାଇଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ନୀତୀଶ ରାଣାଙ୍କୁ ନିଯୁକ୍ତ କରାଯାଇଛି। ''ଜଣେ ଯୁବ ଖେଳାଳିଙ୍କୁ ନେତୃତ୍ୱ ଦାୟିତ୍ୱ ଦେବାର ସମୟ ଆସିଯାଇଛି। ଏଣୁ ଡିଡିସିଏ ନିକଟରେ ଦଳର ଅଧିନାୟକ ଲାଗି ମୋତେ ଚୟନ କରା ନ ଯାଉ ବୋଲି ନିବେଦନ କରିଥିଲି। ମୁଁ ନୂଆ ଅଧିନାୟକଙ୍କୁ ସାହାଯ୍ୟ କରିବି'' ବୋଲି ଗମ୍ଭୀର ଟୁଇଟର ଜରିଆରେ କହିଛନ୍ତି। ୨୪ ବର୍ଷୀୟ ରାଣା ଜଣେ ମଧ୍ୟଭାଗର ବ୍ୟାଟ୍ସମ୍ୟାନ। ସେ ଏପର୍ଯ୍ୟନ୍ତ ୨୪ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୪୬.୨୯ ହାରରେ ରନ୍ କରିଛନ୍ତି। ତାଙ୍କୁ ସହାୟତା ପାଇଁ ୨୬ ବର୍ଷୀୟ ଧ୍ରୁବ ଶୋରେଙ୍କୁ ଉପ ଅଧିନାୟକ ଭାର ଦିଆଯାଇଛି ବୋଲି ଡିଡିସିଏ ସଭାପତି ରଜତ ଶର୍ମା କହିଛନ୍ତି। ଗମ୍ଭୀର ଚଳିତ ସିଜନର ବିଜୟ ହଜାରେ ଟ୍ରଫି ଫାଇନାଲରେ ଦଳକୁ ପହଞ୍ଚାଇଥିଲେ। ସେ ପ୍ରାୟ ୫୦୦ ରନ୍ କରିଥିଲେ। ମାତ୍ର ୩୭ ବର୍ଷୀୟ ବ୍ୟାଟ୍ସମ୍ୟାନଙ୍କ ଏଭଳି ନିଷ୍ପତ୍ତିର କାରଣ ସ୍ପଷ୍ଟ ହୋଇନାହିଁ। ଅଧିକ ଦିନ ପର୍ଯ୍ୟନ୍ତ ସେ ଆଉ କ୍ରିକେଟ ଖେଳି ନ ପାରନ୍ତି ବୋଲି ସମ୍ଭାବନା ସୃଷ୍ଟି ହୋଇଛି।

■ ଅଂଶୁମାନ ମେମୋରିଆଲ କ୍ରିକେଟ

## ସେମିରେ ଆଦ୍ରା ରେଲୱେ

**ଧର୍ମଶାଳା, ୫।୧୧ (ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଅନୁଷ୍ଠିତ ନବମ ସର୍ବଭାରତୀୟ ଅଂଶୁମାନ ମେମୋରିଆଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ସୋମବାର ଶେଷ ହୋଇଛି। ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ସୁପର ଓଭର୍ ଜରିଆରେ ଆଦ୍ରା ରେଲୱେ ଦଳ ପ୍ରତିପକ୍ଷ ଖଡ଼ଗପୁର ରେଲୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଆଦ୍ରା ରେଲୱେ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ନିର୍ଦ୍ଧାରିତ ୩୦ ଓଭର୍‌ରେ ୯ ଉଇକେଟ୍ ହରାଇ ୩୧୪ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅମିତ ଯାଦବ ୬୮ ବଲରୁ ୧୪୦ ରନ୍ ଓ ପ୍ରକାଶ ମୁଣ୍ଡା ୫୪ ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ। ଖଡ଼ଗପୁର ଦଳର ଅଭିନାଶ ଶର୍ମା ଓ ତନ୍ମୟ ମାଣିକ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଖଡ଼ଗପୁର ରେଲୱେ ଦଳ ୯ ଉଇକେଟ ହରାଇ ଶେଷବଲରେ ଛକା ମାରି ୩୧୪ରନ ସଂଗ୍ରହ କରିଥିଲା। ଫଳରେ ମ୍ୟାଚ୍‌ଟି ଟାଇ ରହିଥିଲା। ଏହାପରେ ସୁପର ଓଭରରେ ଖଡ଼ଗପୁର ପ୍ରଥମେ ବ୍ୟାଟିଂ କରି ୯ ରନ୍ ସଂଗ୍ରହ କରିପାରିଥିବାବେଳେ ଆଦ୍ରା ରେଲୱେ ଦଳ ୧୧ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅବିନାଶ ବାଦଶାହା ୪୯ ବଲ୍‌ରୁ ୯୧ ରନ୍ ସଂଗ୍ରହ କରିଥିବାବେଳେ ରାଉଲ୍ ସେନ୍ ୩୮ ବଲରୁ ୫୭ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ଆଦ୍ରା ଦଳର ମନିନ୍ଦର ସିଂ କାଶି ଓ ଅତୁଲ ସିଂ ୨ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ଖଗେଶ୍ୱର ମଲ୍ଲିକ, ମାନସ ବେହୁରା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଅମିତ ଯାଦବଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ପୂର୍ବତନ ସିଡିଏମ୍‌ଓ ରମେଶ ଚନ୍ଦ୍ର ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅବିନାଶ ସାମଲ, କାହ୍ନୁ ଚରଣ ସେଠୀ, ସୁବାଷିଶ ଦାସ, ଚିତ୍ତରଞ୍ଜନ ମହାନ୍ତି, ଶୁଭ୍ରଜିତ ଦାସ ସହାୟତା କରିଥିଲେ। ମଙ୍ଗଳବାର ଆଦ୍ରା ରେଲୱେ ଦଳ ସହ ରାଇଜିଂ ଷ୍ଟୁଡେଣ୍ଟ କଟକ ମଧ୍ୟରେ ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ସମ୍ପାଦକ ହିମାଂଶୁ ଶେଖର ସାହୁ ସୂଚନା ଦେଇଛନ୍ତି।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅମିତ ଯାଦବ।

## 'ଆଧୁନିକ ହକି ବହୁତ ଫାଷ୍ଟ ହୋଇଛି'

**ଭୁବନେଶ୍ୱର, ୫।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଏବେ ହକିରେ ବହୁତ ପରିବର୍ତ୍ତନ ଆସିଛି। ଆଧୁନିକ ହକି ଏବେ ଆଶାତୀତ ଦ୍ରୁତ ତଥା ଫାଷ୍ଟ ହୋଇଛି। ତେଣୁ ସମୟ ସହିତ ଆମକୁ ତାଳ ଦେଇ ଚାଲିବାକୁ ହେବ। ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପ୍ରାରମ୍ଭିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଯୁଗ୍ମ ଚାମ୍ପିୟନ ହୋଇ ସ୍ୱଦେଶ ଫେରିବା ପରେ ଭାରତୀୟ କୋଚ୍ ହରେନ୍ଦ୍ର ସିଂ ଏହି କଥା କହିଛନ୍ତି। ହକି ବିଶ୍ୱକପ୍ ଆୟୋଜନ ହେବାକୁ ଆଉ ମାତ୍ର ୩ ସପ୍ତାହରୁ କମ୍ ସମୟ ବାକି ରହିଛି। ଏହି ମେଗା ଇଭେଣ୍ଟ ପାଇଁ ଭାରତର ପ୍ରସ୍ତୁତି ଠିକ୍ ଦିଗରେ ରହିଛି। ଏବେ ଆମର ଅଭ୍ୟାସ ତଥା ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସେ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫିରେ ଭାରତ ପ୍ରଦର୍ଶନ ଉପରେ ସେ ନିଜର ମତ ରଖିଥିଲେ। ବିଶ୍ୱକପ୍‌ରେ ଭାରତ ସମେତ ଏସିଆର ଅନ୍ୟ ଦେଶ ପାକିସ୍ତାନ, ମାଲେସିଆ, ଚାଇନା ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ତେବେ ଚାମ୍ପିୟନ୍ସ ଟ୍ରଫିରେ ମାଲେସିଆ ବିପକ୍ଷ ମ୍ୟାଚ୍‌କୁ ଭାରତ ଗୋଲଶୂନ୍ୟ ଭାବେ ଡ୍ର ରଖିଥିଲା। ଏହି ମୁକାବିଲାରେ ଭାରତର ପ୍ରଦର୍ଶନ ଆଶାନୁରୂପ ନ ଥିଲା ବୋଲି ସେ ସ୍ୱୀକାର କରିଥିଲେ। ଆମ ଷ୍ଟ୍ରାଇକରମାନେ ଆଦୌ ଭଲ ଖେଳି ନ ଥିଲେ କି ଅଧ ଡଜନ ସୁଯୋଗକୁ ଗୋଲ୍‌ରେ ପରିଣତ କରିପାରି ନ ଥିଲେ। ତେଣୁ ଷ୍ଟ୍ରାଇକରମାନଙ୍କୁ ଏକାଠି ହୋଇ ଅଧିକ ପରିଶ୍ରମ କରିବାକୁ ପଡିବ। ତେବେ ମାଲେସିଆ ଆମ ସର୍କଲକୁ ମାତ୍ର ୪ଥର ପ୍ରବେଶ କରିବାରେ ସକ୍ଷମ ହୋଇଥିଲା। ଡିଫେନ୍ସିଭ୍ ହେବା ଅପେକ୍ଷା ଆମକୁ ଆଗ୍ରେସିଭ୍ ହେବାକୁ ପଡିବ ବୋଲି ସେ କହିଛନ୍ତି। ଆଧୁନିକ ହକିରେ ଆମ ଖେଳାଳିମାନେ କୁଇକ୍ ଡିସିସନ ବା ଶୀଘ୍ର ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି। କାରଣ ପ୍ରତିପକ୍ଷ ଦଳ ସ୍କୋରିଂ ଜୋନ୍‌ରେ ଆମ ଷ୍ଟ୍ରାଇକରଙ୍କୁ ସମୟ ଓ ସ୍ଥାନ ଦେବାକୁ ଚାହିଁବନି।




ଦଳର ପ୍ରସ୍ତୁତି ଏବେ ଅନ୍ତିମ ପର୍ଯ୍ୟାୟରେ। ଦଳ ଶାରୀରିକ ଓ ମାନସିକ ଭାବେ ପ୍ରସ୍ତୁତ ରହିଛି। ତେବେ ଶିବିରରେ ଆମେ ଏବେ ଛୋଟ ଛୋଟ କଥା ଉପରେ ଧ୍ୟାନ ଦେବାକୁ ପ୍ରୟାସ କରିବୁ। ବକ୍ସରେ ଆମେ ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ ଦେଉଛୁ। ତେବେ ଦଳର ଦୁର୍ବଳତା ନେଇ ଆମେ ଗଣମାଧ୍ୟମରେ ଆଲୋଚନା କରିବା ଠିକ୍ ନୁହେଁ ଓ ଏହା ବନ୍ଦ ଘରେ ଆଲୋଚନା କରାଯିବ। ତେବେ ଦଳରେ ସେଭଳି କୌଣସି ବଡ଼ଧରଣର ଦୁର୍ବଳତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

କ୍ୟାମ୍ପରେ ୪ଜଣ ଓଡ଼ିଆ ଖେଳାଳି ସାମିଲ ରହିଛନ୍ତି। ତେବେ କେଉଁ ଖେଳାଳି ଅନ୍ତିମ ଏକାଦଶରେ ସ୍ଥାନ ପାଇବେ, ସେନେଇ କିଛି କହିହେବ ନାହିଁ। ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ଭାରତୀୟ ଦଳ ଗଠନ କରାଯିବ। କେଉଁ ରାଜ୍ୟ ଓ ସହରର ଖେଳାଳିଙ୍କୁ ସ୍ଥାନ ଦିଆଯିବ ସେକଥା କହିବା ଠିକ୍ ହେବନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ। ପେନାଲ୍ଟିକର୍ନର କନ୍‌ଭର୍ସନ ଭାରତର ୩୧ ପ୍ରତିଶତ ରହିଛି। ପୁଣି ହରମନପ୍ରୀତ ପେନାଲ୍ଟି କର୍ନର ଜରିଆରେ ସର୍ବାଧିକ ଗୋଲସ୍କୋର କରିଛନ୍ତି। ତେଣୁ ପେନାଲ୍ଟି କର୍ନରରେ ଭାରତର ଦୁର୍ବଳତା ଅଛି ବୋଲି କହିବା ଠିକ୍ ହେବନାହିଁ ବୋଲି କୋଚ୍ ସିଂ କହିଛନ୍ତି।

ଚାମ୍ପିୟନ୍ସ ଟ୍ରଫିରେ ଅନ୍ୟ ଦଳଗୁଡ଼ିକ ତୁଳନାରେ ଭାରତ ଅଧିକ ଶକ୍ତିଶାଳୀ ଥିଲା। ତେବେ ଗ୍ରାଉଣ୍ଡ ଉପରେ କୌଣସି ଦଳକୁ ହେୟ ମନେ କରିହେବ ନାହିଁ। ଇତିହାସ ଏହାର ସାକ୍ଷୀ ରହିଛି। ଅଲିମ୍ପିକ୍‌ରେ ଭାରତ ପୋଲାଣ୍ଡ ଭଳି ଦୁର୍ବଳ ଦଳ ବିପକ୍ଷରେ ମ୍ୟାଚ୍ ଡ୍ର' ରଖି ପୋଡିୟମ ଫିନିଶ୍ କରିପାରି ନ ଥିଲା। ର୍‍ୟାଙ୍କିଂରେ ଉପରକୁ ଉଠିଲେ ଦଳ ଉପରେ ପ୍ରଶଂସକଙ୍କ ଆଶାର ମାତ୍ରା ବଢିଥାଏ। ତେବେ ର୍‍ୟାଙ୍କିଂ ସବୁକିଛି ନୁହଁ ଓ ଏହାକୁ ନେଇ କିଛି ଆକଳନ କରିବା ବୋକାମି ହେବ। ଏହାର ସଦ୍ୟତମ ଉଦାହରଣ ହେଉଛି ମହିଳା ବିଶ୍ୱକପ୍ ଓ ଫୁଟ୍‌ବଲ ବିଶ୍ୱକପ୍। ମହିଳା ବିଶ୍ୱକପ୍‌ରେ ଆୟର୍ଲାଣ୍ଡ ଫାଇନାଲକୁ ଉଠିଥିଲା। ସେହିପରି ଫୁଟ୍‌ବଲ ବିଶ୍ୱକପ୍‌ରେ କ୍ରୋଏସିଆ ଭଳି ଲୋ ର୍‍ୟାଙ୍କର ଦଳ ଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଥିଲା। ତେଣୁ ଗୋଟିଏ ଦଳ ନିର୍ଦ୍ଦିଷ୍ଟ ଦିନରେ କିଭଳି ଖେଳୁଛି ଓ କି ଗେମ୍ ପ୍ଲାନ ଆପଣାଉଛି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଧୁନିକ ହକି ଏବେ ବହୁତ ଫାଷ୍ଟ ହୋଇଗଲାଣି। କେଉଁ ଦଳ କିଭଳି ପ୍ରଦର୍ଶନ କରିବ ସେନେଇ ପୂର୍ବାନୁମାନ କରିବା କଷ୍ଟକର। ଏକ ନିର୍ଦ୍ଦିଷ୍ଟ ଦିନରେ ୨୬ ନମ୍ବର ଦଳ ବି ଶୀର୍ଷ ସ୍ଥାନରେ ଥିବା ଦଳକୁ ହରାଇପାରିବ। ନିକଟରେ ସ୍ପେନ୍‌ରେ ଖେଳାଯାଇଥିବା ଚତୁଃରାଷ୍ଟ୍ରୀୟ ଟୁର୍ଣ୍ଣାମେଣ୍ଟରେ ଆୟର୍ଲାଣ୍ଡ ବଡ଼ ବଡ଼ ଦଳଗୁଡିକ ସହ ଇଂଲଣ୍ଡ ଓ ସ୍ପେନ୍ ଭଳି ଦଳକୁ ମଧ୍ୟ ହରାଇଥିଲା। ବିଶ୍ୱକପ୍‌ରେ କୌଣସି ଦଳକୁ ଦୁର୍ବଳ କିମ୍ବା ଶକ୍ତିଶାଳୀ ମନେ କରିହେବ ନାହିଁ। ଭାରତ ପୁଲ୍ ସି'ରେ ସ୍ଥାନିତ ହୋଇଛି। ଏହି ପୁଲ୍‌ରେ ଅଲିମ୍ପିକ୍ସ ରୌପ୍ୟ ବିଜେତା ବେଲ୍‌ଜିୟମ ଓ କାନାଡ଼ା ରହିଛି। ଏହି ଦଳଠାରୁ ଆମେ ପୂର୍ବରୁ ହାରିଛୁ। ସେହିପରି ଦକ୍ଷିଣ ଆଫ୍ରିକାକୁ ମଧ୍ୟ ଆଦୌ ହେୟ ମନେ କରିହେବ ନାହିଁ। ବୀରେନ୍ଦ୍ର ଲାକ୍ରା ଆହତ ହୋଇଥିଲେ। ତେବେ ଦଳର ଫିଜିଓ ଓ ଡକ୍ଟର ତାଙ୍କୁ ନେଇ ସ୍ଥିତିସ୍ପଷ୍ଟ କରିବେ ବୋଲି ହରେନ୍ଦ୍ର କହିଥିଲେ।






**ଭୁବନେଶ୍ୱର:** ହକି ବିଶ୍ୱକପ୍ ଟିକେଟ୍ କିଣିସାରିବା ପରେ ଖୁସି ଜାହିର କରୁଛନ୍ତି ତିନି ପ୍ରଶଂସକ। କାଉଣ୍ଟର ଆଗରେ ଖେଳପ୍ରେମୀଙ୍କ ଭିଡ଼।

ସର୍ବଦା ଅହିଂସା ଆଚରଣ କର। କାରଣ ଅହିଂସା ପରମ ଧର୍ମ, ପରମ ତପ, ପରମ ଜ୍ଞାନ ଓ ଅହିଂସା ପରମ ପଦ ଅଟେ।

- ବ୍ୟାସଦେବ



## ସଂକ୍ଷେପରେ

### ମାରଣାସ୍ତ୍ର ଦେଖାଇ କାର୍ ଲୁଟ୍

ଭଣ୍ଡାରିପୋଖରୀ, ୫।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଯାମିନୀବିନ୍ଧା ନିକଟରୁ ରବିବାର ରାତିରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ଦେଖାଇ ଏକ ସୁଇଫ୍ଟ ଡିଜାୟାର(ନଂ ଓଡି ୩୩ ୟୁ ୧୨୨୨) କାର୍ ଲୁଟି ନେଇଛନ୍ତି। ଏ ନେଇ କାର୍ ଚାଳକ ତଥା ମାଲିକ ବାସୁଦେବପୁର ଥାନା ରାଧାବଲ୍ଲଭପୁର ଗ୍ରାମର ରାଜୀବ କୁମାର ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୯୧/୧୮) ରୁଜୁ କରି ତଦନ୍ତ ଚଳାଇଛି। ଦୁର୍ବୃତ୍ତମାନେ କାର୍ ସହ ୩ଟି ମୋବାଇଲ ମଧ୍ୟ ଲୁଟ୍ ନେଇଯାଇଥିଲେ। ସେଥିମଧ୍ୟରୁ କାର୍ ଚାଳକଙ୍କ ମୋବାଇଲକୁ ପୋଲିସ ସୋମବାର ତିହିଡ଼ି ଥାନା ଅଧୀନ ଦୋଳସାହି ଅଞ୍ଚଳରୁ ଉଦ୍ଧାର କରିଛି। ଏଣୁ ଦୁର୍ବୃତ୍ତମାନେ ଗାଡ଼ିକୁ ନେଇ ଦୋଳସାହି ଅଞ୍ଚଳକୁ ଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।ଅଭିଯୋଗ ଅନୁଯାୟୀ, ବାସୁଦେବପୁରର ଡା. ନୀଳିମା ପାଢ଼ୀ ଓ ଅନିମା ପାଢ଼ୀ କୌଣସି କାମରେ କାନପୁର ଯାଇ ବିମାନ ଯୋଗେ ରବିବାର ଭୁବନେଶ୍ୱର ଫେରିଥିଲେ। ସେମାନଙ୍କୁ ଆଣିବା ପାଇଁ ବାସୁଦେବପୁରରୁ ଗୁରୁଜୀ ନଳିନୀ ରଞ୍ଜନ ପାଢ଼ୀ କାର୍ ଚାଳକ ରାଜୀବଙ୍କୁ ନେଇ ଯାଇଥିଲେ। ଭୁବନେଶ୍ୱରରୁ ଫେରି ଛତିଆ ନିକଟରେ ଓହ୍ଲାଇ ଚା' ପିଇଥିଲେ। ଏହି କାର୍ ପଛରେ ଅନ୍ୟ ଏକ ବୋଲେରୋ ମଧ୍ୟ ତାଙ୍କର ଆସୁଥିଲା। ବୋଲେରୋ ଦୂରରେ ରହିଯିବାରୁ କାର୍ ପଳାଇ ଆସିଥିଲା। କାର୍ ପଛରେ ଏକ କ୍ୱାଲିସ କାର୍ ପିଛା କରି ଭଣ୍ଡାରିପୋଖରୀ ଥାନାଠାରୁ ଅନତି ଦୂର ଯାମିନୀବିନ୍ଧା ଆସାମ ଅଏଲ ପେଟ୍ରୋଲ ପମ୍ପ ନିକଟ ଏକ ପୋଲ ପାଖରେ ଏହି କାର୍‌କୁ ପଛପଟୁ ଧକ୍କା ଦେଇଥିଲା। କାର ଚାଳକ ଗାଡ଼ି ଅଟକାଇଲା ବେଳକୁ କ୍ୱାଲିସ କାର୍ ଆଗକୁ ଆସି ଅଟକାଇଥିଲା। ସେଥିରେ ଥିବା ୫ ଜଣ ଦୁର୍ବୃତ୍ତ ୩ଟି ବନ୍ଧୁକ ଓ ଖଣ୍ଡା ଦେଖାଇ କାର୍ ଚାଳକ ଓ ଯାତ୍ରୀଙ୍କୁ ଭୟଭୀତ କରିଥିଲେ। ଯାତ୍ରୀମାନେ ଗାଡ଼ିରୁ ଓହ୍ଲାଇ ପଡ଼ିବାରୁ ଦୁର୍ବୃତ୍ତମାନେ କାର୍‌କୁ ନେଇ ଭଦ୍ରକ ଆଡକୁ ଦ୍ରୁତଗତିରେ ପଳାଇଯାଇଥିଲେ। ଏହି ଘଟଣାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

# ଚାଷୀ ଆନ୍ଦୋଳନକୁ ଦମନ

**ଭୁବନେଶ୍ୱର,୫।୧୦(ବ୍ୟୁରୋ)**

- ୧୪୪ ସତ୍ତ୍ୱେ ସହର ଭିତରକୁ ପଶିବାକୁ ଉଦ୍ୟମ
- ଚାଷୀ ନେତାଙ୍କ ସହ ଗିରଫ ହେଲେ ୧ହଜାରରୁ ଊର୍ଦ୍ଧ୍ୱ
- ପୋଲିସ-ଚାଷୀ ୮ଘଣ୍ଟା ଛକପଞ୍ଝା, ୩ ଘଣ୍ଟା ରାସ୍ତାରୋକୋ

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବି ନେଇ ବଡ଼ଧରଣର ଆନ୍ଦୋଳନ ପାଇଁ ରାଜଧାନୀମୁହାଁ ହଜାର ହଜାର ମହିଳା ଓ ପୁରୁଷ ଚାଷୀଙ୍କୁ ସହର ଭିତରକୁ ପଶିବାକୁ ଦେଇନି କମିଶନରେଟ ପୋଲିସ। ନବନିର୍ମାଣ କୃଷକ ସଙ୍ଗଠନର ଏହି ଆନ୍ଦୋଳନ ପାଇଁ ରାଜ୍ୟ ସରକାର ଅନୁମତି ନ ଦେଇ ୧୪୪ ଧାରା ଜାରି କରିଥିଲେ। ଏହାସତ୍ତ୍ୱେ ସୋମବାର କଟକ ଓ ଖୋର୍ଦ୍ଧା ପଟୁ ରାଜପଥରେ ଚାଷୀମାନେ ମାଡ଼ି ଆସୁଥିଲାବେଳେ ପୋଲିସ ବହୁ ଚାଷୀ ନେତାଙ୍କ ସହ ସେମାନଙ୍କୁ ଗିରଫ କରି ଆନ୍ଦୋଳନକୁ ରୋକିବାରେ ସମର୍ଥ ହୋଇଛି। ଏହାକୁ ନେଇ ରାଜଧାନୀର ଦୁଇ ପ୍ରବେଶ ପଥରେ ୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ପୋଲିସ-ଚାଷୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ସରକାର ଚାଷୀଙ୍କ ଦୁଃଖ ନ ଶୁଣି ପୋଲିସ ଲଗାଇ ଦମନ କରୁଥିବାରୁ ଏହାର ପ୍ରତିବାଦରେ ଚାଷୀମାନେ ରାଜପଥକୁ ଅବରୋଧ କରିଥିଲେ।

ନବନିର୍ମାଣ କୃଷକ ସଙ୍ଗଠନ ଭୁବନେଶ୍ୱରର ଲୋୟର ପିଏମ୍‌ଜିଠାରେ ସୋମବାର ଚାଷୀ ମହାସମାବେଶ ପାଇଁ ଡାକରା ଦେଇଥିଲା। ଏଥିରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ସମାଗମ ହେବାର ଥିଲା। ଏଥିପାଇଁ ଖୋର୍ଦ୍ଧା ଜିଲାର ବାଲୁଗାଁ ଓ ଯାଜପୁର ଜିଲାର କୁଆଖିଆରୁ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଦଯାତ୍ରାରେ ରାଜଧାନୀ ଅଭିମୁଖେ ବାହାରିଥିଲେ। ପଶ୍ଚିମ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଚାଷୀମାନେ ମଧ୍ୟ ସମାବେଶ ପାଇଁ ଆସୁଥିଲେ। ମାତ୍ର ଆଇନଶୃଙ୍ଖଳା ପରିସ୍ଥିତି ଆଶଙ୍କା କରି ରାଜ୍ୟ ସରକାର ଏହି ସମାବେଶକୁ ଅନୁମତି ଦେଇ ନ ଥିଲେ। ଏଥିସହ ତମାଣ୍ଡୋ ଓ ହଂସପାଳ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବା ସହ ୧୪୪ ଧାରା ଲାଗୁ କରିଥିଲେ। ଶୁକ୍ରବାରଠାରୁ ବିଭିନ୍ନ ସ୍ଥାନରେ ପୋଲିସ ଚାଷୀମାନଙ୍କୁ ଅଟକାଇ ରଖିଥିଲା। ଏହାସତ୍ତ୍ୱେ ଚାଷୀମାନେ ଆଗକୁ ମାଡ଼ି ଚାଲିଥିଲେ। ରବିବାର ମଧ୍ୟ ଖୋର୍ଦ୍ଧା ଆଡୁ ଆସୁଥିବା ଚାଷୀଙ୍କୁ ତମାଣ୍ଡୋ ଓ କଟକ ଆଡୁ ଆସୁଥିବା ଚାଷୀଙ୍କୁ ହଂସପାଳ ନିକଟରେ ଅଟକ ରଖିଥିଲା। ୫ ତାରିଖରେ ହେବାକୁ ଥିବା ଆନ୍ଦୋଳନସ୍ଥଳରେ ଚାଷୀମାନଙ୍କୁ କୌଣସି ଉପାୟରେ ପହଞ୍ଚାଇ ନ ଦେବାକୁ ଯୋଜନା କରାଗଲା। ଏଥିପାଇଁ ଦୁଇଟି ସ୍ଥାନରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ପୂରା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରାଯାଇଥିଲା। ଏହାକୁ ଖାତିର ନ କରି ସୋମବାର ସକାଳୁ ତମାଣ୍ଡୋଠାରେ ଚାଷୀମାନେ ସରକାର ବିରୋଧୀ ନାରା ଦେଇଥିଲେ। ପରେ ସେମାନେ ପୋଲିସର ବ୍ୟାରିକେଡ୍ ଭାଙ୍ଗି ସହର ଭିତରକୁ ପ୍ରବେଶ କରିଥିଲେ। ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଚାଷୀଙ୍କ ସଂଖ୍ୟା ଅଧିକ ଥିବାରୁ ତାହା ସମ୍ଭବ ହୋଇ ନ ଥିଲା। ଇତିମଧ୍ୟରେ ଚାଷୀଙ୍କ ସହ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଓ ଅନ୍ୟ କେତେଜଣ ନେତା ପଦଯାତ୍ରାରେ ସାମିଲ୍ ହୋଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ଚାଷୀମାନେ ଖଣ୍ଡଗିରି ନିକଟରେ ପହଞ୍ଚି ଯାଇଥିଲେ। ସେଠାରେ ଅଟକାଯିବାକୁ ଉଦ୍ୟମବେଳେ ପୋଲିସ ଓ ଚାଷୀ ମୁହାଁମୁହିଁ ହେଲେ। ଦୀର୍ଘ ସମୟ ଧରି ଉଭୟଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଏପରିକି ଖଣ୍ଡଗିରି ଛକରେ ହୋଟେଲରେ ପଶି ଚାଷୀମାନେ ଖାଉଥିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରି ନେଇଥିଲା। ଯେଉଁମାନଙ୍କ କାନ୍ଧ ଓ ମୁଣ୍ଡରେ ଗାମୁଛା ଦେଖୁଥିଲା ସେମାନଙ୍କୁ ବି ଖୋଜି ଖୋଜି ପୋଲିସ ଗିରଫ କରିଥିଲା। ଚାଷୀମାନେ ପୋଲିସ ଭ୍ୟାନ୍‌ରେ ନ ବସିବାକୁ ଚେଷ୍ଟା କରିବାରୁ ପୋଲିସ ବଳପ୍ରୟୋଗ କରି ସେମାନଙ୍କୁ ଘୋଷାରିନେବା ସହ ଟେକିଟେକି ନେଉଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ଚାଷୀଙ୍କ ଚିତ୍କାରରେ ଫାଟି ପଡିଥିଲା ରାଜପଥ ଓ ଆଖପାଖ ଅଞ୍ଚଳ। ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଗିରଫ କରାଯାଇ ପରେ ଅନ୍ୟତ୍ର ଛାଡି ଦିଆଯାଇଥିବା ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ କହିଛନ୍ତି।

ସେହିଭଳି କଟକ ପଟୁ ହଂସପାଳ ଛକ ନିକଟରେ ଅଟକ ଚାଷୀମାନେ ମଧ୍ୟ ସହର ଭିତରକୁ ପଶିବାକୁ ସକାଳୁ ଉଦ୍ୟମ କରିଥିଲେ। ସେଠାରେ ନବନିର୍ମାଣ କୃଷକ ସଙ୍ଗଠନର ଆବାହକ ଅକ୍ଷୟ କୁମାର ଓ ଶେଷଦେବ ନନ୍ଦ ପ୍ରମୁଖ ନେତୃତ୍ୱ ନେଇଥିଲେ। ଦୀର୍ଘ ସମୟ ସେଠାରେ ପୋଲିସ ଓ ଚାଷୀଙ୍କ ମଧ୍ୟ ବଳ କଷାକଷି ଚାଲିଥିଲା। ଶେଷରେ ଚାଷୀମାନେ ଅନ୍ୟ କୌଣସି ଉପାୟ ନ ପାଇ ଜାତୀୟ ରାଜପଥକୁ ୩ଘଣ୍ଟା ଅବରୋଧ କରିଥିଲେ। ପୋଲିସ ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଚାଷୀମାନେ ପୋଲିସ କର୍ଡନ ଭାଙ୍ଗି ସହର ଭିତରକୁ ପଶିବାକୁ ଉଦ୍ୟମ କରିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରିନେଇଥିଲା। ପୋଲିସ ସେମାନଙ୍କୁ ରିଜର୍ଭ ଓ ଓଏସ୍‌ଏପି ବାଟାଲିୟନରେ ରଖିଥିଲା। ପରେ ସେମାନଙ୍କୁ ଷ୍ଟେଶନ ଓ ବସ୍ ଷ୍ଟାଣ୍ଡରେ ଛାଡି ଦେଇଥିଲା। ତେବେ ଚାଷୀମାନଙ୍କୁ ଗିରଫ କରିବା ପାଇଁ ପୋଲିସ ନାକେଦମ ହୋଇ ପଡିଥିଲା। ହଂସପାଳରେ ଧାରଣାସ୍ଥଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଚାଷୀ ଚେତାଶୂନ୍ୟ ହୋଇପଡିଥିଲେ। ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।ଅନ୍ୟପକ୍ଷରେ ଅନେକ ଚାଷୀ ପୋଲିସକୁ ଚକ୍‌ମା ଦେଇ ସହର ଭିତରକୁ ପଶିଯାଇଥିଲେ। କିନ୍ତୁ ଚାଷୀନେତାଙ୍କ ସହ ଅଧିକାଂଶ ଚାଷୀଙ୍କୁ ଗିରଫ କରାଯାଇଥିବାରୁ ଆନ୍ଦୋଳନ ଆଶା ମଉଳିଯାଇଥିଲା।

ଏନେଇ ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି କହିଛନ୍ତି, ଯେହେତୁ ଚାଷୀମାନେ ସହର ଭିତରକୁ ପ୍ରବେଶ କଲେ ଆଇନ ଶୃଙ୍ଖଳା ଉପୁଜିବ ଓ ଗାଡିମୋଟର ଚଳାଚଳରେ ବାଧା ସୃଷ୍ଟି ହେବ ସେଥିପାଇଁ ୧୪୪ ଧାରା ଲଗାଯାଇଥିଲା। କିନ୍ତୁ ଚାଷୀମାନେ ଏହାକୁ ନମାନି ସହର ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିବାରୁ ପ୍ରାୟ ୧୧ଶହ ଚାଷୀଙ୍କୁ ଗିରଫ କରାଯାଇ ପରେ ଛାଡି ଦିଆଯାଇଥିଲା ବୋଲି ମହାନ୍ତି ସୂଚନା ଦେଇଛନ୍ତି।



ଜଣେ ମହିଳା ଆନ୍ଦୋଳନକାରୀଙ୍କୁ ପୋଲିସ କର୍ମଚାରୀ ଟେକି ନେଉଛନ୍ତି।

## ଚାଷୀଙ୍କ ବାଟ ରୋକିବା ନେଇ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)**

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଲୋୟର ପିଏମ୍‌ଜି ଛକଠାରେ ହେବାକୁ ଥିବା ଚାଷୀ ମହାସମାବେଶ ପାଇଁ ରାଜ୍ୟ ସରକାର ଅନୁମତି ଦେଇ ନ ଥିଲେ। ଭୁବନେଶ୍ୱର ଭିତରକୁ ଚାଷୀଙ୍କୁ ପୂରାଇ ନ ଦେବା ଲାଗି ୧୪୪ ଧାରା ଜାରି କରିଦିଆଗଲା। ଏହା ସତ୍ତ୍ୱେ ଚାଷୀ ରାଜଧାନୀ ଭିତରକୁ ପଶିବା ପାଇଁ ଉଦ୍ୟମ କରିବାରୁ ସେମାନଙ୍କୁ ରାସ୍ତାରୁ ପୋଲିସ ଉଠାଇ ନେଇଛି। ଫଳରେ ରାଜ୍ୟ ସରକାରଙ୍କ ଏଭଳି କାର୍ଯ୍ୟକୁ ବିରୋଧୀ ତୀବ୍ର ସମାଲୋଚନା କରିଛନ୍ତି। ସରକାର ଅଗଣତାନ୍ତ୍ରିକ ଭାବେ ଚାଷୀଙ୍କୁ ଅଟକାଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଏନେଇ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି ଯେ, ଗଣତାନ୍ତ୍ରିକ ଉପାୟରେ ନିଜର କଥା ରଖିବାକୁ ଆସୁଥିବା ଚାଷୀଙ୍କର କଣ୍ଠରୋଧ କରିବା ପାଇଁ ସରକାର ଯେଉଁ ଅପଚେଷ୍ଟା କରିଛନ୍ତି ତାହା ଦୁର୍ଭାଗ୍ୟଜନକ।ଚାଷୀଙ୍କସମସ୍ୟାରସମାଧାନନକରିସେମାନଙ୍କୁହଇରାଣ କରି ରାସ୍ତାରେ ଅଟକାଇ ଗିରଫ କରିବା ଘଟଣା ନିନ୍ଦନୀୟ। ରାଜ୍ୟର କୃଷି ଏବଂ କୃଷକମାନଙ୍କ ପାଇଁ ରାଜ୍ୟ ସରକାର ବୈମାତୃକ ମନୋଭାବ ଦେଖାଇ ଚାଲିଛନ୍ତି। କୃଷି କମିଶନ ୨୦୧୨ରେ ତିଆରି ହୋଇଥିବା ସତ୍ତ୍ୱେ କୃଷକ କଲ୍ୟାଣ ରିପୋର୍ଟ ଏପର୍ଯ୍ୟନ୍ତ ମିଳିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀମାନଙ୍କ ବିକାଶ ଏବଂ ସେମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଚାଷୀଙ୍କ ପାଇଁ ତରବରିଆ ଭାବେ ସରକାର ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବା କେବଳ ପ୍ରହେଳିକା ବୋଲି ବସନ୍ତ କହିଛନ୍ତି ।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ ଦାବିରେ ଆନ୍ଦୋଳନ କରିବାରୁ ଚାଷୀଙ୍କୁ ସେମାନଙ୍କ ମୌଳିକ ଦାବିରୁ ବଞ୍ଚିତ କରାଯାଉଛି। ଚାଷୀଙ୍କୁ ଯେପରି ରାସ୍ତାରୁ ଉଠାଇ ନିଆଗଲା ତାହା ସମ୍ପୂର୍ଣ୍ଣଭାବେ ଅଗଣତାନ୍ତ୍ରିକ ଓ ଆଇନ ବିରୋଧୀ। ଏଥିରୁ ଇଏ ଚାଷୀ ବିରୋଧୀ ସରକାର ବୋଲି ପ୍ରମାଣିତ ହେଉଛି ବୋଲି ନରସିଂହ କହିଛନ୍ତି। ଅନ୍ୟପଟେ ଏହି ପ୍ରସଙ୍ଗରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ, ରାଜ୍ୟ ସରକାର ୬୦ବର୍ଷରୁ ଅଧିକ ବୟସ୍କଙ୍କୁ ୩ଶହ ଟଙ୍କା ଲେଖା ପେନ୍‌ସନ ପ୍ରଦାନ କରୁଛନ୍ତି। ଚାଷୀମାନେ ଅଧିକ ପେନ୍‌ସନ ପାଇଁ ଯେଉଁ ଦାବି କରୁଛନ୍ତି ତାହା ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପାତ୍ର କହିଛନ୍ତି।

## ବାଣ ସାମଗ୍ରୀ ଜବତ: ଜଣେ ଗିରଫ

**ଧାମନଗର,୫।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଶ୍ୟାମଚାନ୍ଦପାଟଣା ଗ୍ରାମ ନିକଟ ଏକ ମାଟିଘରୁ ପୋଲିସ ବାଣ ସାମଗ୍ରୀ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଉକ୍ତ ଘରେ ବାଣ ଭିଡ଼ା ଯାଉଥିବା ଖବର ପାଇ ରବିବାର ରାତିରେ ଧୂଷୁରୀ ଥାନା ପୋଲିସ ସେଠାରେ ଚଢ଼ାଉ କରିଥିଲା। ସେଠାରେ ବାଣ ତିଆରି କରୁଥିବା ତିହିଡ଼ି ଥାନା ଅଧୀନ ପଞ୍ଚୁରେଖି ଗ୍ରାମର ବିକାଶ ସେଠୀଙ୍କୁ ପୋଲିସ ଗିରଫ କରିଥିଲା। ଏଥିସହ ବାଣ ଭିଡ଼ିବା ପାଇଁ ଥିବା ବାରୁଦ, ବାଣି ଏବଂ ଚାଇନା କମ୍ପାନୀର କାଗଜପତ୍ର ଜବତ କରିଥିଲା। ଥାନା ଆଇଆଇସି ରାମକୁମାର ମୁର୍ମୁ ସଦଳବଳ ଚଢ଼ାଉ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୭୯/୧୮) ରୁଜୁ ହୋଇ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ସଂଘର ନିର୍ଦ୍ଦେଶ ଅବମାନନା ମହଙ୍ଗା ପଡ଼ିଲା: ବାର୍‌ରୁ ୨ଜଣ ବହିଷ୍କୃତ

**ନୀଳଗିରି, ୫।୧୧ (ଡି.ଏନ.ଏ)**

ନୀଳଗିରି ଉପଖଣ୍ଡ ବାର୍ ଆସୋସିଏଶନର ୨ଜଣ ଆଇନଜୀବୀଙ୍କୁ ସଂଘ ବିରୋଧୀ କାର୍ଯ୍ୟ ପାଇଁ ସୋମବାର ବହିଷ୍କାର କରାଯାଇଛି। ସେମାନେ ହେଲେ କ୍ଷୀରୋଦ କୁମାର ଦାସ ଓ ସଂଯୁକ୍ତା ଲେଙ୍କା। ରାଜ୍ୟ ବାର୍ ଆସୋସିଏଶନ ଡାକରାରେ ଦୀର୍ଘ ୬୯ ଦିନ ଧରି ଆଇନଜୀବୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ସ୍ଥାନୀୟ ଉପଖଣ୍ଡ ବାର୍‌ର ଆଇନଜୀବୀ ସଂଘର ନିର୍ଦ୍ଦେଶକୁ ଅମାନ୍ୟ କରି ଉକ୍ତ ଦୁଇ ଆଇନଜୀବୀ ସିଟି (ନଂ.୩୧୪/୧୮)ରେ ଅଭିଯୁକ୍ତଙ୍କ ପାଇଁ କୋର୍ଟରେ ଜାମିନ ଆବେଦନ କରିଥିଲେ। ସେଥିପାଇଁ ଅପରାହ୍ନରେ ବାର୍ ଆସୋସିଏଶନ ପକ୍ଷରୁ ଜରୁରୀ ବୈଠକ ଡକାଯାଇଥିଲା। ଜ୍ଞାନରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ବାର୍‌ରୁ ୨ଜଣ ଆଇନଜୀବୀଙ୍କୁ ବହିଷ୍କାର କରାଯାଇଛି ବୋଲି ସମ୍ପାଦକ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ କ୍ଷୀରୋଦ କୁମାର ଦାସ ଓ ସଂଯୁକ୍ତା ଲେଙ୍କାଙ୍କୁ ପଚାରିବାରେ ୩ବର୍ଷ ଧରି ବାର୍ ନିର୍ବାଚନ ହୋଇନାହିଁ। ଦେଢ଼ମାସ ତଳେ କୋର୍ଟରେ ଅଭିଯୁକ୍ତଙ୍କ ପାଇଁ ଜାମିନ ଅବେଦନ କରିଥିଲୁ, ସେତେବେଳେ କୌଣସି ପ୍ରତିକ୍ରିୟା ନ ଥିଲା। ଏବେ ପୁରୁଣା ଇସ୍ୟୁକୁ ନେଇ ସେ ନାପସନ୍ଦ କରିଛନ୍ତି। ଆସୋସିଏଶନ ନିର୍ବାଚନ ହୋଇ ନ ଥିବାରୁ ଅଚଳ କମିଟି ବହିଷ୍କାର କରିବାର କ୍ଷମତା ନାହିଁ ବୋଲି ସେ କହିଛନ୍ତି।


**OFFICE OF THE MUNICIPAL COUNCIL, ANGUL**
No. 7749/ Date : 05.11.2018
Tender Reference No. EO/AGLM (SAN) 03/2018-19

**1ST CORRIGENDUM**

The e-tender invited vide Bid Identification No. 2018-ORULB_50431 dt. 23.10.2018 in column No. 8 of DTCN the date and time of availability of bid document in the portal may be read as 30.10.2018, 11.00 AM to 08.11.2018, 5PM. instead of 30.11.2018 due to typical error. Similarly the name of Executive Officer, Angul Municipality may be read as S.K. Jena instead of P.K. Sahu. All other terms and condition shall be remain unchanged.

**Sd./- Executive Officer, Angul Municipality**

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
DIST: KALAHANDI-766026, Mob. No.7328840483, E-mail: sgmel_uihep@ohpcltd.com
ISO 9001-14001 18001 Certified
**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com, WEB: www.ohpcltd.com, CIN: U40101OR1995SGC003963
No. UIHEP/SGM (EL.)/TW/ PSDF/ 2120 (Part – III) / 5231 (WE) / Dated. 02.11.2018
CAD-988

**1st CORRIGENDUM TO Tender Call Notice No. 37/2018-19 Dated 26.09.2018**

**Name of work : Procurement, Erection, Testing & Commissioning of 400 KV Capacitor Voltage Transformers.**

The period of sale / submission and opening of this office Tender Call Notice No.34/2018-19 Dtd.17.09.2018 for– "Procurement, Erection, Testing & Commissioning of 400 KV Capacitor Voltage Transformers" is extended as follows-

| | | | |
|---|---|---|---|
| 1. | Sale of tender paper | : | Upto 13:00 Hrs of 20.11.2018 |
| 2. | Last date and time of Receipt of tender paper | : | Upto 13:00 Hrs. of 20.11.2018 |
| 3. | Date and time of Opening of tender | : | On 26.11.2018 (at 12:30 Hrs.) |

All other terms and conditions of the original tender call notice remain unaltered. Please visit us at www.ohpcltd.com

32136/11/0065/1819 **Sd./- Sr. General Manager (El.), UIHEP, Mukhiguda**

**NOTIFIED AREA COUNCIL, DIGAPAHANDI**
**NOTICE INVITING BIDS (NIB) THROUGH e-Procurement**
**BID IDENTIFICATION NO.: DIGNAC-04/2018-19**
NIB No. 2229/DIGNAC, dtd.02.11.2018

| | | |
|---|---|---|
| 1. | Procurement Officer- Publisher / Officer Inviting the Tender / Bids (OIT) | Executive Officer, N.A.C., Digapahandi |
| 2. | Name of the Works / Packages | Civil Works |
| 3. | Nos. of works | 1 No. |
| 4. | Estimated Cost (Approx.) of the works | Rs. 13,07,000.00 |
| 5. | Period of Availability of the Bid documents / Tenders for Online Bidding | From 11.00 AM hrs. of dtd.06.11.2018 to 17.00 PM hrs. of dtd.15.11.2018 |
| 6. | Last date & time for bidding Online (Submission of Technical Bids & financial bids) | 17.00 PM hrs. of dtd 15.11.2018 |
| 7. | Last date & time for submission of the sealed envelopes through Speed Post / Regd. Post with A.D. containing the EMD, Cost of the Bid documents, ABS (if reqd.), Documents as asked for to fulfill the eligibility criteria of the bidders for each work | 17.00 PM hrs. of dtd.17.11.2018 |
| 8. | Date & time of opening of the bids | 12.00 PM hrs. onwards on dtd.19.11.2018 |

**Sd./- Executive Officer, N.A.C., Digapahandi**

**OFFICE OF THE TAHASILDAR, BALANGIR**
**Notice No. 4754/ Dt. 31.10.2018**
No. 68-F

1. (a) Smt. Premlata Kumari Singh Deo
W/o - Raja Raj Singh Deo
(b) Sri Kanaka Vardan Singh Deo,
(c) Smt. Mitrabinda Panwar,
(d) Sri Shree Vardan Singh Deo
(e) Smt. Satya Rajeswari Singh Deo
S/D/O/- Raja Raj Singh Deo
2. Sri Ananga Udaya Singh Deo,
S/o. Rajendra Narayan Singh Deo
3. Smt. Ganga Devi

You are hereby informed that the Draft Statement in Form No. 13 arising out of Ceilling Case No. 8/1974 have been circulated to the ceiling unit families whose address are available in the Tahasil. The copies of Draft Statement are also published in the Notice Board of Collectorate, Balangir, Tahasil Office Balangir, Patnagarh, Loisingha and Khaprakhol. But due to non availability of addresses of some of the members, they are informed about the publication of the Draft Statement on 31.10.2018 through this news paper flashing.

24130/11/0003/1819 **Tahasildar, Balangir**

**CUTTACK MUNICIPAL CORPORATION**
**"e" PROCUREMENT NOTICE**
**Tender Id : 2018_ORULB_50510**
**Bid Reference No. MC(CMC)CTC_Div-II_No.18/2018-19**
**Tender Call Notice No. 5152 (PW) Date:05.11.2018**

Name of works : Civil Works
No. of works : 1 No.
Bid Value : Rs.3.20 lakhs
Period of completion : Seven days
Date and time schedule

| Start | End | Opening |
|---|---|---|
| 3.00 PM on dt.06.11.2018 | 5.00 PM on dt.12.11.2018 | 11.00 AM on dt.14.11.2018 |

Tender Details : can be seen from the procurement portal : **www.tendersorissa.gov.in**.

**Executive Engineer-II, CMC**

**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**DRAINAGE DIVISION, BERHAMPUR**
(e mail = ee.dd.bam@gmail.com)
No.710-A
**INVITATION FOR BIDS (IFB)**
**e –procurement Notice No. 01 /2018-19 Dt : 02.11.2018**
**Bid Identification No. EE-DD-BER-NO. 01 /2018-19**

| | | | |
|---|---|---|---|
| 1. | Name of Works | : | Improvement to Drainage System of Bukua Nalla and its branches under Polosara Block of Ganjam District under D.I.P |
| 2. | Total number of Packages | : | 1 no. package. |
| 3. | Estimated Cost of Individual Packages | : | Rs. 92,27,131/- |
| 4. | Bid Identification No. | : | EE-DD-BER-NO. 01 /2018-19 |
| 5. | Period of completion | : | 09(Nine) Calendar months. |
| 6. | Availability of Tender On - Line | : | 09.11.2018, 10.00 Hours to 24.11.2018, 17.00 Hours. |
| 7. | Date of Opening of Technical Bid | : | 26.11.2018 at 11.30 hours in the O/o the Executive Engineer, Drainage Division, Berhampur, Ganjam, Odisha. |
| 8. | Procurement Officer | : | Executive Engineer, Drainage Division, Berhampur, Ganjam, Odisha |

Further details can be seen from the Govt. website **www.tendersorissa.gov.in**.

**Executive Engineer**
32225/11/0001/1819 **Drainage Division, Berhampur**

**OFFICE OF THE EXECUTIVE ENGINEER**
**RWSS DIVISION, KORAPUT**
Phone : 06852-250281(Off), e-mail-eerwss_kpt@rediffmail.com, e-mail: eerwss_kpt@nic.in, Ph.No. 06852-250680 (Res), Fax.No.06852-251098

**QUOTATION/TENDER CALL NOTICE No. 02 of 2018-19 Dt.31.10.2018**

No.974-O: Sealed quotations/tenders are invited from the registered firms vehicle owners (preferably Bolero) with valid PAN/ GST holders to engage at least One vehicle (Bolero) on hire basis to render services under RWS&S. Sub-Divn.Laxmipur, to be received at.RWS&S Division, Koraput up to 1 PM, dtd. 15.11.2018.The quotation/tender schedule & application forms are to be made available by the RWS&S.Division.Koraput on working hours up to 14th.Nov.2018 on payment of Rs.400.00 for cost of tender schedule (non refundable) by cash only.

The quotations /tenders such received shall be opened by 4.00 P.M.dtd.15.11.2018 in the office of the E.E. R.W.S & S Division. Koraput in presence of the tenderer or their authorized representatives who wish to be present.Quotations /tender received after due date and time shall not be entertained and the authority shall not be held responsible for delay or missing of the tender during postal transit. Telegraphic quotation/tenders by E-mail / Fax shall not be entertained. If the office happens to be closed on last date of receipt and opening of this quotation/ tender as specified, the quotation/tender will be received on the next working day without any change in time & venue.

**Sd./- Executive Engineer,**
25034/11/0021/1819 **RWS&S Divn, Koraput**

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Office of the Senior General Manager (Constrcution) Zonal Office-II, Sambalpur
At: 132/33, KV Grid Sub-Station, Ganesh Nagar, Bohidar Nuapali, P.O. : Sankarma,
Via- Remed, Dist: Sambalpur- 768006, Phone / Fax : 0663-2540974, Email id : sgm.con2.sbp@optcl.co.in
OPTCL Lifeline of Odisha
No. : SGM CON-II/132KV Jaipatna-UIIP/2408 Date : 05.11.2018

**NOTIFICATION**

In accordance with Section - 164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No. 2353-R & R-II-10.2006, dated the 9th March 2006, the following transmission scheme which are intended to be undertaken by the Odisha Power Transmission Corporation limited for execution are published for general information. It is also notified in the interest of general public that any person interested in making representation regarding the execution of the above scheme, may submit such representation in writing so as to reach the Senior General Manager, Construction Zonal Office-II, OPTCL, Sambalpur- 768006 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work on any working day during office hours.

| Sl. No. | Name of the work & scope | Name of the village in which the line will pass | Tentative estimated amount | Name of the Executive Engineer to be contacted | Perceived benefit that may accrue |
|---|---|---|---|---|---|
| 1 | Proposed 132KV DC line from Proposed 220/132/33KV Sub Station at Baner, Jayapatna to proposed 132/33KV Switchyard area of Upper Indravati Irrigation Project at Mangalapur near Mukhiguda | Tahasil : Jaipatna R.I.Circle : Jaipatna, Uchhala Badakorlakot Village : Baner, Luhabhala, Nuamunda, Bhairipalli, Karmel, Paikabahal, Banjibahal | 4.126 Crore | Deputy General Manager (Elect.) EHT (Construction) Division, Rayagada | It will provide stable and quality power supply to Gunupur and nearby area |

**Sd./- Purnedu Sekhar Sahu**
**Senior General Manager (EL), Construction Zone-II, OPTCL, Sambalpur**



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



# ଜାନୁୟାରୀ ୧୧ରୁ ବରଗଡ଼ ଧନୁଯାତ୍ରା

**ବରଗଡ଼ ଅଫିସ୍,୫।୧୧**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ୨୦୧୯ ଜାନୁୟାରୀ ୧୧ରୁ ଆରମ୍ଭ ହେବ। ଏହା ୨୧ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥର ୭୦ତମ ବର୍ଷରେ ପଦାର୍ପଣ କରୁଥିବା ଧନୁଯାତ୍ରା ମହୋତ୍ସବରେ ଆଲୋକ ସାଜସଜ୍ଜାଠାରୁ ମଞ୍ଚ, ତୋରଣ ଏବଂ କଳାକାରଙ୍କ ଅଭିନୟ ଅନ୍ୟ ବର୍ଷ ତୁଳନାରେ ଆହୁରି ଆକର୍ଷଣୀୟ ହେବ। ଏଥର ମଧ୍ୟ ଗତ ଧନୁଯାତ୍ରା ଭଳି ମହୋତ୍ସବର ପ୍ରଥମ ୭ଦିନ ହାଟପଦା ମଞ୍ଚ ଏବଂ ଶେଷ ୪ଦିନ ଲୋକମଣ୍ଡପ ପଡ଼ିଆର ମଞ୍ଚ ରାଜ ଦରବାର ପାଲଟିବ। ଧନୁଯାତ୍ରା ମହୋତ୍ସବ ପାଇଁ ଆସନ୍ତା ଡିସେମ୍ବର ୭ତାରିଖ ପରେ ନିର୍ଦ୍ଦିଷ୍ଟ ଦିବସର ଶୁଭବେଳାରେ ଶୁଭସ୍ତମ୍ଭ ସ୍ଥାପନ କରାଯିବ। ସୋମବାର ଅପରାହ୍ନ ସାଢ଼େ ୩ଟାରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଧନୁଯାତ୍ରା ମହୋତ୍ସବ ସମିତିର ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ସବୁକ୍ଷେତ୍ରରେ ଏଥର ଧନୁଯାତ୍ରାର ଆକର୍ଷଣ ବୃଦ୍ଧି ପାଇଁ ପ୍ରୟାସ କରାଯିବ। ସମିତି ଉପସଭାପତି ତଥା ଏସ୍‌ପି ମୁକେଶ କୁମାର ଭାମୁ ଧନୁଯାତ୍ରା ମହୋତ୍ସବକୁ ନିରାପଦ, ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଟ୍ରାଫିକ ସମସ୍ୟା ଏଡ଼ାଇବାଠାରୁ ଆରମ୍ଭ କରି ପ୍ରତିଟି କ୍ଷେତ୍ରରେ ପୋଲିସ ସବୁପ୍ରକାର ପଦକ୍ଷେପ ନେବ ଏବଂ ଏଥିରେ ସେ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ। ଧନୁଯାତ୍ରା ଆୟୋଜନରେ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରିବା ସହିତ ବିଶ୍ୱ ପ୍ରସିଦ୍ଧ ଏହି ମହୋତ୍ସବର ଗାରିମାକୁ ଆହୁରି ବୃଦ୍ଧି ପାଇଁ ସମସ୍ତେ ଶୃଙ୍ଖଳିତ ଭାବେ ଏକଜୁଟ୍ ହୋଇ ପଦକ୍ଷେପ ନେବା ଦରକାର ବୋଲି ସେ କହିଥିଲେ। ଯାହା ନିଷ୍ପତ୍ତି ନିଆଯାଉଛି, ତାହା କେବଳ ବୈଠକରେ ସୀମିତ ରହିଯାଉଛି ବୋଲି କହି ଉପସ୍ଥିତ କେତେକ ଲୋକେ କ୍ଷୋଭ ପ୍ରକାଶ କରିଥିଲେ। ଧନୁଯାତ୍ରାରେ ସାଂସ୍କୃତିକ ଦିଗ ପରିବର୍ତ୍ତେ ବ୍ୟବସାୟିକ ଦିଗକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ଥିବାରୁ ମହୋତ୍ସବର ଗାରିମା ହ୍ରାସ ପାଉଛି ବୋଲି ଅନେକ ମତ ଦେଇଥିଲେ। ସେହିପରି ଧନୁଯାତ୍ରା ମହୋତ୍ସବର ବିଭିନ୍ନ କମିଟିର କେତେକ ଆବାହକ ସଭ୍ୟଙ୍କ ଅଜାଣତରେ କମିଟିକୁ ମିଳିଥିବା ଟଙ୍କା ଖର୍ଚ୍ଚ କରୁଛନ୍ତି ଏବଂ ତାର ଠିକ୍ ହିସାବ ମଧ୍ୟ ଦେଉ ନାହାନ୍ତି ଏବଂ ଜାଣିଶୁଣି ତାକୁ ବିଳମ୍ବିତ କରୁଛନ୍ତି ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ଶୁଣିବା ପରେ ଜିଲାପାଳ ଏଥର ସେଥିରେ ସ୍ୱଚ୍ଛତା ଅଣାଯିବ ବୋଲି କହିଥିଲେ।



ଧନୁଯାତ୍ରା ପାଇଁ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଚାଲିଥିବା ବୈଠକ।

- ଡିସେମ୍ବର ୭ ପରେ ହେବ ଶୁଭସ୍ତମ୍ଭ ସ୍ଥାପନ
- କଂସ କଳାକାର ବଦଳି ଦାବି ଉଠିଲା
- ଶବ୍ଦ, ଆଲୋକ ସାଜସଜ୍ଜାକୁ ଏଥର ଗୁରୁତ୍ୱ

ଗତ ଧନୁଯାତ୍ରାର କଂସ କଳାକାରଙ୍କୁ ବଦଳାଇବା ପାଇଁ କେତେକ ମତ ଦେଇଥିଲେ। ଜିଲାପାଳ ତ୍ରିପାଠୀ ସେ ଦିଗରେ ସବ୍‌କମିଟି ନିଷ୍ପତ୍ତି ନେବ ବୋଲି ପ୍ରକାଶ କରିଥିଲେ। ମହୋତ୍ସବ ସମିତି ଆବାହକ ସୁରେଶ୍ୱର ଶତପଥୀ ଗତ ଧନୁଯାତ୍ରାର ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଗତବର୍ଷ ଜମି ଅଧିଗ୍ରହଣ, ରାଜ୍ୟ ସରକାରଙ୍କ ଅନୁଦାନ, ବିଭିନ୍ନ ଅନୁଷ୍ଠାନର ଆର୍ଥିକ ସହଯୋଗ ରାଶି, ବ୍ୟାଙ୍କ ଜମାରାଶିର ସୁଧ ଏବଂ ମହାରାଜ କଂସଙ୍କ ଜରିମାନା ବାବଦକୁ ମୋଟ୍ ୯୫ଲକ୍ଷ ୧୬ହଜାର ୫୨୬ ଟଙ୍କା ଆୟ ହୋଇଥିବା ସେ ସୂଚନା ଦେଇଥିଲେ। ଧନୁଯାତ୍ରାରେ ସମୁଦାୟ ୬୫ଲକ୍ଷ ୩୮ହଜାର ୪୬୭ ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଥିଲେ। ଏହା ସହିତ ବର୍ତ୍ତମାନ ଧନୁଯାତ୍ରା ମହୋତ୍ସବ ସମିତି ଆକାଉଣ୍ଟରେ ୯୭ଲକ୍ଷ ୧୯ହଜାର ୬୬ଟଙ୍କା ଜମା ରହିଥିବା ଶତପଥୀ କହିଥିଲେ। ବୈଠକରେ ବରଗଡ଼ ଏମପି ଡ଼ଃ ପ୍ରଭାସ ସିଂ, ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ଓକିଲ ସଂଘ ସଭାପତି ଅଶୋକ ଯୋଶୀ, ସମ୍ପାଦକ ଲିପ୍‌ସିତ ମିଶ୍ର ଓ ପ୍ରଦୀପ ଦେବତାଙ୍କ ସମେତ ଧନୁଯାତ୍ରା ମହୋତ୍ସବ ସମିତିର ବିଭିନ୍ନ କମିଟିର ଆବାହକ, ସହ ଆବାହକ, ସଭ୍ୟ ଉପସ୍ଥିତ ଥିଲେ।

**ସେଲ୍ଫି କର୍ଣ୍ଣର**



@ ରିମା



@ ନିର୍ମଳ



@ ନିକୁ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଏନ୍ଏସି, ପିଏଚ୍‌ଡି ଦୋଷ୍ ଲଦାଲଦି

# ପିଇଲା ପାଏନ୍ ପ୍ରକଳ୍ପ ଅଚଲ୍, ଯାତ୍ରି ହର୍‌ହଟା

**ସିଂଘିଯୁବା, ୫।୧୧(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲାର ଭିନେ ଭିନେ ଛକ୍, ବସ୍‌ଷ୍ଟାଣ୍ଡରେ ଯାତ୍ରିମାନକର ଲାଗି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ତିଆର କରାଯାଇଛେ। ହେଲେ ଦେଖ୍‌ରେଖ୍, ମରାମତି ଅଭାବୁ ଇ ସବୁ ଯୋଜ୍‌ନା ବହୁତ୍ ଜାଗାରେ ଫେଲ୍ ମାରୁଥିବାର ନଜରକେ ଆସୁଛେ। ସେନ୍ତା ବିନିକା ବସ୍‌ଷ୍ଟାଣ୍ଡରେ ଥିବାର ଏନ୍ତା ଗୁଟେ ପ୍ରକଳ୍ପକେ ଉଦାହରନ୍ ହିସାବେ ନିଆଯାଇପାରବା। ଗଲା ୮.୨.୨୦୧୨ରେ ବଲାଙ୍ଗୀର ଏମ୍‌ପି କଲିକେଶ ନାରାୟଣ ସିଂହଦେଓ ଇ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ବଛରକେତେ ପ୍ରକଳ୍ପଟା ଭଲଭାବେ ଚାଲ୍‌ଲା। ବସ୍‌ଷ୍ଟାଣ୍ଡର ଯାତ୍ରି ଆର୍ ବେଉସାୟୀମାନେ ଇତାର ଫାଏଦା ଉଠଉଥିଲେ। ହେଲେ ଆଏଜ୍‌କେ ପାଖାପାଖି ୮ ମାସ୍ ହେଲା ପ୍ରକଳ୍ପ ଅଚଲ୍ ହେଇ ପଡିଛେ। ପ୍ରକଳ୍ପରେ ଲାଗିଥିବାର ମୋଟର ପୁଡିଯାଇଥିବାର ଲାଗି ଏନ୍ତା ଦୁର୍‌ଦଶା ହେଇଛେ ବଲି କୁହାଯାଉଛେ। ସେଦିନ୍‌ଠାନୁ ମୋଟର ମରାମତି ନାଇଁ ହେବାର ଲାଗି ପ୍ରକଳ୍ପ ଅଚଲ୍ ହେବାର ସଂଗେ ସେଥିରେ ଲାଗିଥିବାର ପାଇପ୍‌ମାନ୍ ମୁର୍‌ଚାଖାଇ ଭାଂଗି ଗଲାନ। ଯେନ୍‌ଥିରଲାଗି ବସ୍‌ଷ୍ଟାଣ୍ଡକେ ଆସୁଥିବାର ଯାତ୍ରିମାନେ ନିରମଲ ପାଏନ୍ ଟିକେ ପିଇବାର ଲାଗି ଗୁଲ୍‌ଗୁଲା ହେଉଥିବାର ଦେଖ୍‌ବାକେ ମିଳୁଛେ। ଇ ବାବ୍‌ଦେ ବିନିକା ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାୟକଙ୍କୁ ପଚରାଲାରୁ ପ୍ରକଳ୍ପର ମରାମତି କାମ୍ ଦାଇତିଅ ପିଏଚ୍‌ଡି ବିଭାଗକେ ଦିଆଯାଇଛେ। ମରାମତି ପିଏଚ୍‌ଡି କରବାର କଥା ବଲି ସେ କହିଥିଲେ। ସେନ୍ତା ଇ ବାବ୍‌ଦେ ପିଏଚ୍‌ଡି ଅଧିକାରୀ ଏ.କୁମାର ମୁର୍ତ୍ତିଙ୍କୁ ପଚରାଲାରୁ ଏନ୍‌ଏସି ପ୍ରକଳ୍ପ ତିଆର କରିଥିଲା, ସେଥିରଲାଗି ମରାମତି ବି ଏନ୍‌ଏସି କର୍‌ବାର କଥା। ଖାଲି ଇ ଗୁଟାକ ନୁହେ, ବିନିକା ଏନ୍‌ଏସି ଅଂଚଲରେ ଯେତେଟା ବି ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଅଛେ ସେ ସବୁର ମରାମତି କାମ୍ ଏନ୍‌ଏସି କରବାର କଥା। ଇଥିରେ ଆମର କାମ୍ କିଛି ନାଇଁ ବଲି ସେ କହିଥିଲେ। ଏନ୍ତାଥି ଏନ୍‌ଏସି ଆର୍ ପିଏଚ୍‌ଡି ବିଭାଗ ଦୋଷ୍ ଲଦାଲଦି ହେଲା ବେଲେ ସାଧାରନ୍ ଲୋକ୍ ପେସି ହେଉଛନ୍। ଯେତେ ଜଲ୍‌ଦି ହେବା ଜିଲା ପର୍‌ଶାସନ ଇ ଦିଗେ ଦୁରୁଷ୍‌ଟି ଦେଇ ପଦକ୍ଷେପ ନେବାକେ ସାଧାରନ୍‌ରେ ଦାବି ହେଉଛେ।




ବିନିକା ବସ୍‌ଷ୍ଟାଣ୍ଡରେ ଅଚଲ୍ ହେଇ ପଡିଥିବାର ଥଣ୍ଡା ପାନୀୟ ଜଳ ପ୍ରକଳ୍ପ।

# ବିମାନବନ୍ଦରକୁ ବାଣ ବିପଦ

## ■ ସତର୍କତାମୂଳକ ବିଜ୍ଞପ୍ତି ଜାରିକଲେ କର୍ତ୍ତୃପକ୍ଷ

**ଭୁବନେଶ୍ୱର, ୫।୧୧(ବ୍ୟୁରୋ):** ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ପକ୍ଷରୁ ଦୀପାବଳିରେ ବାଣଫୁଟାକୁ ନେଇ ସତର୍କତାମୂଳକ ବିଜ୍ଞପ୍ତି ଜାରି କରାଯାଇଛି। ବିମାନବନ୍ଦର ସହର ମଧ୍ୟରେ ରହିଥିବାରୁ ଏଥିପ୍ରତି ବାଣ ବିପଦ ଆଶଙ୍କା ରହିଛି। ଦୀପାବଳିରେ ଅତି ଉଚ୍ଚତାକୁ ଉଠୁଥିବା ଆକାଶଦୀପ ଓ ରକେଟ ଆଦି ବାଣ ନ ଫୁଟାଇବାକୁ ବିମାନବନ୍ଦର କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି। ବିଜ୍ଞପ୍ତି ଅନୁସାରେ, ବିମାନବନ୍ଦରର ୨୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଏହି ସଂଯମତା ଅବଲମ୍ବନ କରାଯିବାକୁ କୁହାଯାଇଛି। ଆକାଶଦୀପ ଓ ରକେଟ ଆଦି ବାଣ ବିମାନକୁ କ୍ଷତି ପହଞ୍ଚିବାର ଆଶଙ୍କା ରହିଥିବାରୁ ଏପରି ସତର୍କତାମୂଳକ ବିଜ୍ଞପ୍ତି ଜାରି କରାଯାଇଥିବା ବିମାନବନ୍ଦର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ହୋତା କହିଛନ୍ତି।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ତିହିଡ଼ି,୫।୧୧(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଜାମଯୋଡି ପଞ୍ଚାୟତ ଦରପୁର ଗ୍ରାମର ଅଭୟ ବାରିକ(୨୪) ସୋମବାର ବେଳରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗ୍ରାମଠାରୁ କିଛି ଦୂରରେ ଏକ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ତିହିଡ଼ି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

**ପ୍ରସାର ଭାରତୀ**
**ସିଭିଲ କନ୍‌ଷ୍ଟ୍ରକ୍ସନ୍ ୱିଙ୍ଗ୍ : ଅଲ୍ ଇଣ୍ଡିଆ ରେଡିଓ**
**ଇ–ଟେଣ୍ଡର ଆହ୍ୱାନକାରୀ ପ୍ରେସ୍ ବିଜ୍ଞପ୍ତି**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ (ଇଲେକ୍ଟ୍ରିକାଲ୍), ସିଭିଲ୍ କନ୍‌ଷ୍ଟ୍ରକ୍ସନ୍ ୱିଙ୍ଗ୍, ଅଲ୍ ଇଣ୍ଡିଆ ରେଡିଓ, ଦୂରଦର୍ଶନ ଭବନ, ୫ମ ମହଲା, ଗଲ୍ଫ ଗ୍ରୀନ୍, କୋଲକାତା–୭୦୦୦୯୫ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିପିଡବ୍ଲ୍ୟୁଡି/ ଏମ୍‌ଇଏସ୍/ ବିଏସ୍‌ଏନ୍‌ଏଲ୍/ ରେଳପଥ/ଓଡ଼ିଶା ରାଜ୍ୟ ପିଡବ୍ଲ୍ୟୁଡିର ଅନୁମୋଦିତ ଏବଂ ଯୋଗ୍ୟ ଠିକାଦାର ତଥା ଶ୍ରମ ଯୋଗାଣ କ୍ଷେତ୍ରରେ କାର୍ଯ୍ୟରତ ଏଜେନ୍ସିଗୁଡ଼ିକଠାରୁ ଏକକ ବିଡ୍ ପ୍ରଣାଳୀରେ ଅନ୍‌ଲାଇନ୍ ସାମଗ୍ରୀ ମୂଲ୍ୟ ଟେଣ୍ଡର ଆହ୍ୱାନ କରୁଛନ୍ତି।

କାର୍ଯ୍ୟର ନାମ : ଆକାଶବାଣୀ, ସମ୍ବଲପୁରଠାରେ ବୈଦ୍ୟୁତିକ ସ୍ଥାପନ ଏବଂ ପମ୍ପ ସେଟ୍‌ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ।

ଏନ୍‌ଆଇଟି ନଂ. : ଇଇ(ଇ)/କେଓଏଲ୍/ଏନ୍‌ଆଇଟି/୨୫ ଅଫ୍ ୨୦୧୮–୨୦୧୯
ଅଟକଳ ମୂଲ୍ୟ : ଟ.୫,୫୩,୧୧୮.୦୦
ଅମାନତ ରାଶି : ଟ.୧୧,୦୬୨.୦୦
ସମାପ୍ତି ଅବଧି : ୧୨ (ବାର) ମାସ।

ଟେଣ୍ଡର ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ www.tenderwizard.com/AIRରୁ ହାସଲ କରାଯାଇପାରିବ।

## ବ୍ୟବସାୟୀଙ୍କଠାରୁ ୭୦ ହଜାର ଲୁଟ

**କେନ୍ଦୁଝର, ୫।୧୧(ସ୍ୱ.ପ୍ର.):** ଟାଉନ ଥାନା ନରଣପୁରଠାରେ ଉତ୍ତମ ସାହୁ ନାମକ ଜଣେ ବ୍ୟବସାୟୀଙ୍କଠାରୁ କେତେ ଜଣ ଦୁର୍ବୃତ୍ତ ୭୦ ହଜାର ଟଙ୍କା ଲୁଟ କରିଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଟଙ୍କା ଧରି ବ୍ୟାଙ୍କକୁ ଜମା କରିବାକୁ ସେ ଯାଉଥିଲେ। ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ଆସି ଉତ୍ତମଙ୍କୁ ଧକ୍କା ଦେଇ ଟଙ୍କା ବ୍ୟାଗ ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଟଙ୍କା ଲୁଟ କରି କେନ୍ଦୁଝର ଅଭିମୁଖେ ଚାଲି ଯାଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ପିଛା କରିଥିଲେ ହେଁ ଧରି ପାରି ନ ଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ମା କନକ ଦୁର୍ଗା ପ୍ୟାଡ଼ି ପ୍ରୋସେସିଙ୍ଗ୍ ୟୁନିଟ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମହେଶ୍ୱର ସାହୁ, ସା: ଫାସି, ବେଗୁନିଆପଡ଼ା, ଭାୟା: କୋଦଳା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୨ | ସମ୍ପତ୍ତିର ମାଲିକ: ଶ୍ରୀ ମହେଶ୍ୱର ସାହୁ | ଶ୍ରୀ ମହେଶ୍ୱର ସାହୁଙ୍କ ନାମରେ ଥିବା ଜମି ଏବଂ ରାଇସ୍ ମିଲ୍ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଫାସି, ତହସିଲ: କୋଦଳା, ଖାତା ନଂ.: ୭୯୭/୨୨୩, ପ୍ଲଟ୍ ନଂ.: ୨୦୬୩, କ୍ଷେତ୍ର: ଏକର୦.୩୭୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୦୬୪, କ୍ଷେତ୍ର: ଏକର୦.୩୧୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୬୮୦ଡିସିମିଲି ଏବଂ ଖାତା ନଂ. ୭୯୭/୨୨୪, ପ୍ଲଟ୍ ନଂ.: ୨୦୬୨, କ୍ଷେତ୍ର: ଏକର୦.୬୨୫ଡିସିମିଲି, ମୋଟ ସମୁଦାୟ କ୍ଷେତ୍ର: ଏକର୧.୩୦୫ଡିସିମିଲି, ସମସ୍ତ କିସମ: ଘରବାରି | ୦୭.୦୪.୨୦୧୮ | ୦୨.୧୧.୨୦୧୮ | ୦୩.୦୪.୨୦୧୮ ସୁଦ୍ଧା ଟ.୫୫,୧୪,୩୪୫.୫୬ + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୨.୧୧.୨୦୧୮, ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

**ଧରିତ୍ରୀ DHARITRI Puja Quiz- 2018** Quiz No.23

Main Sponsor: TVS
Co-Sponsors: CENTRAL, Nikon

☑ Tick mark the box which is correct

୧. ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି କିଏ ?
କ. ନନ୍ଦକିଶୋର ଦାସ ☐ ଖ. ମୁକୁନ୍ଦ ପ୍ରସାଦ ଦାସ ☐ ଗ. ନନ୍ଦକିଶୋର ମିଶ୍ର ☐ ଘ. କେଉଁଟି ନୁହେଁ ☐

୨. ପ୍ରଥମ ଓଡ଼ିଆ ବୈଜ୍ଞାନିକ କିଏ ?
କ. ଡକ୍ଟର ପ୍ରାଣକୃଷ୍ଣ ପରିଜା ☐ ଖ. ପଠାଣି ସାମନ୍ତ ☐ ଗ. ଚିତ୍ତରଞ୍ଜନ ମିଶ୍ର ☐ ଘ. କେଉଁଟି ନୁହେଁ ☐

୩. ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ କିଏ ?
କ. ସରଳା ଦେବୀ ☐ ଖ. ବସନ୍ତ ମଞ୍ଜରୀ ଦେବୀ ☐ ଗ. ସୁଧୀରା ଦାସ ☐ ଘ. କେଉଁଟି ନୁହେଁ ☐

୪. ଓଡ଼ିଶାର ଚିତ୍ତରଞ୍ଜନ ଦାସ କେଉଁ ଉପାଧି ପାଇଥିଲେ ?
କ. ଦେଶବନ୍ଧୁ ☐ ଖ. ଦୀନବନ୍ଧୁ ☐ ଗ. ଜଗବନ୍ଧୁ ☐ ଘ. କେଉଁଟି ନୁହେଁ ☐

୫. ବିଶ୍ୱପ୍ରସିଦ୍ଧ ପୁରୀ ମନ୍ଦିରକୁ କ'ଣ କୁହାଯାଏ ?
କ. ଗୋଲ୍‌ଡେନ୍ ପାଗୋଡ଼ା ☐ ଖ. ହ୍ୱାଇଟ୍ ପାଗୋଡ଼ା ☐ ଗ. ବ୍ଲାକ୍ ପାଗୋଡ଼ା ☐ ଘ. କେଉଁଟି ନୁହେଁ ☐

Participant's Name:......
Address:......
......
Education ......
Mobile......Age:......
E-mail:......

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.

*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 23
B-15, Industrial Estate, Rasulgarh, Bhubaneswar-10



## ସଂକ୍ଷେପରେ

### ଇରାନରୁ ତେଲ କିଣା ଭାରତ ସମେତ ୮ ଦେଶ ପାଇଁ କଟକଣା କୋହଳ

ୱାଶିଂଟନ,୫-୧୧: ଇରାନ ବିରୋଧରେ ଆମେରିକାର କଟକଣା ଲାଗୁ ହୋଇଯାଇଛି। ତେବେ ଭାରତ,ଚାଇନା ଓ ଜାପାନ ସମେତ ୮ ଦେଶକୁ ସାମୟିକ କଟକଣାମୁକ୍ତ କରାଯାଇଛି। ଫଳରେ ସେମାନେ ନଭେମ୍ବର ପରେ ଇରାନରୁ ତେଲ କିଣିପାରିବେ। ଏ ସମ୍ପର୍କରେ ଆମେରିକାର ବୈଦେଶିକ ସଚିବ ମାଇକ ପମ୍ପିଓ ସୋମବାର ଘୋଷଣା କରିଛନ୍ତି। କଟକଣା ପୂର୍ବରୁ ଏହି ଦେଶଗୁଡିକ ଇରାନରୁ ତେଲ କିଣିବା ଯଥେଷ୍ଟ ପରିମାଣରେ କମାଇ ଦେଇଛନ୍ତି ବୋଲି ସେ କହିଛନ୍ତି। କଟକଣା କୋହଳ ହୋଇଥିବା ଅନ୍ୟ ଦେଶଗୁଡିକ ହେଲା ଇଟାଲୀ, ଗ୍ରୀସ୍, ଦକ୍ଷିଣ କୋରିଆ, ତାଇୱାନ ଓ ତୁର୍କୀ। ଆସନ୍ତା ୬ ମାସ ଭିତରେ ଭାରତ ଓ ଚାଇନା ଇରାନରୁ ତେଲ କିଣିବା ସମ୍ପୂର୍ଣ୍ଣ ବନ୍ଦ କରି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି କି ବୋଲି ପ୍ରଶ୍ନର ଉତ୍ତରକୁ ପମ୍ପିଓ ଟାଳି ଦେଇଛନ୍ତି। ଫକ୍ସ ନ୍ୟୁଜର ଏକ ଟକ୍ ଶୋ'ରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ, ପୂର୍ବାପେକ୍ଷା ଚଳିତ ଥର କଟକଣା ଜରିଆରେ ଇରାନର ଅଧିକାଂଶ ତେଲକୁ ବଜାରରୁ ହଟାଇ ଦିଆଯାଇଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ନୀତି ଯୋଗୁ ହାସଲ ହୋଇଥିବା ଉପଲବ୍ଧିକୁ ଦେଖିବାକୁ ହେବ। ଆମେ ଏ ସବୁ କରିଛୁ, ଆମେରିକାବାସୀଙ୍କ ସ୍ୱାର୍ଥ ଯେପରି ପ୍ରଭାବିତ ନ ହୁଏ ସେଥିପ୍ରତି ମଧ ଧ୍ୟାନ ଦେଇଛୁ ବୋଲି ସେ କହିଛନ୍ତି।

### ଅକ୍ଟୋବରରେ ସର୍ଭିସ ସେକ୍ଟରରେ ଅଭିବୃଦ୍ଧି

ନୂଆଦିଲ୍ଲୀ,୫-୧୧: ନୂଆ ଅର୍ଡର ଯୋଗୁ ସର୍ଭିସ ସେକ୍ଟରରେ ବେଶ୍ ଅଭିବୃଦ୍ଧି ଦେଖାଯାଇଛି। ଏକ ମାସିକ ସର୍ବେକ୍ଷଣ ଅନୁଯାୟୀ ନିକ୍କେଇ ଇଣ୍ଡିଆ ସର୍ଭିସେସ ବ୍ୟାପାର ଗତିବିଧି ସୂଚକାଙ୍କ(ପିଏମ୍ଆଇ) ସେପ୍ଟେମ୍ବରରେ ୫୦.୯ ପ୍ରତିଶତ ଥିବା ବେଳେ ଅକ୍ଟୋବରରେ ଏହା ୫୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସର୍ଭିସ ସେକ୍ଟରରେ କ୍ରମାଗତ ୫ ମାସ ହେଲା ପିଏମ୍ଆଇ ବୃଦ୍ଧି ହେଉଛି। ପିଏମ୍ଆଇ ୫୦ ପଏଣ୍ଟ ଉପରେ ରହିଲେ ସର୍ଭିସ ସେକ୍ଟରରେ ଅଭିବୃଦ୍ଧି ହେଉଥିବା କୁହାଯାଏ। ଏହା ତଳକୁ ରହିଲେ କମୁଛି ବୋଲି ମନେକରାଯାଏ। ଆନାଲିଷ୍ଟଙ୍କ କହିବାନୁଯାୟୀ ଅର୍ଡର ମଜଭୁତ ରହିବା କାରଣରୁ ଉତ୍ପାଦନ ବଢ଼ିବା ଆରମ୍ଭ ହୋଇଛି।

### ଆମେରିକା କର୍ମଚାରୀଙ୍କୁ ବିଦା କରି ଅଡୁଆରେ ଟିସିଏସ୍

ନୂଆଦିଲ୍ଲୀ,୫-୧୧: ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବିଦାକରି ଟେକ୍ନୋଲୋଜି ଆଉଟ୍‌ସୋର୍ସିଂ କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍(ଟିସିଏସ୍) ଅଡୁଆରେ ପଡିଯାଇଛି। ଆମେରିକା ଇଞ୍ଜିନିୟରମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେମାନଙ୍କୁ କୌଣସି ଗ୍ରାହକଙ୍କ ସହିତ କାମ କରିବାକୁ ଦିଆଯାଉନି। ଟିସିଏସ୍ ବିରୋଧରେ ସେମାନେ ବର୍ଣ୍ଣବୈଷମ୍ୟ ଅଭିଯୋଗ ଆଣିଛନ୍ତି। ସୋମବାର କାଲିଫର୍ନିଆରେ ଏହାର ଶୁଣାଣି କରାଯିବ। ତେବେ ମୁମ୍ବାଇସ୍ଥିତ ଟିସିଏସ୍ କମ୍ପାନୀ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛି। ପ୍ରଦର୍ଶନକୁ ଆଧାରକରି ସେମାନଙ୍କୁ ଚାକିରିରୁ ବରଖାସ୍ତ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

> ରୋପ୍‌ୱେ କ୍ଷେତ୍ରରେ ଭାରତରେ ନିବେଶ ସୁଯୋଗ ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି।
> – ନୀତିନ ଗଡକରୀ, କେନ୍ଦ୍ର ସଡକ ପରିବହନ ଏବଂ ଜାହାଜ ଚଳାଚଳ ମନ୍ତ୍ରୀ



> ଉଡାନ ୩.୦ ପଦକ୍ଷେପ ଦ୍ୱାରା ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀଗୁଡିକୁ ଯୋଡିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
> – ଉଷା ପାଢୀ, ଯୁଗ୍ମ ସଚିବ, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ



■ ଧନ୍‌ତେରସରେ ଚମକିଲା ସୁନା

# ମୂଲ୍ୟ ବୃଦ୍ଧି ସତ୍ତ୍ୱେ ଫିକା ପଡ଼ିନି ଚାହିଦା

■ରାଜ୍ୟରେ ୧୩୦ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ
■ବଜାରରେ ନୂଆ କଲେକ୍ସନ
■ଗ୍ରାହକଙ୍କୁ ଆକୃଷ୍ଟ କରୁଛି ଆକର୍ଷଣୀୟ ଅଫର



ଭୁବନେଶ୍ୱର,୫-୧୧

ଧନ୍‌ତେରସରେ ସୁନା ଓ ରୁପା କିଣିଲେ ଶୁଭ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଚଳିତ ବର୍ଷ ସୋମବାର ଧନତେରସ ପଡିଥିବା ବେଳେ ପାଗ ଭଲ ରହିଥିଲା। ଶୋ'ରୁମଗୁଡିକର ଲୋଭନୀୟ ଅଫର ପ୍ରତି ଗ୍ରାହକ ଆକୃଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସୁନା ଗହଣା ଗଢା ମୂଲ୍ୟ ଉପରେ ରିହାତି, ଲକି ଡ୍ର, ମୋଟ୍ ମୂଲ୍ୟରେ ରିହାତି, ରୁପା ଗହଣା ଗଢା ମୂଲ୍ୟ, ହୀରା ଗହଣା ମୋଟ୍ ମୂଲ୍ୟ, ଗୋଲ୍ଡ କଏନ ତିଆରି ଉପରେ ଶୋ'ରୁମଗୁଡିକ ଚଳିତ ବର୍ଷ ଲୋଭନୀୟ ଅଫର ଦେଉଛନ୍ତି। କିଛି ଶୋ'ରୁମ ଗ୍ରାହକଙ୍କୁ ବିଦେଶ ଭ୍ରମଣ ସୁବିଧା ପ୍ରଦାନ କରୁଛନ୍ତି। ସେହିଭଳି ଗ୍ରାହକଙ୍କୁ କ୍ୟାଶବ୍ୟାକ୍ ସୁବିଧା ମଧ ପ୍ରଦାନ କରାଯାଉଛି। ଶୋ'ରୁମଗୁଡିକ ପକ୍ଷରୁ ଗ୍ରାହକଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଅଭିଯାନ ଆରମ୍ଭ ହୋଇଛି। ନୂଆ ତଥା ମନଲୋଭା କଲେକ୍ସନ ବଜାରରେ ଉପଲବ୍ଧ ହେଉଛି। ଶୋ'ରୁମଗୁଡିକ ଆଲୋକମାଳାରେ ସୁସଜ୍ଜିତ ହୋଇଥିବା ଦେଖାଯାଉଛି।

ଚଳିତ ବର୍ଷ ସୁନା ଦର ଗତ ଛଅ ବର୍ଷର ସର୍ବାଧିକ ସ୍ତରରେ ରହିଛି। ରାଜଧାନୀ ଭୁବନେଶ୍ୱରରେ ସୋମବାର ସୁନା ଦର ପ୍ରତି ୧୦ ଗ୍ରାମ ୩୧,୮୩୦ ଟଙ୍କା ରହିଛି। ଏହା ଗତ ବର୍ଷ ୩୦ ହଜାର ଟଙ୍କା ସ୍ତରରେ ରହିଥିଲା। ଧନତେରସରେ ରାଜ୍ୟରେ ବିକ୍ରି ହେଉଥିବା ସୁନା ଗହଣାର ପ୍ରାୟ ୬୦ ରୁ ୭୦% କେବଳ କଟକ ଏବଂ ଭୁବନେଶ୍ୱରରେ ବିକ୍ରି ହେଉଛି। ମାତ୍ର ଚଳିତ ବର୍ଷ ବର୍ଦ୍ଧିତ ଦରର ପ୍ରଭାବ ବଜାର ଉପରେ କିଛି ମାତ୍ରାରେ ପଡିଥିବା ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ଚାହିଦା ହ୍ରାସ ପାଇଁ ନାହିଁ ବୋଲି ଶୋ'ରୁମଗୁଡିକ ପକ୍ଷରୁ କୁହାଯାଇଛି। ଚଳିତ ବର୍ଷ ରାଜ୍ୟରେ ଏହି ସିଜନରେ ସୁନା ବିକ୍ରିରେ ୧୦% ଅଭିବୃଦ୍ଧି ଘଟିଛି। ପ୍ରାୟ ୧୩୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ବ୍ୟବସାୟ ହୋଇଥିବା ଶିଳ୍ପ ସୂତ୍ରରୁ ପ୍ରକାଶ।

ପ୍ରମୁଖ ଶୋ'ରୁମ ଖିମଜୀର ଏଜିଏମ୍ କିଶୋର ୱାଡେର କହିଛନ୍ତି, ଦର ବୃଦ୍ଧି ସତ୍ତ୍ୱେ ଚଳିତ ବର୍ଷ ଚାହିଦାରେ କୌଣସି ପ୍ରଭାବ ପଡି ନାହିଁ। ଗ୍ରାହକ ଶୋ'ରୁମକୁ ଆସି ସେମାନଙ୍କ ଆବଶ୍ୟକତା ଅନୁସାରେ ଗହଣା କ୍ରୟ କରୁଛନ୍ତି। ପ୍ରାୟ ୭% ଗହଣା ମୂଲ୍ୟ ବଢିଥିଲେ ମଧ ଚଳିତ ବର୍ଷ ଏହି ସିଜନରେ ୧୦ରୁ ୧୫% ବ୍ୟବସାୟ ଅଭିବୃଦ୍ଧି ହେବା ନେଇ ଆଶା ରହିଛି।

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କର ଫ୍ରାଞ୍ଚାଇଜି ମାଲିକ ମାନିକ ହଂସ କହିଛନ୍ତି, ଗତ ବର୍ଷ ଧନ୍‌ତେରସ ତୁଳନାରେ ଚଳିତ ବର୍ଷ ୨୦% ଭଲ ବ୍ୟବସାୟ ହୋଇଛି। ଶୋ'ରୁମରେ ଗ୍ରାହକଙ୍କ ଆଗମନରେ ମଧ ଉନ୍ନତି ହୋଇଛି। ଆଗକୁ ଦୀପାବଳି ରହିଥିବାରୁ ଉନ୍ନତ ବ୍ୟବସାୟ ଧାରା ଜାରି ରହିବ ବୋଲି ସେ କହିଛନ୍ତି।

ଗୁଣବତ୍ତା ବିଶିଷ୍ଟ ପ୍ରଡକ୍ଟ, ଡିଜାଇନ ଏବଂ ପ୍ରତିଦ୍ୱନ୍ଦ୍ୱିମୂଳକ ମୂଲ୍ୟ ଭଳି ସୁବିଧା ଯୋଗାଣ ଯୋଗୁ ବିକ୍ରି ଭଲ ରହିଥିବା ପିସି ଜୁଏଲର୍ସ ଏବଂ କଲ୍ୟାଣ ଜୁଏଲର୍ସ ଭଳି ଶୋ'ରୁମଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ଅସଙ୍ଗଠିତ ସୁନା ବଜାର ଅଂଶ ୭୦% ରହିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବିକ୍ରି ଅଭିବୃଦ୍ଧି ୧୦% ରହିବ ବୋଲି ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ୍ କାଉନସିଲ୍ ଅଧକ୍ଷ ନୀତିନ ଖଣ୍ଡେଲୱାଲ କହିଛନ୍ତି।

ଅପରପକ୍ଷରେ ବର୍ଦ୍ଧିତ ସୁନା ଦର ଗ୍ରାହକଙ୍କ କ୍ରୟ ବ୍ୟବହାରରେ ପ୍ରଭାବ ପକାଇଥିବା ସହରର ଅନ୍ୟତମ ପ୍ରମୁଖ ଗହଣା ଶୋ'ରୁମ ରିଲାଏନ୍ସ ଜୁଏଲ୍ସର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଲାଲଚନ୍ଦ, ସେନକୋ ସମେତ ରାଜ୍ୟର ଅନ୍ୟାନ୍ୟ ଶୋ'ରୁମଗୁଡିକରେ ଭିଡ ପରିଲକ୍ଷିତ ହେଉଥିବା ଦେଖାଯାଇଛି।

### ପତଞ୍ଜଳି ପରିଧାନର ପ୍ରଥମ ଶୋ'ରୁମ୍ ଉଦ୍‌ଘାଟିତ

ନୂଆଦିଲ୍ଲୀ,୫-୧୧

ଯୋଗ ଗୁରୁ ବାବା ରାମଦେବଙ୍କ ପତଞ୍ଜଳି କମ୍ପାନୀ ଏବେ ଆପାରେଲ ଇଣ୍ଡଷ୍ଟ୍ରିରେ ପ୍ରବେଶ କରିଛି। ପବିତ୍ର ଧନତେରସ ଅବସରରେ 'ପତଞ୍ଜଳି ପରିଧାନ'ର ପ୍ରଥମ ଶୋ'ରୁମ୍ ଏଠାରେ ଉଦ୍‌ଘାଟିତ ହୋଇଯାଇଛି। ରାମଦେବ ଏହାକୁ ନିଜେ ଉଦଘାଟନ କରିଥିଲେ। ସ୍ଥାନୀୟ ନେତାଜୀ ସୁଭାଷ ପ୍ଲେସ୍‌ରେ ଆୟୋଜିତ ଉଦ୍‌ଘାଟନ ସମାରୋହରେ ମଲ୍ଲଯୋଦ୍ଧା ସୁଶୀଲ କୁମାର ଏବଂ ଚଳଚ୍ଚିତ୍ର ନିର୍ଦ୍ଦେଶକ ମଧୁର ଭଣ୍ଡାରକର ଉପସ୍ଥିତ ଥିଲେ। ଡିସେମ୍ବର ସୁଦ୍ଧା ସାରା ଦେଶରେ ୨୫ଟି ନୂଆ ଷ୍ଟୋର ଖୋଲାଯିବ ବୋଲି ସେ ସୂଚନା ଦେଇଥିଲେ। ପତଞ୍ଜଳି ପରିଧାନ ଷ୍ଟୋରରେ ଭାରତୀୟ ଏବଂ ପାଶ୍ଚାତ୍ୟ ପୋଷାକ, ଆସବାବପତ୍ର ଏବଂ ଗହଣା ମିଳିବ। ଦିଲ୍ଲୀରେ ଖୋଲିଥିବା ଷ୍ଟୋରରେ ୧୧୦୦ ଟଙ୍କାରେ ଜିନ୍ସ ବିକ୍ରି ହେଉଛି ଏବଂ ଦୀପାବଳି ଅବସରରେ ୨୫% ଛାଡ କରାଯାଇଛି ବୋଲି ସେ କହିଛନ୍ତି। ରାମଦେବଙ୍କ ମୁଖପାତ୍ର ଟୁଇଟ୍ କରି ଜଣାଇଛନ୍ତି ଯେ, ପତଞ୍ଜଳି ପରିଧାନରେ ପୁରୁଷ, ମହିଳା, ପିଲାମାନଙ୍କ ବସ୍ତ୍ର ସହିତ ଡେନିମ, ଏଥନିକ, କାଜୁଆଲ ଓ ଫର୍ମାଲ ୱେୟାର ଆଦିର ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଭେରାଇଟିର ପୋଷାକ ଉପଲବ୍ଧ ହେବ। ଏହି ପୋଷାକ ଗୁଡିକ 'ଲିଭ୍ ଫିଟ୍', 'ଆସ୍ଥା' ଏବଂ 'ସଂସ୍କାର' ବ୍ରାଣ୍ଡରେ ଉପଲବ୍ଧ ହେବ।




ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଖିମଜୀ ହୋଣ୍ଡା ଶୋ'ରୁମର ମିଳିତ ପ୍ରୟାସରେ ଭୁବନେଶ୍ୱରର ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜିଠାରେ ଏକ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୁରକ୍ଷିତ ଗାଡି ଚାଳନା ନେଇ ଏଠାରେ ଛାତ୍ରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ଯୁବବର୍ଗଙ୍କୁ ସଡକ ସୁରକ୍ଷା ସଚେତନତା ପଦକ୍ଷେପ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ କମ୍ପାନୀ ହାତକୁ ନେଇଛି।

## କର୍ମଚାରୀଙ୍କୁ ଶେୟାର ବାଣ୍ଟିଲେ କ୍ୟାପିଟାଲ ଫାଷ୍ଟ ଅଧକ୍ଷ

ନୂଆଦିଲ୍ଲୀ, ୫-୧୧

ସୁରଟ୍‌ର ହୀରା ବ୍ୟବସାୟୀ ସାବଜୀ ଢୋଲକିଆଙ୍କ ରାସ୍ତା ଆପଣାଇ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ କ୍ୟାପିଟାଲ ଫାଷ୍ଟର କାର୍ଯ୍ୟନିର୍ବାହୀ ଅଧକ୍ଷ ଭି.ବୈଦ୍ୟନାଥନ ଏକ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ଆଇଡିଏଫ୍‌ସି ସହ କ୍ୟାପିଟାଲ ଫାଷ୍ଟର ମିଶ୍ରଣ ପୂର୍ବରୁ ସେ ନିଜର ୧୦.୬୧ ପ୍ରତିଶତ ଅର୍ଥାତ ପ୍ରାୟ ୨୦ କୋଟି ଟଙ୍କାର ଶେୟାରକୁ ପରିବାର ସଦସ୍ୟ, ସହଯୋଗୀ, ପୂର୍ବତନ ସହଯୋଗୀଙ୍କ ସମେତ ଡ୍ରାଇଭର ଓ ଘରୋଇ ଚାକରଙ୍କୁ ବାଣ୍ଟି ଦେଇଛନ୍ତି। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାରେ କମ୍ପାନୀ ପକ୍ଷରୁ କୁହାଯାଇଛି ଯେ, ଦୀପାବଳି ଅବସରରେ କମ୍ପାନୀ ଅଧକ୍ଷ ତାଙ୍କର ନିଜସ୍ୱ ଶେୟାରକୁ ଉପହାର ଭାବେ ବାଣ୍ଟିଛନ୍ତି। ଏଥିରେ କୁହାଯାଇଛି ଯେ, ବୈଦ୍ୟନାଥନ ୩ ଜଣ ଚାକର ଓ ୨ ଜଣ ଡ୍ରାଇଭରଙ୍କୁ ୬୫୦୦ ଲେଖାଏ ଶେୟାର ଦେଇଛନ୍ତି। ଶୁକ୍ରବାର କ୍ୟାପିଟାଲ ଫାଷ୍ଟର ଶେୟାର ମୂଲ୍ୟ ୪୭୮.୬୦ ଟଙ୍କାରେ ବନ୍ଦ ହୋଇଥିଲା। ଏହାକୁ ହିସାବକୁ ନେଲେ ପ୍ରତି ଘରୋଇ ଚାକର ଓ ଡ୍ରାଇଭରଙ୍କୁ ୩୧.୧୦ ଲକ୍ଷ ଟଙ୍କାର ଶେୟାର ମିଳିଛି। ଏହାଛଡା ୨୩ ଜଣ ବର୍ତ୍ତମାନ ଓ ୩ ଜଣ ପୂର୍ବତନ ସହଯୋଗୀଙ୍କୁ ୧୧ ହଜାର ଲେଖାଏ ଶେୟାର ଦିଆଯାଇଛି। ଅର୍ଥାତ ପ୍ରତ୍ୟେକ କର୍ମଚାରୀଙ୍କୁ ୫୨.୬୪ ଲକ୍ଷ ଟଙ୍କାର ଶେୟାର ମିଳିଛି। ବୈଦ୍ୟନାଥନ ନିଜର ଦୁଇ ଭାଇ ସତ୍ୟମୂର୍ତ୍ତି ବେମୁଙ୍କୁ ୨୬ ହଜାର ଏବଂ କୃଷ୍ଣମୂର୍ତ୍ତିଙ୍କୁ ୧୩ ହଜାର ଶେୟାର ପ୍ରଦାନ କରିଛନ୍ତି। ଏହାଛଡା ପରିବାରର ଅନ୍ୟ ୮ ଜଣ( ଭଉଣୀ, ଶ୍ୱଶୁର, ସ୍ତ୍ରୀଙ୍କ ମାମୁ, ତାଙ୍କର ୩ ଜଣ ଦୂରସମ୍ପର୍କୀୟ ଅନ୍ତର୍ଭୁକ୍ତ)ଙ୍କୁ ୭୧,୫୦୦ ଶେୟାର ଉପହାର ଦେଇଛନ୍ତି। ତାଙ୍କ ନିକଟରେ ୪୦.୪୦ଲକ୍ଷ ଶେୟାର ଥିବା ବେଳେ ସେ ୪.୨୯ ଲକ୍ଷ ବାଣ୍ଟିଛନ୍ତି। କମ୍ପାନୀର ଉତ୍ଥାନ-ପତନ ସମୟରେ ସେମାନେ ବୈଦ୍ୟନାଥନଙ୍କ ସହିତ କାନ୍ଧରେ କାନ୍ଧ ମିଳାଇ ଚାଲିଥିଲେ। ସେ ସେମାନଙ୍କୁ ଧନ୍ୟବାଦ ଦେବାସ୍ୱରୂପ ଏହି ଶେୟାର ଦାନ କରିଛନ୍ତି। ୨୦୧୨ରେ କ୍ୟାପିଟାଲ ଫାଷ୍ଟ କମ୍ପାନୀ ଗଠନ କରିବା ପୂର୍ବରୁ ବୈଦ୍ୟନାଥନ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନସ୍ୟୁରାନ୍ସ କମ୍ପାନୀର ଏମ୍‌ଡି ତଥା ସିଇଓ ଥିଲେ। ସେ ଆଇସିଆଇସିଆଇ ବ୍ୟାଙ୍କ ବୋର୍ଡରେ ମଧ ସାମିଲ ହୋଇଥିଲେ।

## ଅପରେଶନ ଗ୍ରୀନ୍‌କୁ କେନ୍ଦ୍ରର ସବୁଜ ସଙ୍କେତ

ନୂଆଦିଲ୍ଲୀ,୫-୧୧

କେନ୍ଦ୍ର ସରକାର ୫୦୦ କୋଟି ଟଙ୍କାର ଅପରେଶନ ଗ୍ରୀନ୍‌କୁ ସବୁଜ ସଙ୍କେତ ଦେଇଛନ୍ତି। ତଦନୁଯାୟୀ ଏକ ଗାଇଡଲାଇନକୁ ସରକାର ସୋମବାର ଅନୁମୋଦନ କରିଛନ୍ତି। ରୋଷେଇଘରକୁ ପ୍ରଭାବିତ କରୁଥିବା ୩ ପ୍ରକାର ପରିବା ଆଳୁ, ପିଆଜ ଓ ଟମାଟୋର ଉତ୍ପାଦନ, ପ୍ରକ୍ରିୟାକରଣ କରିବାକୁ ପ୍ରୋତ୍ସାହନ ଦିଆଯିବ। ଏହାଦ୍ୱାରା ଦରବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ। ଅଧିକାରୀୟ ସ୍ତରରେ ଜାରି ବିବୃତିରେ କୁହାଯାଇଛି ଯେ, କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରୀ ହରସିମ୍ରତ କୌର ଅପରେଶନ ଗ୍ରୀନକୁ ସୋମବାର ଅନୁମୋଦନ କରିଛନ୍ତି। ଆଳୁ, ପିଆଜ ଓ ଟମାଟୋର ଅଚାନକ ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀ ୨୦୧୮-୧୯ ବଜେଟ୍‌ରେ ୫୦୦ କୋଟି ଟଙ୍କାର ଗ୍ରୀନ ଅପରେଶନ ପାଣ୍ଠି ଗଠନ ହେବ ବୋଲି ଘୋଷଣା କରିଥିଲେ।

**NEELACHAL ISPAT NIGAM LIMITED**
NINL
Kalinga Nagar Industrial Complex, At/PO-Duburi, Dist-Jajpur, Odisha - 755026

**OPEN TENDER NOTICE**

Tdr. No. NINL/CC/18-19/SG/TDR-116, Date: 26.10.2018
Name of Work: **Annual job contract for pig iron shifting & loading.**
**Last date of tender submission: 19.11.2018 up to 3PM.** For detailed tender documents, please visit **www.ninl.in**. Corrigendum, extension etc shall be notified on website only.
Sr. Mgr.(WCC)
Tel. 06726-264068

**BHUBANESWAR MUNICIPAL CORPORATION**
**No.36783 COMPETITIVE BIDDING THROUGH e-Procurement Dt.02/11/18**

**NOTICE INVITING TENDER**
**Bid Reference No. BMC-EED-II-30/2018-19 Dt.02.11.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EED-II-30/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **2** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **13,87,361/- to Rs. 21,27,846/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 06.11.2018 to 5 P.M on 15.11.2018** for online bidding.
7. Bids received online will be opened at **11.30 A.M on 20.11.2018.** The bidder must possess valid and Compatible **Digital Signature Certificate (DSC).**
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**
**Executive Engineer**
**BMC Division No.-II**
**Progress Through Partnership for a Better Bhubaneswar**

**ODISHA STATE CIVIL SUPPLIES CORPORATION LTD.**
PIOT NO.-C/2, NAYAPALLI, BHUBANESWAR- 751 012
(A Government of Odisha Undertaking)
CIN: U51211OR1980SGC000894

Ref: RPF No. 02/OSCSC/2018 Date: 28.09.2018

**CORRIGENDUM -II (Date 05.11.2018)**
**REQUEST FOR PROPOSAL**

**For Engagement of a recruitment agency to conduct recruitment for different posts for and on behalf of OSCSC ltd**

In amendment of Request for proposals i.e. RFP No. 02/OSCSC/2018 **dated 28.09.2018**, the datelines have been extended as indicated below.

| | |
|---|---|
| Last date and time for **online** submission of completed proposal | Through e-Procurement portal: <www.tendersodisha.gov.in>, Date 26.11.2018 up to 17:00 Hours |
| Last date and time for submission of original (hard copy) of the technical proposal (only) submitted online with scanned copies the receipt indicating deposit of Processing fee and EMD amount through registered post / speed post only to the office of OSCSC Ltd. | **Date 03.12.2018 upto 17:00 Hours.** |
| Date, time and venue for opening of Technical Proposal & Pre-qualification evaluation. | **Date 05.12.2018 at 15:00 Hours at OSCSC Conference hall** |

For the relevant minor changes in the specific clauses of RFP / corrigendum please refer to the website i.e. www.tendersodisha.gov.in . The authority reserves the right to cancel any or all the Bids without assigning any reason thereof.
**MD, OSCSC Ltd.**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
O/o the Sr. General Manager (Construction), Zone-1, Technical Building (Ground & 1st Floor), Bhoi Nagar, Bhubaneswar -22.
Tel: 0674-2546353, Fax: 0674-2547261, E-mail: sgm.con1.bbs@optcl.co.in CIN: U40102OR2004SGC007553

*No.: Sr. GM(TP&C)/Publication/Gaz/08/(Vol.IV)2635* *Dated: 03.11.2018*

***NOTIFICATION***

In accordance with Section-164 of Indian Electricity Act, 2003 and in exercise of the power conferred upon OPTCL vide Department of Energy, Government of Odisha Order No.: R & R-II-10/2006/2353, Dated 09.03.2006, the following transmission scheme, which are intended to be undertaken by the Odisha Power Transmission Corporation Limited for execution, are published for general information. It is also notified in the interest of general public that, any person interested in making representation regarding the execution of the above scheme, may submit such representation in writing so as to reach the Senior General Manager (Construction), Zone-1, Odisha Power Transmission Corporation Limited, Technical Building Ground & 1st Floor, Bhoi Nagar, Bhubaneswar-751 022 within two months from the date of publication of this notification. Full details of the scheme and plan may be seen in the office of the concerned Deputy General Manager (Elect.), as mentioned against the work, on any working day during office hours.

| Sl. No. | Name of the work & Scope | Name of the Village in which the Line will pass | Tentative Estimated Amount (Rs. in Crores) | Name of the Officer to be contacted | Perceived benefit, that may accrue |
|---|---|---|---|---|---|
| 1. | Construction of proposed 220KV SC line on DC tower from existing4000/220 KV Grid Sub Station, New Duburi to proposed MRSS of M/S. Emami Cement Ltd, Kalinganagar, Duburi. | **TAHASIL: DANAGADI** **R.I. Circle: Mantira** **Revenue Village:** Chandia, Panchabatia, Badasulidhi, Mantira. | Rs.14.84 Crore | D.G.M (Elect.), EHT (C) Division, Keonjhar. | This will facilitate the power supply connectivity to the MRSS of Emami Cement Ltd, covers under the Tahasil of **Danagadi** & overall development of Odisha State in General. |

Sd/- **Sr. General Manager (C), Zone-1**



ସବୁ ଧର୍ମ ସମାନ। ଯେ ଯାହା ଧର୍ମରେ ଥାଇ ବ୍ୟାକୁଳ ଭାବେ ଈଶ୍ୱରଙ୍କୁ ଡାକିଲେ ସେ ନିଶ୍ଚୟ ମନୋବାଞ୍ଛା ପୂର୍ଣ୍ଣ କରିବେ। ଭଗବାନ ଶିଶୁ ପରି ସରଳ, କୌଣସି କପଟ ମନରେ ଥିଲେ ତାଙ୍କୁ ପାଇବା ଅସମ୍ଭବ।
- ରାମକୃଷ୍ଣ ପରମହଂସ



### ଜଙ୍ଗଲ ଜମି ଅଧିକାର ଆଇନ କାର୍ଯ୍ୟକାରୀ ହେଉନି

# ପଟ୍ଟା ଦାବିରେ ଆଦିବାସୀଙ୍କ ଅନଶନ




ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ ପଟ୍ଟା ପାଇବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରତ ଆଦିବାସୀମାନେ।

**ସୋନପୁର,୫।୧୧(ନି.ପ୍ର.)** ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ ଅନୁଯାୟୀ ପଟ୍ଟା ପାଇବା ସକାଶେ ବାରମ୍ବାର ଅନୁରୋଧ ସତ୍ତ୍ୱେ ପ୍ରଶାସନ ଶୁଣୁନି। ପ୍ରତିବାଦରେ ଶତାଧିକ ମହିଳା ଓ ପୁରୁଷ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗିନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଆୟୋଜିତ ଧାରଣାରେ ବିନିକା ବ୍ଲକର ସେଲେଡି, ଶଙ୍କରା, ବାଉଁଶୁଣି, ମହଦା, ଚରଦା ଓ କଇଁତରା ମୌଜାର ଜଙ୍ଗଲ ଜମିରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ଅନଶନରେ ବସିଛନ୍ତି। ପୂର୍ବ ପୁରୁଷ ଅମଳରୁ ସେମାନେ ଜଙ୍ଗଲ ଜମିରେ ଘର କରି ଚାଷ ବାସ କରି ଆସୁଛନ୍ତି। ଜଙ୍ଗଲ ଜମି ଆଇନ ବଳରେ ପଟ୍ଟା ପାଇବା ପାଇଁ ସେମାନେ ଜିଲା ପ୍ରଶାସନ ନିକଟରେ ବାରମ୍ବାର ଅନୁରୋଧ କରି ଆସୁଛନ୍ତି। ପ୍ରାକ୍ତନ ଜିଲାପାଳ ପଟ୍ଟା ପ୍ରଦାନର ପ୍ରତିଶୃତି ଦେଇଥିଲେ ହେଁ ଆଦିବାସୀଙ୍କୁ ଏ ପର୍ଯ୍ୟନ୍ତ ମିଳିନି। ପୂର୍ବ ନିର୍ଦ୍ଧାରିତ ଘୋଷଣା ଅନୁଯାୟୀ ମହିଳା ଓ ପୁରୁଷ ଅନଶନରେ ବସିଛନ୍ତି। ଜିଲାପାଳ ମଧୁସୂଦନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୩ମାସ ମଧ୍ୟରେ ପଟ୍ଟା ପ୍ରଦାନ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ଡୁଙ୍ଗୁରିପାଲି ବ୍ଲକ ସଭାପତି ଶ୍ୟାମସୁନ୍ଦର ଭୋଇ, ସମ୍ପାଦକ ଯୁବରାଜ ସିଂ ବରିହା, ବିନିକା ବ୍ଲକ ସଭାପତି ବିରଞ୍ଚି କହଁର, ଯୁଧିଷ୍ଠିର ବାଗ, ବୃନ୍ଦାବନ ଝାଙ୍କର, ଧୋବା ଭୁଏ, ଗୋବିନ୍ଦ ମିର୍ଦ୍ଧା ଓ ଲକ୍ଷ୍ମଣ ଭୋରାସାଗର ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ଅନଶନ ପୂର୍ବରୁ ମହିଳା ଓ ପୁରୁଷ ସୁରେଶ୍ୱରୀ ମନ୍ଦିରରୁ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ।

# ବୋହୂଙ୍କୁ ଯୌତୁକ ନିର୍ଯାତନା

**ପାଟଣା, ୫।୧୧(ସ୍ୱ.ପ୍ର.)** ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ଦିଅର ଯୌତୁକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ମହିଳା ଜଣଙ୍କ ହେଲେ ଲୋପାମୁଦ୍ରା ସେଠୀ। ରବିବାର ସେ ତୁରୁମୁଙ୍ଗା ଥାନାରେ ଏତଲା ଦେଇଛନ୍ତି। ଥାନାରେ ଏକ ମାମଲା (ନଂ.୧୧୧/୧୮) ରୁଜୁ ହୋଇଥିବା ଏସ୍ଆଇ ସୁଶିଳା ବର୍ଲା କହିଛନ୍ତି। ତୁରୁମୁଙ୍ଗା ଥାନା ସିଳିଦା ଗ୍ରାମର ରମେଶ ସେଠୀଙ୍କ ଝିଅ ଲୋପାମୁଦ୍ରାଙ୍କ ଦୁଇବର୍ଷ ତଳେ ଚମ୍ପୁଆ ଥାନା ସରେଇ ଗ୍ରାମର ଅଭୟ କୁମାର ସେଠୀଙ୍କ ପୁଅ ସତ୍ୟପ୍ରକାଶଙ୍କୁ ବିବାହ କରିଥିଲେ। ଅଭିଯୋଗ ଅନୁଯାୟୀ, ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। ବିବାହର ଚାରି ମାସ ପରେ ସତ୍ୟଙ୍କ ପରିବାର ଲୋକେ ଆଉ ୨ ଲକ୍ଷ ଟଙ୍କା ଯୌତୁକ ପାଇଁ ଦାବି କରିଥିଲେ। ଦୁଇ ଲକ୍ଷ ଟଙ୍କା ଦେବାକୁ ବାପଘର ଲୋକ ସମର୍ଥ ନ ଥିବାରୁ ନାନା ନିର୍ଯାତନା ଦିଆଯାଇଥିବା ଲୋପାମୁଦ୍ରା ଅଭିଯୋଗ କରିଛନ୍ତି।

# ଦାବି ପୂରଣ ନ ହେଲେ ବିକ୍ଷୋଭ କରିବ ମିଳିତ ସମନ୍ୱୟ କମିଟି

**ଭୁବନେଶ୍ୱର, ୫।୧୧(ବ୍ୟୁରୋ)** ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ଡିଗ୍ରୀ କଲେଜ ଅଧ୍ୟାପକଙ୍କୁ ସରକାର ବାରମ୍ବାର ପ୍ରତାରଣା କରିଛନ୍ତି। ସରକାର ଅଧ୍ୟାପକଙ୍କ ସହ ଆଲୋଚନା କରି ଦାବି ପୂରଣ କରିବାକୁ ମିଳିତ ସମନ୍ୱୟ କମିଟି ପୂର୍ବରୁ ସରକାରଙ୍କ ପାଖରେ ବହୁବାର ଦାବି କରିଆସିଥିଲେ ମଧ୍ୟ ଏହି ଦାବିକୁ ସରକାର ବିଚାରକୁ ନେଉନାହାନ୍ତି। ଫଳରେ ଅଧ୍ୟାପକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଛନ୍ତି ବୋଲି ମିଳିତ ସମନ୍ୱୟ କମିଟି ରାଜ୍ୟ ଆବାହକ କମଳ ପ୍ରସାଦ ମହାନ୍ତି କହିଛନ୍ତି।

୪ ଦଫା ଦାବି ନେଇ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ନେହେରୁ ଯୁବ ପ୍ରତିଷ୍ଠାନରେ ମିଳିତ ସମନ୍ୱୟ କମିଟିର ଆବାହକ ମହାନ୍ତିଙ୍କ ଅଧକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନ୍ତି କହିଛନ୍ତି ଯେ, ଅଧାପକମାନେ ପିଏଚ୍.ଡି ଏବଂ ଏମ୍.ଫିଲ୍‌ରେ ୯୦%ରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଡିଗ୍ରୀ କଲେଜରେ ଶିକ୍ଷକତା କରୁଛନ୍ତି। ଅର୍ଥାତ ସେମାନଙ୍କୁ ୟୁଜିସି ମାନ୍ୟତା ଦିଆଯାଉନାହିଁ। ଶିକ୍ଷାଗତ ଯୋଗ୍ୟତାକୁ ଦେଖିଲେ ୟୁଜିସି ମାନ୍ୟତା ଦିଆଯିବାର ଆବଶ୍ୟକତା ରହିଛି। ଅନ୍ୟ ଅଧ୍ୟାପକଙ୍କୁ ଚାକିରିରେ ୧୮ ବର୍ଷ ପରେ ପଦୋନ୍ନତି ମିଳୁଥିବାବେଳେ ଏହି ଅଧାପକଙ୍କ କ୍ଷେତ୍ରରେ ୨୭ ବର୍ଷ ପରେ ପଦୋନ୍ନତି ଦେବାକୁ ସରକାର ସ୍ଥିର କରିଛନ୍ତି। ସରକାର ଅନ୍ୟ ସରକାରୀ କର୍ମଚାରୀଙ୍କୁ ୧।୧।୨୦୧୬ରୁ ୭ମ ବେତନ କମିଶନ ଦେଉଥିବାବେଳେ ଏହି ଅଧାପକଙ୍କର ୨୧ ମାସର କମିଶନ କାଟି ଦେଇଛନ୍ତି। ଅବସର ବୟସ ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବାକୁ ଅଧାପକମାନେ ଦାବି କରୁଛନ୍ତି ବୋଲି ମହାନ୍ତି କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଏକ ସପ୍ତାହ ତଳେ ମିଳିତ ସମନ୍ୱୟ କମିଟି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାଶ ଏବଂ ବିଭାଗୀୟ ସଚିବ ବିଷ୍ଣୁପଦ ସେଠୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ସରକାର ୨୦ ତାରିଖ ସୁଦ୍ଧା ସମନ୍ୱୟ କମିଟିକୁ ଡାକି ଦାବି ପୂରଣ ନ କଲେ ବାଧହୋଇ କମିଟି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ କରିବ ବୋଲି ମହାନ୍ତି ସରକାରଙ୍କୁ ଚେତାବନୀ ଦେଇଛନ୍ତି।


## CLASSIFIED DISPLAY













DSPL-237





ହେଲିକପ୍ଟର ଦୁର୍ଘଟଣାରେ ଆମ କ୍ଲବ ମାଲିକ ଭିଚାଇ ଶ୍ରୀଭାଧନାପ୍ରଭାଙ୍କ ମୃତ୍ୟୁ ଘଟଣା ମୁଁ ସ୍ୱଚକ୍ଷୁରେ ଦେଖିଛି। ଏହା ମୋ ମନକୁ ସବୁବେଳେ ଆଚ୍ଛନ୍ନ କରି ରଖିବ ।

–କାସ୍ପର ସ୍କିମ୍‌ଚେଲ, ଲିସେଷ୍ଟର ଗୋଲ୍‌କିପର



ଦକ୍ଷିଣ ଆଫ୍ରିକା ବିପକ୍ଷରେ ଆଉ ଏକ ନୈରାଶ୍ୟଜନକ ପ୍ରଦର୍ଶନ ଦ୍ୱାରା ଆମ ବ୍ୟାଟ୍ସମ୍ୟାନଙ୍କ ଆତ୍ମବିଶ୍ୱାସ ଅଭାବ ଥିବା ସୂଚାଇ ଦେଉଛି ।

–ଆରୋନ୍ ଫିଞ୍ଚ, ଅଷ୍ଟ୍ରେଲିଆ କ୍ରିକେଟ ଅଧିନାୟକ

# ଶିଲଂ ଲାଜଂକୁ ହରାଇଲା ଆରୋଜ

**କଟକ ଅଫିସ, ୫।୧୧**

ଭାରତୀୟ ଘରୋଇ ଫୁଟବଲ ଟୁର୍ନାମେଣ୍ଟ ଆଇ–ଲିଗ୍‌ରେ ବାରବାଟୀ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡ କରିଥିବା ଇଣ୍ଡିଆନ ଆରୋଜ ଦଳ ସୋମବାର ଖେଳିଥିବା ମ୍ୟାଚ୍‌ରେ ବିଜୟୀ ହୋଇଛି। ଶିଲଂ ଲାଜଂ ବିପକ୍ଷରେ ଅନୁଷ୍ଠିତ ଏହି ମ୍ୟାଚ୍‌ଟି ସଂଘର୍ଷପୂର୍ଣ୍ଣ ହୋଇଥିଲା। ଆରୋଜ ଶେଷରେ ୧–୦ ଗୋଲରେ ଜିତିଥିଲା। ଦଳ ପକ୍ଷରୁ ଏକ ମାତ୍ର ଗୋଲ ସ୍କୋର

**ଆଇ-ଲିଗ୍**

କରିଥିବା ଆଶିଷ ରାୟ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ।

ଶିଲଂ ଲାଜଂ ଆକ୍ରମଣାତ୍ମକ ଶୈଳୀରେ ଖେଳିବା ସହ ପ୍ରଥମ କିଛି ମିନିଟ ନିଜ ଅକ୍ତିଆରରେ ବଲକୁ ରଖିଥିଲା। ମାତ୍ର କିଛି ସମୟ ମଧ୍ୟରେ ଖେଳର ଦୃଶ୍ୟପଟ୍ଟ ବଦଳି ଯାଇଥିଲା। ଆରୋଜ ଖେଳାଳିମାନେ ଶିଲଂ ଲାଜଂ ଗୋଲ ପୋଷ୍ଟ ଉପରେ ବାରମ୍ବାର ଆକ୍ରମଣ କରି ଚାପ ସୃଷ୍ଟି କରିଥିଲେ। ୧୧ତମ ମିନିଟରେ ଆରୋଜ ଡିଫେଣ୍ଡର ଆଶିଷ ରାୟ ଏକ ଚମତ୍କାର ଶଟ୍ ମାରି ଗୋଲ ଦେବାରେ ସଫଳ ହୋଇଥିଲେ। ୧୬ତମ ମିନିଟରେ ଶିଲଂ ଲାଜଂକୁ ପ୍ରଥମ ଫ୍ରି–କିକ୍ ମିଳିଥିଲା। ଅଧିନାୟକ ସାମୁଏଲ୍ସ କିକ୍ ମାରିଥିଲେ ମଧ୍ୟ ଆରୋଜ ଗୋଲକିପର ପ୍ରଭୁକ୍ଷଣ ଗିଲ୍ ଏହାକୁ ରୋକିବାରେ ସମର୍ଥ ହୋଇଥିଲେ। ପ୍ରଥମାର୍ଦ୍ଧରେ ଶିଲଂ ଲାଜଂ ଦଳ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ବିଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭର କିଛି ମିନିଟ ମଧ୍ୟରେ ଶିଲଂ ଲାଜଂ ପ୍ରଥମ କର୍ନର କିକ୍‌ର ସୁଯୋଗ ପାଇଥିଲା। ମାତ୍ର ଆରୋଜ ଡିଫେଣ୍ଡରମାନେ ବଲକୁ ସହଜରେ ଏଡାଇ ଦେଇଥିଲେ। ଶିଲଂ ଲାଜଂ ପକ୍ଷରୁ ବାରମ୍ବାର ଆକ୍ରମଣ ହେଉଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ କୌଣସି ଗୋଲ ହୋଇପାରି ନ ଥିଲା। ଅତିରିକ୍ତ ୯୨ତମ ମିନିଟରେ ଏକ ନିଶ୍ଚିତ ଗୋଲ ସୁଯୋଗ ମଧ୍ୟ ଶିଲଂ ଲାଜଂ ହାତଛଡ଼ା କରିଥିଲା। ଆରୋଜ ଖେଳାଳି ଅନିକେତ ଯାଦବଙ୍କୁ ୫୯ତମ ମିନିଟରେ ହଳଦିଆ କାର୍ଡ ମିଳିଥିଲା। ଆସନ୍ତା ୧୦ତାରିଖରେ ଆରୋଜ ପରବର୍ତ୍ତୀ ମ୍ୟାଚ୍ ଶକ୍ତିଶାଳୀ ମୋହନବାଗାନ ବିପକ୍ଷରେ ବାରବାଟୀରେ ଖେଳିବ। ପରାଜୟ ନେଇ ଶିଲଂ ଲାଜଂ କୋଚ୍ କେ.ଆଲିସନ କହିଥିଲେ, ଦଳ ଭଲ ଖେଳିଥିଲେ ମଧ୍ୟ ଜିତିପାରି ନ ଥିଲା। ଭାଗ୍ୟ ଆମ ସହ ନ ଥିଲା ଭଳି ମନେହେଉଛି। ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକରେ କିଛି ତ୍ରୁଟି ସୁଧାରିବାକୁ ଚେଷ୍ଟା କରିବୁ ବୋଲି ଆଲିସନ କହିଥିଲେ। ଆରୋଜ ଦଳ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଥିଲେ, ଦଳ ପ୍ରଥମ ମ୍ୟାଚ୍ ବିଜୟୀ ହେବା ଫଳରେ ମନୋବଳ ଦୃଢ଼ ହୋଇଛି। ପରବର୍ତ୍ତୀ ମ୍ୟାଚ୍ ଶକ୍ତିଶାଳୀ ମୋହନବାଗାନ ବିପକ୍ଷରେ ରହିଥିବାରୁ ଖେଳାଳିମାନଙ୍କ ଭିତରେ ସମନ୍ୱୟ ରକ୍ଷା ପାଇଁ ବିଶେଷଭାବେ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି।






ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଫାଓ ସଭାପତି ଦେବାଶିଷ ସାମନ୍ତରାୟ ଆଶିଷ ରାୟଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ହକି ଇଣ୍ଡିଆର ଅଭିନନ୍ଦନ

**ନୂଆଦିଲ୍ଲୀ, ୫।୧୧**

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହକି ଇଣ୍ଡିଆ ଅଭିନନ୍ଦନ ଜଣାଇଛି। ଗତ ୧ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କୁ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍) ପୁରସ୍କୃତ କରିଥିଲା। ହକିର ଉନ୍ନତି ତଥା ପ୍ରଚାର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଲ୍ଲେଖନୀୟ ଯୋଗଦାନକୁ ଦୃଷ୍ଟିରେ ରଖି ତାଙ୍କୁ ସମ୍ମାନଜନକ ଏଫ୍‌ଆଇଏଚ୍ ପ୍ରେସିଡେଣ୍ଟ୍ସ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଫ୍‌ଆଇଏଚ୍‌ର ୪୬ତମ କଂଗ୍ରେସରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ମର୍ଯ୍ୟାଦାସମ୍ପନ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୮ରୁ ଆରମ୍ଭ ହେବାକୁଥିବା ପୁରୁଷ ହକି ବିଶ୍ୱକପ୍‌ର ସଫଳ ଆୟୋଜନ ପାଇଁ ଓଡ଼ିଶା ସରକାର ଚେଷ୍ଟିତ ରହି ଆସିଛନ୍ତି। ରାଜ୍ୟରେ ଜାତୀୟ କ୍ରୀଡ଼ା ହକିର ବିକାଶ ନିମନ୍ତେ ଓଡ଼ିଶା ସରକାର ବେଶ୍ ଉତ୍ସାହ ପ୍ରକଟ କରିଆସିଛନ୍ତି। ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ଭାବେ ଓଡ଼ିଶା ସରକାର ଅନୁବନ୍ଧିତ ହୋଇଛନ୍ତି। ଏଥିପାଇଁ ଓଡ଼ିଶା ସରକାର ପ୍ରଶଂସାର ପାତ୍ର ବୋଲି ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ୍ ଅହମ୍ମଦ କହିଛନ୍ତି।

## ସଂକ୍ଷେପରେ

### ବିଶ୍ୱ ମହିଳା ଚେସ୍: ପଦ୍ମିନୀଙ୍କ ଅଭିଯାନ ଶେଷ

ଖନ୍ତୀ ମନସିୟସ୍କ (ରୁଷିଆ), ୫।୧୧ (ପି.ଟି.)- ଏଠାରେ ଆରମ୍ଭ ହୋଇଥିବା ବିଶ୍ୱ ମହିଳା ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଆ ଚେସ୍ ତାରକା ପଦ୍ମିନୀ ରାଉତଙ୍କ ଅଭିଯାନ ଶେଷ ହୋଇଛି। ସୋମବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ବାଜିରେ ପଦ୍ମିନୀ ପରାଜୟ ସହ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଜାତୀୟ ଚାମ୍ପିୟନ ପଦ୍ମିନୀ ୧.୫-୨.୫ ପଏଣ୍ଟ ବ୍ୟବଧାନରେ କାଜାଖସ୍ତାନର ଝନସ୍ୟା ଅବଦୁମଲିକଙ୍କ ନିକଟରୁ ପରାସ୍ତ ହୋଇଛନ୍ତି। ତେବେ ଗ୍ରାଣ୍ଡମାଷ୍ଟର ଦ୍ରୋଣାଭାଲି ହାରିକା ବିଜୟଲାଭ କରି ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ୨.୫-୧.୫ ପଏଣ୍ଟରେ ଜର୍ଜିଆର ସୋପିକୋ ଗୁରାମିଶଭିଲିଙ୍କୁ ହରାଇ ଦେଇଛନ୍ତି। ଅନ୍ୟତମ ଭାରତୀୟ ଖେଳାଳି କୋନେରୁ ହମ୍ପି ମଧ୍ୟ ୨ୟ ରାଉଣ୍ଡରେ ସ୍ଥାନ ହାସଲ କରିଛନ୍ତି। ହାରିକା ଓ ହମ୍ପି ଦୁଇ ଭାରତୀୟ ଖେଳାଳିଭାବେ ୪ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଏହି ପ୍ରତିଯୋଗିତାର ରାଉଣ୍ଡ-୩୨ରେ ପହଞ୍ଚିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ହମ୍ପି ପୋଲାଣ୍ଡର ଜୋଲାଣ୍ଟ ଜାୱୃତକା ଓ ହାରିକା ଜର୍ଜିଆର ବେଲା ଖୋଟେନଶଭିଲିଙ୍କୁ ଭେଟିବେ।

### ଡେୟାରଡେଭିଲ୍ସ ପକ୍ଷରୁ ଖେଳିବେ ଧାୱନ

**ନୂଆଦିଲ୍ଲୀ,୫।୧୧(ପି.ଟି.):** ଆଇପିଏଲର ଆଗାମୀ ସଂସ୍କରଣରେ ଭାରତୀୟ ଓପନର ଶିଖର ଧାୱନ ଦିଲ୍ଲୀ ଡେୟାରଡେଭିଲ୍ସ ଦଳ ପକ୍ଷରୁ ଖେଳିବେ। ଏ ନେଇ ସୋମବାର ସ୍ପଷ୍ଟ ହୋଇଯାଇଛି। ଖେଳାଳିଙ୍କ ଅଦଳ ବଦଳ ପ୍ରକ୍ରିୟାରେ ଦିଲ୍ଲୀ ଫ୍ରାଞ୍ଚାଇଜ୍ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ସନରାଇଜର୍ସ ହାଇଦ୍ରାବାଦ ସ୍ୱୀକାର କରି ନେଇଛି। ଫଳରେ ଦୀର୍ଘ ୧୦ ବର୍ଷ ନିଜ ଘରୋଇ ଦଳକୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ଧାୱନ। ବରିଷ୍ଠ ଓପନରଙ୍କ ବଦଳରେ ଦିଲ୍ଲୀ ଦଳ ଅଲରାଉଣ୍ଡର ବିଜୟ ଶଙ୍କର, ସ୍ପିନର ଶାହାବାଜ ନଦୀମ ଓ ଅଭିଷେକ ଶର୍ମା ସନରାଇଜର୍ସ ଦଳକୁ ଦେଇଛି। ଚଳିତ ବର୍ଷ ଅନୁଷ୍ଠିତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଧାୱନଙ୍କୁ ହାଇଦ୍ରାବାଦ ଦଳ ରାଇଟ୍ ଟୁ ମ୍ୟାଚ୍ କାର୍ଡ (ଆରଟିଏମ୍) ଜରିଆରେ ୫.୨ କୋଟି ଟଙ୍କାରେ କିଣିଥିଲା। ସେ ଏହି ମୂଲ୍ୟରେ ଖୁସି ନ ଥିଲେ। ''ଦୁଃଖର ସହ ଜଣାଇବାକୁ ପଡୁଛି ଯେ, ଦୀର୍ଘ ଦିନ ଧରି ଆମ ଦଳର ସଦସ୍ୟ ଥିବା ଧାୱନ ୨୦୧୯ ସିଜନରେ ଅନ୍ୟ ଫ୍ରାଞ୍ଚାଇଜ ପକ୍ଷରୁ ଖେଳିବେ। ଆମେ ଖେଳାଳିଙ୍କ ନିଲାମରେ ଆରଟିଏମ୍ ଜରିଆରେ ଧାୱନଙ୍କୁ ପାଇଥିବାରୁ ଖୁସୀ। ଦୁର୍ଭାଗ୍ୟବଶତଃ, ତାଙ୍କୁ ମିଳିଥିବା ମୂଲ୍ୟରେ ସେ ଖୁସି ନ ଥିଲେ। ଧାୱନ ଜଣେ ଖେଳାଳି ଭାବେ ଦଳ ଲାଗି ବହୁ ଯୋଗଦାନ କରିଛନ୍ତି'' ବୋଲି ହାଇଦ୍ରାବାଦ ପକ୍ଷରୁ କୁହାଯାଇଛି।

### ପ୍ରସାଦଙ୍କ ସ୍ଥାନରେ ଶ୍ରୀରାମ

**ମୋହାଲି,୫।୧୧:** ପୂର୍ବତନ ଭାରତୀୟ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ପରେ ଭେଙ୍କଟେଶ ପ୍ରସାଦ ମଧ୍ୟ କିଙ୍ଗ୍ସ ଏକାଦଶ ପଞ୍ଜାବରୁ ସମ୍ପର୍କ ଛିନ୍ନ କରିଛନ୍ତି। ପ୍ରସାଦ ପଞ୍ଜାବ ଦଳର ବୋଲିଂ କୋଚ୍ ଥିଲେ। ତାଙ୍କ ସ୍ଥାନରେ ପୂର୍ବତନ କ୍ରିକେଟର ଶ୍ରୀଧରନ ଶ୍ରୀରାମଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ସେ ଦିଲ୍ଲୀ ଡେୟାରଡେଭିଲ୍ସ ଦଳର ସହାୟକ କୋଚ୍ ପଦରେ ଥିଲେ। ସେ ଅଷ୍ଟ୍ରେଲିଆର ସ୍ପିନ ପରାମର୍ଶ ଦାୟିତ୍ୱରେ ମଧ୍ୟ ଥିଲେ। ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ମାଲିକାନାରେ ଥିବା ଫ୍ରାଞ୍ଚାଇଜ୍ ନିକଟରେ ବ୍ରାଡ୍ ହଜଙ୍କୁ ଦଳର ମୁଖ୍ୟ ପଦରୁ ବିଦା କରି ମାଇକ ହେସନଙ୍କୁ ନିଯୁକ୍ତ କରିଥିଲା। ଏହାବାଦ୍ ପ୍ରସନ୍ନା ଆଗୋରାମଙ୍କୁ ହାଇ ପରଫରମାନ୍ସ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପ୍ରସନ୍ନାଙ୍କ ଟେକନିକାଲ ଷ୍ଟ୍ରାଟେଜି ଆନାଲିଷ୍ଟ ଦାୟିତ୍ୱରେ ଥିବାବେଳେ ଦ. ଆଫ୍ରିକାର ସ୍ଥିତିରେ ସୁଧାର ଆସିଥିଲା। ପୂର୍ବତନ ଅଧିନାୟକ ଗ୍ରେମ ସ୍ମିଥ, ଏବି ଡିଭିଲର୍ସ, ହାସିମ ଆମଲା, ଡେଲ ଷ୍ଟେଇନ ଦଳୀୟ ସଫଳତା ନେଇ ପ୍ରସନ୍ନାଙ୍କୁ ଶ୍ରେୟ ଦେଇଛନ୍ତି। ଗତ ସଂସ୍କରଣରେ ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଏକାଦଶ ଦଳ ଆରମ୍ଭରୁ ୭ ମ୍ୟାଚ୍‌ରୁ ୫ ଜିତି ଭଲ ଆରମ୍ଭ କରିଥିଲା। ମାତ୍ର ଅନ୍ତିମ ୭ରୁ ୬ ମ୍ୟାଚ୍‌ରେ ଦଳ ପରାଜୟବରଣ କରିବାରୁ ପ୍ଲେ ଅଫ୍‌ରେ ପ୍ରବେଶ କରିବାରେ ବିଫଳ ହୋଇଥିଲା।

# ଟି୧୦ ଲିଗ୍ ଖେଳିବେ ଜାହିର, ମୁନାଫା

**ଦୁବାଇ, ୫।୧୧(ପି.ଟି.)**

ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରେ ହେବାକୁ ଥିବା ଟି୧୦ ଲିଗ୍‌ର ବିଭିନ୍ନ ଫ୍ରାଞ୍ଚାଇଜ୍ ତରଫରୁ ପ୍ରତିନିଧିତ୍ୱ କରିବାକୁ ଥିବା ୮ ଭାରତୀୟ ଖେଳାଳିଙ୍କ ମଧ୍ୟରେ ପୂର୍ବତନ ପେସ୍ ବୋଲର ଜାହିର ଖାଁ, ମୁନାଫା ପଟେଲ ଓ ପ୍ରବୀଣ ଆମ୍ରେ



ଜାହିର ଖାଁ

ଅଛନ୍ତି। ବେଙ୍ଗଲ ଟାଇଗର୍ସ ଜାହିରଙ୍କୁ ନେଇଥିବାବେଳେ ପ୍ରବୀଣ ପଞ୍ଜାବୀ ଲିଜେଣ୍ଡ୍ସ ପକ୍ଷରୁ ଖେଳିବେ। ଟି୧୦ ଲିଗ୍ ଶାରଜା କ୍ରିକେଟ ଷ୍ଟାଡିୟମରେ ନଭେମ୍ବର ୨୧ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଏସ୍. ବଦ୍ରିନାଥ ମରାଠା ଆର୍‌ବିଏନ୍ସ ତରଫରୁ ଖେଳିବାକୁ ଥିବାବେଳେ ଗତବର୍ଷର ଚାମ୍ପିୟନ କେରଳ କିଙ୍ଗ୍ସ ରୀତିନ୍ଦର ସିଂ ସୋଧିଙ୍କୁ ନେଇଛି। ପାଖତୁନ୍ସ ଆର୍.ପି. ସିଂଙ୍କୁ ମନୋନୀତ କରିଥିବାବେଳେ ମୁନାଫାଙ୍କୁ ରାଜପୁତ୍‌ସ ଟିମ୍ ନେଇଛି। ନବାଗତ କରାଚିଆନ୍ସ ପ୍ରବୀଣ ତାମ୍ବେଙ୍କୁ ଦଳରେ ନେଇଥିବାବେଳେ ନର୍ଦ୍ଦର୍ନ ୱାରିୟର୍ସ ଅମିତୋଜ ସିଂଙ୍କୁ ନେଇ ଖେଳିବ। ଜାହିର ଖାଁ ତାଙ୍କ ୧୪ ବର୍ଷର କ୍ୟାରିୟରରେ ଟେଷ୍ଟ କ୍ରିକେଟରେ ୩୧୧ ଓ ଅନ୍ତର୍ଜାତୀୟ ଦିନିକିଆରେ ୨୮୧ ଏବଂ ଟି୨୦ରେ ୧୭ ଉଇକେଟ ନେଇଛି। ଭାରତୀୟଙ୍କ ମଧ୍ୟରେ ସେ ସବୁଠାରୁ ଦାମୀ ଖେଳାଳି ହୋଇଛନ୍ତି। ଟି୧୦ ଲିଗ୍‌ର ଚେୟାରମ୍ୟାନ ଶାଜି ଉଲ୍ ମୁଲକ୍ କହିଛନ୍ତି, ଟି୧୦ ଲିଗ୍‌କୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ପ୍ରତିଯୋଗିତାରେ ବହୁ ଜଣାଶୁଣା ଭାରତୀୟ ଖେଳାଳିଙ୍କୁ ସାମିଲ କରାଯାଇଛି। ୧୦ ଓଭର ଫର୍ମାଟ୍ କ୍ରିକେଟ ମ୍ୟାଚ୍‌ଗୁଡ଼ିକ ୯୦ ମିନିଟ୍ ବିଶିଷ୍ଟ। ମୁଲକ୍ କହିଛନ୍ତି, ଏହି ଟି୧୦ ଲିଗ୍ ହେଉଛି ବିଶ୍ୱର ପ୍ରଥମ ୧୦ ଓଭରବିଶିଷ୍ଟ ଅନ୍ତର୍ଜାତୀୟ ପ୍ରଫେସନାଲ କ୍ରିକେଟ ଲିଗ୍। ଏହାର ଆୟୋଜନ ପାଇଁ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଲାଇସେନ୍ସ ହାସଲ କରିଛି। ଦକ୍ଷିଣ ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଉତ୍ତର ଆଫ୍ରିକାରେ ୩ ବର୍ଷ ଲାଗି ଏହି ଟୁର୍ନାମେଣ୍ଟର ପ୍ରସାରଣ ପାଇଁ ଇସିବି ସ୍ୱତ୍ୱାଧିକାର ହାସଲ କରିଛି। ୨୦୧୮ ସଂସ୍କରଣରେ ୨୯ଟି ମ୍ୟାଚ୍ ଖେଳାଯିବ। ଏଥିରେ ୮ଟି ଦଳ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇ ଖେଳିବେ।

## ବାଂଲାଦେଶର ଟାର୍ଗେଟ୍ ୩୨୧

**ସିଲହଟ, ୫।୧୧(ପି.ଟି.):** ସ୍ଥାନୀୟ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଜିମ୍ବାୱେ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ବାଂଲାଦେଶ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ପ୍ରଥମ ଇନିଂସ୍‌ରେ ୧୩୯ ରନ୍‌ର ଅଗ୍ରଣୀ ହାସଲ କରିଥିବା ଜିମ୍ବାୱେ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍ କରି ଅଲଆଉଟ ହୋଇଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ୩୨୧ ରନ୍‌ର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ବ୍ୟାଟିଂ ଆରମ୍ଭ କରି ବାଂଲାଦେଶ ସୋମବାର ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୧୦.୧ ଓଭରରେ କୌଣସି ଉଇକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇଦିନ ବାକି ଥିବା ବେଳେ ବାଂଲାଦେଶ ୧୦ ଉଇକେଟ ହାତରେ ରଖି ଆଉ ୨୯୫ ରନ୍ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଓପନର ଲିଟନ ଦାସ ୧୪ ଓ ଇମ୍ରୁଲ କାଏସ ୧୨ ରନ୍ କରି ଅପରାଜିତ ରହିଛନ୍ତି। ବାଂଲାଦେଶ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ଏହି ମ୍ୟାଚ୍‌ରେ ଏପର୍ଯ୍ୟନ୍ତ ୧୧ଟି ଉଇକେଟ ହାସଲ କରିଛନ୍ତି। ପୂର୍ବରୁ ଟସ୍ ଜିତି ଜିମ୍ବାୱେ ପ୍ରଥମ ଇନିଂସ୍‌ରେ ୨୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ପ୍ରଥମ ଇନିଂସ୍‌ରେ ୧୪୩ ରନ୍ କରି ପଛରେ ପଡିଥିଲା। ଏହାପରେ ଜିମ୍ବାୱେ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍ କରି ଅଲ୍‌ଆଉଟ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଜିମ୍ବାୱେ ପ୍ରଥମ ଇନିଂସ୍- ୨୮୨।
ବାଂଲାଦେଶ ପ୍ରଥମ ଇନିଂସ୍- ୧୪୩।
ଜିମ୍ବାୱେ ଦ୍ୱିତୀୟ ଇନିଂସ୍- ୧୮୧।
ବାଂଲାଦେଶ ଦ୍ୱିତୀୟ ଇନିଂସ- ୧୦.୧ ଓଭରରେ ୨୬/୦
(ଲିଟନ- ୧୪, ଇମ୍ରୁଲ- ୧୨)।

# ପାକିସ୍ତାନର କ୍ଲିନ୍ ସୁଇପ୍

**ଦୁବାଇ,୫।୧୧**

ଚଳିତ ସିଜନର ଟି୨୦ ଫର୍ମାଟରେ ପାକିସ୍ତାନ ଦଳ ତା'ର ଦବ୍‌ଦବା ଜାରି ରଖିଛି। ଦଳ ଏଠାରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ଅନ୍ତିମ ଟି୨୦ ମ୍ୟାଚ୍‌କୁ ୪୭ ରନ୍‌ରେ ଜିତିଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଘରୋଇ ଦଳ କ୍ଲିନ ସୁଇପ ହାସଲ କରିଛି। ଏହା ପାକିସ୍ତାନ ଦଳର କ୍ରମାଗତ ୮ମ ମ୍ୟାଚ୍ ବିଜୟ। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ଦଳ ମହମ୍ମଦ ହାଫିଜ ଓ ବାବାର ଆଜାମଙ୍କ ଅର୍ଦ୍ଧଶତକ ଯାଗୁ ଧାର୍ଯ୍ୟ ୨୦ ଓଭରରେ ୩ ଉଇକେଟ ହରାଇ ୧୬୬ ରନ୍ କରିଥିଲା। ଦଳ ପକ୍ଷରୁ ବାବର ୭୯ ରନ୍ କରିଥିବାବେଳେ ହାଫିଜ ଅପରାଜିତ ୫୩ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପାଇଁ କଲିନ ଗ୍ରାଣ୍ଡହୋମ ୨ ଉଇକେଟ ନେଇଥିଲେ। ଜବାବରେ ଅଧିନାୟକ କେନ ୱିଲିୟମସନଙ୍କ ୬୦ ରନ୍‌ର ଇନିଂସ୍ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଦଳ ୧୬.୫ ଓଭରରେ ୧୧୯ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଉଲ୍ଲେଖଥାଉ କି, ଏଥିପୂର୍ବରୁ ପାକିସ୍ତାନ ଦଳ ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍‌ରେ ମଧ୍ୟ କ୍ଲିନ ସୁଇପ ହାସଲ କରିଥିଲା।



ବିଜୟ ହାସଲ ପରେ ଉଲ୍ଲସିତ ପାକିସ୍ତାନ ଦଳ।

# ନଳିନୀକାନ୍ତ ମହାନ୍ତି ସ୍ମାରକୀ ବ୍ୟାଡ୍‌ମିଣ୍ଟନ ୨୨ରୁ

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଆମେଚର ବ୍ୟାଡ୍‌ମିଣ୍ଟନ କ୍ଲବ (ଏବିସି) ଆନୁକୂଲ୍ୟରେ ୫ମ ନଳିନୀକାନ୍ତ ମହାନ୍ତି ସ୍ମାରକୀ ରାଜ୍ୟ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ନଭେମ୍ବର ୨୨ରୁ ଆରମ୍ଭ ହେବ। ପ୍ରାକ୍ତନ ମନ୍ତ୍ରୀ ତଥା କ୍ରୀଡ଼ାପ୍ରେମୀ ସ୍ୱର୍ଗତ ନଳିନୀକାନ୍ତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଇଷ୍ଟକୋଷ୍ଟ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ପୁରୁଷ ସିଙ୍ଗଲ୍ସ ଓ ଡବଲ୍ସ, ମହିଳା ସିଙ୍ଗଲ୍ସ ଓ ଡବଲ୍ସ, ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୭ ବର୍ଷରୁ କମ୍ ବାଳିକା/ବାଳକ ସିଙ୍ଗଲ୍ସ ଓ ଡବଲ୍ସ, ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ପୁରୁଷ ଭେଟେରାନ (୪୫ ବର୍ଷରୁ ଊର୍ଦ୍ଧ୍ୱ) ଡବଲ୍ସ ଏହିପରି ମୋଟ୍ ୧୧ଟି ବିଭାଗରେ ପ୍ରତିଯୋଗିତା ଖେଳାଯିବ ବୋଲି ଆୟୋଜକ ଏବିସି ପକ୍ଷରୁ କୁହାଯାଇଛି। ଟୁର୍ନାମେଣ୍ଟର ଚାମ୍ପିୟନ, ରନର୍ସଅପ୍ ଓ ଅନ୍ୟ କୃତୀ ପ୍ରତିଯୋଗୀଙ୍କୁ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଟୁର୍ନାମେଣ୍ଟର ମୋଟ୍ ପୁରସ୍କାର ରାଶି ବାବଦକୁ ୩ ଲକ୍ଷ ଟଙ୍କା ରଖାଯାଇଛି। ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସ୍ୱୀକୃତିପ୍ରାପ୍ତ ଏହି ଟୁର୍ନାମେଣ୍ଟରେ ସିଙ୍ଗଲ୍ସ ଓ ଡବଲ୍ସ ପାଇଁ ଯଥାକ୍ରମେ ୪୦୦ ଓ ୮୦୦ ଟଙ୍କା ପ୍ରବେଶିକା ଦେୟ ରଖାଯାଇଛି। ଜଣେ ପ୍ରତିଯୋଗୀ ଦୁଇଟିରୁ ଅଧିକ ବିଭାଗରେ ଭାଗ ନେଇପାରିବେ ନାହିଁ। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଖେଳାଳି ନିର୍ଦ୍ଧାରିତ ପ୍ରବେଶିକା ଦେୟ ଡିମାଣ୍ଡ ଡ୍ରାଫ୍ଟ କିମ୍ବା ଏବିସିର ୱେବସାଇଟ୍ (ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଏବିସିବିବିଏସ୍‌ଆର୍ ଡଟ୍ କମ୍)ରେ ଦର୍ଶାଯାଇଥିବା ଆକାଉଣ୍ଟ ନମ୍ବରରେ ଡିପୋଜିଟ୍ କରି ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ ସମୟରେ ଡିମାଣ୍ଡ ଡ୍ରାଫ୍ଟ/ଆକାଉଣ୍ଟ ଡିପୋଜିଟ୍ ସ୍ଲିପ୍‌ର ନମ୍ବର ନିର୍ଦ୍ଧାରିତ ସ୍ଥାନରେ ପୂରଣ କରିବା ସହିତ ଏହାର ଛବି ଅପ୍‌ଲୋଡ୍ କରିପାରିବେ। ନଭେମ୍ବର ୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ କରାଯାଇପାରିବ। ସବିଶେଷ ବିବରଣୀ ପାଇଁ ଆୟୋଜକଙ୍କ ସହିତ ଯୋଗାଯୋଗ କରିବାକୁ କୁହାଯାଇଛି।

# ଗିନିଜ୍ ରେକର୍ଡ ଲକ୍ଷ୍ୟରେ ୧୫ ଓଡ଼ିଆ ସ୍କେଟର

**ଭୁବନେଶ୍ୱର, ୫।୧୧(ସ୍ପୋର୍ଟ୍ସ ବ୍ୟୁରୋ):** କର୍ନାଟକରେ ଆସନ୍ତା ୯ରୁ ୧୩ତାରିଖ ପର୍ଯ୍ୟନ୍ତ ଏକ ୪୮ ଘଣ୍ଟିଆ ନନ୍‌ଷ୍ଟପ୍ ରୋଲର୍ ସ୍କେଟିଂ ଲେସନ ଅନୁଷ୍ଠିତ ହେବ। ଗିନିଜ୍ ବିଶ୍ୱରେକର୍ଡ ଲକ୍ଷ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ମୋଟ୍ ୪୮ ଜଣ ସ୍କେଟର ଅଂଶଗ୍ରହଣ କରିବେ, ଯେଉଁଥିରେ ଓଡ଼ିଶାର ବିଭିନ୍ନ ଜିଲା ଓ ସ୍କୁଲର ୧୫ ଜଣ ସ୍କେଟର ରହିଛନ୍ତି। ବିଶ୍ୱରେକର୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଆ ସ୍କେଟରଙ୍କୁ ସୋମବାର ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସ୍ଥାନୀୟ ବିଡିଏ ବୁଦ୍ଧ ଜୟନ୍ତୀ ପାର୍କଠାରେ ଅନୁଷ୍ଠିତ ହୋଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା, ଆର୍.ଏନ୍. ଦାସ, ମଳୟ ଦାସ, ଦୀନକୃଷ୍ଣ ମିଶ୍ର, ସୌଦାମିନୀ ପାତ୍ର ଓ ଓଡ଼ିଶା ଦଳର ଟ୍ରେନର ସୀମନ୍ତ ଆୱାଧା ପ୍ରମୁଖ ଉପସ୍ଥିତ ଥିଲେ। **ଅଂଶଗ୍ରହଣ କରିବାକୁ ଥିବା ଓଡ଼ିଆ ସ୍କେଟର:** ବୀରେନ ଦାସ, ଆର୍ଯ୍ୟାନ ନାୟକ,କୌସ୍ତୁଭ ପଟ୍ଟନାୟକ, ଆରଭ ପଣ୍ଡା, ଶିବାଦିତ୍ୟ ଦାସ, ସ୍ୱାତିକ ଶ୍ରୀଜିତ୍, ଅର୍ନବ ପଟ୍ଟନାୟକ, ଅସିମ ଅନୁରାଗ, କମଳେଶ ନାୟକ, ଦେବରାଜ ମହାପାତ୍ର, ପ୍ରତୀକ ଅର୍ନବ, ନୈତିକ ଚୌଧୁରୀ, ସ୍ୱୟଂ ସୁଶ୍ରୁତ ଦାସ, ତେଜଦୀପ ଦାସ ଓ ଶୁଭଙ୍କର ଖିଲାର।




ବିଶ୍ୱରେକର୍ଡ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯାଉଥିବା ଓଡ଼ିଆ ସ୍କେଟରଙ୍କୁ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ନଭେମ୍ବର ୬/୨୦୧୮ Sambalpur, Tuesday, November 6/ 2018

## ସଂକ୍ଷେପରେ

### ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନ ଭାଇଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୫।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ତଥା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବେଡାଗାଁ ପଞ୍ଚାୟତ କୁମାରବାରୁ ଗାଁରେ ବଡଭାଇର ଟାଙ୍ଗିଆ ଚୋଟରେ ସାନଭାଇଙ୍କ ମୃତ୍ୟୁ ଘଟିବା ଭଳି ଏକ ଅଭାବନୀୟ ଘଟଣା ଘଟିଛି । ମୃତକ ହେଲେ ନାଥ ମାଝି (୩୦) । ନାଥଙ୍କୁ ତାଙ୍କ ବଡଭାଇ ରିଗେ ମାଝି ଟାଙ୍ଗିଆରେ ଆକ୍ରମଣ କରି ମାରି ଦେଇଥିବା ନେଇ ସୋମବାର ସକାଳେ ନାଥଙ୍କ ସ୍ତ୍ରୀ ଲକ୍ଷ୍ମୀ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରିଛନ୍ତି । ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ବେଳେ ହତ୍ୟାକାରୀଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ପୋଲିସ ସୂତ୍ରରୁ ପ୍ରାପ୍ତ ଖବର ଅନୁଯାୟୀ, କୁମାରବାରୁ ଗାଁର ରିଗେ ଓ ନାଥ ଦୁଇ ଭାଇ । ଗତ ମାସେ ତଳେ ସେମାନଙ୍କ ଭଉଣୀଙ୍କ ବାହାଘର ହୋଇଥିଲା । ତେବେ ବାହାଘର ଭୋଜି ବାକିଥିଲା । ରବିବାର ବନ୍ଧୁବାନ୍ଧବଙ୍କ ମେଳରେ ଭୋଜିଭାତ ହେଇଥିଲା । ଏହା ପରେ ରାତିରେ ବନ୍ଧୁବାନ୍ଧବଙ୍କଠାରୁ ଆସିଥିବା ଟଙ୍କା ପଇସାର ହିସାବକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହେଇ ରିଗେ ନିଜ ଭାଇ ନାଥଙ୍କୁ ପାଖରେ ଥିବା ଏକ ଟାଙ୍ଗିଆରେ ଚୋଟ ମାରିଥିଲେ । ଫଳରେ ଘଟଣାସ୍ଥଳରେ ହିଁ ନାଥଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ଏ ନେଇ ବିଶ୍ୱନାଥପୁର ଥାନାରେ ଏକ ମାମଲା (ନଂ. ୫୨/୨୦୧୮) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ ସୂଚନା ଦେଇଛନ୍ତି ।

# ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଘାଟିତ

ସୋନପୁର,୫।୧୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲାସ୍ତରୀୟ ଯୁବ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସୋନପୁର ଟାଉନ ହଲଠାରେ ଆୟୋଜିତ ଏହି ମହୋତ୍ସବରେ ଜିଲାର ୧୩ରୁ ୩୫ବର୍ଷ ବୟସର ୨୨୫ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ପ୍ରଥମ ଦିବସରେ ଦଳଗତ ଲୋକନୃତ୍ୟ, ନାଟକ ଓ ଲୋକ ସଙ୍ଗୀତ ସକାଶେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜିଲାର ୬ଟି ବ୍ଲକ, ୨ଟି ଏନଏସି ଓ ଗୋଟିଏ ମ୍ୟୁନିସିପାଲିଟିରୁ ପୂର୍ବରୁ ମନୋନୀତ ହୋଇଥିବା ଦଳ ଏଥିରେ ଭାଗ ନେଇ ନିଜର କଳାତ୍ମକ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଦଳଗତ ଲୋକନୃତ୍ୟରେ ବିନିକାର ରୁମ୍‌କୁଝୁମାନା ଅନୁଷ୍ଠାନର କଳାକାର ପ୍ରଥମ ଓ ତରଭା ବ୍ଲକର ରୂପଶ୍ରୀ କଳା ପରିଷଦ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ନାଟକରେ ତରଭା ସିଂହାରୀର ରୂପଶ୍ରୀ କଳା ପରିଷଦର କଳାକାର ପ୍ରଥମ ହୋଇଥିଲେ। କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ନାଟକ ଉଚ୍ଚପ୍ରଶଂସିତ ହୋଇଥିଲା। ଲୋକ ସଙ୍ଗୀତରେ ବିନିକାର ରୁମକୁଝୁମାନା ଅନୁଷ୍ଠାନ ପ୍ରଥମ, ତରଭାର ରୂପଶ୍ରୀ କଳା ପରିଷଦ ଦ୍ୱିତୀୟ ଓ ସୋନପୁର ପର୍ଏଁରୀ ଅନୁଷ୍ଠାନର କଳାକାର ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ମଙ୍ଗଳବାର ବଂଶୀବାଦନ, ମୃଦଙ୍ଗ, ତବଲା, ଗୁଇଟର, ହାରମୋନିଅମ ବାଦନ, କବିତା ଆବୃତ୍ତି ଓ ଓଡିଶୀ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୦ଟି ବିଭାଗରୁ ଚୟନ ହେବାକୁ ଥିବା ଜିଲାର ୬୦ରୁ ଉର୍ଦ୍ଧ ପ୍ରତିଭା ସମ୍ପନ୍ନ ଯୁବତୀ ଯୁବକ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଆସନ୍ତା ୧୫ ରୁ ୧୮ ତାରିଖ ପର୍ଯ୍ୟନ୍ତ ଯାଜପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଯୁବ ଉତ୍ସବ-୨୦୧୮ରେ ଅଂଶଗ୍ରହଣ କରିବେ। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହୋତ୍ସବ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ ତାଙ୍କ ବକ୍ତବ୍ୟରେ ବର୍ତ୍ତମାନର ଯୁବପିଢୀ ନିଜର କଳା, ସଂସ୍କୃତିକୁ ଭଲ ପାଇବା ସହିତ ତାର ପ୍ରସାର ପାଇଁ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଗ୍ରାମାଞ୍ଚଳର ଯୁବ ପ୍ରତିଭାଙ୍କ ଅନ୍ତର୍ନିହିତ ଶକ୍ତିର ବିକାଶ ପାଇଁ ଏହି ମହୋତ୍ସବ ଆୟୋଜନ ହେଉଛି ବୋଲି ଜିଲାପାଳ ମିଶ୍ର କହିଥିଲେ। ଏସ୍‌ପି ଦେବୀପ୍ରସାଦ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୁବର୍ଣ୍ଣପୁର ଜିଲାକୁ ପଶ୍ଚିମ ଓଡିଶାର ଲୋକ କଳା ଓ ଲୋକ ସଂଗୀତର ଏକ୍ତିଶାଳ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋର୍‌କରା ଓ ଜିଲା ସଂସ୍କୃତି ଅଧିକାରୀ ଅଶୋକ କୁମାର ମିଶ୍ର ଯୋଗଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅଭିନେତା ଅବିନାଶ ହୋତା ସଭା ସଂଯୋଜନା କରିଥିଲେ। ସଭା ପରେ ଅଙ୍କିତା ରାୟଗୁରୁ ଓଡିଶୀ ନୃତ୍ୟ ପରିବେଷଣ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଗଣେଷରାମ ମିଶ୍ର, ପୁରୁଷୋତ୍ତମ ମିଶ୍ର, ଚୌଧୁରୀ ବିଭାର, ବିକାଶ ଚନ୍ଦ୍ର ମିଶ୍ର, ଶତ୍ରୁଘ୍ନ ଲୁହା ଓ ଶାଶ୍ୱତ କୁମାର ତ୍ରିପାଠୀ ବିଚାରପତି ଦାୟିତ୍ୱ ନିର୍ବାହ କରିଥିଲେ। ଜିଲା ପ୍ରଶାସନ ଏବଂ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

- ୧୩ ରୁ ୩୫ବର୍ଷ ବୟସର ୨୨୫ ଯୁବତୀ ଯୁବକଙ୍କ ଅଂଶଗ୍ରହଣ
- ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତରେ ରୁମ୍‌କୁଝୁମାନା ପ୍ରଥମ
- ନାଟକରେ ରୂପଶ୍ରୀ କଳା ପରିଷଦ ପ୍ରଥମ



ବିନିକା ରୁମକୁଝୁମାନା ଅନୁଷ୍ଠାନର କଳାକାରମାନେ ସମ୍ବଲପୁରୀ ଚୁଟ୍‌କୁଚୁଟା ଲୋକନୃତ୍ୟ ପରିବେଷଣ କରୁଛନ୍ତି।

# ଧାନ ସଂଗ୍ରହ ଆରମ୍ଭରୁ ଅଚଳାବସ୍ଥା

ବରଗଡ଼ ଅଫିସ୍,୫।୧୧

ବରଗଡ଼ ଜିଲାରେ ସୋମବାରଠାରୁ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ କିଣାବିକାରେ ଅଚଳାବସ୍ଥା ପରିସ୍ଥିତି ସୃଷ୍ଟି ହୋଇଛି। ଜିଲାର ପଦ୍ମପୁର ନିୟନ୍ତ୍ରଣ ବଜାର କମିଟି (ଆରଏମସି)କୁ ଧାନ ଆସିନାହିଁ। ଅନ୍ୟପକ୍ଷେ ଅତାବିରା ଓ ବରଗଡ଼ ଆରଏମସିର ମଣ୍ଡିଗୁଡ଼ିକୁ ସମୁଦାୟ ୨୫ହଜାର ୬୦ବସ୍ତା (ବସ୍ତା ପ୍ରତି ୫୦କିଗ୍ରା) ଧାନ ଆସିଥିଲେ ମଧ୍ୟ ସେଥିରୁ ବସ୍ତାଟିଏ ଧାନ ମଧ୍ୟ ବିକ୍ରି ହୋଇପାରି ନାହିଁ। ଧାନ କିଣାବିକା ପାଇଁ ଏ ପର୍ଯ୍ୟନ୍ତ ଆବଶ୍ୟକ କାଗଜାତ ପହଞ୍ଚି ପାରି ନ ଥିବା ଯୋଗୁ ଧାନ ସଂଗ୍ରହ ଆରମ୍ଭରୁ ଏଭଳି ପରିସ୍ଥିତି ଉପୁଜିଛି। ଫଳରେ ଧାନ ବିକ୍ରିପାଇଁ ମଣ୍ଡିକୁ ଆସିଥିବା ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି।

- ପ୍ରଥମ ଦିବସରେ ବସ୍ତାଏ ଧାନ ବି ଉଠିଲାନ
- ବିକ୍ରି ନହୋଇ ପଡ଼ିଛି ୨୫,୦୬୦ ବସ୍ତା ଧାନ
- ମଣ୍ଡିକୁ ଏଯାଏ ପହଞ୍ଚିନି ଆବଶ୍ୟକ କାଗଜାତ



ବିକ୍ରି ପାଇଁ ଲରମ୍ଭା ମଣ୍ଡିକୁ ଆସିଥିବା ଧାନ ।

ବରଗଡ଼ ଜିଲାରେ ଏଥର ଧାନ କିଣାବିକା ପାଇଁ ସମୁଦାୟ ୧୬୬ଟି ମଣ୍ଡି ଖୋଲିଛି। ସେଥିମଧ୍ୟରୁ ବରଗଡ଼ ଆରଏମସିରେ ୫୭, ଅତାବିରା ୫୦ ଏବଂ ପଦ୍ମପୁର ଆରଏମସିରେ ୫୯ଟି ମଣ୍ଡି ରହିଛି। ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ସୋମବାର ମଣ୍ଡି ଖୋଲିଥିଲା। ଫଳରେ ଚାଷୀମାନେ ମଣ୍ଡିକୁ ଧାନ ଆଣିଥିଲେ। ଏଭଳି ଭାବେ ଅତାବିରା ଆରଏମସିର ବିଭିନ୍ନ ମଣ୍ଡିକୁ ଚାଷୀମାନେ ସମୁଦାୟ ୨୨ହଜାର ୯୩୮ ବସ୍ତା ଧାନ ଆସିଥିଲା। ସେହିପରି ବରଗଡ଼ ଆରଏମସିର କଲାପାଣି, ଅଡ଼ଗାଁ ଏବଂ ଗୁଡ଼େଶିରା ମଣ୍ଡିକୁ ମୋଟ୍ ୨୧୨୨ବସ୍ତା ଧାନ ପହଞ୍ଚିଥିଲା। ହେଲେ ଧାନ ବିକ୍ରି ପାଇଁ ମଣ୍ଡିକୁ ଆବଶ୍ୟକ କାଗଜପତ୍ର ଏଯାଏ ପହଞ୍ଚି ପାରି ନ ଥିବା ଯୋଗୁ ତାହା ବିକ୍ରି ହୋଇପାରି ନ ଥିଲା। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ଅନ୍ୟପକ୍ଷେ ଅତାବିରା ଆରଏମସି ସମ୍ପାଦକ ବିଶ୍ୱଜିତ ବାରିକଙ୍କୁ ପଚାରିବାରୁ ଧାନ କିଣାବିକା ପାଇଁ ଆବଶ୍ୟକ କାଗଜାତ ପହଞ୍ଚି ପାରିନାହିଁ। ଦିନେ ଦୁଇଦିନ ମଧ୍ୟରେ ତାହା ପହଞ୍ଚିଯିବ। କ୍ରୟ ସଂସ୍ଥା ଧାନ କିଣିବା ପରେ ମଣ୍ଡିରୁ ଧାନ ଉଠିବ ବୋଲି ସେ କହିଥିଲେ।

### ତନ୍ତ୍ର ସାଧନା ପାଇଁ ସ୍ତ୍ରୀଙ୍କୁ ବଳି ଘଟଣା

# ମିଳିଲାନି ପାପୁଲି, ଜେଲ ଗଲେ ଅଭିଯୁକ୍ତ

ନାକଟିଦେଉଳ, ୫।୧୧ (ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ହିତସରା ଗ୍ରାମରେ ମାଁ କାଳୀଙ୍କ ସ୍ୱପ୍ନାଦେଶ ପାଇ ସ୍ତ୍ରୀକୁ ବଳି ଦେବା ଘଟଣାରେ ପୋଲିସ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀ ଚଗଲା ସେଠୀଙ୍କୁ ସୋମବାର ରେଢାଖୋଲ କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରେଢାଖୋଲ ଜେଲକୁ ପଠାଇ ଦିଆଯାଇଛି। ହେଲେ ସୋମବାର ମଧ୍ୟ ଜଙ୍ଗଲରେ ପୋଲିସ ମୃତ ସୁଲୋଚନାଙ୍କ କଟା ପାପୁଲି ଖୋଜି ପାଇ ପାରିନି। ଏଣୁ ନିରାଶରେ ଫେରିଛି।

ବଳି ପଡିଥିବା ଚଗଲାଙ୍କ ସ୍ତ୍ରୀ ସୁଲୋଚନାଙ୍କ ଗଳିତ ମୃତଦେହକୁ ଗତ ୩ ତାରିଖ ପୋଲିସ ଜବତ କରିଥିଲା। ସୋମବାର ବୁର୍ଲା ମେଡିକାଲରେ ବ୍ୟବଚ୍ଛେଦ କରାଯାଇଥିଲା। ହେଲେ ମୃତଦେହ ଘରକୁ ନେଇ ସଂସ୍କାର କରିବା ସମ୍ଭବ ନ ଥିବାରୁ ପୋଲିସ ସହାୟତାରେ ସମ୍ବଲପୁର ସମଲେଶ୍ୱରୀ ମନ୍ଦିର ନିକଟସ୍ଥ ସ୍ୱର୍ଗଦ୍ୱାରରେ ସୁଲୋଚନାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଭାଇ ଦେବଗଡ ଜିଲା ରିଆମାଳ ଥାନା ଚୁହିଲାମାଲ ଗ୍ରାମର ପ୍ରଶନ୍ନ ବେହେରା, ପୁଟୁରା ବାଟଗାଁ ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ କ୍ଷୀତିଶ ସେଠୀଙ୍କ ଉପସ୍ଥିତିରେ ଦାହ କରାଯାଇଛି।



ଚଗଲା ସେଠୀ ।

ମୃତ ସୁଲୋଚନା ଏବଂ ହତ୍ୟାକାରୀ ଚଗଲାଙ୍କ ୨ଟି ପୁଅ ଝିଅ ଅଛନ୍ତି । ଝିଅ ସଂଯୁକ୍ତା ସେଠୀ ବଟଗାଁ ହାଇସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ବେଳେ ପୁଅ ବୈକୁଣ୍ଠ ୬ଷ୍ଠ ଶ୍ରେଣୀରେ ପଢୁଛନ୍ତି। ମା' ଚାଲିଯିବା ଓ ବାପା ଜେଲ ଯିବା ପରେ ଏ ଦୁହେଁ ସଂପୂର୍ଣ୍ଣ ଅସହାୟ ହୋଇପଡିଛନ୍ତି । ସୂଚନାଯୋଗ୍ୟ, ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେଲା ଝଗଡା ହୋଇ ଆସୁଥିଲା। ସୁଲୋଚନା ସ୍ୱାମୀଙ୍କ ପରକୀୟା ପ୍ରୀତିକୁ ବିରୋଧ କରି ଆସୁଥିଲା। ଏଥିପାଇଁ ଗ୍ରାମ କମିଟିରେ ବିଭିନ୍ନ ସମୟରେ ସମାଧାନ ଲାଗି ବୈଠକ ମଧ୍ୟ ବସିଛି। ଏଣୁ ବଳି ଦେବା ଘଟଣାକୁ ଚଗଲା ବାରମ୍ବାର ଦୋହରାଉ ଥିଲେ ମଧ୍ୟ ଲୋକେ ଏହାକୁ ସହଜରେ ବିଶ୍ୱାସ କରି ପାରୁନାହାନ୍ତି ।

### ଭାଲୁ ଆକ୍ରମଣରେ ଜଣେ ଗୁରୁତର

ଖଡ଼ିଆଳ,୫।୧୧(ଡି.ଏନ୍.ଏ.): ଭାଲୁ ଆକ୍ରମଣରେ ସୋମବାର ନୂଆପଡ଼ା ଜିଲା ଖଡ଼ିଆଳ ଥାନା ସୁନାରୀସିକୁଆଁ ଗାଁର ସୁବାସ ପଟେଲ (୪୪) ଗୁରୁତର ଆହତ ହୋଇଛନ୍ତି। ସୁବାସ ଭୋର ସମୟରେ ନିଜ ଚାଷଜମିକୁ ଯାଇଥିଲେ। ଏହି ସମୟରେ ଗାଁ ନିକଟ ଜଙ୍ଗଲରୁ ହଠାତ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଖଡ଼ିଆଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ଓପିଟିସିଏଲ୍ ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ଅଭିଯୋଗ

ସମ୍ବଲପୁର,୫।୧୧(ବ୍ୟୁରୋ)

ଓଡ଼ିଶା ପାୱାର ଟ୍ରାନ୍ସମିଶନ କରପୋରେସନ୍ ଲିଃ (ଓପିଟିସିଏଲ) ପକ୍ଷରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପଦବୀ ପାଇଁ ରବିବାର ଅନଲାଇନ ମାଧ୍ୟମରେ ପରୀକ୍ଷା କରାଯାଇଛି। ରାଜ୍ୟ ସାରା ପରୀକ୍ଷା ହୋଇଥିବା ବେଳେ ସମ୍ବଲପୁରରେ ସିଲିକନ ଓ ଆଇଟେକ ଶିକ୍ଷା ଅନୁଷ୍ଠାନରେ ପରୀକ୍ଷା କରାଯାଇଥିଲା। ହେଲେ ପ୍ରଶ୍ନରେ ତ୍ରୁଟି ରହିଥିବା ଭିତ୍ତିରେ କିଛି ପରୀକ୍ଷାର୍ଥୀ ଅଭିଯୋଗ କରିଛନ୍ତି । ସମୁଦାୟ ପ୍ରଶ୍ନର ୮୦ ପ୍ରତିଶତ ଟେକ୍‌ନିକାଲ ଓ ୨୦ ପ୍ରତିଶତ ଅନ୍ୟାନ୍ୟ ପ୍ରଶ୍ନ ରହିବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୨୦୦ ମାର୍କର ପରୀକ୍ଷାରେ ୧୬୦ ଟେକ୍‌ନିକାଲ ଓ ୪୦ ଅନ୍ୟାନ୍ୟ ପ୍ରଶ୍ନ ରହିବା କଥା। ମାତ୍ର ୨୫ରୁ ୩୦ଟି ଟେକ୍‌ନିକାଲ ପ୍ରଶ୍ନ ଆସିଥିଲା । ତେଣୁ ବିଭାଗର ଅବହେଳା ଯୋଗୁ ଉଚିତ ପ୍ରାର୍ଥୀ ଚାକିରି ପାଇବାରୁ ବାଦ୍ ପଡିଛନ୍ତି । ଏହା ନିୟମରୁ ବ୍ୟତିକ୍ରମ ହେଉଛି । ତେଣୁ ଏ ଦିଗରେ ସରକାର ତଦନ୍ତ କରନ୍ତୁ ବୋଲି ପରୀକ୍ଷା ଦେଇଥିବା ଛାତ୍ରମାନେ ଦାବି କରିଛନ୍ତି । ସୂଚନାଯୋଗ୍ୟ ଯେ, ରାଜ୍ୟ ସାରା ପ୍ରାୟ ୧୦ ହଜାର ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସେଥିରୁ ୩୧୪ ଜଣଙ୍କୁ ପରବର୍ତ୍ତୀ ପରୀକ୍ଷା ପାଇଁ ଚୟନ କରାଯାଇଛି। ଏ ନେଇ ଓପିଟିସିଏଲର ଜିଏମ୍ ଗୋପାଳଚନ୍ଦ୍ର ପତି କହିଛନ୍ତି ଯେ, ଏଭଳି ଭୁଲ୍ ହେବା କଥା ନୁହେଁ। ଓପିଟିସିଏଲ ଏହି ଭୁଲ୍ କରିନି। ଓପିଟିସିଏଲ ପକ୍ଷରୁ ପରୀକ୍ଷା ପାଇଁ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଏ। ଏଣୁ ଏହି ଭୁଲ୍ ସମ୍ପୃକ୍ତ ସଂସ୍ଥାର। ଯଦି ତ୍ରୁଟି ସାମ୍ନାକୁ ଆସିଛି ତେବେ ଓପିଟିସିଏଲର ମାନବ ସମ୍ବଳ ବିଭାଗ ଏ ଦିଗରେ ପଦକ୍ଷେପ ନେବ।

### ବାଘ ମୃତ୍ୟୁ ଘଟଣା

# ଏନ୍‌ଟିସିଏ, କ୍ରାଇମବ୍ରାଞ୍ଚର ତଦନ୍ତ ଆରମ୍ଭ

ବରଗଡ଼ ଅଫିସ୍/ଭଟଲି,୫।୧୧

ବରଗଡ଼ ବାଘମୃତ୍ୟୁ ଘଟଣାରେ ଏନଟିସିଏ (ନ୍ୟାଶନାଲ ଟାଇଗର କଞ୍ଜର୍ଭେଶନ ଅଥରିଟି) ଏବଂ କ୍ରାଇମବ୍ରାଞ୍ଚ(ବନ୍ୟପ୍ରାଣୀ) ସୋମବାର ତଦନ୍ତ ଆରମ୍ଭ କରିଛନ୍ତି। ଏନ୍‌ଟିସିଏର ଏଆଇଜି(ନାଗପୁର) ହେମନ୍ତ କାମଡ଼ି, ଜବଲପୁର ଡବ୍ଲ୍ୟୁସିସିବିର ଅଭିଜିତ ରାୟ ଚୌଧୁରୀ ପ୍ରମୁଖ ଘଟଣାର ଅନୁଧ୍ୟାନ ପାଇଁ ଆସିଥିବାବେଳେ କ୍ରାଇମବ୍ରାଞ୍ଚର ଡିଏସ୍‌ପି ବିଳାସିନୀ ନାୟକଙ୍କ ନେତୃତ୍ୱରେ ମଧ୍ୟ ୪ଜଣିଆ ଟିମ୍ ଏଠାକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ପୂର୍ବାହ୍ନ ପ୍ରାୟ ୧୦ଟାରେ ଏନ୍‌ଟିସିଏ ଏବଂ କ୍ରାଇମବ୍ରାଞ୍ଚର ଉପରିସ୍ଥ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ୍ ତାର ବିଛାଯାଇ ବାଘକୁ ଶିକାର କରାଯାଇଥିବା ସ୍ଥାନ ଅର୍ଥାତ୍ ଡେବ୍ରିଗଡ଼ ଅଭୟାରଣ୍ୟର ପାଦଦେଶରେ ଥିବା ଦାମୋଦରପଡ଼ା ଜଙ୍ଗଲକୁ ପ୍ରଥମେ ଏହି ଅଧିକାରୀମାନେ ଯାଇ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଶିକାରୀମାନେ ଯେଉଁଠି ମୃତ ବାଘକୁ ପୋତିଥିଲେ, ସେହି ସ୍ଥାନ ମଧ୍ୟ ଏନଟିସିଏ ଏବଂ କ୍ରାଇମବ୍ରାଞ୍ଚର ଅଧିକାରୀମାନେ ବୁଲି ଦେଖିଥିଲେ। ମୃତ ବାଘ ପୋତା ଯାଇଥିବା ସ୍ଥାନରୁ ପ୍ରାୟ ୬୦୦ ମିଟର ଦୂରରେ ଥିବା ଡେବ୍ରିଗଡ଼ ଅଭୟାରଣ୍ୟ ସେମାନେ ପରିଦର୍ଶନ କରିଥିଲେ। ପରେ ସେମାନେ ନିକଟରେ ଥିବା ଖଜୁରିଆ ଗ୍ରାମକୁ ଯାଇ ବାଘ ଶିକାର ବିଷୟରେ ଲୋକଙ୍କୁ ପଚାରି ବୁଝିଥିଲେ। ଡିଏସପି ନାୟକ କହିଛନ୍ତି ତଦନ୍ତ ଜାରି ରହିଛି। ଏହି ଘଟଣାରେ ଆହୁରି କେତେକ ସମ୍ପୃକ୍ତ ଥାଇପାରନ୍ତି। ଏଥିପାଇଁ ଅନୁସନ୍ଧାନ ଚାଲିଛି ଏବଂ ପରେ ଠିକ୍ ତଥ୍ୟ ଜଣାପଡ଼ିବ। ତଦନ୍ତ ବେଳେ ଏନ୍‌ଟିସିଏ ଏବଂ କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ବ୍ୟତୀତ ବରଗଡ଼ ଡିଏଫଓ ଅଭୟ କୁମାର ଦଳେଇ, ଏସିଏଫ ମଦନଲାଲ ଶର୍ମା, ଭଟଲି ରେଞ୍ଜର ରାଜେନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଦାମୋଦରପଡା ଜଙ୍ଗଲରୁ ଗତ ୨୮ତାରିଖରେ ଗୋଟିଏ ବାଘର ମୃତଦେହ ଉଦ୍ଧାର କରାଯାଇଥିଲା। ପ୍ରଥମେ ଏହାକୁ ବନ ବିଭାଗ କଲରାପତରିଆ ପ୍ରଜାତିର ବୋଲି କହୁଥିଲେ ମଧ୍ୟ ଶିକାରୀମାନେ ଧରାପଡ଼ିବା ପରେ ତାହା ମହାବଳ ବାଘ ଥିଲା ବୋଲି ମାନିଥିଲା।



ଘଟଣାସ୍ଥଳରେ କ୍ରାଇମବ୍ରାଞ୍ଚ, ଏନଟିସିଏ ଅଧିକାରୀଙ୍କ ତଦନ୍ତ ଚାଲିଛି ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ପରିଦର୍ଶକ ସଂଘ ବୈଠକ

**ପାଇକମାଳ, ୫।୧୧(ଡି.ଏନ.ଏ):** ବରଗଡ ଜିଲା ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସଂଘର ବାର୍ଷିକ ଉତ୍ସବ ପାଇକମାଳର ନୃସିଂହନାଥ ପରିସରରେ ସଭାପତି ସୁଦାମ ମିର୍ଦ୍ଧାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ନୂଆପଡା ଜିଲା ସଭାପତି ଅକ୍ଷୟ କୁମାର ମହାପାତ୍ର ମୁଖ୍ୟଅତିଥି, ମଧୁସୂଦନ ହୋତା, ଟଙ୍କଧର ମହାନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧକ୍ଷ କୁଞ୍ଜବିହାରୀ ବାର୍ଷିକ ଆୟବ୍ୟୟ ପଠନ କରିଥିଲେ । ରବିନ୍ଦ୍ର ମୋହନ ଦାସ ସହଯୋଗ ଏବଂ ତେଜଭାନୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ପଦ୍ମପୁର, ୫।୧୧ (ଡି.ଏନ.ଏ):** ରାଜବୋଡାସମ୍ବର ବ୍ଲକ ଭେଡଁରିଆ ପଞ୍ଚାୟତ ବୁଧାପାଲି ୟୁଜିଏମଇର ସ୍କୁଲର ପ୍ରଧାନଶିକ୍ଷକ ସବିତା ସାହୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଶିକ୍ଷକ ଦେବାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟକାଳୀନ ସଭାରେ ବରିଷ୍ଠ ଶିକ୍ଷକ ବୀରେନ୍ଦ୍ର ପ୍ରଧାନ, ଶିକ୍ଷକ ରମେଶ କୁମାର ପ୍ରମୁଖ ତାଙ୍କ କର୍ମମୟ ଜୀବନ ତଥା ଗୁଣାବଳୀ ବର୍ଣ୍ଣନା କରିଥିଲେ । ଶେଷରେ ତାଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖେଳ ଶିକ୍ଷକ ପଲସ୍ତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଧନତେରାସରେ ସୁନା ଦୋକାନରେ ଭିଡ଼

**ଜାମଟିକ୍ରା, ୫।୧୧ (ଡି.ଏନ.ଏ):** ସୋମବାର ଥିଲା ଧନତେରାସ ଦିବସ। ଏହି ଦିନ ସୁନା କିଣିଲେ ପରିବାରରେ ଶାନ୍ତି ଆସେ ଓ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ଲୋକଙ୍କ ବିଶ୍ୱାସ ରହିଛି । ତେଣୁ ଆଜି ଅତାବିରାର ବିଭିନ୍ନ ସୁନା ଦୋକାନ ମାନଙ୍କରେ ଗ୍ରାହକଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି । ଦୋକାନୀ ଗ୍ରାହକଙ୍କ ମନ ଜିଣିବା ପାଇଁ ବିଭିନ୍ନ ଡିଜାଇନ୍‌ର ସୁନା ଅଳଙ୍କାର ରଖିବା ସହ ଗ୍ରାହକଙ୍କୁ ଆକର୍ଷିତ କରିବା ପାଇଁ ଅଫର ରଖିଛନ୍ତି। ଏ ସମ୍ପର୍କରେ ଜଣେ ସୁନା ଦୋକାନୀ କୁହନ୍ତି, ଆଜି ଧନତେରାସ ହୋଇଥିବାରୁ ସୁନା ବିକି ଦି ପଇସା ଲାଭ କରିଥାଉ । ଧନତେରାସରେ ସୁନା କିଣିଲେ ଶୁଭ । ତେଣୁ ମୁଁ ଆଜି କିଛି ସୁନା କିଣୁଛି ମାମିନୀ ମିଶ୍ର ନାମକ ଜଣେ ଗ୍ରାହକ କୁହନ୍ତି ।

### ମହୁଲପାଲିରେ ମୁଁ ହିରୋ କାର୍ଯ୍ୟକ୍ରମ

**ଗଣ୍ଡତୁରୁମ, ୫।୧୧ (ଡି.ଏନ.ଏ):** ଭେଡେନ ବ୍ଲକ ଅଧୀନ ମହୁଲପାଲି ପଞ୍ଚାୟତ ପରିସରରେ ବିଜୁ ଯୁବ ବାହିନୀ ପକ୍ଷରୁ ରବିବାର ମୁଁ ହିରୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭାମାନଙ୍କ ଅନ୍ୱେଷଣ କରାଯାଇଥିଲା । ସେମାନଙ୍କ ଦ୍ୱାରା କବିତା, ନୃତ୍ୟ, ଗୀତ, ବାଦ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ଦୁର୍ଗା ପ୍ରସାଦ ଛୁରିଆ, ବ୍ଲକ ଅଧକ୍ଷ ତୋଲାମଣି କ୍ଷେତି, ଉପାଧକ୍ଷା ସୁପ୍ରଭା ପଧାନ, ବିଜେଡି ବ୍ଲକ ସଭାପତି ହରିଶଙ୍କର ବେହେରା, ନିରଞ୍ଜନ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନୀତ କରିଥିଲେ। ସୁଦନ ମହାକୁର ସଭା ପରିଚାଳନା କରିଥିବା ବେଳେ ରୂପେଶ ପେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

■ ବରଗଡ଼ ନୂତନ ଘରୋଇ ବସ୍‌ଷ୍ଟାଣ୍ଡ ବିବାଦ

# ୨୪ ଘଣ୍ଟା ଗଡ଼ିଲାନି ବସ୍

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ରେ ନିର୍ମିତ ହୋଇଥିବା ନୂତନ ଘରୋଇ ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ହୋଇ ନାହିଁ । ମାତ୍ର ଏହାକୁ ନେଇ ବିବାଦ ତେଜିବାରେ ଲାଗିଛି । ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରକୁ ବିରୋଧ କରି ବରଗଡ଼ ଘରୋଇ ବସ୍ ମାଲିକ ସଂଘ ଆନ୍ଦୋଳନକୁ ଓହ୍ଲାଇଛି । ଏହି କ୍ରମରେ ସୋମବାର ସକାଳୁ ଜିଲାରେ ୨୪ଘଣ୍ଟିଆ ଘରୋଇ ବସ୍ ଚଳାଚଳ ବନ୍ଦ ରଖାଯାଇଛି । ସେହିପରି ଘରୋଇ ବସ୍ ଗୁଡ଼ିକର ମାଲିକମାନେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଛନ୍ତି । ବସ ଚଳାଚଳ ବନ୍ଦ ଥିବାରୁ ଜିଲାରେ ଯାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏପରିକି ଦୂର ଦୂରାନ୍ତକୁ ଯାତ୍ରା କରିବା ଉଦ୍ଦେଶ୍ୟରେ ଆସିଥିବା ଅନେକ ଯାତ୍ରୀଙ୍କୁ ଶେଷରେ ନିରାଶରେ ଘରକୁ ଫେରିବାକୁ ପଡ଼ିଛି । ସେହିପରି ବସ୍ ମାଲିକ ସଂଘମାନେ ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିବା ବେଳେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ସେଠାରେ ପୋଲିସ ମୁତୟନ ଅଛନ୍ତି ।

ସୂଚନାଯୋଗ୍ୟ, ପୁରୁଣା ଘରୋଇ ବସ୍‌ଷ୍ଟାଣ୍ଡ ପାଖରେ ଅନ୍ୟ ଏକ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇଛି । ନିର୍ମାଣ କାର୍ଯ୍ୟ ସରିଯାଇ ଥିବାବେଳେ କେବଳ ଉଦ୍‌ଘାଟନ ବାକି ରହିଛି । ତେବେ ନୂତନ ଘରୋଇ ବସଷ୍ଟାଣ୍ଡରେ ପୁରୁଣା ବସଷ୍ଟାଣ୍ଡ ଅପେକ୍ଷା ଅଧିକ ଟ୍ରାଫିକ ସମସ୍ୟା ଉପୁଜିବା ଆଶଙ୍କା ନେଇ ସେଠାକୁ ସ୍ଥାନାନ୍ତରକୁ ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଛି । ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଗତ ଅକ୍ଟୋବର ୧ତାରିଖ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ମାତ୍ର ସେହି ସେହି ବିବାଦର ନିର୍ଯ୍ୟାସ ବାହାରି ପାରି ନ ଥିବାବେଳେ ଘରୋଇ ବସଷ୍ଟାଣ୍ଡର କାର୍ଯ୍ୟାଳୟ ଏବଂ ୪ରୁ ଅଧିକ ବସ୍‌ର ମାଲିକାନା ରହିଥିବା ବସ୍ ମାଲିକଙ୍କୁ ସେମାନଙ୍କ ଅଫିସ ପାଇଁ ପୌର ପରିଷଦ ଆବଶ୍ୟକ ଅଫିସ ଗୃହ ଯୋଗାଇ ଦେବ ବୋଲି ନୋଟିସ ଦେଇଥିଲା । ମାତ୍ର ଏଥିପାଇଁ କିଛି ସର୍ତ୍ତ ମଧ୍ୟ ରଖାଯାଇଥିଲା । ଏହି ନୋଟିସ ପାଇବା ପରେ ଗତ ୧ତାରିଖରେ ଘରୋଇ ବସ ମାଲିକ ସଂଘ ପୁଣି ଜିଲାପାଳଙ୍କୁ ଫେରାଦ ହୋଇ ଆଉ ଏକ ସ୍ମାରକପତ୍ର ଦେବା ସହିତ ବସ ଚଳାଚଳ ବନ୍ଦ ଏବଂ ଧାରଣା ଉପରେ ସୂଚୀତ କରିଥିଲେ । ସଂଘ ସଭାପତି ଭୀଷ୍ମଦେବ ଦୋରା, ସାଧାରଣ ସମ୍ପାଦକ ଏସ. କେ ନିଜାମୁଦ୍ଦିନ, ଉପଦେଷ୍ଟା କମିଟିର ଇଂ ଦେବବ୍ରତ ମିଶ୍ର ପ୍ରମୁଖ ଏହାର ନେତୃତ୍ୱ ନେଉଛନ୍ତି ।




ଘରୋଇ ବସ୍ ମାଲିକମାନେ ରାଲିରେ ଜିଲାପାଳ ଅଫିସକୁ ଆସୁଛନ୍ତି ।

# ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ପ୍ରସ୍ତୁତି

**ପଦ୍ମପୁର, ୫।୧୧ (ଡି.ଏନ.ଏ)**

ପଦ୍ମପୁର ବୋରାସମ୍ବର ସ୍ପୋର୍ଟିଂ ଦ୍ୱାରା ୨୫ତମ ସିଲଭର ଜୁବିଲି ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟ ପାଇଁ କର୍ମକର୍ତ୍ତା ମନୋନୟନ ଏବଂ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଛି । ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କ୍ରିକେଟ ଟୁର୍ନାମେଣ୍ଟର ରୂପରେଖ ଉପରେ କର୍ମକର୍ତ୍ତାମାନେ ଆଲୋକପାତ କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟ ତଥା ରାଜ୍ୟ ବାହାରୁ ୨୦ଟି ଦଳ ଅଂଶ ଗ୍ରହଣ କରିବେ। ଲିଗ୍ ମ୍ୟାଚ୍‌ଗୁଡିକ (ଟି-୨୦) ଫରମାଟରେ ଖେଳାଯିବ । ସେମିଫାଇନାଲ ଓ ଫାଇନାଲ ୪୦ ଓଭର ବିଶିଷ୍ଟ ହେବ। ଏହି ଟୁର୍ନାମେଣ୍ଟର ବିଜେତା ଦଳକୁ ଏକ ଲକ୍ଷ ଓ ଉପବିଜେତା ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ । ସେହିପରି ମ୍ୟାନ ଅଫ୍ ଦି ମ୍ୟାଚ ପାଇଁ ଦୁଇ ହଜାର ଓ ମ୍ୟାନ ଅଫ ଦି ସିରିଜ ପାଇଁ ୫ ହଜାର ନଗଦ ରାଶି ପ୍ରଦାନ କରାଯିବ । ଚଳିତବର୍ଷ ସିଲଭର ଜୁବିଲି ମ୍ୟାଚ୍ ହେଉଥିବାରୁ ଏହାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ସହ ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବାକୁ ପ୍ରସ୍ତାବ ହୋଇଛି। ଆଗାମୀ ବର୍ଷ ପାଇଁ ସ୍ପୋର୍ଟିଂର କର୍ମକର୍ତ୍ତା ମନୋନୀତ ହୋଇଛନ୍ତି । ସଭାପତି ସୁନୀଲ କୁମାର ସାହୁ, ଉପସଭାପତି ଦୀପକ ଜୟପୁରିୟା, ସମ୍ପାଦକ ଭରତ ପଣ୍ଡା, ସହ ସମ୍ପାଦକ ସନି ସାଗର, କୋଷାଧକ୍ଷ ସୁନୀଲ ଦାଶ, ସହ କୋଷାଧକ୍ଷ ସୁଶୋଭନ ପାଣିଗ୍ରାହୀ ମନୋନିତ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ୧୧ଜଣ ରହିଛନ୍ତି ।

■ ଯୁଧିଷ୍ଠିରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

# ଜିଲାପାଳଙ୍କୁ ଦେଲେ ଦାବିପତ୍ର



ଯୁଧିଷ୍ଠିର ମହାରାଜଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ଧନୁଯାତ୍ରାର ପୂର୍ବତନ କଂସ ମହାରାଜ ଯୁଧିଷ୍ଠିର ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ହୋଇଛି । ଏହି ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ମୁକ୍ତେଶ୍ୱର ମାନବ ସେବା ସମିତି ପକ୍ଷରୁ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଧନୁଯାତ୍ରା ବୋଇଲେ ବରଗଡ଼ ଏବଂ ବରଗଡ଼ ବୋଇଲେ ଧନୁଯାତ୍ରା କଥା ଯେଭଳି ଭାସିଉଠେ । ଠିକ୍ ସେହିପରି ଧନୁଯାତ୍ରାର କଂସ କହିଲେ ଯୁଧିଷ୍ଠିର ମହାରାଜ ଭାବେ ପରିଚିତ ପୂର୍ବତନ କଂସ ଅଭିନେତା ସ୍ୱର୍ଗତ ଯୁଧିଷ୍ଠିର ଶତପଥୀଙ୍କୁ ବୁଝାଯାଏ । ସେ ଧନୁଯାତ୍ରାର ଗର୍ବ, ଗୌରବ ଏବଂ ତାଙ୍କ ଅଭିନୟ ଏବେ ମଧ୍ୟ ସେତେବେଳର ଦର୍ଶକ ମହଲରେ ଅପାସୋରା ହୋଇ ରହିଛି । ଫଳରେ ବରଗଡ଼ ଧନୁଯାତ୍ରାର କଂସ ଅଭିନେତା ଯୁଧିଷ୍ଠିର ମହାରାଜଙ୍କ ସ୍ମୃତି ରକ୍ଷା ପାଇଁ ବରଗଡ଼ ହାଟପଦା କିମ୍ବା ଲୋକମଣ୍ଡପରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ, ତାହା ତାଙ୍କ ପ୍ରତି ଧନୁଯାତ୍ରା କମିଟିର ଶ୍ରଦ୍ଧାଞ୍ଜଳି ହେବ । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମୁକ୍ତେଶ୍ୱର ସେବା ସମିତି ପକ୍ଷରୁ ଜିଲାପାଳଙ୍କୁ ନିବେଦନ କରାଯାଇଛି। ସମିତି ସଭାପତି ନେପାଳେଶ୍ୱର ନନ୍ଦଙ୍କ ନେତୃତ୍ୱରେ ଅନ୍ୟ ସଭ୍ୟମାନେ ଜିଲାପାଳ ଅଫିସ୍‌କୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଆୟୁର୍ବେଦ କଲେଜର ବାର୍ଷିକ ଉତ୍ସବ

**ପାଇକମାଳ, ୫।୧୧(ଡି.ଏନ.ଏ)**

ପାଇକମାଳର ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଗବେଷଣା ପ୍ରତିଷ୍ଠାନର ୩୮ତମ ବାର୍ଷିକ ଉତ୍ସବ ସୋମବାର ମହାସମାରୋହରେ ପାଳିତ ହୋଇଛି। ପୂର୍ବାହ୍ନରେ ମହାବିଦ୍ୟାଳୟରେ ଧନ୍ୱନ୍ତରୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପଣ୍ଡିତ ରଙ୍କମଣି ଦେବତା ପୂଜାକାର୍ଯ୍ୟ ତୁଲାଇଥିବା ବେଳେ ଡାକ୍ତର ସଞ୍ଜୀବ ଦାସ ଓ ତାଙ୍କ ସ୍ତ୍ରୀ ଅନୁରାଧା ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଅପରାହ୍ନରେ ପରିଚାଳନା କମିଟି ସଭାପତି ସତ୍ୟଭୂଷଣ ସାହୁଙ୍କ ଅଧକ୍ଷତାରେ ଉତ୍କଳ ପ୍ରାନ୍ତୀୟ ଆର୍ଯ୍ୟ ପ୍ରତିନିଧି ସମ୍ପାଦକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ରାଜବୈଦ୍ୟ ପ୍ରଫେସର ଗୋପାଳ ଚନ୍ଦ୍ର ନନ୍ଦ ମୁଖ୍ୟବକ୍ତା, ହରି ଭାଇ ଆର୍ଯ୍ୟନ, ଡାକ୍ତର ବିନୋଦିନୀ ତ୍ରିପାଠୀ, ପ୍ରଶାସକ ମନୋଜ ତ୍ରିବେଦୀ, ବିନୋଦ କାଳିଆ, ସତ୍ୟନାରାୟଣ ତ୍ରିପାଠୀ, ଅଧକ୍ଷ କାମିନୀ କର, ଡାକ୍ତର ସୁଶୀଲ ମହାପାତ୍ର, ଡାକ୍ତର ପୂର୍ଣ୍ଣାନନ୍ଦ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ସ୍ମରଣିକା ଅମୃତା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ସମ୍ପାଦକ ମନୋଜ ତ୍ରିବେଦୀ ବାର୍ଷିକ ବିବରଣୀ ପାଠ ଓ ଡାକ୍ତର କ୍ଷୀରାବ୍ଧି ତନୟା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ । ରାତିରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା 'କିଏ ହିରା କିଏ ମୋତି ମାଣିକ' ନାଟକ ସହ ସଙ୍ଗିତ ସନ୍ଧ୍ୟା ଆୟୁର୍ଫେଷ୍ଟ ଅନୁଷ୍ଠିତ ହୋଇଥିଲା । ଡାକ୍ତର କାମିନୀ କର ଧନ୍ୟବାଦ ଅର୍ପଣ କରିଥିଲେ ।




ନୃସିଂହନାଥ ଆୟୁର୍ବେଦ କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

### ୧୫୪୨ଜଣଙ୍କୁ ମିଳିଲା ମଧୁବାବୁ ଭତ୍ତା

**ଭଟଲି, ୫।୧୧(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ ଅଫିସ ପରିସରରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡିଓ ଧୀରେନ୍ଦ୍ର କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶକ୍ତି ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୧୫୪୨ ଜଣ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ । ବରଗଡ ଏମ୍‌ପି ଡ. ପ୍ରଭାସ ସିଂ, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପଧାନ, ବ୍ଲକ ଅଧ୍ୟକ୍ଷା ପ୍ରେମାବତୀ ସା, ଉପାଧ୍ୟକ୍ଷ ମଦନ ସାହୁ, ବରଗଡ ଆରସିଏମଏସ ସଭାପତି ହେମନ୍ତ ପଣ୍ଡା, ସରପଞ୍ଚ ନୀଳେନ୍ଦ୍ରୀ ପଧାନ, ସମିତି ସଭ୍ୟା କମଳିନୀ ସେଠ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

# ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଫେରାଦ ହେଲେ ମହିଳା

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ଗଞ୍ଜିଆଟିକ୍ରାର ଜଣେ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ ସୋମବାର ଗ୍ରାମର ମହିଳାମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ । ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଶିଶୁଙ୍କ ପାଇଁ ଆସୁଥିବା ଖାଦ୍ୟ ଯୋଗାଣରେ ଅନିୟମିତତା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରି ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପୂର୍ବରୁ ମଧ୍ୟ ଏଭଳି ଅଭିଯୋଗ ନେଇ ସେମାନେ ଜିଲାପାଳଙ୍କୁ ଫେରାଦ ହେବା ସହିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେତେବେଳେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସିଡ଼ିପିଓ ତଦନ୍ତ ପାଇଁ ଯାଇଥିଲେ। ତଦନ୍ତରେ ସତ୍ୟାସତ୍ୟ ପଦାକୁ ଆସିଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆଗକୁ ବ୍ୟାପକ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।



ପିଲାଛୁଆ ଧରି ଜିଲାପାଳଙ୍କୁ ଫେରାଦ ହୋଇଥିବା ମହିଳାମାନେ ।

### କୁଳିତା ସମାଜର ବୈଠକ

**ଭେଡ଼େନ,୫।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ତାଳମେଣ୍ଡା ସ୍ଥିତ ରାମଚଣ୍ଡୀ ଦେବୀ ପୀଠରେ ରବିବାର ଜିଲା କୁଳିତା ସମାଜର ଏକ ବୈଠକ ବିଜେପୁର ଜମିଦାର ସନତ କୁମାର ଗଡ଼ତିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ସୁଧୀର କୁମାର ସାହୁଙ୍କ ସଂଯୋଜନାରେ ଉକ୍ତ ସଭାରେ ଜିଲା କୁଳିତା ସମାଜ ସଭାପତି ଅଗ୍ନି କୁମାର ପ୍ରଧାନ ମୁଖ୍ୟଅତିଥି, ବରିଷ୍ଠ ନାଗରିକ ଟିକାୟତ ଲାଲ ଭୋଇ, ରାଜେନ୍ଦ୍ର ପ୍ରଧାନ ଏବଂ କୃଷ୍ଣଚନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ରାମଚଣ୍ଡୀ ପୀଠର ଉନ୍ନତିକରଣ, ଜାତିର ବିଭିନ୍ନ ସାମାଜିକ ସଂସ୍କାର ମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା । ମାମରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୫୦ଖଣ୍ଡ ଗ୍ରାମର କୁଳିତା ଜାତି ସଦସ୍ୟ ଯୋଗ ଦେଇଥିଲେ।

# କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଭେଟିଲେ

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ବରମକେଲା ପଞ୍ଚାୟତରେ ବାରମ୍ବାର ଫସଲକ୍ଷତି ହେଉଥିବା ସତ୍ତ୍ୱେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନରୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ଚାଷୀମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇ କ୍ଷତିପୂରଣ ପ୍ରଦାନ ଦିଗରେ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି । ଏହି କ୍ରମରେ ଚାଷୀମାନେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଗତ ୨୦୧୭ ଖରିଫ ପରେ ରବି ଫସଲରେ ମଧ୍ୟ ଉକ୍ତ ପଞ୍ଚାୟତର ଚାଷୀଙ୍କ ଫସଲ ଉଜୁଡ଼ି ଯାଇଥିଲା । ସେହିପରି ଚଳିତ ଖରିଫରେ ମଧ୍ୟ ଫସଲକ୍ଷତି ହୋଇଛି । ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଉ ନ ଥିବାରୁ ସେମାନେ ବୀମା କ୍ଷତିପୂରଣ ପାଇ ପାରୁ ନାହାନ୍ତି ବୋଲି ଗ୍ରାମର ସଦାନନ୍ଦ ପ୍ରଧାନ, ଧର୍ମରାଜ ପ୍ରଧାନ, ପରମାନନ୍ଦ ଭୋଇ, ସଂସାର ପ୍ରଧାନଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି ।



କ୍ଷତିପୂରଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

■ ଖରିଫ ଧାନ ବିକ୍ରି ପାଇଁ ଖୋଲିଲା ମଣ୍ଡି

# ଆସିଲାନି ବସ୍ତାଏ ଧାନ

**ବିଜେପୁର, ୫।୧୧ (ଡି.ଏନ.ଏ)**

ଚଳିତ ବର୍ଷ ଖରିଫ ଧାନ ଫସଲ ବିକ୍ରୟ ପାଇଁ ବରଗଡ ଜିଲା ବିଜେପୁର ବ୍ଲକର ବିଭିନ୍ନ ସ୍ଥାନରେ ଧାନମଣ୍ଡି ସୋମବାର ଖୋଲିଛି । କୌଣସି ଧାନକ୍ରୟ କେନ୍ଦ୍ରକୁ ଚାଷୀ ବସ୍ତାଏ ମଧ ଧାନ ବିକ୍ରି ପାଇଁ ଆଣି ନ ଥିବା ଜଣାପଡ଼ିଛି । ଅର୍ଡା ମାର୍କେଟ ୟାର୍ଡରେ ବଡବାଉଁଶେନ ସମବାୟ ସମିତି ସମ୍ପାଦକ କୃପାସିନ୍ଧୁ ସାହୁ ନଡିଆ ଭାଙ୍ଗି ମଣ୍ଡିର ଶୁଭାରମ୍ଭ କରିଥିଲେ । ସନ୍ଧ୍ୟା ସୁଦ୍ଧା କୌଣସି ଜଣେ ମଧ ଚାଷୀ ଧାନ ବିକ୍ରୟ ପାଇଁ ଆସି ନ ଥିବାରୁ ଆରଏମସି କର୍ମଚାରୀ ନିରାଶ ହୋଇ ଫେରିଥିଲେ। ଅପରପକ୍ଷେ ଚଳିତ ବର୍ଷ ଗୋଟିଏ ବର୍ଷା ଅଭାବରୁ କିଛି ମାଳ, ବେର୍ଣ୍ଣା ଜମିର ଚାଷ ଉଜୁଡି ଯାଇଛି। ରାଜ୍ୟ ସରକାର ମଧ ଏଠାରେ ୩୩ ପ୍ରତିଶତ ମରୁଡି ଘୋଷଣା କରିଛନ୍ତି । ତେଣୁ ଜାଗିଂ ଅଞ୍ଚଳର ଚାଷୀମାନେ ମରୁଡିର ସମ୍ମୁଖୀନ ହୋଇଥିବାରୁ ତାଙ୍କ ଗ୍ରାମରେ ଖୋଲା ଯାଇଥିବା ଧାନ ବିକ୍ରୟ କେନ୍ଦ୍ର ବନ୍ଦ କରିବାକୁ ବିଜେପୁର ସୋସାଇଟି ନିକଟରେ ଦାବି କରିଥିବା ଜଣାପଡିଛି ।

**ବିଜେପୁର ବ୍ଲକ**



ଧାନ ବିକ୍ରି ପାଇଁ ଆସି ନ ଥିବାରୁ କେଉଁଟିପାଲି ମଣ୍ଡି ଫାଙ୍କା ପଡିଛି ।



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ଆୟୁର୍ବେଦ ଦିବସ ଅବସରରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ପାଇକମାଳ, ୫।୧୧(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଳ ବ୍ଲକ ଭୁବନେଶ୍ୱରପୁର ଆୟୁର୍ବେଦ ଚିକିତ୍ସାଳୟରେ ୩ୟ ବିଶ୍ୱ ଆୟୁର୍ବେଦ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରକୁ ଉପ ଅଧୀକ୍ଷକ ଡାକ୍ତର ପ୍ରଫୁଲ୍ଲ କୁମାର ବାରିକ ଉଦ୍‌ଘାଟନ କରିଥିଲେ । ଡାକ୍ତର ରାଜୀବ ଲୋଚନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଛେଟଗାଁ ସମିତି ସଭ୍ୟ ଘନଶ୍ୟାମ ଭୋଇ ମୁଖ୍ୟଅତିଥି, ଡାକ୍ତର ପ୍ରଦୀପ କୁମାର ସାହୁ, ପ୍ରଦୀପ ଦୋରା, ତୋଲାମଣି ପୁରୋହିତ, ମନୋରଞ୍ଜନ ଦେବତା, ଯୋଗେନ୍ଦ୍ର ପଧାନ, ହର୍ଷ ପାଣିଗ୍ରାହୀ, ମାନଭଞ୍ଜନ ପଣ୍ଡା, ଜୟଶ୍ରୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଆୟୁର୍ବେଦ ଚିକିତ୍ସା ଦ୍ୱାରା ସମସ୍ତ ପ୍ରକାର ରୋଗ ନିରାକରଣ ହୋଇପାରୁଛି । ଜନସାଧାରଣ ଏହାର ସୁଯୋଗ ନେବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଶିବିରରେ ୪୧୪ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ବିତରଣ କରାଯାଇଥିଲା। ପ୍ରଫୁଲ୍ଲ ଦାସ, ମାତୃ ପ୍ରସାଦ ରଥ, ପରାସର ପାଣିଗ୍ରାହୀ, ଦୁର୍ଯ୍ୟୋଧନ ସେଠ, ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଡାକ୍ତର ମାନଭଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଠାରେ ଧନ୍ୱନ୍ତରୀ ପୂଜା କରାଯାଇଥିଲା ।

# ଡିସେମ୍ବର ୧୭ରେ କୋସଲ ମହାବନ୍ଦ

**ବରଗଡ଼ ଅଫିସ୍,୫।୧୧**

ସ୍ୱତନ୍ତ୍ର କୋସଲ ପ୍ରଦେଶ ଦାବିରେ କୋସଲ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ଡିସେମ୍ବର ୧୭ତାରିଖରେ କୋସଲ ମହାବନ୍ଦ ଡାକରା ଦିଆଯାଇଛି । ଏହି ଦିନ ସମସ୍ତ କୋସଲାଞ୍ଚଳରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ । ବରଗଡ଼ ପୁରୋହିତ ଭବନରେ ସୋମବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କୋସଲ ରାଜ୍ୟ ସମନ୍ୱୟ ସମିତିର କେନ୍ଦ୍ରୀୟ ସଂଯୋଜକ ପ୍ରମୋଦ ମିଶ୍ର ଏହି ସୂଚନା ଦେଇଛନ୍ତି ।

ମିଶ୍ର ସୂଚନା ଦେଇ ଆହୁରି କହିଥିଲେ, ଗତ ୨୦୧୩ ମସିହାରୁ ସମଗ୍ର କୋସଲାଞ୍ଚଳରେ ଏହି ମହାବନ୍ଦ ପାଳିତ ହୋଇଆସୁଛି । ପ୍ରତିବର୍ଷ ଅଗଷ୍ଟ ୨୬ରେ ଏହା ହୋଇ ଆସୁଥିଲା । ତେବେ ୨୦୧୭ ଅଗଷ୍ଟ ୨୬ତାରିଖ ନୂଆଖାଇ ଏବଂ ୨୦୧୮ ଅଗଷ୍ଟ ୨୬ ତାରିଖ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପଡ଼ିବାରୁ ସେତେବେଳେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା । ତେବେ କ୍ରମଗତ ଭାବେ ୨୦୧୩ରୁ ୨୦୧୬ ପର୍ଯ୍ୟନ୍ତ ଏହି ମହାବନ୍ଦ ଆନ୍ଦୋଳନ ଚାଲି ଆସିବା ଏବଂ ଆନ୍ଦୋଳନକୁ ଅଭୂତପୂର୍ବ ସମର୍ଥନ ମିଳିବା ପରେ ଆନ୍ଦୋଳନକୁ ବିଭାଜିତ କରିବା ଉଦ୍ୟମ ହୋଇଥିଲା । ମାତ୍ର ଆନ୍ଦୋଳନରେ ତାହାର କିଛି ଫରକ୍ ପକାଇ ପାରି ନ ଥିଲା ।



ଖବରଦାତା ସମ୍ମିଳନୀରେ କୋସଲ ରାଜ୍ୟ ସମନ୍ୱୟ ସମିତିର କର୍ମକର୍ତ୍ତାମାନେ ।

କୋସଲ ପ୍ରଦେଶକୁ ନେଇ ହିଁ କୋସଲ ରାଜ୍ୟ ସମନ୍ୱୟ ସମିତି ଲଢ଼େଇ କରୁଛି। ଭାଷା ସମ୍ପର୍କିତ ଯାହା ବି ରହିଛି, ତାକୁ ଏ ଅଞ୍ଚଳର ଭାଷାବିତ୍, ବୁଦ୍ଧିଜୀବୀମାନେ ସମାଧାନ କରିବା କଥା । ତାହା ନ କରି କୋସଲ ଆନ୍ଦୋଳନକୁ ବିରୋଧ କରିବା କୋସଲାଞ୍ଚଳର ଭାବାବେଗରେ ଆଞ୍ଚ ଆଣିବା ସଦୃଶ ବୋଲି ମିଶ୍ର କହିଥିଲେ । ଏହା ପୂର୍ବରୁ ହୀରାକୁଦର ବିଶାଳ ଚାଷୀ ସମାବେଶ ସଫଳ ହେବା ପରେ ସେଭଳି ନାନା ଆଳରେ ଚାଷୀ ଆନ୍ଦୋଳନକୁ ବିଭାଜିତ କରିଦିଆ ଯାଇଥିଲା । ହାଇକୋର୍ଟ ବେଞ୍ଚ ଦାବିରେ ପଶ୍ଚିମ ଓଡ଼ିଶା ବନ୍ଦ ସଫଳ ହେବା ପରେ ଭିନ୍ନ ଆଳ ଦେଖାଇ ଆଇନଜୀବୀଙ୍କ ଆନ୍ଦୋଳନକୁ ମଧ୍ୟ ବିଭାଜିତ କରି ଦିଆଗଲା। ଏହା କୋସଲାଞ୍ଚଳ ପାଇଁ ଆଦୌ ଶୁଭଙ୍କର ନୁହେଁ । ଫଳରେ ସେଭଳି ପ୍ରସଙ୍ଗକୁ ଆଳ ନ କରି କୋସଲ ମହାବନ୍ଦ ଆନ୍ଦୋଳନରେ ସାମିଲ ହେବା ପାଇଁ ସେ ଆହ୍ୱାନ କରିଛନ୍ତି ।

ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ କୋସଲ ମହାବନ୍ଦ ଆନ୍ଦୋଳନ ମଧ୍ୟ ସେଥିପାଇଁ ଏକ ନୂଆ ଦିଶା ଦେବ । ଏହି ଆନ୍ଦୋଳନରେ ସମସ୍ତ ଓକିଲ ସଂଘ, ନାଗରିକ ସଂଗଠନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ରାଜନୈତିକ ଦଳ, ପଞ୍ଚାୟତର ୱାର୍ଡ଼ସଭ୍ୟଠାରୁ ଆରମ୍ଭ କରି ଜନ ପ୍ରତିନିଧି, ଯୁବ ଓ ମହିଳା ସଙ୍ଗଠନ ଆଦି ସମର୍ଥନ କରି କୋସଲ ମହାବନ୍ଦକୁ ସଫଳ କରିବା ପାଇଁ ଖବରଦାତା ସମ୍ମିଳନୀରେ ଅନୁରୋଧ କରାଯାଇଥିଲା । ସମିତିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ପୁରୋହିତ, ବିଭୂଦତ୍ତ ମିଶ୍ର, ସଙ୍ଗଠନ ସମ୍ପାଦକ ସୁଶୀଲ ପଣ୍ଡା, ଲଳିତ ସାହୁ, କେନ୍ଦ୍ରୀୟ କୋଷାଧ୍ୟକ୍ଷ ପ୍ରମୋଦ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ ।

## ଆସୁଛେ ଦିଆଲି, ବଢୁଛେ ମାଟିଦୀପର ଚାହିଦା

**ଜାମଟିକ୍ରା, ୫।୧୧ (ଡି.ଏନ.ଏ)**



ଉକିଆର ପରବ୍ ଦିଆଲିକେ ଆର୍ ଦିନେ ବାକି ଅଛେ । ଇ ସମିଆରେ କୁମ୍ଭାର ପରିବାରମାନେ ମାଏଟ୍‌ଦୀପ୍‌ତିଆରି ଭଲ୍ ଦୁଇପଏସା ରୁଜ୍‌ଗାର କରସନ୍। ହେଲେ ବଛର ଦଶେବାରେ ହେଲା ଆଧୁନିକତାର ଛାପ୍‌ରେ ମାଏଟ୍ ତିଆରି ଦୀପ୍ ଲୋପ୍ ପାଏବାକେ ବସିଥିଲା। ଇ ମାଏଟ୍ ଦୀପ୍‌ର ଠାନ୍ ମହମବତୀ ଆର୍ ଲିଚୁଲାଇଟ ନେଇଥିଲେ। ହେଲେ ମଝିରେ ଚୀନ ଦେଶର ସାମାନ୍ ନାଇଁ ଘିନ୍‌ବାକେ ବହୁତ୍‌ଟେ ସଂଗଠନ୍ ଦେଶ୍‌ରେ ସଚେତନ୍‌ତା ସୁରୁଷ୍‌ଟି କରିଥିଲେ। ଯେନ୍‌ଥିରଲାଗି ଧୀରେ ଧୀରେ ଇ ମାଏଟ୍ ଦୀପ୍‌ର ଚାହିଦା ବଢୁଛେ। ବରଗଡ ଜିଲା ଅତାବିରା ବ୍ଲକ୍‌ର ବୁଗବୁଗା, କୁଲୁଣ୍ଡା, କତାବଗା, ଚକୁଲି ଲେଖେଁ ଗାଁମାନ୍‌କର କୁମ୍ଭାର ପରିବାରମାନେ ଭିନେ ଭିନେ କିସ୍‌ମର ମାଏଟ୍ ତିଆରି ଜିନିସ୍ ତିଆର କରି ନିଜର ଜୀବନ୍ ଜୀବିକା ଚଲେଇ ଆସୁଛନ୍। ଚଲ୍‌ତି ବଛର ସେମାନେ ମାଏଟ୍ ଦୀପ୍ ତିଆରି ଦିଆଲି ବେଲେ ଭଲ୍ ଦୁଇପଏସା ରୁଜ୍‌ଗାର କରବାର ଆଶ୍ ରଖିଥିବାର ଜନାଯାଇଛେ। ଇ ବାବ୍‌ଦେ କୁଲୁଣ୍ଡା ଗାଁର ଚକାମନ ରଣା(୪୫) କହିଛନ୍ ଯେ, ମାଟି ପାତ୍‌ରର ଚାହିଦା କମ୍‌ଲାରୁ ଆମେ ମୂର୍ତ୍ତି ଆର୍ ଉନିଆ ସଉଖିନ ସାମାନ୍ ତିଆରି ଉପ୍‌ରେ ଗୁରୁତ୍ ଦେଉଥିଲୁଁ। ହେଲେ ଚଲ୍‌ତି ବଛର ମାଏଟ୍ ତିଆରି ଦୀପ୍‌ର ଚାହିଦା ବଢ଼ବାର ଲାଗି ଆମେ ତୁର୍‌ତିଅ ଥର ଲାଗି ଦୀପ୍ ତିଆରିରେ ଲାଗିପଡ଼ିଛୁଁ। ବୁଗବୁଗା ଗାଁର ୧୦ଟା ପରିବାର ଦୀପ୍ ତିଆରି କରୁଥିଲା ବେଲେ ଚଲ୍‌ତି ବଛର ପାଖାପାଖି ୫୦ ହଜାର ଦୀପ୍ ବିକ୍ରି ହେଇଥିବାର ଜନାଯାଇଛେ। ସେନ୍‌ତା ଚକୁଲି ଆର୍ କତାବଗାରେ ବଡ଼ଭାରି ହିସାବେ ମାଏଟ୍‌ରେ ସଉଖିନ ଦୀପ୍ ତିଆରି ହେଉଥିବାର ଦେଖିବାକେ ମିଲିଛେ। ଚକୁଲି ଗାଁର କଂସଲା ରଣା ଇ ସଉଖିନ ମାଏଟ୍ ତିଆରି ଦୀପ୍ ବାବ୍‌ଦେ କହିଛନ୍ ଯେ, ଦୀପ୍‌ର ଆକାର, ପରକାର ଦେଖି ଦରଦାମ୍ ଧାଯ୍ ହେସି। ସାଧାରନ୍ ଦୀପ୍ ୮ଟାକେ ୧୦ ଟଁକା ହେଉଥିଲା ବେଲେ ମଝ୍‌ଲି କିସମର ଦୀପ୍ ଗୁଟାକ ୫ରୁ ୩୦ ଟଁକା ଭିତ୍‌ରେ ବିକ୍‌ରି ହେସି। ସେନ୍‌ତା କାମ୍‌କାଯ୍ ହେଇଥିବାର ସଉଖିନ୍ ଦୀପ୍ ଗୁଟାକ ୧ଶହ ଟଁକାରୁ ଦେଢ଼ଶହ ଟଁକା ତକ୍ ହେସି ବଲି ସେ କହିଛନ୍।

# ଧସିଲା ଡମ୍ପିଂ ୟାର୍ଡ଼ ପାଚେରି

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ସହର ଉପକଣ୍ଠରେ ରହିଥିବା ପୌର ପରିଷଦ ଡମ୍ପିଂ ୟାର୍ଡ଼ର ପାଚେରି ଆକସ୍ମିକ ଭାବେ ଧସି ପଡ଼ିଛି । ଏଥିରେ କାହାରି କିଛି କ୍ଷତି ହୋଇ ନ ଥିବାବେଳେ ଅଳ୍ପକେ ସ୍ଥାନୀୟ ଲୋକେ ବର୍ତ୍ତି ଯାଇଛନ୍ତି। ନିମ୍ନମାନର କାମ ଯୋଗୁ ତାହା ଧସି ପଡ଼ିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ବୀର୍ସା ମୁଣ୍ଡା ସଂଘର୍ଷ ବାହିନୀର ମାରିୟମ ବାର୍ଲାଙ୍କ ସମେତ ଝରଣା ଆଚାର୍ଯ୍ୟ, ଜିତେନ୍ଦ୍ର ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଏହି ଡମ୍ପିଂ ୟାର୍ଡ଼ ସ୍ଥାନାନ୍ତର ପାଇଁ ପଡ଼ାବାସୀ ଦୀର୍ଘଦିନରୁ ଦାବି କରି ଆସୁଥିବାବେଳେ ଏହାକୁ ନେଇ ଆନ୍ଦୋଳନକୁ ମଧ୍ୟ ଓହ୍ଲାଇଛନ୍ତି । ମାତ୍ର ସେ ଦିଗରେ ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ ।


ଧସି ପଡ଼ିଥିବା ଡମ୍ପିଂ ୟାର୍ଡ଼ର ପାଚେରି ।

# କର୍ମ ନିୟୋଜନ ଅଫିସରେ ତାଲା ପକାଇଲେ

**ବରଗଡ଼ ଅଫିସ୍,୫।୧୧**

ବରଗଡ଼ ଜିଲା ଭାଜପା ଯୁବମୋର୍ଚ୍ଚା କର୍ମଚାରୀମାନେ ବିଭିନ୍ନ ଦାବି ନେଇ ସୋମବାର ସ୍ଥାନୀୟ କର୍ମ ନିୟୋଜନ ଅଫିସରେ ତାଲା ପକାଇଥିଲେ । ଉକ୍ତ ଅଫିସ ସମ୍ମୁଖରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ଧାରଣାରେ ବସିଥିଲେ । ଯୁବମୋର୍ଚ୍ଚାର ଜିଲା ସଭାପତି ପ୍ରୀତେଶ ବହିଦାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବମୋର୍ଚ୍ଚା ଜିଲା ପ୍ରଭାରୀ ଅଶ୍ୱିନୀ ମାଝୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ପ୍ରୀତମ ସିଂ, ଅବନୀକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଯୁବମୋର୍ଚ୍ଚାର ଜିଲା ସାଧାରଣ ସମ୍ପାଦକ ଟିଙ୍କୁ ବେହେରା, ଅଶୋକ ପାଣିଗ୍ରାହୀ, ପରିକ୍ଷୀତ ଛତର ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## କୋସଲି ଭାଷାକୁ ଅଷ୍ଟମ ସୂଚୀରେ ସାମିଲ ଦାବି

# ଜନ୍ତରମନ୍ତରରେ ଧାରଣା ଦେଲେ

**ବରଗଡ଼ ଅଫିସ୍,୫।୧୧**

କୋସଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ଦାବି ନେଇ କୋସଲି କ୍ରିୟାନୁଷ୍ଠାନ କମିଟି ତରଫରୁ ନୂଆଦିଲ୍ଲୀସ୍ଥିତ ଜନ୍ତରମନ୍ତର ଠାରେ ଧାରଣା ଦିଆଯାଇଛି । ଏହି ଧାରଣାରେ ରାଜସ୍ଥାନୀ, ଭୋଜପୁରୀ, ଅଙ୍ଗୀକା, ପଞ୍ଜାବୀ, ମରାଠୀ, ତାମିଲ ଆଦି ଭାଷାର ପ୍ରତିନିଧିମାନେ ସାମିଲ ହୋଇ ସମର୍ଥନ ଜଣାଇଥିବା କମିଟିର ଆବାହକ ସାକେତ ଶ୍ରୀଭୂଷଣ ସାହୁ ଏକ ବିବୃତିରେ ଜଣାଇଛନ୍ତି। ବିଗତ କିଛି ବର୍ଷ ହେବ କେନ୍ଦ୍ର ସରକାର ବିଭିନ୍ନ ଭାରତୀୟ ଭାଷାକୁ ଅଷ୍ଟମ ସୂଚୀରେ ସାମିଲ କରିଛନ୍ତି । ଏହି ଦୃଷ୍ଟିରୁ କୋସଲି ଭାଷାକୁ ମଧ୍ୟ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରିବା ପାଇଁ ସାହୁ ଦାବି କରିଛନ୍ତି। ସେହିପରି କୋସଲି ଭାଷାକୁ ରାଜ୍ୟ ସରକାର ସରକାରୀ ଭାଷାର ମାନ୍ୟତା ଦେବାକୁ ମଧ୍ୟ ଦାବି ହୋଇଛି। ଏହାହେଲେ କୋସଲି ଭାଷାରେ ପ୍ରାଥମିକସ୍ତରରେ ପାଠ ପଢ଼ାଯାଇ ପାରିବ ଏବଂ ନିଜ ମାତୃଭାଷାରେ ପାଠ ପଢ଼ିଲେ ଗରିବ, ଆଦିବାସ ବହୁଳ ପଶ୍ଚିମ ଓଡ଼ିଶାର ବିକାଶରେ ସମସ୍ତେ ଯୋଡ଼ି ହୋଇପାରିବେ ବୋଲି ସେ ମତବ୍ୟକ୍ତ କରିଛନ୍ତି । ଫଳରେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ସାହୁ ଦାବି କରିଛନ୍ତି ।



ଜନ୍ତରମନ୍ତରରେ ଚାଲିଥିବା ଧାରଣା ।

# ଫୁଟବଲ: ଗଣ୍ଡିଆପାଲିକୁ ହରାଇ ବୁଗବୁଗା ବିଜୟୀ

**ଭେଡ଼େନ,୫।୧୧(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ରେମଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଫୁଟବଲ ମହୋତ୍ସବର ସୋମବାର ତୃତୀୟ ଦିବସ ମ୍ୟାଚ୍‌ରେ ବୁଗବୁଗା ଦଳ ଗଣ୍ଡିଆପାଲି ଏକାଦଶକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛି । ବିଜୟୀ ଦଳର ସୁରେନ୍ଦ୍ର ପଟେଲଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଭାଜପା ନେତା ଉର୍କ୍ଲୁ ତାଣ୍ଡି ମୁଖ୍ୟଅତିଥି, ସରପଞ୍ଚ ସଂଖ୍ୟାକାରୀ ଖମାରୀ, ଗୌରଚନ୍ଦ୍ର ଦନ୍ତା, ପ୍ରମୋଦ ମେହେର, ସମାରୁ ଜାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପର୍ଶୁରାମ ପାତ୍ର ଏବଂ ସଞ୍ଜୟ ନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ । ମଙ୍ଗଳବାର ଥୁଆପାଲି ଏବଂ ମର୍ଦ୍ଧାପାଲି ମଧରେ ମ୍ୟାଚ୍ ହେବ ବୋଲି ଜଣାପଡ଼ିଛି ।


ରେମଣ୍ଡା ଫୁଟବଲ ମହୋତ୍ସବ ସୋମବାର ମ୍ୟାଚ୍‌ର ଅତିଥି ଓ ଖେଳାଳି ।

DSPL-238

MAKE IN ODISHA Conclave
BHUBANESWAR, 11-15 NOVEMBER, 2018

Chilika Development Authority
Govt. of Odisha

ଚିଲିକାରେ ଭସାପୋଲ ର ଶୁଭ ଉଦ୍‌ଘାଟନ

ସାତପଡା, ପୁରୀ
୦୬ ନଭେମ୍ବର୨୦୧୮, ପୂର୍ବାହ୍ନ ୧୦ଘଟିକା

ଶ୍ରୀଯୁକ୍ତ ସଂଜୟ କୁମାର ଦାସବର୍ମା
ମାନ୍ୟବର ଅଧ୍ୟକ୍ଷ, ପ୍ରାକ୍‌କଳନ କମିଟି, ଓଡିଶା ବିଧାନସଭାଙ୍କ
କରକମଳରେ ଶୁଭ ଉଦ୍‌ଘାଟିତ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ମହାପାତ୍ର, ଭା.ପ୍ର.ସେ.
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ଜଙ୍ଗଲ ଓ ପରିବେଶ ବିଭାଗ, ଓଡିଶା ସରକାର

ବିଶିଷ୍ଟ ଅତିଥି
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ଦାସ, ଓ.ପ୍ର.ସେ.
ଜିଲ୍ଲାପାଳ, ପୁରୀ
ଡକ୍ଟର ସାର୍ଥକ ଷଡଙ୍ଗୀ, ଭା.ପୋ.ସେ.
ଆରକ୍ଷୀ ଅଧିକ୍ଷକ, ପୁରୀ

ସମ୍ମାନିତ ଅତିଥି
ଶ୍ରୀମତୀ ସୌଦାମିନୀ ମାନସିଂହ, ଅଧ୍ୟକ୍ଷା, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀଯୁକ୍ତ ପ୍ରଫୁଲ କୁମାର ଜେନା, ଉପାଧ୍ୟକ୍ଷ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି
ଶ୍ରୀମତୀ ବନ୍ଦନା ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀମତୀ ପ୍ରଭାତୀ ପ୍ରଧାନ, ସଭ୍ୟା, ଜିଲ୍ଲାପରିଷଦ, ପୁରୀ
ଶ୍ରୀଯୁକ୍ତ ତ୍ରିନାଥ ସାମନ୍ତରାୟ, ସରପଞ୍ଚ, ସାତପଡା ଗ୍ରାମପଞ୍ଚାୟତ
ଶ୍ରୀଯୁକ୍ତ ଚିତ୍ରସେନ ସାହୁ, ସମିତିସଭ୍ୟ, କୃଷ୍ଣପ୍ରସାଦ ପଞ୍ଚାୟତ ସମିତି

ବହୁ ସଂଖ୍ୟାରେ ଯୋଗଦାନ କରିବାକୁ ଅନୁରୋଧ





08013/13/0001/1819

ଶ୍ରୀଯୁକ୍ତ ସୁଶାନ୍ତ ନନ୍ଦ, ଭା.ବ.ସେ.
ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ
ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର



"ସେବା ହିଁ ଧର୍ମର ପଥ। ଦୁଃସ୍ଥ, ପୀଡିତ, ଦୁଃଖୀ ଏବଂ ଅସହାୟ ମଣିଷଙ୍କ ସେବା କରିବାଠାରୁ ଆଉ ବଡ଼ ଧର୍ମ ନାହିଁ। ଏହି ସେବା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହା ଅପାର୍ଥିବ, ତାହା ସ୍ୱର୍ଗୀୟ, ମାତ୍ର ତୁମେ ତାହା ସବୁ ଭୁଲି ଗଲଣି।
- ସତ୍ୟ ସାଇବାବା



## ସଂକ୍ଷେପରେ

### ଦ୍ୱାଦଶ ଧନୁଯାତ୍ରା ପ୍ରସ୍ତୁତି ବୈଠକ

**ବୌଦ୍ଧ,୫।୧୧(ସ୍ୱ.ପ୍ର.):** ବୌଦ୍ଧର ଶ୍ରୀ ଶ୍ରୀ ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଦ୍ୱାଦଶ ଧନୁଯାତ୍ରା ଓ କଂସ ବଧ ନାଟ୍ୟୋତ୍ସବ ପାଇଁ ସୋମବାର ମଦନମୋହନ ମନ୍ଦିରରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ନାଟ୍ୟ କଳାପରିଷଦ ସଭାପତି ସାନ୍ତୁର୍ଜ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଡିସେମ୍ବର ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ନାଟ୍ୟୋତ୍ସବ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ନାଟ୍ୟୋତ୍ସବରେ ୧୬ ତାରିଖ ଦିନ କଂସବଧ ହେବାସହ ୧୭ରେ ରାଜ୍ୟାଭିଷେକ ହେବ ବୋଲି ସ୍ଥିର ହୋଇଛି। ଏହାସହ ଏ ବର୍ଷ ନୂତନ ନୃତ୍ୟନାଟିକା କେଶବ ଧୃତ ନରହରି ରୂପ ପରିବେଷଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ଯାତ୍ରା ପ୍ରତିବର୍ଷ ପରି ଚଳିତବର୍ଷ ମଧ ଭୈରବୀ ପଡ଼ିଆରେ ଆୟୋଜିତ ହେବ। ନାଟ୍ୟୋତ୍ସବକୁ ଆକର୍ଷମୀୟ କରିବା ପାଇଁ ମିନାବଜାର ସହ ସହରରେ ବିଭିନ୍ନ ଛକରେ ପଥପ୍ରାନ୍ତ ନାଟକ ପରିବେଷଣ କରାଯିବ। ପ୍ରସ୍ତୁତି ବୈଠକରେ କଳାପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ବରିଷ୍ଠ ନାଗରିକଙ୍କୁ ଭାଜପା ନେତାଙ୍କ ସହାୟତା

**ମନମୁଣ୍ଡା,୫।୧୧(ଡି.ଏନ୍.ଏ.):** ବରିଷ୍ଠ ନାଗରିକମାନଙ୍କୁ ସରକାର ପରିଚୟପତ୍ର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିଚୟପତ୍ର ବଳରେ ସେମାନେ ସ୍ୱାସ୍ଥ୍ୟସେବା, ବ୍ୟାଙ୍କ ସେବା ଓ ବିଭିନ୍ନ ସରକାରୀ ଦପ୍ତରରେ ଅଗ୍ରାଧିକାର ପାଇପାରିବେ। ମନମୁଣ୍ଡା ଥାନା ଅଞ୍ଚଳରେ କେତେଜଣ ବରିଷ୍ଠ ନାଗରିକ ଏହି ପରିଚୟପତ୍ର ପାଇ ସାରିଥିବାବେଳେ ଅନେକେ ସେଥିରୁ ବଞ୍ଚିତ ରହିଛନ୍ତି। ଶିକ୍ଷା ଅଭାବରୁ ଗ୍ରାମାଞ୍ଚଳର ଅନେକ ବୃଦ୍ଧାବୃଦ୍ଧ ଆବେଦନ କରିପାରୁ ନ ଥିଲେ। ମନମୁଣ୍ଡା ମଣ୍ଡଳ ଭାଜପା ସଭାପତି ନିରଞ୍ଜନ କର୍ଣ୍ଣ ମନମୁଣ୍ଡା, ଯୋଗୀନ୍ଦ୍ରପୁର, ଖଟଖଟିଆ, ଘିକୁଣ୍ଡି, ବିଲାସପୁର, ଶିମିଳିପାଦର, ଗୁଡ଼ଭେଲିପଦର, ଦପଲା, ଲମ୍ବସିରି ଆଦି ପଞ୍ଚାୟତ ଗସ୍ତ କରି ୧୮୪ ବୃଦ୍ଧାବୃଦ୍ଧଙ୍କ ଫର୍ମ ପୂରଣ କରିବାରେ ସହାୟତା କରିବା ସହ ସୋମବାର ସେମାନଙ୍କୁ ସାଥୀରେ ଧରି ଥାନାରେ ଫର୍ମଗୁଡ଼ିକ ଦାଖଲ କରିଥିଲେ। କର୍ଣ୍ଣଙ୍କ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# କେନ୍ଦୁପତ୍ର ଚୋରି ମାମଲା: ୪ ଗିରଫ

**ମନମୁଣ୍ଡା,୫।୧୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା ବାଉଁଶୁଣୀ କେନ୍ଦୁପତ୍ର ରେଞ୍ଜ ତଥା ମନମୁଣ୍ଡା ଥାନା ଅନ୍ତର୍ଗତ ଝାଙ୍କରପଡ଼ା ସେକ୍ସନ ଆଙ୍କୁଳ ଫଡ଼ିରୁ ୨୮ ବସ୍ତା କେନ୍ଦୁପତ୍ର ଚୋରି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଉଁଶୁଣୀ ଥାନା ବହିରା ଗ୍ରାମର ଖଟାଙ୍ଗ ମହାକୁଡ଼, ବାସୁଦେବ ରଣା, ଭବାନୀ ସାହୁ ଓ ବିଦ୍ୟାଧର ବାଦୀ। ଆଇଆଇସି ସୁବାସ ଚନ୍ଦ୍ର ରାଇଗୁରୁ ଦେଇଥିବା ସୂଚନା ଅନୁଯାୟୀ, ଉକ୍ତ ଫଡ଼ିରେ ୬୮ ବସ୍ତା କେନ୍ଦୁପତ୍ର ଥିଲା। ଗତ ସେପ୍ଟେମ୍ବର ୨୮ରେ ବନରକ୍ଷୀ ନିର୍ମଳ ଚନ୍ଦ୍ର ଦେହୁରୀଙ୍କ ଉପସ୍ଥିତିରେ ଓଆର୍‌୨୩-୭୦୨୪ନଂ ଗାଡ଼ି ଯୋଗେ ଅଭିଯୁକ୍ତ ଡ୍ରାଇଭର ବିଦ୍ୟାଧର ବାଦୀ ଉକ୍ତ ଫଡ଼ିରୁ ୪୦ ବସ୍ତା କେନ୍ଦୁପତ୍ର ରେଞ୍ଜ ଗୋଦାମକୁ ନେଇଥିଲେ। ଅବଶିଷ୍ଟ ୨୮ ବସ୍ତା କେନ୍ଦୁପତ୍ର ପରଦିନ ଅର୍ଥାତ ୨୯ ତାରିଖରେ ନେବାକୁ ଫଡ଼ି ମୁନସି ନରୋତ୍ତମ ମଲିକଙ୍କୁ ଏକ ଚାବି ଦିଆଯାଇଥିବା ବେଳେ ଅନ୍ୟ ଚାବି ଡ୍ରାଇଭର ବିଦ୍ୟାଧର ରଖିଥିଲେ। କିନ୍ତୁ ଉକ୍ତଦିନ ସେମାନେ କେନ୍ଦୁପତ୍ର ନେଇ ନ ଥିଲେ। ନ ନେବାର କାରଣ ପଚାରିବାରୁ ସେମାନେ ବିଭିନ୍ନ ବାହାନା କରିଥିଲେ। ଗତ ଅକ୍ଟୋବର ୨୮ରେ ବନରକ୍ଷୀ ଉକ୍ତ ଫଡ଼ିକୁ ଯାଇ ଦେଖିବାରେ ଉକ୍ତ ୨୮ ବସ୍ତା କେନ୍ଦୁପତ୍ର ନ ଥିଲା। ଫଡ଼ିର ତାଲା କିମ୍ବା କବାଟ ଭଙ୍ଗାଯାଇନ ଥିବା ଦେଖି ଏହା ଏକ ଯୋଜନାବଦ୍ଧ ଚୋରି ବୋଲି ବନରକ୍ଷୀ ସନ୍ଦେହ କରି ରେଞ୍ଜର ଦିଲୀପ କୁମୁରାଙ୍କୁ ଜଣାଇଥିଲେ। ଅକ୍ଟୋବର ୧୫ରେ ଫଡ଼ିରୁ ଉକ୍ତ ଗାଡ଼ି ଯୋଗେ କେନ୍ଦୁପତ୍ର ବସ୍ତା ବୋଝେଇ ହୋଇ ଯାଇଥିବା ଆଙ୍କୁଳର ମହେଶ୍ୱର ମଲିକ, ହେମନ୍ତ କହଁର ଏବଂ ମୁନସି ନରୋତ୍ତମ ମଲିକ ଦେଖିଥିବା ରେଞ୍ଜ ଅଫିସର ତଦନ୍ତରୁ ଜାଣିବାକୁ ପାଇଥିଲେ। ଏହି ଆଧାରରେ ଉକ୍ତ ଗାଡ଼ିର ତତ୍ତ୍ୱାବଧାରକ ଖଟାଙ୍ଗ ମହାକୁଡ଼, ଡ୍ରାଇଭର ବିଦ୍ୟାଧର ବାଦୀ, ଶ୍ରମିକ ବାସୁଦେବ ରଣା ଓ ଭବାନୀ ସାହୁ ୨୮ ବସ୍ତା କେନ୍ଦ୍ରପତ୍ର ଚୋରି କରିଥିବା ନେଇ ବନରକ୍ଷୀ ଦେହୁରୀ ନଭେମ୍ବର ୩ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଦଫା ୪୫୪, ୩୮୦, ୩୪ରେ ଏକ ମାମଲା (ନଂ.-୨୧୨) ରୁଜୁ କରାଯାଇ ପୋଲିସ ତଦନ୍ତ କରି ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ, ଚୋରି କେନ୍ଦୁପତ୍ରର ଆନୁମାନିକ ମୂଲ୍ୟ ୪ଲକ୍ଷ ୨୦ ହଜାର ଟଙ୍କା ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ସୋମବାର ପୋଲିସ କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତ ବିଦ୍ୟାଧର ବାଦୀଙ୍କ କହିବା ଅନୁଯାୟୀ ୪୦ ବସ୍ତା କେନ୍ଦୁପତ୍ର ନେବା ଦିନ ସେ ଫଡ଼ିର ଚାବି ବନରକ୍ଷୀଙ୍କୁ ଫେରାଇବା ବେଳେ ସେ ମନା କରିଥିଲେ। ଅକ୍ଟୋବର ୧୫ରେ ମୁନସି ନରୋତ୍ତମ ମଲିକ ଏବଂ ଅନ୍ୟମାନେ ଉକ୍ତ ଗାଡ଼ିରେ ଫଡ଼ିରୁ କେନ୍ଦୁପତ୍ର ବସ୍ତା ଯାଇଥିବା ଦେଖିଥିବା କହୁଛନ୍ତି। ମୁନ୍‌ସିଙ୍କ ପାଖରେ ଏକ ଚାବି ଥିବାବେଳେ ସେ ବନରକ୍ଷୀଙ୍କୁ ତୁରନ୍ତ ନ ଜଣାଇବା, ବନରକ୍ଷୀ ଜଣେ ବେସରକାରୀ ବ୍ୟକ୍ତିଙ୍କୁ ଫଡ଼ି ଚାବି ଦେବା ଓ ଦୀର୍ଘ ୧ମାସ ପରେ ଫଡ଼ି ତନଖି କରିବାକୁ ନେଇ ସନ୍ଦୋହ ପ୍ରକାଶ ପାଇଛି। ଏ ଦିଗରେ ପୋଲିସ ତଦନ୍ତ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

### ଆଦିବାସୀ ସମନ୍ୱୟ ସମିତି ବୈଠକ

**ଘଣ୍ଟାପଡ଼ା,୫।୧୧(ଡି.ଏନ୍.ଏ.)**

କଣ୍ଟାମାଳ ବ୍ଲକ ଆମ୍ବଗାଁ ପଞ୍ଚାୟତର ଦେଢ଼େଣମାଳ ଆଦିବାସୀ ସମନ୍ୱୟ ସମିତିର ବୈଠକ ସ୍ଥାନୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଆଦିବାସୀ ନେତା ସାମନ୍ତ ମାଝିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗୋଁଡ ସମାଜ ଜିଲା ସଭାପତି ଘାସିରାମ ପୁଟା ସଭାପତିତ୍ୱ କରିଥିଲେ। ବୈଠକରେ ଗତ ମାସରେ ଆୟୋଜିତ ନୂଆଖାଇ ଉତ୍ସବର ଆୟବ୍ୟୟ ସମୀକ୍ଷା କରାଯିବା ସହ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଥିଲା। ନୀଳାଞ୍ଚଳ ଭୋଇ, ଧର୍ମୁ କହଁର, ସୁଶିଲ ଝାଙ୍କର, ବିବସ୍ୱ କହଁର ପ୍ରମୁଖ ନିଜ ମତାମତ ରଖିଥିଲେ। କୋଷାଧ୍ୟକ୍ଷ ବଂଶୀଧର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ଯୌତୁକ ନିର୍ଯାତନା

## ସ୍ୱାମୀ, ଶାଶୁ, ଶ୍ୱଶୁର, ଦିଅରଙ୍କ ବିରୋଧରେ ମାମଲା

**ମନମୁଣ୍ଡା,୫।୧୧(ଡି.ଏନ୍.ଏ.)**

ଜଣେ ମହିଳାଙ୍କ ତାଙ୍କ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ ହେବା ପରେ ରବିବାର ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ପୀଡ଼ିତା ମନ୍ଦାକିନୀ ଭୋଇଙ୍କ ଅଭିଯୋଗ କ୍ରମେ ପୋଲିସ ତାଙ୍କ ସ୍ୱାମୀ, ଶାଶୁ, ଶ୍ୱଶୁର ଓ ଦିଅରଙ୍କ ବିରୋଧରେ ଦଫା ୪୯୮ (ଏ), ୪୫୨, ୩୨୩, ୫୦୬, ୩୪ ଏବଂ ଯୌତୁକ ନିରୋଧ ଆଇନ ୧୯୬୧-୪ ମୁତାବକ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ବଡ଼ଖମାରର ବିଶ୍ୱାମିତ୍ର ଭୋଇଙ୍କ ପୁଅ ସୁରେନ୍ଦ୍ର ଭୋଇ ସବୁବେଳେ ମଦ୍ୟପାନ କରି ବିବାହ ବେଳେ ମନ୍ଦାକିନୀ ଯୌତୁକ ଆକାରରେ ନେଇଥିବା ବାଇକ୍, ସୁନା ଅଳଙ୍କାର, ଟଙ୍କା ଓ ଅନ୍ୟାନ୍ୟ ଆସବାବପତ୍ର ଜୁଆ ଖେଳି ହାରିଯାଇଛନ୍ତି। ଏ ସବୁ ସାମଗ୍ରୀ ପୁନର୍ବାର ବାପଘରୁ ଆଣିବା ପାଇଁ ମନ୍ଦାକିନୀଙ୍କୁ ବାଧ କରୁଛନ୍ତି। ମନ୍ଦାକିନୀଙ୍କ ବିଧବା ମାଆ ଏ ସବୁ ସାମଗ୍ରୀ ଦେଇପାରିବେ ନାହିଁ ବୋଲି କହିଥିଲେ। ଫଳରେ ସ୍ୱାମୀ ସୁରେନ୍ଦ୍ର, ଶାଶୁ ଭଗବତୀ, ଶ୍ୱଶୁର ବିଶ୍ୱାମିତ୍ର ଓ ଦିଅର ଦେବେନ୍ଦ୍ର ମନ୍ଦାକିନୀଙ୍କୁ ମାରପିଟ କରିବା ସହ ମାନସିକ ନିର୍ଯାତନା ଦେଉଥିଲେ। ଦାବି ମୁତାବକ ଯୌତୁକ ନ ଆଣିଲେ ସୁରେନ୍ଦ୍ର ଦ୍ୱିତୀୟ ବିବାହ କରିବେ ବୋଲି କହି ଗତ ଭାଇଜିଉନ୍ତିଆ ଦିନ ମନ୍ଦାକିନୀଙ୍କୁ ଘରୁ ତଡ଼ିଦେଇଥିଲେ। ଫଳରେ ମନ୍ଦାକିନୀ ତାଙ୍କ ଦୁଇ ଶିଶୁପୁତ୍ରଙ୍କୁ ଧରି ମନମୁଣ୍ଡା ଥାନା ଭୁର୍କିପଡ଼ାସ୍ଥିତ ତାଙ୍କ ବିଧବା ମାଆ ମଥୁରା ମହଲାଙ୍କ ନିକଟରେ ରହି ଆସୁଥିଲେ। ଗତ ଶନିବାର ମଧ୍ୟରାତ୍ରରେ ସୁରେନ୍ଦ୍ର ମଥୁରାଙ୍କ ଘର କବାଟ ଭାଙ୍ଗି ମନ୍ଦାକିନୀ, ତାଙ୍କ ମା', ଶାଳୀ ଓ ଶାଳକମାନଙ୍କୁ ନିସ୍ତୁକ ମାରପିଟ କରିଥିଲେ। ଗ୍ରାମବାସୀ ପଳାଇ ଆସିବାରୁ ସେ ଫେରାର ହୋଇଯାଇଥିଲେ। ତେବେ ରବିବାର ସକାଳ ୬ଟାରେ ସୁରେନ୍ଦ୍ର ପୁନର୍ବାର ଆସି ସେମାନଙ୍କୁ ମାରପିଟ କରି ମଥୁରାଙ୍କ ମୋବାଇଲ ଭାଙ୍ଗି ଦେଇଥିଲେ। ଘର ପୋଡ଼ିଦେବା ସହ ମନ୍ଦାକିନୀଙ୍କୁ ହତ୍ୟା ଧମକ ଦେଇଥିଲେ। ସମ୍ପର୍କୀୟ ଓ ଗ୍ରାମବାସୀଙ୍କ ହସ୍ତକ୍ଷେପ ଯୋଗୁ ସେମାନେ ରକ୍ଷା ପାଇଯାଇଥିଲେ। ତେବେ ଜୀବନ ପ୍ରତି ବିପଦ ଆଶଙ୍କା କରି ମନ୍ଦାକିନୀ ରବିବାର ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

### ୪ର୍ଥ ପଲଶାଗୋରା ଫୁଟବଲ: ସମ୍ବଲପୁର ଚାମ୍ପିୟନ

**କଣ୍ଟାମାଳ,୫।୧୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା ପଲଶାଗୋରା ହାଇସ୍କୁଲ ପଡ଼ିଆରେ ରେନ୍‌ବୋ କ୍ଲବ ଦ୍ୱାରା ଆୟୋଜିତ ୨ଦିନିଆ ୪ର୍ଥ ପଲଶାଗୋରା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ସମ୍ବଲପୁର ବୌଦ୍ଧ ମନୁପାଲିକୁ ୨-୧ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ କଣ୍ଟାମାଳ, ପଲଶାଗୋରା, ଜରାଶିଂଘା, ମନୁପାଲି, ତିଲେଶ୍ୱର, ବୀରମହାରାଜପୁର, ସମ୍ବଲପୁର, କଦଳୀପାଲି ଓ ବିନିକା ଟିମ୍ ଭାଗ ନେଇଥିଲେ। ସେମିଫାଇନାଲରେ ମନୁପାଲି ବିନକାକୁ ଓ ସମ୍ବଲପୁର ବୀରମହାରାଜପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ଟୁର୍ନାମେଣ୍ଟକୁ ପୂର୍ବତନ ବ୍ଲକ ଅଧକ୍ଷ ଶଙ୍କର୍ଷଣ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ନେତା ଶେଷ କୁମାର ମେହେର, ଜିଲା ପରିଷଦ ସଭ୍ୟା ମମତା ପ୍ରଧାନ ଓ ସରପଞ୍ଚ ସମୀର ମାଝି ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ନରାୟଣ ମିଶ୍ର ଓ କ୍ରୀଡ଼ାବିତ୍ ଅରୁଣ ଖଟୁଆ ସହଯୋଗ କରିଥିଲେ।





ଫାଇନାଲ ମ୍ୟାଚ୍ ଅବସରରେ ଖେଳାଳି, ଆୟୋଜକ ଓ ଅତିଥି।

## ମା' ମେଟାକାନି କ୍ରିକେଟ: ବନ୍ଧଗୋରା ଚାମ୍ପିୟନ

**ଘଣ୍ଟାପଡ଼ା,୫।୧୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଉଡେର ଖେଳପଡ଼ିଆରେ ଅନୁଷ୍ଠିତ ମା' ମେଟାକାନି କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଖୁଣ୍ଟିଗୋରା ଓ ବନ୍ଧଗୋରା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବନ୍ଧଗୋରା ଚାମ୍ପିୟନ ହୋଇଛି। ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ୍‌ରେ ଖୁଣ୍ଟିଗୋରା ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ମାତ୍ର ୩୯ ରନ ସଂଗ୍ରହ କରିଥିଲା। ଜବାବରେ ବନ୍ଧଗୋରା ମାତ୍ର ୪.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ଯସରପଞ୍ଚ ପ୍ରହ୍ଲାଦ ସେଠୀ ଓ ଉଡେର ଗଉନ୍ତିଆ ପୀତାମ୍ବର ଭୋଇ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ସେହିପରି ବନ୍ଧଗୋରା ଦଳର ଧୋବା ଭୋଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ଖୁଣ୍ଟିଗୋରା ଦଳର ଆଲୋକ ସାହୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇ ପୁରସ୍କାର ଗ୍ରହଣ କରିଥିଲେ। ଲକି ସାହୁ ଓ ନିରଞ୍ଜନ ଭୋଇ ମ୍ୟାଚ୍ ପରିଚାଳନା କରିଥିବାବେଳେ ରାଜେନ୍ଦ୍ର ସେଠୀ ସ୍କୋର ଶିଟ୍ ପରିଚାଳନା କରଥିଲେ। ପ୍ରଦୀପ ସାହୁ ଓ ଭକ୍ତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ବିଜୁ ଯୁବବାହିନୀ ସଭାପତି ପ୍ରହ୍ଲାଦ ସେଠୀ ଓ ସମ୍ପାଦକ ଭକ୍ତ ମହାନନ୍ଦଙ୍କ ସମେତ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ।

# 'ମହକ'ରେ ମହକିଲେ ଶିଶୁ

**ବୌଦ୍ଧ,୫।୧୧(ସ୍ୱ.ପ୍ର.)**





କୃତିତ୍ୱ ଅର୍ଜନ କରିଥିବା ଶିଶୁମାନଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ଦ୍ୱାରା ହରଭଙ୍ଗା ବ୍ଲକ ବୀରନରସିଂହପୁରସ୍ଥିତ ରାମକୃଷ୍ଣ ବାଳାଶ୍ରମରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ-୨୦୧୮' ଅନୁଷ୍ଠିତ ହୋଇଛି। ଉଦ୍‌ଯାପନୀ ସଭାରେ ଜିଲାପାଳ ସୀତାଂଶୁ କୁମାର ରାଉତ ମୁଖ୍ୟଅତିଥି, ଜିଲା ସର୍ବଶିକ୍ଷା ଅଭିଯାନ ପ୍ରକଳ୍ପ ସଂଯୋଜକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ସାକ୍ଷୀଗୋପାଳ ପ୍ରଧାନ, ରାମକୃଷ୍ଣ ବାଳାଶ୍ରମ ସମ୍ପାଦକ ରଘୁନାଥ ମିଶ୍ର, ଶିଶୁ ପ୍ରତିନିଧି କୁମାରୀ ଅନିଶା ଦୀପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁମାନଙ୍କ ପାଇଁ ସରକାର ସବୁବେଳେ ତତ୍ପର ଓ ସେମାନଙ୍କ ସୁରକ୍ଷାକୁ ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି ଏହି ଅବସରରେ ମୁଖ୍ୟଅତିଥି ଜିଲାପାଳ ରାଉତ କହିଥିଲେ। ସରକାରଙ୍କ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ଲୁକ୍କାୟିତ ପ୍ରତିଭାର ପରିପ୍ରକାଶ ତଥା ବିକାଶ ଘଟୁଥିବାବେଳେ ଜିଲା ଓ ରାଜ୍ୟ ସ୍ତରରେ ସେମାନେ ସମ୍ମାନିତ ହେଉଛନ୍ତି ବୋଲି ଜିଲାପାଳ କହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ହରଭଙ୍ଗା ବ୍ଲକ ଅଧକ୍ଷ ବିଶ୍ୱଜିତ୍ ମିଶ୍ର ଯୋଗଦେଇଥିଲେ। ଶିଶୁମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, ଗୀତ, ନୃତ୍ୟ, ଚେସ, ଲମ୍ଫଡିଆଁ, ଉଚ୍ଚଡିଆଁ, ୧୦୦ ମିଟର ଦୌଡ଼, ୪୦୦ ମିଟର ରିଲେ ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୮୦ ଶିଶୁ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଶିଶୁମାନେ ଆସନ୍ତା ୯ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଶଂଗ୍ରହଣ କରିବେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ସମରସେନ୍ ସିଂ ଧନ୍ୟବାଦ ଦେଇଥିଲେ। ସହଦେବ ନାୟକ, ଚିତ୍ରସେନ ସାହୁ, ଜ୍ୟୋତିପ୍ରକାଶ ପ୍ରଧାନ, ବିସ୍ମୟ ସାହୁ ଏବଂ ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଯୁବ ରେଡ୍‌କ୍ରସ ପ୍ରଶିକ୍ଷଣ, ରକ୍ତଦାନ ଶିବିର

**ପୁରୁଣାକଟକ,୫।୧୧(ଡି.ଏନ୍.ଏ.)**

ଭାରତୀୟ ରେଡ୍‌କ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ବୌଦ୍ଧ ଜିଲା ହରଭଙ୍ଗା ଆଞ୍ଚଳିକ ପଞ୍ଚାୟତ କଲେଜରେ ଅଧକ୍ଷ ପ୍ରିୟନାଥ ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତିନିଦିନିଆ ଯୁବ ରେଡ୍‌କ୍ରସର ପ୍ରଶିକ୍ଷଣ ଶିବିରର ସୋମବାର ଦ୍ୱିତୀୟ ଦିନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ପ୍ରଦୀପ କୁମାର ଅମାତ ଯୋଗଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅମାତ କଲେଜର ନୂତନ ଗୃହ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପର୍ଯ୍ୟବେକ୍ଷକ ପ୍ରଦୀପ୍ତ କୁମାର ଷଡ଼ଙ୍ଗୀ ଅନ୍ୟତମ ଅତିଥି ଭାବେ ଜିଲା ଯୁବ ରେଡ୍‌କ୍ରସର ସଂଯୋଜକ ସୁରେଶ୍ୱର ଯୋଗୀ, ଅଧ୍ୟାପକ ସୁଦାମ ଚରଣ ପୁଷ୍ଟି ଯୋଗଦେଇଥିଲେ। ମୁଖ୍ୟଅତିଥି ଅମାତ ରକ୍ତଦାତାମାନଙ୍କୁ ସାଧୁବାଦ ଜଣାଇଥିଲେ। ଅଧ୍ୟାପକ ପୁଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ରେଡ୍‌କ୍ରସ କାଉନସିଲର ଭୋଳାଶଙ୍କର ବେହେରା, ସୁଶିଲ କୁମାର ପ୍ରଧାନ, ଜ୍ଞାନରଞ୍ଜନ ପଣ୍ଡା, ପ୍ରଦୀପ ପ୍ରଧାନ, ସୁଜ୍ଞାନାନନ୍ଦ ସାହୁ, ରଞ୍ଜନ କୁମାର ବେହେରା, ବିକ୍ରମ ପାତ୍ର, ପରମାନନ୍ଦ ଘିବେଲା, ବର୍ଷାରାଣୀ ଦାସ, ଚିନ୍ତାମଣି ବେହେରା, ଶ୍ରୀକାନ୍ତ ସେଠୀ, ଛତ୍ରଙ୍ଗ ସରପଞ୍ଚ ସୁଶିଲ କୁମାର ପ୍ରଧାନ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରୁ ୩୦ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## କୋଶଲ ରାଜ୍ୟ ସମନ୍ୱୟ ସମିତି ବୈଠକ

**କଣ୍ଟାମାଳ,୫।୧୧(ଡି.ଏନ୍.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ହାଟପଦାସ୍ଥିତ ଟାଉନ ହଲଠାରେ ରବିବାର ଜିଲା କୋଶଲ ରାଜ୍ୟ ସମନ୍ୱୟ ସମିତିର ଜରୁରୀ ବୈଠକ ଆଦିବାସୀ ନେତା ଡମ୍ବରୁଧର କହଁରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ସଭାପତି ତଥା ରାଜ୍ୟ ସମ୍ପାଦକ ସୁବେଦାର ଲଳିତ କୁମାର ସାହୁ ଯୋଗଦେଇ ରାଜ୍ୟ ସରକାର ବାରମ୍ବାର ପଶ୍ଚିମ ଓଡ଼ିଶା ପ୍ରତି ଅବହେଳା କରୁଥିବା ଅଭିଯୋଗ କରିଥିଲେ। ଏହି ଦୃଷ୍ଟିରୁ ସ୍ୱତନ୍ତ୍ର ରାଜ୍ୟ ଗଠନ ଜରୁରୀ ବୋଲି ସେ ଦାବି କରିଥିଲେ। ରାଜ୍ୟ ସମ୍ପାଦକ ବିଭୁଦତ୍ତ ମିଶ୍ର ଯୁବ, ସମନ୍ୱୟ କମିଟି ସଦସ୍ୟ ଡୋଳାମଣି ପ୍ରଧାନ, ଆକାଶ ପଣ୍ଡା, ଶଙ୍କର ପ୍ରଧାନ, ନବକିଶୋର ତ୍ରିପାଠୀ ଓ ଚୂଡ଼ାମଣି ସାହୁ ପ୍ରମୁଖ ଯୋଗଦେଇ କୋଶଲ ରାଜ୍ୟ ଦାବିର ବିଭିନ୍ନ ଦିଗ ଓ ଏହି ଆନ୍ଦୋଳନକୁ ଜିଲାର ତୃଣମୂଳ ସ୍ତରରେ ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଓଡ଼ିଶାକୁ ବିଭାଜନ କରି ସ୍ୱତନ୍ତ୍ର କୋଶଲ ପ୍ରଦେଶ ଗଠନ କଲେ ହିଁ ସବୁ ସମସ୍ୟାର ସମାଧାନ ହେବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ବୈଠକରେ କଣ୍ଟାମାଳ ଅଞ୍ଚଳର କୋଳଲ ସଂଗ୍ରାମୀ ଚୈତନ୍ୟ ବେହେରା, ଶମ୍ଭୁପ୍ରସାଦ ସାହୁ, ଠାକୁର ଚରଣ ନାଏକ, ଲକ୍ଷ୍ମଣ ବାରିକ, ପ୍ରତାପ ଝାଙ୍କର, ଘାସିରାମ ମଲ୍ଲିକ, ଶିବ ରଥ, ନବଘନ ଭୋଇ, ଲଚ୍ଛମନ ଅଗ୍ରଓ୍ୱାଲ, ତରଣୀ ନାଏକ, ତୁଳସୀଦାସ ଶର୍ମା, ଗଙ୍ଗାଧର ରଣା, ଅଜିତ କୁମାର କର୍ମି, ସତ୍ୟଜିତ କହଁର, ଅବଦୁଲ ନାଏକ, ଧବଳେଶ୍ୱର ସାହୁଙ୍କ ସମେତ ଶତାଧିକ କୋଶଲ ସମର୍ଥକ ଉପସ୍ଥିତ ଥିଲେ।

### ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇଲା ଭାଜପା

# ବେରୋଜଗାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦିଅ

**ବୌଦ୍ଧ,୫।୧୧(ସ୍ୱ.ପ୍ର.)**

ରାଜ୍ୟରେ ବିଜେଡିର ୧୮ ବର୍ଷ ଶାସନ ସମୟରେ ବେକାରି ସମସ୍ୟା ଉତ୍କଟ ହୋଇଛି। ଏହାର ମୁକାବିଲା କରିବା ପାଇଁ ରାଜ୍ୟ ସରକାର ବିଫଳ ହୋଇଥିବା ଅଭିଯୋଗ କରି ବୌଦ୍ଧ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ଜିଲା ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏଥିରେ ତାଲା ପକାଇ ଦିଆଯାଇଛି। ଜିଲା ଯୁବମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲା ଭାଜପା କାର୍ଯ୍ୟାଳୟ ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଯୁବମୋର୍ଚ୍ଚା ସଦସ୍ୟମାନେ ନିଯୁକ୍ତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ନୂତନ ସରକାରୀ ନିଯୁକ୍ତି ଦିଆଯାଉ ନ ଥିବାବେଳେ ଠିକା ନିଯୁକ୍ତି ଏବଂ ଆଉଟସୋର୍ସିଂ ନାମରେ ଅନ୍ୟ ଜିଲାର ପିଲାମାନଙ୍କୁ ନିଯୁକ୍ତି ଦିଆଯାଉଛି। ଫଳରେ ଜିଲାର ମେଧାବୀ ତଥା ଗରିବ ଯୁବତୀଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ଠିକା ଓ ଆଉଟସୋର୍ସିଂରେ ସ୍ଥାନୀୟ ବେରୋଜଗାର ଯୁବକଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ, ଅନ୍ୟ ଜିଲାବାସିନ୍ଦାଙ୍କୁ ଜିଲା ନିୟୋଜନ କାର୍ଯ୍ୟାଳୟରେ ପଞ୍ଜୀକୃତ କରା ନ ଯିବା ପାଇଁ ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ସେହିପରି ସ୍ଥାନୀୟ ବିଧାୟକ ରାଜ୍ୟ ଶାସନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇଥିଲେ ମଧ ଜିଲାରେ କୌଣସି ଶିଳ୍ପ କିମ୍ବା ରୋଜଗାରର ମାଧ୍ୟମ ସୃଷ୍ଟି କରିପାରି ନାହାନ୍ତି ବୋଲି ଯୁବମୋର୍ଚ୍ଚା ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ସୌମିତ୍ରୀ କୁମାର ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ନମିତାରାଣୀ ଦାଶ, ରାଜ୍ୟ କୃଷକ ମୋର୍ଚ୍ଚା ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର, ସଂଯୋଜକ ମନୋରଞ୍ଜନ ଦାଶ, ଏସ୍‌ସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗ, ସାଧାରଣ ସମ୍ପାଦକ ତଥା ମିଡିଆ ସେଲ୍ ପ୍ରଭାରୀ ବିପ୍ରଚରଣ ମହାନ୍ତି, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଇମ୍ରାନ ଖାଁ ପ୍ରମୁଖ ସାମିଲ ହୋଇଥିଲେ। ଆଗାମୀ ଦିନରେ ଜିଲାରେ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରା ନ ଗଲେ ଭାଜପା ଜୋରଦାର ଆନ୍ଦୋଳନ କରିବ ବୋଲି ଚେତାବନୀ ଦିଆଯାଇଛି। ଶାନ୍ତିଶୃଙ୍ଖଳା ପାଇଁ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।





ଭାଜପା ଯୁବମୋର୍ଚ୍ଚା ସଦସ୍ୟମାନେ ବୌଦ୍ଧ ଜିଲା ନିୟୋଜନ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବୃକ୍ଷ ଉଦ୍‌ଗମ ମାତ୍ରକେ ଫଳ ଲାଭର ଆଶା କରାଯାଇପାରେ କି? ବୃକ୍ଷ ବଢ଼ି ଫଳ ଧରିବାକୁ ସମୟ ଲଗେ। ସେହିପରି ମଣିଷ ବଡ଼ ହେବାକୁ ସମୟ ଓ ଯୋଗ୍ୟତା ଲୋଡ଼ା।
- ଶ୍ରୀ ରାମକୃଷ୍ଣ ପରମହଂସ

## ସଂକ୍ଷେପରେ

### ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖପ୍ରାଖୋଲ,୫।୧୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାରଙ୍ଗ ଧର ଠାକୁର ଅଧକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ଆଇପିଇ ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ବାଧା ଦୌଡ, ବିଭିନ୍ନ ଥ୍ରୋ ଆଦି ପ୍ରତିଯୋଗିତାରେ ଉନ୍ନିତ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟା ଅଧ୍ୟୟନ ସହ ଶାରିରୀକ ଖେଳ କୁଦ ଦ୍ୱାରା ମନ ଶାନ୍ତ ରହିବା ସହ ଶରୀର ସୁସ୍ଥ ରହିଥାଏ ବୋଲି ଅତିଥିମାନେ ପ୍ରତିଯୋଗୀଙ୍କୁ କହିଥିଲେ। କ୍ରୀଡା ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ବିଭିନ୍ନ ବିଦ୍ୟାଳୟରୁ ବିଭିନ୍ନ ବିଭାଗ ପାଇଁ ଶତାଧିକ ଲେଖାଏଁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାବେଳେ କ୍ରୀଡା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ।

# ନୈତିକତା ଜୀବନର ଅମୂଲ୍ୟ ସମ୍ପଦ

## ମାନବୀୟ ମୂଲ୍ୟବୋଧ ଶିକ୍ଷା ଶୀର୍ଷକ କର୍ମଶାଳାରେ ଶିକ୍ଷାବିତ୍‌ଙ୍କ ମତ

**ବୀରମହାରାଜପୁର, ୫।୧୧ (ଡି.ଏନ୍.ଏ.)**

ମଣିଷ ଜୀବନରେ ନୈତିକତା ହେଉଛି ତାର ପ୍ରାଣପିଣ୍ଡ। ନୈତିକତା, ମାନବିକ ମୂଲ୍ୟବୋଧ ନ ଥିଲେ ମଣିଷ ଜୀବନ ମୂଲ୍ୟହୀନ। ତେଣୁ ନୈତିକ ଶିକ୍ଷା ଚରିତ୍ର ଗଠନରେ ସହାୟକ ହୁଏ ବୋଲି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ କର୍ମଶାଳାରେ ଅତିଥିଭାବେ ଯୋଗଦେଇଥିବା ଶିକ୍ଷାବିତ୍‌ମାନେ ମତପୋଷଣ କରିଛନ୍ତି। ମାନବୀୟ ମୂଲ୍ୟବୋଧ ଶିକ୍ଷା ଉପରେ ଆୟୋଜିତ ଉକ୍ତ କର୍ମଶାଳାରେ ଅଧକ୍ଷ ମୁରଲୀଧର ହୋତା ସଭାପତିତ୍ୱ କରିଥିଲେ। ଏଥିରେ ଶିକ୍ଷାବତ୍ ହରପ୍ରସାଦ ରଥ ମୁଖ୍ୟ ଅତିଥି ଓ ସୁବର୍ଣ୍ଣପୁର ଜିଲା ଉଚ୍ଚଶିକ୍ଷା ପରାମର୍ଶଦାତା ଡ. ପ୍ରଫୁଲ କୁମାର ରଥ ସମ୍ମାନିତ ଅତିଥିଭାବେ ଯୋଗଦେଇ ନୈତିକଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ସୋନପୁର କଲେଜର ଅବସରପ୍ରାପ୍ତ ଅଧକ୍ଷା ରେଣୁକା ମିଶ୍ର, ଉପେନ୍ଦ୍ର ପ୍ରସାଦ ବାରିକ ଓ ବୃନ୍ଦାବନ ରଥ ଅଂଶଗ୍ରହଣ କରିଥିଲେ। ଆୟୋଜକ ବୀରମହାରାଜପୁର କଲେଜର ଅଧାପିକା ଡ. ଗୀତାଞ୍ଜଳି ମିଶ୍ର, ଅଧାପିକା ଗିତାଞ୍ଜଳି ପୂଜାରୀ ଓ ଅଧାପକ ପ୍ରକାଶ କୁମାର ସେଠ୍ ପ୍ରମୁଖ ସୁଚନ୍ତିତ ବକ୍ତବ୍ୟ ରଖିଥିଲେ। ସେହିପରି ବିଦ୍ୟାର୍ଥୀମାନଙ୍କ ମଧ୍ୟରୁ ଯୁକ୍ତ୩ ଶେଷ ବର୍ଷ ବିଜ୍ଞାନ ଛାତ୍ର ସଦାଶିବ ଚାନ୍ଦ ମଧ ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ। ଅଧାପିକା ଜାମିନୀ ଦାସଙ୍କ ସଂଯୋଜନାକ୍ରମେ ସମ୍ପାଦିତ କର୍ମଶାଳାରେ ବରିଷ୍ଠ ଅଧାପକ ଦୀନବନ୍ଧୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପିକା,ଅଧାପକଙ୍କ ସହ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

■ଠିକ୍ ସର୍ଭେ ହେଉ ନ ଥିବା ଅଭିଯୋଗ

# ଆବାସ ଯୋଜନାରେ ମିଳୁନି ଗୃହ

**ସିଂଘିଯୁବା, ୫।୧୧(ଡି.ଏନ୍.ଏ.)**

ଠିକଭାବେ ସର୍ଭେ ହେଉନି। ସର୍ଭେୟରମାନେ କ୍ଷେତ୍ରର ବସ୍ତୁେବ ସ୍ଥିତି ଅନୁଧ୍ୟାନ ନ କରି ରିପୋର୍ଟ ଦେଉଛନ୍ତି। ଫଳରେ ବହୁ ଯୋଗ୍ୟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଆବାସ, ଇନ୍ଦିରା ଆବାସ, ବିଜୁ ପକ୍କା ଘର ଓ ପାଇଖାନା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହିପରି ଅଭିଯୋଗ କରିଛନ୍ତି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ପଲସାପାଲି ୮ ନଂ ୱାର୍ଡର ମହିଳାମାନେ। ସେମାନେ ଏ ନେଇ ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଫେରାଦ ହୋଇଛନ୍ତି। ସେମାନଙ୍କ କହିବାମତେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଗରିବର ଚାଳଘର ଛାତପକ୍କା ଘର ହେବାକଥା। ଏଣୁ ଯୋଜନାରେ ଯେଭଳି ତ୍ରୁଟି ନ ହେବ ଓ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବେ ସେଥିପାଇଁ ପ୍ରଶାସନ ପକ୍ଷରୁ ଘରକୁ ଘର ଯାଇ ସର୍ଭେ ପାଇଁ ସର୍ଭେୟରଙ୍କୁ ନିୟୋଜିତ କରାଯାଇଛି। ମାତ୍ର ସର୍ଭେୟରମାନେ ବର୍ଷବର୍ଷ ଧରି ଚାଳଘରେ ରହୁଥିବା ଲୋକଙ୍କ ପାଖକୁ ନ ଯାଇ ରିପୋର୍ଟ ପ୍ରସ୍ତୁତ କରିବା କାରଣରୁ ଯୋଗ୍ୟ ହିତାଧିକାରୀ ଚୟନ କରାଯାଇ ପାରୁନାହିଁ। ଏହିଭଳି ସ୍ଥିତି ୮ନଂ ୱାର୍ଡ ବାସିନ୍ଦାଙ୍କ କ୍ଷେତ୍ରରେ ଘଟିଥିବା ମହଳାମାନେ ସରପଞ୍ଚ ଚନ୍ଦ୍ର କୁମାର ମହାପାତ୍ରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ଏହି ୱାର୍ଡରେ ଅବଧି ସୁଦ୍ଧା ମାତ୍ର ୩ଟି ପରିବାରକୁ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ଅର୍ଥ ମିଳିଥିବା ବେଳେ ଅନ୍ୟ ୧୩ ପରିବାର ପାଖରେ ପାଇଖାନା ନଥିବା ମହିଳାମାନେ ସରପଞ୍ଚଙ୍କୁ ଫେରାଦ ହୋଇଥିଲେ। ଅଭିଯୋଗ ଯୁକ୍ତିଯୁକ୍ତ ଓ ଏ ସମ୍ପର୍କରେ ବ୍ଲକ ପ୍ରଶାସନକୁ ଅବଗତ କରିବି। ଉଚିତ ସର୍ଭେ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ କିପରି ଘର ଯୋଗାଇ ଦିଆଯିବ ତାହାର ବ୍ୟବସ୍ଥା କରାଯିବ। ଅନୁରୂପଭାବେ ୱାର୍ଡର ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଯେପରି ପାଇଖାନା ଯୋଗାଇ ଦିଆଯାଇ ପାରିବ ତାହାର ବ୍ୟବସ୍ଥା କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସରପଞ୍ଚଙ୍କୁ ଭେଟି ସମସ୍ୟା ଜଣାଇଥିବା ମହିଳାଙ୍କ ନେତୃତ୍ୱ ନେଇଥିଲେ ଆଶାବତୀ ପଧାନ, ନୂଆଁଦେଇ ବିଶ୍ୱାଳ, ପଙ୍କଜିନୀ ପଧାନ, ଝରଣା ବିଶ୍ୱାଳ, ବିଜୁଳି ବିଶ୍ୱାଳ।

# ନିଯୋଜନ କାର୍ଯ୍ୟାଳୟରେ ତାଲା ପକାଇଲା ଯୁବମୋର୍ଚ୍ଚା

**ସୋନପୁର,୫।୧୧ (ନି.ପ୍ର.)**

ରାଜ୍ୟର ନବୀନ ପଟ୍ଟନାୟକଙ୍କ ସରକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ପ୍ରଦାନରେ ବିଫଳ ହୋଇଛନ୍ତି। ଦୀର୍ଘ ୧୮ବର୍ଷ ଶାସନରେ ଥାଇ ନିଯୁକ୍ତି ସୃଷ୍ଟି କରିବାରେ ସରକାର ବିଫଳ, ବେକାରି ସମସ୍ୟା ଦୂର କରିବାକୁ ସରକାରଙ୍କ ଆନ୍ତରିକତା ନଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ପ୍ରତିବାଦରେ ଦଳ ପକ୍ଷରୁ ସୋମବାର ସୁବର୍ଣ୍ଣପୁର ଜିଲା ନିଯୋଜନ କାର୍ଯ୍ୟାଳୟରେ ତାଲା ପକା ଯାଇଥିଲା। ମୁଖ୍ୟ ଫାଟକ ସମ୍ମୁଖରେ ତାଲା ପକାଇ ଯୁବମୋର୍ଚ୍ଚାର କର୍ମୀମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। ନିଯୁକ୍ତି ମେଳା ନାମରେ ବେକାର ଯୁବତୀ ଯୁବକଙ୍କୁ ପ୍ରତାରିତ କରାଯାଉଛି। ୨୦୧୪ ମସିହାରେ ନିଯୁକ୍ତି ମେଳା ନାମରେ ରାଜ୍ୟର ୪୧ ହଜାର ଛାତ୍ରୀଛାତ୍ରଙ୍କଠାରୁ ନିଯୁକ୍ତି ଦେବାକୁ କହି ଜଣ ପିଛା ସରକାର ୧ଶହ ଟଙ୍କା ଆଦାୟ କରିଥିଲେ। ସେମାନଙ୍କୁ ନିଯୁକ୍ତି ତ ଦେଲେ ନାହିଁ, ଏ ପର୍ଯ୍ୟନ୍ତ ଟଙ୍କା ଫେରସ୍ତ ହୋଇ ନଥିବା ଦଳ ଅଭିଯୋଗ କରିଛି। ଅନ୍ୟପକ୍ଷେ ରାଜନୈତିକ ଫାଇଦା ପାଇଁ ୪୫୦ କୋଟି ଟଙ୍କା ବ୍ୟୟରେ ବିଜୁ ଯୁବ ବାହିନୀ ଗଠନ କରାଯାଇଥିବା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଭାଜପା ଯୁବମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ପ୍ରମୋଦ ମହାପାତ୍ର, ଯୁବମୋର୍ଚ୍ଚା ପ୍ରଭାରୀ ରାମଶଙ୍କର ଭୋଇ, ଗିରିଗୋବର୍ଦ୍ଧନ ଥନାପତି, ଗଣେଷ ସାହୁ, ଅଶୋକ ଝାଙ୍କର, ସୁକାନ୍ତ ସାହୁ, ସୁରୁବାବୁ ସାହୁ, ଯୋଗେନ୍ଦ୍ର ମଲ୍ଲିକ, ଦେବାଶିଷ ପୂଜାହାରୀ ଓ ସୁରେଶ ବିଶ୍ୱାଳ ପ୍ରମୁଖ ନେତୃତ୍ୱ ନେଇଥିଲେ।



ସୁବର୍ଣ୍ଣପୁର ଜିଲା ନିଯୋଜନ କାର୍ଯ୍ୟାଳୟରେ ତାଲା ପକାଇ ଭାଜପା କର୍ମୀ ଧାରଣା ଦେଉଛନ୍ତି।

# କାଳୀପୂଜା ପାଇଁ କଳସ ଯାତ୍ରା

**ପୁରୁଣାକଟକ,୫।୧୧(ଡି.ଏନ୍.ଏ.)**

ହରଭଙ୍ଗା ଟିକିରାସାହିଠାରେ ଜୟଦୁର୍ଗା କ୍ଳବ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବପୁରାତନ କାଳୀପୂଜା ପାଇଁ ସୋମବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ମହାନଦୀ ପଠାରେ ପୂଜାର୍ଚ୍ଚନା କରି ଶହ ଶହ ଗ୍ରାମବାସୀ କଳସ ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଆସିଥିଲେ। ସନ୍ଧ୍ୟାରୁ କାଳୀପୂଜା ଆରମ୍ଭ ହୋଇ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ।


ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

### ଟଙ୍କା ମାଗିବାକୁ ଯାଇ ଯୁବକ ନିଖୋଜ ଅଭିଯୋଗ

**ବଲାଙ୍ଗୀର ଅଫିସ,୫।୧୧**

ସଇଁତଲା ରେଲଷ୍ଟେଶନ୍‌ପଡାର ଦାଦନ ଶ୍ରମିକ ନିରଞ୍ଜନ ଚୌଧୁରୀ(୩୦) ତାଙ୍କ ପ୍ରାପ୍ୟ ଟଙ୍କା ମାଗିବାକୁ ଯାଇ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଦାଦନ ଶ୍ରମିକ ନିରଞ୍ଜନଙ୍କୁ କଣ୍ଟାବାଞ୍ଜି ନିକଟସ୍ଥ ଚଟୁଆନକା ଗ୍ରାମର ଦିଲୀପ ତାଣ୍ଡି ନାମକ ଜଣେ ଦାଦନ ସର୍ଦ୍ଦାର ତେଲେଙ୍ଗାନାକୁ କାମ କରାଇବା ପାଇଁ ନେଇଥିଲେ। ସେଠାରେ କିଛି ଦିନ କାମ କରିବା ପରେ ନିରଞ୍ଜନ ଇଟାଭାଟି ମାଲିକଙ୍କୁ ପାଉଣା ମାଗିବାରୁ ତାଙ୍କ ପାଉଣା ପୂର୍ବରୁ ଦାଦନ ସର୍ଦ୍ଦାର ତାଣ୍ଡି ନେଇ ସାରିଥିବା କହିଥିଲେ। ସେଠାରୁ କିଛି ଦିନ ତଳେ ସଇଁତଲା ଆସି ଗତ ୩ଦିନ ତଳେ ତାଙ୍କ ପାଉଣା ଆଣିବା ପାଇଁ ଚଟୁଆନକା ଗାଁର ଦିଲୀପଙ୍କ ପାଖକୁ ଯାଇଥିଲେ। ସେଠାକୁ ଗଲା ପରଠାରୁ ନିରଞ୍ଜନ ଆଉ ଘରକୁ ଫେରି ନାହାନ୍ତି। ଏ ନେଇ ତାଙ୍କ ବିଧବା ମା ଲତା ଚୌଧୁରୀ ସାମାଜିକକର୍ମୀ ଲଳିତ ନାଏକଙ୍କ ନିକଟକୁ ଆସି ଦୁଃଖ ଜଣାଇଥିଲେ। ଏହା ପରେ ସମାଜିକକର୍ମୀ ନାଏକ ତାଙ୍କୁ ନେଇ ଏସପି ଅଫିସକୁ ଯାଇ ଦାଦନ ଶ୍ରମିକଙ୍କ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି।

# ୨୪୦ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ତଳଗାଁ / ପୁରୁଣାକଟକ, ୫।୧୧ (ଡି.ଏନ୍.ଏ.)**

ନୂତନ ଜିଲାପାଳ ଭାବେ ଏଠାରେ ସୀତାଂଶୁ କୁମାର ରାଉତ ଯୋଗଦେବା ପରେ ତାଙ୍କ ଉପସ୍ଥିତିରେ ଆୟୋଜିତ ବିଭିନ୍ନ ଜନଶୁଣାଣି ଶିବିରରେ ଅଭିଯୋଗଗୁଡ଼ିକର ତତ୍କାଳ ସମାଧାନ ହେଉଥିବା ପରିଲକ୍ଷିତ ହେଉଛି। ଦିବ୍ୟାଙ୍ଗ, ଅସହାୟ ବୃଦ୍ଧାବୃଦ୍ଧଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯିବା ସହ ଅର୍ଥାଭାବ ଯୋଗୁଁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହୋଇଆସୁଥିବା ଗରିବ ଲୋକଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏହି ଖବର ପ୍ରଚାରିତ ହେବାପରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଜିଲାର କୋଣଅନୁକୋଣରୁ ଅଭିଯୋଗକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଉଛି। ସୋମବାର ହରଭଙ୍ଗା ବ୍ଲକରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ସମୁଦାୟ ୨୪୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୩୦ ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଅଭିଯୋଗ ଆସିଥିବା ଜଣାପଡ଼ିଛି। ୩୩ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ଜିଲାପାଳ ରାଉତଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଭତ୍ତା ମଞ୍ଜୁର କରାଯାଇ ୩ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା କରିବାକୁ ଅସମର୍ଥ ଅତ୍ୟନ୍ତ ଗରିବ ଶ୍ରେଣୀର ୨୫ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସମୁଦାୟ ୭୮ ହଜାର ଟଙ୍କା ଓ ଡାକ୍ତରଖାନା ଯିବାଆସିବା ନିମନ୍ତେ ତତ୍କାଳ ସହାୟତା ପ୍ରଦାନ କରାଯାଇଥିଲା। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା ସକାଶେ ଯାହା ଖର୍ଚ୍ଚ ଲାଗିବ ତାହା ଜିଲା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ପୂର୍ବରୁ ହରଭଙ୍ଗା ବ୍ଲକରେ ଆୟୋଜିତ ଜନଶୁଣାଣି ଶିବିରଗୁଡ଼ିକରେ ସର୍ବାଧିକ ୧୩୦ ଅଭିଯୋଗ ଆସିବାର ନଜିର ଥିବାବେଳେ ସୋମବାର ଏହି ସଂଖ୍ୟା ୨୪୦ରେ ପହଞ୍ଚିବା ଘଟଣା ଜିଲା ପ୍ରଶାସନ ପ୍ରତି ଲୋକଙ୍କ ଆସ୍ଥା ବୃଦ୍ଧିକୁ ପ୍ରମାଣିତ କରିଛି। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ରାଉତଙ୍କ ସମେତ ବୌଦ୍ଧ ଅତିରିକ୍ତ ଏସ୍‌ପି ଏସ୍.କେ. ପାଣିଗ୍ରାହୀ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଟ୍ଟନାୟକ, ଉପଜିଲାପାଳ ଏନ୍.ସି. ଜ୍ୟୋତିରଞ୍ଜନ ନାଏକ, ବିଡିଓ ରବୀନ୍ଦ୍ରନାଥ ଶତପଥୀ, ତହସିଲଦାର ବବିତାରାଣୀ ଦଳବେହେରା ଓ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।


ଅଭିଯୋଗ ଶୁଣାଣି ଶିବିରରେ ଜଣେ ହିତାଧିକାରୀଙ୍କୁ ସହାୟତା ଚେକ୍ ପ୍ରଦାନ କରାଯାଉଛି।

### ସ୍କୁଲରେ ଗଠନ ହେଲା ସାଇନ୍ସ ସୋସାଇଟି

**ସୋନପୁର,୫।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ହାଇସ୍କୁଲଠାରେ ନୂତନ ଭାବେ ଗଠନ ହୋଇଛି ସାଇନ୍ସ ସୋସାଇଟି। ହାଇସ୍କୁଲର ପ୍ରାକ୍ତନ ଛାତ୍ର ତଥା ବୁର୍ଲାସ୍ଥିତ ଭୀମସାର ନିର୍ଦ୍ଦେଶକ ଡାକ୍ତର ଅଶ୍ୱିନୀ ପୂଜାରୀଙ୍କ ୧୦ଲକ୍ଷ ଟଙ୍କା ଦାନରେ ଏହି ସୋସାଇଟି ଗଠନ ହୋଇପାରିଛି। ବୈଠକରେ ଡାକ୍ତର ପୂଜାରୀ ମେଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଭୀମସେନ ମହାକୁରଙ୍କୁ ୫ଲକ୍ଷ ଟଙ୍କାର ଚେକ୍ ଓ ୫ ଲକ୍ଷ ଟଙ୍କା ସ୍ଥାୟୀ ଜମାର କାଗଜ ପ୍ରଦାନ କରିଥିଲେ। ଏହି ସ୍ଥାୟୀ ଜମାର ସୁଧରେ ବିଦ୍ୟାଳୟରେ ପ୍ରତି ବର୍ଷ ବିଜ୍ଞାନ ସମ୍ବନ୍ଧୀୟ ଆଲୋଚନାଚକ୍ର ଆୟୋଜିତ ହେବା ସହ, ଉପକରଣ କିଣାଯିବ। ବିଜ୍ଞାନ ଶିକ୍ଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢାଇବା ଏହାର ଉଦ୍ଦେଶ୍ୟ ବୋଲି ଡାକ୍ତର ପୂଜାରୀ କହିଥିଲେ। ଛାତ୍ରୀଛାତ୍ରମାନେ ସଚ୍ଚୋଟ, ପରିଶ୍ରମୀ ଓ ସମୟାନୁବର୍ତ୍ତୀ ହେଲେ ଜୀବନରେ ବହୁ ଉନ୍ନତି କରିପାରିବେ ବୋଲି ସେ କହିଥିଲେ। ଡାକ୍ତର ପୂଜାରୀଙ୍କ ସହଧର୍ମୀଣୀ ଡାକ୍ତର ରାଜଲକ୍ଷ୍ମୀ ପୂଜାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପରେ ବିଦ୍ୟାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୋ ସ୍କୁଲ ଅଭିଯାନ ବିଷୟରେ ଆଲୋଚନା ହୋଇ ନୂତନ କମିଟି ଗଠନ ହୋଇଥିଲା। ପ୍ରଧାନ ଶିକ୍ଷକ ମହାକୁର ଓ ପୁରାତନ ଛାତ୍ର ନାରାୟଣ ଝାଙ୍କରଙ୍କ ନାମରେ ଯୁଗ୍ମ ବ୍ୟାଙ୍କ ଖାତା ଖୋଲିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଇଂ ମୁକୁନ୍ଦ ସାହୁ, ପ୍ରାକ୍ତନ ଶିକ୍ଷକ ବାଙ୍କବିହାରୀ ଯୋଶୀ, ପରିଚାଳନା କମିଟିର ପ୍ରାକ୍ତନ ସଭାପତି ମୋହନ ଝାଙ୍କର, ପ୍ରାକ୍ତନ ଛାତ୍ର ସନ୍ତୋଷ ଦାସ, ନାରାୟଣ ଝାଙ୍କର, ବାଳଗୋପାଳ ପଣ୍ଡା, ଦୁର୍ଗାପ୍ରସାଦ ମେହେର, ରାଜକୁମାର ମେହେର, ସନ୍ତୋଷ ସାହୁ, ପଦ୍ମଲୋଚନ ମଲ୍ଲିକ, ହୃଷିକେଶ ପାତ୍ର, ମହାଦେବ ଜେନା, ଦିଲୀପ ମିଶ୍ର, ସହଦେବ କର୍ଣ୍ଣ, ସୁଶୀଲ ଯୋଶୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବୀରେନ୍ଦ୍ର ଝାଙ୍କର, ସରୋଜ ସାହୁ, ମଧୁସ୍ମିତା ପଣ୍ଡା ଓ ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ରଙ୍କଠାରୁ ବିଦ୍ୟାଳୟର ଉନ୍ନତି ପାଇଁ ୮୦ହଜାର ଟଙ୍କାର ସହାୟତା ଆଦାୟ ହୋଇଥିଲା।

### ସ୍କାଏ ଲାଇଟ୍ ଭାଙ୍ଗି ଦୋକାନରୁ ଚୋରି

**ସୋନପୁର,୫।୧୧(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଦୋକାନ ସ୍କାଏ ଲାଇଟ୍ ଭାଙ୍ଗି ଚୋରି ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ରବିବାର ବିଳମ୍ବିତ ରାତିରେ ନଳିନୀ ଛକଠାରେ ଥିବା ଓମ୍‌ଫେଡ ମିଲ୍କ ପାର୍ଲରର ସ୍କାଏ ଲାଇଟ୍ ଭାଙ୍ଗି ଦୁର୍ବୃର୍ତ୍ତମାନେ ପ୍ରାୟ ୫ହଜାର ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ତେବେ ଚୋରମାନେ ଅନ୍ୟ କୌଣସି ସାମଗ୍ରୀରେ ହାତ ମାରି ନାହାନ୍ତି। ଦୋକାନ ମାଲିକ ରମେଶ ସାହୁ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରମେଶଙ୍କ କହିବା ଅନୁଯାୟୀ ୬ବର୍ଷ ପୂର୍ବରୁ ପଛ କବାଟ ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ସେହିପରି ପ୍ରାୟ ୧ସପ୍ତାହ ପୂର୍ବରୁ ବାମ ପଟ ସ୍କାଏ ଲାଇଟ୍‌ରେ ଥିବା ଭେଣ୍ଟିଲେଟର ଭାଙ୍ଗି ଚୋରି ଉଦ୍ୟମ ହୋଇଥିଲା। ତେବେ ଫ୍ୟାନ ନ ଭାଙ୍ଗିବାରୁ ଚୋରି ସମ୍ଭବ ହୋଇ ନ ଥିଲା। ଅନ୍ୟପକ୍ଷେ ଗତ ମଙ୍ଗଳବାର ବସଷ୍ଟାଣ୍ଡ ପାର୍ଶ୍ୱରେ ଥିବା ମ୍ୟୁନିସିପାଲିଟି ଷ୍ଟଲର କାନ୍ଥ ଖୋଳି କୁମାର ଦର୍ଜୀଙ୍କ ଦେକାନରୁ ମୋବାଇଲ ଓ କମ୍ପ୍ୟୁଟର ସାମଗ୍ରୀ ଚୋରି ହୋଇଥିଲା। ଏହି ଚୋରି ଘଟଣାରେ ଯାଯାବରଙ୍କ ସମ୍ପୃକ୍ତି ଥିବା ନେଇ ସନ୍ଦେହ କରାଯାଉଛି। ତଦନ୍ତ ଜାରି ରହିଛି, ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଚନ୍ଦ୍ରମୋହନ ସିଂ କହିଛନ୍ତି।


ସ୍କାଏ ଲାଇଟ୍ ଭାଙ୍ଗି ଦୋକାନରୁ ଚୋରି ହୋଇଛି।

# ଭାଜପାର ବ୍ଲକ ଅଫିସ ଘେରାଉ

**ବୀରମହାରାଜପୁର, ୫।୧୧(ଡି.ଏନ୍.ଏ.)**

ଆଞ୍ଚଳିକ ସମସ୍ୟା ଉପରେ ପର୍ଯ୍ୟବେକ୍ଷିତ ୧୦ଦଫା ଦାବିକୁ ନେଇ ଭାରତୀୟ ଜନତା ପାର୍ଟି ପକ୍ଷରୁ ସୋମବାର ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଦଳୀୟ କର୍ମୀମାନେ ସ୍ଥାନୀୟ ମିନି ଷ୍ଟାଡିୟମରୁ ଶୋଭାଯାତ୍ରାରେ ବାହାରି ବସ୍ତି ପରିକ୍ରମା କରିବା ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବେଣୁଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ଜିଲା ପରିଷଦ ସଭ୍ୟା ଗାୟତ୍ରୀ ପାଣିଗ୍ରାହୀ, ରାଜ୍ୟ କାର୍ଯକାରିଣୀ ସଦସ୍ୟ ତଥା ପୂବତନ ଜିଲା ପରିଷଦ ସଭାପତି ଆନନ୍ଦ ବାରିକ, ଆଡ୍‌ଭୋକେଟ ବଳଦେବ ପ୍ରସାଦ ବେଦବାକ, ମହେନ୍ଦ୍ର ମହାନନ୍ଦ, ରୁଦ୍ରକିଶୋର ମହଲା, ରଘୁବୀର ପାଣିଗ୍ରାହୀ, ନାରୀନେତ୍ରି ନଳିନୀ ପଣ୍ଡା, ରୋହିଣି ଡାଙ୍ଗ, କୃଷକ ମୋର୍ଚ୍ଚା ଜିଲା ସମ୍ପାଦକ ଆଶ୍ରୟ ମହାନନ୍ଦ, ସୁଶାନ୍ତ ପଣ୍ଡା, ବଳରାମ ସୁନା, ପୂର୍ଣ୍ଣଚନ୍ଦ୍ର ବିଶି, ଜିତେନ୍ଦ୍ର କୁମାର ଭୋଇ, ଗୌର ଜଗଦଲା ଓ ଆବାହକ ଶିବନାରାୟଣ ପଣ୍ଡା ପ୍ରମୁଖ ନେତୃମଣ୍ଡଳୀ ଭାଷଣ ଦେଇଥିଲେ। ଏହି ଅବସରରେ ସେମାନେ ସ୍ଥାନୀୟ ସମସ୍ୟା ଉତ୍‌ଥାପନ କରିବା ସହିତ ରାଜ୍ୟର ବିଜେଡି ସରକାର ବିରୋଧରେ ବିଷୋଦ୍‌ଗାର କରିଥିଲେ। ସଭା ଶେଷରେ ବୀରମହାରାଜପୁର ମଣ୍ଡଳ ଭାଜପା ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦେଶ୍ୟରେ ୧୦ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଏଥିରେ ବୀରମହାରାଜପୁର ଉପଖଣ୍ଡକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା, ବୀରମହାରାଜପୁର ସହରକୁ ଏନ୍‌ଏସିର ମାନ୍ୟତା ପ୍ରଦାନ, ଉପଖଣ୍ଡୀୟ ଡାକ୍ତରଖାନାରେ ଖାଲିଥିବା ସମସ୍ତ ବିଶେଷଜ୍ଞ ଡାକ୍ତରୀ ପଦବୀ ପୂରଣ, ହରିହର ଯୋର ସେଚ ପ୍ରକଳ୍ପ ବାମପାର୍ଶ୍ୱ କେନାଲ ଓ ମେଗା ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ, ଚକଡା ପୋକ ଦ୍ୱାରା କ୍ଷତିଗ୍ରସ୍ତ ଫସଲର ଠିକ ଆକଳନ ସହ ଚାଷୀମାନଙ୍କୁ ସହାୟତା ପ୍ରଦାନ, ପ୍ରଧାନମନ୍ତ୍ରୀ ଫସଲ ବୀମାରୁ ବଞ୍ଚିତ ପଞ୍ଚାୟତଗୁଡିକୁ ସାମିଲ କରି ବୀମାରାଶି ପ୍ରଦାନ, ପ୍ରବଳ ବର୍ଷା ଯୋଗୁଁ ଭାଙ୍ଗିଯାଇଥିବା ଘରଗୁଡିକ ପାଇଁ ବିପନ୍ନଙ୍କୁ କ୍ଷତିପୂରଣ, ଅଞ୍ଚଳର ବିଦ୍ୟାଳୟମାନଙ୍କରେ ଖାଲି ପଡିଥିବା ଶିକ୍ଷକ ପଦବୀଗୁଡିକ ଅବିଳମ୍ବେ ପୂରଣ ଏବଂ ଏହି ଅଞ୍ଚଳରୁ ବାଲି ଚୋରା ଚାଲାଣକୁ ବନ୍ଦ କରାଯିବା ପ୍ରଭୃତି ଦାବି ଅନ୍ତର୍ଭୁକ୍ତ।



ବ୍ଲକ ଘେରାଉ ପାଇଁ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

## ସଂକ୍ଷେପରେ

### ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ

**ସମ୍ବଲପୁର,୫।୧୧(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅଧୀନ ମାନେଶ୍ୱରଠାରେ ଥିବା ବୃଦ୍ଧାଶ୍ରମରେ ସୋମବାର କମ୍ବଳ ବଣ୍ଟନ କରାଯାଉଛି । କଲିକତାର ଓମ୍ ପ୍ରକାଶ ବର୍ମା, ଜମନକିରାର ନନ୍ଦଲାଲ ସାହୁ, ଦେବେନ୍ଦ୍ର ବାରିକ ଆଶ୍ରମରେ ପହଞ୍ଚି ୭ ଜଣ ବୃଦ୍ଧଙ୍କୁ କମ୍ବଳ ପ୍ରଦାନ କରିଥିଲେ। ଏହି ଅବସରରେ ଆଶ୍ରମ ପରିଚାଳନା ସଭ୍ୟ ହରିଶଙ୍କର ପୁରୋହିତ ଉପସ୍ଥିତ ରହିଥିଲେ।

### ଫ୍ଲାଏଆଶ୍ ଇଟା କାରଖାନା ମାଲିକଙ୍କ ବୈଠକ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଏସଏନ କନଫରେନ୍ସ ହଲଠାରେ ୫ ଜିଲାର ଫ୍ଲାଏଆଶ୍ ଇଟା କାରଖାନା ମାଲିକମାନଙ୍କ ଏକ ଆଞ୍ଚଳିକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଶ୍ୟାମ ସୁନ୍ଦର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କାର୍ଯ୍ୟକାରୀ ସଭାପତି ପ୍ରକାଶ ପ୍ରଧାନ ପ୍ରାରମ୍ଭିକ ସୂଚନା ଦେଇଥିଲେ। ପ୍ରଶାନ୍ତ ମେହେର ସଂଘର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ରାକେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଳାହାଣ୍ଡି, ବଲାଙ୍ଗୀର, ନୂଆପଡା ଓ ଗଜପତି ଜିଲାରେ ପ୍ରାୟ ୪୫ରୁ ଅଧିକ ମାଲିକ ଯୋଗଦେଇଥିଲେ । ବିଭିନ୍ନ ସମସ୍ୟା ନେଇ କାଳାହାଣ୍ଡି ଜିଲାପାଳଙ୍କୁ ସାକ୍ଷାତ କରିବା ଓ ବେଦାନ୍ତ ଲାଞ୍ଜିଗଡ ପକ୍ଷରୁ ମାଗଣା ଫ୍ଲାଏଆଶ୍ ଯୋଗାଣ ସହିତ ବିଭିନ୍ନ ସମ୍ପସ୍ୟା ନେଇ ଆଲୋଚନା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।

# ଜିଲାପାଳ, ଏସ୍‌ପିଙ୍କୁ ଅଭିଯୋଗକଲେ ମହିଳା




ଜିଲାପାଳଙ୍କ ଅଭିଯୋଗ ଶୁଣାଣିକୁ ଆସିଥିବା ଭେରା ଗାଁର ମହିଳାମାନେ (ବାମ) । ମହିଳାମାନେ ପତୋରା ମଦଭାଟି ସମ୍ମୁଖରେ ଧାରଣାରେ ବସିଛନ୍ତି।

**ବେଆଇନ ମଦ କାରବାର**
- ଜିଲାପାଳ କହିଲେ କାର୍ଯ୍ୟାନୁଷ୍ଠାନ ହେବ
- ୫ ଦିନ ପରେ ଧାରଣା ପ୍ରତ୍ୟାହୃତ

**ନୂଆପଡ଼ା ଅଫିସ,୫।୧୧**

ନୂଆପଡ଼ା ଜିଲା ଉପାନ୍ତ ଅଞ୍ଚଳ ତଥା ପଡ଼ୋଶୀ ଛତିଶଗଡ଼ ସୀମାବର୍ତ୍ତୀ ଗାଁଗୁଡ଼ିକରେ ଅବାଧରେ ଦେଶୀମଦ କୋଠି ଚାଲିଛି। ଏହା ଉପରେ ପ୍ରଶାସନର ଲଗାମ ନାହିଁ। ଅନ୍ୟପକ୍ଷେ ଲୋକଙ୍କ ବାରମ୍ବାର ଦାବି ସତ୍ତ୍ୱେ ରାସ୍ତାକଡ଼ରେ ଥିବା ମଦଭାଟିଗୁଡ଼ିକୁ ସ୍ଥାନାନ୍ତର କରାଯାଇ ନ ଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଏହାର ପ୍ରତିବାଦରେ ଭେରା ପଞ୍ଚାୟତ ପତୋରା ମଦଭାଟି ସମ୍ମୁଖରେ ମହିଳାମାନେ ଲଗାତର ଧାରଣା ଦେବାପରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ମହିଳାମାନେ ଶେଷରେ ସୁଦୂର ଜିଲା ମୁଖ୍ୟାଳୟ ଆସି ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ମଦକୋଠିଗୁଡ଼ିକ ଉପରେ ଅଙ୍କୁଶ ଲାଗିବ ଏବଂ ଭାଟି ବନ୍ଦ ଦିଗରେ ଦୁଇମାସ ଭିତରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସୋମବାର ଥିଲା ଜିଲାପାଳଙ୍କ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ। ଏହି ଖବର ପାଇ ଭେରା ସରପଞ୍ଚ ଚନ୍ଦ୍ରିକା ଦେୱାଙ୍ଗନ, ନାଏବ ସରପଞ୍ଚ ଅଯୋଧ୍ୟା ସାହୁଙ୍କ ନେତୃତ୍ୱରେ ଏକ ୩୦ଜଣିଆ ମହିଳା ପ୍ରତିନିଧି ଦଳ ନୂଆପଡ଼ା ଆସିଥିଲେ। ଏଠାରେ ଦୀର୍ଘ ସମୟ ଅପେକ୍ଷା ପରେ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏକାଠି ଗୁହାରି ଭେଟିଥିଲେ। ଅନଳରେ ବେଆଇନ ଦେଶୀମଦ କୋଠିଗୁଡ଼ିକୁ ଦିନ ଦ୍ୱିପ୍ରହରରେ ଚାଲିଥିବା ନେଇ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ନିକଟରେ ଶୈବପୀଠ, ହାଇସ୍କୁଲ, କଲେଜ ରାସ୍ତା ଥିବା ସତ୍ତ୍ୱେ ପତୋରା ମଦଭାଟିକୁ ରାସ୍ତା କଡ଼ରେ ଅବସ୍ଥାପିତ କରାଯାଇଛି। ଏହାକୁ ତୁରନ୍ତ ସ୍ଥାନାନ୍ତର କରାଯାଉ ବୋଲି ମହିଳାମାନେ ଦାବି କରିଥିଲେ। ଏହି ଦାବି ନେଇ ଗତ ୧ ତାରିଖରୁ ମହିଳାମାନେ ଭାଟି ସମ୍ମୁଖରେ ଧାରଣାରେ ବସିଛନ୍ତି। ହେଲେ ପ୍ରଶାସନ କୌଣସି ନେଉ ନ ଥିବା ଅଭିଯୋଗ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଯାଏ ମହିଳାମାନେ ଧାରଣାରେ ବସିରହିବେ ବୋଲି ଚେତାବନୀ ଦେଇଥିଲେ। ଏହା ଉପରେ ଶୁଣାଣି କରି ଦାବିଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଅଞ୍ଚଳରେ ଚାଲିଥିବା ବେଆଇନ କୋଠିଗୁଡ଼ିକୁ ତୁରନ୍ତ ବନ୍ଦ କରାଯିବା ସହ ଭାଟି ବନ୍ଦ କରିବାକୁ ବିଭାଗୀୟ ରାଜ୍ୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ଏଥିପାଇଁ ଦୁଇମାସ ସମୟ ଦେବାକୁ ଜିଲାପାଳ କହିଥିଲେ। ଏହା ପରେ ମହିଳାମାନେ ନୂଆପଡ଼ାରୁ ଫେରି ଧାରଣା ପ୍ରତ୍ୟାହାର କରିଥିଲେ। ସୂଚନାଯୋଗ୍ୟ, ଗତ ୧୫ ଦିନ ତଳେ ଭାଟି ସ୍ଥାନାନ୍ତର ପାଇଁ ଜିଲାପାଳ ତଥା ଅବକାରୀ ବିଭାଗକୁ ଭେରା ପଞ୍ଚାୟତବାସୀ ଜଣାଇଥିଲେ। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗତ ୧ ତାରିଖରୁ ପଞ୍ଚାୟତର ୫ଖଣ୍ଡ ଗ୍ରାମବାସୀ ଧାରଣା ଦେଇଥିଲେ। ଏହା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସୋମବାର ଜିଲାପାଳଙ୍କୁ ଭେଟିବାକୁ ଏକ ପ୍ରତିନିଧି ଦଳ ନୂଆପଡ଼ା ଆସିଥିଲେ। ଏହି ପ୍ରତିନିଧି ଦଳରେ ସମସ୍ତ ୫ଖଣ୍ଡ ଗାଁର ମହିଳାପୁରୁଷ ସାମିଲ ଥିଲେ।

## ଅଟୋ ଓ ବାଇକ୍ ମୁହାଁମହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

ଭବାନୀପାଟଣା ସଦର ଥାନା କୋଟେନପଦରଠାରେ ରବିବାର ରାତିରେ ଏକ ଅଟୋ ଓ ବାଇକ୍ ମୁହାଁମୁହି ଧକ୍କା ହୋଇଛି । ଏଥିରେ ଧନିଆଁ ଦୁର୍ଗା (୪୫)ଙ୍କ ମୃତ୍ୟୁ ଘଟିଥିବା ବେଳେ ଅର୍ଜୁନ ମାଝି (୩୦)ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଭବାନୀପାଟଣା ସଦର ଥାନା ଚାଞ୍ଚେର ପଞ୍ଚାୟତ ଧଅଁରାଭାଟା ଗାଁର ଧନିଆଁ ଓ ଅର୍ଜୁନ ଏକ ବାଇକ୍ ଯୋଗେ ଭବାନୀପାଟଣା ଅଭିମୁଖେ ଯାଉଥିଲେ। ବିପରୀତପଟୁ ଅଟୋ (ନଂ. ଓଡି୦୮ବି୮୩୮୯) ଆସୁଥିବା ବେଳେ କୋଟେନପଦରଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ବାଇକ୍ ଚାଳକ ଅର୍ଜୁନ ଓ ଧନିଆଁ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଧନିଆଁଙ୍କ ମୃତ୍ୟୁ ଘଟିଥିବା ବେଳେ ଅର୍ଜୁନ ଚିକିତ୍ସାଧୀନ ଅଛନ୍ତି । ପୋଲିସ ଏସ୍ଆଇ ସଚିନ୍ଦ୍ର ପ୍ରଧାନ ଶବ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଅଟୋ ଘଟଣାସ୍ଥଳରୁ ଫେରାର ହୋଇଥିବା ବେଳେ ଅଟୋ ଚାଳକ ପୋଖରୀଘାଟ ଗାଁର ରତନ ମାଝି ବୋଲି ପୋଲିସ କହିଛି । ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

ଜିଲା ନିୟୋଜନ ଅଫିସରେ ତାଲା ପକାଇଲେ ଭାଜପା କର୍ମୀ

# ରାଜ୍ୟ ସରକାର ରୋଜଗାର ଦେବାରେ ବିଫଳ

**ନୂଆପଡ଼ା ଅଫିସ,୫।୧୧**




ଭାଜପା କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଜିଲା ନିୟୋଜନ କାର୍ଯ୍ୟାଳୟ ଅଭିମୁଖେ ଯାଉଛନ୍ତି।

ବିଜେଡି ଦୀର୍ଘ ୧୮ବର୍ଷ ଶାସନ ଗାଦିରେ ବସିଛି। ହେଲେ ଯୁବକମାନଙ୍କ ରୋଜଗାର କଥା ସରକାର ବୁଝୁନାହାନ୍ତି। ଦିନକୁ ଦିନ ବେରୋଜଗାର ଯୁବତୀଯୁବକଙ୍କ ସଂଖ୍ୟା ବଢ଼ି ଚାଲିଛି। ରୋଜଗାର ନାଁରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଦୁର୍ନୀତି କରୁଛନ୍ତି ବୋଲି ଅଭିଯୋଗ କରି ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ କରାଯିବା ସହ ସେଥିରେ ତାଲା ପକାଇ ପ୍ରତିବାଦ କରାଯାଇଛି।

ମଧ୍ୟାହ୍ନରେ ସ୍ଥାନୀୟ ଜିଲା ଭାଜପା କାର୍ଯ୍ୟାଳୟରୁ ଜିଲା ଯୁବମୋର୍ଚ୍ଚା ସଭାପତି ଦିଲୀପ କୁମାର ନିର୍ମଳକରଙ୍କ ନେତୃତ୍ୱରେ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ପହଞ୍ଚିବା ପରେ କର୍ମୀମାନେ ଉକ୍ତ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ଦୀର୍ଘସମୟ ବିକ୍ଷୋଭ ପ୍ରଦର୍ଶନ କରିବା ପରେ କାର୍ଯ୍ୟାଳୟରେ ତାଲା ବନ୍ଦ କରିଦେଇଥିଲେ। ଏହି ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣିଗ୍ରାହୀ ରାଜ୍ୟ ସରକାରଙ୍କ ଅପାରଗତା ନେଇ ବିଷୋଦ୍‌ଗାର କରିଥିଲେ। ସରକାର କର୍ମ ନିୟୋଜନ ନାଁରେ କେବଳ ଭୁଆଁ ବୁଲାଉଛନ୍ତି। ବିଭିନ୍ନ ଚାକିରି ଦେବା ନାଁରେ ପିଲାମାନଙ୍କଠାରୁ ଫର୍ମ ବଦଳରେ ଚାନ୍ଦା ଅସୁଲ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ଏହି ତାଲାବନ୍ଦ କାର୍ଯ୍ୟକ୍ରମରେ ଜିଲାର ୫ ବ୍ଲକର ଶତାଧିକ ଯୁବତୀ ଯୁବକ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନନ୍ଦନ ପଣ୍ଡା, ତୁଳସ ପଟେଲ, ଅର୍ଜୁନ ଜଗତ ପ୍ରମୁଖ ଯୋଗଦେଇଥିଲେ।

# ମାସ୍କଟ ଓଲିକୁ ନୂଆପଡ଼ାରେ ସ୍ୱାଗତ

**ନୂଆପଡ଼ା ଅଫିସ,୫।୧୧**




ମାସ୍କଟ ଓଲି ପରିକ୍ରମା ସମୟରେ ସ୍ୱାଗତ ସମାରୋହରେ ଅତିଥିମାନେ।

ନଭେମ୍ବର ୨୮ରୁ ଆରମ୍ଭ ହେବାକୁ ଥିବା ବିଶ୍ୱକପ୍ ହକି ପାଇଁ ସଚେତନତା ବାର୍ତ୍ତା ନେଇ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ମାସ୍କଟ ଓଲିକୁ ନୂଆପଡ଼ାରେ ସ୍ୱାଗତ କରାଯାଇଛି। ପଡ଼ୋଶୀ ବଲାଙ୍ଗୀର ଜିଲା ପରିକ୍ରମା କରି ଓଲି ରବିବାର ସନ୍ଧ୍ୟାରେ ନୂଆପଡ଼ାରେ ପହଞ୍ଚିଥିଲା। ରବିବାର ସନ୍ଧ୍ୟାରେ ଓଲିକୁ ସ୍ୱାଗତ କରାଯାଇଥିବାବେଳେ ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା କ୍ରୀଡ଼ାଧିକାରୀ ଅଜୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଜିଲାପାଳ ଡା. ପୋମା ଟୁଡୁ ମୁଖ୍ୟଅତିଥି, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବୃଷଭ ଚନ୍ଦ୍ର ନାଏକ, ଉପଜିଲାପାଳ ତରଣୀସେନ ନାୟକ, ରାଜ୍ୟ କ୍ରିକେଟ ଆସୋସିଏଶନ ଉପସଭାପତି ସରୋଜ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳ ଡା. ଟୁଡୁ ସମ୍ବୋଧିତ କରି ଏହି ବାର୍ତ୍ତାକୁ ସମଗ୍ର ଜିଲାରେ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରାଯିବା ଉଚିତ ବୋଲି କହିଥିଲେ। ଅତିଥିମାନେ ଓଲି ସହ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଗାୟତ୍ରୀ ମନ୍ଦିର ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭୁଦତ୍ତ ମିଶ୍ର, ରାଜୁ ବହିଦାର ପ୍ରମୁଖ ସହଯୋଗ କରିଥିଲେ।

# ବରିଷ୍ଠ ନାଗରିକଙ୍କ ମଧ୍ୟରେ ଦ୍ରୁତ ଚାଲିବା ପ୍ରତିଯୋଗିତା




ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ଜିଲା ସଂସ୍କୃତି ପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା କଳାହାଣ୍ଡି ଜିଲା ଗଠନ ଦିବସ ୨୦୧୮ ପାଳନ ଉପଲକ୍ଷେ କ୍ରୀଡା ଉତ୍ସବରେ ସୋମବାର ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଦ୍ରୁତ ଚାଲିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଶତାଧିକ ବରିଷ୍ଠ ନାଗରିକ ଅଂଶ ଗ୍ରହଣ କରିଥିଲେ। ଏଥିରେ ଶ୍ରବଣ କୁମାର ଯୋଷୀ ପ୍ରଥମ, ସୂର୍ଯ୍ୟମଣି ସାହୁ ୨ୟ, ଶୁଶିଲ କୁମାର ପଟ୍ଟଯୋଷୀ ୩ୟ ଓ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ୪ର୍ଥ ସ୍ଥାନ ଗ୍ରହଣ କରିଥିଲେ । ଏଥିରେ ଅତିଥି ଭାବେ ବିଜୟ କୁମାର ତ୍ରିପାଠୀ, ପ୍ରଭାସ କୁମାର ଦଣ୍ଡସେନା ଓ ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଦୁର୍ଗାଚରଣ ମିଶ୍ର, ସୁନିଲ କୁମାର ବେହେରା ଓ ଭିମସେନ ସାହୁ ପରିଚାଳନା କରିଥିଲେ। ଏହି ଅବସରରେ ସୋମବାର ଭଲିବଲ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ କେସିଙ୍ଗା ବ୍ଲକ ଓ କେସିଙ୍ଗା ଏନ୍‌ଏସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କେସିଙ୍ଗା ବ୍ଲକ ଚାମ୍ପିୟନ୍ ହୋଇଥିବା ବେଳେ କେସିଙ୍ଗା ଏନ୍‌ଏସି ରନର୍ସଅପ୍ ହୋଇ ପୁରସ୍କୃତ ହୋଇଥିଲେ । ବ୍ରଜେନ୍ଦ୍ର ବଡେଇ, ଜୁଗଲ କିଶୋର ରଥ ଓ ଲିଙ୍ଗରାଜ ରଥ ମ୍ୟାଚ୍ ପରିଚାଳନା କରିଥିଲେ ।

## ସାପ କାମୁଡ଼ାରେ ଯୁବକ ମୃତ

**ଲାଞ୍ଜିଗଡ଼,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ଗୋପାଳପୁର ଗାଁରେ ରବିବାର ରାତିରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଲେ ମକରନ୍ଦ ଗଉଡ (୩୮) । ସୂଚନା ଅନୁଯାୟୀ, ମକରନ୍ଦ ଗାଁର ଜଙ୍ଗଲ ନିକଟରେ ଥିବା ନିଜ ଜମିରେ ଧାନ ଚାଷ କରିଥିଲେ । ଗତ କିଛିଦିନ ହେଲା ବାର୍‌ହା ଆସି ଧାନ ନଷ୍ଟ କରି ଦେଉଥିବାରୁ ଜମି ହୁଡାରେ ଏକ ମଞ୍ଚା ତିଆରି କରି ସେଠାରେ ଶୋଉଥିଲେ। ରବିବାର ରାତିରେ ମଞ୍ଚାରେ ଜମି ଧାନ ଚାଷ ଜଗି ଶୋଇବାକୁ ସେ ନିଜ ନାବାଳକ ପୁଅକୁ ନେଇଯାଇଥିଲେ । ରାତି ଅଧରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ସେ ଘରକୁ ଆସି ଏହି କଥା କହିବା ପରେ ପରିବାର ଲୋକେ ଗୁଣିଆ ଡକାଇ ଝଡ଼ାଫୁଙ୍କା କରାଇଥିଲେ । ଧୀରେ ଧୀରେ ତାଙ୍କ ପରିସ୍ଥିତି ଗୁରୁତର ହୋଇ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାରରେ ତାଙ୍କ ବିଧବା ସ୍ତ୍ରୀ, ଗୋଟିଏ ଛୋଟିଆ ଝିଅ ଓ ପୁଅ ରହିଛନ୍ତି । ତାଙ୍କ ମୃତ୍ୟୁ ପରେ ପରିବାର ସମ୍ପୂର୍ଣ୍ଣ ଭାଙ୍ଗିପଡିଛି । ମୃତକଙ୍କ ପରିବାରବର୍ଗଙ୍କୁ ସରକାର ଓ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# କଳାହାଣ୍ଡି ଜିଲାକୁ ଦାଉ ସାଧିଲା ପ୍ରକୃତି

- ମରୁଡ଼ି, ଚକଡ଼ା ଲାଗି ଚାଷ ନଷ୍ଟ
- ଚିନ୍ତାରେ ଚାଷୀ

**ଭବାନୀପାଟଣା,୫।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲାକୁ ପ୍ରକୃତି ଦାଉ ସାଧିଛି। ଜିଲାରେ ମରୁଡି ଓ ଚକଡା ପୋକ ଲାଗି ଚାଷୀ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେକ ଚାଷୀ ନିଜ ଜମିରେ ନିଆଁଲଗାଇ ଦେଉଥିବା ଘଟଣା ନଜରକୁ ଆସିଛି । ଆବଶ୍ୟକତାଠାରୁ ବହୁ କମ୍ ବର୍ଷା ଯୋଗୁ ଜିଲାର ଚାଷୀଙ୍କୁ ଏବେ ମରୁଡି ଚିନ୍ତା ଘାରିଥିବା ବେଳେ ଏପଟେ ଧାନ କ୍ଷେତରେ ବି.ପି.ଏଚ୍. ଓ ଚକଡା ପୋକ ସବୁଜ ଧାନ ଚାଷ କ୍ଷେତକୁ ଧୂସର କରିସାରିଲାଣି ।

ଚଳିତବର୍ଷ କଳାହାଣ୍ଡି ଜିଲାରେ ୧ ଲକ୍ଷ ୮୫ ହଜାର ୫୫୭ ହେକ୍ଟର ଜମିରେ ଧାନ ଚାଷ କରାଯାଇଛି । ବହୁମୁଖୀ ଇନ୍ଦ୍ରାବତୀ ବାମ କେନାଲରୁ ଜୟପାଟଣା, ଜୁନାଗଡ, କଲମପୁର, ଧର୍ମଗଡ଼ ଓ କୋକସରା ବ୍ଲକର ମୋଟେର, କାଶୀବାହାଲ, ଫୁଫ୍‌ଗାଁ ୩ଟି ଗ୍ରାମ ପଞ୍ଚାୟତର କିଛି ଚାଷ ଜମିକୁ ପାଣି ମାଡୁଥିବା ବେଳେ ଅନ୍ୟ ବ୍ଲକ ଧର୍ମଗଡ, ଗୋଲାମୁଣ୍ଡା, ଭବାନୀପାଟଣା, କେସିଙ୍ଗା, ନର୍ଲା ଓ ମ.ରାମପୁର ବ୍ଲକରେ ଜମିସବୁ ଆଁ କରିଛି। ବିଶେଷ କରି କୋକସରା, ଭବାନୀପାଟଣା ଓ କେସିଙ୍ଗା ବ୍ଲକରେ ଭୟଙ୍କର ମରୁଡି ପରିସ୍ଥିତି ଦେଖାଦେଇଛି। ଜିଲାରେ ଇନ୍ଦ୍ରବତୀ ପ୍ରକଳ୍ପ ଏବଂ ଛୋଟବଡ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଥାଇ ମଧ୍ୟ ମାତ୍ର କିଛି ଜମିକୁ ପାଣି ମାଡୁଛି। ଧର୍ମଗଡ ଉପଖଣ୍ଡର ବେହେରା କ୍ଷୁଦ୍ର ଜଳସେଚନ ବିଭାଗ ଡ୍ୟାମରୁ ୧୫୦୦ ରୁ ୨୦୦୦ ହେକ୍ଟର ଜମିକୁ ପାଣି ମାଡୁଛି । କୋକସରା ବ୍ଲକରେ ଚଳିତବର୍ଷ ୧୯,୩୨୭ ହେକ୍ଟର ଜମିରେ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦୀ ଧାନ ଚାଷ ହୋଇଥିବା କୃଷି ବିଭାଗ ପକ୍ଷରୁ ପ୍ରକାଶ। ତେବେ ବ୍ଲକରେ ଚାଷ ଆରମ୍ଭ ବେଳକୁ ବର୍ଷା ସ୍ୱାଭାବିକ ଥିବାବେଳେ ନୂଆଁଖାଇ ପରେ ଆଉ ବର୍ଷାର ଦେଖାନାହିଁ। ଧାନ କେଣ୍ଡାରେ ଦୁଧ ଭରିବା ସମୟରୁ ହିଁ ବର୍ଷା ଛାଡି ଯାଇଛି। ଫଳରେ ଧାନ କେଣ୍ଡା ସବୁ ଏବେ ଅଗାଡ଼ି ହୋଇ ଗଲାଣି । ଶହ ଶହ ହେକ୍ଟର ଧାନ ଚାଷ ବର୍ଷା ଅଭାବରୁ ଶୁଖି ପାଳ ହୋଇ ଗଲାଣି । ଆଉ ଅନେକ ସ୍ଥାନରେ ଚକଡା ପୋକ ଲାଗି ଧାନ ଗଛ ସବୁ ଶୁଖି ଲାଲ ହୋଇଗଲାଣି । ଆଗକୁ ଆଉ ବର୍ଷା ହେବାର ସମ୍ଭାବନା ନ ଥିବାରୁ ଚାଷୀ ଏବେ ନିଜ ଭାଗ୍ୟକୁ ଆଦରି ବସିଛନ୍ତି। ଜିଲାରେ ଚାଷୀମାନେ ପୋଖରୀ, ନଦୀ, ନାଳରେ ଥିବା ପାଣିକୁ ମୋଟର ପମ୍ପ ସାହାଯ୍ୟରେ ଜମିକୁ ପାଣି ମଡାଉଥିବା ବେଳେ ଜିଲାରେ ଥିବା ଉଠା ଜଳସେଚନ ପ୍ରକଳ୍ପ ସବୁ ଗତ ବର୍ଷା ଓ ଲଗାତାର ବନ୍ୟାରେ ଭାଙ୍ଗି ନଷ୍ଟ ହୋଇଯାଇଛି। ନିଜ ଆଖିଆଗରେ ସୁନାର ଫସଲ ଉଜୁଡି ଯାଉଥିବା ଦେଖି କିଛି ମାତ୍ରାରେ ଚାଷକୁ ବଞ୍ଚାଇବା ପାଇଁ ଶେଷ ଉଦ୍ୟମ କରୁଥିବା ଦେଖିବାକୁ ମିଳୁଛି । ଜିଲାରେ ଚକଡା ପୋକରେ ପ୍ରାୟ ୩୭ ପ୍ରତିଶତ ଚାଷ ଜମିରେ ଚାଷ ନଷ୍ଟ ହୋଇଛି । ସରକାର ଯୋଗାଉଥିବା ଏବଂ ଦୋକାନରୁ ଚଢ଼ା ଦରରେ କିଣାଯାଉଥିବା କୀଟନାଶକ ଯେତେଥିର ସିଞ୍ଚନ କଲେ ମଧ୍ୟ ପୋକ ମରୁନାହିଁ । ନକଲି କୀଟନାଶକ ଜିଲାରେ ବହୁଳ ଭାବରେ ବିକ୍ରି ହେଉଛି । ଚାଷୀ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୃଷି ବିଭାଗ ପଦାଧିକାରୀମାନେ ଚୁପ୍ ରହିଛନ୍ତି । ଅନ୍ୟପଟେ ସମବାୟ ସମିତି, ବ୍ୟାଙ୍କ, ଫାଇନାନ୍ସ କମ୍ପାନୀ ଓ ମହାଜନି ଋଣ, ସାହୁକାର କରଜ ଆଣି ଚାଷ କରିଥିବା ଚାଷୀ ଓ ଭାଗ ଚାଷୀମାନେ ଆଶା ଓ ଆଶଙ୍କାରେ ଦିନ ଗଣୁଛନ୍ତି । କୋକସରା, ଭବାନୀପାଟଣା, କେସିଙ୍ଗା ଓ ମ.ରାମପୁର ବ୍ଲକରେ ସମ୍ଭାବ୍ୟ ମରୁଡିର ପ୍ରତିଧ୍ୱନି ସୃଷ୍ଟି ହୋଇଛି । ଅନ୍ୟପଟେ ଜିଲାର ନର୍ଲା, ଗୋଲାମୁଣ୍ଡା, ଧର୍ମଗଡ, ଲାଞ୍ଜିଗଡ, ମ.ରାମପୁର ବ୍ଲକ ଅଞ୍ଚଳରେ ପ୍ରଥମେ ଚକଡା ଓ ଏବେ ଉତ୍କଟ ଜଳାଭାବ ଯୋଗୁ ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ତିତିଲି ବାତ୍ୟାରେ କିଛି ବର୍ଷା ହେଲେ ଫସଲ ସବୁ ରକ୍ଷା ପାଇବ ବୋଲି ଚାଷୀ ଆଶା ବାନ୍ଧି ଥିଲେ । ହେଲେ ବାତ୍ୟାର ବର୍ଷା ମଧ୍ୟ ଜିଲାର ଚାଷୀଙ୍କୁ ଧୋକା ଦେଇଛି । ଫଳରେ ଚାଷୀ ଏବେ ମୁଣ୍ଡରେ ହାତ ଦେଇ ଚିନ୍ତାରେ ବସିଛନ୍ତି ।



ବର୍ଷା ଅଭାବ ଯୋଗୁ ଧାନ କ୍ଷେତ ନଷ୍ଟ ହୋଇଛି।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



ଜ୍ଞାନ, ଉପାସନା ଓ କର୍ମ ଏହି ତିନୋଟି ହେଲା ଈଶ୍ୱରପ୍ରାପ୍ତିର ବିଭିନ୍ନ ମାର୍ଗ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### କଂଗ୍ରେସ ଟିମ୍‌ର ମରୁଡ଼ି ଅଞ୍ଚଳ ପରିଦର୍ଶନ

**ଲୋଇସିଂହା,୫।୧୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ପଞ୍ଚାୟତର ମରୁଡି ଅଞ୍ଚଳକୁ ଜିଲା କଂଗ୍ରେସର ଏକ ଟିମ ସୋମବାର ପରିଦର୍ଶନ କରିଛନ୍ତି। ବର୍ଷା ଭାବ ଓ ରୋଗପୋକରେ ଚାଷ ଜମି ପ୍ରଭାବିତ ସମ୍ପର୍କରେ ଚାଷୀମାନେ ଉକ୍ତ ଟିମକୁ ଜଣାଇଥିଲେ । ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା, ଉପସଭାପତି ମନମୋହନ ପଟେଲଙ୍କ ସମେତ ବହୁ ସଦସ୍ୟ ବଡଟିକା, ଲରମ୍ବାମୁଣ୍ଡା, ଛାଏଛାପର, ଦାଦରପଡା ଗସ୍ତ କରି ଚାଷ ଜମି ବୁଲି ଦେଖିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ପ୍ରଭାବିତ ଜମି ଦେଖି ଓ ଚାଷୀଙ୍କ ସମସ୍ୟା ନେଇ ଜିଲାପାଳଙ୍କୁ ଭେଟି ଜଣାଇବେ ବୋଲି ଜିଲା ସଭାପତି ଚାଷୀଙ୍କୁ ଆଶ୍ୱାସନା ଦେଇଥିଲେ ।

### ରାଶନ କାର୍ଡ଼ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସଇଁତଲା,୫।୧୧(ଡି.ଏନ.ଏ.):** ସଇଁତଲା ବ୍ଲକ ଅନ୍ତର୍ଗତ କୁମ୍ଭାରୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଚାଉଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଗ୍ରାମର କିଛି ହିତାଧିକାରୀଙ୍କ ନାମ ନ ଥିବାରୁ ସେମାନେ ସମସ୍ତେ ମିଳିତ ଭାବେ ବଣ୍ଟନ କାର୍ଯ୍ୟକ୍ରମକୁ ବନ୍ଦ କରିଛନ୍ତି । ଘଟଣାରୁ ଜଣାଯାଏ କୁମ୍ଭାରୀ ପଞ୍ଚାୟତରେ ସରପଞ୍ଚ ମନୋଜ କଠାରଙ୍କ ତତ୍ତ୍ୱାବଧାନରେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଥିଲା । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଗ୍ରାମର କିଛି ହିତାଧିକାରୀ ସେମାନଙ୍କ ନାମ କାହିଁକି ନୂତନ ହିତାଧିକାରୀ କାର୍ଡ଼ରେ ନାହିଁ ବୋଲି ପ୍ରଶ୍ନ କରିଥିଲେ । ସରପଞ୍ଚ ଏ ବିଷୟରେ ଯୋଗାଣ ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଉକ୍ତ ହିତାଧିକାରୀଙ୍କୁ କହିଥିଲେ । କିନ୍ତୁ ନାମ ନ ଥିବା ହିତାଧିକାରୀମାନେ ନିଜ ନାମରେ ନୂତନ ରାଶନ କାର୍ଡ଼ ନ ହେବା ପର୍ଯ୍ୟନ୍ତ ଚାଉଳ ବଣ୍ଟନ ବନ୍ଦ କରିବାକୁ ଦାବି କରିଥିଲେ । ପରେ ସରପଞ୍ଚ ଚାଉଳ ବଣ୍ଟନ କାର୍ଯ୍ୟକ୍ରମ ବନ୍ଦ କରିଥିଲେ । ଖବରପାଇ ସଇଁତଲା ଯୋଗାଣ ଅଧିକାରୀ ପଦ୍ମଲୋଚନ ମାଝୀ ଘଟଣାସ୍ଥଳରେ ପହଞ୍ଚି କାର୍ଡ଼ ପାଇ ନ ଥିବା ହିତାଧିକାରୀଙ୍କ ସହ ଆଲୋଚନା କରିବା ପରେ ମଧ୍ୟ ହିତାଧିକାରୀ ଚାଉଳ ବଣ୍ଟନକୁ ବିରୋଧ କରିଥିଲେ । ମାଝୀଙ୍କୁ ଏ ନେଇ ପଚାରିବାରୁ ବ୍ଲକ କାର୍ଯ୍ୟାଳୟକୁ ସମସ୍ତ ହିତାଧିକାରୀଙ୍କ ନୂତନ କାର୍ଡ଼ ଆସି ନାହିଁ ନୂତନ କାର୍ଡ଼ ଆସିବା ପରେ ଚାଉଳ ବଣ୍ଟନ ହେବ ବୋଲି କହିଥିଲେ । ଏହା ପରେ ମଧ କାର୍ଡ଼ ପାଇ ନ ଥିବା ହିତାଧିକାରୀମାନେ ସଇଁତଲା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡ଼ିଓ ଚିତ୍ତ ରଞ୍ଜନ ବନଗୁଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିଡ଼ିଓ ବନଗୁଲା ଏ ନେଇ ଜିଲାପାଳଙ୍କୁ ଅବଗତ କରିବେ ବୋଲି କହିଛନ୍ତି । ଦାବିପତ୍ର ଦେବା ସମୟରେ କୁମ୍ଭାରୀ ପଞ୍ଚାୟତର ସୁବାଷ ବେହେରା, ଶୈଳଶ୍ରୀ ବେହେରା, ଅକ୍ରୁର ବୁଡ଼େକ, ଦିଲୀପ ବଗର୍ତ୍ତା, ଯଶୋଦା ବେହେରା, ତାରା ରଣା, ଅମୃତ ରଣା, ରବିତା ଭୋଇ, ତେଜରାଜ ରଣା, ତପସ୍ୱିନୀ ରଣା, ମୀରା ତାଣ୍ଡୀଙ୍କ ସହ ବହୁ ହିତାଧିକାରୀ ଉପସ୍ଥିତ ଥିଲେ ।

ଭାଜପା ପକ୍ଷରୁ ବଲାଙ୍ଗୀର ବ୍ଲକ କାର୍ଯ୍ୟାଳୟ ଘେରାଉ

# ପିସି ବନ୍ଦ, ସବୁ ବ୍ଲକକୁ ମରୁଡ଼ି ଘୋଷଣା ଦାବି

**ବଲାଙ୍ଗୀର ଅଫିସ, ୫।୧୧**

ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ସୋମବାର ବଲାଙ୍ଗୀର ସଦର ବ୍ଲକ ଘେରାଓ କରାଯାଇଥିଲା । ଏହି ଘେରାଓ କାର୍ଯ୍ୟକ୍ରମରେ ଭାଜପା ନେତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଥିଲେ । ସ୍ଥାନୀୟ କୋଶଲ କଳାମଣ୍ଡଳ ପଡିଆରୁ ଶତାଧିକ ଭାଜପା କର୍ମୀ ଓ ନେତା ରାଲିରେ ବାହାରି ସହର ପରିକ୍ରମା ପୂର୍ବକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ । ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଭାଜପା ନେତା ଡା ବାସୁଦେବ ପତିଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ଲୋକସଭା ଏମପି ସଙ୍ଗୀତା ସିଂଦେଓ, ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ଅନନ୍ତ ଦାଶ, ପ୍ରଭାସ ପାଣିଗ୍ରାହୀ, ସରୋଜ ତ୍ରିପାଠୀ, ପୀତାମ୍ବର ଖମାରୀ, ଗୋପାଲ ସିଂଦେଓ, ପୁଷ୍ପା ବାଲି, ପଙ୍କଜିନୀ ପଣ୍ଡା, ବାଳକୃଷ୍ଣ ବେହେରା, ସୁରଜ ଗୁରୁ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନରେନ୍ଦ୍ର ସୁନା ଓ ଅନ୍ୟମାନେ ଯୋଗଦେଇଥିଲେ । ବଲାଙ୍ଗୀର ଜିଲାରେ ଗରିବୀ, ବେକାରୀ ଓ ଦାଦନ ସମସ୍ୟା ବଢ଼ି ଚାଲିଥିବାବେଳେ ରାଜ୍ୟ ସରକାର ବିକାଶ କଥା କହିବା ହସ୍ୟାସ୍ପଦ ବୋଲି ଭାଜପା କର୍ମୀମାନେ ନିଜର ବକ୍ତବ୍ୟ ଦେଇଥିଲେ । ପୂର୍ବତନ ଏମ୍‌ପି ସିଂଦେଓ ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପ, ଲୋୟର ସୁକ୍‌ତେଲ ପ୍ରକଳ୍ପ, ବଲାଙ୍ଗୀର ବାଇପାସ୍ କଥା ଉଲେଖ କରି ଦୀର୍ଘ ବର୍ଷ ଧରି କ୍ଷମତାରେ ରହିବା ପରେ ମଧ ରାଜ୍ୟ ସରକାର ଏହି ପ୍ରକଳ୍ପ କାହିଁକି କରିପାରୁ ନାହାନ୍ତି ବୋଲି ପ୍ରଶ୍ନ କରିଥିଲେ । ସେହିପରି ପିସି ନ ଦେଲେ କୌଣସି କାମ ହେଉ ନାହିଁ ବୋଲି ସେ ଉଲ୍ଲେଖ କରି ରାଜ୍ୟ ସରକାରଙ୍କୁ ଦୁର୍ନୀତିଗ୍ରସ୍ତ ସରକାର ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରୁ ନ ଥିବାରୁ ଲୋକେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଥିବା କହିଥିଲେ । ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ । ଲୋୟର ସୁକ୍‌ତେଲ ପ୍ରକଳ୍ପ ପାଇଁ ଜିଲାର ସାମାଜିକ ସଂଗଠନମାନେ ଆନ୍ଦୋଳନ କରିଥିଲେ ମଧ ରାଜ୍ୟ ସରକାର ଓ ସ୍ଥାନୀୟ ଜନପ୍ରତିନିଧିମାନେ ଏ ଦିଗରେ କ'ଣ ପଦକ୍ଷେପ ନେଇଛନ୍ତି ଜବାବ ଦିଅନ୍ତୁ ବୋଲି ପ୍ରଶ୍ନ କରିଥିଲେ । ବଲାଙ୍ଗୀର ବାଇପାସ୍ ରାସ୍ତା କାମ କଥା କେଉଁ କାରଣରୁ ଅଟକିଛି ତାହା ତଦନ୍ତ ସାପେକ୍ଷ ବୋଲି କହିଥିଲେ । ଯୁବନେତା ଅନନ୍ତ ଦାଶ ତାଙ୍କ ବକ୍ତବ୍ୟରେ ରାଜ୍ୟ ସରକାର କିଭଳି ଯୋଜନା ନାଁରେ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ତାହା କହିଥିଲେ। ପିସି କାରବାର ଅଟକାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଥିଲେ । ଡା. ପତି ତାଙ୍କ ଅଭିଭାଷଣରେ ବଲାଙ୍ଗୀର ଜିଲାରେ ଜଳସେଚନ ଅଭାବ କାରଣରୁ ପ୍ରତି ବର୍ଷ ମରୁଡି ସ୍ଥିତି ଉପୁଜୁଥିବା କହି ଚଳିତବର୍ଷ ତୁରନ୍ତ ୧୪ଟି ବ୍ଲକରେ ମରୁଡି ସହାୟତା ଘୋଷଣା କରି ଚାଷୀଙ୍କ ଋଣ ଛାଡ କରିବାକୁ ଦାବି କରିଥିଲେ । ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ସଦର ବ୍ଲକ୍‌ର ବିଭିନ୍ନ ସ୍ଥାନରୁ ଆସିଥିବା ଭାଜପା କର୍ମୀ ଓ ନେତା ଯୋଗଦେଇଥିଲେ ।




ବଲାଙ୍ଗୀର ସଦର ବ୍ଲକ କାର୍ଯ୍ୟାଳୟକୁ ଭାଜପା କର୍ମୀ ଓ ନେତାମାନେ ଘେରାଓ କରିଛନ୍ତି ।

### କଣ୍ଟାବାଞ୍ଜିକୁ ନୂତନ ଜିଲା ଦାବି

**କଣ୍ଟାବାଞ୍ଜି,୫।୧୧ (ଡି.ଏନ.ଏ.)**

କଣ୍ଟାବାଞ୍ଜିକୁ ନୂତନ ଜିଲା ଗଠନ କରିବା ନେଇ ଜିଲା ସଂଯୋଜକ ସମିତି ଡାକରା ଦେଇଛି । ରବିବାର ସନ୍ଧ୍ୟାରେ ସ୍ଥାନୀୟ ହେମାଲ ସଂଘ ଭବନରେ ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶେଷଦେବ ପୁଟେଲଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କଣ୍ଟାବାଞ୍ଜି ଜିଲା ହେବାର ସମସ୍ତ ଭିତିଭୂମି ମଧ୍ୟରେ ରହିଛି ବୋଲି ସମସ୍ତ ସଭ୍ୟ ମତ ପ୍ରକାଶ କରିଥିଲେ । ଏପରିକି ବିଭିନ୍ନ ବିଭାଗରେ ଜିଲା ସଦର ଗୁଡିକଠାରୁ କେବଳ ତହସିଲ ମହକୁମାରେ ରହି ରେକର୍ଡ ଭୁକ୍ତ ସରକାରୀ ରାଜସ୍ୱ ଦେଇଥାଏ ବୋଲି ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ମତ ରଖିଥିଲେ । କଣ୍ଟାବାଞ୍ଜିକୁ ଏକ ନୂତନ ଜିଲା ଗଠନ କରିବା ଯଥାର୍ଥ ବୋଲି ମତ ଦେଇ ନଭେମ୍ବର ୧୧ତାରିଖରେ ଏକ ଚୁଡାନ୍ତ କମିଟି ଗଠନ କରାଯାଇ ଆନ୍ଦୋଳନ ପାଇଁ ପ୍ରସ୍ତୁତ କରାଯିବ ବୋଲି ଉପସ୍ଥିତ ଶତାଧିକ ବୁଦ୍ଧିଜୀବି ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ନିଜ ନିଜର ମତ ରଖିଥିଲେ ।

ମେଡିକାଲ କଲେଜ ସୁପରିଣ୍ଟେଣ୍ଡାଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ଅଭିଯୋଗକୁ ଖଣ୍ଡନ କଲେ ସୁପରିଣ୍ଟେଣ୍ଡେଣ୍ଟ



ବଲାଙ୍ଗୀର ଟାଉନ୍ ଥାନା ପରିସରରେ ଆରତୀ ଗୁରୁ ଓ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଧାରଣାରେ ବସିଛନ୍ତି।

**ବଲାଙ୍ଗୀର ଅଫିସ, ୫।୧୧**

ବଲାଙ୍ଗୀର ସନ୍ଥ ଭୀମଭୋଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡାଣ୍ଟଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ସୋମବାର ଟାଉନ୍ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ଭାଜପା ମହିଳା ମୋର୍ଚ୍ଚା ସଦସ୍ୟା ଆରତୀ ଗୁରୁଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଟାଉନ୍ ଥାନାରେ ମେଡିକାଲ କଲେଜ ସୁପରିଣ୍ଟେଣ୍ଡାଣ୍ଟ ଡା ନାରାୟଣ ଆଚାର୍ଯ୍ୟଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଅସୁସ୍ଥତା କାରଣରୁ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି ହୋଇଥିବା ଗୁରୁଙ୍କୁ ସୁପରିଣ୍ଟେଣ୍ଡାଣ୍ଟ ଆଚାର୍ଯ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ଟାଉନ୍ ଥାନାରେ ଏକ ମାମଲା କେସ୍ ନଂ୫୦୧/୧୮ରେ ଏକ ମାମଲା ରୁଜୁ ହୋଇଛି । ତେବେ ସୁପରିଣ୍ଟେଣ୍ଡାଣ୍ଟଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଭାଜପା ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଟାଉନ ଥାନା ପରିସରକୁ ଆସି ଧାରଣାରେ ବସିଥିଲେ । ଦାବିପୂରଣ ନ ହେବା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିବେ ବୋଲି କହିଥିଲେ । ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ସାଗରିକା ଗୁରୁଙ୍କ ନେତୃତ୍ୱରେ ଅସୁସ୍ଥ ଆରତୀ ଗୁରୁ ଓ ଅନ୍ୟ ସଦସ୍ୟାମାନେ ଧାରଣାରେ ବସିଥିଲେ । ଧାରଣାସ୍ଥଳକୁ ଆସି ଏସଡିପିଓ କ୍ଷୀରସାଗର ନାଏକ ଓ ଟାଉନ୍ ଥାନା ଆଇଆଇସି ଗୋକୁଳାନନ୍ଦ ସାହୁ ଧାରଣାରତ ମହିଳାଙ୍କୁ ବୁଝାଇଥିଲେ। ମାମଲା ରୁଜୁ ହୋଇସାରିବା ପରେ ମେଡିକାଲ ବୋର୍ଡକୁ ଘଟଣାର ତଦନ୍ତ ପାଇଁ ପଠାଇ ଦିଆଯାଇଛି ଓ ବୋର୍ଡ ରିପୋର୍ଟ ଆସିଲା ପରେ ଯାଇ ଯାହା କିଛି କରାଯାଇ ପାରିବ ବୋଲି ଏସଡିପିଓ ନାଏକ କହିଥିଲେ। ତେବେ ଏହାକୁ ସେମାନେ ମାନି ନ ଥିଲେ ଓ ଧାରଣାରେ ବସିଥିଲେ । ଏହି ଧାରଣାସ୍ଥଳକୁ ପୂର୍ବତନ ଏମପି ସଙ୍ଗୀତା କୁମାର ସିଂଦେଓ ଆସି ପୋଲିସକୁ ଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ କହିଥିଲେ । ସେଠାରେ ଧାରଣାରତ ଆରତୀ ଗୁରୁଙ୍କ ଅବସ୍ଥା ବିଗିଡିବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ କଲେଜ ହସ୍ପିଟାଲରେ ନେଇ ଭର୍ତ୍ତି କରିଥିଲେ । ଏ ନେଇ ମେଡିକାଲ କଲେଜ ସୁପରିଣ୍ଟେଣ୍ଡାଣ୍ଟ ଆଚାର୍ଯ୍ୟଙ୍କୁ ପଚାରିବାରୁ ଗତ ୧ତାରିଖ ଆଇସିୟୁରେ ଭର୍ତ୍ତି ହୋଇଥିବାବେଳେ ସମ୍ପୃକ୍ତ ମହିଳାଙ୍କ ଶଯ୍ୟାରେ ତାଙ୍କ ପରିଜନ ବସିଥିଲେ । ଏହାକୁ ମନା କରିବାରୁ ସେ ଯୁକ୍ତି ତର୍କ କରିଥିଲେ ଓ ପରେ ଟାଉନ୍ ଥାନାରେ ଏଭଳି ଅଭିଯୋଗ କରିଥିଲେ । ସେ କୌଣସି ପ୍ରକାର ଦୁର୍ବ୍ୟବହାର କରିନାହାନ୍ତି ଓ ତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସେ କହିଥିଲେ ।

## ଅନିୟମିତତା ପ୍ରତିବାଦରେ ସମିତି ସଭ୍ୟାସଭ୍ୟଙ୍କ ଧାରଣା

**ଖପ୍ରାଖୋଲ,୫।୧୧(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକରେ ବିଭିନ୍ନ ଅନିୟମିତତା ସହିତ ବ୍ଲକ ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ସମିତି ସଭ୍ୟାସଭ୍ୟ ସୋମବାର ଧାରଣା ଦେଇଥିଲେ । ଅଭିଯୋଗ ଅନୁସାରେ ବ୍ଲକରେ ଗୋପବନ୍ଧୁ ଗ୍ରାମୀଣ ଯୋଜନା ଓ ଡିଭୋଲେସନ ଫଣ୍ଡ ସମିତିର ବିନା ପ୍ରସ୍ତାବରେ କାର୍ଯ୍ୟାଦେଶ ସହିତ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ଏହାର ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ପାଟଣାଗଡ ଉପଜିଲାପାଳଙ୍କୁ ଜଣାଇବା ପରେ ବି ସମାସ୍ୟାର ସମାଧାନ ହୋଇ ନ ଥିବାରୁ ୯ଦଫା ଦାବି ନେଇ ସମିତି ସଭ୍ୟାସଭ୍ୟ ଧାରଣା ଦେଇଛନ୍ତି । ଦାବି ଗୁଡିକ ମଧ୍ୟରେ ପ୍ରତି ଦୁଇ ମାସରେ ପଞ୍ଚାୟତ ସମିତି ବୈଠକ ହେଉ ନ ଥିବାରୁ କାର୍ଯ୍ୟାନୁଷ୍ଠାନ, ସମିତି ବୈଠକରେ ଚର୍ଚ୍ଚା ନ ହୋଇ ବୈଠକ ବିବରଣୀରେ ପ୍ରସ୍ତାବ ଦେବା, ସମିତିରେ ଗୃହୀତ ହୋଇ ନ ଥିବା ଉନ୍ନୟନ କାମର କାର୍ଯ୍ୟାଦେଶ ଖାରଜ କରିବା, ଗୋପବନ୍ଧୁ ଗ୍ରାମୀଣ ଯୋଜନାର ପ୍ରସ୍ତାବ ଅନୁମୋଦନ, ବ୍ଲକ କର୍ମଚାରୀ ଠିକ ସମୟରେ ଆସୁ ନ ଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜିଓ ଟେକରଙ୍କ ଦୁର୍ନୀତି ବନ୍ଦ, ବିଜୁ ପକାଘର ଚୟନ ସର୍ବ ସର୍ବଧାରଣରେ ପ୍ରକାଶ, ବ୍ଲକରେ ପିସି କାରବାର ବନ୍ଦ ସହ ବ୍ଲକ ଅଧ୍ୟକ୍ଷାଙ୍କ ବହିଷ୍କାର ଦାବିରେ ଧାରଣା ଦେଇଥିବା ଜଣାଯାଇଛି । ଧାରଣାରେ ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ମେହେର, କଳାକାହ୍ନୁ ବାରିକ, ଶୋଭନମୟ ମିଶ୍ର, ରୋହିତାଶ୍ୱ ମେହେର, ଲକ୍ଷ ପଧାନ, ବୈଦେହି ସେଠ, ମୋହନ ସୁନା, ଜୟନ୍ତୀ ଭୋଇ, ପରିକ୍ଷୀତ ମାଝି ପ୍ରମୁଖ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ । ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବେ ବୋଲି ସମିତି ସଭ୍ୟାସଭ୍ୟ ପ୍ରକାଶ କରିଛନ୍ତି ।






ବିଭିନ୍ନ ସ୍ଥାନରେ ଭିଡ଼ିଓ କନଫରେନ୍ସିଂ ଗୃହ ଉଦ୍‌ଘାଟିତ

## ଲୋକଙ୍କ ସହ ସିଧା ସଳଖ ଯୋଡିହେବେ ମୁଖ୍ୟମନ୍ତ୍ରୀ

**ଗୁଡ଼ଭେଲା/ ବଙ୍ଗୋମୁଣ୍ଡା/ ଖପ୍ରାଖୋଲ/ସଇଁତଲା,୫।୧୧(ଡି.ଏନ.ଏ.)**



ଗୁଡ଼ଭେଲାଠାରେ ଭିଡିଓ କନ୍‌ଫରେନ୍ସିଂ ଗୃହ ଉଦ୍‌ଘାଟନୀ ଅବସରରେ ଅତିଥିମାନେ।

ରାଜ୍ୟର ମୋଟ ୩୧୪ଟି ବ୍ଲକରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଗୃହ ଉଦ୍‌ଘାଟନ କରିଛନ୍ତି । ଏହି କ୍ରମରେ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରେ ଭିଡିଓ କନଫରେନ୍ସିଂ ଗୃହ ଉଦ୍‌ଘାଟନ ହୋଇଯାଇଛି। ଗୁଡ଼ଭେଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଭିଡିଓ କନଫେରେନ୍ସ ଗୃହ ଉଦଘାଟିତ ହୋଇଯାଇଛି। ଏହା ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସିଧାସଳଖ ଗ୍ରାମାଞ୍ଚଳର ଜନସାଧାରଣ, ଜନପ୍ରତିନିଧି ତଥା ସରକାରୀ ଅଧିକାରୀମାନେ ନିଜ ସମସ୍ୟା ଗୁଡ଼ିକ ଉପସ୍ଥାପନ କରି ପାରିବେ । ଏହି କାର୍ଯ୍ୟକ୍ରମରେ ବ୍ଲକ ବିଡ଼ିଓ ରାମବିଳାଶ ମଙ୍ଗରାଜ, ଜିପିଓ ହିମାଂଶୁ ଶେଖର ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ଅଖିଳ ଦୀପ, ଜିଲା ପରିଷଦ ସଭ୍ୟା ମୀନାରାଣୀ ପ୍ରଧାନ, ରୁଷୁଡ଼ା ସରପଞ୍ଚ ସବିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷ ରଞ୍ଜୁବାଳା ବେହେରା, ବିଡିଓ ଅନିରୁଦ୍ଧ ପ୍ରଧାନ, ଏବିଡିଓ ଦିକ୍ଷିତ ବେହେରା, ଉପାଧ୍ୟକ୍ଷ ମାମରାଜ ଜୈନ, ଭାଲୁମୁଣ୍ଡା ସରପଞ୍ଚ ଉପେନ୍ଦ୍ର ମେହେର, ବଙ୍ଗୋମୁଣ୍ଡା ସରପଞ୍ଚ ସୁଶାନ୍ତ ଯୋଷୀ, ଏକାଉଣ୍ଟ ଅଫିସର ଏପସିବା ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ବଙ୍ଗୋମୁଣ୍ଡାଠାରେ ଭିଡିଓ କନ୍‌ଫରେନ୍ସିଂ ଗୃହ ଉଦ୍‌ଘାଟନ କରିଛନ୍ତି । ଏଥିରେ ବ୍ଲକର ସ୍ୱାସ୍ଥ୍ୟ ବିଭାଗର ପ୍ରଭାତ ସାହୁ, ଶିକ୍ଷା ବିଭାଗର ଜୟନ୍ତ ପ୍ରଧାନ, ଜଳପରିମଳ ବିଭାଗର ମଞ୍ଜୁଲତା ଗଉଡଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ । ତେବେ ଖପ୍ରାଖୋଲ ବ୍ଲକରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସଂଯୋଗ ହୋଇପାରି ନ ଥିଲା । ଏହି ଅବସରରେ ଛାତ୍ରୀଛାତ୍ରମାନେ ମଧ ସମ୍ବର୍ଦ୍ଧିତ ହେବାକୁ ଥିବାବେଳେ ସେମାନେ ଉପସ୍ଥିତ ଥିଲେ । ହେଲେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୀର୍ଘ ସମୟ ଧରି ଅପେକ୍ଷା କରି ଫେରିଯାଇଥିଲେ । ଏହି ଅବସରରେ ବିଡିଓ ତରଣୀ ସୁନା, ବ୍ଲକ ଅଧକ୍ଷା ପୂର୍ଣ୍ଣମାସୀ ବରିହା, ସହକାରୀ ଯନ୍ତ୍ରୀ ସୋମ୍ୟ କିଶୋର ଜଏପୁରିଆ, ଜିଲାପରିଷଦ ସଭ୍ୟ ବିପ୍ର ବିଶି, ଜିପିଓ ସୁଶାନ୍ତ ପାଣି, ସିପି ଦିନେଶ ବାରିକ, ଏମ୍‌ପି ପ୍ରତିନିଧି ଗୋବିନ୍ଦ ବାରିକଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କ ଉପସ୍ଥିତିରେ ବ୍ଲକ ଅଧକ୍ଷା ଗୃହର ଉଦ୍‌ଘାଟନ କରିଥିଲେ । ସଇଁତଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ସଭାଗୃହଠାରେ ସୋମବାର ଭିଡ଼ିଓ କନଫରେନ୍ସିଂ ଗୃହର ଉଦ୍‌ଘାଟନ ହୋଇଯାଇଛି। ବିଡିଓ ଚିତ୍ତରଞ୍ଜନ ବନଗୁଲା ଅଧ୍ୟକ୍ଷତା କରିଥିବାବେଳେ ଅତିରିକ୍ତ ଗୋଷ୍ଠୀଉନ୍ନୟନ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ କିଶୋର ଚନ୍ଦ୍ର ମାନସିଂ, ମୁଖ୍ୟ କିରାଣୀ ଗଣେଶରାମ ବେହେରା, କୋଷାଧ୍ୟକ୍ଷ ନରେନ୍ଦ୍ର ଘିବେଲା, ଓଡ଼ିଶା ଜିବୀକା ମିଶନର ଅମୀର ପ୍ରଧାନ, ସହକାରୀ ଯନ୍ତ୍ରୀ ହେମେନ୍ଦ୍ରନାଥ ମଲ୍ଲିକ, ଜିଲାପରିଷଦ ଉପାଧ୍ୟକ୍ଷ ପାଣ୍ଡବ ସାହୁ, ଜିଲା ପରିଷଦ ସଭ୍ୟା କଳ୍ପନା ଚୌହ୍ୱାନ, ବ୍ଲକ ଅଧ୍ୟକ୍ଷା ଅହଲ୍ୟା ମଲିକ, ଉପାଧ୍ୟକ୍ଷ ପ୍ରମୋଦ ଭୋଇ, ବ୍ଲକ ଅଞ୍ଚଳର ସମସ୍ତ ସମିତି ସଭ୍ୟ, ସରପଞ୍ଚ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଜିପିଇଓ ମାନସିଂ ଧନ୍ୟବାଦ ଅର୍ପଣ କରିଥିଲେ ।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।

- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖପ୍ରାଖୋଲ,୫।୧୧(ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ନୋଡାଲ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସାରଙ୍ଗ ଧର ଠାକୁର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ଖପ୍ରାଖୋଲ ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଭାବେ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତି, ଆଇପିଇ ଜ୍ୟୋତିରଞ୍ଜନ ପରିଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ବାଧା ଦୌଡ, ବିଭିନ୍ନ ଥ୍ରୋ ଆଦି ପ୍ରତିଯୋଗିତାରେ ଉନ୍ନିତ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟା ଅଧ୍ୟୟନ ସହ ଶାରିରୀକ ଖେଳ କୁଦ ଦ୍ୱାରା ମନ ଶାନ୍ତ ରହିବା ସହ ଶରୀର ସୁସ୍ଥ ରହିଥାଏ ବୋଲି ଅତିଥିମାନେ ପ୍ରତିଯୋଗୀଙ୍କୁ କହିଥିଲେ । କ୍ରୀଡା ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାର ବିଭିନ୍ନ ବିଦ୍ୟାଳୟରୁ ବିଭିନ୍ନ ବିଭାଗ ପାଇଁ ଶତାଧିକ ଲେଖାଏଁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିବାବେଳେ କ୍ରୀଡା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ ।

### ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ପାଇବାର ପ୍ରତିବାଦ

# ୫ଘଣ୍ଟା ରାଜପଥ ଅବରୋଧ

**ମୁରିବାହାଲ, ୫।୧୧ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ପାଇବାର ପ୍ରତିବାଦ କରିଛନ୍ତି ମୁରିବାହାଲ ବ୍ଲକର ବିଭିନ୍ନ ସଂଗଠନ। ସୋମବାର ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ଛକଠାରେ ସେମାନେ ରାୟପୁର-ଗୋପାଳପୁର ୫୯ ନମ୍ବର ଜାତୀୟ ରାଜପଥକୁ ୫ଘଣ୍ଟା ଧରି ଅବରୋଧ କରିଥିଲେ। ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ, ଉପାଧ୍ୟକ୍ଷ ସୁନ୍ଦରମଣି ବାଗ, ବ୍ଲକ ସରପଞ୍ଚ ସଂଘ ସଭାପତି ଗୋପିନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ କରାଯାଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ବ୍ଲକର ବହୁ ସରପଞ୍ଚ, ସମିତି ସଭ୍ୟ ଓ କୃଷକ ସଂଗଠନ ସଦସ୍ୟ ସାମିଲ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗତ ୨୦୧୭ ମସିହାଠାରୁ ଚୋଲା ମଣ୍ଡଳ ବୀମା କମ୍ପାନୀ ମାଧ୍ୟମରେ ବ୍ଲକ ଅଞ୍ଚଳର ହଜାର ହଜାର ଚାଷୀ ବୀମା କରିଥିଲେ। ହେଲେ ଗତବର୍ଷ ଏହି ଅଞ୍ଚଳରେ ମରୁଡି ହେବା ସତ୍ତ୍ୱେ ବୀମା ରାଶି ପ୍ରଦାନ କରିବା ପରିବର୍ତ୍ତେ ଚାଷୀଙ୍କର ବୀମା କରାଯାଇଥିବା ରାଶିକୁ ଅବିକଳ ଫେରସ୍ତ କରାଯାଇଛି। ଏହି ପରିପେକ୍ଷୀରେ ୧୭ ମାସ ପରେ କେଉଁ ଆଧାରରେ କୃଷକମାନଙ୍କ ବୀମା ରାଶିଗୁଡିକ ପାସ ବହିରେ ଜମା କରାଯାଇଛି ବୋଲି ବିକ୍ଷୋଭକାରୀମାନେ ଅଭିଯୋଗ କରିଥିଲେ । ତେଣୁ ଉକ୍ତ କମ୍ପାନୀ ନାମରେ ଫୌଜଦାରୀ ମାମଲା ରୁଜୁ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଦୀର୍ଘ ୫ଘଣ୍ଟା ପର୍ଯ୍ୟନ୍ତ ଅବରୋଧ ଫଳରେ ଶହଶହ ଗାଡି ରାସ୍ତାର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ପରେ ଟିଟିଲାଗଡ ଉପଜିଲାପାଳ ସୁଧାକର ନାଏକ ଘଟଣାସ୍ଥଳକୁ ଆସି ବିକ୍ଷୋଭକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୧ ମାସ ମଧ୍ୟରେ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମିଲ ସରପଞ୍ଚମାନେ ହେଲେ ଡୋଳାମଣି ବାଗ, ଅଗସ୍ତି ବାଗ, ଗୁପ୍ତେଶ୍ୱର ସାହୁ, ହେମସାଗର ସାହୁ ଓ ସମିତି ସଭ୍ୟମାନଙ୍କର ମଧ୍ୟରେ ମଧୁସୂଦନ ମହାନନ୍ଦ, ଭୋଳାନାଥ ସୁନା ଓ ଯଦୁମଣି କୁମ୍ଭାର। ବେଣୁଧର ହାତୀ, ଗୌତମ ଖେତି, ବୁଦ୍ଧଦେବ ମହାକୁର, କଶ୍ୟପ ସରାଫ, ଯୁଧିଷ୍ଠିର ଭରାସାଗରିଆ, ଭକ୍ତବନ୍ଧୁ ଛତ୍ରିଆ ପ୍ରମୁଖ ଚାଷୀନେତା ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆଇନଶୃଙ୍ଖଳା ବଜାୟ ରଖିବା ପାଇଁ କଣ୍ଟାବାଞ୍ଜି ଏସଡିପିଓ ପ୍ରଫୁଲ୍ଲ କୁମାର ମିଶ୍ର, ମୁରିବାହାଲ ଆଇଆଇସି ଲୋକନାଥ ଭୋଇ ଓ ମାଜିଷ୍ଟ୍ରେଟଭବେ ମୁରିବାହାଲ ତହସିଲଦାର ସରିତା ଗୁପ୍ତା ଉପସ୍ଥିତ ଥିଲେ।




ଫସଲ ବୀମା ଦାବିରେ ମୁରିବାହାଲ ବ୍ଲକ ହଳଦୀ ଛକଠାରେ ରାୟପୁର-ଗୋପାଳପୁର ୫୯ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଛି।

**ବୀମା କମ୍ପାନୀ ନାମରେ ଫୌଜଦାରି ମାମଲା ରୁଜୁ ଦାବି**

### ଟଙ୍କା ମାଗିବାକୁ ଯାଇ ଯୁବକ ନିଖୋଜ ଅଭିଯୋଗ

**ବଲାଙ୍ଗୀର ଅଫିସ,୫।୧୧**

ସଇଁତଲା ରେଳଷ୍ଟେଶନ୍‌ପଡାର ଦାଦନ ଶ୍ରମିକ ନିରଞ୍ଜନ ଚୌଧୁରୀ(୩୦) ତାଙ୍କ ପ୍ରାପ୍ୟ ଟଙ୍କା ମାଗିବାକୁ ଯାଇ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଦାଦନ ଶ୍ରମିକ ନିରଞ୍ଜନଙ୍କୁ କଣ୍ଟାବାଞ୍ଜି ନିକଟସ୍ଥ ଚଟୁଅନକା ଗ୍ରାମର ଦିଲୀପ ତାଣ୍ଡି ନାମକ ଜଣେ ଦାଦନ ସର୍ଦ୍ଦାର ତେଲେଙ୍ଗାନାକୁ କାମ କରାଇବା ପାଇଁ ନେଇଥିଲେ । ସେଠାରେ କିଛି ଦିନ କାମ କରିବା ପରେ ନିରଞ୍ଜନ ଇଟାଭାଟି ମାଲିକଙ୍କୁ ପାଉଣା ମାଗିବାରୁ ତାଙ୍କ ପାଉଣା ପୂର୍ବରୁ ଦାଦନ ସର୍ଦ୍ଦାର ତାଣ୍ଡି ନେଇ ସାରିଥିବା କହିଥିଲେ । ସେଠାରୁ କିଛି ଦିନ ତଳେ ସଇଁତଲା ଆସି ଗତ ୩ଦିନ ତଳେ ତାଙ୍କ ପାଉଣା ଆଣିବା ପାଇଁ ଚଟୁଅନକା ଗାଁର ଦିଲୀପଙ୍କ ପାଖକୁ ଯାଇଥିଲେ । ସେଠାକୁ ଗଲା ପରଠାରୁ ନିରଞ୍ଜନ ଆଉ ଘରକୁ ଫେରି ନାହାନ୍ତି । ଏ ନେଇ ତାଙ୍କ ବିଧବା ମା ଲତା ଚୌଧୁରୀ ସାମାଜିକକର୍ମୀ ଲଳିତ ନାଏକଙ୍କ ନିକଟକୁ ଆସି ଦୁଃଖ ଜଣାଇଥିଲେ । ଏହା ପରେ ସମାଜିକକର୍ମୀ ନାଏକ ତାଙ୍କୁ ନେଇ ଏସପି ଅଫିସକୁ ଯାଇ ଦାଦନ ଶ୍ରମିକଙ୍କ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି।

## ୨୨ଶହ ହେକ୍ଟର ଚାଷ ଜମି ମରୁଡ଼ି ପ୍ରଭାବିତ

**ଲୋଇସିଂହା,୫।୧୧(ଡି.ଏନ.ଏ.)**

ଗୁରୁବାର ରାଜ୍ୟ ସରକାର ୯ଟି ଜିଲାକୁ ମରୁଡି ଘୋଷଣା କରିଥିଲେ । ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକକୁ ସାମିଲ କରାଯାଇଛି । କୃଷି ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ପ୍ରାଥମିକ ପର୍ଯ୍ୟାୟ ଆଇଏସଷ୍ଟିମେଟ(ଅନୁମାନିକ) ରିପୋର୍ଟ ମୁତାବକ ୨୨ଶହ ହେକ୍ଟର ଚାଷ ଜମି ମରୁଡିରେ ପ୍ରଭାବିତ ହୋଇଛି। ତେବେ ବ୍ଲକରେ ୪୪ପ୍ରତିଶତ କମ ବର୍ଷା ହୋଇଛି । ତେଣୁ କୃଷି ଓ ରାଜସ୍ୱ ବିଭାଗର ଯୁଗ୍ମ ସର୍ଭେ ପରେ ଏହି ସଂଖ୍ୟା ବୃଦ୍ଧି ହେବା ଆଶା କରାଯାଉଥିବା ସହକାରୀ କୃଷିଅଧିକାରୀ ସୁଶୀଲ ସେଠି ପ୍ରକାଶ କରିଛନ୍ତି । ବିଭାଗୀୟ ସୂଚନା ମତେ, ଲୋଇସିଂହା ବ୍ଲକରେ ୧୦ହଜାର ୬୫୦ହେକ୍ଟର ଖରିପ ଧାନ ଚାଷ ଲକ୍ଷ୍ୟ କରାଯାଇଛି। ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଚାଷ ସରିଥିଲା । ୪ହଜାର ହେକ୍ଟରରେ ରୁଆବେଉଷଣ କରାଯାଇଥିବା ବେଳେ ବାକି ଜମିରେ ଖରୁଡି, ବତରି ପାଗ ବୁଣା କରାଯାଇଥିଲା । ଏପ୍ରିଲ, ମେରେ ମୌସୁମି ବର୍ଷା ଧୋକା ଦେଇଥିଲା । କୃଷି ଉପଯୋଗୀ ବର୍ଷା ନ ହେବାରୁ ତଳି ପକା ଓ ଧାନ ବୁଣାବୁଣି ବିଳମ୍ବ ହୋଇଥିଲା । ଜୁନରେ ବର୍ଷା ପରେ ଚାଷ ଆଗେଇଥିଲା। ଜୁଲାଇରେ ପୁଣି ବର୍ଷା ଭାବ ଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ତେବେ ଅଗଷ୍ଟ ୨୫ ଓ ୨୬ତାରିଖରେ ଲଗାଣ ବର୍ଷା ଚାଷ କାର୍ଯ୍ୟକୁ ଓଲଟ ପାଲଟ କରିଦେଇଥିଲା । ପାଣିରେ ଚାଷ ଜମି ବୁଡି ରହିବାରୁ ଚାଷ କାମ ପଛେଇ ଯାଇଥିଲା । ସେହିପରି ଜୁନ ମାସରେ ୨୦୨.୦୮ ମିମି ବର୍ଷାର ଆବଶ୍ୟକ ଥିବାବେଳେ ମାତ୍ର ୮୨.୦୨ ମିମି ବର୍ଷା ହୋଇଛି । ଜୁଲାଇରେ ୩୬୦.୦୫ ମିମି ବର୍ଷା ଆବଶ୍ୟକ ସ୍ଥଳେ ୧୯୪.୦୨ ମିମି ବର୍ଷା ହୋଇଛି। ଅଗଷ୍ଟରେ ୩୩୩.୦୬ ମିମି ଆବଶ୍ୟକ ଥିବା ସମୟରେ ୨୨୫.୦୮ ମିମି ବର୍ଷା ହୋଇଥିଲା। ସେପ୍ଟେମ୍ବରରେ ୨୩୭ମିମି ବର୍ଷା ଅବଶ୍ୟକ ଥିବାବେଳେ ୧୨୩ମିମି ବର୍ଷା ହୋଇଛି । କୃଷିବିଭାଗ ସୂଚନା ମୁତାବକ ଗତ୨୨ସେପ୍ଟେମ୍ବରରେ ୧.୮ ମିମି ବର୍ଷା ହୋଇଥିଲା । ସେବେଠାରୁ ଆଉ ବର୍ଷା ହୋଇ ନାହିଁ । ବର୍ଷା ଅଭାବରୁ ଚାଷ ଜମି ଉଜୁଡି ଯାଇଛି । ଅମଳ ହୋଇଥିବା ଅନେକାଂଶ ଜମିରେ ଚକଡା ସମେତ ବିଭିନ୍ନ ରୋଗପୋକ ପ୍ରଭାବିତ ହୋଇଛି। ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା କହିଛନ୍ତି, କୃଷି ବିଭାଗ ପକ୍ଷରୁ ଜିଲାପ୍ରଶାସନକୁ ସଠିକ ତଥ୍ୟ ଦିଆଯାଇନାହିଁ । ଏହାର ଉପଯୁକ୍ତ ତଦନ୍ତ ଅବଶ୍ୟକ। ଚାଷୀଙ୍କୁ ଶୀଘ୍ର ଇନପୁଟ ସବସିଡି ପ୍ରଦାନ କରିବା ସହ କୃଷିଋଣ ସମ୍ପୂର୍ଣ୍ଣ ଛାଡ କରିବାକୁ ଦାବି କରିଛନ୍ତି । ଚାଷୀଙ୍କୁ ଆଗାମୀ ଖରିପ ଚାଷ ପାଇଁ ମାଗଣାରେ ବିହନ, ସାର, ଔଷଧ ଯୋଗାଇବାକୁ ସରକାରଙ୍କୁ ଦାବି କରିଛନ୍ତି।

## ଟିଟିଲାଗଡ଼କୁ ଜିଲା ମାନ୍ୟତା ଦାବି ନେଇ ବିଧାୟକଙ୍କ ସମର୍ଥନ

**ଟିଟିଲାଗଡ,୫।୧୧(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ଦେବା ପାଇଁ ଚାଲିଥିବା ଆନ୍ଦୋଳନରେ କଣ୍ଟାବାଞ୍ଜି ବିଧାୟକଙ୍କ ଭୂମିକାକୁ ନେଇ ବିଭିନ୍ନ ସମୟରେ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଉଥିବାବେଳେ ସେ ସୋମବାର ତାଙ୍କ ମତ ସ୍ପଷ୍ଟ କରିଦେଇଛନ୍ତି। ଟିଟିଲାଗଡ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । ପରେ ସେ ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ କିଛି ସମୟ ଧାରଣାରେ ବସିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ ଯେ, ଦୀର୍ଘ ୮ବର୍ଷ ହେଲା ଟିଟିଲାଗଡ ଜିଲା ଦାବିକୁ ସମର୍ଥନ କରି ଆସୁଥିଲେ ଏବଂ ଆଗାମୀ ଦିନରେ ମଧ୍ୟ କରିବେ । ଏହି ଆନ୍ଦୋଳନର ସ୍ୱରକୁ ଭୁବନେଶ୍ୱର ପର୍ଯ୍ୟନ୍ତ ସେ ନିଶ୍ଚୟ ପହଞ୍ଚାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲା ହେବା ପାଇଁ ଟିଟିଲାଗଡର ସମସ୍ତ ଯୋଗ୍ୟତା ଅଛି ଏଣୁ ଜିଲା କ୍ରିୟାନୁଷ୍ଠାନ କମିଟିକୁ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥନ କରି ଉପଖଣ୍ଡକୁ ଜିଲା ମାନ୍ୟତା ଆନ୍ଦୋଳନରେ ସେ ମଧ୍ୟ ସହଯୋଗ କରିବେ ବୋଲି ଜଣାଇ ଦେଇଥିଲେ । ପ୍ରକାଶ ଯେ, ଏହି ଦାବିକୁ ଟିଟିଲାଗଡ ବିଧାୟିକା ଟୁକୁନି ସାହୁ, ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂ ଭୋଇ, କଣ୍ଟାବାଞ୍ଜିର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ଭାଜପାର ନେତୃବୃନ୍ଦ ସମର୍ଥନ ଘୋଷଣା କରିସାରିଛନ୍ତି । ଟିଟିଲାଗଡ ଉପଖଣ୍ଡର ସମସ୍ତ ବ୍ଲକ, ପଞ୍ଚାୟତର ଜନପ୍ରତିନିଧି ଓ ସାମାଜିକ ସଂଗଠନମାନେ ପୂର୍ଣ୍ଣ ମାତ୍ରାରେ ସମର୍ଥନ ଜଣାଇ ଆନ୍ଦୋଳନରେ ସାମିଲ ହେଉଛନ୍ତି । ଟିଟିଲାଗଡକୁ ଜିଲା ମାନ୍ୟତା ଦାବି ନେଇ ଚାଲିଥିବା ଗଣଧାରଣାରେ ସୋମବାର ଷ୍ଟାଫ ଭେଣ୍ଡର ସଂଘ ସାମିଲ ହୋଇଥିଲେ ।




ଟିଟିଲାଗଡ ଜିଲା ଦାବି ନେଇ ଚାଲିଥିବା ଆନ୍ଦୋଳନରେ ସାମିଲ ହୋଇଥିବା କର୍ମକର୍ତ୍ତାମାନେ।



ବିପଦପୂର୍ଣ୍ଣ ଭାବେ ଯୋଗୀସର୍ଡା ଗ୍ରାମରେ ଜଣେ ବ୍ୟକ୍ତି ଘର ଛାତ ଉପରୁ ହାତରେ ତାର ଧରି ହୁକ ପକାଉଛନ୍ତି।

## ଆୟୁର୍ବେଦ ଚିକିତ୍ସାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ

**ବଲାଙ୍ଗୀର ଅଫିସ,୫।୧୧**

ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜରେ ସୋମବାର ଧନ୍ୱନ୍ତରୀ ଜୟନ୍ତୀ ଏବଂ ତୃତୀୟ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ପାଳନ କରାଯାଇଛି। ଏହି ଅବସରରେ କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପିକ ଓ ଛାତ୍ରୀଛାତ୍ର ଏକ ରାଲିରେ କଲେଜ ପରିସରରୁ ବାହାରି ଭାଗରଥି ଛକ, ସରକାରୀ ବସଷ୍ଟାଣ୍ଡ, ସମଲେଶ୍ୱରୀ ମନ୍ଦିର, ଡେଲି ମାର୍କେଟ, ଗାନ୍ଧୀ ପାଠାଗାର, ପିପି ଏକାଡେମୀ ଦେଇ ସହର ପରିକ୍ରମା କରିଥିଲେ । ସ୍ୱଚ୍ଛ ଭାରତ ଅଭିଯାନରେ କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଷ୍ଟାପ୍ ଓ ଛାତ୍ରୀଛାତ୍ରମାନେ କଲେଜ ପରିସରରେ ସଫେଇ କାର୍ଯ୍ୟ କରିଥିଲେ । ଏହି ଅବସରରେ ଆୟୁର୍ବେଦ କଲେଜ ପରିସରରେ ସକାଳ ୮ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ କଲେଜର ପୂର୍ବତନ ସୁପରିଣ୍ଟେଣ୍ଡାଣ୍ଟ ଡା ରାଧାକାନ୍ତ ବାଗ ଉଦଘାଟନ କରିଥିଲେ । ଶିବିରରେ ଉଭୟ ଆୟୁର୍ବେଦିକ ଏବଂ ହୋମିଓପାଥିକ ପଦ୍ଧତିରେ ୬ଶହ ରୋଗୀଙ୍କ ରୋଗ ନିର୍ଣ୍ଣୟ ସହ ଔଷଧ ବିତରଣ କରାଯାଇଥିଲା । ସ୍ୱାସ୍ଥ୍ୟ ଶିବିରକୁ ପ୍ରଫେସର ଡା. ପ୍ରଦୀପ ପଣ୍ଡା, ଡା. ମନୋଜ ସାହୁ, ଡା. ଜ୍ୟୋତିରଞ୍ଜନ ମେହେର, ଡା. ପ୍ରିୟାଞ୍ଜୁ ତ୍ରିପାଠୀ, ଡା. ଶୁଚିସ୍ମିତା ପଣ୍ଡା ଓ ଡା. ଶ୍ରୀନିବାସ ମେହେର ପରିଚାଳନା କରିଥିଲେ । କଲେଜରେ ଭଗବାନ ଧନ୍ୱନ୍ତରୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ପ୍ରଥମଥର ପାଇଁ କଲେଜରେ ନବାଗତ ଛାତ୍ରୀଛାତ୍ରମାନଙ୍କ ଉପଲକ୍ଷେ ବୈଦିକ ରୀତିରେ ଶିଷ୍ୟୋମନୟନ ସଂସ୍କାର କରାଯାଇଥିଲା । ବଳରାମ ମିଶ୍ର ଏହି ସଂସ୍କାର କାର୍ଯ୍ୟ କରିଥିଲେ । ପୂଜା ପରିଚାଳନାରେ ଛାତ୍ର ସଂସଦ ଉପଦେଷ୍ଟା ଡା. ସୁଶୀଳ ମେହେର, ଡା. ଗୋପବନ୍ଧୁ ଆଚାର୍ଯ୍ୟ, ଡା. ଶୁଚିସ୍ମିତା ପଣ୍ଡା, ଅର୍ଚ୍ଚନା ପାଢ଼ୀ, ଡା. ଅଲେଖ ମହାନ୍ତି, ଡା. ବିନୋଦ ଚନ୍ଦ୍ର ସିଂ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ସଞ୍ଜୀବନୀ ସେବା ସଂଗଠନ ତରଫରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଅପରାହ୍ନରେ ତୃତୀୟ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ଉଦଘାଟନ କରାଯାଇଥିଲା । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ସିଡିଏମ୍‌ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ସୁପରିଣ୍ଟେଣ୍ଡାଣ୍ଟ ଡା. ରାଧାକାନ୍ତ ବାଗ ଉପସ୍ଥିତ ଥିଲେ । ସଭାରେ ସିଡିଏମ୍‌ଓ ଆୟୁର୍ବେଦ ଚିକିତ୍ସା ଓ ପାଠର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କହିଥିଲେ । ସଭାପତି ତଥା କଲେଜ ଅଧ୍ୟକ୍ଷ ପ୍ର. ରାଜୀବ ଲୋଚନ ଦାଶ ଆୟୁର୍ବେଦ ଦିବସ ଉପରେ କହିଥିଲେ । ଉତ୍ସବକୁ ଡା. ମନୋଜ ସାହୁ ପରିଚାଳନା କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ଉପଲକ୍ଷେ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରେ ଆୟୁର୍ବେଦିକ ଫର୍ ପବ୍ଲିକ ହେଲ୍‌ଥ୍ ଶୀର୍ଷକ ଏକ ସାଇଣ୍ଟିଫିକ୍ ସେମିନାର ଅନୁଷ୍ଠିତ ହୋଇଥିଲା । ପ୍ର. ପ୍ରଦୀପ ପଣ୍ଡା ଓ ଡ. ଗୋପବନ୍ଧୁ ଆଚାର୍ଯ୍ୟ ସେମିନାରରେ ସଭାପତିତ୍ୱ କରିଥିଲେ। ଡା. ସୀମାଦ୍ରୀ ଭୂଷଣ ନାୟକ, ଡା. ପ୍ରସନ୍ନ ମିଶ୍ର, ଡା. ଗୋପୀନାଥ ମିଶ୍ର ଏବଂ ଡା. ଅନ୍ତର୍ଯ୍ୟାମୀ ପଣ୍ଡା ସକ୍ରିୟ ଅଂଶଗ୍ରହଣ କରିଥିଲେ । ସେମିନାରରକୁ ଡା. ଶିବବ୍ରତ ଦାସ ପରିଚାଳନା କରିଥିବାବେଳେ ଡା. ମନୋରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।




କୃତୀ ଛାତ୍ରୀଛାତ୍ରଙ୍କୁ ସିଡିଏମ୍‌ଓ ଡା ସୁଜ୍ଞାନେନ୍ଦ୍ର ମିଶ୍ର ପୁରସ୍କୃତ କରୁଛନ୍ତି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ଗଠିତ

**ବଙ୍ଗୋମୁଣ୍ଡା,୫।୧୧(ଡି.ଏନ.ଏ.)**

ବଙ୍ଗୋମୁଣ୍ଡା ବାଳିକା ଉନ୍ନିତ ବିଦ୍ୟାଳୟ ପ୍ରାଙ୍ଗଣରେ ରବିବାର ଅବସର କର୍ମଚାରୀ ସଂଘ ଗଠନ ହୋଇଯାଇଛି। ଏହି ଅବସରରେ ବରିଷ୍ଠ କର୍ମଚାରୀ କପିଳ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଅବସର କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଏଥିରେ ଆଲୋଚନା ହୋଇଥିଲା । ବୈଠକରେ ଉପସ୍ଥିତ କର୍ମଚାରୀ ସଂଘ ସମ୍ବନ୍ଧରେ ନିଜ ନିଜର ମତ ପ୍ରକାଶ କରିଥିଲେ । ସେହିପରି ସଂଘର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଏକ କମିଟି ଗଠନ କରିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଥିଲା । ପରେ ସର୍ବ ସମ୍ମତି କ୍ରମେ ସଭାପତି ରୂପେ କପିଳ ବେହେରା, ଉପ ସଭାପତି ଭାବେ ଗୁରୁବାରି ପୁଞ୍ଜି, ସମ୍ପାଦକ ଅମୁଲ୍ୟ ଖମାରୀ, ସହ ସମ୍ପାଦକ ବିପିନ ବିହାରୀ ସାହୁ ଏବଂ କୋଷାଧ୍ୟକ୍ଷ ସୀତାରାମ ପୁଟେଲଙ୍କୁ ମନୋନୀତ କରାଯାଇଥିଲା । ସଂଘର ସଭ୍ୟ ରୂପେ ଶରତ ପଟ୍ଟନାୟକ, ତ୍ରିବିକ୍ରମ ପଟ୍ଟନାୟକ, ରାସବିହାରୀ ଥନାପତି, ବିଷ୍ଣୁପ୍ରସାଦ ସାହୁ, ଦୁଧେଶ୍ୱର ନାଗ, ଚିନ୍ତାମଣି ପ୍ରଧାନୀ, ହରିବନ୍ଧୁ ବିଶ୍ୱାଳ, ଯୁଗୋଳ କିଶୋର ମେହେର, ରତନ ମାଝି, ଗଣେଷରାମ ପୁଟେଲ ପ୍ରମୁଖ ରହିଛନ୍ତି । ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକ ଅଫିସ ଘେରିଲା ମୁରିବାହାଲ ବିକାଶ ମଞ୍ଚ

**ମୁରିବାହାଲ, ୫।୧୧ (ଡି.ଏନ.ଏ)**

୩ଦଫା ଦାବି ନେଇ ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ବିକାଶ ମଞ୍ଚ ସୋମବାର ବ୍ଲକ ଅଫିସ ଘେରାଉ କରିଥିଲା। ମଞ୍ଚର ଆବାହକ ଫାନଗୁନୀ ହାତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବିକାଶ ମଞ୍ଚ ସଭାପତି ଅଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଜିଲାର ୧୪ ବ୍ଲକ ମଧ୍ୟରୁ ୧୩ଟି ବ୍ଲକରେ ଦିବ୍ୟାଙ୍ଗମାନଙ୍କୁ ୫୦୦ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଇଥିବା ବେଳେ ମୁରିବାହାଲ ବ୍ଲକରେ କେଉଁ ଆଧାରରେ ୩ଶହ ଟଙ୍କା ପ୍ରଦାନ କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ। ଏଥିସହ ଅସହାୟ ବୃଦ୍ଧା ଓ ବୃଦ୍ଧମାନଙ୍କର ମାସିକ ଭତ୍ତା ୩୦୦ଟଙ୍କାରୁ ୧୫୦୦କୁ ବୃଦ୍ଧି, ଯୋଗ୍ୟ ବୃଦ୍ଧାବୃଦ୍ଧ ଓ ବିଧବାଙ୍କୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଭତ୍ତା ପ୍ରଦାନ ଓ ୨୦୧୭ବର୍ଷରେ ବ୍ୟାଙ୍କ ଓ ଅନଲାଇନ ମାଧ୍ୟମରେ କରାଯାଇଥିବା ବୀମା ରାଶିଗୁଡିକକୁ ଯଥାଶୀଘ୍ର ଚାଷୀଙ୍କୁ ପ୍ରଦାନ କରିବାକୁ ସେ ଦାବି କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ସମ୍ବଳିତ ଦାବିପତ୍ର ବିଡିଓ ଦାଶରଥୀ ଶରାଭୋଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ସହୃଦୟତାର ବିଚାର କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେବା ପରେ ବିଭୋଭ ସମାବେଶ ପ୍ରତ୍ୟାହୃତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧୀନ ୨୨ ପଞ୍ଚାୟତର ଶତାଧିକ ଯୋଗ୍ୟ ବୃଦ୍ଧାବୃଦ୍ଧ, ବିଧବା ଓ ଜନସାଧାରଣଙ୍କ ସହ ମଦନ ମହତ, ଶ୍ୟାମ ସୁନ୍ଦର ବଗର୍ତ୍ତି, କରୁଣାକର ବେହେରା, ଶରତ ସେଲମା, ଦୀପକ ବେହେରା ପ୍ରମୁଖ ସାମିଲ ହୋଇଥିଲେ।



୩ଦଫା ଦାବି ନେଇ ମଚରିବାହାଲ ବିକାଶ ମଞ୍ଚ ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଭାଜପା ସଦର ବ୍ଲକ ଘେରାଉ, ବିକ୍ଷୋଭ**

କଳାହାଣ୍ଡି ଭାଜପା ପକ୍ଷରୁ ବିଜେଡି ଶାସନରେ ପିସି, ଦୁର୍ନୀତି, ବ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ସୋମବାର ଭବାନୀପାଟଣା ସଦର ବ୍ଲକ ଘେରାଉ ଓ ବିକ୍ଷୋଭ କରାଯାଇଛି ।

## ସଂକ୍ଷେପରେ



### ସୁରଭି କୁଇଜ୍‌ରେ ଜିଲାରେ ପ୍ରଥମ ହେଲେ ଲଳିତ

କର୍ଲାମୁଣ୍ଡା,୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଛାତ୍ର ଲଳିତ ସାହୁ କୁଇଜ ପ୍ରତିଯୋଗୀତାରେ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଏହା ପରେ କର୍ଲାମୁଣ୍ଡା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଶନିବାର ଭବାନୀପାଟଣା ଲାଲବାହାଦୂର ଷ୍ଟାଡିୟମଠାରେ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କୁଇଜ ପ୍ରତିଯୋଗୀତା ହୋଇଥିଲା। ଏଥିରେ ଲଳିତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଲଳିତ କର୍ଲାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ସପ୍ତମ ଶ୍ରେଣୀରେ ପଢୁଛନ୍ତି ।




### ରିଷିଡାରେ ଏଟିଏମ୍ ସେବା ବିପର୍ଯ୍ୟସ୍ତ

ରିଷିଡା,୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ରିଷିଡାରେ ଏଟିଏମ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ଥିବା ୟୁକୋ ବ୍ୟାଙ୍କ ଏଟିଏମରେ କେତେବେଳେ ଯାନ୍ତ୍ରିକ ତ୍ରୁଟି, କେତେବେଳେ ଟଙ୍କା ନ ଥିବାରୁ ଠିକ୍ ଭାବେ ଟଙ୍କା ଉଠାଣ କରି ନ ପାରି ହିତାଧିକାରୀମାନେ ହଇରାଣ ହେଉଛନ୍ତି । ଅନ୍ୟପକ୍ଷରେ ସୋମବାର ରିଷିଡାଠାରେ ଥିବା ୟୁକୋ ବ୍ୟାଙ୍କର ଗ୍ରାହକ ସେବା କେନ୍ଦ୍ରରେ ଲିଙ୍କ ନ ଥିବାରୁ ଉଠାଣ କରି ହେଉନାହିଁ। ଏଟିଏମରେ ଟଙ୍କା ନ ଥିଲେ ବି ଧର୍ମକୁ ଆଖିଠାର ଭଳି ଏଟିଏମ ଖୋଲା ରଖାଯାଉଛି। ଏଟିଏମ ଖୋଲା ଅଛି ଭାବି ଗ୍ରାହକମାନେ ଏଟିଏମକୁ ଯାଉଛନ୍ତି ଏବଂ ଟଙ୍କା ନ ଉଠାଇ ନିରାଶ ହୋଇ ଫେରୁଛନ୍ତି । ଏ ସମ୍ପର୍କରେ ବ୍ୟାଙ୍କ ପରିଚାଳକ ଛୁଟିରେ ଥିବା ଯୋଗୁ ଯୋଗାଯୋଗ ହୋଇପାରି ନାହିଁ । ଇଞ୍ଜିନିୟର ଆସି ସଜାଡୁଥିବା କର୍ମଚାରୀମାନେ କହିଛନ୍ତି। ଏବେ ଦେଖିବାକୁ ବାକି ରହିଲା କେତେ ଦିନ ଏଟିଏମରୁ ଟଙ୍କା ବାହାରୁଛି ।

### ୩୦ କେଜି ଗଞ୍ଜେଇ ଜବତ, ୨ ଅଟକ

ଭବାନୀପାଟଣା,୫।୧୧(ଡି.ଏନ.ଏ.)

ଭବାନୀପାଟଣା ବସ୍‌ଷ୍ଟାଣ୍ଡ ନିକଟରୁ ୩୦ କେଜି ଗଞ୍ଜେଇ ସହ ୨ ଯୁବକଙ୍କୁ ପୋଲିସ ଅଟକ ରଖିଛି । ସେମାନେ ଗଞ୍ଜେଇ ଆଣି ରାୟପୁର ଚୋରାଚାଲାଣ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରିଥିଲେ। ରବିବାର ପ୍ରାୟ ରାତି ୯ଟାରେ ଭବାନୀପାଟଣା ବସ୍‌ଷ୍ଟାଣ୍ଡରେ ଥିବା ଏକ ହୋଟେଲରୁ ସମ୍ପୃକ୍ତ ୨ ଜଣ ଯୁବକ ଖାଉ ଥିବାବେଳେ ଟାଉନ ଥାନ ଆଇଆଇସି ସତ୍ୟ କୁମାର ନନ୍ଦଙ୍କ ନେତୃତ୍ୱରେ ପୋଲିସ ସେମାନଙ୍କ ଉପରେ ଚଢାଉ କରିଥିଲା । ଉଭୟଙ୍କଠାରୁ ୨ଟି ଏୟାରବ୍ୟାଗ୍ ଓ ଛୋଟ ବସ୍ତାରେ ଭର୍ତ୍ତି ହୋଇଥିବା ପ୍ରାୟ ୩୦ କେଜି ଗଞ୍ଜେଇ ଜବତ କରିଛି । ଯୁବକ ୨ ଜଣ ଜୁନାଗଡ୍ ବ୍ଲକ୍ ମଥୁରାପଲସର ଗ୍ରାମର । ସୋମବାର ମଧ ସେମାନଙ୍କୁ ଅଟକ ରଖି ପଚରା ଉଚୁରା ଜାରି ରହିଛି ।

---

ଜୁନାଗଡ଼ରେ ଚାଷୀ ଗର୍ଜନ ସମାବେଶ

# ଚାଷୀଙ୍କ ଜାତୀୟ ରାଜପଥ ଅବରୋଧ

ଜୁନାଗଡ,୫।୧୧ (ଡି.ଏନ.ଏ. /ସ୍ୱ.ପ୍ର.)

କଳାହାଣ୍ଡି କୃଷି ଜିବୀ କଲ୍ୟାଣ ସଂଘ ଜୁନାଗଡ ପକ୍ଷରୁ ଚାଷୀ ଗର୍ଜନ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୁନାଗଡ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ କରାଯାଇଛି। ପରେ ୧୦ ଦଫା ଦାବି ନେଇ ୧ଟାରେ ଚାଷୀମାନେ ୨୬ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଶତାଧିକ ଯାନବାହାନ ରାସ୍ତାରେ ଅଟକି ରହିଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅପରାହ୍ନ ୩ଟା ପରେ ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ଦାବିପତ୍ରକୁ ଗ୍ରହଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଶୀଘ୍ର ପ୍ରେରଣ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀମାନେ ରାସ୍ତାରୁ ହଟିଥିଲେ। କୃଷି ଜିବୀ କଲ୍ୟାଣ ସଂଘ ଆବାହକ ବିଶ୍ୱନାଥ କରଙ୍କ ଆହ୍ୱାନରେ ଚାଷୀ ଗର୍ଜନ ସମାବେଶରେ ଶତାଧିକ ଚାଷୀ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲେ। ସେଠାରେ ବିକ୍ଷୋଭ କରି ଏକ ସଭାରେ କୃଷିଜିବୀ କଲ୍ୟାଣ ସଂଘ ସଭାପତି ଲକ୍ଷ୍ମଣ ରଣବୀର ସଭାପତିତ୍ୱ କରିଥିଲେ। ଏଥିରେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ କମିଟିରଆବାହକ ଲିଙ୍ଗରାଜ ଆଜାଦ୍, ଜିଲା କୃଷକ ସଂଘର୍ଷ ସମନ୍ୱୟ ସମିତି ସଭାପତି ନିରଞ୍ଜନ ବିଦ୍ରୋହୀ, ଜୁନାଗଡ କୃଷିଜିବୀ କଲ୍ୟାଣ ସଂଘ ଆବାହକ ବିଶ୍ୱନାଥ କର, ଉପଦେଷ୍ଟା ଯୁଗଲ କିଶୋର ବାଗ, ରମେଶ ନାଏକ, ବିଶ୍ୱନାଥ କର, କୃଷ୍ଣଚନ୍ଦ୍ର ପାଢୀ, ଦାମୋଦର ବେହେରା, କାର୍ତ୍ତିକ ବାଗ, ରାଧାକାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷା ବନ୍ୟା, ବାତ୍ୟା ଓ ଚକଡା ପୋକ ଯୋଗୁ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଫଳରେ ଚାଷୀ ଆତ୍ମହତ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ଶୀଘ୍ର ସରକାରୀ ସହାୟତା ପ୍ରଦାନ କରାଯାଉ ବୋଲି ସମାବେଶରେ ଦାବି କରିଥିଲେ। ୧୦ ଦଫା ଦାବି ମଧ୍ୟରେ ସମସ୍ତ ପ୍ରକାର କୃଷି ଋଣ ଛାଡ କରିବା, ସମସ୍ତ କୃଷି ଦ୍ରବ୍ୟର ମୂଲ୍ୟ ଦେଢ ଗୁଣକୁ ବୃଦ୍ଧି କରିବା ଓ ଧାନର କୁଇଣ୍ଟାଲ ପ୍ରତି ବୋନସ ୫ ଶହ ଟଙ୍କା ଦିଆଯାଉ, ଗତ ଜୁଲାଇ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ଶୀଘ୍ର କ୍ଷତିପୁରଣ ପ୍ରଦାନ, ଚାଷୀଙ୍କୁ ୬୦ ବର୍ଷରେ ପେନସନ ପ୍ରଦାନ, ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଚଳିତବର୍ଷ ରବିଚାଷ (ଧାନ) ପାଇଁ ପାଣି ଯୋଗାଇ ଦିଆଯାଉ, ଅଚଳ ଉଠାଜଳସେଚନ ପଏଣ୍ଟଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଓ ବିଜୁଳି କର ଛାଡ, ଇନ୍ଦ୍ରାବତୀ ବାମ କେନାଲ ଓ ସବ ମାଇନର କେନାଲଗୁଡିକ ତୁରନ୍ତ ମରାମତି କରି ତଳମୁଣ୍ଡ ଚାଷୀଙ୍କୁ ପାଣି ଯୋଗାଇ ଦିଆଯାଉ, ୨୦ ବର୍ଷ ହେବ ଦକ୍ଷିଣ ମୁଖ୍ୟ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ ସଦର ବ୍ଲକ ପର୍ଯ୍ୟନ୍ତ କେନାଲରେ ପାଣି ଦିଆଯାଉନାହିଁ, ଏଣୁ ତୁରନ୍ତ ଏହି କେନାଲରେ ପାଣି ଯୋଗାଇ ଦିଆଯାଉ, ଛୋରିଆଗଡ ଶାଖା କେନାଲ ଆରମ୍ଭରୁ ବେଆଇନ ଭାବେ ତିଆରି କରିଥିବା ପୋଲ ସମ୍ପୂର୍ଣ୍ଣ ଭଙ୍ଗାଯାଇ ତଳମୁଣ୍ଡ ଯଥା-ଆଟିଗାଁ, ତଳମାଲା ପଞ୍ଚାୟତର ସମସ୍ତ ଗ୍ରାମର ଜମିକୁ କେନାଲ ପାଣି ଯୋଗାଇବା, ଦୁନ୍ଦେଲମାଲ ଓ ଦେଦର ପଞ୍ଚାୟତର ସମସ୍ତ ଗ୍ରାମର ଜମିଗୁଡିକୁ ଉଠାଜଳସେଚନ ମାଧ୍ୟମରେ ଜଳସେଚିତ କରାଯାଉ, ଧାନ ମଣ୍ଡିରେ କଟନୀଛଟନୀ ବନ୍ଦ କରି ଚାଷୀଙ୍କୁ ଧାନର ଉପଯୁକ୍ତ ମୁଲ୍ୟ ଦିଆଯାଉ ଆଦି ପ୍ରମୁଖ ଦାବି ରହିଥିଲା। ଏଥିରେ ଜୁନାଗଡ ବ୍ଲକ ସମେତ ପଡୋଶୀ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇଥିଲେ।




ଜୁନାଗଡରେ ଚାଷୀମାନେ ୨୬ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି।

**୧୦ଦଫା ଦାବି**

■ ରାସ୍ତାରେ ବସିଲେ ଚାଷୀ

---

ମାନବିକତାର ପରିଚୟ ଦେଲେ ନିର୍ବାହୀ ଅଧିକାରୀ

## ଗୁରୁତର ଆହତ ୨ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତିକଲେ

ଭବାନୀପାଟଣା,୫।୧୧(ଡି.ଏନ.ଏ.)

ଜାତୀୟ ରାଜପଥ ୨୬ର ଭବାନୀପାଟଣା-କେସିଙ୍ଗା ରାସ୍ତା ପାଷ୍ଟିକୁଡିର କିଛି ଦୂରରେ ଥିବା ଦେଗାଡି ନାଳ ନିକଟରେ ସୋମବାର ପ୍ରାୟ ୪ଟାରେ ଏକ ସ୍କୁଟି ଓ ସାଇକେଲ ମଧ୍ୟରେ ଧକ୍କା ହୋଇଥିଲା । ସାଇକେଲ ଓ ସ୍କୁଟି ଚାଳକ ଉଭୟେ ଛିଟିକି ପଡି ଗୁରୁତର ଆହତ ହୋଇ ସେଠାରେ ପଡିଥିଲେ । ଉଭୟେ ଗୁରୁତର ଆହତ ହୋଇଥିଲେ ଓ ପ୍ରବଳ ରକ୍ତ ବହୁଥିବା ଯୋଗୁ ଦେଖଣାହାରି ପାଖକୁ ଯିବାକୁ ସାହାସ କରିପାରି ନ ଥିଲେ । ଭବାନୀପାଟଣା ପୌର ପାଳିକା ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର କେସିଙ୍ଗାରୁ ଭବାନୀପାଟଣା ଫେରୁଥିବା ବେଳେ ଘଟଣାସ୍ଥଳରେ ଲୋକେ ରୁଣ୍ଡ ହୋଇଥିବା ଦେଖି ତାଙ୍କ ଗାଡି ଅଟକାଇ ଦେଖିବାକୁ ଯାଇଥିଲେ। ଉଭୟଙ୍କ ଅବସ୍ଥା ଓ ପ୍ରବଳ ରକ୍ତ ବହୁଥିବାରୁ ସେମାନଙ୍କୁ ତୁରନ୍ତ ଡାକ୍ତରଖାନାରେ ପହଞ୍ଚାଇବା ଜରୁରିମନେ କରି ନିଜ ଗାଡିରେ ଭବାନୀପାଟଣା ମୁଖ୍ୟଡାକ୍ତରଖାନକୁ ଆଣି ଭର୍ତ୍ତି କରିଥିଲେ। ଡାକ୍ତର ଆହତ ଉଭୟଙ୍କୁ ପ୍ରାଥମିକ ଚିକିତ୍ସା କରିଥିଲେ । ପରେ ସ୍କୁଟି ଚାଳକ କର୍ଲାମୁଣ୍ଡା ବ୍ଲକ ଭିଏଡବ୍ଲ୍ୟୁ ସୁରଜ ସାହୁଙ୍କ ଅବସ୍ଥା ଗୁରୁତ୍ୱର ଥିବାରୁ ତାଙ୍କୁ ତୁରନ୍ତ କଟକ ବଡଡାକ୍ତରଖାନାକୁ ପଠାଇଥିଲେ। ନିର୍ବାହୀ ଅଧିକାରୀ ମିଶ୍ରଙ୍କ ଏଭଳି ଗୁରୁତର ଦୁର୍ଘଟଣା ଗ୍ରସ୍ତ ଉଭୟଙ୍କୁ ଆଣି ଡାକ୍ତରଖାନାରେ ପହଞ୍ଚାଇ ଥିବାରୁ ଜନସାଧାରଣ ଓ ଡାକ୍ତର କୃତଜ୍ଞତା ଜଣାଇଥିଲେ। ଅନ୍ୟ ଜଣେ ଆହତ ବ୍ୟକ୍ତି ହେଲେ ଘଟ ଦୁର୍ଗା (୩୫) କେରୋକୁଡା ଗ୍ରାମର । କାଉନସିଲର ଚିତ୍ତରଞ୍ଜନ ମଣ୍ଡଳ ଓ କେତେକ ସ୍ୱେଚ୍ଛାସେବୀ ପହଞ୍ଚି ତୁରନ୍ତ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା କରିଥିଲେ।

### ସ୍ୱତନ୍ତ୍ର ଆଇନ ସଚେତନତା ଅଭିଯାନ ଉଦ୍‌ଯାପିତ

ଭବାନୀପାଟଣା,୫।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗଠନ ଦିବସ ୨୦୧୮ ଅବସରରେ କଳାହାଣ୍ଡି ଜିଲା ଆଇନ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଆରମ୍ଭ ହୋଇଥିବା ଆଇନ ସଚେତନତା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ଆଇନ୍ ସେବା ପ୍ରାଧିକରଣ ସଚିବ ଇନ୍ଦିରା ପ୍ରିୟଦର୍ଶିନିଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ଏହି ଶିବିରରେ ପାରାଲିଗାଲ ଭଲେଣ୍ଟିୟରଙ୍କୁ ନିଯୁକ୍ତି କରାଯାଇ ସରକାରଙ୍କ ବିଭିନ୍ନ ଆଇନ ବିଷୟରେ ସଚେତନ କରାଯାଇଥିଲା।

---

## ଅଚ୍ୟୁତାନନ୍ଦଙ୍କ ସ୍ମୃତିରେ ମହମବତି ଶୋଭାଯାତ୍ରା




ଦୂରଦର୍ଶନ କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ କଳାହାଣ୍ଡି ଛାତ୍ର ବିଜେଡି ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

ଭବାନୀପାଟଣା,୫।୧୧(ଡି.ଏନ.ଏ.)

ମାଓବାଦୀପ୍ରବଣ ଅଞ୍ଚଳ ଦାନ୍ତେୱାଡା ଆକ୍ରମଣରେ ଦୂରଦର୍ଶନର କ୍ୟାମେରାମ୍ୟାନ ଅଚ୍ୟୁତାନନ୍ଦ ସାହୁ ଶହୀଦ ହୋଇଥିଲେ । ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ କଳାହାଣ୍ଡି ଛାତ୍ର ବିଜେଡି ପକ୍ଷରୁ ରବିବାର ସନ୍ଧ୍ୟାରେ ସଭାପତି ଅବିନାଶ ଠାକୁରଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରାରେ ମଣ୍ଟୁ ନାଏକ, ପୂର୍ବ ଛାତ୍ର ସଂସଦ ସଭାପତି ଅଜିତ ସାହୁ, ଆଶିଷ ମାହାପାତ୍ର, ହରିଶ ଅହିର, ବ୍ରହ୍ମର୍ଷି ନାଏକ ଯାଦବ, ଶ୍ରୀକାନ୍ତ ପାଣିଗ୍ରାହୀ, ଅନିଷ ଆନନ୍ଦ, ଡୋଲେଶ୍ୱର ନାଏକ, ରାକେଶ ସାହୁ, ଉତ୍କଳ ହରପାଳ, ଅଭିଷେକ ମହାପାତ୍ର, ଶିବାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

---

### ମଦରେ ବିଷ ଦେଇ ହତ୍ୟା ଅଭିଯୋଗ

ସେରଗଡ଼/ବାରବନ୍ଧା,୫।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ଥାନା ଅନ୍ତର୍ଗତ ଢୁଢୁକାରଞ୍ଜା ପଞ୍ଚାୟତ ଚିତ୍ରା ଗ୍ରାମର ନିଳାମ୍ବର ଘଡେଇ (୪୨)ଙ୍କୁ ରବିବାର ରାତିରେ ମଦରେ ବିଷ ଦେଇ ହତ୍ୟା କରାଯାଇଛି । ନିଳାମ୍ବରଙ୍କ ବଡ ଭାଇ ଚିନ୍ତାମଣୀ ମ.ରାମପୁର ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିବାର ରାତିରେ ଚିତ୍ରା ଗାଁର ମୁକୁନ୍ଦ ପାତ୍ର ସହିତ ନିଳାମ୍ବର ମିଶି ମଦ ପିଇଥିଲେ। ନିଶାରେ ଚୁର ହୋଇ ନିଳାମ୍ବର ରାତି ୭ଟାରେ ଘରକୁ ଫେରିଥିଲେ । ତାଙ୍କୁ କଷ୍ଟ ଲାଗୁଥିବା ପ୍ରକାଶ କରି ତୁରନ୍ତ ଡାକ୍ତରଖାନା ନେବାକୁ ପରିବାର ଲୋକଙ୍କୁ କହିଥିଲେ। ନିଳାମ୍ବରଙ୍କୁ ପ୍ରଥମେ ବାରବନ୍ଧା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ମ.ରାମପୁର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମ.ରାମପୁର ପୋଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଘଟଣା ପରେ ମକୁନ୍ଦ ଫେରାର ଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସରିତା ମହାପାତ୍ର ପ୍ରକାଶ କରିଥିଲେ। ମୃତକଙ୍କ ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି । ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରୁଛନ୍ତି ।

---

ଭିନ୍ନକ୍ଷମ ଦମ୍ପତିଙ୍କୁ ନିରାଶ କରିଥିଲା ଜିଲା ପର୍‌ଶାସନ

## କଥା ଦେଲେ, ସାହାଯ୍‌ର ହାତ୍ ବଢ଼ାଲେ ବିଡିଓ

ମଣ୍ଡଲ,୫।୧୧(ଡି.ଏନ.ଏ.):

କଳାହାଣ୍ଡି ଜିଲା କଳମପୁର ବ୍ଲକ୍ ମଣ୍ଡଲ ପଁଚେତ ଭାଟିଗାଁର ଚୈତନ୍ୟ ଭୋଇ। ସେ ଜନ୍‌ମୁ ଅଁଧ୍ ଆନ୍। ସେ ବଡ଼ ହେଲା ଉତାରୁ ଗାଁର ଝନେ ଅଁଧେନ୍ ଟୁକେଲ ଅଞ୍ଜନା ଭୋଇକୁଁ ବିହା ହେଇ ସଁସାର ଗଢ଼ିଛନ୍। ହେଲେ ଏହେଦ୍‌କା ଦୁଇଝନ ରହେବାକେ ଘରଖଁଡେ ନାଁଇଁନ। ଯେନ୍‌ଥିରଲାଗି ଚୈତନ୍ୟ ଶଶୁର ଘରେ ଆଶ୍‌ରେ ନେଇଛନ୍। ଚୈତନ୍ୟ ବହୁତ୍ ଦିନ ଆଗ୍‌ରୁ କଳାହାଣ୍ଡି ଜିଲାପାଳଙ୍କୁ ଭେଟି ନିଜର ଦୁଖ୍ ଗୁହାରିଥିଲେ, ହେଲେ କେହେନ୍‌ସି ପରକାର ସୁଫଲ ନାଇଁପାଏଲେ। ଶେଷେ ଦୁଇ ମାଏଝି ମୁନୁଷ ସୋମବାର କଳମପୁର ବିଡିଓ ହେମସାଗର ଭୋଇ ଆର୍ ଏବିଡିଓ ଗୋପାଳକୃଷ୍ଣ ମିଶ୍ରଙ୍କୁ ଭେଟି ଗୁହାରି କରିଥିଲେ। ବିଡିଓ ସଂଗେ ସଂଗେ ଦୁଇ ମାଏଝି ମୁନୁଷ୍ ଲାଗି ଆଶାବାଡି ଯୁଗେଇ ଦେଇଥିଲେ ଆର୍ ୩ରୁ ୪ ମାସ୍ ଭିତ୍‌ରେ ନିହାତି ଭାବେ ସରକାରୀ ଯୋଜ୍‌ନାରେ ଘରଖଁଡେ ଯୁଗେଇ ଦେବାକେ କଥା ଦେଇଥିଲେ। ଦୁଇ ମାଏଝି ମୁନୁଷ ବିଡିଓକଁରନୁ ପର୍‌ତିଶ୍ରୁତି ଆର ଆଶାବାଡି ପାଇ ଖୁସିରେ ଘରକେ ଫିରିଥିଲେ। ସରକାର ଅସାହା ଗରିବ୍ ଦୁଖି, ଭିନ୍ନକ୍ଷମମାନକର ଲାଗି ବହୁତ୍‌ଟେ ଯୋଜ୍‌ନା କରିଛନ୍। ଯେନ୍‌ଥିରେ ସରକାରୀ ଯୋଜ୍‌ନାରେ ଘର, ଭତା ଆଦି ଯୁଗେଇ ଦେବାର ନିୟମ ରହିଛେ। ହେଲେ ବହୁତ୍ ଜାଗାରେ ନିହାତି ଗରିବ୍ ଅସାହା ଲୋକ୍‌ମାନେ ଇ ସରକାରୀ ଯୋଜ୍‌ନାର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ଇ ଦୁଇ ଅଁଧ୍‌ଅଁଧେନ୍ ମାଏଝିମୁନୁଷ୍‌କେ ଗୁରୁତ୍ ଦେଇ ଯେତେ ଜଲ୍‌ଦି ହେବା ସରକାରୀ ଯୋଜ୍‌ନାରେ ଘରଖଁଡେ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।




ଭିନ୍ନକ୍ଷମ ଦମ୍ପତିଙ୍କୁ ବିଡିଓ, ଏବିଡିଓ ଆଶାବାଡି ଦେଉଛନ୍ତି।

---

## ଭାଜପା ସଦର ବ୍ଲକ ଘେରାଉ, ବିକ୍ଷୋଭ

ଭବାନୀପାଟଣା,୫।୧୧(ଡି.ଏନ.ଏ.)

କଳାହାଣ୍ଡି ଭାଜପା ପକ୍ଷରୁ ବିଜେଡି ଶାସନରେ ପିସି, ଦୁର୍ନୀତି, ବ୍ରଷ୍ଟାଚାର ଓ ପ୍ରିୟାପ୍ରୀତି ତୋଷଣ ବିରୋଧରେ ସୋମବାର ଭବାନୀପାଟଣା ସଦର ବ୍ଲକ ଘେରାଉ ଓ ବିକ୍ଷୋଭ କରାଯାଇଛି । ଜିଲା ସଭାପତି ପ୍ରଦିପ୍ତ କୁମାର ନାଏକଙ୍କ ନେତୃତ୍ୱରେ ବ୍ଲକ ଘେରାଉରେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଉପଧ୍ୟକ୍ଷ ଜିଲା ପରିଷଦ ଭବସିନ୍ଧୁ ମଙ୍ଗରାଜ, ସଦର ବ୍ଲକ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ରାଷ୍ଟ୍ରୀୟ ସଦସ୍ୟ ପରିଷଦ ଭବେନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଦେବେନ୍ଦ୍ର ମହାନ୍ତି, ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଯୁଗଲ ପୋଢ, ଅଜୟ ପାଣିଗ୍ରାହୀ, ବସନ୍ତ ପୁରୋହିତ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଦୟାନିଧି ନାଏକ, ରାଜ୍ୟ କୃଷକ ମୋର୍ଚ୍ଚାର ସଂଯୋଜକ ଅନିରୁଦ୍ଧ ପ୍ରଧାନ, ପ୍ରଫେସର ଅଜୟ ମିଶ୍ର, ନଗର ସଭାପତି ପ୍ରେମନାଥ ନାଏକ, ରାଜ୍ୟ ଯୁବ ସଂଯୋଜକ ଅଭିଜିତ ମିଶ୍ର, ମିଡିଆ ସେଲ୍‌ର ଆବାହକ ପ୍ରଦୀପ ବିହାର, ସ୍ୱଚ୍ଛ ଭାରତ ଅଭିଯାନ ଜିଲା ସଂଯୋଜକ ଲୋକନାଥ ଦୁର୍ଗା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେ । ବିଜେଡି ସରକାରର ଅସାଧୁ ମନ୍ତ୍ରୀ, ଏମ୍‌ପି, ବିଧାୟକ, ନେତା ସାଧାରଣ ଓଡିଆଙ୍କ ଝାଳବୁହା ଅର୍ଥର ଟିକସ୍‌କୁ ବାଟମାରଣା କରୁଛନ୍ତି ବୋଲି କର୍ମୀମାନେ ଅଭିଯୋଗ କରିଥିଲେ। ସାଧାରଣ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଅର୍ଥକୁ ଦଲାଲି ଓ ଭ୍ରଷ୍ଟାଚାରରେ ଦଳର ଟାଉଟର ଓ ଦଲାଲ୍‌ମାନଙ୍କ ପାଖରେ ପହଞ୍ଚାଇ ସେଥିରୁ ରାଜନୈତିକ ଲାଭ ନେବା ପାଇଁ ଷଡଯନ୍ତ୍ରର ମୁଖ୍ୟ ନାୟକ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୋଲି ଦଳର ନେତା ଓ କର୍ମୀମାନେ କହିଛନ୍ତି । ରାଜ୍ୟର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ନାଁ ସାର୍ବଜନୀନ ନ କରି ଦଳୀୟ ଆଧାରରେ ସରକାରୀ ଅର୍ଥର ଲାଭ ଦେଇ ଯୋଗ୍ୟ ହିତାଧିକାରୀଙ୍କୁ ଅଣଦେଖା କରାଯାଉଛି । ପ୍ରଧାନମନ୍ତ୍ରୀ ଆବାସ ବା ସ୍ୱଚ୍ଛ ଭାରତ ପାଇଖାନା ଅଥବା ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ମୋଟା ଅଙ୍କର ଲାଞ୍ଚ ନ ଦେଲେ ୱାର୍କଅର୍ଡର ମିଳୁନି ବୋଲି ଅଭିଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରି କୁନ୍ତି ପାଲ, ଶୋଭାଗିନୀ ପାତ୍ର, ପୁଷ୍ପା ତାଣ୍ଡି, ପ୍ରଭାତି ଜାଲ, ବବିତା ଦାସ, ଯୁବନେତା ରୋହିତ ଦୁର୍ଗା, ଭାନୁରଥ, ଯୁବମୋର୍ଚ୍ଚାର ନରହରି ପଟ୍ଟନାୟକ, ଲିଗାଲ ସେଲ୍‌ର ସାନ୍ତୁ ବାଲାନ୍ ପ୍ରମୁଖ ଉପସ୍ଥିତ ଥିଲେ ।




ଭାଜପା କର୍ମୀ ଓ ନେତାମାନେ ଶୋଭାଯାତ୍ରାରେ ବ୍ଲକ ଘେରାଉ ପାଇଁ ଯାଉଛନ୍ତି ।

---

ପେଟ୍‌ପାଟ୍‌ନାର ଚିନ୍‌ତା, ବଛର ବଛର ଧରି ଘରେ ତାଲା ପଡୁଛେ

## ଗାଁ, ପରିବାର ଛାଡ଼ି ଦାଦନ ଯାଉଛନ୍ ଲୋକ୍

ଭବାନୀପାଟଣା,୫।୧୧(ଡି.ଏନ.ଏ.)

କାମ୍‌ଧଁଦା କିଛି ନାଁଇଁ, ଘରେ ବସି ବସି ହେଲେ କରବେ କାଣା। ବଁଚ୍‌ବାର ଲାଗି ହେଲେ ତ ପେଟର ଚିନ୍‌ତା ନିହାତି କରବାକେ ପଡବା। ଏନ୍‌ତା ଭାବି କଳାହାଣ୍ଡି ଜିଲାର ହଜାର ହଜାର ଅଧିବାସୀ ପରିବାର ଛାଡି ପାଖପଡ଼ିଶା ରାଏଜ୍‌ମାନ୍‌କୁ ଦାଦନ ଖଟିଯାଉଛନ୍। ପେଟର ଲାଗି ଇମାନକରନେ ସବୁପରକାର ସରକାରୀ ଯୋଜ୍‌ନା ଫେଲମାରିଛେ। ଫେଲ୍ ମାରିଛେ ସର୍ବ ଶିକ୍ଷା ଅଭିଯାନ। ବହିବସ୍‌ତାନି କାଁଧିରେ ଉଲେଇ ଦେଇ ଛୋଟ ଛୋଟ ପିଲାମାନେ ବି ନିଜର ମା’ବାପ୍ ସଂଗେ ବାହାର ରାଏଜ୍‌କେ ପଲଉଛନ୍। ଜିଲାରେ ମହାତ୍ମାଗାନ୍ଧୀ ଜାତୀୟ କର୍ମନିଯୁକ୍ତି ଯୋଜନା ଫେଲ୍ ମାରୁଛେ। ଜିଲାରେ କାର୍‌ଯକାରୀ ହେଉଥିବାର ସମନ୍ୱିତ ଆଦିବାସୀ ବିକାଶ ଯୋଜନା, କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ସବୁ ପରକାର ଯୋଜ୍‌ନା ସତେ ଯେନ୍‌ତା ଗରିବ୍ ଅସାହା ପରିବାର ମାନକର ଲାଗି ବାଟବନା ହେଇଯାଇଛେ। ଜିଲାର ଧର୍ମଗଡ, କୋକସରା, ଜୟପାଟଣା, ଗୋଲାମୁଣ୍ଡା, କେସିଙ୍ଗା, ଲାଞ୍ଜିଗଡ଼, ନର୍ଲା, ମ.ରାମପୁର, କଳମପୁର, ଭବାନୀପାଟଣା ବ୍ଲକ୍ ଅଂଚଲରେ ହଜାର ହଜାର ଲୋକ୍ ବାହାର ରାଏଜ୍‌ମାନ୍‌କେ ଦାଦନ ଖଟୁଛନ୍। କୁଟୁମ୍ ପୁଷ୍‌ବାର ଲାହାଁସେ ଇମାନେ ଗାଁ, ଘର, ସଂସ୍କୃତି, ପରମ୍ପରା ସବୁକେ ମୁର୍‌ଛି ବାହାର ରାଏଜେ ଯାଇ ଖଟୁଛନ୍। ହେଲେ ଇ ନିରୀହମାନେ କେଭେ ନିଜର ହାତ୍‌ଗୋଡ ହରେଇ ଘରକେ ଫିରୁଛନ୍ ତ କେଭେ ଲାସ୍ ଫିରୁଛେ। ସରକାର କେଭେ ଇ ଦାଦନ ସମସିଆର ସମାଧାନ କରବେ ସେ ଦିନ୍‌କେ ଅଂଚଲବାସୀ ଟାକିଛନ୍। କଳାହାଣ୍ଡି ଜିଲାର ଧର୍ମଗଡ଼ର ଦଣ୍ଡପାଟ ଅଂଚଲ ଆର୍ ଗୋଲାମୁଣ୍ଡା ବ୍ଲକ୍ ଦାଦନମାନକର ମୁଖିଆ ଠାନ୍ ପାଲ୍‌ଟିଛେ। ଜିଲାର ଏନ୍‌ତା କେତେ ଗାଁ ଅଛେ ଯେନ୍‌ଠାନେ ବହୁତ୍‌ଟେ ପରିବାରର ଘରେ ମାସ୍ ମାସ୍ ବଛର ବଛର ଧରି ତାଲା ପଡିଥିସି। ଇତାର ସମାଧାନ ଲାଗି ପର୍‌ଶାସନର ଆଁତରିକତା ନାଁଇଁ। ସରକାର ଯୋଜ୍‌ନା ଉପରେ ଯୋଜ୍‌ନା ତିଆର କରୁଛନ୍। ଯୋଜ୍‌ନାମାନ୍‌କେ କୋଟି କୋଟି ଟଁକା ଖରଚ୍ ହେଉଥିବାର ଦର୍‌ଶାଯାଉଛେ। ହେଲେ ଇ ଦୁଖି ଗରିବ୍, ଅସାହା ଲୋକ୍‌ମାନକର ପାସ୍‌କେ ଯୋଜ୍‌ନାର ସୁଫଲ ପୁହୁଁଚି ନାଇଁପାରବାର। ପ୍ରଧାନମନ୍ତ୍ରୀ ‘ସବକା ସାଥ୍ ସବକା ବିକାଶ’ ନାରା ଦେଉଥିଲା ବେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ‘ଆମ ଗାଁ ଆମ ବିକାଶ’ ଯୋଜ୍‌ନାର ନାରା ଦେଇ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଓଡ଼ିଶା ସରକାରକଁର ‘ଆମ ଗାଁ ଆମ ବିକାଶ’ ଯୋଜ୍‌ନାରେ ଖାଲି ଦେଉଳ, କମ୍ୟୁନିଟି ହଲ ତିଆର ହେବାର ନିୟମ ଅଛେ ବଲି ସାଧାରନରେ ଅଭିଯୋଗ୍ ହେଉଛେ।

ଗୁଟେ ଅନୁସନ୍‌ଧାନ୍‌ରୁ ଜନାଯାଇଛେ ଯେ, କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍‌ର ସବୁନୁ ଜହ ୪ ହଜାରୁ ଅଧିକା ଲୋକ୍ ରାଏଜ୍ ବାହାରେ ଦାଦନ ଖଟୁଛନ୍। ସେନ୍‌ତା କୋକସରା ବ୍ଲକ୍‌ର ୩ ହଜାର ୨ ଶହ ଲୋକ୍, ଜୟପାଟଣା ବ୍ଲକ୍‌ର ୬୨୪, ଗୋଲାମୁଣ୍ଡା ବ୍ଲକ୍‌ର ୯୩୫, ନର୍ଲା ବ୍ଲକ୍‌ର ୮୪୪, କେସିଙ୍ଗା ବ୍ଲକ୍‌ର ୧୧୯୦, ମ.ରାମପୁର ବ୍ଲକ୍‌ର ୭୪୨, କର୍ଲାମୁଣ୍ଡା ବ୍ଲକ୍‌ର ୫୬୦, ଲାଞ୍ଜିଗଡ ବ୍ଲକ୍‌ର ୪୫୨, ଥୁ.ରାମପୁର ବ୍ଲକ୍‌ର ୩୧୮, କଳମପୁର ବ୍ଲକ୍‌ର ୨୭୨ ଲୋକ୍ ବାହାର ରାଏଜ୍‌ମାନ୍‌କେ ଦାଦନ ଖଟୁଥିବାର କୁହାଯାଇଛେ। ଜିଲାର ଯେନ୍‌ମାନେ ଦାଦନ ଖଟ୍‌ବାକେ ରାଏଜ୍ ବାହାରକେ ଯାଉଛନ୍ ତାକର ଗୁଟେ ସରକାରୀସ୍ତରରେ ତଦଁତ୍ ହେବାର ଦରକାର ଅଛେ ଆର୍ ସେମାନ୍‌କୁ ଚିନ୍‌ହଁଟ କରି କାମ୍ ଯୁଗେଇ ଦେବାର ବେବସ୍‌ତା କରବାର ଦରକାର ଅଛେ। ଜିଲା ଶ୍ରମ ବିଭାଗରେ ଇମାନକର ତାଲିକା ନାଁଇଁ। ସରକାର ନିର୍ମାଣ ଶ୍ରମିକମାନକର ଲାଗି ବହୁତ୍‌ଟେ ଯୋଜ୍‌ନା ଘୋଷ୍‌ନା କରିଛନ୍, ହେଲେ ଇ ଦାଦନ ଶ୍ରମିକମାନକର ଲାଗି ଆଏଜ୍‌ତକ୍ କିଛି ଯୋଜ୍‌ନା ନାଇଁ କରାଯାଇ। ଇମାନେ ଦାଦନ ଖଟି ଯାଇଥିବାର କାରନ ବି ସରକାର କି ପର୍‌ଶାସନ ପାସେ ନାଁଇଁନ। ଯେତେ ଜଲ୍‌ଦି ହେବା ଇ ଦାଦନ ଶ୍ରମିକ୍‌ମାନକୁ ଚିନ୍‌ହଁଟ କରି ରାଏଜ୍ ସରକାର, ପରଶାସନ୍ ଇମାନକର ଥଇଥାନ କରବାର ଦିଗେ ପଦକ୍ଷେପ ନେବାର କଥା ବଲି ବୁଧିଜୀବୀ ମହଲ୍‌ରେ ଚର୍‌ଚା ହେଉଛେ।



୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ



# ବନ୍ଦ ନୋଟିସ ପରେ ବି ଉତ୍ପାଦନ ଜାରି

## ■ ଅଧିକାରୀ କହିଲେ ଜିଲାପାଳଙ୍କ ନିର୍ଦ୍ଦେଶ ପରେ ହେବ କାର୍ଯ୍ୟାନୁଷ୍ଠାନ

**ରାଉରକେଲା ଅଫିସ,୫। ୧୧**

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କାଲୁଙ୍ଗା ଶିଳ୍ପାଞ୍ଚଳ ଅନ୍ତର୍ଗତ ବଲଣ୍ଡାଠାରେ ଥିବା କୋଲତାର(ପିଚୁ)କାରଖାନା କେଡିଆ କାର୍ବନ ପ୍ରା.ଲିଃକୁ ବନ୍ଦ କରିବାକୁ ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ସୁନ୍ଦରଗଡ଼ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। କାରଖାନାର ପ୍ରଦୂଷଣ ଅନୁମତି ପ୍ରତ୍ୟାହାର ସହ ବିଜୁଳି ସଂଯୋଗ ବିଚ୍ଛିନ୍ନ କରିବାକୁ ଏଥିରେ କୁହାଯାଇଛି। ୩ ଦିନ ପରେ ବି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇ ନ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

କୋଲତାର ପ୍ଲାଣ୍ଟ କର୍ତ୍ତୃପକ୍ଷଙ୍କ ଦ୍ୱାରା ବେପରୁଆ ଭାବେ ଜଳ ପ୍ରଦୂଷଣ ଚାଲିଥିଲା । ଏହାକୁ ନେଇ ଗତ କିଛିଦିନ ତଳେ କାରଖାନା ସମ୍ମୁଖରେ ଯୁବ ଆଇଏନଟିୟୁସି ପକ୍ଷରୁ ୨ ଦିନିଆ ଧାରଣା ଦିଆଯାଇଥିଲା। ଏହା ସତ୍ତ୍ୱେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ନୀରବ ରହିବାରୁ ବିଭାଗୀୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଶତାଧିକ ଗ୍ରାମବାସୀ। ତଥାପି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ କର୍ତ୍ତୃପକ୍ଷଙ୍କ ଚେତା ପଶି ନ ଥିଲା। ଶେଷରେ ଗତ ଅକ୍ଟୋବର ୧୦ରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ଟିମ୍ ବଲଣ୍ଡାରେ ପହଞ୍ଚି ଜଳ ନମୁନା ସଂଗ୍ରହ କରିବା ସହ ଅନ୍ୟାନ୍ୟ ଯନ୍ତ୍ରପାତି ଯାଞ୍ଚ କରି ଫେରିଥିଲେ। ଯାଞ୍ଚ ସମୟରେ କାରଖାନାରୁ ନିର୍ଗତ ବର୍ଜ୍ୟ ଜଳ ବିଶୋଧନ ପ୍ରଣାଳୀ କାର୍ଯ୍ୟ କରୁ ନ ଥିବା ଜଣାପଡିଥିଲା, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା ବୋଲି କର୍ତ୍ତୃପକ୍ଷ ବିଚାର କରିଥିଲେ। ଏନେଇ ଗତ ୩୦ ତାରିଖରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲାରେ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀଙ୍କୁ ଏକ ଚିଠି ଲେଖି ସମ୍ପୃକ୍ତ କାରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଚିଠି ଆସିବାର ୪ଦିନ ପରେ ଅର୍ଥାତ୍ ଗତ ୩ ତାରିଖରେ ଆଞ୍ଚଳିକ ଅଧିକାରୀ ହେମେନ୍ଦ୍ର ନାୟକ କାରଖାନା କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ପ୍ଲାଣ୍ଟବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏନେଇ ଜିଲାପାଳ, ଏସ୍‌ପିଙ୍କୁ ଅବଗତ କରାଯାଇଛି। ଏଥିସହ ୱେସ୍କୋ କର୍ତ୍ତୃପକ୍ଷଙ୍କୁ ମଧ୍ୟ କାରଖାନା ବିଜୁଳି ସରବରାହ ବିଚ୍ଛିନ୍ନ କରିବାକୁ କୁହାଯାଇଛି। ଏହା ସତ୍ତ୍ୱେ କାରଖାନାରୁ ଉତ୍ପାଦନ ଜାରି ରହିଥିବା ସ୍ଥାନୀୟ ବାସିନ୍ଦା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଆଞ୍ଚଳିକ ପ୍ରଦୂଷଣ ଅଧିକାରୀ ନାୟକ ସମ୍ପୃକ୍ତ କାରଖାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ କରାଯାଇଥିଲା। କେଡିଆ କାର୍ବନରୁ ନିର୍ଗତ ବିଷାକ୍ତ ପାଣି ଯୋଗୁ ଜଳ, ଜମି କିପରି ପ୍ରଦୂଷିତ ହେଉଛି ସେ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାରଖାନାରୁ ନିର୍ଗତ ଫେନଲ, ସାଇନାଇଡ ଓ ଆମୋନିଆ ଭଳି ବିଷାକ୍ତ ରାସାୟନିକ ଦ୍ରବ୍ୟ ବିଶୋଧନ ନେଇ କାରଖାନା କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ପଦକ୍ଷେପ ନେଇ ନ ଥିବା ବଲଣ୍ଡା ଗ୍ରାମବାସୀ ଅଭିଯୋଗ କରିଥିଲେ। ଏଭଳି ଏକାଧିକ ଅଭିଯୋଗ ନେଇ କାରଖାନା ପରିଦର୍ଶନ ଓ ଯାଞ୍ଚ କରିଥିଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ। ଶେଷରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ନାୟକଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ ଉପରିସ୍ଥ ଅଧିକାରୀ। ସେହି ଆଧାରରେ କାରଖାନା କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରାଯାଇଥିଲେ ହେଁ ଘଟଣାର ୩ ଦିନ ପରେ କାରଖାନା ସ୍ୱାଭାବିକ ଭାବେ ଚାଲିଥିବା ଅଭିଯୋଗ ହୋଇଛି। ଏନେଇ ଆଞ୍ଚଳିକ ଅଧିକାରୀ ନାୟକଙ୍କୁ ପଚାରାଯିବାରୁ ସେ କହିଥିଲେ, ଗତ ୩ ତାରିଖରେ ମୁଁ ଏନେଇ ଜିଲାପାଳଙ୍କୁ ଅବଗତ କରିଛି। ତାଙ୍କ ନିର୍ଦ୍ଦେଶ ମତେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

■ଗ୍ରାମବାସୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

■ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଚୁପ୍

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର,୫।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅଧୀନ ରାଜଗାଙ୍ଗପୁର ସହର ତାଲକିପଡାରେ ଥିବା ଏକ ପୋଖରୀରୁ ସୋମବାର ଅପରାହ୍ନରେ ଜଣେ ଯୁବକଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି। ସେ ହେଲେ ରାଉରକେଲା ସେକ୍ଟର ୬ ଅଞ୍ଚଳରେ ରହୁଥିବା ନାରାୟଣ ଦାସ (୩୮)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୭/୧୮) ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ସରକାରୀ ଡାକ୍ତରଖାନା ପଠାଇଛି। ଯୁବକ ଜଣକ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିବା ପୋଲିସ ପକ୍ଷରୁ ଅନୁମାନ କରାଯାଉଥିବା ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ



### ଖରିଆଟୋଲିରେ ହାତୀପଲ: ଗାଁ ଲୋକେ ଭୟଭୀତ, ଉଜାଡୁଛନ୍ତି ଫସଲ

**ରାଉରକେଲା ଅଫିସ,୫।୧୧**-ସୁନ୍ଦରଗଡ଼ ଜିଲାର ଜଙ୍ଗଲରେ ବେପରୁଆ ଭାବେ ଘୂରି ବୁଲୁଛନ୍ତି ହାତୀ ପଲ। କେଉଁଠି ଫସଲ ଉଜାଡୁଛନ୍ତି ତ ଅନ୍ୟ କେଉଁଠି ମଣିଷ ମାରୁଛନ୍ତି। ଏହା ଧାରାବାହିକ ଭାବେ ଜାରି ରହିଛି। ଏବେ ୧୭ ହାତୀ ଥିବା ପଲ ଲାଠିକଟା ବ୍ଲକ ସିଉଡିହି ପଞ୍ଚାୟତ ଖାରୁଆଟୋଲିରେ ଆସି ପହଞ୍ଚିଛନ୍ତି। ଏହାକୁ ନେଇ ଆଡିଏଲ କାରଖାନା ପଛ ବସ୍ତିବାସିନ୍ଦାଙ୍କ ମଧ୍ୟରେ ନାନା ଆଶଙ୍କା ଲାଗି ରହିଛି। ହାତୀପଲଙ୍କ ଉପସ୍ଥିତି ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ରବିବାର ଏହି ହାତୀପଲ ଗାଁ କ୍ଷେତରେ ପଶି ଧାନ ଫସଲ ଦଳି ମକଚି ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଦକ୍ଷିଣ ରାଉରକେଲା ଖାରୁଆ ଟୋଲି ବସ୍ତି ବାସିନ୍ଦାଙ୍କ ପାଇଁ ହାତୀ ପଲ ଅଭିଶାପ ପାଲଟି ଥିବା କହିଛନ୍ତି ଗ୍ରାମବାସୀ। ପ୍ରତିଥର ଧାନ ଫସଲରେ ଫଳ ଆସିବା ବେଳକୁ ପହଞ୍ଚି ଯାଉଛନ୍ତି ହାତୀ ପଲ। ଡେରା ପକାଇ ରହୁଛନ୍ତି ପାଖ ଜଙ୍ଗଲରେ। ରାତି ଅନ୍ଧାରରେ ପଶି ଉଜାଡୁଛନ୍ତି ଧାନ ଫସଲ। ସେମାନଙ୍କୁ ପ୍ରତିରୋଧ କରିବାକୁ ବସ୍ତି ବାସିନ୍ଦାଙ୍କ ଆୟତ ପାଉନି। ଗାଁରେ ନଗଣ୍ୟ ଲୋକ ସଂଖ୍ୟା ସାଙ୍ଗକୁ ଶକ୍ତି ଅଭାବ ଉଜାଡି ଦେଉଛି କ୍ଷେତବାଡି। ବାଣ ବାଜା ବଜାଇ ଜଙ୍ଗଲ ବିଭାଗ ହାତୀ ପଲକୁ ତଡିବାକୁ ଚାହିଁଲେ ବି ବଳ ପାଉନି। ସୋମବାର ସନ୍ଧ୍ୟାରୁ ଗାଁ ପାଖ ପାହାଡରେ ରଡି ଛାଡୁଛନ୍ତି ହାତୀପଲ। ଭୟରେ ଲୋକେ ତାଟି କବାଟ ପକାଇ ଘରେ ରହୁଛନ୍ତି। ଏବେ କ୍ଷେତରେ ଧାନ ଫସଲ ଜଗିବାକୁ ଚାଷୀ ଆଖିରେ ନିଦ ନାହିଁ। ଏପରି ଅବସ୍ଥାରେ ଚିନ୍ତାରେ ପଡି ଯାଇଛନ୍ତି ଚାଷୀ। ହାତୀ ପଲ କେବେ ଅଞ୍ଚଳ ଛାଡିବେ ସେହି ଚିନ୍ତାରେ ସମସ୍ତେ । ସୋମବାର ସନ୍ଧ୍ୟାରେ ଗାଁ ଲୋକେ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ।




ଭାରତୀୟ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ■ ରାଉରକେଲା ଶ୍ରମିକ ସଂଘ ବୈଠକ

# ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତିକୁ ବିରୋଧ

**ରାଉରକେଲା ଅଫିସ, ୫। ୧୧**

ସେଲ୍ ତଥା ଆରଏସ୍‌ପି କର୍ମଚାରୀ ନିଷ୍ଠାପର ଭାବେ କାରଖାନାର ଉତ୍ପାଦନ ଓ ଉତ୍ପାଦକତା ବଢାଇବାରେ କେବେ କୁଣ୍ଠା ପ୍ରକାଶ କରି ନାହାଁନ୍ତି। ଏପରି ଅବସ୍ଥାରେ କର୍ମଚାରୀଙ୍କୁ ଉପେକ୍ଷା ନେଇ ଗତ ରବିବାର ରାଉରକେଲା ଶ୍ରମିକ ସଂଘ(ଆର୍‌ଏସ୍‌ଏସ) ପକ୍ଷରୁ ଏହାର କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିରେ ଉପସ୍ଥିତ ୟୁନିୟନ କର୍ମକର୍ତ୍ତା ବକ୍ତବ୍ୟ ପ୍ରଦାନ କରି କହିଥିଲେ ଗତ ୨ ତାରିଖରେ ଅନୁଷ୍ଠିତ ସେଲ୍ ବୋର୍ଡ ଅଫ୍ ଡାଇରେକ୍ଟର ବୈଠକରେ ଯେଉଁ ନିଷ୍ପତ୍ତି ନିଆଯାଇଛି ତାହା ଗ୍ରହଣ ଯୋଗ୍ୟ ନୁହେଁ। ଏହା କର୍ମଚାରୀଙ୍କୁ ଉପେକ୍ଷା ନେଇ ଏକ ନିଷ୍ଠୁର ନିଷ୍ପତ୍ତି। ରିପୋର୍ଟରେ ସେଲ ଶ୍ରମିକଙ୍କ ପାଇଁ ଗତ ୧।୧। ୨୦୧୭ରୁ ଗତ ୩୧। ୩ । ୨୦୧୮ ପର୍ଯ୍ୟନ୍ତ(୧୫ ମାସ) ନୂତନ ବେତନ ଚୁକ୍ତିନାମାରେ ଅନ୍ତର୍ଭୁକ୍ତ ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଶ୍ରମିକମାନେ ଲକ୍ଷାଧିକ ଟଙ୍କା କ୍ଷତି ସହିବେ। ନୂତନ ବେତନ ଚୁକ୍ତିନାମା ନେଇ ୨୨ମାସ ଅତିବାହିତ ପରେ ବି ଏଭଳି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅଭିସନ୍ଧିମୂଳକ ବୋଲି ୟୁନିୟନ କହିଛି। କେବଳ ଏନ୍‌ଜେସିଏସ୍ ବୈଠକ ମାଧ୍ୟମରେ ମଜୁରି ଚୁକ୍ତିନାମା କରାଯିବା ଉଚିତ। ଅନ୍ୟଥା ଏହାକୁ ଗ୍ରହଣ କରାଯିବ ନାହିଁ ବୋଲି ଆରଏସଏସ ନେତୃମଣ୍ଡଳୀ ଅନୁଷ୍ଠିତ ବୈଠକରେ ପ୍ରକାଶ କରିଛନ୍ତି। ଗତ ୧।୭।୨୦୧୪ରେ ସ୍ୱାକ୍ଷରିତ ଏନଜେସିଏସ ଚୁକ୍ତିନାମାରେ ସେଲ୍ ପେନ୍‌ସନ ସ୍କିମ ବାବଦରେ ଏନେଇ ଉଦ୍ଦିଷ୍ଟ ଫଣ୍ଡକୁ ଜଣେ କର୍ମଚାରୀଙ୍କ (ବେସିକ+ ଡିଏ)ର ୬ ପ୍ରତିଶତ ପ୍ରଦାନ କରିବାକୁ ସହମତି ପ୍ରକାଶ କରିଥିଲେ। କିନ୍ତୁ ଏବେକାର ନିଷ୍ପତ୍ତି ଅନୁସାରେ ବେସିକ ଡିଏର ୨ ପ୍ରତିଶତ ପ୍ରଦାନ କରିବାକୁ ବୋର୍ଡ ଅଫ୍ ଡାଇରେକ୍ଟର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହା ତ୍ରିପାକ୍ଷିକ ଏନଜେସିଏସ ଚୁକ୍ତିନାମାର ଉଲ୍ଲଂଘନ ବୋଲି ଆରଏସଏସ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ପୂର୍ବପରି ଏହାକୁ ୬ ପ୍ରତିଶତ କରିବାକୁ ୟୁନିୟନ ଦାବି କରିଛି।

# ବିଏମ୍‌ଏସ୍‌ର ୧୨ ଦିନିଆ ଆନ୍ଦୋଳନ ପ୍ରତ୍ୟାହୃତ

**ରାଉରକେଲା ଅଫିସ,୫।୧୧**

ଚାରି ଦଫା ଦାବି ନେଇ କେନ୍ଦ୍ର ସରକାର ଓ ସେଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ଚଳାଇଥିବା ଆନ୍ଦୋଳନ ସୋମବାର ପ୍ରତ୍ୟାହୃତ ହୋଇଛି। ରାଉରକେଲା ଇସ୍ପାତ୍ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ) ନେତୃତ୍ୱରେ ଗତ ୨୩ରୁ ବିଶ୍ରା ଛକରେ ୪ଦଫା ଦାବି ନେଇ ପ୍ରତ୍ୟହ ସକାଳ ୮ଟାରୁ ୯ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଘଣ୍ଟିକିଆ ବିକ୍ଷୋଭ କରାଯାଉଥିଲା। ଏଥିରେ ସହସ୍ରାଧିକ ଆରଏସ୍‌ପି କର୍ମଚାରୀ ସାମିଲ ହୋଇ କର୍ତ୍ତୃପକ୍ଷଙ୍କ ବିରୋଧରେ ନିଜ ଅସନ୍ତୋଷ ଜାହିର କରିଥିଲେ। ରାସ୍ତାର ଦୁଇପାର୍ଶ୍ୱରେ ଛିଡାହୋଇ ୟୁନିୟନ ପତାକା ସହ ବିଭିନ୍ନ ପ୍ଲା କାର୍ଡ ମାଧ୍ୟମରେ ନିଜ ଦାବି ଉପସ୍ଥାପନ କରିଥିଲେ। ଏହି ନୀରବ ପ୍ରତିବାଦ କର୍ତ୍ତୃପକ୍ଷଙ୍କ ବିରୋଧରେ ଝଡ ପୂର୍ବର ନିରବତା ବୋଲି କେତେଜଣ କହିଛନ୍ତି। ଯାହା ପରେ ସୁନାମି ଆଣିବା ସମ୍ଭାବନା ସୃଷ୍ଟି କରିଛି। ଆନ୍ଦୋଳନକୁ କେବେ ଦବାଇ ପାରିବେ ନାହିଁ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି। ଯଦି ପୂର୍ବାବସ୍ଥାର ସୁଧାର ନ ଆସେ ତେବେ ଇସ୍ପାତ କର୍ତ୍ତୃପକ୍ଷଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ସଙ୍ଗଠନର ସାଧାରଣ ସମ୍ପାଦକ ହିମାଂଶୁ ବଳ ମତ ଏଥିରେ ମତ ପ୍ରକାଶ କରିଥିଲେ। ବିଏମ୍‌ଏସ୍ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ଆନ୍ଦୋଳନକୁ ଭଣ୍ଡୁର ପାଇଁ ହୋଇଥିବା ଉଦ୍ୟମ ଶେଷରେ ଫସର ଫାଟିଛି। ଏହି ଅବସରରେ ସାଧାରଣ ସମ୍ପାଦକ ବଳ କହିଥିଲେ ଲଗାତର ୧୨ ଦିନ ଧରି ଆନ୍ଦୋଳନ ଜାରି ରଖିବା ସେଲ ଇତିହାସରେ ପ୍ରଥମ ଘଟଣା। ରାଜନୈତିକ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ବିଏମଏସ ସର୍ବଦା ଶ୍ରମିକ ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ଆସିଛି। ନିକଟ ଭବିଷ୍ୟତରେ ସେଲ୍ ଅଧ୍ୟକ୍ଷ ରାଉରକେଲା ଆସିପାରନ୍ତି। ତେବେ ଏନ୍‌ଜେସିଏସ ବୈଠକ ନେଇ ତାରିଖ ଘୋଷଣା କରା ନ ଗଲେ ବିଏମଏସ ଏହାକୁ ବର୍ଜନ କରିବ ବୋଲି ବଳ ପ୍ରକାଶ କରିଛନ୍ତି। ଇସ୍ପାତ ଶ୍ରମିକ ଏଭଳି ଏକ ଐତିହାସିକ ଆନ୍ଦୋଳନକୁ ସଫଳ କରିଥିବାରୁ ୟୁନିୟନ ପକ୍ଷରୁ ସମସ୍ତଙ୍କୁ ସାଧୁବାଦ ଦିଆଯାଇଛି। ଏହି ଆନ୍ଦୋଳନରେ ଷ୍ଟିଲ ଫେଡେରେଶନର ସାଧାରଣ ସମ୍ପାଦକ ରାଜେନ୍ଦ୍ର ମହାନ୍ତ, ଦିପେନ ଶର୍ମା, ଶ୍ରଦ୍ଧାପତି ଚୌଧୁରୀ, ରୀତା ସ୍ୱାଇଁ, ମହୁଆ ଗୋସ୍ୱାମୀ, ମାନସ ନାୟକ, ଆଶିଷ ମହାନ୍ତି, ସୁଶୀଳା ଲାକ୍ରା, ଶ୍ରୀମନ୍ତ ନନ୍ଦ, ସୁରଥ ଦାସ, ବାପିନା ନାୟକ, ଜ୍ୟୋତିଷ ହେମ୍ବ୍ରମ,ସୁରଥ ଦାସ, କିଶୋର ଟପ୍ପୋ, ପ୍ରଦୀପ ଜେନା, ମୁରଲୀଧର ପାଣ୍ଡେ. ରବି ମହାନ୍ତି, ବ୍ରଜ ଦାସ ଓ କାମେଶ୍ୱର ସିଂ ପ୍ରମୁଖ ଉପସ୍ଥିତ ଥିଲେ।




ରାଉରକେଲାରେ ଥିବା ଏକ ଅଳଙ୍କାର ଦୋକାନରେ ଗ୍ରାହକଙ୍କ ଭିଡ଼।

# ଧନ୍‌ତେରସରେ ଅଳଙ୍କାର ଦୋକାନରେ ଭିଡ

**ରାଉରକେଲା ଅଫିସ,୫।୧୧**

ପବିତ୍ର ଧନତେରସରେ ଅଳଙ୍କାର କିଣିଲେ ସୌଭାଗ୍ୟ ବୃଦ୍ଧି ହେବା ସାଧାରଣରେ ଏକ ବିଶ୍ୱାସ ରହିଛି। ଛୋଟ ହେଉ ବା ବଡ ଅଳଙ୍କାର କିଣିବା ନେଇ ସୋମବାର ସହରର ବିଭିନ୍ନ ଅଳଙ୍କାର ଦୋକାନରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା। ବିଶେଷ କରି ବଡ ବଡ଼ ସୁନା ବ୍ୟବସାୟ ପ୍ରତିଷ୍ଠାନରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା। ଏହି ଅବସରରେ ଗ୍ରାହକଙ୍କୁ ଆକର୍ଷଣ କରିବାକୁ ଗହଣା ବ୍ୟବସାୟୀଙ୍କ ପକ୍ଷରୁ ଭରପୁର ଉଦ୍ୟମ କାରାଯାଇଥିଲା। ଫୁଲରେ ସଜ୍ଜିତ ପ୍ରତିଷ୍ଠାନର ଗେଟ ଓ ଲାଇଟ ମୂଖ୍ୟ ଆକର୍ଷଣ ସାଜିଥିଲା। ସକାଳ ବେଳା ଅପେକ୍ଷାକୃତ ଭିଡ କମ ଥିବା ବେଳେ ସନ୍ଧ୍ୟାରେ ଛୋଟ ବଡ ପ୍ରାୟ ସବୁ ଦୋକାନରେ ଗ୍ରାହକଙ୍କ ଭିଡ ଜମି ଥିଲା। ଏଥିରେ ନାନା ପ୍ରକାର ଆକର୍ଷଣୀୟ ଅଫର ରହିଥିଲା। ବହୁ ବିଳମ୍ବରେ ଦୋକାନରେ ପହଞ୍ଚିଥିଲେ ପ୍ରତିଷ୍ଠିତ ଶିଳ୍ପପତି, ରାଜନେତା ଓ ପ୍ରମୁଖ ବ୍ୟବସାୟ ଅନୁଷ୍ଠାନର କର୍ମକର୍ତ୍ତା। ବେଶ ଆନନ୍ଦରେ କିଣି ନେଉଥିଲେ ମନଲାଖି ଅଳଙ୍କାର। ଏମାନଙ୍କ ମଧ୍ୟରୁ କେତେକ ଗାଡିରେ ମୁହଁ ଲୁଚାଉଥିବା ବେଳ ସେମାନଙ୍କ ସ୍ତ୍ରୀ, ପରିବାର ପଶିଥିଲେ ଦୋକାନ ଭିତରକୁ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଗ୍ରାହକଙ୍କ ଏପରି ଭିଡ ଲାଗି ରହିଥିଲା ।

# ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଧାରଣା, ବିକ୍ଷୋଭ

## ■ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ତାଲା

**ରାଉରକେଲା ଅଫିସ, ୫। ୧୧**

ବେକାର ଶିକ୍ଷିତ ଯୁବତୀ, ଯୁବକଙ୍କ ନିଯୁକ୍ତି ଦାବି ନେଇ ସୋମବାର ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ତାଲା ପକାଇ ଦିଆଯାଇଥିଲା। ଯୁବ ମୋର୍ଚ୍ଚା ସଭାପତି ଦେବେନ୍ଦ୍ର ବୀରଗଣ୍ଡିଆଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ବୀରଗଣ୍ଡିଆ କହିଛନ୍ତି, ବେକରଙ୍କୁ ନିଯୁକ୍ତି ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାରୀ ତଥା ବେସରକାରୀ ଦପ୍ତରରେ ଶହ ଶହ ପଦବୀ ଖାଲି ପଡିଥିବା ବେଳେ ଏହାକୁ ପୂରଣ କରାଯାଉନି। ଏନେଇ ରାଜ୍ୟ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଲାଣି। ଆଗାମୀ ଦିନରେ ଏହା ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିବ ବୋଲି ବୀରଗଣ୍ଡିଆ କହିଥିଲେ। ରାଜ୍ୟ ଯୁବ ମୋର୍ଚ୍ଚା ସଂଯୋଜକ ବିଶ୍ୱଜିତ ଷଡଙ୍ଗୀ କହିଥିଲେ ୨୦୧୪ରେ ରାଜ୍ୟ ସରକାର ନିଯୁକ୍ତି ନାଁରେ ୪୦ ହଜାର ଇଞ୍ଜିନିୟରିଂ ପିଲାଙ୍କ ଠାରୁ ଶହେ ୨ଶହ କରି ଚାନ୍ଦା ଆଦାୟ କରାଯାଇଥିବା ବେଳେ ସେମାନଙ୍କୁ ନିଯୁକ୍ତି ମିଳୁନି। ସେହି ଅର୍ଥ କେହି ଫେରସ୍ତ ନ ପାଇବା ଦୁଃଖଦାୟକ ଘଟଣା। ରାଜ୍ୟରେ ରହିଥିବା ଶିଳ୍ପ ସଂସ୍ଥାରେ ଓଡିଶା ବାହାରୁ ୫୧ ହଜାରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଏପରି ଅବସ୍ଥାରେ ଓଡିଶାରୁ ଦାଦନଙ୍କ ସୁଅ ଛୁଟିଛି । ରାଜ୍ୟ ଭାଜପା ସମ୍ପାଦକ ଧିରେନ ସେନାପତି ନିଜ ବକ୍ତବ୍ୟରେ କହିଥିଲେ ଓଡିଶା ସରାକରଙ୍କ ଦ୍ୱାରା ପରିଚାଳିତ ସବୁ ନିଗମ ଅବସ୍ଥା ଏବେ ଦେବାଳିଆ। ଏପରି ଅବସ୍ଥାରେ ମଦ ନିଗମ କିନ୍ତୁ ଭଲ ଚାଲୁଛି ବୋଲି ସେନାପତି କଟାକ୍ଷ କରିଥିଲେ। ଏଥିରେ ଜିଲା ଭାଜପା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜିଲା ମହିଳା ସଭାନେତ୍ରୀ ଲତିକା ପଟ୍ଟନାୟକ, କେଦାର ମହାନ୍ତି ପ୍ରମୁଖ ବେକାରଙ୍କ ପ୍ରତି ଓଡିଶା ସରକାରଙ୍କ ଆଭିମୂଖ୍ୟ ନିନ୍ଦନୀୟ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଯୁବ କର୍ମୀ ଦୀର୍ଘ ସମୟ ଯାଏ ନିୟୋଜନ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବସି ରହିବା ଦେଖା ଯାଇଥିଲା। ସରକାରଙ୍କ ବିଫଳତା ନେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ ଭାଜପା ଯୁବ ନେତା ଓ କର୍ମୀ। ଏହି କାର୍ଯ୍ୟକ୍ରମରେ ତପନ ସ୍ୱାଇଁ, ମଳୟ ମହାପାତ୍ର, ଦିପୁ ଦାସ, ଏନ.ବି .ରାୟ, ଭବାନୀ କବି, ଅଜୟ କଂସାରୀ, କଳ୍ପନା ଲେଙ୍କା, ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ରାୟ, ବାବୁ ସଲିମ, ରାଜା ରାଉତ ଓ ଅନୀଲ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।







ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ଆଗରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ଧାରଣା ଦେଇଛନ୍ତି।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ



## ସଂକ୍ଷେପରେ

### ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଲା ଶିକ୍ଷକ ସଂଘ

**ସବ୍‌ଡେଗା,୫।୧୧(ଡି.ଏନ.ଏ)-** ସବ୍‌ଡେଗା ବ୍ଲକ ଟାଙ୍ଗର ଗାଁ କ୍ଲଷ୍ଟର ଗିର୍ଜାପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ବୁଦ୍ଧଦେବ ଟିପ୍ପାଙ୍କ ପରଲୋକ ହୋଇଯାଇଛି। ଏକାଦଶା କାର୍ଯ୍ୟରେ ସବ୍‌ଡେଗା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ପରିବାର ଲୋକଙ୍କୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିକ୍ଷକ ସଂଘ ସହ ସମ୍ପାଦକ ଅର୍ଜୁନ ରୋହିଦାସ, କର୍ମକର୍ତ୍ତା ପ୍ରଶାନ୍ତ ନାଏକ, ସୁଶାନ୍ତ ଓରାମ ପ୍ରମୁଖ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

### ୨୩ ବର୍ଷରୁ କମ୍ ଓଡ଼ିଶା ଦଳରେ ଝାରସୁଗୁଡ଼ାର ରାଜ କିଷାନ



**ଝାରସୁଗୁଡ଼ା ଅଫିସ,୫। ୧୧-**୨୩ ବର୍ଷରୁ କମ୍ ଓଡ଼ିଶା ଦଳରେ ଝାରସୁଗୁଡ଼ାର ରାଜ କିଷାନ ପଟେଲ ସାମିଲ ହୋଇଛନ୍ତି। ଏକ ଖବର ଜଣାପଡିବା ପରେ ଜିଲା କ୍ରିକେଟ୍ ଆସୋସିଏଶନ ଓ କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ରାଜ କିଷାନ ଜିଲାର ଜଣେ ଆଗଧାଡ଼ିର କ୍ରୀଡ଼ାବିତ୍ ରୂପେ ପରିଚିତ।




ଖଣ୍ଡସା ଗ୍ରାମରେ ଜନସମ୍ପର୍କ ପଦଯାତ୍ରା ।

# ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ

**ଲଖନପୁର,୫।୧୧(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତ ଖଣ୍ଡସା ଓ ବାରଗାଡ ଗ୍ରାମରେ ସୋମବାର ବିଜୁ ଜନତା ଦଳ(ବିଜେଡି)ତରଫରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଉଭୟ ଗ୍ରାମରେ ନେତା ଓ କର୍ମୀମାନେ ପୋଷ୍ଟର,ବ୍ୟାନର ଧରି ଜନସମ୍ପର୍କ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ । କୁଶ୍ରାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଉଭୟ ଗ୍ରାମରେ ସଭା ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ବିଜେଡିନେତା ପୂର୍ବତନ ବିଧାୟକ ଅନୁପ ସାଏ,ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, କୁଶ୍ରାଲୋଇ ପୂର୍ବତନ ସରପଞ୍ଚ ରଘୁମଣି ପ୍ରଧାନ, ଜନାର୍ଦ୍ଦନ ଷଣ୍ଡ, ପୂର୍ବତନ ସମିତିସଭ୍ୟ ସନ୍ତୋଷ ଭୋଇ, ଚତୁର୍ଭୁଜ ସା, କିଶୋର ଖର୍‌ସେଲ୍ ପ୍ରମୁଖ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ । ଉଭୟ ଗ୍ରାମରେ ବିଜେଡି ନେତା ପୂର୍ବତନ ବିଧାୟକ ସାଏଙ୍କୁ ପାରମ୍ପରିକ ରୀତିରେ ସ୍ୱାଗତ କରି ଉପଢୌକ ପ୍ରଦାନ କରିଥିଲେ । ବିଜେଡି ସରକାରଙ୍କ ଜନହିତକର ଯୋଜନାକୁ ନେଇ ଉଭୟ ଗ୍ରାମରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ହୋଇଥିଲା । ଏହି ଅବସରରେ ଉଭୟ ଗ୍ରାମରେ ଚଳଚ୍ଚିତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା । କେନ୍ଦ୍ର ଭାଜପା ସରକାରଙ୍କ ଉଜ୍ଜ୍ୱଳା ଯୋଜନା,ଆୟୁଷ୍ମାନ ଯୋଜନା ଆଦିକୁ ନେଇ ବିଜେଡି ନେତା ଓ କର୍ମୀମାନେ କଡା ସମାଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷମାନେ ଉପସ୍ଥିତ ଥିଲେ । ଏଥିରେ ବିଜେଡି କର୍ମୀ ସୁରେଶ ନାୟକ,କିରଣ ପ୍ରଧାନ, ରଞ୍ଜନ ଭୋଇ, ସନତ ପ୍ରଧାନ, ନରେନ୍ଦ୍ର ପ୍ରଧାନ, ଦୟାସାଗର ବଢେଇ, ଜଗନ୍ନାଥ ନାୟକ,ମଲିଆ କିଷାନ,ରାଧାକାନ୍ତ ମାଝି, ଅଶ୍ୱିନୀ ପ୍ରଧାନ, ନିରଞ୍ଜନ ବନଛୋର, କ୍ଷମା ଭଇଁସାଲ, ଗୌତମ ବେରିହା, କଳନ୍ତର ନାୟକ, ବେଦବ୍ୟାସ ଭଇଁସାଲ, ସଦାନନ୍ଦ ନାୟକ, ଲକ୍ଷ୍ମଣ ଭଇଁସାଲ, ଦୈତାରୀ ସେନାପତି, ତରଣୀସେନ୍ ବେହେରା ପ୍ରମୁଖ ଉପସ୍ଥିତି ଥିଲେ ।

# ବଡ଼ଗାଁରେ କୃଷକ ସମାବେଶ

**ବଡଗାଁ, ୫।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡଗାଁ ସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ସୋମବାର ବଡଗାଁ ଲ୍ୟାମ୍ପ ଅଧୀନ ଜରଙ୍ଗଲୋଇ, ଇତମା, ଟିକିଲିପଡ଼ା, ଭୋଇପାଲି, ବଡଗାଁ, ଫୁଲବାରୀ, ଡୁଡାଲଗା ଓ ଦାଣ୍ଡଜମରା ପଞ୍ଚାୟତର ଚାଷୀଙ୍କୁ ନେଇ ଏକ କୃଷକ ସମାବେଶ ସଭା ଅନୁଷ୍ଠିତ ହୋଇଥିଲା। ବ୍ଲକ ଉପାଧ୍ୟକ୍ଷ ସାରଥି ପାଣ୍ଡେ, ଲ୍ୟାମ୍ପ ସଭାନେତ୍ରୀ ଅହଲ୍ୟା ଲାକ୍ରା, ପୂର୍ବତନ ଲ୍ୟାମ୍ପ ସଭାପତି ଗୟା କିଷାନ, ଭୋଇପାଲି କୃଷକ ବଜାର କମିଟି ସଭାପତି ରବୀନ୍ଦ୍ର ପଟେଲ, ଉପାଧ୍ୟାୟ ପାଣିଗ୍ରାହୀ, ପଠାଣୀ ମହାପାତ୍ର, ମହରଗୁ ଭୋଇ, ସୁମନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ସଭାରେ କୃଷକ ନେତା ଓ ଜନପ୍ରତିନିଧିମାନେ ଅମଳ ଧାନକୁ ନିଜେ ବିକ୍ରି କରିବାକୁ ଚାଷୀମାନଙ୍କୁ କହିଥିଲେ। ଯେଉଁ ଚାଷୀମାନେ ବ୍ୟବସାୟୀମାନଙ୍କୁ ଧାନ ବିକ୍ରି କାର୍ଡ ଦେଇଛନ୍ତି, ତାହା ଫେରାଇ ଆଣିବାକୁ ବୁଝାଇଥିଲେ। ଏପରି କି ସରକାରୀ କର୍ମଚାରୀଙ୍କୁ କ୍ରପକଟିଂରେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସୁନ୍ଦରଗଡ଼ ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସରକାର ଚାଷୀଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହୋଇଥିଲା। ଶତାଧିକ ଚାଷୀ ଏଥିରେ ଯୋଗଦେଇଥିଲେ।

# ଦଲକି ପଞ୍ଚାୟତରେ ମହିଳାଙ୍କ ମଦମୁକ୍ତି ଅଭିଯାନ



ଦଲକି ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ବାହାରିଥିବା ମଦମୁକ୍ତି ଅଭିଯାନ ଶୋଭାଯାତ୍ରା।

**କୁଆଁରମୁଣ୍ଡା,୫।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଓଡ଼ିଶା-ଝାଡଖଣ୍ଡ ସିମାନ୍ତ କୁଆଁରମୁଣ୍ଡା ବ୍ଲକ ରାଏବୋଗା ଥାନା ଅଧୀନ ଦଲକି ପଞ୍ଚାୟତ ମହିଳା ମହାସଂଘ ପକ୍ଷରୁ ସୋମବାର ମଦମୁକ୍ତି ଅଭିଯାନ ଆରମ୍ଭ କରାଯାଇଛି। ମହିଳା ମହାସଂଘର ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ଓ ବସ୍ତି ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଥିଲେ। ମହିଳାମାନଙ୍କ ଏହି ମଦମୁକ୍ତି ଅଭିଯାନ ସହ ସଚେତନ କାର୍ଯ୍ୟକ୍ରମକୁ ରାଏବୋଗା ଥାନା ଅଧିକାରୀ ବିଜୟ ସିଂ ପ୍ରଶଂସା କରିଛନ୍ତି। ଶୋଭାଯାତ୍ରା ସମୟରେ ରାଏବୋଗା ପୋଲିସ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ପ୍ରତି ସତର୍କ ନଜର ରଖିଥିଲା।



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି (କର୍ପୋରେଟ ସର୍ଭିସ) ଡା. ତାରାପଦ ଦାଶଙ୍କୁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରୁଛନ୍ତି।

# ଟିଆର୍‌ଏଲ୍ କ୍ରୋସାକିକୁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର

**ବେଲପାହାଡ଼,୫।୧୧(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜକୁ କଳିଙ୍ଗ ସୁରକ୍ଷା ସ୍ୱର୍ଣ୍ଣ ପୁରସ୍କାର ମିଳିଛି। ଉକ୍ତ ପୁରସ୍କାର ସୁରକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ମିଳିଛି । ଗତ ଶୁକ୍ରବାର ଭୁବନେଶ୍ୱରର ଏକ ହୋଟେଲରେ ଓଡ଼ିଶା ଶିଳ୍ପ ସୁରକ୍ଷାକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ପୁରସ୍କାର ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟିଆର୍‌ଏଲ କ୍ରୋସାକି ରିଫ୍ରାକ୍ଟୋରିଜ ଉପସଭାପତି ଡା. ତାରାପଦ ଦାଶଙ୍କୁ ସୁରକ୍ଷା ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ ସମାରୋହରେ ରାଜ୍ୟ ଫାକ୍ଟରୀ ଆଣ୍ଡ ବଏଲର୍ସ ନିର୍ଦ୍ଦେଶକ ଡା.କମଳେନ୍ଦୁ ମହାପାତ୍ର ଏବଂ ଦେଶର ଅନ୍ୟାନ୍ୟ ସୁରକ୍ଷା ବିଶେଷଜ୍ଞ ଉପସ୍ଥିତ ଥିଲେ। ଆଇଓସିଏଲ, ବେଦାନ୍ତ, ଜେ.କେ.ପେପର ଏବଂ ଓସିଏଲ ଆଦି ୧୦୦ରୁ ଊର୍ଦ୍ଧ୍ୱ ଶିଳ୍ପାନୁଷ୍ଠାନ ପ୍ରତିନିଧି ଉକ୍ତ ଆଲୋଚନା ଚକ୍ର ଓ ପୁରସ୍କାର ସମାରୋହରେ ଯୋଗ ଦେଇଥିଲେ। ଟିଆର୍‌ଏଲ କ୍ରେସାକି ରିଫ୍ରାକ୍ଟୋରିଜ ପ୍ରତିନିଧି ଭାବେ କମ୍ପାନୀ ସୁରକ୍ଷା ଓ ପରିବେଶ ବିଭାଗ ମହାପ୍ରବନ୍ଧକ ନିରଞ୍ଜନ ଦାଶ ଯୋଗ ଦେଇଥିଲେ ।

## ଫଟୋରେ ଖବର



ଦୀପାବଳି ଅବସରରେ ରାଉରକେଲା ବିଶ୍ରା ଛକରେ ଖୋଲିଛି ଦୀପ ଓ ମୂର୍ତ୍ତି ଦୋକାନ।





ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।
- ଚରଣ ସିଂ

## ସଂକ୍ଷେପରେ

### କୁଲତା ସମାଜର ବାର୍ଷିକ ବୈଠକ

**ହେମଗିର,୫।୧୧(ଡି.ଏନ୍.ଏ.)**- ବିଶାଶହେ କୁଲତା ସମାଜ ତୁଲିଙ୍ଗା ଜୋନ ଆଞ୍ଚଳିକ କମିଟିର ବାର୍ଷିକ ବୈଠକ କନକତୁରାଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କେନ୍ଦ୍ର କମିଟି ଚକ୍ରାପୀଠର କୋଷାଧକ୍ଷ ହୋତ୍ର ପଧାନ, ଲଳିତ ମୋହନ ସାହୁ, ବିନୋଦ ବେହେରା, କେଶବ ଖମାରୀ, ରୁଦ୍ର ପଧାନ, ବୋଧ ଲାଲ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ତୁଲିଙ୍ଗା ଆଞ୍ଚଳିକ କମିଟି ସଭାପତି ସୁରଥ କୁମାର ପଧାନ ସଭାପତିତ୍ୱ କରିଥିଲେ। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ସାନଘୁମୁଡା, କନକତୁରା, ତୁରୁବଗା, ଲଇକେରା ପଞ୍ଚାୟତର ସଭ୍ୟ, ସଭ୍ୟାମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଧାରଣତଃ କମିଟିର ଆୟବ୍ୟୟ ଅଟକଳ, ସାମାଜିକ ଚଳଣି ତଥା ରୀତିନୀତି ଉପରେ ଆଲୋଚନା କରାଯାଇଥିଲା। ଏପରି କି ଉତ୍ତମ ଶିକ୍ଷା ଓ ସଂସ୍କାର ଉପରେ ମଧ ଗୁରୁତ୍ୱାରୋପ କରାଯାଇଥିଲା। ଏପରି କି ବୈଠକରେ ଲେଫ୍ରିପଡ଼ା ବ୍ଲକର ବିଜାଡିହି କୁଲତା ସମାଜକୁ ତୁଲିଙ୍ଗା ଆଞ୍ଚଳିକ କମିଟିରେ ସାମିଲ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଏଥିରେ ଆଞ୍ଚଳିକ କମିଟି ସମ୍ପାଦକ ବଳରାମ ପଧାନ, ଡିଲେଶ୍ୱର ଭୋଇ, ଆନନ୍ଦ ଭୋଇ, ଠାକୁର ବିଶ୍ୱାଳ, ହସ୍ତରାମ ପଧାନ, ଲିଙ୍ଗରାଜ ପଧାନ, ଜୟରାମ ପଧାନ, ପଞ୍ଚାନନ୍ଦ ପଧାନ ତଥା ଶତାଧିକ ସମାଜର ମହିଳା ଓ ପୁରୁଷ ଯୋଗଦେଇଥିଲେ।

କୁତ୍‌ମୁରା ରାସ୍ତା ସମସ୍ୟା, ମରୁଡ଼ି ପ୍ରତିକାର ଦାବି

# କୋଶଳ ସମାଜର ସ୍ମାରକପତ୍ର ପ୍ରଦାନ

**ସୁନ୍ଦରଗଡ଼,୫।୧୧(ଡି.ଏନ୍.ଏ.)**

ସଦର ବ୍ଲକ ଅଧୀନ କୁତ୍‌ମୁରା ଗ୍ରାମର ରାସ୍ତା ଓ ମରୁଡି ସମସ୍ୟାର ସ୍ଥାୟୀ ପ୍ରତିକାର ଦାବି ନେଇ କୋଶଳ ସମାଜ ପକ୍ଷରୁ ସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ତୁରୁକଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଦର ବ୍ଲକ ବିରବିରା ପଞ୍ଚାୟତ ଅଧୀନ କୁତମୁରା ଗ୍ରାମଦେଇ ଯାଇଥିବା ରାସ୍ତା ଦୀର୍ଘ ଦିନ ହେବ ଶୋଚନୀୟ ହୋଇ ପଡି ରହିଛି। ଏନେଇ ଗ୍ରାମବାସୀ ୨୦୧୬ରେ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏପରି କି ଗତ ଅକ୍ଟୋବର ୨୬ ତାରିଖରେ କୋଶଳ ସମାଜ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ଦାବିପତ୍ର ଦେବାକୁ ଆସିଥିବା କୋଶଳ ସମାଜର କର୍ମକର୍ତ୍ତା।

ଦିଆଯାଇ ରାସ୍ତା ନିର୍ମାଣ ସକାଶେ ଦାବି କରାଯାଇଥିଲା। ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୁହାଯାଉଥିବା ବେଳେ ନିର୍ବାହୀ ଯନ୍ତ୍ରୀ ଏହି ରାସ୍ତା ତାଙ୍କ ବିଭାଗ ଅଧୀନରେ ନ ଥିବା ବେଳେ ପଞ୍ଚାୟତ ସମିତି କିମ୍ବା ପଞ୍ଚାୟତ ଅଧୀନରେ ଥାଇପାରେ ବୋଲି କହୁଛନ୍ତି। ଫଳରେ ରାସ୍ତାଟି କେଉଁ ବିଭାଗର ଏହା ସ୍ପଷ୍ଟ କରି ତୁରନ୍ତ ଏହାର ନିର୍ମାଣ କରାଯିବାକୁ ଦାବି କରାଯାଇଛି। ସେହିପରି ଗ୍ରାମରେ ଦେଖାଦେଇଥିବା ମରୁଡିର ସ୍ଥାୟୀ ପ୍ରତିକାର ନିମନ୍ତେ ଜଳସେଚନର ସୁବିଧା ଯୋଗାଇ ଦେବାକୁ ଦାବି କରାଯାଇଛି। ପ୍ରତିନିଧିଦଳରେ ବିଶ୍ୱମ୍ଭର ଲରିଆ, ଦୁବରାଜ ଜୟପୁରିଆ, ରେବତୀ ଭୋଇ. କ୍ଷୀରୋଦିନୀ ବେସନ, ସନ୍ଧ୍ୟାରାଣୀ ଜୟପୁରିଆ, ହରିଶ ଚନ୍ଦ୍ର ମହାନ୍ତି, ଚମ୍ପା ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟଳ ଟିଙ୍କରିଙ୍ଗ ପରୀକ୍ଷାଗାର ଉଦ୍‌ଘାଟିତ

**କୁତ୍ରା,୫।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ସଦର ମହକୁମା କୁତ୍ରା ହାଇସ୍କୁଲଠାରେ ଅଟଳ ଟିଙ୍କରିଙ୍ଗ ପରୀକ୍ଷାଗାର ସୋମବାର ଉଦ୍‌ଘାଟିତ ହୋଇଯାଇଛି। କୁତ୍ରା ହାଇସ୍କୁଲ ପ୍ରଧାନ ଶିକ୍ଷକ ଦୀନମଣି ବାରିକ ପରୀକ୍ଷାଗାର ଚାଲିବା ନେଇ କେନ୍ଦ୍ର ସରକାର ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦେଇଥିବା ପ୍ରକାଶ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ମଙ୍ଗଳା କିଷାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପରୀକ୍ଷାଗାର ହେବା ଦ୍ୱାରା କେବଳ କୁତ୍ରା ହାଇସ୍କୁଲ ନୁହେଁ ବ୍ଲକ ତଥା ଆଖପାଖ ଅଞ୍ଚଳରେ ଥିବା ସମସ୍ତ ସ୍କୁଲ, କଲେଜର ଛାତୀଛାତ୍ର ବିଜ୍ଞାନ ସମ୍ପର୍କିତ ପ୍ରକଳ୍ପ ଏବଂ ନିର୍ମାଣ ସମ୍ପର୍କରେ ଅଧିକ ଜ୍ଞାନ ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଭଳି ଏକ ପରୀକ୍ଷାଗାର ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ବୈଜ୍ଞାନିକ ହେବାପାଇଁ ସାହାଯ୍ୟ କରିବ ବୋଲି କହିଥିଲେ। ଉତ୍ସବରେ ବିଇଓ ଆଦିତ୍ୟ କୁମାର ଷଡଙ୍ଗୀ, କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟ ପ୍ରିନ୍ସିପାଲ ଡି. ଲକ୍ଷ୍ମୀନାରାୟଣ, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, ସଞ୍ଜୟ ସରଦାର, ସରୋଜ କୁମାର ରାଉତ, ସରପଞ୍ଚ ଲଳିତା ବରୁଆ, ବିଶିକେସନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ପରୀକ୍ଷାଗାର ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକଳ୍ପ ତିଆରି ଏବଂ ପ୍ରକଳ୍ପ ସମ୍ପର୍କରେ ଜାଣିବା ନେଇ ସହାୟକ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ହାଇସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଜାତୀୟ ଆୟୁର୍ବେଦ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।




କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଭିଡିଓ କନଫରେନ୍ସିଂର ରାଜ୍ୟସ୍ତରୀୟ ଲୋକାର୍ପଣରେ ଉପସ୍ଥିତ ଗଣ୍ୟମାନ୍ୟ ବ୍ୟକ୍ତି।

■ ଜିଲା ଫୁଟବଲ ଚାମ୍ପିୟନଶିପ୍

# ସେମିଫାଇନାଲରେ ଆଡ଼କଠା, ଲାଇଙ୍ଗ, ନୂଆଡିହି, ଆକ୍ସନ କ୍ଲବ

**ସୁନ୍ଦରଗଡ଼,୫।୧୧(ଡି.ଏନ୍.ଏ.)**

ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସୁନ୍ଦରଗଡ଼ ଷ୍ଟାଡିୟମଠାରେ ଚାଲିଥିବା ଜିଲା ଫୁଟବଲ ଚାମ୍ପିୟନଶିପର ସୋମବାର ଅନୁଷ୍ଠିତ କ୍ୱାଟର ଫାଇନାଲ ମ୍ୟାଚରେ ଜିଲା କ୍ରୀଡ଼ା ସଂସଦ ଉପସଭାପତି ତଥା ବରିଷ୍ଠ ଓକିଲ ଚିତ୍ତରଞ୍ଜନ ବହିଦାର ମୁଖ୍ୟଅତିଥି, ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ବିମଳ କୁମାର ବୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ୍ ଜୟହିନ୍ଦ ୟୁନିଟ ଆଡକଠା ଏବଂ ଜୟ ଜଗନ୍ନାଥ କ୍ଲବ ଫୁଲଧୁଡି ମଧ୍ୟରେ ହୋଇଥିଲା। କିଶୋର ଖଡିଆଙ୍କ ଏକ ଗୋଲ ବଳରେ ଆଡକଠା ୧–୦ରେ ବିଜୟୀ ହୋଇ ସେମି ଫାଇନାଲକୁ ଉନ୍ନୀତ ହୋଇଛି । ଦ୍ୱିତୀୟ ମ୍ୟାଚ୍ ବିର୍ସା ମୁଣ୍ଡା କ୍ଲବ ମୁଣ୍ଡାପଡ଼ା ଓ ୱେଲଫେୟାର ୟୁଥ୍ କ୍ଲବ ଲାଇଙ୍ଗ ମଧ୍ୟରେ ଖେଳ ୧–୧ରେ ଡ୍ର ହେବାରୁ ପେନାଲିଟି ସୁଟ୍‌ରେ ଲାଇଙ୍ଗ ଦଳ ୪–୩ ରେ ବିଜୟୀ ହୋଇଛି । ତୃତୀୟ ମ୍ୟାଚ୍ ଜୟହିନ୍ଦ କ୍ଲବ ନୂଆଁ ଡିହି ଓ ଆନନ୍ଦ କ୍ଲବ ବିଜାଡିହି ମଧ୍ୟରେ ହୋଇଥିଲା । ଏଥିରେ ନେପାଳ ସୋରେଙ୍ଗଙ୍କ ୨ଟି ଗୋଲ ବଳରେ ନୂଆଁଡିହି ୩–୦ରେ ବିଜୟୀ ହୋଇଛି। ଶେଷ ମ୍ୟାଚ ଆକ୍ସନ କ୍ଲବ ସୁନ୍ଦରଗଡ଼ ଓ ଏସ୍‌ଡି କ୍ଲବ ଟାଙ୍ଗରମୁଣ୍ଡା ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ହେଲେ ମ୍ୟାଚ ଡ୍ର ହେବାରୁ ପେନାଲ୍‌ଟି ସୁଟଆଉଟ ମାଧ୍ୟମରେ ଆକ୍ସନ କ୍ଲବ ୪–୩ ରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ଖେଳକୁ ରେଫରି ରୋମାଞ୍ଚ ଭୈଷାଁଲ, ପ୍ରସନ୍ନ ଭୋଇ, ନିତ୍ୟାନନ୍ଦ ମେହେର, ଦେବେନ୍ଦ୍ର କଷାନ, ଏମ୍‌ଡି ସଫରତ, ସୁଶୀଲ ପଟେଲ, ସନ୍ୟାସୀ ମୁଣ୍ଡା ପରିଚାଳନା କରିଥିଲେ। ଜାତୀୟ ରେଫରି ଦୁର୍ଗାମାଧବ ନାଏକ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ।

# ଜାତୀୟ ଆୟୁର୍ବେଦ ଦିବସ ପାଳିତ

**ସୁନ୍ଦରଗଡ଼,୫।୧୧(ଡି.ଏନ୍.ଏ)**

ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପ୍ରେକ୍ଷାଳୟଠାରେ ଜିଲାସ୍ତରୀୟ ଆୟୁର୍ବେଦ ଚିକିତ୍ସାର ଜନକ ଧ୍ୱନ୍ୱନ୍ତରିଙ୍କ ଜୟନ୍ତୀ ଓ ଜାତୀୟ ଆୟୁର୍ବେଦ ଦିବସ ସୋମବାର ପାଳିତ ହୋଇଯାଇଛି । ଏହି ଉ ପଲକ୍ଷେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ ଆୟୁର୍ବେଦ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲା ଆୟୁର୍ବେଦ ଚିକିତ୍ସାଅଧିକାରୀ ଡା. ପରମେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡା. ରାଧାରମଣ ଦାଶ, ଡା. ଜଗବନ୍ଧୁ ଚମ୍ପତି, ଡା. ବୀରେନ୍ଦ୍ର କୁମାର ପାଣ୍ଡେ, ଡା.ବିନାରାୟଣ ବେହେରା, ଡା. ଅନିଲ ନାଏକ, ଡା. ଚନ୍ଦ୍ର ଶେଖର ସାମନ୍ତ, ଡା. ଲତିକା ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଡା. ଅନନ୍ତ କୁମାର ଆଚାର୍ଯ୍ୟ ସଭା କାର୍ଯ୍ୟ ସଞ୍ଚାଳନ କରିଥିବା ବେଳେ ଡା. ଅଜୟ ପାତ୍ର ଧନ୍ୟବାଦ ଦେଇଥିଲେ। ସ୍ୱାସ୍ଥ୍ୟକର୍ମୀ ଶିବରତନ ହଂସଙ୍କୁ ଉତ୍ତମ କାର୍ଯ୍ୟଦକ୍ଷତା ସକାଶେ ସମ୍ମାନିତ କରାଯାଇଥିଲା। ଶେଷରେ ଡା. ନାରାୟଣ ପଟେଲ, ବେଣୁମାଧବ ତ୍ରିପାଠୀ, ଭରତଚନ୍ଦ୍ର ଦେହୁରି ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବୃକ୍ଷରୋପଣ କରିଥିଲେ।

# ହୋଇପାରିଲାନି ଭିଡିଓ କନଫରେନ୍ସିଂ ବ୍ୟବସ୍ଥା

**କୁଆଁରମୁଣ୍ଡା,୫।୧୧(ଡି.ଏନ୍.ଏ.)**

ରାଜ୍ୟର ସମସ୍ତ ୩୧୪ଟି ପଞ୍ଚାୟତ ସମିତିକୁ ଭିଡିଓ କନଫରେନ୍ସିଂ ସୁବିଧାର ରାଜ୍ୟସ୍ତରୀୟ ଲୋକାର୍ପଣ ଉତ୍ସବର ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଏହି ମର୍ମରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଭିଡିଓ କନଫରେନ୍ସିଂର ଉଦ୍‌ଘାଟନ ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରୁ ଭିଡିଓ କନଫରେନ୍ସିଂ ଜରିଆରେ ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଯୋଜନା ଏବଂ ଗତ ବର୍ଷ ଦଶମ ପାସ୍ କରି ଉତ୍ତମ ନମ୍ବର ରଖିଥିବା ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ୫ ହଜାର ଟଙ୍କା ପାସବୁକ୍‌ରେ ପୈଠ, ଲାପଟପ୍ ବଣ୍ଟନ, ମାଟ୍ରିକ ପରୀକ୍ଷାରେ ଉତ୍ତମ ଫଳାଫଳ କରିଥିବା ସ୍କୁଲଗୁଡିକୁ ୧ଲକ୍ଷର ସହାୟତା ଆଦି ବିଷୟରେ ସମସ୍ତ ତଥ୍ୟ ଦେଇଥାନ୍ତେ। ହେଲେ ଯାନ୍ତ୍ରିକ ତ୍ରୁଟି ହେଉ କିମ୍ବା ଅନ୍ୟ କୌଣସି କାରଣରୁ କୁଆଁରମୁଣ୍ଡା ପଞ୍ଚାୟତ ସମିତିରେ ଏହି ବ୍ୟବସ୍ଥା ସମ୍ଭବ ହୋଇପାରି ନାହିଁ। ଫଳରେ ବ୍ଲକର ବହୁ ଦୂରଦୂରାନ୍ତରୁ ଆସିଥିବା ସ୍କୁଲର ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକ, ଶିକ୍ଷା ବିଭାଗର ଅଧିକାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ଭାଜପା ଯୁବମୋର୍ଚ୍ଚାର ତାଲା ବନ୍ଦ ଅଭିଯାନ

**ସୁନ୍ଦରଗଡ, ୫।୧୧(ଡି.ଏନ୍.ଏ.)**

ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଭାପତିଙ୍କ ଆହ୍ୱାନ କ୍ରମେ ତାଲା ବନ୍ଦ ଅଭିଯାନ କ୍ରମରେ ସୁନ୍ଦରଗଡ଼ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ସୋମବାର ଜିଲା କର୍ମନିୟୋଜନ ସଂସ୍ଥା କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଆଶୀଷ ପଟେଲ, ସାଧାରଣ ସମ୍ପାଦକ ଅମିୟ ପଟ୍ଟନାୟକଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କର୍ମୀମାନେ ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଶୋଭାଯାତ୍ରାରେ ବାହାରି ଜିଲା କର୍ମ ନିୟୋଜନ ସଂସ୍ଥା କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ସେଠାରେ ଆୟୋଜିତ ବିକ୍ଷୋଭ ସଭାରେ ବିଜେଡି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାଳୟ ମୁଖ୍ୟଦ୍ୱାରରେ ତାଲା ପକାଇ ବନ୍ଦ କରି ଦେଇଥିଲେ । ସଭାରେ ଜିଲା ଭାଜପା ଉପସଭାପତି ସୁରେନ୍ଦ୍ର ଭିତ୍ରିଆ, ବିକାଶ ନାଏକ, ଜଗବନ୍ଧୁ ଭୋଇ, ଧ୍ରୁବଚରଣ କାଲେ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୁମନମଣି ପଟେଲ ପ୍ରମୁଖ ଉଦ୍‌ବୋଧନ ଦେଇ ରାଜ୍ୟର କ୍ଷମତାସୀନ ବିଜେଡି ସରକାର ନିଯୁକ୍ତି ନାମରେ ବେକାର ଯୁବତୀ, ଯୁବକମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି ଅଭିଯୋଗ କରିଥିଲେ । ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ରୂପେଶ ପଟେଲ, ଉପସଭାପତି ରଥ ଖାଲକୋ, ଶ୍ରୀକାନ୍ତ ଭଞ୍ଜ, ମଣ୍ଡଳ ସଭାପତି ଜଲୁ ଦାସ, କ୍ଷୀରୋଦ ସାହୁ, ବଷ୍ଟି ରାଉତ, ଝସକେତନ ସା, ଦିଲୀପ ସେନାପତି, ଗୋପାଳ ବେଜି ପ୍ରମୁଖ ଯୋଗ ଦେଇଥିଲେ।



ତାଲା ବନ୍ଦ ଅଭିଯାନରେ ସାମିଲ ହୋଇଥିବା ଭାଜପା ଯୁବ ମୋର୍ଚ୍ଚାର କର୍ମକର୍ତ୍ତା।



ଜରେଇକେଲା ପଞ୍ଚାୟତ ବାଉଣ୍ଡାରି ନିର୍ମାଣରେ ବ୍ୟବହୃତ ଇଟା।

ଜରେଇକେଲା ପଞ୍ଚାୟତ ବାଉଣ୍ଡାରି ନିର୍ମାଣ

# ପୁରୁଣା ଇଟା ବ୍ୟବହାର ଅଭିଯୋଗ, ସ୍ଥାୟିତ୍ୱ ନେଇ ସନ୍ଦେହ

**ବିଶ୍ରା,୫।୧୧(ଡି.ଏନ.ଏ.)**

ରାଜ୍ୟ ସରକାର ଦୁର୍ନିତୀ ମୁକ୍ତ କରିବା ନେଇଲ ଅନେକ ଚେଷ୍ଟା ଚଳାଇଛନ୍ତି। ହେଲେ ଦିନକୁ ଦିନ ଦୁର୍ନୀତି ବଢ଼ିବାରେ ଲାଗିଛି । ଅଧିକାରୀମାନଙ୍କ ବାଟମଣା ନୀତି ଯୋଗୁ ସରକାରଙ୍କ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ବିଶ୍ରା ବ୍ଲକ ଅଧୀନ ଜରେଇକେଲା ପଞ୍ଚାୟତରେ । ପଞ୍ଚାୟତ ଗୃହ ଚାରିପଟେ ବାଉଣ୍ଡାରି ନିର୍ମାଣ କାର୍ଯ୍ୟ ଚାଲିଛି । ହେଲେ ପୂର୍ବରୁ ଥିବା ପୁରାତନ କାନ୍ଥ ସହ ପଞ୍ଚାୟତ ଗୋଦାମ ଘର ଭାଙ୍ଗି ଏଥିରୁ ବାହାର କରାଯାଇଥିବା ପୁରଣା ଇଟା ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ବାଉଣ୍ଡାରି କାନ୍ଥର ସ୍ଥାୟିତ୍ୱ ନେଇ ଲୋକେ ପ୍ରଶ୍ନ ଉଠାଇନ୍ତି। ଅନ୍ୟପକ୍ଷେ ନିର୍ମାଣ କାମ ସଂକ୍ରାନ୍ତରେ କୌଣସି ସୂଚନା ଫଳକ ଲାଗାଯାଇ ନ ଥିବା ଜଣାପଡିଛି। ଫଳରେ ଜନସାଧାରଣ କାମ ସଂକ୍ରାନ୍ତରେ କୌଣସି ତଥ୍ୟ ଜାଣିପାରୁ ନାହାନ୍ତି। ବର୍ତ୍ତମାନ ବାଉଣ୍ଡାରି ନିର୍ମାଣ କାନ୍ଥ ସମ୍ପୂର୍ଣ୍ଣ ହେବା ଅବସ୍ଥାରେ। ହେଲେ ଏହାର ବିଲ ନେଇ ଜନସାଧାରଣ ସନ୍ଦେହରେ ରହିଛନ୍ତି। ଏନେଇ ବ୍ଲକ ସହକାରୀ ପରିଚାଳନା ଯନ୍ତ୍ରୀ ମନୋରଞ୍ଜନ ହାଁସଦାଙ୍କୁ ପଚାରିବାରୁ ସେ କହିଲେ ଯେ, ପୁରୁଣା ଇଟା ନୂତନ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ହୋଇପାରିବ। ହେଲେ ନିର୍ମାଣ କାର୍ଯ୍ୟର ତଦାରଖ କରାଯିବ ବୋଲି କହିଥିଲେ।

■ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

# ଏମ୍‌ଜିୱାଇଏସ୍ ଦଳ ଚାମ୍ପିୟନ

**ଲହୁଣୀପଡ଼ା,୫।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଲହୁଣୀପଡ଼ା ସ୍ପୋର୍ଟ୍ସ ଆସୋସିଏଶନ୍ ପକ୍ଷରୁ ଚାଲିଥିବା ୩ ଦିନିଆ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଯୁଧିଷ୍ଠିର ତ୍ରିପାଠୀ, ଦିଲୀପ ଖଟୁଆ, ପ୍ରଫୁଲ୍ଲ ମାହାନ୍ତ ଯୋଗଦେଇଥିଲେ। ସ୍ପୋର୍ଟ୍ସ ଆସୋସିଏଶନ୍ ସଭାପତି ବେଣୁଧର ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ମୁନୁ ମାହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ ଆସୋସିଏଶନ୍ ସମ୍ପାଦକ ପିଣ୍ଟୁ ରାୟ ଅତିଥି ପରିଚୟ କରିଥିଲେ। ଫାଇନାଲ ମ୍ୟାଚରେ ଏମ୍‌ଜିୱାଇଏସ୍ ଦଳ ୧–୦ ଗୋଲରେ ବରାସମ୍ବର ସ୍ପୋର୍ଟ୍ସ କ୍ଲବ ପଦ୍ମପୁର ଦଳକୁ ହରାଇ ଚଳିତ ଫୁଟବଲ ପ୍ରତିଯୋଗିତାର ଚାମ୍ପିୟନ ବିବେଚିତ ହୋଇଥିଲା। ବିଜେତା ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ୪୦ ହଜାର ଟଙ୍କା ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲ। ଭାସ୍କର ନନ୍ଦ, ଭାନୁ ବାଉରି, ଥାକୁରା ମୁର୍ମୁ, ଥବୀର ଗରୁଡ, ଅଶୋକ ପାଣ୍ଡବ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ନିକୁ ସିଂ, ନେଲସନ ହେମ୍ବ୍ରମ, ମଣ୍ଟୁ ମାହାନ୍ତ, ସଞ୍ଜୟ ପଶାୟତ, ପ୍ରଭାତ ମାହାନ୍ତ, ଲିକୁ ମାହାନ୍ତ, ଗୁରୁଚରଣ ନାଏକ, ବିକାଶ ମାହାନ୍ତ, ଟିଙ୍କିନା ପ୍ରଧାନ, ବିନୟ ସାହୁ ପ୍ରମୁଖଙ୍କ ସହିତ ଆସୋସିଏଶନ୍‌ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହଯୋଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମ୍ୟାଚ ଦେଖିବା ପାଇଁ ଫୁଟବଲପ୍ରେମୀଙ୍କ ଭିଡ ଦେଖିବାକୁ ମିଳିଥିଲା।



ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ଖେଳାଳିମାନେ।



"ଗାୟତ୍ରୀ ମନ୍ତ୍ର ହିଁ ମନୁଷ୍ୟକୁ କୁପଥ ତ୍ୟାଗ କରି ସୁପଥରେ ଚାଲିବାକୁ ପ୍ରେରଣା ଦେଇଥାଏ, ଏହାଦ୍ୱାରା ସତ୍ୟ ଓ ଅସତ୍ୟର ବିଚାରଶୀଳତା ତଥା ଆତ୍ମାର ବିକାଶ ଘଟିଥାଏ।
- ବାଲ୍ ଗଙ୍ଗାଧର ତିଲକ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ୨ ଭାଇ ଗୁରୁତର

**କୋଲାବିରା,୫।୧୧(ଡି.ଏନ.ଏ.)-** ବଡବାହାଲ-ସାମାସିଂହା ମୁଖ୍ୟରାସ୍ତା ଉପରେ ଥିବା ଦୁଇଟି ବିରାଟ ଆମ୍ବଗଛରେ ବାଇକ୍ ପିଟି ହୋଇ ୨ ଭାଇ ଗୁରୁତର ହୋଇଛନ୍ତି । ସୋମବାର ସନ୍ଧ୍ୟାରେ ଏହି ଦୁର୍ଘଟଣା ଘଟିଛି । ଆହତ ଦ୍ୱୟ ହେଲେ ରାଉରକେଲା ସେକ୍ଟର ୨୧ର ବାବଲୁ ସେଣ୍ଡରିଆ (୨୫) ଓ ତାଙ୍କ ସାନ ଭାଇ ମଣ୍ଟୁ ସେଣ୍ଡରିଆ(୨୩) । ଉଭୟେ ଏକ ନୂଆ ବାଇକରେ ରାଉରକେଲାରୁ ସମାସିଂହା ଗ୍ରାମକୁ ଯାଉଥିଲେ । ବଡବାହାଲ ଛକ ପାରି ହୋଇ ସମାସିଂହା ଯିବା ସମୟରେ ସେମାନଙ୍କ ଆଗରେ ଏକ ଟ୍ରକ୍ ଯାଉଥିଲା। ଟ୍ରକ୍‌ଟି ବୁଲାଣି କାଟି ଚାଲିଯାଇଥିବା ବେଳେ ବାବଲୁ ନିଜ ବାଇକ୍ ଧରି ଆମ୍ବ ଗଛରେ ପିଟି ହୋଇଯାଇଥିଲେ । ଦମକଳ କର୍ମଚାରୀମାନେ ଆହତ ୨ ଭାଇଙ୍କୁ କୋଲାବିରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ପରେ ସେମାନଙ୍କୁ ଜିଲାମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ଗିରଫ

**ଝାରସୁଗୁଡ଼ା ଅଫିସ,୫।୧୧-** ଜୁଆ ଖେଳୁଥିବା ବେଳେ ରବିବାର ରାତିରେ ବଡ଼ମାଲ ପୋଲିସ ଚଢ଼ାଉ କରି ୬ ଜଣ ଜୁଆଡିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡମାଲ ଗୌନ୍ତିଆପଡାର ଶଶିଭୂଷଣ ମେହେର, ବୈରାଗୀ ଡିଲା, ଜଗଦୀଶ ବିଶ୍ୱାଳ, ଶଶୀ ମିର୍ଦ୍ଧା, ବୈକୁଣ୍ଠ ବାଗ୍, ମନୋଜ ଛୁରା ପ୍ରମୁଖ। ପୋଲିସ ସେମାନଙ୍କ ଠାରୁ ୮୨୦୦ ଟଙ୍କା ଏବଂ ତାସ୍ ଜବତ କରିଛି। ଗିରଫ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ବଡମାଲ ଗୌନ୍ତିଆପଡା ପୋଖରୀ ନିକଟରେ ଜୁଆ ଖେଳ ଚାଲିଥିବା ଖବର ପାଇ ରବିବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରିଥିଲା।

### ଅଜଣା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

**ଲଖନପୁର,୫।୧୧(ଡି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ଚାରମାଲ ଗ୍ରାମ ନିକଟରୁ ପୋଲିସ ସୋମବାର ଏକ ଅଜଣା ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ପଠାଇଛି । ବ୍ୟବଚ୍ଛେଦ ପରେ ମୃତଦେହର କୌଣସି ପରିଚୟ ମିଳି ନ ଥିବାରୁ ପୋଲିସ ୯୬ ଘଣ୍ଟା ପାଇଁ ଝାରସୁଗୁଡା ଜିଲା ଡାକ୍ତରଖାନା ଶବ ସଂରକ୍ଷଣ ବାକ୍ସ(ମର୍ଗ)ରେ ରଖିଛି । ଏନେଇ ଭଗବାନପାଲି ଗ୍ରାମର ଯୁଧିଷ୍ଠିର ଭୋଇ ପୋଲିସରେ ଲିଖିତ ଅଭିଯୋଗ କରିଛନ୍ତି । କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ଏକ ମାମଲା(ନଂ.୧୭/୧୮) ରୁଜୁ କରି ତଦନ୍ତ ଚଳାଇଛି । ଗ୍ରାମବାସୀ କହିବା ଅନୁଯାୟୀ ଗତ୧୫ଦିନ ହେବ ବୃଦ୍ଧା ଜଣଙ୍କ କେଉଁ ଆଡୁ ଚାଲି ଆସି ଏହି ଅଞ୍ଚଳରେ ବୁଲି ମାଗିଯାଚି ଖାଉଥିଲେ । ସୋମବାର ସକାଳେ ତାଙ୍କର ମୃତଦେହ ଚାରମାଲ ଗ୍ରାମ ହୀରାବୁଡା ଛକ ନିକଟ ରାସ୍ତା କଡରେ ପଡିଥିଲା । ଏହା ଜାଣିବା ପରେ ଲୋକେ ପୋଲିସ୍‌କୁ ଜଣାଇଥିଲେ ।

# ପୂରିଲା ଅବଧି, ବଦଳି ପାରିଲାନି ସ୍କୁଲ ନାମଫଳକ

**ଝାରସୁଗୁଡ଼ା ଅଫିସ,୫।୧୧**




ଝାରସୁଗୁଡା ମନମୋହନ ଏମ.ଇ. ସ୍କୁଲ ନାମ ଫଳକର ପରିବର୍ତ୍ତନ କରାଯାଇ ନାହିଁ।

ନାମଫଳକ ପରିବର୍ତ୍ତନ କରିବାର ଅବଧି ଶେଷ ହୋଇଯାଇଛି। ଅକ୍ଟୋବର ଶେଷ ସୁଦ୍ଧା ନାମଫଳକ ପରିବର୍ତ୍ତନ କରିବା ପାଇଁ ଯେଉଁ ନିର୍ଦ୍ଦେଶ ଆସିଥିଲା ତାର ଅବଧି ପୂରଣ ହୋଇଯାଇଛି। ହେଲେ ଜିଲାର ଅଧିକାଂଶ ସ୍କୁଲର ନାମଫଳକ ପୂର୍ବଭଳି ରହିଛି। ଏବେଯାଏଁ ପରିବର୍ତ୍ତନ କରାଯାଇନାହିଁ। କେତେକ ସ୍ଥାନରେ ବିରୋଧାଭାଷ ରହିଥିବାରୁ ଆହୁରି କିଛିଦିନ ଲାଗିଯାଇପାରେ ବୋଲି ଜିଲା ଶିକ୍ଷା ବିଭାଗ କହୁଛି।

ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ଲାଗି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ୟୁନିଫର୍ମ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ୟୁନିଫର୍ମ ଏବଂ ସମସ୍ତ ସରକାରୀ ସ୍କୁଲ କୋଠାର ରଙ୍ଗ ଏକାଭଳି କରିସାରିଛନ୍ତି। ବର୍ତ୍ତମାନ ସ୍କୁଲରେ ଲଗାଯାଉଥିବା ନାମଫଳକ ଏବଂ ସ୍କୁଲର ନାମରେ ସମାନତା ରଖିବାକୁ ଯାଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆଉ ଏକ ନିର୍ଦ୍ଦେଶାବଳୀ ଜାରି କରିଥିଲେ। ପ୍ରତି ପ୍ରାଥମିକ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟ, ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଉନ୍ନୀତ ହାଇସ୍କୁଲ, ନୋଡାଲ ହାଇସ୍କୁଲ, ଉଚ୍ଚ ବିଦ୍ୟାପୀଠର ନାମ ପରିବର୍ତ୍ତନ କରାଯାଇ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ଭାବେ ନାମକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଅଗଷ୍ଟ ଶେଷ ସପ୍ତାହରେ ପ୍ରତି ଜିଲାକୁ ଏହି ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଦୁଇମାସ ମଧ୍ୟରେ ଏହ ପାଳନ କରିବାକୁ କୁହାଯାଇଥିଲା। ପ୍ରତ୍ୟେକ ସ୍କୁଲର ନାମ ଫଳକରେ 'ସରକାରୀ' ଲେଖିବା ବାଧ୍ୟତାମୂଳକ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠିକରି ଅବଗତ କରିଥିଲା। ଏହିକ୍ରମରେ ଝାରସୁଗୁଡ଼ା ଜିଲାର ମୋଟ ୬୭୪ଟି ସ୍କୁଲର ଫଳକ ପରିବର୍ତ୍ତନ କରାଯିବା କଥା। ଏହାସହ ସମାନ ରଙ୍ଗର ସାଇନ୍‌ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଏବେସୁଦ୍ଧା ବହୁ ସଂଖ୍ୟକ ସ୍କୁଲର ନାମ ପରିବର୍ତ୍ତନ ହୋଇନାହିଁ। ସେହିପରି କେତେ ସଂଖ୍ୟକ ସ୍କୁଲ ନାମକରଣ ହୋଇଛି ଏବଂ କେତେକ ବାକି ରହିଛି ସେ ବାବଦରେ ଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ ଆସିନାହିଁ।

ଝାରସୁଗୁଡ଼ା ଜିଲାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬୭୪ଟି ସରକାରୀ ସ୍କୁଲ ରହିଛି। ସେଥିରୁ ୬୫୯ଟି ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଥିବା ବେଳେ ୬୭ଟି ହାଇସ୍କୁଲ ରହିଛି। ହେଲେ ସରକାରୀ ନିର୍ଦ୍ଦେଶାନୁସାରେ ୬୭୪ଟିସ୍କୁଲର ନାମ ଫଳରେ 'ସରକାରୀ' ବୋଲି ଉଲ୍ଲେଖ କରାଯିବାକଥା। ଝାରସୁଗୁଡ଼ା ସହରାଞ୍ଚଳରେ ରହିଥିବା ମନମୋହନ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ନାମ ପରିବର୍ତ୍ତନ ହୋଇ ମନମୋହନ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଭାବେ ପରିଚିତ ହେବ। କିନ୍ତୁ ସହରର ମଧ୍ୟଭାଗରେ ରହିଥିବା ଏହି ଅନ୍ୟତମ ପୁରାତନ ସ୍କୁଲର ନାମ ପରିବର୍ତ୍ତନ ହୋଇନାହିଁ। ଏ ବାବଦରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ କହିଲେ, ଜିଲା ଶିକ୍ଷା ଅଫିସରୁ ନିର୍ଦ୍ଦେଶପାଇ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହିକ୍ରମରେ ସ୍କୁଲ ପରିଚାଳନା କମିଟି ଅନୁମୋଦନ କରିଥିବା ବେଳେ ଖୁବଶୀଘ୍ର ନାମ ପରିବର୍ତ୍ତନ କରାଯିବ। ଏ ବାବଦରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କୁ ପଚାରିବାକୁ ସେ କହିଲେ, ବିଭାଗୀୟ ନିର୍ଦ୍ଦେଶ ମିଳିବା ପରେ ଆମେ ଜିଲାର ସମସ୍ତ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲୁ। ସେବେଠାରୁ ନାମ ପରିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି। ଅଧିକାଂଶ ସ୍କୁଲର ନାମ ପରିବର୍ତ୍ତନ ହୋଇସାରିଛି। କିନ୍ତୁ କେତେକ ସ୍କୁଲର ନାମ ପରିବର୍ତ୍ତନକୁ ନେଇ ଲୋକଙ୍କ ବିରୋଧ ରହୁଥିବାରୁ କିଛି ସମୟ ଲାଗିପାରେ ବୋଲି ସେ କହିଛନ୍ତି।

### ଲେଫ୍ରିପଡ଼ା ବ୍ଲକରେ ଜିଲାପାଳଙ୍କ ଜନଶୁଣାଣି

**ଲେଫ୍ରିପଡା,୫।୧୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ବୈଠକ ଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ଉପସ୍ଥିତ ରହିଥିଲେ। ଜନସାଧାରଣଙ୍କ ପକ୍ଷରୁ ୧୩୯ଟି ଅଭିଯୋଗ ହୋଇଥିଲା। ୧୯ଟି ସାମୁହିକ ଅଭିଯୋଗ ହୋଇଥିବା ବେଳେ ୧୨୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା। ଜିଲାପାଳ ଅଭିଯୋଗର ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବି ନାରାୟଣ ବାରିକ, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଦିଲୀପ ଷଡଙ୍ଗୀ, ଡିପିଓ ଗୁରୁଭା ସିଂ ପ୍ରମୁଖଙ୍କ ସହ ବିଭାଗୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲେଫ୍ରିପଡା ବ୍ଲକ ଭାରପ୍ରାପ୍ତ ବିଡିଓ ଚନ୍ଦନ ନିଖଣ୍ଡିଆ, ବ୍ଲକ ସହକାରୀ ଯନ୍ତ୍ରୀ ଶ୍ରୀକାନ୍ତ ନାଏକ, ବ୍ରଜବନ୍ଧୁ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଜିଲାପାଳ ଜିଲା ମୁଖ୍ୟାଳୟରୁ ଜନଶୁଣାଣି କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ଆସୁଥିବା ବେଳେ ବାଟରେ ଲେଫ୍ରିପଡ଼ା ବ୍ଲକର ସୁର୍ଗୁଡା ଗ୍ରାମରେ ହୋଉଥିବା କ୍ରପ୍ କଟିଂ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥିରେ କୃଷି ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବେଲପାହାଡ଼ ଧନ୍‌ତେରସ ବଜାରରେ ଭିଡ଼

## ■ଦୀପାବଳି ପାଇଁ ଗୋଟିଏ ସ୍ଥାନରେ ହେବ ବାଣ ବିକ୍ରି

**ବେଲପାହାଡ଼,୫।୧୧(ଡ଼ି.ଏନ୍.ଏ.)**

ଶୁଭ ଓ ସମୃଦ୍ଧିର ପର୍ବ ଧନ୍‌ତେରସ ପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ସମସ୍ତ ଦୋକାନ ବଜାର ଚଳଚଞ୍ଚଳ ହୋଇଉଠିଛି । ବିଶେଷ କରି ସୋମବାର ସକାଳୁ ବାସନ,ଗହଣା ଓ ଇଲେକ୍ଟ୍ରୋନିକ୍ସ ଦୋକାନରେ ଗରାଖଙ୍କ ଭିଡ଼ ଲାଗି ରହିଥିଲା । ଧନ୍‌ତେରସ ଦିନ ସୁନା,ରୁପା ଗହଣା କିମ୍ବା ଧାତୁ ନିର୍ମିତ ଯେ କୌଣସି ନୂଆ ସାମଗ୍ରୀ କିଣିଲେ ଧନଦେବୀ ମା'ଲକ୍ଷ୍ମୀଙ୍କ ଆଶୀର୍ବାଦ ମିଳିଥାଏ । ପରିବାର ପାଇଁ ଶୁଭ ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି । ଏଥିପାଇଁ ଲୋକେ ପରିବାର ସହିତ ବଜାରକୁ ଆସି ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ସହରର ଗୁମାଡ଼େରା ବଜାରରେ ୮ରୁ ଉର୍ଦ୍ଧ୍ୱ ସ୍ଥାନରେ ବାସନ ଓ ଘରକରଣା ସାମଗ୍ରୀ ବିକ୍ରି ପାଇଁ ଅସ୍ଥାୟୀ ଦୋକାନ ଖୋଲିଛି । ଏହି ଦୋକାନରେ ତମ୍ବା,ପିତଳ,କଂସା ଓ ଷ୍ଟିଲ ନିର୍ମିତ ବିଭିନ୍ନ ପ୍ରକାର ଘର କରଣା ସାମଗ୍ରୀ ବିକ୍ରି ହେଉଛି । ଗରାଖମାନେ ଦୋକାନରୁ ଆବଶ୍ୟକ ସାମଗ୍ରୀ କିଣି ଘରକୁ ନେଉଥିବା ଦେଖିବାକୁ ମିଳୁଛି । ଅସ୍ଥାୟୀ ଦୋକାନ ବ୍ୟତୀତ ସମସ୍ତ ସ୍ଥାୟୀ ବାସନ ଓ ଗହଣା ଦୋକାନରେ ମଧ୍ୟ ଗରାଖମାନଙ୍କ ଭିଡ଼ ଲାଗିରହିଛି ।

ଆଉ ମାତ୍ର ଦିନକ ପରେ ଆଲୋକର ପର୍ବ ଦୀପାବଳି । ଏଥିପାଇଁ ବ୍ୟବସାୟୀମାନେ ଏବେଠୁ ଦୋକାନ ସଫେଇ ଓ ସାଜସଜ୍ଜା କାମ ଆରମ୍ଭ କରି ଦେଇଛନ୍ତି । ପୂର୍ବବର୍ଷ ଭଳି ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ସୁରକ୍ଷା ଦୃଷ୍ଟିରୁ କେବଳ ଗୋଟିଏ ସ୍ଥାନରେ ବାଣବିକ୍ରି ପାଇଁ ଅନୁମତି ପ୍ରଦାନ କରାଯାଇଛି । ଏଥିପାଇଁ ବେଲପାହାଡ଼ ଫାଟକସ୍ଥିତ ଯାତ୍ରା ପଡ଼ିଆରେ ଖୋଲା ଯାଇଥିବା ଅସ୍ଥାୟୀ ବାଣ ବଜାରରେ ୧୧ଟି ଷ୍ଟଲ୍ ନିର୍ମାଣ କରାଯାଇଛି । ଏହି ବଜାରରେ ଲାଇସେନ୍ସ ପାଇଥିବା ବ୍ୟବସାୟୀମାନେ ହିଁ କେବଳ ବାଣ ବିକ୍ରି କରିପାରିବେ ବୋଲି ପୌର ନିର୍ବାହୀ ଅଧିକାରୀ ଲୋକନାଥ ତିୱାରୀ ପ୍ରକାଶ କରିଛନ୍ତି ।



ଧନ୍‌ତେରସ ପର୍ବ ପାଇଁ ଏକ ଅସ୍ଥାୟୀ ବାସନ ଦୋକାନରେ ଗରାଖମାନଙ୍କ ଭିଡ଼ ଲାଗିଛି ।

### ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଅଧିବେଶନ: ୧୧ରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ

**କୋଲାବିରା,୫।୧୧(ଡି.ଏନ.ଏ.)**

ସମଲେଶ୍ୱରୀ ସାହିତ୍ୟ ସଂସଦର ସ୍ୱତନ୍ତ୍ର ଅଧିବେଶନ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ଶୋଭାଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ଏହି ଅଧିବେଶନରେ କମିଟିର ଆଗାମୀ ଦିନର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା। ପ୍ରତିବର୍ଷ ପରି ଚଳିତବର୍ଷ ପାଇଁ ବାର୍ଷିକ ଉତ୍ସବର ଖସଡା ପ୍ରସ୍ତୁତ କରାଯିବା ସହିତ ସଂସଦର ମୁଖପତ୍ର ଅଗ୍ନିତୀର୍ଥ ଓ ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ 'ପ୍ରିୟପକ୍ଷୀ' ଉନ୍ମୋଚନ ବିଷୟରେ ଆଲୋଚନା କରାଯାଇଥିଲା । ଆସନ୍ତା ୧୧ତାରିଖରେ କୋଲାବିରାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅବସରରେ ଉକ୍ତ ପୁସ୍ତକ ଉନ୍ମୋଚନ କରାଯିବ। ୨୦୧୦ ମସିହାରୁ ଆରମ୍ଭ ହୋଇଥିବା ଏହି ସାହିତ୍ୟ ସଂସଦ ତାର ସ୍ୱନକ୍ଷତ୍ର ଦିବସ ପାଇଁ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିରରୁ ଜ୍ୟୋତି ଆଣିବ । ଏହା ପରେ ସଭା କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସ୍ଥିର ହୋଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମାଟିପୁତ୍ର ସୁବାସ ଚନ୍ଦ୍ର ନାଏକ,ସଂଯୋଜକ ତ୍ରୈଲୋକ୍ୟ ନାଥ ମହାପାତ୍ର, ସମ୍ପାଦକ କୀର୍ତ୍ତି ଚନ୍ଦ୍ର ବହିଦାର, ପୂର୍ବତନ ସରପଞ୍ଚ ତୁଳାରାମ ସେନାପତି, ନବୀନ ଚନ୍ଦ୍ର ନାଏକ, ବୀରେନ୍ଦ୍ର ମହାପାତ୍ର, ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସୁକାନ୍ତ ସାହୁ, ଶଚିନ୍ଦ୍ର ପଟେଲ, ଅଶୋକ କୁମାର ବେହେରା, ଲଳିନ୍ଦ୍ର ଗୁଖରା, ହରିବଂଶ ପଧାନ, ମାନସ ପୁରୋହିତ, ସରୋଜ କୁମାର ଟଣକାର, ତେଜରାଜ ସାହୁ, ପ୍ରଦ୍ୟୁମ୍ନ ପୁରୋହିତ ପ୍ରମୁଖଙ୍କ ଉପସ୍ଥିତ ଥିଲେ।




ବେଦାନ୍ତ ଅଧିକାରୀମାନେ ପୁରସ୍କାର ଗ୍ରହଣ କରିବା ପରେ ପ୍ରଦର୍ଶନ କରୁଛନ୍ତି।

# ଝାରସୁଗୁଡ଼ା ବେଦାନ୍ତକୁ କଳିଙ୍ଗ ସେଫ୍ଟି ଆୱାର୍ଡ

**ଝାରସୁଗୁଡ଼ା ଅଫିସ,୫।୧୧**

ନବମ ଓଡ଼ିଶା ଷ୍ଟେଟ୍ ସେଫଟି କନ୍‌କ୍ଲେଭ୍-୨୦୧୮ ଅବସରରେ ଝାରସୁଗୁଡ଼ା ବେଦାନ୍ତ ଲିଃ.କୁ ଦେଶର ଅନ୍ୟତମ ସମ୍ମାନଜନକ ପୁରସ୍କାର ସ୍ୱରୂପ ଦୁଇଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ବେଦାନ୍ତର ସ୍ମେଲ୍ଟର ହେଡ ଜି.ଜି ପଲ୍ ଓ କ୍ୟାପଟିଭ୍ ପୱାର ପ୍ଲାଣ୍ଟ ମୁଖ୍ୟ ପଙ୍କଜ ଶର୍ମାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସ୍ମେଲ୍ଟିଂଏବଂ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ପାଇଁ ଏହି ଦୁଇଟି ପଦକ ମିଳିଛି। ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଉତ୍ପାଦନ ପରିଷଦ ସଭାପତି ଅବସର ବେଉରିଆ, ଫ୍ୟାକ୍ଟ୍ରି ଆଣ୍ଡ ବଏଲର ନିର୍ଦ୍ଦେଶକ ଆର.ପି.ସିଂ, ଓଏସ୍ଏସ୍-୨୦୧୮ର ସିଇଓ କମଳେନ୍ଦୁ ମହାପାତ୍ର ଓ ଦେବେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଓଏସ୍ଏମ୍‌ସି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ ଶିଳ୍ପସଂସ୍ଥାର ପ୍ରତିନିଧି ଯୋଗ ଦେଇଥିଲେ। କାରଖାନା ପରିସରରେ କର୍ମଚାରୀଙ୍କ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଛି। ପୁରସ୍କାର ପାଇବା ପରେ ବେଦାନ୍ତ ସିଇଓ ଅଭିଜିତ ପତି କହିଲେ, ଜିରୋ ହାର୍ମ ବାତାବରଣ ସୃଷ୍ଟି ଦିଗରେ ବେଦାନ୍ତ କର୍ମଚାରୀଙ୍କ ଆପ୍ରାଣ୍ୟ ଉଦ୍ୟମ ପାଇଁ ଏହା ସମ୍ଭବ ହୋଇପାରିଛି।

■ ଜାତୀୟ ଜୁନିୟର କ୍ରୀଡା ପ୍ରତିଯୋଗିତା

# ଝାରସୁଗୁଡ଼ାର ୧୦ କ୍ରୀଡାବିତ୍ ମନୋନୀତ

**ଝାରସୁଗୁଡ଼ା ଅଫିସ,୫।୧୧**

ଝାରସୁଗୁଡ଼ା ଜିଲା କ୍ରୀଡାସଂଘ ଆନୁକୁଲ୍ୟରେ ବ୍ରଜରାଜନଗରର ଇବ୍‌ଭ୍ୟାଲି ଭିଏସ୍ଏସ୍ ଷ୍ଟାଡିୟମରେ ସୋମବାର ଦ୍ୱିତୀୟ ଜାତୀୟ ଜୁନିୟର କ୍ରୀଡା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ ହୋଇଯାଇଛି। ଏହି ପ୍ରତିଯୋଗିତା ଜିଲାର ୫ଟି ବ୍ଲକ୍‌ର ୨୨୫ ଜଣ ବାଳକ, ବାଳିକା ଅଂଶଗ୍ରହଣ କରିଥିଲେ। ୧୪ ଏବଂ ୧୬ ବର୍ଷରୁ କମ୍ ବର୍ଗର ପ୍ରତିଯୋଗୀଙ୍କୁ ନେଇ ଲମ୍ଫଡିଆ, ଉଚ୍ଚଡିଆଁ, ସଟ୍‌ପୁଟ, ଜ୍ୟାଭେଲିନ୍ ଥ୍ରୋ, ଡିସ୍କସ୍, ପ୍ରତିବନ୍ଧକ ଦୌଡ ପ୍ରତିଯୋଗିତା ହୋଇଥିଲା। ୧୦ ଜଣ ସଫଳ ପ୍ରତିଯୋଗୀ ଆନ୍ତରାଜ୍ୟସ୍ତରରେ ତିରୁପତି, (ଆନ୍ଧ୍ରପ୍ରଦେଶ) ଠାରେ ହେବାକୁ ଥିବା ପ୍ରତିଯୋଗିତାରେ ଭାଗ ନେବେ ବୋଲି କ୍ରୀଡା ସମ୍ପାଦକ ପ୍ରକାଶ କରିଛନ୍ତି। ୨୫ରୁ ଉର୍ଦ୍ଧ୍ୱ ସ୍କୁଲର ଖେଳ ଶିକ୍ଷକ ଉପସ୍ଥିତ ଏହି ପ୍ରତିଯୋଗିତାକୁ ସଫଳ କରିଥିଲେ। ଆଜିର ଚୟନ ପ୍ରତିଯୋଗିତାରେ ଇବ୍‌ଭ୍ୟାଲି ମହାପ୍ରବନ୍ଧକ ମଧୁସୂଦନ ଶର୍ମା ମୁଖ୍ୟଅତିଥି ଯୋଗଦେଇ କହିଲେ, କଠିନ ଅଭ୍ୟାସ କ୍ରୀଡାବିତ୍‌ଙ୍କୁ ସଫଳ କରାଇଥାଏ। ସଫଳତା ପାଇଁ ନିରନ୍ତର ଅଭ୍ୟାସ ଜରୁରୀ। ଅନ୍ୟତମ ଅତିଥି ଇବ୍‌ଭ୍ୟାଲି ମାନବସମ୍ବଳ ବିଭାଗ ମୁଖ୍ୟ ରାମଲାଲ ଖଟିକ୍, କ୍ରୀଡାସଂଘର ସାଧାରଣ ସମ୍ପାଦକ ତାପସ ରାୟଚୌଧୁରୀ, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, ଉପସଭାପତି ଜୀବନ ମହାନ୍ତି, ବ୍ରିଜେଶ ଶର୍ମା, କୋଷାଧକ୍ଷ ଗଣେଶ ନାୟକ, ପ୍ରତିଭା ମହାପାତ୍ର, କମ୍ପାଉଣ୍ଡର ବେହେରା, କୈଳାଶ ନାୟକ, ପ୍ରଜ୍ଜ୍ୱଳ ପଟେଲ, ବିଷ୍ଣୁ ଚରଣ ନାୟକ, ଡମ୍ବରୁଧର ପୂଜାରୀ, ଏସ୍.କେ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତା ଉପରେ ପାର୍ବଣ ପସରା

## ■ପୌରପାଳିକା, ପୋଲିସ ନୀରବଦ୍ରଷ୍ଟା

**ଝାରସୁଗୁଡ଼ା ଅଫିସ,୫।୧୧**

ଝାରସୁଗୁଡ଼ା ସହରରେ ଯାତାୟତ ପାଇଁ ବିକଳ୍ପ ରାସ୍ତା ନ ଥିବାରୁ ସହରର ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ଦେଖାଦିଏ। ଗୋଟିଏ ପଟେ ଡ୍ରେନ୍‌କୁ ଜବରଦଖଲ କରି ଦୋକାନ କରାଯାଇଥିବା ବେଳେ ଅନ୍ୟପଟେ ପୂଜା ପାର୍ବଣରେ ବିକ୍ରିବଟା କରିବାକୁ ବ୍ୟବସାୟୀମାନେ ରାସ୍ତାକୁ ମାଡି ଆସନ୍ତି। ଏତିକିବେଳେ ସୃଷ୍ଟିହୁଏ ଉତ୍କଟ ଟ୍ରାଫିକ୍ ସମସ୍ୟା। ଏହାକୁ ପରୋକ୍ଷରେ ସମର୍ଥନ ଦେଉଛି ପୌରପାଳିକା ଏବଂ ପୋଲିସ ବିଭାଗ। କାରଣ ପୋଲିସ ରାସ୍ତାଜାମ୍ ନ କରିବାକୁ ଡାକବାଜି ଯନ୍ତ୍ରରେ ପ୍ରଚାର କରୁଛି, ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରୁଥିଲେ ମଧ ଏହାକୁ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଉ ପାଦେ ଆଗକୁ ବଢୁନାହିଁ। ଅନ୍ୟପକ୍ଷରେ ପୌରପାଳିକାର ଡ୍ରେନ୍ ଜବରଦଖଲ କରାଯାଇ ଦୋକାନ ଆଗକୁ ବଢାଯାଇଛି। ପାର୍ବଣରେ ରାସ୍ତା ଉପରେ କେତେକ ବ୍ୟବସାୟୀ ପସରା ମେଲୁଛନ୍ତି। କିନ୍ତୁ ପୌରପାଳିକା କେବଳ ନୀରବଦ୍ରଷ୍ଟା ସାଜିଛି। ତେଣୁ ଏହାର ଫାଇଦା ଉଠାଉଛନ୍ତି ଲାଭଖୋର ବ୍ୟବସାୟୀ। ଦୃଢ କାର୍ଯ୍ୟାନୁଷ୍ଠାନ ଅଭାବରୁ କେତେକ ବ୍ୟବସାୟୀ ନିଜର ମନମାନି କରୁଛନ୍ତି। ଏହାର ପ୍ରଭାବ ପଥଚାରୀଙ୍କ ଉପରେ ପଡୁଛି ଏବଂ ସାଧାରଣ ଯାତ୍ରାରେ ବାଧା ସୃଷ୍ଟି ହେଉଛି। ଝାରସୁଗୁଡ଼ା ମୁଖ୍ୟ ବଜାର ହେଉ କି ସରବାହାଲ ରୋଡ କିମ୍ବା ବେହେରାମାଲ ସବୁଠି ବ୍ୟବସାୟୀମାନେ ବାହାରେ ନିଜର ସାମଗ୍ରୀ ପ୍ରଦର୍ଶନ କରି ଗରାଖଙ୍କୁ ଆକର୍ଷଣ କରିବାରେ ଲାଗି ପଡିଛନ୍ତି। ଏହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ କେହି ବି ଦୃଷ୍ଟିପାତ କରୁନାହାନ୍ତି। ଏ ବାବଦରେ ଏସ୍‌ପିଙ୍କୁ ପଚାରିବାରୁ ସେ କହିଲେ, ରାସ୍ତା ଅବରୋଧ ନ କରିବାକୁ ବ୍ୟବସାୟିକ ସଂସ୍ଥାକୁ ଚିଠି କରାଯାଇଛି। ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଉଛି । ପର୍ଯ୍ୟାପ୍ତ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି। କିନ୍ତୁ କେତେକ ଦୋକାନୀ ଏହାକୁ ଅନୁପାଳନ କରୁନାହାନ୍ତି। ଏନେଇ ପୌରାଧକ୍ଷ ହରିଶ ଗଣତ୍ରାଙ୍କୁ ପଚାରିବାରୁ ସେ କହିଲେ, ପୋଲିସ ଓ ପୌରପାଳିକାର ମିଳିତ ଉଦ୍ୟମରେ ଏକ ଡ୍ରାଇଭ୍ କରାଯିବାର ଆବଶ୍ୟକ ରହିଛି। ଦୋକାନୀଙ୍କୁ ରାସ୍ତାରେ ପସରା ଖୋଲିବାକୁ ବାରଣ କରାଯାଇଛି। ହେଲେ କେତେକ ଦୋକାନୀ ଏହା ପାଳନ କରୁନାହାନ୍ତି। ଆଗକୁ ଏ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଧନତେରାସ ପାଇଁ ରାସ୍ତାରେ ଫ୍ରିଜ୍, ୱାଶିଂମେଶିନ ରଖାଯାଇଛି।